

# କୃଷ୍ଣା

ଡକ୍ଟର ବିଧୁପ୍ରଭା ରଥ



# କୃଷ୍ଣ

ମହାଭାରତର 'ମହାନାୟକ' ଶ୍ରୀକୃଷ୍ଣକଥା ଉପରେ ଆଧାରିତ ପୌରାଣିକ ଉପନ୍ୟାସ

ଡକ୍ଟର ବିଦ୍ୟୁତପ୍ରଭା ରଥ

ସିଦ୍ଧେଶ ପବ୍ଲିଶିଙ୍ଗ୍ ହାଉସ୍

# ସୁଲଗ୍ନା

(ପୌରାଣିକ ଉପନ୍ୟାସ)

*ଲେଖିକା*

**ଡକ୍ଟର ବିଧୁପ୍ରଭା ରଥ**

ଇନ୍ଦିରା ନଗର (ଦ୍ୱିତୀୟ ସରଣୀ) ଶିକ୍ଷାଞ୍ଚଳ, ବ୍ରହ୍ମପୁର (ଓଡ଼ିଶା)

ଦୂରଭାଷ : ୯୪୩୭୨୬୦୬୯୬

*ପ୍ରକାଶକ*

**ସିଦ୍ଧେଶ ପବ୍ଲିଶିଙ୍ଗ୍ ହାଉସ୍**

ଅଲିଶା ବଜାର, କଟକ-୭୫୩୦୦୨

ମୋ.ନଂ: ୯୪୩୮୪୩୮୬୦୯

*ସର୍ବସତ୍ୱ*

**ପୃଥ୍ୱୀକ ମିଶ୍ର**

*ପ୍ରଥମ ସଂସ୍କରଣ*

ବସନ୍ତ ପଞ୍ଚମୀ, ୨୦୦୯

*ଅକ୍ଷରସଜ୍ଜା*

**ପଣ୍ଡା ଗ୍ରାଫିକ୍ସ**

କଟକ

*ମୁଦ୍ରଣ*

**ପ୍ରଭା ମୁଦ୍ରଣୀ**

ଅପର୍ଣ୍ଣା ନଗର, କଟକ

**ମୂଲ୍ୟ : ୮୫ଟଙ୍କା (ଡିଲକ୍ସ)**

**୭୫ଟଙ୍କା (ପେପର ବ୍ୟାକ୍)**

ପ୍ରାଚୀନ ଓ ସାଂପ୍ରତିକ

ଭାରତୀୟ ସାହିତ୍ୟ, ଦର୍ଶନ ଓ ସଂସ୍କୃତିର

ଅନନ୍ୟ ମୂର୍ତ୍ତିକାର

ଶ୍ରୀଯୁକ୍ତ ଜଗନ୍ନାଥ ପଣ୍ଡା

(ଓଡ଼ିଶା ପ୍ରଶାସନିକ ସେବା)

ଦିବ୍ୟଚିତ୍ତେଷୁ...

ବସନ୍ତପଞ୍ଚମୀ

୩୧.୧.୨୦୦୯

ସୃଷ୍ଟିତତ୍ତ୍ୱକୁ ଅତ୍ୟନ୍ତ ନିଷ୍ପାପର ଓ ନିର୍ବିକାର ଭାବରେ ଏକ ନିରୋଳା ବାସ୍ତବ ଦୃଷ୍ଟିକୋଣରୁ ଶ୍ରୀକୃଷ୍ଣ ବ୍ୟାଖ୍ୟା କରିଥିଲେ । ଶ୍ରୀକୃଷ୍ଣଙ୍କର ବୁଝିବାର ଓ କହିବାର ଦୃଷ୍ଟିଭଙ୍ଗୀଟି ଜଗତ ପାଇଁ ଥିଲା ସମ୍ପୂର୍ଣ୍ଣ ଭାବରେ ସ୍ୱଚ୍ଛ, ସ୍ୱଚ୍ଛନ୍ଦ ଓ ସ୍ୱାଭାବିକ । ମହାଭାରତ ଯୁଗରେ ବିଜ୍ଞାନର ଉତ୍କର୍ଷ ଏତେଟା ସାଧିତ ହୋଇ ପାରିନଥିଲା । ବେଦ, ଉପନିଷଦ, ଯୋଗ, ତନ୍ତ୍ର, ମନ୍ତ୍ର ସହିତ ମଣିଷର ଆତ୍ମିକ ସାମର୍ଥ୍ୟର ପ୍ରଭାବ ପ୍ରଚୁର ପରିମାଣରେ ରହିଥିଲା । ମଣିଷ ସେହି ସମୟରେ ସର୍ବାଧିକ ନିଜର ଅନ୍ତର୍ମୁଖୀ ଆତ୍ମିକ ଅନ୍ୱେଷଣ ବଳରେ ଏକ ଦାର୍ଶନିକ ଅବବୋଧର ସୂକ୍ଷ୍ମତାକୁ ଛୁଇଁ ପାରିଥିଲା ।

ଶ୍ରୀକୃଷ୍ଣଙ୍କର କାର୍ଯ୍ୟ, ଚେତନା ଓ ଅଭିବ୍ୟକ୍ତିର ଏହି ସମସ୍ତ ଆତ୍ମିକ ରୂପାନ୍ତରଣର ଏକ ସମନ୍ୱିତ ଚେତନାର ବିକଶିତ ରୂପ ସଂଯୋଜିତ ହୋଇଥିଲା ବୋଲି ସେ ଯାହା କହୁଥିଲେ, କରୁଥିଲେ ଏବଂ ଯାହା କରିବାକୁ ଯାଉଥିଲେ ସେସବୁ ଗଭୀର ଭାବରେ ପ୍ରଭାବିତ ହେଉଥିଲା । ତେଣୁ ଆଜି ବି ଶ୍ରୀକୃଷ୍ଣ ଅନତିକ୍ରମ୍ୟ, ଅଲଂଘ୍ୟ, ଅନନ୍ୟ, ଅଲୌକିକ ।

'ମହାନାୟକ'ର ସର୍ଜନା ପଛରେ ଯାହାଙ୍କର ନିତ୍ୟନିୟମିତ ପ୍ରେରଣା ମୋ' ପାଇଁ ରହିଆସିଛି ସେ ହେଉଛନ୍ତି ମୋର ସାରସ୍ୱତ ଜୀବନର ସହଯାତ୍ରୀ ମହାପାତ୍ର ଭାସ୍କର ଗନ୍ତାଏତ୍ । ୧୯୫୭ରେ ପ୍ରତିଷ୍ଠିତ ଓଡ଼ିଶା ସାହିତ୍ୟ ଏକାଡେମୀର ସୁବର୍ଣ୍ଣ ଜୟନ୍ତୀ କାଳରେ ସେ ସଂପ୍ରତି ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଭାବରେ 'ମହାନାୟକ'କୁ 'ସୁବର୍ଣ୍ଣ ପୁସ୍ତିକା' ଭାବେ ପ୍ରକାଶ କରିବାକୁ ସଂକଳ୍ପ କରିଥିଲେ । ତାଙ୍କର ସେହି ସଂକଳ୍ପକୁ ସାକାର କରିବା ପାଇଁ ମତେ ଗତ ଏକବର୍ଷ ଧରି ଦିବାରାତିକୁ ଏକାକାର କରିବାକୁ ପଡ଼ିଛି । ତାହାର ଫଳଶ୍ରୁତି 'ମେଘାମ୍ବରୀ' ଓ 'ସୁଲଗ୍ନା'... ଏହା ପରେ ଆତ୍ମପ୍ରକାଶ କରିବ 'ମହାନାୟକ'ର ତୃତୀୟ ଓ ଚତୁର୍ଥ ପର୍ବ 'ମଧୁକ୍ଷରା' ଏବଂ 'ମୁଠାଏ ଶୂନ୍ୟତା' ।

'ମହାନାୟକ'ର ଆଦ୍ୟପର୍ବ 'ମେଘାମ୍ବରୀ' ଗତବର୍ଷକ ମଧ୍ୟରେ ଯେଉଁ ପାଠକୀୟ ଶ୍ରଦ୍ଧା ଅର୍ଜନ କରିଛି, 'ସୁଲଗ୍ନା'ର ସେହି ଆନନ୍ଦ ଓ ଆଲୋକ ପାଠକ ପାଠିକାମାନଙ୍କୁ ଅନୁପ୍ରାଣିତ କଲେ, କୃତାର୍ଥ ହେବି ।

ବସନ୍ତପଞ୍ଚମୀର ସାରସ୍ୱତ ଅଭିନନ୍ଦନ ସହ........

୨ୟ ଗଳି, ଇନ୍ଦିରା ନଗର,
ବ୍ରହ୍ମପୁର (ଓଡ଼ିଶା),
୯୪୩୭୨-୬୦୬୯୬

# କଥାଣି

ଶ୍ରୀକୃଷ୍ଣ 'ମହାଭାରତ'ର ମହାନାୟକ, ଅସାଧାରଣ ବ୍ୟକ୍ତିତ୍ୱ, ଅନନ୍ୟ ସାମର୍ଥ୍ୟର ଉଦ୍‌ଘୋଷକ ଭାବରେ ଯେଉଁ ଛାପ ଛାଡ଼ିଯାଇଛନ୍ତି, ତାହା ଆଜି ବି ବିସ୍ମୟ । ଆଜିର ଯୁଦ୍ଧଧ୍ୱାନ୍ତ ହିଂସାପ୍ରବଣ ପୃଥିବୀରେ ମାନବିକ ମୂଲ୍ୟବୋଧର ହ୍ରାସ ଘଟୁଥିଲା ବେଳେ ଏକ ଶକ୍ତିଶାଳୀ ନେତୃତ୍ୱ ସହିତ ଶ୍ରୀକୃଷ୍ଣଙ୍କର ମାନବୀୟ ଗୁଣ, ସ୍ନେହ, ଶ୍ରଦ୍ଧା, ପ୍ରେମ, କ୍ଷମା, ତିତିକ୍ଷାର ପୂର୍ଣ୍ଣରୂପ ଅବତରଣ ଅବଶ୍ୟମ୍ଭାବି ହୋଇପଡ଼ିଛି । ଶ୍ରୀକୃଷ୍ଣଙ୍କର ସାମ୍ୟ ନୀତି ମାନବ ସମାଜର ସୁରକ୍ଷା ଦିଗରେ ଏକ ସଫଳ ଦିଗଦର୍ଶକ ଭାବରେ କାର୍ଯ୍ୟ କରିଥିଲା ।

ଅଭୂତପୂର୍ବ ଶକ୍ତି ପାଇଁ ହିଁ ତାଙ୍କ ଉପରେ 'ଈଶ୍ୱରତ୍ୱ' ଆରୋପିତ ହୋଇଛି । ସେଥିପାଇଁ ତାଙ୍କୁ 'ଭଗବାନ', 'ଅବତାର' ହୋଇ ଜନ୍ମନେଇଛନ୍ତି ବୋଲି ଗ୍ରହଣ କରାଯାଇଛି । କିନ୍ତୁ ଶ୍ରୀକୃଷ୍ଣ ପ୍ରତିଟି ମୁହୂର୍ତ୍ତ, ପ୍ରତିଟି କ୍ଷଣରେ ଜଣେ ସାଧାରଣ ମଣିଷର ସୁଖଦୁଃଖ, ହସକାନ୍ଦର ଜୀବନଟିଏ ଜୀଇଁବା ପାଇଁ ନିରନ୍ତର ପ୍ରୟାସ କରିଛନ୍ତି । 'ମେଘାମ୍ବରୀ' ଉପନ୍ୟାସର ପରବର୍ତ୍ତୀ ଆକର୍ଷଣ 'ସୁଲଗ୍ନା' ଖଣ୍ଡରେ ମହାଭାରତର ଅଜସ୍ର କାହାଣୀ, ଉପକାହାଣୀ ଚରିତ୍ରମାନଙ୍କର ଏକ ବର୍ଣ୍ଣାଢ଼୍ୟ ସ୍ୱରୂପକୁ ପ୍ରକାଶ କରିଛି । 'ମହାଭାରତ' ଆଜି ମଧ୍ୟ ଏକ ମହାନ୍ ମାନବିକ ପ୍ରେରଣା ଭାବରେ ମାନବଜାତିକୁ ସମୃଦ୍ଧ, ଦୀପ୍ତିମନ୍ତ ଏବଂ ସୌମ୍ୟ କରିଆସିଛି ।

ମହାଭାରତର ମୁଖ୍ୟ ଆକର୍ଷଣ ବ୍ୟକ୍ତିତ୍ୱ ଶ୍ରୀକୃଷ୍ଣଙ୍କର ଅନନ୍ୟ ବର୍ଣ୍ଣିଳ, ବର୍ଣ୍ଣାଢ଼୍ୟ, ବର୍ଣ୍ଣବିଭାଯୁକ୍ତ ଚେତନାର ସୁଗନ୍ଧରେ ସମଗ୍ର ମାନବଜାତି ପ୍ରଭାବିତ, ସମ୍ମୋହିତ ଓ ସଂପ୍ରେରିତ ହୋଇଛି । ଜନ୍ମସ୍ଥଳୀ ବନ୍ଦୀଶାଳାରୁ ସୌରାଷ୍ଟ୍ରର ଅରଣ୍ୟରେ ଜାରା ଶବର ଦ୍ୱାରା ଆହତ ହୋଇ ଶ୍ରୀକୃଷ୍ଣ ଶେଷ ନିଃଶ୍ୱାସ ତ୍ୟାଗ କଲାଯାଏଁ ଯେଉଁ ଅଭୂତପୂର୍ବ ଜଟିଳ ପରିସ୍ଥିତି, ବାଧାବିଘ୍ନ, ପ୍ରତିକୂଳ ଅବସ୍ଥାର ସାମ୍ନା କରିଛନ୍ତି, ତାହା ଆଜି ବି ଯେକୌଣସି ମଣିଷ ପାଇଁ ଏକ ଦୁଃସାଧ୍ୟ ବିସ୍ମୟ ହୋଇ ରହିଛି । ଜୀବନର ଅସଂଖ୍ୟ ବିବିଧତା ହିଁ ଶ୍ରୀକୃଷ୍ଣଙ୍କର ଚରିତ୍ରକୁ ଏକ ବହୁମୁଖୀ ବ୍ୟକ୍ତିବିଶେଷରେ ପରିଣତ କରିବାରେ ସାହାଯ୍ୟ କରିଛି । 'ମେଘାମ୍ବରୀ' ଉପନ୍ୟାସର କିଶୋର କୃଷ୍ଣ 'ସୁଲଗ୍ନା'ର ଯୁବକ ଶ୍ରୀକୃଷ୍ଣ ଭାବରେ କଂସବଧ, ଜରାସନ୍ଧର ମଥୁରା ଆକ୍ରମଣକୁ ପ୍ରତିହତ କରିବା, ମହାରାଜ ଉଗ୍ରସେନଙ୍କୁ ମଥୁରାର ରାଜପଦରେ ଅଭିଷିକ୍ତ କରିବା ସହିତ ସମଗ୍ର ଯାଦବକୁଳର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ରନୀତିଜ୍ଞ ଭାବରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିଛନ୍ତି ।

ମହାନ୍ ପ୍ରାଜ୍ଞ ମନୀଷୀ ସାନ୍ଦିପନୀଙ୍କର ଶିଷ୍ୟ ହୋଇ ବିଦ୍ୟା ଗ୍ରହଣ କରିଛନ୍ତି । ସାନ୍ଦିପନୀଙ୍କର ଚଉଷଠି ଦିନର ପାଠ୍ୟକ୍ରମ ଭିତରେ ସେ ସମସ୍ତ ବେଦ, ଉପନିଷଦ,

ଭୂଗୋଳ, ଆୟୁର୍ବେଦ, ଜ୍ୟୋତିଷ, ଗଣିତ, ବେଦାନ୍ତ, ସାଂଖ୍ୟ, ଦର୍ଶନ, ସାହିତ୍ୟ, ସଙ୍ଗୀତ, ନୃତ୍ୟ, ନାଟ୍ୟଶାସ୍ତ୍ର ପଢ଼ିବା ସହିତ ଚଉଷଠି କାମକଳାର ଉତ୍କର୍ଷ ମଧ୍ୟ ହାସଲ କରିଛନ୍ତି । ଶ୍ରୀକୃଷ୍ଣଙ୍କ ସହିତ ପ୍ରିୟ ଜ୍ୟେଷ୍ଠ ବଳରାମ ଭାଇନାଙ୍କର ସଖ୍ୟ ମହାଭାରତର ମୂଲ୍ୟବୋଧକୁ ଏକ ଉତ୍ତୁଙ୍ଗ ସୀମା ପ୍ରଦାନ କରିଛି । ମହାଭାରତର ଅଜସ୍ର କାହାଣୀ ଗୁମ୍ଫନ ଭିତରେ ଅନେକ ଅସାଧାରଣ ଚରିତ୍ର ରହିଛନ୍ତି । ମାଳିନୀ କୁବ୍‌ଜା, ସୁଲଗ୍ନା, ରାଧା, ବିଶାଖା ପ୍ରମୁଖ ସେମାନଙ୍କର ପ୍ରେମର ପରାକାଷ୍ଠା ଯେପରି ଭାବରେ ଶ୍ରୀକୃଷ୍ଣ ବଳରାମଙ୍କ ପ୍ରତି ପ୍ରଦର୍ଶନ କରିଛନ୍ତି, ତାହାର ପଟାନ୍ତର ନାହିଁ ।

ଦାନବ ରାଜନନ୍ଦିନୀ ସୁଲଗ୍ନା ବଳରାମଙ୍କ ପ୍ରତି ତା'ର ପ୍ରେମ ଅର୍ପଣ କରିଛି । କଂସ ଦ୍ୱାରା ସୁଲଗ୍ନାର ସମସ୍ତ ପରିବାର ମୃତ୍ୟୁମୁଖରେ ପଡ଼ିଛନ୍ତି । ଅସୁର ବାହିନୀ ଦ୍ୱାରା ସୁଲଗ୍ନାର ସୁମ୍ଭା ରାଜ୍ୟ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି । ଏକମାତ୍ର ଜୀବିତ ସନ୍ତାନ ଭାବରେ ଶିଶୁ ସୁଲଗ୍ନା ମଥୁରାରେ ପହଞ୍ଚିଛି । ମାଳିନୀ କୁବ୍‌ଜାର ଭଉଣୀ ଭାବରେ ପାଳିତ ହୋଇଛି । ପ୍ରତିଶୋଧର ନିଆଁରେ ଜଳୁଥିବା ସୁଲଗ୍ନା ଶ୍ରୀକୃଷ୍ଣ ବଳରାମଙ୍କୁ କଂସବଧ ସମୟରେ ସହଯୋଗ କରିଛି । ଏପରିକି ମଗଧର ବାରମ୍ବାର ଆକ୍ରମଣ ବେଳେ ମଧ୍ୟ ମଗଧର ଗୁପ୍ତତଥ୍ୟ ଶ୍ରୀକୃଷ୍ଣ ବଳରାମଙ୍କୁ ପ୍ରଦାନ କରିଛି । 'ସୁଲଗ୍ନା' ଶ୍ରୀକୃଷ୍ଣଙ୍କର କୈଶୋର ଯୌବନର ଅତ୍ୟନ୍ତ ଚିତ୍ତାକର୍ଷକ ଘଟଣାବହୁଳ ଜୀବନର ଏକ ମାର୍ମିକ ଆଲେଖ୍ୟ । ମୁଁ ଯେଉଁ 'ମହାନାୟକ' ଉପନ୍ୟାସର ବୃହତ୍ କଳେବର ଲେଖିବାର ପରିକଳ୍ପନା କରିଛି ତାହାର ପ୍ରଥମ ଖଣ୍ଡ 'ମେଘାମ୍ବରୀ' ପ୍ରକାଶିତ ହୋଇସାରିଛି । ଦ୍ୱିତୀୟ ଖଣ୍ଡ 'ସୁଲଗ୍ନା' ଭାବରେ ଏବେ ଆପଣଙ୍କ ହାତରେ ଟେକିଦେଲି । ଶ୍ରୀକୃଷ୍ଣଙ୍କ ଜୀବନର ଅପୂର୍ବ ବର୍ଣ୍ଣୋତ୍ସବକୁ ଯେତେ ବିଶାଳ, ବ୍ୟାପକ କାନ୍‌ଭାସ୍‌ରେ ଧରି ରଖିଲେ ମଧ୍ୟ ତାହା ନିଅଣ୍ଟ ପଡ଼ିବ । ତେଣୁ ମୁଁ ବି ଜାଣିନି 'ମହାନାୟକ'ର ପୂର୍ଣ୍ଣତା ପ୍ରାପ୍ତି ପାଇଁ ତାହା କେତେ ଖଣ୍ଡରେ ସରିବ । ତଥାପି ଆଶା ରଖୁଛି ପରବର୍ତ୍ତୀ ଖଣ୍ଡ 'ମଧୁକ୍ଷରା', 'ମୁଠାଏ ଶୂନ୍ୟତା'ରେ ଶେଷ କରିବି ।

ଶ୍ରୀକୃଷ୍ଣଙ୍କର ଆତ୍ମା ଦେହତ୍ୟାଗ କରି ଶୂନ୍ୟକୁ ଚାଲିଗଲା ବେଳେ ଯାହା ଜୀବନରେ ଘଟିଯାଇଛି ତାହା ତାଙ୍କର ପ୍ରିୟସଖା ଅର୍ଜୁନଙ୍କୁ କହୁଛନ୍ତି, ତାହା ହିଁ କାହାଣୀର ପ୍ରଚ୍ଛଦପଟ ଭାବରେ 'ମେଘାମ୍ବରୀ', 'ସୁଲଗ୍ନା'ରେ ଗ୍ରହଣ କରାଯାଇଛି । ଶ୍ରୀକୃଷ୍ଣଙ୍କର ଅପୂର୍ବ ଉତ୍ତରିତ ବ୍ୟକ୍ତିସତ୍ତାର ପ୍ରଭାବ ହିଁ ଅର୍ଜୁନଙ୍କୁ ଅନୁପ୍ରେରିତ କରିଥିଲା । ତାଙ୍କ ମନରେ ଥିବା ଅବସାଦ ଓ ଭୟକୁ ଦୂର କରିଥିଲା ଏବଂ ସେ ମୋହରୁ ମୁକ୍ତ ହୋଇ ଯୁଦ୍ଧ ପାଇଁ ଅବତୀର୍ଣ୍ଣ ହୋଇଥିଲେ । କୁରୁକ୍ଷେତ୍ରର ଯୁଦ୍ଧଭୂମି ଉପରେ ଶ୍ରୀକୃଷ୍ଣଙ୍କର ଅର୍ଜୁନଙ୍କୁ 'ଜୀବନତତ୍ତ୍ୱ' ସଂପର୍କରେ ବିଶ୍ଳେଷଣ, କେବଳ ଆଧାତ୍ମିକ ତତ୍ତ୍ୱ ସମ୍ପନ୍ନ ନଥିଲା କିମ୍ବା କୌଣସି ଅଲୌକିକତାର ଇନ୍ଦ୍ରଜାଲରେ ଆଚ୍ଛାଦିତ ନଥିଲା ।

ଯମୁନା ନଦୀରେ ତରୀ ଚାଲିଛି ।

ତରୀ ଭିତରେ ଆମର ରଥ ।

ନଦୀ ସେପାରି ମଥୁରା ମାର୍ଗ। ହଁ, କଂସର ମଥୁରା !

ମଥୁରାର ବନ୍ଦୀଶାଳାରେ ମୋର ଜନ୍ମଦାତା ପିତା ବସୁଦେବ ଓ ମାତା ଦେବକୀ । ଆଉ ପଛରେ ରହିଗଲା ମୋର ମଗ୍ନସ୍ମୃତି ବିଜଡ଼ିତ ଗୋପପୁର... ।

ଯମୁନା କୂଳର ପଥରଘାଟରେ ସଜଳ ନେତ୍ରରେ ବିଦାୟ ଜଣାଉଥିଲେ ମୋର ପ୍ରିୟ ନନ୍ଦବାବା, ମା'ଯଶୋଦା,ସାନ ମା'... ସାଙ୍ଗମାନେ ଆଉ ପ୍ରାଣପ୍ରିୟା ରାଧା.... ରାଧାରାଣୀ ।

ତରୀ ଚାଲିଛି ମଥୁରା ଅଭିମୁଖେ... କଂସର ମଥୁରା ନଗରୀ ଯାତ୍ରା ପଥରେ ।

ଯମୁନାର ମଝି ଦରିଆରେ ଏବେ ମୁଁ.... ବୁଝିଲ ପାର୍ଥ ! ଏକଥା ମୁଁ ଭଲଭାବରେ ଜାଣେ,ଆଗରେ ଦୂରନ୍ତ ଝଡ଼ର ଝଙ୍କାର । ମୋ ପାଇଁ ପୁଣି ଅଗ୍ନି ପରୀକ୍ଷାରବେଳା ଆସନ୍ନ।

ମୁଁ ତ ଆଗରୁ କହିସାରିଛି, ଜନ୍ମରୁ ମୃତ୍ୟୁ ଯାଏ ମୋର ଜୀବନ ଜାତକରେ ଲେଖାଯାଇଛି କେବଳ ଗୋଟିଏ ନିର୍ଦ୍ଦେଶ- ବିଦାୟ... ବିଦାୟ... ବିଦାୟ !

କଂସର ବନ୍ଦୀଶାଳାରୁ ମୋ ପରି ସଦ୍ୟ ଜନ୍ମଜାତ ଶିଶୁକୁ ଜନ୍ମ ପର ମୁହୂର୍ତ୍ତରୁ ହିଁ ମୋର ଜନ୍ମଦାତ୍ରୀ ଦେବକୀଙ୍କ କୋଳରୁ ବିଦାୟ ନେଇଯିବାକୁ ପଡ଼ିଥିଲା ମଥୁରାରୁ ଗୋପପୁରକୁ । ପୁଣି ଗୋପରୁ.... ବୃନ୍ଦାବନକୁ । ଏବେ ବୃନ୍ଦାବନରୁ ମଥୁରାକୁ ଯାତ୍ରା ।.... ଏଇ ଯାତ୍ରା ପୁଣି ଏକ ଅଗ୍ନିପରୀକ୍ଷାକୁ ଯାତ୍ରା । ଯୁଦ୍ଧ ପାଇଁ ଏକ ଅଘୋଷିତ ଆହ୍ୱାନ । ପୌରୁଷ ପ୍ରଦର୍ଶନ ପାଇଁ ଅପେକ୍ଷା ।

ଏହି ଦୁର୍ବାର ଯାତ୍ରାରେ ମୋର ଶକ୍ତି ପ୍ରଦର୍ଶନର ପ୍ରେରଣାର ଉତ୍ସ କିଏ ? କିଏ.. କିଏ.. ସଖା ଅର୍ଜ୍ଜୁନ ? ଜାଣିଛ ?

ସେହି ରୁଣୁଝୁଣୁ ଚୂଡ଼ିର ନିକ୍ୱଣ ଓ ଦୁଇପାଦର ହଳିକ ଘୁଙ୍ଗୁରର ଛମଛମ୍ ଶବ୍ଦ ହିଁ ମତେ ଅଭିଭୂତ କରିଦିଏ, ପାର୍ଥ । ମୁଁ କ'ଣ ସତରେ ଛାଡ଼ିପାରୁଛି ମୋର ନିରୀହ ଗୋପ ଆତ୍ମାଟିକୁ । ମାଆଙ୍କ ବିଶାଳ ପଣତରେ ମୋ ପାଇଁ ଭରି ରହିଥିବା ଅଜସ୍ର ବାତ୍ସଲ୍ୟ ମମତାକୁ ମୁଁ କ'ଣ ପାଶୋରି ପାରୁଛି, ପାର୍ଥ । ଯମୁନାର ନିକାଞ୍ଚନ ନଈପଠାରେ କୋଇଲିର କୁହୁତାନ କ'ଣ କେବେ ମୁଁ ଭୁଲିପାରିବି ? ଏତେ ସ୍ୱପ୍ନ ପାଇଁ ମୁଁ ଯେଉଁ ବିଭୋର ନିଦର ରାତି ସଜାଡ଼ିଥିଲି, ତାହା କ'ଣ ଏବେ ଆଉ ମୋ ହାତ ପାଆନ୍ତାରେ ଅଛି କି, ପାର୍ଥ !

ସୁଭଦ୍ରାର ସେଇ ନିରୀହ ଢଳଢଳ ଆଖି ଦୁଇଟିର ସ୍ନେହର ଭାଷା ମୁଁ କ'ଣ ପାଶୋରି ପାରିବି ନା ? ମୋର ପ୍ରିୟ ବେଳେ, ନନ୍ଦବାବା, କୁଳନନ୍ଦ ଓ କେଳିନନ୍ଦ ଆଦି କକାମାନେ, ଭାଇଭଉଣୀ, ସାଙ୍ଗସାଥୀମାନେ, ଯେଉଁମାନଙ୍କର ସହିତ ମୋର ସମ୍ପର୍କର ସାନ୍ଦ୍ର ନିବିଡ଼ତା ଅତୁଟ ହୋଇ ରହିଯାଇଛି, ତାକୁ କ'ଣ ମୁଁ ଭୁଲିପାରୁଛି ?

ଓଃ... ଆଉ ମୋ ବିମୋହିତ ମାନସ ପଦ୍ମବନର ପଦ୍ମେଶ୍ୱରୀ, ଫୁଲର ଈଶ୍ୱରୀ, ବ୍ରଜେଶ୍ୱରୀ, ଶକ୍ତିପ୍ରଭା ରାସେଶ୍ୱରୀ ! ତାଙ୍କର ସେଇ ମୁଗ୍ଧ ଆଲିଙ୍ଗନର ସ୍ପର୍ଶ, ମୋ ହାତ ପାପୁଲିରେ ଝରିଯାଇଥିବା କୋମଳ ସମର୍ପଣ, ତାକୁ କ'ଣ ମୁଁ ଆତ୍ମାରୁ ଅଲଗା କରିପାରିଛି ପାର୍ଥ !

ହେଇ ଦେଖ ! ମୋ ଜଳନ୍ତା ଛାତିରେ କେମିତି ଚଡ଼ଚାଡ଼୍ ହୋଇ ଫାଟିଫୁଟି ମିଳେଇ ଯାଉଛି ହାଡ଼ଗ୍ରନ୍ଥୀ, ସ୍ନାୟୁତନ୍ତ୍ରୀ, ପ୍ରତିଟି ରକ୍ତକୋଷ ! ଆଜ ମୁଁ ଏଇ ଯୁଦ୍ଧ ଭୂମିରେ ଏକାକୀ ନୀରବ, ନିରସ୍ତ୍ର ଭାବରେ ଠିଆ ହୋଇଛି । ମୋ ଆଖି ଆଗରେ ଏଇ ଯୁଦ୍ଧ ଭୂମିର ହାଣକାଟ ଖେଳ, ଅଶ୍ୱଖୁରାର ଔଦ୍ଧତ୍ୟ ପଦପାତ, ସୈନିକମାନଙ୍କର ଅସିର ପ୍ରଚ୍ଛନ୍ନ ଈର୍ଷା ମତେ ଆହୁରି, ଆହୁରି ଅସହାୟ କରିଦେଉଛି । ତେବେ କହିଲ ପାର୍ଥ ! ଆଉ କ'ଣ ଆଲୋକ ଆଡ଼କୁ ଯିବାର ସକଳ ମାର୍ଗ, ଯେତେସବୁ ପଥ ବନ୍ଦ ହୋଇଯାଇଛି ? ଆଜ କ'ଣ ଏକ ନିତ୍ୟ ନୂତନ ବିଶ୍ୱଟିଏ ମାନବିକତାର ଜୟଗାନ କରିବାକୁ ଏହି ଭୂମି ଉପରକୁ ଓହ୍ଲାଇ ଆସିବନି ? ଆଜ କ'ଣ ଏଠି, କେହି କାହାକୁ ବିଶ୍ୱାସ କରିବେନି । ଭଲପାଇବାର ମହୁ ଟିକକ କ'ଣ ଆଉ ବାଣ୍ଟିବେନି ? ଯୋଜନ ଯୋଜନବ୍ୟାପୀ ଏଇ ମୃତନଦୀ ଉପରେ ନିରୀହ ମଣିଷର ଶବ ଭାସିବା କ'ଣ ବନ୍ଦ ହେବନି ? ବର୍ଷା କ'ଣ ଘୁଙ୍ଗୁର ପିନ୍ଧି ଏ ଉତପ୍ତ ପୃଥିବୀକୁ ନାଚି ନାଚି ଆଉ ଓହ୍ଲାଇବନି ? ଏଇ ଧୂ, ଧୂ ହତାଶା ଆଉ ହାହାକାରକୁ ତା'ର ଶାନ୍ତ ଶୀତଳ ସବୁଜ ପଣତରେ ଘୋଡ଼ାଇ ଦେବନି ? ସତରେ କ'ଣ କଦମ୍ବଫୁଲରେ ଭେଳା ଭେଳା ସ୍ୱପ୍ନର ବୋଇତ ଆଉ ଓହ୍ଲାଇବନି ?

ଓଃ..... ପାର୍ଥ ! ଏବେ ଭାରି ଇଚ୍ଛା ହେଉଛି ଏଇସବୁ ଦୁଃଖ, ହତାଶା, ଆତ୍ମ ଦହନକୁ ବାଣ୍ଟିକୁଣ୍ଟି ଶେଷ କରିଦେଇପାରନ୍ତି କି ? ତା'ଉପରେ ଭଲପାଇବାର ମୌନମୟୀ ମୋର ପ୍ରିୟତମା ରାସେଶ୍ୱରୀ... ରାଧାରାଣୀଙ୍କୁ ଅବସ୍ଥାପିତ କରି ଦିଅନ୍ତି କି ? ତାଙ୍କ ପ୍ରେମର ପ୍ରାର୍ଥନାରେ ଏଇ ପୃଥିବୀ, ଏ ସବୁଜିମାକୁ ଫୁଲର ଅସରାଏ ମହକରେ ବିଚ୍ଛୁରିତ କରି ଦିଅନ୍ତି କି ?

ତରୀ ଚାଲିଛି । ହଁ,ତରୀ ଚାଲିଛି ମଥୁରାର ବଡ଼ ଦାଣ୍ଡକୁ ସ୍ପର୍ଶ କରି ଠିଆ ହୋଇଥିବା ଯମୁନା ଘାଟ ଆଡ଼କୁ । ଯମୁନା ନଦୀର ନୀଳ ନୀଳ ଢେଉର ପଣତଟିରି ଅନେକ ତରୀ ପହଁରୁଛନ୍ତି ଲକ୍ଷ୍ୟହୀନ ଭାବରେ । କେଉଁ ମତୁଆଲା ନାଉରୀ କଣ୍ଠରୁ ଭାସି ଆସୁଥାଏ କୋମଳ ଗାନ୍ଧାରର କରୁଣ ରାଗିଣୀ... ''ଭାଇରେ... କିଏ ବା କାହାକୁ ମାରେ କେଉଁଠି / କିଏ ବା କାହାର ଦୀପ ବଇଠି / ନ ମାଗୁଣୁ ଯେବେ ମରଣ ମିଳେ / ମରଣକୁ ତେବେ ଡର କାହିଁକି ? ଭାଇରେ....''

ମୃତ୍ୟୁ... ମୃତ୍ୟୁଟା କ'ଣ ପାର୍ଥ ? ମୃତ୍ୟୁ ହୁଏତ ମୁଠା ମୁଠା ଶୂନ୍ୟତାରେ ଆଞ୍ଜୁଳା ଭର୍ତ୍ତି ଗୋଟାଏ ପୂର୍ଣ୍ଣତା ଆଉ ସେହି ପୂର୍ଣ୍ଣତାପ୍ରାପ୍ତି ନିମିତ୍ତ କାଳ-ମହାକାଳର କୋଳରେ ବିଲୀନ... ଶୂନ୍ୟ ହୋଇଯିବାଟା ହୁଏତ ଜୀବନ ! ହଁ ! ଜୀବନ ଚକ୍ର ଘୂରୁଚି । କିନ୍ତୁ ଆତ୍ମା ଅଜର, ଅମର ! ତମେ ଏବେ କେଉଁଠି ପାର୍ଥ, ମୋର ପ୍ରିୟ ସଖା ଅର୍ଜୁନ । ଶୁଣିପାରୁଚ ତ ମୋର ଆତ୍ମାର ଆତୁର ଡାକ । ଇହଲୋକରେ ଆତ୍ମାର ବାରମ୍ବାର ଶରୀର ଗ୍ରହଣ, ଜୀବନ ଧାରଣ, ସୁଖ-ଦୁଃଖକୁ ସମ ମଣି ଜୀବନଯାପନ । ପ୍ରେମ ସହିତ ବିରହ, ବିରହ ପରେ ପରେ ମିଳନ, ମଣିଷ ପରି ମଣିଷଟିଏ ହୋଇ ବଞ୍ଚିବା, ଏକ ଅପରର ହାତକୁ ହାତ ଛନ୍ଦି , କାନ୍ଧକୁ କାନ୍ଧ ମିଳାଇ, ହର୍ଷ ବିଷାଦ ଭିତରେ ବଞ୍ଚିବାର ସ୍ୱାଦ ଚାଖିବା ହିଁ ତ ଜୀବନ, ନୁହେଁ କି ପାର୍ଥ !

ମୁଁ ଏବେ ତୁମମାନଙ୍କ ଦୃଷ୍ଟିରେ ଦେହତ୍ୟାଗୀ । କିନ୍ତୁ ତୁମର ଅନ୍ୟ ଚାରି ଭ୍ରାତା ଓ ଦ୍ରୌପଦୀ... କୃଷ୍ଣାଙ୍କ ସହିତ ତୁମେ ଏବେ ଇହଲୋକରେ । ତୁମମାନଙ୍କର ସେହି ଇହଲୋକରେ ଶୁଦ୍ଧପୂତ ବିଦ୍ୱାନ୍ ମଣିଷମାନଙ୍କର ଚେତନାର କ୍ରମବିକାଶ ମଧ୍ୟରେ ସମବେତ କଣ୍ଠରୁ ଦିନେ ଯେଉଁ ଓଁକାର ନାଦ ସୃଷ୍ଟି ହୋଇଥିଲା ତାହାର କ୍ରମ ପରିଣାମ ହେଉଛି ବେଦ । ତା ପରେ ପରେ ଉପନିଷଦର ସୃଷ୍ଟି । ସେ ସବୁକୁ ବିଦ୍ୟା କୁହ ବା ଜ୍ଞାନ କୁହ କିମ୍ବା ପ୍ରଜ୍ଞାନରୁ ଯେଉଁ ପାଣ୍ଡିତ୍ୟ ସଞ୍ଚାରିତ ହେଲା... ତାହା ମଣିଷ ଜାତିକୁ ଇହଲୋକର ଅନ୍ୟ ଇତର ପ୍ରାଣୀମାନଙ୍କଠାରୁ ଉଚ୍ଚତର ସ୍ଥାନ ପ୍ରାପ୍ତ ହେଲା । ବେଦ ଓ ଉପନିଷଦର ଏତେ ତତ୍ତ୍ୱ, ତଥ୍ୟ, ଜ୍ଞାନପ୍ରାପ୍ତ ହେବା ସତ୍ତ୍ୱେ ମଣିଷ ଏତେ ଈର୍ଷାତୁର, କ୍ରୋଧି, ସ୍ୱାର୍ଥପର, ଅନାଚାରୀ, ଭ୍ରଷ୍ଟାଚାରୀ, ଅହଂକାରୀ କାହିଁକି ହେଉଛି ସେଇ କଥା ମୁଁ ଇହଲୋକରେ ଥିବାବେଳେ ବାରମ୍ବାର

କାଳରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ଚିନ୍ତାକରି କରି କେତେ ଯେ ବ୍ୟଥିତ ଓ ମର୍ମାହତ ହୋଇଛି ସେ କଥା ତ ତମେ ଜାଣିଛ, ଅର୍ଜୁନ !

ଇହଲୋକରେ ପ୍ରକୃତିର ଅପୂର୍ବ ଦାନ ହେଉଛି ମଣିଷ ଓ ପ୍ରାଣୀଜଗତ । ସେହି ମଣିଷ ଓ ପ୍ରାଣୀ ସକଳଙ୍କ ପାଇଁ ପ୍ରକୃତି ଖଞ୍ଜି ଦେଇଛି ନଦୀ, ହ୍ରଦ, ଝରଣା, ଅରଣ୍ୟ, ସମୁଦ୍ର; କେତେ ଜାତି ଜାତିକା ପଶୁପକ୍ଷୀ, ନାନାରଙ୍ଗୀ ଫୁଲର ଯୋଜନ ଯୋଜନବ୍ୟାପୀ ପ୍ରାକୃତିକ ସମ୍ଭାର ପୁଣି ଆହାର ପାଇଁ ଖୋଲି ଦେଇଚି ଖାଦ୍ୟର ଭଣ୍ଡାର... ଫଳ ଭର୍ତ୍ତି ବୃକ୍ଷର ଅରଣ୍ୟ । କିନ୍ତୁ ମଣିଷ କେତେ ସ୍ୱାର୍ଥପର ପାର୍ଥ ! ଅନ୍ୟର ମୌଳିକ ଅଧିକାର, ଆହାର ଅପହରଣ କରିନେବାକୁ ଅହରହ କେତେ ତତ୍ପର !

.... ଯେମିତି ମୋର ମାତୁଳ କଂସ । ମଥୁରାର ନରପତି କଂସ । ମଗଧର ଦୁର୍ଦ୍ଦାନ୍ତ ନରପିଶାଚ, ଭ୍ରଷ୍ଟାଚାରୀ ଏକଛତ୍ରବାଦୀ ଜରାସନ୍ଧର ଏକାନ୍ତ ଅନୁଗତ, ଜାମାତା କଂସ !

ଓଃ ମୋ ଭିତରେ ବିରହ... ନିଃସଙ୍ଗତାରେ କି ଅସହ୍ୟ ଯନ୍ତ୍ରଣା, ପାର୍ଥ ! ତମେ ତମ ଜୀବଦ୍ଦଶାରେ ଏପରି ଅବସ୍ଥା ଅଙ୍ଗେ ଅଙ୍ଗେ ଅନୁଭବ କରିଛ ବୋଲି ସିନା ଏକଥା କେବଳ ତୁମକୁ ହିଁ କହୁଛି । ମୋର ଅନ୍ତରବେଦନା ତୁମେ ବୁଝିପାରୁଚ ତ ସଖା, ଅର୍ଜୁନ ? ଗୋକୁଳ, ଗୋପପୁର, ବୃନ୍ଦାବନ ଆଦି ଯାବତୀୟ ନାମରେ ନାମିତ ସେହି ସ୍ମରଣୀୟ ଭୂମିର ଜନପଦ ସମୂହକୁ ତମେ ଯେଉଁ ନାମରେ ସମ୍ବୋଧନ କର ପଛେ, ସେହି ଭୂମିକୁ ଛାଡ଼ି ମଥୁରା ଅଭିଯାନରେ ମୁଁ ବାହାରିଥିବାବେଳେ ମୋର ସେତେବେଳେ କେତେ ବୟସ ହୋଇଥିଲା ପାର୍ଥ ! ଚଉଦବର୍ଷ ! ଗୋଟେ ମଣିଷର ଜୀବନ କାଳରେ ସେଇ ଚଉଦବର୍ଷର କୈଶୋର ଜୀବନ ଏକ ସନ୍ଧିକାଳ ନୁହେଁ କି ? କୈଶୋର ଯାଉଛି ଆଉ ଯୌବନ ଆସୁଛି । ଶରୀର ମଧରେ ଆଙ୍ଗିକ, ଜୈବିକ ପ୍ରକ୍ରିୟା କଡ଼ ଲେଉଟାଇଚି । ଜୀବନର ପ୍ରତିକ୍ଷଣରେ ମୋତେ ଅଗ୍ନିପରୀକ୍ଷାର ସମ୍ମୁଖୀନ ହେବାକୁ ପଡୁଛି !

ସୁରସେନ ରାଜ୍ୟର ରାଜନଗରୀ ମଥୁରାକୁ ସ୍ପର୍ଶ କରୁଥିବା ଯମୁନା ନଦୀ ଘାଟର ପଥରବନ୍ଧରେ ଆମ ନୌକା ତାର ଶେଷଯାତ୍ରାରେ ଅଟକିଲା । ତରୀ ଭିତରୁ ଆମର ରଥକୁ ଓହ୍ଲାଇ ଆଣି ରାଜମାର୍ଗ ଉପରକୁ ଅଣାଗଲା । ଅକ୍ରୁର କକାଙ୍କ ସହିତ ବଳରାମ ଭାଇନା ଓ ମୁଁ ଭୂମି ଉପରେ ପାଦ ରଖିଲୁ । ଯମୁନା ନଦୀ ଘାଟର ପଥର ପାହାଚରେ ନାନାରଙ୍ଗୀ ପ୍ରଜାପତି ପରି ରଙ୍ଗବେରଙ୍ଗର ଶାଢ଼ୀ ପିନ୍ଧି ବହୁ ସୁନ୍ଦରୀ ରମଣୀ ହାତରେ ଅର୍ଘ୍ୟଥାଳି ଧରି ଠିଆ ହୋଇଥାନ୍ତି ।

ମୁଁ ଭାବବିହ୍ୱଳ, ଭାବପ୍ରବଣ ହୋଇ ଅପଲକ ନେତ୍ରରେ ସେଇ ସୀମନ୍ତିନୀମାନଙ୍କୁ ଚାହିଁ ରହିଥାଏ, ପାର୍ଥ ! ମୁଁ ସେତେବେଳେ ଏତେ ମଗ୍ନ ବିଭୋର ହୋଇପଡ଼ିଥିଲି ଯେ କେଉଁ ଏକ କାରୁଣ୍ୟଭରା ରାଗିଣୀରେ ମୋ ଦୁଇ ଆଖିପତା ଛଳଛଳେଇ ଯାଉଥିବାବେଳେ ସେଇ ଯୁବତୀମାନଙ୍କ ଭିତରେ ଖୋଜୁଥାଏ ମୋର ହୃଦୟର ଈଶ୍ୱରୀ ରାଧାଙ୍କର ବିକଳ୍ପକୁ । ଏଇଟା ମୋର କିଶୋର ସୁଲଭ ଉତ୍ସୁକତା ନୁହେଁ ତ ଆଉ କ'ଣ ହୋଇପାରେ, ବନ୍ଧୁ ଅର୍ଜୁନ !

ସୁରସେନ ରାଜ୍ୟର ଯମୁନା ନଦୀ କୂଳରେ ଯେମିତି ଯାଦବୀୟ ଯୁବାଗୋଷ୍ଠୀମାନଙ୍କର ଗୋଟେ ଜନ ଅରଣ୍ୟ, କୋଳାହଳ ଠିଆ ହୋଇଛି ।

ସେଇ ମୌନ କୋଳାହଳମୟ ଜନସମୁଦ୍ରର ଭିଡ଼ ଠେଲି ହାତରେ ଯେମିତି ହଳଦୀ ସିନ୍ଦୂର ବୋଳା ସତେଜ ପ୍ରଫୁଲ୍ଲ ସଘନ କଦମ୍ବଫୁଲରେ ଗୁନ୍ଥା ମାଳାଟିଏ ଧରି, ମୋ ଠାରୁ ବୟସରେ ସାମାନ୍ୟ କନିଷ୍ଠ କିଶୋରଟିଏ ମୋ ଆଡ଼କୁ ଦୌଡ଼ି ଆସିଲା । ପରମ ଆବେଗରେ ହର୍ଷ-ଆନନ୍ଦର ଆଲୋକରେ ଆଲୋକିତ ମୋର ଦୁଇ ଆଖିର ଦୃଷ୍ଟି ପହଁରାଇ ସେ ମୋ ଗଳାରେ ସେଇ କଦମ୍ବମାଳାଟି ପିନ୍ଧେଇ ଦେଲା । ଭୂମି ଉପରେ ମୁଣ୍ଡ ରଖି ଅତି ନମ୍ର, ଭକ୍ତି ଭାବରେ ମୋର ଦୁଇ ପାଦକୁ ଭିଡ଼ିଧରି ଥର ଥର କଣ୍ଠରେ କହୁଥାଏ – ''ମତେ ତମେ ଚିହ୍ନିପାରୁଚନା ଭାଇନା ? ମୁଁ ତମର ବଂଶଜ...ଆତ୍ମଜ ଗୋଟେ ସାନ ଭାଇ ।''

ମୁଁ ହଡ଼ବଡ଼େଇ ଗଲି । କେହି ମୋର ପାଦସ୍ପର୍ଶ କଲେ ମୁଁ କେମିତି ଏକ ଦୁର୍ବଳତାର ଅସହ୍ୟପୀଡ଼ାରେ ସଙ୍କୁଚିତ ହୋଇପଡ଼େ । ଝାଉଁଳି ଯାଏ । ମୁଁ ସେହି ଅଚିହ୍ନା... ଅଜଣା... କେବେ ଦେଖି ନଥିବା ବାଳକଟିକୁ ଭୂମି ଉପରୁ ଉଠାଇ କୋଳାଗ୍ରତ କରି ଭିଡ଼ି ଧରିଲି । ମୁଁ ତାହାର ପ୍ରେମମୟ, ନିର୍ମଳ, ସଜଳ ଆଖି ସହିତ ଏକାଗ୍ର ଭାବେ ଦୃଷ୍ଟି ମିଳାଉଥିଲାବେଳେ ଅକ୍ରୂର କକା ମୋର ଭାବାବେଗରେ ପୂର୍ଣ୍ଣଚ୍ଛେଦ ଟାଣି କହିଲେ- ''ଏଇ ହେଉଛି ଉଦ୍ଧବ । ତୁମ ପିତା ବସୁଦେବଙ୍କର ଭାଇ ଦେବଭାଗ ଓ କଂସାଦେବୀଙ୍କ ପୁତ୍ର । ଏହାର ଆଉ ଦୁଇ ଜଣ ଭାଇ ମଧ୍ୟ ଅଛନ୍ତି.... ଚିତ୍ରକେତୁ ଓ ବୃହଦ୍‌ବଳ । ଏମାନେ ତୁମର କକା ପୁଅ ଭାଇ ।''

ବୁଝିଲ ପାର୍ଥ ! ମୋର ଦୀର୍ଘ ଜୀବନଯାତ୍ରାର ବନ୍ଧୁର ପଥରେ ସଖା, ସାଥୀ ଓ ସତୀର୍ଥ ଭାବରେ ତୁମପରି ଉଦ୍ଧବର ସ୍ଥାନ କେତେ ଗୁରୁତ୍ୱପୂର୍ଣ୍ଣ ଏକଥା ତମେ ଭଲ ଭାବେ ଜାଣ ?

ସେଦିନ ସେଇ ଯମୁନାନଦୀ କୂଳର ପଥରଘାଟ ଉପରେ ଉଦ୍ଧବ ସହିତ ମୋର ଯେଉଁ ସାକ୍ଷାତ, ସେହିକ୍ଷଣରେ ଆଖି ସହିତ ଆଖି ମିଳାଇ ଆମେ ଦୁଇଭାଇ ଯେପରି କୋଳାଗ୍ରତ ଅବସ୍ଥାରେ ଛନ୍ଦି ହୋଇପଡ଼ିଲୁ ତାହା ତ ଜନ୍ମ..... ଜନ୍ମାନ୍ତରର ବନ୍ଧନ ପାର୍ଥ !!!

ଉତ୍..ଧବ ଅର୍ଥାତ୍ ପବିତ୍ର ଯଜ୍ଞାଗ୍ନି... ଯାହା ନିରନ୍ତର ଉର୍ଦ୍ଧ୍ୱଗାମୀ ଏକ ଜୀବନଜ୍ୟୋତି ।

– ''ଉଦ୍ଧବଃ ଉଦ୍ଧୋଃ ପ୍ରିୟ ଭାଇ ମୋର...'' ବୋଲି ଉଚ୍ଚାରଣ କରି ମୁଁ ତାକୁ ପୁଣି ମୋ ବାହୁବନ୍ଧନରେ ଭିଡ଼ିନେଲି । ଉଦ୍ଧବ ମୋର ବାହୁବନ୍ଧନରେ ଥିବାବେଳେ ମୁଁ କେମିତି ଏକ ଭାବ ବନ୍ଧନରେ ଛନ୍ଦି ହୋଇପଡ଼ିଥିଲି । ଏମିତି ଏକ ମଗ୍ନ ବିଭୋରତାର ଶୃଙ୍ଖଳରେ ଦିନେ ବନ୍ଦୀ ହୋଇଥିଲି ବୃନ୍ଦାବନର ରାସେଶ୍ୱରୀ ରାଧାଙ୍କ ପ୍ରେମରେ ପଡ଼ିଥିବାବେଳେ । ଭାବମୟୀ, ଇଚ୍ଛାମୟୀ ରାଧାଙ୍କ ସହିତ ଅଗଣିତ ସ୍ମୃତିରେ ଆହ୍ଲାଦିତ ହୋଇଥିଲା ମୋର ପ୍ରିୟ ଗୋକୁଳ, ଗୋପପୁର ଓ ବୃନ୍ଦାବନ । ଅତିକ୍ରାନ୍ତ ଅତୀତ ସହିତ ବୃନ୍ଦାବନରେ ରାଧାଙ୍କୁ ଛାଡ଼ି ଆସିବାପରେ ମଥୁରା... ଦ୍ୱାରକାରେ ଉଦ୍ଧବ ସହିତ ଭବିଷ୍ୟତ ଜୀବନସ୍ରୋତର ସ୍ନେହ ସମ୍ପର୍କର ଉଦ୍‌ଘାଟନ ପର୍ବ ଆରମ୍ଭ ହୋଇଥିଲା ।

ଉଦ୍ଧବ ସହିତ ମୁଁ ଆଉ ବଳରାମ ଭାଇନା ନଦୀତଟ ବାଲୁକା ପ୍ରାନ୍ତର ଉପରେ ପଦଚାରଣା କରୁଥିଲୁ । ଆମ ତିନିଜଣଙ୍କ ପଦାଘାତରେ କେଉଁ ଏକ ଅଜ୍ଞାତ ମରୁସ୍ଥଳ ଯେପରି ଥରି ଉଠୁଥିଲା ।

ନାଗରା, ଦୁନ୍ଦୁଭି, ପଟହ, ଟମକ, ଶଙ୍ଖ, ଘଣ୍ଟା, କାହାଳୀ, ତୂରୀ, ଭେରୀ, ମହୁରୀ, କଂସାଳ, ତାଳ, କର୍ତ୍ତାଳ, ଡମ୍ଫା, ସୁରଜ, ଡିଣ୍ଡିମ, ଅମୃତ, ବେଣୁ, ବୀଣା, ମୃଦଙ୍ଗ, ମର୍ଦ୍ଦଳ, ଭେରୀ, ତୂରୀ, ଶଙ୍ଖଧ୍ୱନିର ଘନଘୋର ନିନାଦ ଏବଂ ନାରୀକଣ୍ଠର ହୁଳହୁଳି ଧ୍ୱନି ସହ କେମିତି ଏକ ସାଂଘାତିକ ଝଡ଼ର ଝଙ୍କାର ମୋତେ ଯେମିତି ମଥୁରାକୁ ଆମନ୍ତ୍ରଣ କରୁଥିଲା ।

ଘୋର ଘର୍ଘର ନାଦରେ ଅଶ୍ୱଯୁକ୍ତ ଏକ ରଥ ଆସି ଠିଆ ହେଲା । ରଥ ଉପରୁ ଓହ୍ଲାଇ ଆସିଲା କେଶବତୀ ଶୁଭ୍ରାଙ୍ଗୀ ସିଂହକଟିର ଏକ ଅପୂର୍ବ ଲାବଣ୍ୟବତୀ ଯୁବତୀ । ଯାଦବକୁଳରେ ଗାନ୍ଧର୍ବୀ, କିନ୍ନରୀ ପରି ଏପରି ରମଣୀମଣି ଯେ ଥାଇପାରନ୍ତି, ସେ କଥା ମୋ ଆଖିକୁ ବିଶ୍ୱାସ ହେଉ ନଥିଲା ।

ଅପଲକ ବିସ୍ମୟ ବିସ୍ଫାରିତ ନେତ୍ରରେ ମୁଁ ରଥାରୋହୀ ଯୁବତୀକୁ ଚାହିଁ ରହିଥିବାବେଳେ ଉଦ୍ଧବ ମୋତେ ଆଖିର ଇସାରାରେ ଜଣାଇ ଦେଲା ମଥୁରାର ଏକଛତ୍ରପତି ଶାସକ କଂସର ରାଜମହଲରେ ଭଏ ହେଉଛି ରାଣୀ ମହୁମାଛି,

ବିଜୁଳି କନ୍ୟା ଦାମିନୀ... କଂସର ଅଙ୍ଗଲାଗି ସେବିକା ଶ୍ରେଷ୍ଠା ସୁଲଗ୍ନା.... ସୁଲଗ୍ନା... ସୁଲଗ୍ନା ।

ମୋ ଆଖି ଆଗରେ ନାଚି ଉଠିଲା କଂସର କଳ୍ପିତ ରାଣୀ ହସଂପୁର । ସେଇ ସୁନ୍ଦରୀ ନାରୀ ମହଲ ଭିତରେ ଶୁଭ୍ରାଙ୍ଗୀ ରମଣୀମାନଙ୍କର ପାଦର ନୂପୁରର ରୁଣୁଝୁଣୁ ନିକ୍ୱଣ ଓ ବିଳାସୀ କଂସକୁ ଆମୋଦିତ ଉଲ୍ଲସିତ, ଉଚ୍ଚାଟିତ ଆଉ ଉତ୍ତେଜିତ କରୁଥିବା ରସବତୀମାନଙ୍କର ନିର୍ଲଜ୍ଜ ଅଙ୍ଗ ପ୍ରଦର୍ଶନ । ସେଇ ରଙ୍ଗବତୀ, ଲାବଣ୍ୟବତୀମାନଙ୍କର ଭିଡ଼ ଭିତରେ ଏଇ ସୁଲଗ୍ନା କ'ଣ ତେବେ ମଧୁବର୍ଷାକାରିଣୀ ରାଣୀ ମହୁମାଛି ?

ସୁଲଗ୍ନା ଯଦି ମୋର ମାତୁଳ କଂସର ଏତେ ଘନିଷ୍ଠ ତେବେ ତା'ର ପତ୍ନୀ ଅସ୍ତି ଓ ପ୍ରାପ୍ତିଙ୍କ ଭୂମିକା କ'ଣ ? ମୁଁ ଉଦ୍ଧବ ମୁହଁକୁ ଆଉ ସୁଲଗ୍ନା ମୁହଁକୁ ଚାହିଁ ରହିଥିଲି । ଅକ୍ରୂର କକାଙ୍କ ସହିତ ବଳରାମ ଭାଇନା କ'ଣ ସବୁ ଆଲୋଚନା କରୁଥିଲେ, ସେଥିପ୍ରତି ମୋର କୌଣସି ନିଘା ନଥିଲା ।

କଂସର ରାଜମହଲର ପ୍ରତିନିଧିଭାବେ ମୋତେ ଓ ବଳରାମ ଭାଇନାଙ୍କୁ ପାଛୋଟି ନେବାକୁ ଆସିଛି ବିଚକ୍ଷଣା ସୁନ୍ଦରୀ ସୁଲଗ୍ନା । ମୋର ଦୁଇ ମାଇଁ ସାମ୍ରାଜ୍ୟ ପ୍ରତିଷ୍ଠା ଲିପ୍ସୁ ଦୁର୍ଦ୍ଦାନ୍ତ ଏକଛତ୍ରବାଦୀ, କ୍ରୂର ଓ ନର ରକ୍ତ ପିପାସୁ ମଗଧ ସମ୍ରାଟ ଜରାସନ୍ଧର ଦୁଇ କନ୍ୟା କଂସ ପତ୍ନୀ ଅସ୍ତି ଓ ପ୍ରାପ୍ତିଠାରୁ ସୁଲଗ୍ନା କ'ଣ ଅଧିକ ଅପୂର୍ବ ସୁନ୍ଦରୀ ଓ ବିଚକ୍ଷଣୀ ଯେ ମଥୁରା ରାଜାଙ୍କ ଅଙ୍ଗଲାଗି ସେବିକାର ସ୍ଥାନ ହାସଲ କରିପାରିଛି ?

କଂସର ନିର୍ଦ୍ଦେଶରେ ରାଜମହଲ ସମ୍ମୁଖରେ ଆୟୋଜିତ ଧନୁଯଜ୍ଞର ସୁସଜ୍ଜିତ ପ୍ରାଙ୍ଗଣ ପର୍ଯ୍ୟନ୍ତ ପାଦରେ ଚାଲି ଚାଲି ଯିବାର ନିର୍ଣ୍ଣୟ ମୁଁ ପୂର୍ବରୁ କରିସାରିଥିଲି ଏକ ବିଶେଷ କାରଣବଶତଃ । କିନ୍ତୁ ପଦଚାରଣ କରିବା ଭିତରେ ପୂର୍ବ ଯୋଜନାକୁ ବଦଳାଇ ହଠାତ୍ ସ୍ଥିର ଭାବରେ ଠିଆ ହୋଇ ଉଦ୍ଧବର କାନ୍ଧ ଉପରେ ହାତରଖି ମୁଁ କହିଲି, ''ମୋର ଗୋଟେ କାମ କରିଦେବୁ ? ତୋ ଛଡ଼ା ଏହି କାର୍ଯ୍ୟ ଆଉ କାହାରି ଦ୍ୱାରା ସମ୍ଭବ ନୁହେଁ । ଏବେ ଏହିକ୍ଷଣି ତୁ ଏହି ଗୋକୁଳ ଫେରନ୍ତା ନୌକାରେ ବୃନ୍ଦାବନ ଚାଲିଯା । ମୋ ବିରହରେ କାନ୍ଦୁଥିବା ରୋହିଣୀ ମା', ଯଶୋଦା ମା', ନନ୍ଦବାବାଙ୍କୁ ସାନ୍ତ୍ୱନା ଦେବୁ । ମାନିନୀ ରାଧା ଆଉ ସୁଭଦ୍ରାକୁ ମନେଇବୁ ।''

ମୋ କଥା ଶୁଣି ଉଦ୍ଧବର ଯେମିତି ଛାତି କୁଣ୍ଢେମୋଟ ହୋଇଗଲା । ସତେ ଯେମିତି ମୋ ପ୍ରତି ତା'ର ଅଖଣ୍ଡ ଆସ୍ଥା ଓ ବିଶ୍ୱାସ ଯେ ରହିଛି, ସେହି ଗୌରବରେ ସେ ଯେମିତି ଉତ୍‌ଫୁଲ୍ଲିତ ହୋଇପଡୁଥିବା ମୁଁ ଲକ୍ଷ୍ୟ କରୁଥିଲି । ଉଦ୍ଧବ ଦୁଇ

ହାତଯୋଡ଼ି ସତେଯେମିତି କୃତାର୍ଥ ଭଙ୍ଗୀରେ କହିଲା, ''ଭାଇନା ! ଆପଣଙ୍କ ଇଚ୍ଛାକୁ ମୁଁ ଠିକ୍ ଭାବରେ ନିଷ୍ଠୟ ପାଳନ କରିବି ।''

ମୁଁ ଉଦ୍ଧବକୁ କୋଳାଗ୍ରତ କରିନେଲି । ଉଦ୍ଧବ ବୃନ୍ଦାବନକୁ ଯାଉଥିବା ନୌକା ଆଡ଼କୁ ଅଗ୍ରସର ହେଲାବେଳେ କିଛିକ୍ଷଣ ପାଇଁ ତାର ଦୁଇ ପାଦ ଅଟକିଗଲା । ଜୀବନରେ ପ୍ରଥମ ଥର ପାଇଁ ମୁଁ ଆଉ ଉଦ୍ଧବ ଦୁଇ ଆତ୍ମଜ ଭାଇଙ୍କର ବହୁ ଆକାଂକ୍ଷିତ ଭେଟ ପରେ ପରେ ମୁଁ ତାକୁ ଗୋଟେ ଗୁରୁଦାୟିତ୍ୱ ଦେବା ଘଟଣା ତା'ଗି ଭିତରେ ଏକ ଆତ୍ମବିଶ୍ୱାସ ସୃଷ୍ଟି ହୋଇଥିବାବେଳେ ମୋତେ ଏମିତି ଅବସ୍ଥାରେ ଛାଡ଼ି ଚାଲିଯିବାର ବିଚ୍ଛେଦ ହୁଏତ ଶଙ୍କାଗ୍ରସ୍ତ ତା'ର ପାଦ ଦୁଇଟିକୁ ଅଚଳ କରିଦେଇଥିବା ଲକ୍ଷ୍ୟ କରୁଥିଲି । ଉଦ୍ଧବର ଦୁଇ ଆଖିରେ ମୁଁ ସ୍ପଷ୍ଟ ଭାବରେ ପଢ଼ି ପାରୁଥିଲି ନିର୍ମଳ, ନିରପେକ୍ଷ, ବିମଳ ପ୍ରେମାନନ୍ଦର ଝଲମଲ୍ ବର୍ଣ୍ଣବୋଧ ।

ମୋ ଦୃଷ୍ଟିର ଅଦୂର ଦିଗ୍‌ବଳୟ ଭିତରେ ଦୃଶ୍ୟ ହେଉଥାଏ ଯାଦବମାନଙ୍କର ରାଜନଗରୀ ମଥୁରାର ଛୋଟ ବଡ଼ ଅଟ୍ଟାଳିକା, ଆକାଶମୁଖୀ ରାଜମହଲର ଉତ୍ତୁଙ୍ଗ ଗମ୍ବୁଜ-ଚୂଡ଼ା ସମୂହ ।

ବହୁବର୍ଷ ପୂର୍ବେ ମଥୁରା ନଗରୀର ନାମ ଥିଲା ମଧୁପୁରୀ । ଅଯୋଧ୍ୟାର ସୂର୍ଯ୍ୟବଂଶୀ ମହାରାଜା ଶ୍ରୀରାମଚନ୍ଦ୍ରଙ୍କ କନିଷ୍ଠ ଭ୍ରାତା ଶତ୍ରୁଘ୍ନ ଏହି ନଗରୀ ନିର୍ମାଣ କରିଥିଲେ । କିନ୍ତୁ କାଳକ୍ରମେ ଆମର ଚନ୍ଦ୍ରବଂଶୀ ପୂର୍ବପୁରୁଷମାନେ ଏହି ନଗରୀକୁ ଯୁଦ୍ଧରେ ଜୟଲାଭ କରି ଏହାର ନାମ ରଖିଥିଲେ ମଧୁରା । ମଧୁରା ନାମଟି କ୍ରମଶଃ ଲୋକଙ୍କ ତୁଣ୍ଡରେ 'ମଥୁରା' ଉଚ୍ଚାରଣରେ ରୂପାନ୍ତରିତ ହୋଇଯାଇଛି ।

ମୁଁ, ବଳରାମ ଭାଇନା, ଅକ୍ରୁର କକା ଏବଂ ସୁଲଗ୍ନା ଆଗକୁ ଆଗକୁ ଚାଲୁଥିବାବେଳେ ଆମ ପଛରେ ଚାହୁଁ ଚାହୁଁ ଗୋଟେ ବିଶାଳ ଜନସମୁଦ୍ର ଘୋର ଘର୍ଘର ନାଦରେ ଯେମିତି ଅନୁସରଣ କରୁଥିଲା । ମଥୁରାର ଆମେ ଯେଉଁ ରାଜଦାଣ୍ଡରେ ଚାଲିଥିଲୁ ସେହି ପ୍ରଶସ୍ତ ପଥ ସହିତ ସଂଯୁକ୍ତ ହେଉଥିବା ମଥୁରାର ଗଳିକନ୍ଦିରୁ ଦଳ ଦଳ ହୋଇ ଆସୁଥିଲେ ଯାଦବବଂଶର ପୁରୁଷ, ଅଗଣିତ ନରନାରୀ, ଏପରିକି କିଶୋର ଗୋଠ । ଏମାନଙ୍କ ଆଖିର ଭାଷା, ପାଦର ଚାଲିରୁ ମୁଁ ଯେମିତି ପଢ଼ିପାରୁଥିଲି ଭ୍ରଷ୍ଟାଚାରୀ, ଏକଛତ୍ରବାଦୀ, ନିର୍ମମ ଶାସକ କଂସର ଦମନଲୀଳାରେ ପୀଡ଼ିତ, ଶୋଷିତ, ନିର୍ଯ୍ୟାତିତ ନିରୀହ ମଣିଷମାନଙ୍କର ଅସହାୟତାର କରୁଣ ଭାଷା । ଅକ୍ରୁର କକାଙ୍କ ସହିତ ମୋତେ ଓ ବଳରାମ ଭାଇନାଙ୍କ ପରି ଦୁଇ ଯୁବକଙ୍କୁ ଦେଖି ସେମାନେ ଯେମିତି ଉତ୍ସାହିତ

ହୋଇପଡ଼ିଛନ୍ତି । ଅନ୍ଧକାରର ଅମୁହାଁ ଗଳି ଭିତରେ, ମୁକ୍ତିର ଅଦୃଶ୍ୟ ପଥରେ ମୁକ୍ତି ଓ ତୃପ୍ତିର... ଆଶାର ଆଲୋକ ଶିଖାର ତେଜୋଦୀପ୍ତ ଝଲକ ପାଇଯାଇଛନ୍ତି ।

ମୁଁ ତ ପାର୍ଥ, କଂସର ବନ୍ଦୀଶାଳାରେ ସେଇ ଗୋଟିଏ ରାତ୍ରିର ଝଡ଼ ଜର୍ଜରିତ ଅନ୍ଧାର ଭିତରେ ଜନ୍ମ ହୋଇ ତତ୍‌କ୍ଷଣାତ୍ ମୁକ୍ତି ପାଇ ମଥୁରାରୁ ଗୋପପୁରକୁ ଚାଲିଯାଇପାରିଥିଲି । କିନ୍ତୁ ଏମାନେ ଜନ୍ମକାଳରୁ ଯେମିତି କଂସର ଉତ୍ପୀଡ଼ନରେ ନିର୍ଯ୍ୟାତିତ ଓ ଅଣନିଃଶ୍ୱାସୀ ହୋଇ ଆସିଛନ୍ତି । ବହୁକାଳରୁ ସେମାନଙ୍କର କଂସ ବିରୁଦ୍ଧରେ ପୁଞ୍ଜିଭୂତ କ୍ରୋଧ ଆମ ଦୁଇ ଭାଇଙ୍କ ମଥୁରା ମାଟିରେ ପାଦ ଦେଲାପରେ ଯେମିତି ଉଚ୍ଛୁଳି ଉଠୁଥିଲା । କଂସର କୁଶାସନରେ ଦମିତ ପ୍ରଜା, ଯାଦବବାହିନୀର ଜନଅରଣ୍ୟ ଅନିୟନ୍ତ୍ରିତ ହୋଇପଡ଼ିଥିଲା । କାଳନିଦ୍ରାରେ ଶୋଇପଡ଼ିଥିବା କ୍ଷୁଧିତ ବ୍ୟାଘ୍ର ଯେମିତି ନିଦ୍ରାଭଙ୍ଗ ପରେ ଖାଦ୍ୟ ସନ୍ଧାନରେ ବାହାରି ଗର୍ଜନ କରି ଉଠେ, ସେମନ୍ତ ଏଇ ଯାଦବ ବାହିନୀ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ 'କୃଷ୍ଣ ବଳରାମ'ଙ୍କ ମଥୁରାକୁ 'ସ୍ୱାଗତମ, ସ୍ୱାଗତମ୍' ଧ୍ୱନି ଦେଇ ଆଗେଇ ଆସୁଥିଲେ ।

ଆମ ସହିତ ପାଦକୁ ପାଦ ମିଳାଇ ଦର୍ପିତ ଠାଣିରେ କଂସର ଅଙ୍ଗଲଗା ସେବିକା ସୁଲଗ୍ନା ମହୁଆ ହସତୋଳି କେତେବେଳେ ଆମକୁ ତ କେତେବେଳେ ପଛକୁ ଚାହିଁ ଚାଲିଥାଏ । ସୁଲଗ୍ନାର ମୋହାଚ୍ଛନ୍ନ କଟାକ୍ଷ ବଳରାମ ଭାଇନାଙ୍କ ସୁପୁଷ୍ଟ ଶରୀର ଉପରେ ପହଁରି ଯାଉଥିବା ଲକ୍ଷ୍ୟ କରି ମୁଁ ମନେ ମନେ ହସୁଥାଏ ଏବଂ ତା'ର ସେଇ ମୁଗ୍ଧ ଆଚ୍ଛନ୍ନ ହସର ଗୋପନ ରହସ୍ୟକୁ ସମୀକ୍ଷା କରୁଥାଏ ।

ମଥୁରାର ରାଜମାର୍ଗ ଉପରେ ଆମେ ଦର୍ପିତ ଠାଣିରେ ଚାଲିଥାଉ । ଆମ ପଛରେ ଜନସମୁଦ୍ର । ଭେରୀ, ତୂରୀ, ଦୁନ୍ଦୁଭି, ରଣସିଂଘା ଆଦି ରଣବାଦ୍ୟ ସଙ୍ଗୀତର ପ୍ରଳୟଙ୍କରୀ କୋଳାହଳ ଉଚ୍ଛୁଳି ଉଠୁଥିଲା । ସେହି ଗର୍ଜନକାରୀ କୋଳାହଳର ଗଗନ ପବନ ଭେଦି ଧ୍ୱନି କ୍ରମଶଃ ଝଡ଼ ଝଙ୍କାର ତୋଳି ଭୂମିରୁ ଭୂମାକୁ ସ୍ପର୍ଶ କରୁଥିଲା । ସେହି ଧ୍ୱନି କର୍ଣ୍ଣ ଗହ୍ୱରକୁ ଭେଦି ଯାଉଥିଲେ ସୁଦ୍ଧା ତାହା ଥିଲା ତଥାପି ପ୍ରେରଣାପ୍ରଦ । ସତେଯେମିତି ରୁଦ୍ରମଙ୍ଗଳ ରାଗରାଗିଣୀ ! କିନ୍ତୁ ସେଇ ବିକଟାଳ ଧ୍ୱନି ମତେ ଓ ବଳରାମ ଭାଇନାଙ୍କୁ କୌଣସି ମତେ ପ୍ରଭାବିତ ବା ଅସହ୍ୟ କରିପାରୁ ନଥିଲା ।

ଏହାର କାରଣ କ'ଣ ହୋଇପାରେ, ଜାଣିଚ ପାର୍ଥ ଅର୍ଜୁନ ?... ଗୋବର୍ଦ୍ଧନର ବିଶାଳ ବଟବୃକ୍ଷ ତଳେ ତିନିରାତି ପରା ଆମେ ବୃନ୍ଦାବନବାସୀ ଘନଘୋର ଗର୍ଜନକାରୀ ଝଡ଼ ଓ ବିଜୁଳି ଏବଂ ଜଳପ୍ଲାବନର ଯେଉଁ ତିକ୍ତ ଅନୁଭୂତି ପାଇଥିଲୁ ସେହି ଅନୁଭବ ତ ଆମର ପ୍ରତିଟି ରକ୍ତକଣିକାରେ ପ୍ରବାହିତ ।

ଏହି ଧୁମ୍‌ଧାମ୍ ପଦଯାତ୍ରା ମଧ୍ୟରେ ଆମରି ଭିଡ଼ ଭିତରୁ ଅକ୍ରୁର କକା କୁଆଡ଼େ ଉଭାନ୍ ହୋଇଯାଇଥିଲେ । ମୁଁ ଓ ବଳରାମ ଭାଇନା ପଛକୁ ଫେରି ଚାହିଁଲୁ । ଆମ ମଥୁରା ଅଭିଯାନର ପ୍ରଥମ ପର୍ବ ଯେମିତି ମଙ୍ଗଳମୟ ହୋଇ ଉଠିଥିଲା । ଯେଉଁଆଡ଼େ ଚାହିଁଲେ ଖାଲି ସଶସ୍ତ୍ର ଯାଦବବାହିନୀ । ରକ୍ତ ରଙ୍ଗା କୁଙ୍କୁମ ଅବିରରେ ସଭିଏଁ ବୁଡ଼ୁବୁଡ଼ୁ । ସେମାନଙ୍କର ଏହି ଶୋଭାଯାତ୍ରା ଆମ ଦୁଇ ଭାଇଙ୍କୁ ବିସ୍ମିତ... ଉତ୍ସାହିତ କରି ଦେଇଥିଲା । ଆମ ଦୁଇ ଭାଇଙ୍କୁ କୁଙ୍କୁମ ଅବିରରେ ମଥୁରାର ନରନାରୀ ପୋତି ଦେଇଥିଲେ । ଆମେ ଯେମିତି କେହି କାହାରିକୁ ଚିହ୍ନିବା ଅବସ୍ଥାରେ ନଥିଲୁ ।

ଆମ ଶୋଭାଯାତ୍ରା ଆଗକୁ ମାଡ଼ି ଚାଲିଥାଏ । ରାଜପଥ ପାର୍ଶ୍ୱରେ ବିଭିନ୍ନ ବିପଣୀ, ତାରି ଭିତରେ ନାନା ଜାତି, ନାନା ରଙ୍ଗୀ ସୁଗନ୍ଧ ଭରା ଫୁଲଙ୍କର ହାଟ । ଫୁଲମାଳାରେ ଭର୍ତ୍ତି ଟୋକେଇ ମାଳ ମାଳ । ଫୁଲଙ୍କର କୋମଳ ପାଖୁଡ଼ା ଉପରେ ମଧୁମକ୍ଷି ଭ୍ରମରମାନଙ୍କ ଗୁଞ୍ଜରଣ ଓ ନିର୍ଭୀକ ନିଃସଙ୍କୋଚ ଭାବରେ ଯେମିତି ସେମାନେ ଫୁଲରୁ ମଧୁ ସଂଗ୍ରହ କରୁଥାନ୍ତି । ମୁଁ ମନ୍ତ୍ରମୁଗ୍ଧ ଭାବରେ ସଙ୍ଗଠିତ ସେଇ ମଧୁମକ୍ଷୀମାନଙ୍କ ଆନନ୍ଦକୁ ନିଜ ଭିତରେ ଅନୁଭବ କରି ଚାଲିଥାଏ ।

ଆରେ, ଏଇ ଲୋକଟି ଆମ ବାଟ ଓଗାଳୁଛି କାହିଁକି ? ନନ୍ଦିକ ନାମକ ସେଇ ଯାଦବ ଯୁବକଟି ଗୋଟେ ପୁଷ୍ପ ବିକ୍ରେତା ବୋଲି ସୁଲଗ୍ନା ମତେ ସୂଚନା ଦେଲାବେଳେ ସେ ଭାବବିହ୍ୱଳ ହୋଇ ମୋର ଓ ବଳରାମ ଭାଇନାଙ୍କ ଗଳାରେ ଦୁଇଟି ଓଜନ୍‌ଦାର ଫୁଲମାଳା ପିନ୍ଧାଇଦେଲା । ନନ୍ଦିକର ସେଇ ପ୍ରେମବିହ୍ୱଳ ସ୍ପର୍ଶ ମତେ ଏତେ ଅଭିଭୂତ କରିଦେଲା ଯେ, ମନ୍ତ୍ରମୁଗ୍ଧ ଭାବରେ ମୁଁ ତାକୁ କୋଳାଗ୍ରତ କରିନେଲି । ମଥୁରାର ଜଣେ ସାଧାରଣ ପ୍ରଜାକୁ ମହାମହିମ ଏକଛତ୍ରପତି ଶାସକର ଭଗ୍ନିପୁତ୍ର ସର୍ବସାଧାରଣରେ ଏପରି କୋଳାଗ୍ରତ କରିନେବ, ଏହି ଦୃଶ୍ୟ ଦେଖି ଦୁର୍ବଳ, ଅସହାୟ ଯାଦବ ପ୍ରଜାଙ୍କ ଭିତରେ ଯେମିତି ମୋ ପ୍ରତି ଆସ୍ଥା ଓ ବିଶ୍ୱାସ ଅତୁଟ ରହିଛି ତାହା ଜନସମୁଦ୍ରର 'ଜୟ ବଳରାମ ଗୋପାଳକୃଷ୍ଣ ଜୟ ଜୟ' ଧ୍ୱନିରେ ଜୟଘୋଷରେ ରୂପାନ୍ତରିତ ହୋଇଯାଇଥିଲା ।

ସେଇ ଜୟଧ୍ୱନି ମୋତେ ଓ ବଳରାମ ଭାଇନାଙ୍କୁ ଯେତିକି ଆମୋଦିତ କରୁଥାଏ, ଆମ ସାଙ୍ଗରେ ଥିବା ଜନସମୂହକୁ ଅଧିକ ଉତ୍ସାହିତ କରିଦେଇଥିଲା । ସେହିଜନ ଅରଣ୍ୟର ଭିଡ଼ ଠେଲି ମୋ ସମ୍ମୁଖକୁ ହଲିଦୋହଲି ଆସିଲା ଏକ ଅସମ୍ଭବ ସୁନ୍ଦରୀ ତରୁଣୀ...

ଖୁନ୍ଦାଖୁନ୍ଦି ଅଙ୍ଗସୌଷ୍ଠବ, ରୂପଲାବଣ୍ୟରେ ଭରପୂର୍ଣ୍ଣ ଏହି ଯୁବତୀଟି ହାତରେ ଧରିଥିଲା ଏକ ଆଶାବାଡ଼ି । ଆଶାବାଡ଼ିର ଆଶ୍ରାରେ ସତେଯେମିତି ସ୍ନେହ ଜରଜର ଛଳଛଳ ଆତୁର ପଣରେ କୁଜୁବୁଜୁ ହୋଇଯାଇଥିବା ସେହି ମହିୟସୀ ନାରୀଟିକୁ ମୁଁ ପ୍ରଣାମ ଜଣାଇଲାବେଳେ, ସେ ମୋର ଗୋଡ଼ତଳେ ନତଜାନୁ ହୋଇ ଅଶ୍ରୁବିଧୂର କଣ୍ଠରେ କହିଲା, ''ଏ କ'ଣ କରୁଛ ଗୋପାଳକୃଷ୍ଣ ! ଓଃ ତୁମ ପାଇଁ, ତୁମକୁ ଟିକେ ଦର୍ଶନ କରିବି ବୋଲି ମୁଁ କେତେକାଳୁ ପ୍ରତୀକ୍ଷା କରିଛି ଯେ... କରିଛି । ହେ ପ୍ରାଣପ୍ରିୟ କୃଷ୍ଣ ମୋର ଆତ୍ମାର ଦୋସର । ତମେ ଜାଣିଛ ଛଳଛଳ ଲୁହର ତୂଳୀରେ କେଉଁଦିନୁ ମୁଁ ତମ ଆସିବା ପଥକୁ ଇଚ୍ଛାମୃତାବକ ଚିତ୍ରମୟ କରିଦେଇ ଅନାଇ ବସିଛି । ତମେ ମଥୁରା ଆସୁଛ ବୋଲି ଶୁଣିଲାଦିନୁ କେତେ ରାତି ମୋର ଉଜାଗରରେ ବିତିଛି ଯେ ବିତିଛି କାହ୍ନା ! କଳ୍ପନାରେ କେତେ ରାତି ତମର ରକ୍ତିମ ପାଦ ଦୁଇଟିକୁ ଛାତିରେ ଜାକି ତମ ଘନନୀଳ ମୋହିନୀ ବାସ୍ନାରେ ଏ କୁବ୍‌ଜାର ଅର୍ଜିତ ଅସୁନ୍ଦରପଣ ବାରମ୍ବାର ଭିଜିଛି । ମୋର ଅଲୋଡ଼ା ଅସୁନ୍ଦରପଣ ଭିତରେ ତମ ନୂପୁର ଓ ବଇଁଶୀର ଛମ୍‌ଛମ୍ ସ୍ୱନ ମତେ ଏଭଳି ମହମହ ବାସ୍ନାମୟ କରିଦେଇଛି ଯେ, ମୁଁ ସବୁ ଅପମାନର ନିର୍ମମତାକୁ ଭୁଲିଯାଇଛି । ହୁଏତ ତମେ ମତେ ଭୁଲିଯାଇଛ । କିନ୍ତୁ ତମ ଆସିବାର ଦମ୍‌କାଏ ମିଠା ପବନରେ ମୋର କୁହୁଡ଼ା ଅସ୍ତିତ୍ୱ ଅମାନିଆ ବାସୁଛି ଯେ ବାସୁଛି ।''

କୁବ୍‌ଜା ଆଖିରୁ ଅବିରତ ଅଶ୍ରୁଧାର ବୋହୁଥାଏ ।

ମୁଁ କୁବ୍‌ଜାକୁ ଅପଲକ ନେତ୍ରରେ ଚାହିଁରହିଥିଲାବେଳେ ଆମ ଦୁଇଭାଇଙ୍କ ମଥୁରା ରାଜଦାଣ୍ଡ ଯାତ୍ରାରେ ମାର୍ଗଦର୍ଶିକା ସୁଲଗ୍ନା ସଲ୍ଲଜ ଚାହାଣୀ ଟେକି କହିଲା, ''ଇଏ ହେଉଛି କୁବ୍‌ଜା, କାହ୍ନା ।' ମହାମହିମ ମହାରାଜା କଂସଙ୍କ ରାଜମହଲକୁ ଫୁଲ ସହିତ ପ୍ରସାଧନୀ ସାମଗ୍ରୀ ଯୋଗାଉଥିବା ମାଲ୍ୟଣୀ ମାଳିନୀ ତଥା ମହାରାଜାଙ୍କର ପ୍ରଧାନ ବେଶଲାଗି ସେବିକା । ତୁମର ଜଣେ ବିଭୋର ଭକ୍ତ, ପ୍ରଶଂସିକା । ତମକୁ ନିତ୍ୟ ସ୍ମରଣ କରେ । ଗୋକୁଳ, ଗୋପପୁର, ବୃନ୍ଦାବନରେ ତୁମର ଦୁର୍ବାର ଅବଦମିତ ଅଭିଯାନ, ବହୁ ଶତ୍ରୁ ନିପାତର କାହାଣୀ ଶୁଣି ଶୁଣି ସେ ତୁମ ପ୍ରେମରେ ଅଭିଭୂତା ହୋଇଯାଇଛି, କାହ୍ନା ।

ସୁମଧୁର କୋକିଳ କଣ୍ଠି ସୁନ୍ଦରୀ ସୁଲଗ୍ନାର ଏପରି ସୂଚନାରେ ମୁଁ ଭାବବିହ୍ୱଳ ହୋଇ ମାଳିନୀ କୁବ୍‌ଜାକୁ ଆଦରରେ କୋଳେଇ ନେଲି । ଏହି କୋଳାଗ୍ରତ ଅବସ୍ଥାରେ ମୁଁ ଅନୁଭବ କଲି ତା'ର ପୃଷ୍ଠଦେଶରେ ଏକ ବିଶାଳ ଆବୁ । ସତରେ ପାର୍ଥ ! ମୋ ଆଖିରୁ ଝରିପଡୁଥିବା ଅବିରଳ ଅଶ୍ରୁଧାର ସତେଯେମିତି ଆଉ କୌଣସି ବାଧା, ପ୍ରତିବନ୍ଧକକୁ ସ୍ୱୀକାର ନ କରି କୁବ୍‌ଜାର ସେଇ ବଙ୍କାଟଙ୍କା ଅବାଗିଆ ପିଠି

ଉପରେ ମୋ ଶ୍ରଦ୍ଧାର, ସମ୍ବେଦନାର ପ୍ରାତିପର୍ଣ୍ଣ ଆଉଁଷାକୁ ଭିଜେଇ ଦେଉଥାଏ । କମ୍ପିତ ହାତରେ କୋହସ୍ନାତ ସ୍ପର୍ଶରେ ମୁଁ ତ ପାର୍ଥ ! ଯେମିତି କୁବ୍‌ଜାର ସମସ୍ତ ଅପମାନ, ନିଷ୍ଠୁରତାର ନିଆଁକୁ ଲିଭେଇ ଦେଉଥିଲି । ତା'ହେଲେ କହିଲ ପାର୍ଥ ! ଏହା କ'ଣ ମୋର ଆଜନ୍ମରୁ ସହି ଆସିଥିବା ଦୁର୍ବିପାକର ଦୁଃଖକୁ ଆତ୍ମାରେ ଅନୁଭବ କରି ଆସିବାର ମଗ୍ନପଣ ? କାହିଁକି.... କାହିଁକି ପାର୍ଥ ! ଏତେସବୁ ବିଡ଼ମ୍ବନା ମୋ ଭାଗ୍ୟରେ ? ମୁଁ ଯେତିକି ଯେତିକି ମୋ ଅସାଧାରଣ ଦୁଃଖରୁ ଅତିକ୍ରମ କରିଯିବା ପାଇଁ ବ୍ୟାକୁଳ ହୁଏ ସେତିକି ସେତିକି ରାଧା ପରି, କୁବ୍‌ଜା ପରି ନିରୀହା ନାରୀମାନଙ୍କର ଅପ୍ରତିମ ଆଲୁଳାୟିତ ସ୍ନେହର ବନ୍ଧନରେ ନିବିଡ଼ ଭାବରେ ଉତ୍ତାଳ ହେବାପାଇଁ ଆତୁର ହୋଇଉଠେ । ଅରକ୍ଷ ଆତ୍ମା ମୋର କାହିଁକି ଯେ ଏତେ ମାନବିକ ଦୁଃଖ, କ୍ଲେଶ, ଯନ୍ତ୍ରଣାରେ ଆହତ ହୁଏ ପାର୍ଥ ?

ବୋହିଯାଉଥିବା ଅଶ୍ରୁଧାରକୁ ପୋଛିଦେଇ ଅତି ଆଦରରେ ମୋର ଗଳାରେ ଉଦ୍ଧବ ଦେଇଥିବା କଦମ୍ବ ଫୁଲର ମାଳାକୁ କାଢ଼ି ଆଣି ମାଳିନୀ କୁବ୍‌ଜାର ବେକରେ ପିନ୍ଧାଇ ଦେଲି । ତା'ର ଶିରାଳ ଆଙ୍ଗୁଠିମାନଙ୍କୁ ମୋର ଦୁଇ ପାପୁଲିରେ ଭିଡ଼ିଧରି କହିଲି, ''ହେ ମୋର ଶକ୍ତିମୟୀ ମାଳିନୀ କୁବ୍‌ଜା ! ତମେ କ'ଣ ଜାଣିନ, ମୁଁ ପରା ତମକୁ ସେଇ ଶିଶିର ଭିଜା ସକାଳରେ ସ୍ୱପ୍ନକୁ, ଜୀବନକୁ ସାଉଁଟିବାର ପ୍ରତ୍ୟୟ ଦେଇ ଆସିଥିଲି । ଆଜି ପୁଣିଥରେ ତୁମ ନିଜପାଖେ ଦମ୍ଭ ଧରି ଏକୁଟିଆ ଠିଆ ହେବାର ଅସରନ୍ତି ବିଶ୍ୱାସକୁ ଦେଇ ଦେବାକୁ ଆସିଛି । ଉଠ ! ଆଉ କାନ୍ଦନି । ତୁମର ଅକପଟ ଶ୍ରଦ୍ଧା ଓ ସ୍ନେହକୁ ସତରେ, କୁବ୍‌ଜା ! ମୁଁ କେବେହେଲେ ଭୁଲିପାରିବି ନାହିଁ ।''

କୁବ୍‌ଜାର ଲୁହ କାହାରି ମନା ମାନିବାକୁ ଯେମିତି ପ୍ରସ୍ତୁତ ହେଉ ନଥିଲା । କୂଳଲଂଘା ତଟିନୀ ପରି ସେ ଆହୁରି ଆହୁରି କୋହରେ, ଲୁହରେ ଅମାନିଆ ହୋଇପଡୁଥିଲା । କୁବ୍‌ଜା ପ୍ରଗଳ୍‌ଭା ଭଳି କହୁଥିଲା, ''ତୁମେ ଏତିକି ଛୋଟ ବୟସରୁ ଯେଉଁ ଅଭୂତପୂର୍ବ ଶକ୍ତି ସାହାସିକତାର ପ୍ରଦର୍ଶନ କରିପାରିଛ, ମୁଁ ଜାଣେ ତୁମେ ଦିନେ ଏହି ବସୁଧାର ରାଜଚକ୍ରବର୍ତ୍ତୀର ସିଂହାସନରେ ଅଧିଷ୍ଠିତ ହେବ । ବହୁ ନରନାରୀଙ୍କର ହେବ ହୃଦୟେଶ୍ୱର । ସେଥିପାଇଁ ଦେଖୁନ ତୁମ ପାଦ ପଡ଼ିଲାକ୍ଷଣି କେମିତି ମଥୁରାର ଗଛବୃଛ, ନଗ୍ର ଜନପଦ ସମସ୍ତ ପରିବେଶ ଆସ୍ଥାମୟ, ବିଶ୍ୱସନୀୟ ହୋଇଉଠିଛି । ସବୁ କୋଣ ଅନୁକୋଣରେ ଉଚ୍ଚାରିତ ହେଉଛି ଗୋଟିଏ ସ୍ୱର-ତମେ ପାରିବ.... ନିଶ୍ଚେ ପାରିବ ।''

କୁବ୍‌ଜାର ବିଭୋର ଅନାବିଳ ସ୍ନେହ ଶ୍ରଦ୍ଧାର ଆତିଥ୍ୟରେ ମୁଁ ବାରମ୍ବାର ମଗ୍ନ ଆଛନ୍ନ ହୋଇପଡୁଥିଲି । ଅଦ୍ଭୁତ ଭାବରେ ଏକ ସ୍ନିଗ୍ଧତମ ମଧୁର ଆବେଗରେ ମୁଁ ଗୋଟାପଣେ ଭିଜି ଯାଇଥିଲି ।

ଅକ୍ରୂର କକା ଗଲେ କୁଆଡ଼େ ? ମୋର ଏହି ପ୍ରଶ୍ନରେ ସୁଲଗ୍ନା ଚତୁର୍ଦ୍ଦିଗକୁ ତୀକ୍ଷ୍ଣତାର ସହିତ ଦୃଷ୍ଟି ନିକ୍ଷେପ କଲା ଭିତରେ ଅକ୍ରୂର କକା ମୋ ଆଡ଼କୁ ଆଗେଇ ଆସିଲେ ।

ଅକ୍ରୂରଙ୍କୁ ଉଦ୍ଦେଶ୍ୟ କରି ମୁଁ କହିଲି, ''କକା ! ମୁଁ ମଥୁରା ରାଜମହଲକୁ ଯିବା ପୂର୍ବରୁ କୁବ୍‌ଜାର ଗୃହରେ କିଛି ସମୟ ବିତାଇବାକୁ ଚାହେଁ । ନା କ'ଣ କହୁଛ ବଳରାମ ଭାଇନା ? ବଳରାମ ଭାଇନା ମୋର ଏହି ପ୍ରସ୍ତାବକୁ ହଁ କହିବା ପୂର୍ବରୁ ସୁଲଗ୍ନା ତତ୍‌କ୍ଷଣାତ୍ କହି ଉଠିଲା, ''ହଁ, ଯାହା ତୁମର ଇଚ୍ଛା । ତେବେ ମହାରାଜା କଂସଙ୍କୁ ଏଥିନେଇ ମୁଁ ସୂଚନା ଦେଇ ଆସେ ।''

ଅନତି ଦୂରରେ ଥିବା ଅଶ୍ୱଯୁକ୍ତ ରଥରେ ସୁଲଗ୍ନା ଆରୋହଣ କରି କଂସଙ୍କୁ ଆମ ଆଗମନର ସବିଶେଷ ସମ୍ବାଦ ଦେବାପାଇଁ ରାଜମହଲ ଆଡ଼କୁ ଚାଲିଗଲା ପରେ କୁବ୍‌ଜା ଆମକୁ ତା' ଘରକୁ ବଡ଼ ଆନନ୍ଦରେ ପାଛୋଟି ନେଲା । ବଳରାମ ଭାଇନା ମତେ କହିଲେ, ''ବୁଝିଲୁ, କାହ୍ନା ! କୁବ୍‌ଜା ପରି ସ୍ନେହାସ୍ପଦା ଶ୍ରଦ୍ଧାଶୀଳା ନାରୀର ଏ ଯେଉଁ ଆଶୀର୍ବାଦ, ଆମର ମଥୁରା ଆଗମନ ବେଳରେ ସତରେ ଅତ୍ୟନ୍ତ ଶୁଭଶକୁନ ସଦୃଶ ହୋଇଛି ।''

ମୁଁ ସ୍ମିତ ହସି ବଳରାମ ଭାଇନାଙ୍କ ମତକୁ ସାଗ୍ରହେ ସମର୍ଥନ ଜଣାଇଲି ।

ଆମେ ଦୁଇ ଭାଇ ଯେ ଅକ୍ରୂର କକାଙ୍କ ସହିତ ବୃନ୍ଦାବନରୁ ଆସି ମଥୁରାରେ ପହଞ୍ଚିସାରିଛୁ ଏବଂ ସିଧାସଳଖ ମାମୁଁଙ୍କ ରାଜଭବନକୁ ଯିବା ବାଟରେ କିଛି ସମୟ ପାଇଁ କୁବ୍‌ଜାର ବାସଗୃହରେ ବିଶ୍ରାମ କରିଛୁ, ଏହି ଖବର ସମଗ୍ର ମଥୁରାରେ ବିଜୁଳି ବେଗରେ ବ୍ୟାପି ଯାଇଥିଲା । ହାତରେ ଫୁଲମାଳ ଧରି ଖଡ଼୍‌ଗ, ଭାଲା, ପରଶୁ, ମୁଷଳ,ଗଦା.... ଯା' ହାତରେ ଯେଉଁ ଅସ୍ତ୍ର ପଡ଼ିଲା, ସେସବୁ ନଚାଇ ନଚାଇ ଯାଦବ ଯୁବକମାନେ କୁବ୍‌ଜାର କୁଟୀର ସମ୍ମୁଖରେ ଠୁଳ ହୋଇପଡ଼ିଥିଲେ । ଏହି ଅସମ୍ଭବ ଭିଡ଼କୁ ସମ୍ଭାଳିବା ଏବେ ଅକ୍ରୂର କକାଙ୍କ ପାଇଁ ସାଧାତୀତ ବ୍ୟାପାର ଥିଲା । ମୁଁ ଓ ବଳରାମ ଭାଇନା ମଧ ଏହି ସମ୍ଭାବନାର ଦୃଶ୍ୟ ବୃନ୍ଦାବନରୁ ମଥୁରା ଆସିଲାବେଳେ ଯମୁନା ନଦୀରେ ଭାସମାନ ତରୀ ଭିତରେ ବସି କଳନା କରୁଥିଲୁ ।

ସହସ୍ରାଧିକ ଯାଦବ ଯୁବକଙ୍କର ଆମ ପ୍ରତି ଏପରି ଶ୍ରଦ୍ଧା ଓ ସମ୍ମାନ ମୋତେ ଅଭିଭୂତ କରି ଦେଇଥିଲା । ମୋ ଭିତରେ କ୍ରମଶଃ ମୁଁ ନିଜକୁ ଅଧିକ ଉତ୍ସାହିତ, ଶକ୍ତିଶାଳୀ ଅନୁଭବ କରୁଥିଲି । ମୁଁ ସେମାନଙ୍କୁ ଯୋଡ଼ ହସ୍ତରେ ପ୍ରଣାମ କରି କହିଲି ''ମଥୁରାର ହେ ମୋର ଯାଦବ ଭ୍ରାତାମାନେ ! ମୁଁ କିଛି ସମୟ ମାଳିନୀ ଦେବୀ କୁବ୍‌ଜାଙ୍କର ସାନ୍ନିଧ୍ୟରେ ବିତାଇବାକୁ ଚାହେଁ । ତୁମେ ସମସ୍ତେ ନିଜ ନିଜ ଘରକୁ ଏବେ ଚାଲିଯାଅ । ଆସନ୍ତା କାଲି ସକାଳର ଧନୁର୍ଯଜ୍ଞରେ ପୁଣି ଭେଟ ହେବ, ପ୍ରଣାମ ।''

ମୋର ଏତକ କଥା ଶୁଣିବାକ୍ଷଣି ଘୁ ଘୁ ସମୁଦ୍ର ଗର୍ଜନ ସମ ମାଡ଼ି ଆସିଥିବା ଯାଦବ ବାହିନୀ, ହଠାତ୍ ଶାନ୍ତ ହୋଇଗଲେ । 'ଜୟ, କୃଷ୍ଣ- ବଳରାମଙ୍କ ଜୟ' ଧ୍ୱନି ଦେଇ ସେମାନେ ଯେ ଯାହା ଘରକୁ ଫେରିଗଲେ । ମାଳିନୀ...କୁବ୍‌ଜା, ଆମେ ଦୁଇ ଭାଇ ତା' ଘରେ ରାତିକ ରହିବା କଥା ଶୁଣିବା ବେଳଠାରୁ ଆଉ ତା'ର ଗୋଡ଼ ତଳେ ଲାଗୁ ନଥାଏ । ସତେଯେମିତି କାଳ କାଳ ଧରି ସେ ଆମ ଦୁଇଭାଇଙ୍କ ସାନ୍ନିଧ୍ୟ ଆଶାରେ ହିଁ ଅପେକ୍ଷା କରି ରହିଥିଲା । କୁବ୍‌ଜା ଆମ ଦୁଇଭାଇଙ୍କୁ ନେଇ ଆସି ତା'ର କୁଟୀରରେ ପହଞ୍ଚିଲା । ଆମ୍ବ, ପଣସ, ନଡ଼ିଆ, ଲିଚୁ, କଦଳୀ ଗଛର ବର୍ଣ୍ଣାଢ୍ୟ ସବୁଜିମାର ଅପରୂପ ଶୋଭା ସହିତ ଜାଈ ଯୂଈ, ମନ୍ଦାର, ଟଗର, କନିଅର, ଗେଣ୍ଡୁ, ମାଳତି ଆଦି ଅନେକ ଫୁଲଗଛରେ ବଡ଼ ସୁନ୍ଦର ଭାବରେ ମଣ୍ଡି ହୋଇଥାଏ କୁବ୍‌ଜାର ପରିଷ୍କାର, ପରିଚ୍ଛନ୍ନ, ମାଟି ଗୋବର ଲିପା ଘରଟି । ମାଳିନୀ ଅତି ଯତ୍ନରେ ତା'ର କାନିପଣତରେ ପିଣ୍ଡାଟାକୁ ଝାଡ଼ିଦେଇ ଆମ ପାଇଁ ବସିବାକୁ ଆସନ ପାରିଦେଲା । ମୁଁ ବଳରାମ ଭାଇନାଙ୍କର ମୁହଁକୁ ଚାହିଁ କହିଲି, ''ଭାଇନା ! ସତରେ ଯଦି ଆମେ କୁବ୍‌ଜା ମାଳିନୀର ଘରକୁ ଆସି ନଥାନ୍ତେ, ତା'ହେଲେ ଜୀବନରେ ମସ୍ତବଡ଼ ଏକ ମହାର୍ଘ ଅନୁଭବରୁ ବଞ୍ଚିତ ହୋଇଥାନ୍ତେ, ନୁହେଁ ?''

ସତରେ ପାର୍ଥ ! କୁବ୍‌ଜାର ସେହି ସ୍ନେହ ଶ୍ରଦ୍ଧା, ଆସ୍ଥା ଓ ବିଶ୍ୱାସ ଘେରା ସେଇ ଛୋଟ ଘରଟିରେ ଆମେ ଦୁଇ ଭାଇ ବସିଥିଲାବେଳେ ମୋର କେଜାଣି କାହିଁକି ମା'ଙ୍କର ଅମୃତ ଆଶିଷଭରା ହାତର ସ୍ପର୍ଶ ଟିକେ ମୋ ଦେହରେ ବୋଳି ହୋଇଯାନ୍ତା କି ବୋଲି ବେଶି ମନେପଡୁଥିଲା । ମା'ଙ୍କର କୋଳର ଉଷୁମ ନିବିଡ଼ତା, ଶୈଶବର କୁନି କୁନି ସ୍ୱପ୍ନଙ୍କର କଅଁଳ ଇଚ୍ଛାସବୁ ମୋର ବାରମ୍ବାର ମନେପଡୁଥିଲା । ଜୀବନକୁ ମହ ମହ ବାସ୍ନାରେ ବାସ୍ନାମୟ କରିବା ମୁଁ କେଉଁଠୁ ଶିଖିଥିଲି କି ? ସେଇ ମୋର ପ୍ରିୟ ଗୋପପୁରର ମୋହାବିଷ୍ଟ ଅନିନ୍ଦ୍ୟ ସୁନ୍ଦର ପ୍ରାକୃତିକ ସୁଷମା ବିମଣ୍ଡିତ ବିଭବ ଭିତରେ ମୁଁ ସୃଜନର ମନ୍ତ୍ର ଉଚ୍ଚାରଣ କରିବା ଶିଖିଥିଲି । ମୋର ସ୍ନେହମୟୀ ମା', ସାନମା', ନନ୍ଦବାବା, ଜେଜେ, କକା ଖୁଡ଼ୀମାନେ, ସଖା ଗୋପବାସୀମାନେ ତଥା ଯମୁନା ମତେ ଜୀବନକୁ, ସତ୍ୟକୁ ସ୍ନାୟୁରେ, ପ୍ରଗଳ୍‌ଭତାରେ ସ୍ନେହର ଛଳଛଳପଣରେ କିପରି ସମ୍ବେଦନଶୀଳ କରାଯାଇପାରେ ଶିଖାଇ ଦେଇଥିଲେ । ଆଉ ମୋର ପରମ ପାବନୀ ପ୍ରେମଯୋଗିନୀ ରାଧା ମତେ ଭଲପାଇବାର ମହକରେ, ଆଞ୍ଜୁଳା ଆଞ୍ଜୁଳା ଅଶ୍ରୁରେ ଭିଜେଇଦେଇ ତାଙ୍କର ବିଶୁଦ୍ଧ ପ୍ରେମ ଅର୍ପଣ କରିଦେଇଥିଲେ । ଠିକ୍ ସେହି ଆତ୍ମୀୟପଣ କୁବ୍‌ଜାର ମମତାମୟୀ ନିଷ୍ପାପ ଆବେଗର ବିଭୋରତାରେ ଆମ ଦୁଇ ଭାଇ ଆତ୍ମାରେ... ଆତ୍ମାରେ ଅନୁଭବ କରୁଥିଲୁ ।

କୁବ୍‌ଜା ଆମ ଦୁଇଭାଇଙ୍କୁ ବସାଇ ଦେଇ ପରମ ଆଦରରେ ପରଷି ଦେଇଥିଲା କେତେ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ । ଖେଚେଡ଼ି, କାନିକା, ଡାଲି, ବେସର, ଆମ୍ବିଳ, ମହୁର, ଶାଗ, ନଅପ୍ରକାର ଭଜା, କ୍ଷୀରି, ଦହି, ଲହୁଣି, ଆରିଷା,କାକରା,ମଣ୍ଡା,ପୋଡ଼ପିଠା, ଚକୁଳି, ଖଜା, ସରପୁଲି, ଚିତୋଉ, ଧୁମ୍ପା ଚକୁଳି, ଚନ୍ଦ୍ରକାନ୍ତି, ବିରିଲଡୁ ଏମିତି କେତେ କ'ଣ ? ମତେ ଓ ଭାଇନାଙ୍କୁ କୁବ୍‌ଜା ବଳେଇ ବଳେଇ ସବୁ ବ୍ୟଞ୍ଜନରୁ ଟିକେ ଟିକେ ନେଇ ଖୋଇ ଦେଉଥାଏ । ମୋ ପିଠି ଓ ଭାଇନାଙ୍କ ପିଠିକୁ ଆଉଁଷି ଦେଉଥାଏ । ଆଖିରୁ ତା'ର ଧାର ଧାର ପ୍ରେମାଶ୍ରୁ ବୋହି ଚାଲିଥାଏ । ଅନେକ ଦିନର ଅଜସ୍ର ରୁଦ୍ଧ ଅଭିମାନତକ ତରଳି ଉଛୁଳି ଯେମିତି ବାହାରି ଆସୁଥାଏ । ମୋର ଚିବୁକକୁ ଟିକେ ଛୁଇଁଦେଇ କାନ୍ଦି କାନ୍ଦି କୁବ୍‌ଜା କୋହଭରା କଣ୍ଠରେ କହିଲା, 'ହେ ପ୍ରାଣପ୍ରିୟ କୃଷ୍ଣ ବଳରାମ ! ତମେ ଦୁହେଁ ଏ ନିରିମାଖି ଅସୁନ୍ଦରୀ ଅଲୋଡ଼ା କୁବ୍‌ଜାର ଘରକୁ ଆସି ମତେ ଯେମିତି ଅପୂର୍ବ ଆତ୍ମୀୟତାରେ ଛଳଛଳ କରିଦେଇଛ । ମୋର ଅପମାନିତ ନାରୀତ୍ୱ ଓ ମାତୃତ୍ୱକୁ ପ୍ରୀତିପର୍ଶ କରିଦେଇ, ତମର ସେହି ଅସାଧାରଣ ଅନୁରାଗରେ ମୋର ବଙ୍କାଟଙ୍କା ଅବାଗିଆ ଖାଇଖମା ପିଠିର ଅପମାନିତ ବୋଝକୁ ଏମିତି ଆଉଁଷି ଦେଇଛ ଯେ ତା'ର ପଟାନ୍ତର ନାହିଁ । ମତେ ତମର ସାନ୍ନିଧରେ ସେବା କରିବାର ସୁଯୋଗ ଦେଇ କୃତାର୍ଥ କରିଦେଇଛ । ମୋର ଶେଷନିଃଶ୍ୱାସ ଥିଲା ପର୍ଯ୍ୟନ୍ତ କାହ୍ନା ! ସେଇତକ ମହାଅନୁଭବପ୍ରାପ୍ତିରେ ମୁଁ ସାର୍ଥକ ହୋଇଯିବି । ମୋର ଆଉ କ'ଣ ଲୋଡ଼ା ଯେ ।

କୁବ୍‌ଜାକୁ ମୁଁ ପରମ ସ୍ନେହରେ କୋଳାଗ୍ରତ କରି ପକାଇଲି । ତା'ର ସବୁ ଅକୁହା କୋହ, ଦୁଃଖ,ଯନ୍ତ୍ରଣାକୁ ମୋ ଭିତରେ ଆଶ୍ଲେଷି ନେବାର ଚେଷ୍ଟାକରୁଥିଲି । କୁବ୍‌ଜାର ଅନନ୍ୟ ଉଜ୍ଜ୍ୱଳ ହୃଦୟବତ୍ତାକୁ ଆହୁରି ଗଭୀର ଭାବରେ ଅନୁଭବ କରୁଥିଲି । ଏମିତି ଆଚ୍ଛନ୍ନ, ମଗ୍ନ ମୌନତା ଭିତରେ କେତେ ସମୟ, ମୁହୂର୍ତ୍ତ ବିତିଯାଇଥିଲା ଯେ କେଜାଣି ? ସୁଲଗ୍ନାର ଉପସ୍ଥିତି ଆମକୁ ବାସ୍ତବତାକୁ ଫେରାଇଆଣିଥିଲା । କୁବ୍‌ଜା ସୁଲଗ୍ନାକୁ କହିଲା, 'ସୁଲଗ୍ନା ! ତୁ ଅନେକବେଳୁ ରାଜମହଲକୁ ଯାଇଛୁ ଯେ ଯାଇଛୁ । ଆ ! ଟିକେ କ'ଣ ଖାଇ ଦେ, ତତେ ଭୋକ କରୁଥିବ ।'

ସୁଲଗ୍ନା ହସିଦେଲା ଓ କହିଲା, 'ମହାରାଜ କଂସଙ୍କୁ ତୁମ ଦୁଇ ଜଣଙ୍କର ଆଗମନ ସମ୍ପର୍କରେ ସମସ୍ତ ସୂଚନା ଦେଇଆସିଲି । ଏକଥା ମଧ୍ୟ ଜଣାଇଦେଲି ଯେ ତୁମେ ଦୁହେଁ ରାତିକ ପାଇଁ କୁବ୍‌ଜା ଘରେ ଅବସ୍ଥାନ କରୁଛ । ଅବଶ୍ୟ ଏଠାରେ ରହିବାରେ ସେ କୌଣସି ଆପତ୍ତି ଜଣାଇଲେ ନାହିଁ; କିନ୍ତୁ ତାଙ୍କ ମନରେ କିଛି ସନ୍ଦେହ ନିଶ୍ଚୟ ରହିଛି । ମହାରାଜ ଆଜି ରାତିରେ ଏକ ଗୁପ୍ତ ଜରୁରୀ

ବୈଠକ ଡକାଇଛନ୍ତି । ଛନ୍ଦକ, ଗର୍ଗାଚାର୍ଯ୍ୟଙ୍କୁ ମଧ ଡକାଯାଇଛି । ବୃତଧ୍ନ, ପ୍ରଦ୍ୟୋତ, କେଶୀ,ମୁଷ୍ଟିର, ଚାଣୂର ପ୍ରମୁଖ ସେନାନାୟକ ଓ ଯୋଦ୍ଧାମାନଙ୍କୁ କଂସ ଡକାଇଛି । ତୁମ ଦୁଇ ଭାଇଙ୍କୁ ମାରିବାର ସମସ୍ତ ଷଡ଼ଯନ୍ତ୍ର ହୋଇସାରିଛି । ଏହି ଧନୁର୍ଯଜ୍ଞ କେବଳ ବାହାନା ମାତ୍ର । ଚତୁର୍ଦ୍ଦିଗରେ କଂସର ଗୁପ୍ତଚରମାନେ ଛପି ରହିଛନ୍ତି । ତେଣୁ ଆମକୁ ସାବଧାନ ରହିବାକୁ ପଡ଼ିବ । ମୋର ଏଠିକି ଆସିବାଟା କେହି ଜାଣିନାହାନ୍ତି ।''

ସୁଲଗ୍ନାର ମୁହଁରେ ଅସମ୍ଭବ ଘୃଣାର ଚିହ୍ନ ସ୍ପଷ୍ଟ ହୋଇଉଠୁଥାଏ ।

ମୁଁ ସୁଲଗ୍ନାକୁ ଚାହିଁ ତା' ଆଖିରେ ଆଖି ମିଶାଇ କହିଲି, ''ସୁଲଗ୍ନା ! ତୁମ କଥା ତ କିଛି କହିଲ ନାହିଁ । ତମେ ଯେ କେବଳ ସାଧାରଣ ବିଶ୍ୱସ୍ତ ସେବିକା କଂସର, ଏକଥା ମୋର ଆଦୌ ବିଶ୍ୱାସ ହେଉନାହିଁ । ତୁମର ଅସାଧାରଣ ଚତୁରତା, ବୁଦ୍ଧିମତ୍ତା, ମନନଶୀଳ ଦୃଷ୍ଟିକୋଣ ଏସବୁ କୌଣସି ସାଧାରଣ ନାରୀ ପାଖରେ ସହଜରେ ଉପଲବ୍ଧ ହୁଏନା । କାଲି ପାଇଁ ଚିନ୍ତା କରନି ସୁଲଗ୍ନା । ଏଇ ରାତିକ, ଏଇ ମୁହୂର୍ତ୍ତ ହିଁ ଆମ ପାଇଁ ସତ୍ୟ । ଯାହା ମନରେ ଏତେଦିନ ହେଲା ଚାପି ରଖିଚ ସେସବୁ କହିଦିଅ ଖୁବ୍ ହାଲ୍‌କା ଲାଗିବ ।''

ମୁଁ ସ୍ନେହରେ ସୁଲଗ୍ନାର ମୁଣ୍ଡକୁ ଆଉଁଷି ଦେଲି । ମୋର ସ୍ନେହିଳପରଶ ଓ ଆନ୍ତରିକତାରେ ସୁଲଗ୍ନାର ଆଖି ଲୁହରେ ଭିଜିଗଲା । ମନର ଅବରୁଦ୍ଧ କୋହର ଝରଣା ହଠାତ୍ ବାଟପାଇ ଯେମିତି ଝର୍ ଝର୍ ହୋଇ ଝରିପଡ଼ିଲା । ସେ ଆଉ ନିଜକୁ ସମ୍ଭାଳିପାରିଲା ନାହିଁ, କଇଁ କଇଁ କାନ୍ଦିବାକୁ ଲାଗିଲା ।

ମୁଁ ନୀରବରେ ସୁଲଗ୍ନାକୁ କାନ୍ଦିବା ପାଇଁ ଛାଡ଼ିଦେଲି । କୁବ୍‌ଜା ଆମ ଦୁଇଭାଇଙ୍କ ଶୋଇବାପାଇଁ ଭାରି ନରମ ମୁଲାୟମ ବିଛଣାର ବ୍ୟବସ୍ଥା କରିସାରିଥିଲା । କୁବ୍‌ଜାର ଆତିଥ୍ୟ, ତୃପ୍ତିକର ଭୋଜନ ଆମକୁ ଯେମିତି ଶାନ୍ତିରେ ଶୁଆଇଦେବାର ଉପକ୍ରମ କରୁଥିଲା । ଭାଇନାଙ୍କ ଆଖି ଲାଗିଯାଇଥାଏ । କୁବ୍‌ଜା ମଧ ବଡ଼ ତୃପ୍ତିରେ ଶୋଇପଡ଼ିଥାଏ ।

ମୋ ଆଖିରୁ ତନ୍ଦ୍ରା କଟିବାକୁ ଲାଗିଲା । ସୁଲଗ୍ନା ନିଜକୁ କିଛି ପରିମାଣରେ ସେତେବେଳକୁ ସହଜ କରିସାରିଥିଲା ।

ସୁଲଗ୍ନା କହିଲା, ହେ କୃଷ୍ଣ ! ମୁଁ ଯାହା ଜୀବନରେ କଷ୍ଟ ଭୋଗ କରିଛି, ଅପମାନର ଧାସରେ ତିଳତିଳ ଜଳିଛି ଓ ମୋ ଆଖି ଆଗରେ ମୋ ପରିବାରବର୍ଗଙ୍କୁ ଯେପରି ଭାବରେ ଏ ଅତ୍ୟାଚାରୀ ରକ୍ତପିପାସୁ କଂସ ନିଃଶେଷ କରିଦେଇଛି, ତାକୁ ମୁଁ ଏତେ ସହଜରେ କଦାପି ଛାଡ଼ିବି ନାହିଁ । ମୁଁ ମହାନ୍ ଯୋଦ୍ଧା ହିରଣ୍ୟକଶିପୁ, ହିରଣାକ୍ଷଙ୍କର ବଂଶଧର । ମୋ ରକ୍ତରେ ସ୍ୱାଭିମାନ ଓ ଦେଶପ୍ରେମର

ରକ୍ତପ୍ରବାହିତ । ତେଣୁ ମୁଁ ପ୍ରତି ମୁହୂର୍ତ୍ତରେ, ପ୍ରତିକ୍ଷଣରେ ପ୍ରତିଶୋଧର ନିଆଁରେ ଜଳିଛି । ସେହି ଅଗ୍ନିକ୍ଷରଣର କାହାଣୀ ମୁଁ ତମକୁ ନିଷୟ କହିବି କାହ୍ନା, ! ନିଷୟ କହିବି ।''

ବୁଝିଲ ପାର୍ଥ ! ସାତ ସହସ୍ରାବ୍ଦୀ ପୂର୍ବେ ବାଲିଦ୍ୱୀପର ନିର୍ଜନ କୁମାରୀବନ ଏବଂ ସମୁଦ୍ରତଟରେ ନର, ନାଗ, ଦେବ, ଦୈତ୍ୟ, ଅସୁର, ମାନୁଷ, ବ୍ରାତ୍ୟ ସମସ୍ତେ ଏକାଠି ରହୁଥିଲେ । ଏ ସମସ୍ତଙ୍କ ମଧ୍ୟରେ ମୁକ୍ତ ସହବାସ ମଧ୍ୟ ପ୍ରଚଳିତ ଥିଲା । ଭାରତ ଭୂଖଣ୍ଡ ବାଲି, ଯବଦ୍ୱୀପ, ଲଙ୍କା, ସୁମାତ୍ରା ପ୍ରଭୃତି ଦ୍ୱୀପଗୁଡ଼ିକର ସ୍ଥଳଭାଗରେ ସଂଯୁକ୍ତ ହୋଇଥିଲା । ଏପରିକି ଏହି ଅଞ୍ଚଳଗୁଡ଼ିକ ବାଣିଜ୍ୟ ବ୍ୟବସାୟ ଦ୍ୱାରା ସମୃଦ୍ଧ ଥିଲା । ଏହିସବୁ ଦ୍ୱୀପମାନଙ୍କରେ ନର, ନାଗ, ଦେବ, ଦୈତ୍ୟ, ଅସୁର, ମାନୁଷ, ବ୍ରାତ୍ୟ ଆଦି ସମସ୍ତ ନୃବଂଶର ଜନ ଏକତ୍ର ବାସ କରୁଥିଲେ ।

ସେତେବେଳକୁ କୁଶଦ୍ୱୀପ ମଧ୍ୟ ଭାରତ ଭୂଖଣ୍ଡର ଅନ୍ତର୍ଭୁକ୍ତ ଥିଲା । ବିନ୍ଧ୍ୟ ପର୍ବତର ଅପର ପଟରେ ଭାରତର ଉତ୍ତରାପଥରେ ଆର୍ଯ୍ୟାବର୍ତ୍ତ ଥିଲା । ସୂର୍ଯ୍ୟମଣ୍ଡଳ ଓ ଚନ୍ଦ୍ରମଣ୍ଡଳ ନାମରେ ଦୁଇଟି ଆର୍ଯ୍ୟ ରାଜ୍ୟ ରହିଥିଲା । ସୂର୍ଯ୍ୟମଣ୍ଡଳରେ ମାନବକୁଳ ଓ ଚନ୍ଦ୍ରମଣ୍ଡଳରେ ଇଳାଙ୍କ ଦ୍ୱାରା ପ୍ରତିଷ୍ଠିତ ଏଳକୁଳ ରାଜତ୍ୱ କରୁଥିଲେ । ଉତ୍ତରା ପଥରୁ ଉପରକୁ ଭାରତବର୍ଷର ସୀମାନ୍ତରେ ପିଶାଚ, ଗାନ୍ଧର୍ବ, କିନ୍ନର, ଦେବ ଏବଂ ଅସୁରମାନଙ୍କର ଜନପଦ ଥିଲା ।

ଏଳାବର୍ତ୍ତରେ ଆଦିତ୍ୟମାନେ ମୂଳରୁ ରହିଆସୁଥିଲେ । ଉରପୁର ଓ ଅତ୍ରିପତ୍ତନରେ ଦେବ, ଅସୁର, ଗରୁଡ଼, ନାଗ, ଦାନବମାନଙ୍କର ଖଣ୍ଡରାଜ୍ୟ ସବୁ ବିସ୍ତୃତ ହୋଇ ରହିଥିଲା । ଆର୍ଯ୍ୟମାନେ ମୁଖ୍ୟତଃ ଯେଉଁ ଗିରିଜନବାସୀଙ୍କୁ ଯୁଦ୍ଧରେ ପରାସ୍ତ କରୁଥିଲେ, ସେମାନଙ୍କୁ ନେଇ ଦକ୍ଷିଣ ଦିଗର ଘଞ୍ଚ ଅରଣ୍ୟାନିରେ ନିର୍ବାସିତ କରି ଦେଉଥିଲେ । ସେଥିପାଇଁ ଦକ୍ଷିଣର ଅରଣ୍ୟ ଅଞ୍ଚଳରେ ନିର୍ବାସିତ, ଶୋଷିତ, ଅତ୍ୟାଚାରିତମାନଙ୍କ ଦ୍ୱାରା ବହୁସଂଖ୍ୟକ ଜନପଦ ସୃଷ୍ଟି ହୋଇସାରିଥିଲା । ଏମିତି ହେଲା ଯେ, ସେମାନଙ୍କର ବଂଶ ବୃଦ୍ଧି ଘଟି ଦକ୍ଷିଣ ତଟଦେଶରେ ଥିବା ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ସେମାନେ ବସତି ସ୍ଥାପନ କରିବାକୁ ଲାଗିଲେ ।

ଏହାଦ୍ୱାରା ସେଠାରେ ବାସ କରୁଥିବା ଅଧିବାସୀମାନଙ୍କ ସହିତ ଏହି ଗିରିଜନବାସୀଙ୍କର ବୈବାହିକ ସମ୍ପର୍କ ସ୍ଥାପିତ ହେଲା । ଉଭୟ ସଂସ୍କୃତିର ମିଳନ ହେବାଫଳରେ ଏକ ସମୃଦ୍ଧ ଦାକ୍ଷିଣାତ୍ୟ ସଭ୍ୟତାର ରୂପରେଖ ବିକଶିତ ହୋଇପାରିଲା । ପ୍ରସିଦ୍ଧ ଋଷି ପୁଲସ୍ତ୍ୟଙ୍କର ପରିବାର ଦକ୍ଷିଣ ସମୁଦ୍ରତଟରେ ତ୍ରିକୂଟ ପର୍ବତରେ ଅବସ୍ଥିତ ରାଜଧାନୀ ଲଙ୍କାପୁରୀରେ ଅବସ୍ଥାନ କରି ପରମ ଐଶ୍ୱର୍ଯ୍ୟ ଭୋଗ କରିବାକୁ ଲାଗିଥିଲେ ।

ପୁଲସ୍ତ୍ୟଙ୍କର ପୁତ୍ର ବୈଶ୍ରବଣ କୁବେର ସେହି ନଗରୀକୁ ନୂତନ ଦୀପ୍ତି ପ୍ରଦାନ କଲେ । ସେଥିପାଇଁ ସମସ୍ତ ଦେବ, ଗନ୍ଧର୍ବ, ଯକ୍ଷ, ଅପ୍ସରା, ଅସୁର, ଦାନବ ତାଙ୍କୁ ସହଯୋଗ କରିଥିଲେ । କାଳକ୍ରମେ ଦୈତ୍ୟମାନଙ୍କର ପ୍ରବଳ ପ୍ରତାପରେ ସମଗ୍ର ଭାରତ ଭୂଖଣ୍ଡ ତ୍ରାହି ତ୍ରାହି ଡାକଦେଲା। ଦୈତ୍ୟମାନଙ୍କର ଭୟ ଓ ଚାପଯୋଗୁ ଗନ୍ଧର୍ବମାନେ ନିଜର କନ୍ୟାମାନଙ୍କୁ ଅସୁରମାନଙ୍କ ସହିତ ବିବାହ କରାଇବା ପାଇଁ ବାଧ୍ୟ ହେଉଥିଲେ । ସେଥିପାଇଁ ବିଶ୍ୱାବସୁ ନାମରେ ଜଣେ ପ୍ରତିପତ୍ତିଶାଳୀ ଗନ୍ଧର୍ବ ନିଜ ପୁତ୍ରୀ ବେଦବତୀଙ୍କୁ ସୁକେଶ ଦୈତ୍ୟ ସହିତ ବିବାହ କରାଇଥିଲେ ।

ସେମାନଙ୍କର ତିନୋଟି ଅତ୍ୟନ୍ତ ବଳଶାଳୀ ତେଜସ୍ୱୀ ପୁତ୍ର ଜନ୍ମ ହୋଇଥିଲେ । ସେମାନେ ହେଲେ ମାଳୀ, ସୁମାଳୀ ଓ ମାଲ୍ୟବାନ । ଏହି ତିନିଭାଇ ଦକ୍ଷିଣ ସମୁଦ୍ର ତଟରେ ତ୍ରିକୂଟ ସୁବେଳ ପର୍ବତ ଉପରେ ଏକ ବିଶାଳ ନଗରୀ ଓ ସୁରମ୍ୟ ଭବନ ପ୍ରତିଷ୍ଠା କଲେ । ଏହି ଭବନର ଅତୁଳନୀୟ ସୌନ୍ଦର୍ଯ୍ୟ ସମଗ୍ର ଉତ୍ତରାଖଣ୍ଡ ତଥା ଅନ୍ୟାନ୍ୟ ନଗ୍ର ଜନପଦ ଗୁଡ଼ିକର ଦୃଷ୍ଟି ଆକର୍ଷଣ କରି ଈର୍ଷାର କାରଣ ହୋଇଥିଲା ।

ନିଜର ଅସାଧାରଣ ପରାକ୍ରମ ଓ ଶକ୍ତି ଦ୍ୱାରା ଏହି ତିନିଭାଇ ତଥା ସେମାନଙ୍କର ପୁତ୍ରପୌତ୍ର ପରିଜନମାନେ ନିକଟବର୍ତ୍ତୀ ଦ୍ୱୀପମାନଙ୍କୁ ଜୟ କରି ଅମାପ ମଣି, ମାଣିକ୍ୟ, ସୁବର୍ଣ୍ଣ ଲୁଟିଆଣି ନିଜର ନଗରୀରେ ଠୁଳ କରିରଖିଲେ । ଏ ସମସ୍ତଙ୍କ ମଧ୍ୟରୁ ଦିତିଙ୍କର ପୁଅ ହିରଣ୍ୟକଶିପୁ ତାଙ୍କର ଅନ୍ୟ ଭାଇମାନଙ୍କଠାରୁ ଅଧିକ ପରାକ୍ରମୀ ଓ ଶକ୍ତିଶାଳୀ ହୋଇଥିଲେ । ସେମାନଙ୍କର ରାଜ୍ୟ କାଶ୍ୟପ ସମୁଦ୍ର ତଟରୁ ଆରମ୍ଭ କରି ଗଜନୀ, ହିରାତ ହରମ, କୁଞ୍ଜ ଶହର, ଶୁରା ସାନ, ବୁଖାରା, ଗଜଦଶନ, ଶଙ୍କରା, ଓକ, ଶାକଟାରିଆ, ବଣପୁର, କଣ ଆଦି ଅନାର୍ଯ୍ୟ ଦେଶର ସୀମାନ୍ତ ପର୍ଯ୍ୟନ୍ତ ପରିବ୍ୟାପ୍ତ ଓ ଏହି ଦୈତ୍ୟ ବଂଶ ବିସ୍ତାର ଲାଭ କରିଥିଲା ।

ହିରଣ୍ୟକଶିପୁ ନିଜର ନୂତନ ରାଜଧାନୀ ହିରଣ୍ୟପୁର ପ୍ରତିଷ୍ଠା କରିଥିଲେ । ଏହା ଏକ ବିଭବଶାଳୀ ନଗରୀ ଭାବରେ ପ୍ରଖ୍ୟାତ ହୋଇଥିଲା । ଏହି ସମୟ

ବେଳକୁ ଦୈତ୍ୟ ଦାନବଙ୍କର ଗୋଟିଏ ଦିଗରେ ପ୍ରଭାବ ବିସ୍ତାର ହେଉଥିଲାବେଳେ ଅନ୍ୟ ଦିଗରେ ଆଦିତ୍ୟମାନେ ଦେବ ଭାବରେ ପ୍ରତିଷ୍ଠିତ ହୋଇସାରିଥିଲେ ।

ବଳ ଓ ଶାରୀରିକ ଶକ୍ତି ଦୃଷ୍ଟିରୁ ଦୈତ୍ୟମାନଙ୍କର ପରାକ୍ରମ ବେଶି ଥିଲା । ଦେବ ଓ ଦୈତ୍ୟମାନଙ୍କ ସହିତ ଅନ୍ୟ ଦୁଇ ଜାତି ଗରୁଡ଼, ନାଗମାନେ ବାସ କରୁଥିଲେ । ଏହି ଗରୁଡ଼ ଓ ନାଗବଂଶୀମାନେ ଦାନବମାନଙ୍କୁ ସମର୍ଥନ କରୁଥିଲେ । କାଳକ୍ରମେ ଦେବ ଓ ଦୈତ୍ୟମାନଙ୍କର ରାଜ୍ୟ ବିସ୍ତାର ତଥା ବଂଶବିସ୍ତାର ଦୃଷ୍ଟିରୁ ପ୍ରଚୁର ସ୍ଥାନାଭାବ, ଧନାଭାବଜନିତ ଅନେକ ସମସ୍ୟା ସୃଷ୍ଟି ହେଲା । ଯାହାଫଳରେ ମିଳିମିଶି ଚଳିବା ସମ୍ଭବପର ହେଲାନାହିଁ । ତେଣୁ ସେମାନଙ୍କ ମଧ୍ୟରେ ଭୟଙ୍କର କଳହ ସୃଷ୍ଟି ହେଲା । କ୍ରମଶଃ ଏହି କଳହ ଉଗ୍ରରୂପ ଧାରଣ କଲା । ତାହା ଆହୁରି ଭୟଙ୍କର ହେଲା ଯେତେବେଳେ ହରିଣ୍ୟକଶିପୁର ରାଜଧାନୀ ହିରଣ୍ୟପୁରୀଠାରେ ଥିବା କାଶ୍ୟପ ସାଗର କୂଳରେ ଏକ ବିଶାଳ ସୁନାଖଣିର ସନ୍ଧାନ ହିରଣ୍ୟକଶିପୁ ପାଇଲା ଫଳରେ ପ୍ରଥମ ଦେବାସୁର ଯୁଦ୍ଧ ମହାସଂଗ୍ରାମରେ ରୂପାନ୍ତରିତ ହୋଇଗଲା ।

ଦେବ ଅସୁର ଯୁଦ୍ଧ ପ୍ରାୟ ତିନିଶହ ବର୍ଷ ଯାଏ ଲାଗି ରହିଲା । ଦେବାସୁର ଯୁଦ୍ଧର ପରିଣତି ଏତେ ଭୟଙ୍କର ହେଲା ଯେ ଯାହାଫଳରେ ଚଉଦଟି ଯୁଦ୍ଧ ସେମାନଙ୍କ ମଧ୍ୟରେ ସଂଗଠିତ ହେଲା । ସେଥିପାଇଁ ଦେବ, ଦୈତ୍ୟ, ଆଦିତ୍ୟମାନେ ପରସ୍ପରର ଦାୟାଦ, ବାନ୍ଧବ ହୋଇ ମଧ୍ୟ ଚିରଶତ୍ରୁ ପାଲଟିଗଲେ ।

ଦୈତ୍ୟମାନେ ଦାନବମାନଙ୍କ ସହିତ ସମ୍ମିଳିତ ହୋଇ ଯୁଦ୍ଧ କରିଥିଲେ । ସେହିପରି ନାଗ ଓ ଗରୁଡ ମାନଙ୍କୁ ମିଶାଇ ଆଦିତ୍ୟ ବା ଦେବତାମାନେ ସଂଗଠନ, ଦୃଢ଼ କରିଥିଲେ । ଦେବତାମାନଙ୍କର ନେତୃତ୍ୱ ନେଇଥିଲେ ବିଷ୍ଣୁ । ଅସୁରମାନଙ୍କର ନେତୃତ୍ୱ ନେଇଥିଲେ ହିରଣ୍ୟକଶିପୁ । ହିରଣ୍ୟକଶିପୁ ବାସ୍ତବରେ ଜଣେ ମହାନ୍ ଶକ୍ତିଶାଳୀ ଯୋଦ୍ଧା ତଥା ଦୂରଦୃଷ୍ଟିସମ୍ପନ୍ନ ଶାସକ ଥିଲେ । ତାଙ୍କର ବଳବାନ୍ ଶକ୍ତିଧର ଭାଇ ହିରଣାକ୍ଷର ସାହାଯ୍ୟରେ ହିରଣ୍ୟକଶିପୁ ସମଗ୍ର ଦେବଲୋକକୁ କରାୟତ୍ତ କରିପାରିଥିଲେ । ଦେବତାମାନଙ୍କୁ ମାରି ଘଉଡ଼ାଇ ଦେଉଥିଲେ । ସେଥିପାଇଁ କାଶ୍ୟପ ସାଗର ତଟବର୍ତ୍ତୀ ସମସ୍ତ ଅଞ୍ଚଳ ହରିଣ୍ୟକଶିପୁର ନିୟନ୍ତ୍ରଣକୁ ଆସିସାରିଥିଲା । ଦେବଗଣ ଦୈତ୍ୟ ଦାନବମାନଙ୍କର ଶକ୍ତିଶାଳୀ ଯୁଦ୍ଧ ରଚନା ଯୋଗୁ ଚତୁର୍ଦ୍ଦିଗରୁ ପଣବନ୍ଦୀ ଭଳି ରହିଯାଇଥିଲେ । ଦେବତାମାନଙ୍କର ପରାଜୟ ସୁନିଶ୍ଚିତ ବୋଲି ଜଣାପଡ଼ିଯିବା ଫଳରେ ଦେବନେତା ବିଷ୍ଣୁ ଅତ୍ୟନ୍ତ ବିଚଳିତ ହୋଇପଡ଼ିଥିଲେ । ତେଣୁ ଛଳେ ବଳେ କୌଶଳେ ହିରଣ୍ୟକଶିପୁକୁ ପରାସ୍ତ କରିବାର ଉପାୟ ସେ ସ୍ଥିର କରୁଥିଲେ । ଏହା ବ୍ୟତୀତ ଦେବତାମାନଙ୍କୁ ସଂଗଠିତ କରିବାର ଉଦ୍ୟମ ମଧ୍ୟ କରୁଥିଲେ ।

ବହୁବର୍ଷପୂର୍ବେ ସମୁଦ୍ରର ଭୂଗର୍ଭରେ ଅଗ୍ନ୍ୟୁତ୍ପାତଜନିତ ଜଳପ୍ଲାବନ ଫଳରେ କାଶ୍ୟପ ସାଗର ଅଞ୍ଚଳ ସମୁଦ୍ର ଗର୍ଭରେ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଇଥିଲା । ସେହି ସମୟରେ ବରୁଣଙ୍କ କେନ୍ଦ୍ର ମାଳଦ୍ୱୀପରେ ବାସ କରୁଥିବା ବାରାହାବଂଶୀମାନେ ପ୍ରଳୟ ଜଳରୁ ଉଦ୍ଧାର କରିବାରେ ସହାୟତା ପ୍ରଦାନ କରିଥିଲେ । ଅତି ପ୍ରାଚୀନତମ ଏକ ଦୁର୍ଦ୍ଧର୍ଷ ବୀର ଜାତି ଭାବରେ ଏମାନେ ଖ୍ୟାତିଲାଭ କରିଥିଲେ । ଦେବତାମାନଙ୍କ ସହିତ ବାରାହା ମାନଙ୍କର ମୈତ୍ରୀ ସ୍ଥାପିତ ହୋଇଥିଲା । ବିଷ୍ଣୁ ଓ ଅନ୍ୟାନ୍ୟ ଦେବତାମାନେ ବାରାହାମାନଙ୍କୁ ହିରଣ୍ୟକଶିପୁ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ପ୍ରବର୍ତ୍ତାଇଥିଲେ । ବାରାହାମାନଙ୍କ ସହିତ ମିଳିତ ହୋଇ ଦେବତାମାନଙ୍କର ହିରଣ୍ୟକଶିପୁ ସହିତ ଭୟଙ୍କର ଯୁଦ୍ଧ ହୋଇଥିଲା । ହିରଣ୍ୟକଶିପୁର ପ୍ରିୟ ଭାଇ ବୀର ହିରଣାକ୍ଷଙ୍କୁ ବାରାହା ଓ ଦେବତାମାନେ ଯୁଦ୍ଧରେ ବଧ କରିଥିଲେ ।

ହିରଣ୍ୟକଶିପୁ ଭାଇ ହିରଣାକ୍ଷର ମୃତ୍ୟୁରେ ନିହାତି ଭାଙ୍ଗିପଡ଼ିଲା । ଏଭଳି ଦୁର୍ବଳ ଶୋକଗ୍ରସ୍ତ ମାନସିକତାରେ ହିରଣ୍ୟକଶିପୁ ମ୍ରିୟମାଣ ହୋଇପଡ଼ିଥିବାବେଳେ ବାରାହା ଓ ଦେବତାମାନେ ବିଷ୍ଣୁଙ୍କ ଅଧିନାୟକତ୍ୱରେ ତଥା ନିର୍ଦ୍ଦେଶରେ ତାଙ୍କୁ ସୁମନା ପର୍ବତ ଉପରେ ବଧ କରିଥିଲେ । ସେହି ବୀର ହିରଣାକ୍ଷର ପତ୍ନୀ ଅଙ୍ଗିରାର ପିତା ଶକୁଙ୍କର ରାଜ୍ୟର ନାମ ଥିଲା ସୁମ୍ବା । ସୁମ୍ବା ଦ୍ୱୀପ ବାଲିଦ୍ୱୀପର ଦକ୍ଷିଣାଞ୍ଚଳରେ କିଛି ପୂର୍ବକୁ ବାଙ୍କେଇ ରହିଥିଲା । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଅନୁପମା, ଅପରୂପା ସୌନ୍ଦର୍ଯ୍ୟମୟୀ ଦ୍ୱୀପ ସୁମ୍ବାର ନାମ ସେହି କାଳରେ ଏକ ଚର୍ଚ୍ଚିତ ନାମ ଥିଲା ।

ହିରଣାକ୍ଷର ବଧ ପରେ ତା'ର ପତ୍ନୀ ଅଙ୍ଗିରା ଚାରି ପୁଅ ଓ ଦୁଇ ଝିଅଙ୍କୁ ନେଇଆସି ପିତା ଶକୁଙ୍କ ଘରେ  ରହିଲା । ସୁମ୍ବା ଦ୍ୱୀପର ଆୟତନ ଗୋଟିଏ ଯୋଜନରୁ ମଧ କମ୍ ଥିଲା । ଦ୍ୱୀପର ମଝାମଝି ଗୋଟିଏ ବିସ୍ତୃତ ହ୍ରଦ ଥିଲା । ତା' ଭିତରେ ଚାରିପଟୁ ଘେରି ରହିଥିବା ପାହାଡ଼ରୁ ଝରଣାମାନଙ୍କର ପାଣି ଆସି ଜମା ହେଉଥିଲା । ହ୍ରଦର ଚାରିପଟେ ଦାନବମାନଙ୍କର ବସତି ରହିଥିଲା । ସୁମ୍ବା ଦ୍ୱୀପର ଆକାର ଅଣ୍ଡାକୃତି ଥିଲା । ଦ୍ୱୀପଟି ଚୁମ୍ବକୀୟ ପଥର ଦ୍ୱାରା ପ୍ରଭାବିତ ହୋଇଥିବାରୁ ପୋତଗୁଡ଼ିକ ଆସିପାରୁ ନଥିଲା । କାରଣ ଚୁମ୍ବକୀୟ ପଥରର ଗୁଣ ଯୋଗୁ ପୋତ ଆସିଲେ ତାହା ଜଳମଗ୍ନ ହୋଇ ଚୁମ୍ବକୀୟ ଚଟାଣରେ ଧକ୍କା ଖାଇ ବୁଡ଼ି ଯାଉଥିଲା ।

ସେହି ସୁମ୍ବା ଦ୍ୱୀପରେ ଅନେକ ଅମୂଲ୍ୟ ରତ୍ନଖଣିମାନ ନିଘଞ୍ଚ ଅରଣ୍ୟାନି ଭିତରେ ଲୁକ୍କାୟିତ ହୋଇ ରହିଥିଲା । ଦାନବମାନେ ଏହି ଅମାପ ଧନ ଭଣ୍ଡାରର ଅଧିକାରୀ ହୋଇ କାଳାତିପାତ କରୁଥିଲେ । ହିରଣ୍ୟକଶିପୁର ହତ୍ୟାପରେ

ଦାନବମାନେ ଟିକେ ନରମି ଯାଇଥିଲେ । ଦେବତାମାନଙ୍କଠାରୁ ଯଥେଷ୍ଟ ଦୂରତ୍ୱ ଅବଲମ୍ବନ କରୁଥିଲେ । ପରବର୍ତ୍ତୀ କାଳରେ ସୁମ୍ବା ଦ୍ୱୀପ ଦାନବମାନଙ୍କର ଏକ ପ୍ରମୁଖ ବସତିରେ ପରିଣତ ହୋଇଥିଲା ।

ସୁମ୍ବାଦ୍ୱୀପର ଜଳବାୟୁ ଅତ୍ୟନ୍ତ ସ୍ୱାସ୍ଥ୍ୟପ୍ରଦ ଥିଲା । ସୁମ୍ବାର ବସତି ନିର୍ମାଣ ଅତ୍ୟନ୍ତ ଆକର୍ଷଣୀୟ ଓ କଳାତ୍ମକ ଥିଲା । ପୁର, ହର୍ମ୍ୟ, ସୌଧ, ବନ-ଉପବନ, ଉଦ୍ୟାନ,ତଡାଗ, ରାଜମାର୍ଗ ସବୁଥିରେ ନାନାଦି କାରିଗରୀର ଉତ୍କୃଷ୍ଟ କଳାତ୍ମକ ନମୁନା ଅଙ୍କିତ ହୋଇ ରହିଥିଲା । ଦାନବମାନେ ଯେପରି ଦୁର୍ଦ୍ଧର୍ଷ ବୀର ଥିଲେ ଠିକ୍ ସେହିପରି ରସିକ, ପ୍ରେମିକ, କଳାପ୍ରିୟ ମଧ ଥିଲେ । ପତ୍ନୀ ପିତାମାତା, ବନ୍ଧୁ, ସୋଦର ପରିବାରକୁ ଦାନବମାନେ ଗଭୀର ଭାବରେ ଭଲପାଉଥିଲେ । ଦାନବ ନାରୀମାନେ ହୀରା, ନୀଳା, ମୋତି, ମାଣିକ୍ୟ ଇତ୍ୟାଦି ନାନାପ୍ରକାର ଅଳଙ୍କାର ଭୂଷଣରେ ମଣ୍ଡିତ ହେଉଥିଲେ । ଛାଡ଼ପତ୍ର ବ୍ୟବସ୍ଥା ନଥିଲା । ବୈବାହିକ ସମ୍ପର୍କକୁ ସର୍ବାଧିକ ମାନ୍ୟତା ପ୍ରଦାନ କରାଯାଉଥିଲା । ଏହା ସହିତ ଦାନବମାନଙ୍କର ସମ୍ପନ୍ନ, ଧନାଢ୍ୟତାର ପ୍ରଭୂତ ପ୍ରମାଣ ମିଳୁଥିଲା ।

ଦାନବ ନାରୀମାନେ ଦୈତ୍ୟଙ୍କ ପରି କୃଷ୍ଣାଙ୍ଗୀ ନଥିଲେ । ସେମାନଙ୍କର ଶରୀର ତପ୍ତକାଞ୍ଚନବର୍ଣ୍ଣା ଗୌରାଙ୍ଗୀ ଓ ଅନିନ୍ଦ୍ୟ ସୁନ୍ଦରୀ ଥିଲେ । ସୁମ୍ବା ଦ୍ୱୀପରେ ରତ୍ନ ଖଣିମାନ ପ୍ରଚୁର ପରିମାଣରେ ଥିବାରୁ ସେମାନେ ବିଭିନ୍ନ ପ୍ରକାର ରତ୍ନ ଅଳଙ୍କାରମାନ ପିନ୍ଧୁଥିଲେ । ଦାନବମାନଙ୍କର ବୀରତା, ହାସ୍ୟ, କୌତୁକ ଓ ସଙ୍ଗୀତପ୍ରିୟତାର ମଧ ତୁଳନା ନଥିଲା । ସେମାନେ ପ୍ରାକୃତ ଭାଷାରେ କଥାବାର୍ତ୍ତା କରୁଥିଲେ । ସୁମ୍ବାର ଅଧିବାସୀମାନେ ଥିଲେ ଅସାଧାରଣ ପରିଶ୍ରମୀ, ଅତ୍ୟନ୍ତ କଷ୍ଟସହିଷ୍ଣୁ । ଦାନବ ନାରୀ ପୁରୁଷମାନେ ମିଳିତ ଭାବରେ କୃଷିକ୍ଷେତ୍ର, ବାଡ଼ିବଗିଚାରେ କାମ କରୁଥିଲେ । ନଗର, ବିପଣୀ, ମେଳା ମାନଙ୍କରେ ବିଭିନ୍ନ ନିତ୍ୟବ୍ୟବହାର୍ଯ୍ୟ ବସ୍ତୁର, ଆଭୂଷଣ, ବସ୍ତ୍ର, ଶସ୍ୟ, ହାତ ତିଆରି କଳାତ୍ମକ ଦ୍ରବ୍ୟଗୁଡ଼ିକର କ୍ରୟବିକ୍ରୟ ମଧ ଚାଲୁଥିଲା । ଉଭୟ ପୁରୁଷ-ନାରୀମାନେ ଶିକ୍ଷାଲାଭ କରୁଥିଲେ; ଶିକ୍ଷାର ପ୍ରସାର ନାରୀମାନଙ୍କ ମଧରେ ବହୁଳ ଭାବରେ ଥିଲା । ଯେହେତୁ ଦାନବମାନଙ୍କୁ ବାରମ୍ବାର ଯୁଦ୍ଧ କରିବାକୁ ପଡୁଥିଲା ଏବଂ ଯୁଦ୍ଧରେ ପୁରୁଷମାନେ ମୃତ୍ୟୁବରଣ ମଧ କରୁଥିଲେ, ସେଥିପାଇଁ ଦାନବ ନାରୀମାନଙ୍କୁ ବିଭିନ୍ନ ଯୁଦ୍ଧାସ୍ତ୍ରର ବ୍ୟବହାର, ଯୁଦ୍ଧର କୌଶଳ ସହିତ ଯୁଦ୍ଧ ବିଦ୍ୟାରେ ନିପୁଣ କରାଯାଉଥିଲା ।

ନାରୀମାନେ ଶିକ୍ଷିତା, ସ୍ୱାଧୀନ ଚେତା ତଥା ଶକ୍ତିଶାଳୀ ଯୋଦ୍ଧା ମଧ ଥିଲେ । ରାଜ୍ୟ ଶାସନରେ ଅଂଶଗ୍ରହଣ କରୁଥିଲେ । ନିଜ ଇଚ୍ଛାରେ ପତିବରଣ କରିବାର ସ୍ୱୟମ୍ବର ପ୍ରଥା ମଧ ପ୍ରଚଳିତ ଥିଲା । ଦାନବ ନାରୀ ପୁରୁଷମାନେ ଅତ୍ୟନ୍ତ ସ୍ୱାସ୍ଥ୍ୟବାନ  ସୁନ୍ଦର, ବନ୍ଧୁବତ୍ସଳ ଥିଲେ ।

ବୀର ହିରଣାକ୍ଷର ପତ୍ନୀ ଅଙ୍ଗିରାଙ୍କ ପୁତ୍ର କନ୍ୟାମାନେ ଅଜା ଦାନବରାଜ ଶକୁଙ୍କ ଘରେ ପ୍ରତିପାଳିତ ହେବାକୁ ଲାଗିଲେ । ବୀରଙ୍ଗନା ଅଙ୍ଗିରା ପତିଙ୍କର ହତ୍ୟାଜନିତ ଅକାଳ ମୃତ୍ୟୁକୁ ଆଦୌ ଭୁଲିପାରୁ ନଥିଲେ । ସୁମ୍ଭ ରାଜା ଶକୁ କନ୍ୟା ଅଙ୍ଗିରାକୁ ପ୍ରାଣାଧିକ ପୁତ୍ର ଭଳି ଭାବୁଥିଲେ । ତେଣୁ ସେ ନିଜର ଚାରି ନାତି ବିପ୍ରଚିତ୍ତି, ଶିବି, ବୃତ୍ର, କେତମାନ ଓ ଦୁଇ ନାତୁଣୀ ସ୍ୱସ୍ତି ଓ ସ୍ୱଧାଙ୍କୁ ଯୁଦ୍ଧବିଦ୍ୟା ଶିକ୍ଷାଦେବାପାଇଁ ପର୍ଶୁରାମ ଗୁରୁକୁଳର ପ୍ରସିଦ୍ଧ ଗୁରୁ ମହର୍ଷି ଆଦିତ୍ୟଙ୍କୁ ଅନୁରୋଧ କଲେ । ମହର୍ଷି ଆଦିତ୍ୟ ସୁମ୍ଭ ଦ୍ୱୀପକୁ ଆସି ମହାରାଜାଙ୍କ ଅନୁରୋଧକ୍ରମେ ରାଜକୁମାର ଓ ରାଜକନ୍ୟାଙ୍କୁ ଅସ୍ତଚାଳନା ସହିତ ରାଜ୍ୟଶାସନ, ବେଦ, ଉପନିଷଦ, ସାଂଖ୍ୟ, ଗଣିତ, ଭୂଗୋଳ, ଆୟୁର୍ବେଦ, ଜ୍ୟୋତିଷ ପ୍ରଭୃତି ବିଷୟରେ ଶିକ୍ଷାଦାନ କଲେ । ଦାନବରାଜ ଶକୁଙ୍କର ପୁଅ ନଥିବାରୁ ସେ ବଡ଼ ନାତି ବିପ୍ରଚିତ୍ତିଙ୍କୁ ଯୁବରାଜ ପଦରେ ଅଭିଷିକ୍ତ କରାଇଲେ । ପରବର୍ତ୍ତୀ ସମୟରେ ସୁମ୍ଭର ଭାବି ରାଜା ବିପ୍ରଚିତ୍ତି ହେବେ ବୋଲି ଜଣାଗଲା । ଝିଅ ଅଙ୍ଗୀରାକୁ ଯୁବରାଜଙ୍କର ରାଜମାତା ଭାବରେ ଘୋଷଣା କରାଗଲା ।

କୌଣସି ଏକ ଅଜଣା ରୋଗରେ ଦାନବରାଜ ଶକୁ ମୃତ୍ୟୁବରଣ କଲେ । ଅଙ୍ଗିରା ପିତାଙ୍କ ମୃତ୍ୟୁରେ ଭୀଷଣ ଭାବରେ ଶୋକଗ୍ରସ୍ତ ହୋଇପଡ଼ିଲେ । ଯୁବାବସ୍ଥାରେ ପ୍ରାଣପ୍ରିୟ ପତି ବୀର ହରିଣାକ୍ଷଙ୍କର ମୃତ୍ୟୁକୁ ବାପାଙ୍କ ଆଶ୍ରୟ ଓ ସ୍ନେହଯୋଗୁଁ କୌଣସିମତେ ନିଜକୁ ସମ୍ଭାଳି ନେଇଥିଲେ । ନିଜର ସନ୍ତାନସନ୍ତତିମାନଙ୍କୁ ବଡ଼ କରିବାରେ ଲାଗି ଯାଇଥିଲେ । ଏଭଳି ଏକ ସନ୍ଧିକ୍ଷଣରେ ଦାନବରାଜ ଶକୁଙ୍କ ମୃତ୍ୟୁ ଅଙ୍ଗିରାଙ୍କୁ ବିଶେଷ ବିଚଳିତ କରି ପକାଇଲା । ତଥାପି ସମସ୍ତ ଦୁଃଖକୁ ହୃଦୟରେ ଚାପି ସେ ପିଲାମାନଙ୍କର ମୁହଁକୁ ଚାହିଁ ପୁଣିଥରେ ଛିଡ଼ାହେଲେ । ବଡ଼ପୁଅ ବିପ୍ରଚିତ୍ତିଙ୍କୁ ସୁମ୍ଭର ରାଜସିଂହାସନରେ ଅଭିଷିକ୍ତ କରାଇଲେ । ରାଜ୍ୟ ଶାସନ ପରିଚାଳନାରେ ପୁଅକୁ ପରାମର୍ଶ ଦେଲେ । ଅନ୍ୟ ପୁଅମାନଙ୍କୁ ବିଭିନ୍ନ ରାଜପଦବୀ ଗୁଡ଼ିକରେ ଅଧିଷ୍ଠିତ କରାଇଥିଲେ । ଦୁଇ ଝିଅ ସ୍ୱସ୍ତି ଓ ସ୍ୱଧାଙ୍କର ବିବାହ ଉଚ୍ଚରାଜକୁଳମାନଙ୍କରେ ସମ୍ପନ୍ନ କରାଇଲେ ।

ସୁମ୍ଭର ଅଧିବାସୀ ନୂତନ ରାଜା ବିପ୍ରଚିତ୍ତିଙ୍କୁ ଯଥେଷ୍ଟ ସମ୍ମାନ ଜଣାଇଲେ । କାରଣ ବିପ୍ରଚତି ବୀର ପିତା ହରିଣାକ୍ଷ ଓ ମା ଅଙ୍ଗିରାଙ୍କ ଭଳି ଜଣେ ତୀକ୍ଷ୍ଣବୁଦ୍ଧିସମ୍ପନ୍ନ ଉତ୍ତମ ପ୍ରଶାସକ ହେବା ସହିତ ପ୍ରଜାବତ୍ସଳ ଥିଲେ । ଯୁବ ଦାନବରାଜ ବିପ୍ରଚିତ୍ତିଙ୍କର ଦଣ୍ଡକାରଣ୍ୟ ନିକଟବର୍ତ୍ତୀ ବୈଜୟନ୍ତୀପୁରର ଶାସକ ଶମ୍ବରଙ୍କର କନ୍ୟା ମାୟାବତୀଙ୍କ ସହିତ ବିବାହ ଅନୁଷ୍ଠିତ ହେଲା । ଏହି ବୈବାହିକ ସମ୍ପର୍କ ଫଳରେ ସୁମ୍ଭ ସହିତ ବୈଜୟନ୍ତୀପୁରୀର ମୈତ୍ରୀ ସମ୍ପର୍କ ଅଧିକ ସୁଦୃଢ଼

ହୋଇପାରିଥିଲା । ମା’ ଅଙ୍ଗିରା ବୋହୂ ମାୟାବତୀକୁ ପାଇ ଭାରି ଆନନ୍ଦିତ ହୋଇପଡ଼ିଥାନ୍ତି । କାରଣ ମାୟାବତୀ ଜଣେ କୁଳଶୀଳା ସର୍ବଗୁଣସମ୍ପନ୍ନା ନାରୀ ହେବା ସହିତ ଶାଶୁଙ୍କ ପ୍ରତି ଯତ୍ନ, ପତି ପ୍ରତି ପ୍ରେମ ସେବାରେ ଟିକିଏ ହେଲେ ହେଳା କରୁନଥିଲେ । ବିପ୍ରଚିତ୍ତି ଓ ମାୟାବତୀଙ୍କ ଦାମ୍ପତ୍ୟ ଜୀବନ ବେଶ୍ ଆନନ୍ଦରେ ଅତିବାହିତ ହେଉଥିଲା । ଅର୍ଦ୍ଧାଙ୍ଗିନୀ ପତ୍ନୀ ଭାବରେ ମାୟାବତୀ ପ୍ରକୃତ ଅର୍ଥରେ ସ୍ୱାମୀ ବିପ୍ରଚିତ୍ତିଙ୍କର ସହଯାତ୍ରିଣୀ ଓ ସମଧର୍ମା ହୋଇପାରିଥିଲେ ।

ବିପ୍ରଚିତ୍ତି ଓ ମାୟାବତୀଙ୍କର କୋଳକୁ ପୂର୍ଣ୍ଣ କରି ଜନ୍ମନେଲା ଏକ କନ୍ୟା ସନ୍ତାନ । ଯାହାର ନାମ ଜେଜେମା ଅଙ୍ଗିରା ରଖିଲେ—ସୁଲଗ୍ନା । ଗୋରା ତକ ତକ୍ ହୋଇ ସୁନ୍ଦରୀ ଗୁଲୁଗୁଲିଆ ନାତୁଣୀକୁ ନେଇ ରାଜମାତା ଅଙ୍ଗିରାଙ୍କର ଦିନ କଟିଯାଉଥାଏ । ତାକୁ ତାଙ୍କର ଖେଳସାଥୀ ଯେମିତି ମିଳିଯାଇଥାଏ । ଏହା ଭିତରେ କେତେକ ଘଟଣା ଘଟିଲା ଯାହାଫଳରେ ସୁମ୍ଭାର ଶାନ୍ତି ବ୍ୟାହତ ହେବାକୁ ଲାଗିଲା । ମଗଧ ସମ୍ରାଟ ଜରାସନ୍ଧ ଓ ମଥୁରାର ରାଜା କଂସ ମିଳିତ ଭାବରେ ସୁମ୍ଭାର ରତ୍ନଖଣି ଲୁଟିବା ଉଦ୍ଦେଶ୍ୟରେ ସୁମ୍ଭା ଆକ୍ରମଣ ଯୋଜନାରେ ସଫଳ ହୋଇଗଲେ ।

ସୁମ୍ଭାର ପ୍ରାକୃତିକ ଭୌଗୋଳିକ ଅବସ୍ଥା ଯୋଗୁଁ ବହିଃ ଶତ୍ରୁ ଆକ୍ରମଣ ଯଦିଓ ଦୁର୍ଭେଦ୍ୟ ହୋଇଥିଲା ତଥାପି ଶକ୍ତିଶାଳୀ ଯୋଦ୍ଧା ଜରାସନ୍ଧ ଓ କଂସର ଦୁର୍ଦ୍ଧର୍ଷ ଆରଣ୍ୟକ ବାହିନୀ ଏ ସମସ୍ତ ଅସମ୍ଭବକୁ ସମ୍ଭବରେ ପରିଣତ କରିଦେଲେ । କଂସ ଓ ଜରାସନ୍ଧଙ୍କ ମିଳିତବାହିନୀ ଏକରକମ ସୁମ୍ଭା ଦ୍ୱୀପକୁ ଚତୁର୍ଦ୍ଦିଗରୁ ଘେରାଇ ରଖିଲେ । ବିପ୍ରଚିତ୍ତିଙ୍କର ନେତୃତ୍ୱରେ ସୁମ୍ଭାର ସୈନିକ ତଥା ପ୍ରତ୍ୟେକ ନାଗରିକ, ନାଗରିକା ନିଜ ମାତୃଭୂମିର ରକ୍ଷା ନିମନ୍ତେ ଅତ୍ୟନ୍ତ ବୀରତ୍ୱର ସହିତ ଯୁଦ୍ଧ କଲେ । ରାଜମାତା ଅଙ୍ଗିରା ନାରୀମାନଙ୍କୁ ଏକତ୍ରିତ କରି ଯୁଦ୍ଧର ମଙ୍ଗ ସମ୍ଭାଳିଲେ । ତୁମୁଳ ସଂଗ୍ରାମ ଚାଲିଲା । ଜରାସନ୍ଧ ଓ କଂସର ସଶସ୍ତ୍ର ବାହିନୀର ହିଂସ୍ର ଆକ୍ରମଣ, ଛଳନାରେ ଦାନବରାଜ ବିପ୍ରଚିତ୍ତି, ଭାଇ ଶିବି, ବୃତ୍ର  ଓ କେତୁମାନ ମୃତ୍ୟୁବରଣ କଲେ । ଜରାସନ୍ଧ ଓ କଂସର ସୈନ୍ୟମାନେ ସୁମ୍ଭା ଦ୍ୱୀପକୁ ଅଧିକାରକୁ ନେଇ ପ୍ରଚଣ୍ଡ ତାଣ୍ଡବଲୀଳା ଚଳାଇଲେ । ଦାନବ ନାରୀମାନଙ୍କୁ ଧର୍ଷଣ, ରତ୍ନସମ୍ପଦ ଅପହରଣ, ଅନ୍ୟମାନଙ୍କୁ ହତ୍ୟା ପ୍ରଭୃତି ନିର୍ବିଚାରରେ କରିବାକୁ ଲାଗିଲେ । ସେହି ନୃଶଂସ ବାହିନୀ ହାତରୁ ନିରୀହ ଶିଶୁ କି ବୃଦ୍ଧବୃଦ୍ଧା କେହି ବାଦ୍ ପଡ଼ିଲେ ନାହିଁ । ନିଜ ପରିବାରର ଏଭଳି ଦୁର୍ଦ୍ଦଶା ଓ ରାଜ୍ୟର ପ୍ରଜାମାନଙ୍କର ଦୁର୍ଦ୍ଦଶା ଦେଖି ଅଙ୍ଗିରାଙ୍କର ମନୋବଳ ସମ୍ପୂର୍ଣ୍ଣ ଭାଙ୍ଗିଗଲା । ଜରାସନ୍ଧ ଓ କଂସବାହିନୀ ହାତରେ ସେ ବନ୍ଦିନୀ ହେଲେ । ପରାଜୟ, ପୁତ୍ରଶୋକରେ ଅଧିରା ଅଙ୍ଗିରା ହୀରାମୁଦି ଚାପି ଆତ୍ମହତ୍ୟା କଲେ ।

ଅଙ୍ଗିରାଙ୍କର ପ୍ରିୟ ନାତୁଣୀ ସୁଲଗ୍ନାକୁ ସେତେବେଳକୁ ତିନିଚାରି ବର୍ଷ ମାତ୍ର ହୋଇଥାଏ । ନିଜ ଆଖିରେ ପ୍ରିୟ ପିତା, ମାତା, ଜେଜେ ମା', କକାମାନଙ୍କର ମୃତ୍ୟୁ ଦେଖି ସେ ଯେମିତି ଜଡ଼ ହୋଇଯାଇଥିଲା । ମା' ମାୟାବତୀ ସ୍ୱାମୀଙ୍କ ଚିତାରେ ସହମରଣରେ ମୃତ୍ୟୁବରଣ କରିସାରିଥାନ୍ତି । ଏକ ଧ୍ୱସ୍ତ ପାରିବାରିକ ଫଟା ଭୂଇଁ ଉପରେ ଅନାଥ ସୁଲଗ୍ନା ଛିଡ଼ା ହୋଇଥାଏ । ଘରଦ୍ୱାର ଜଳିଯାଉଥାଏ । ଚତୁର୍ଦ୍ଦିଗରେ କୁଢ଼ କୁଢ଼ ଶବ, କଟାମୁଣ୍ଡ, ହାତ, ମାଂସ ଛିଣ୍ଡି ବିପର୍ଯ୍ୟସ୍ତ ହୋଇପଡ଼ିଥାଏ । ବୀର ରକ୍ତରେ ପୃଥିବୀ ଯେମିତି ରକ୍ତସ୍ନାନ କରୁଥାଏ । ନୃଶଂସ ଅମାନୁଷିକତାର ବର୍ବର ଉଲଙ୍ଗ ନୃତ୍ୟର ବିଭୀଷିକା ନିରୀହ, ଅନାଥ ସୁଲଗ୍ନାର ଆଖି ଆଗରେ ଘଟିଯାଉଥାଏ । ଏଭଳି ଏକ ଅସହାୟ, ବିପର୍ଯ୍ୟସ୍ତ ଅବସ୍ଥାରେ ସେଦିନ ଛିଡ଼ା ହୋଇଥିବା ଦାନବକନ୍ୟା ସୁଲଗ୍ନାକୁ କେହି ଜଣେ କଂସର ଦୟାବାନ୍ ସୈନିକ ତା' ସାଙ୍ଗରେ ମଥୁରାକୁ ନେଇଆସିଥିଲା । କୁବ୍‌ଜାର ମାଉସୀ ମାଲ୍ୟାଣୀ ହୀରାକୁ ଶିଶୁକନ୍ୟା ସୁଲଗ୍ନାକୁ ସେଇ ସୈନିକଟି ପାଳିବାକୁ ଦେଇ ଦେଇଥିଲା । ରାଜକନ୍ୟା ସୁଲଗ୍ନା ଆସି ପ୍ରତିପାଳିତ ହେଲା ମାଲ୍ୟାଣୀ ହୀରା ଘରେ ।

ମାଲ୍ୟାଣୀ ହୀରା ସୁଲଗ୍ନାକୁ ବଡ଼ ଯତ୍ନରେ ପାଳିଲା । କୁବ୍‌ଜାର ମଧ୍ୟ କେହି ନଥାନ୍ତି । ସେ ମଧ ହୀରା ପାଖରେ ଥାଏ । କୁବ୍‌ଜା ପାଞ୍ଚଛଅ ବର୍ଷ ବଡ଼ ହେବ ସୁଲଗ୍ନାଠାରୁ । ସୁଲଗ୍ନା ପିଲାଦିନରୁ ଅତ୍ୟନ୍ତ ଜିଦ୍‌ଖୋର ଥିଲା । କାରଣ ତା' ଆଖିରେ ଘଟିଯାଇଥିବା ତା'ର ବିପର୍ଯ୍ୟସ୍ତ ଜୀବନ ତାକୁ ଅହରହ ପ୍ରତିଶୋଧର ବହ୍ନିରେ ଜାଳୁଥିଲା ।

...''ଜାଣିଛ କୃଷ୍ଣ ! ମୁଁ ରାତି ଦିନ କେବଳ ଗୋଟିଏ ସଂକଳ୍ପରେ ବଞ୍ଚିଛି ତାହାହେଲା କଂସ ଓ ଜରାସନ୍ଧକୁ ଯେଉଁଦିନ ତିଳ ତିଳ କରି ମାରିବି, ସେଦିନ ମୋର ଲହୁଲୁହାଣ ଆତ୍ମା ହୁଏତ ଟିକେ ଶାନ୍ତି ପାଇବ । ମୋର ନିରୀହ ପିତାମାତା, ଜେଜେମା' ମୋର ମାତୃଭୂମି ସୁମ୍ୟାର ଅଗଣିତ ନରନାରୀ ଯେଉଁମାନେ ଏ ଦୁଇ ଅତ୍ୟାଚାରୀଙ୍କ ନୃଶଂସ ଆକ୍ରମଣ ଯୋଗୁଁ ଅକାରଣରେ ପ୍ରାଣ ହରାଇଥିଲେ, ଘରଦ୍ୱାର, ସମ୍ପତ୍ତି ସବୁ ତାଙ୍କ ଆଖି ଆଗରେ ଏମାନେ ଲୁଟିନେଲେ, ସେମାନଙ୍କର ତତଲା ନିଃଶ୍ୱାସ ମୋ ଆତ୍ମାରେ ବସିଯାଇଛି କାହ୍ନା ! କଂସ ଓ ଜରାସନ୍ଧର ଛାତି ଚିରି ଆଞ୍ଜୁଳା ଆଞ୍ଜୁଳା ରକ୍ତ ତର୍ପଣ କଲେ ହୁଏତ ମୁଁ ମୋ ମାତୃଭୂମିକୁ, ମୋ ପିତାମାତାଙ୍କୁ, ତା'ର ଅଧିବାସୀମାନଙ୍କୁ ଉଚିତ ପ୍ରତିଶୋଧର ପ୍ରତିବାଦ ଜଣାଇପାରିବି ।''

ସୁଲଗ୍ନାର ଆଖିରେ ପାର୍ଥ ! ମୁଁ ସେଦିନ ଦେଖିଥିଲି ପ୍ରତିଶୋଧର ବାଡ଼ବାଗ୍ନି । ସୁଲଗ୍ନାର ହୃଦୟ ଅପମାନର ତୀବ୍ର ଜ୍ୱାଳାରେ ଯେମିତି ଖଣ୍ଡ ଖଣ୍ଡ ହୋଇଯାଉଥିଲା । ନିଜ ଆଖି ଆଗରେ ନିଜ ପରିବାର, ଜ୍ଞାତିକୁଟୁମ୍ବ, ପ୍ରିୟ ଆତ୍ମୀୟଜନଙ୍କୁ ହରାଇ ଅନାଥ ଭାବରେ ସକଳ କଷ୍ଟକୁ ବରଣ କରିନେବାର କି ଯେ ଅସହ୍ୟ ପୀଡ଼ା,

କେବଳ ଯୁଦ୍ଧର ପ୍ରତିହିଂସା ପାଇଁ ଗୋଟିଏ ନିରୀହ ଶିଶୁକୁ ଭୋଗିବାକୁ ପଡ଼ିଥିଲା । ସେଥିପାଇଁ ପାର୍ଥ ! ସୁଲଗ୍ନା ନିଜର ବିଦ୍ୟା, ବୁଦ୍ଧି, ରାଜନୈତିକ ଚତୁରତା ପାଇଁ କଂସର ବିଶ୍ୱାସଭାଜନ ହୋଇପାରିଥିଲା ।

ମହାନ୍ ଦାନବଯୋଦ୍ଧା ହିରଣ୍ୟକଶିପୁର ବଂଶଜା ଅନିନ୍ଦ୍ୟ ସୁନ୍ଦରୀ ବିଦୁଷୀ ସୁଲଗ୍ନାକୁ ଦୁଃଖର ଦାବାନଳ ଭିତରେ ଛିଡ଼ା କରେଇବାର ଯେଉଁ ଅମାନୁଷିକ ଜଘନ୍ୟ ଅପରାଧ କରିଛି କଂସ, ସେଥିରୁ ତା'ର ମୁକ୍ତି ନାହିଁ । ମୋର ନିରୀହ ପିତା ମାତା କାହାର କ'ଣ ବିଗାଡ଼ି ଦେଇଥିଲେ କି ? ଗୃହରେ ଲୁହାକଡ଼ା ପିନ୍ଧିଥିବା ଅବସ୍ଥାରେ ମୋ ମା ଦେବକୀ ଗର୍ଭାବସ୍ଥାରେ କେତେ କଷ୍ଟ ସହିନାହାନ୍ତି । ମୋର ନିଷ୍ପାପ ଛଅ ଜଣ ଭାଇଙ୍କର କି ଦୋଷଥିଲା ଯେ ଏ ନରାଧମ ସେମାନଙ୍କୁ ଜନ୍ମ ହେଉ ହେଉ ପଥରରେ ଛେଚି ହତ୍ୟାକଲା । ନିର୍ଦ୍ଦୋଷ ଶିଶୁ ହତ୍ୟାକାରୀ କଂସ ତୋର ବିନାଶ ଆସନ୍ନ ! ଏ ସମସ୍ତ ନିରପରାଧ ନିରୀହ ଲୋକଙ୍କ ଉପରେ ତୁ ଯେଉଁ ଦମନ, ଶୋଷଣ, ଅତ୍ୟାଚାର ଚଳାଇଛୁ ସେହି ପାପର କଳସ ପୂର୍ଣ୍ଣ ହୋଇସାରିଲାଣି । ତତେ କେହି ସେହି ପ୍ରଚଣ୍ଡ ବାଡ଼ବାଗ୍ନିର ଲାଭାରୁ ରକ୍ଷା କରିପାରିବେ ନାହିଁ !

ମୁଁ ସୁଲଗ୍ନାର ଆଖିର ଲୁହକୁ ପୋଛିଦେଇ ପରମ ସ୍ନେହରେ କହିଲି, ''ହେ ଦାନବରାଜ ନନ୍ଦିନୀ ସୁଲଗ୍ନା ! ତୁମର ଅସୀମ ସାହାସ, ଧୈର୍ଯ୍ୟ, ଦୁଃଖଯନ୍ତ୍ରଣା ଶୋକକୁ ପଛରେ ପକାଇ ତୁମେ ଯେପରି ଅପୂର୍ବ ଶକ୍ତିମୟୀ ବ୍ୟକ୍ତିତ୍ୱରେ ରୂପାନ୍ତରିତ ହୋଇଛ ସେହି ଅସାଧାରଣ ନାରୀତ୍ୱ ପ୍ରତି ମୋର ସମ୍ମାନ ଗ୍ରହଣ କର । ମୁଁ କୃଷ୍ଣ ବାସୁଦେବ ! ଏଇ ଉଷାକାଳର ଶଙ୍ଖନାଦ ମଧ୍ୟରେ ତୁମକୁ ସଂକଳ୍ପ ପୂର୍ବକ କଥା ଦେଉଛି, ଯେତେଦିନ ଯାଏଁ ମୁଁ ଏହି ଧରାରେ ବଞ୍ଚିରହିଛି, ସେତେଦିନ ପର୍ଯ୍ୟନ୍ତ ତୁମର ରକ୍ଷାକବଚ, ସହୋଦର ଭଳି କାର୍ଯ୍ୟ କରିବି । ନରାଧମ କଂସର ମୃତ୍ୟୁପରେ ତୁମକୁ ସମ୍ମାନର ସହିତ ତୁମର ମାତୃଭୂମି ଓ ପିତୃଭୂମି ସୁମ୍ଭାରେ ତୁମକୁ ସାମ୍ରାଜ୍ଞୀ ପଦରେ ଅଧିଷ୍ଠିତ ନ କଲାଯାଏ ମୁଁ ଶାନ୍ତିରେ ବସିପାରିବି ନାହିଁ । ଆଉ କାନ୍ଦନା ସୁଲଗ୍ନା । ଏଥର ଲୁହକୁ ପିଇଦେବାର ଶିଖ, ସୁମ୍ଭା ଉପତ୍ୟକାର ଦାନବ ସାମ୍ରାଜ୍ଞୀ ସୁଲଗ୍ନା ମହାଦେବୀ !''

ମୋର ଏଇ ଅଭୟ କଥାରେ ସୁଲଗ୍ନାର ଆଖିରେ, ମୁହଁରେ ଏକ ଅପ୍ରତିମ ଅକଳ୍ପନୀୟ ବିଶ୍ୱାସର ପ୍ରତ୍ୟୟ ଝଲମଲ ହୋଇଉଠିଲା । ମୋର ଗୋଡ଼ତଳେ ପଡ଼ିଯାଇ ପରମ ସ୍ନେହରେ କହିଲା,- ''ହେ କୃଷ୍ଣ ! ତୁମର ଉଦାରତାର ସୀମା ନାହିଁ । ତୁମର ବିଶାଳତା ଆଗରେ ମୁଁ ନତଜାନୁ । ମୋ ଭଳି ଜଣେ ଅଭାଗିନୀ ନାରୀକୁ ଯେଉଁ ଅସାଧାରଣ ସ୍ନେହର ଐଶ୍ୱର୍ଯ୍ୟରେ ଗାରିମାମୟ ତମେ କରିଦେଇଛ

ସେଥିପାଇଁ ମୁଁ କେଉଁ ଭାଷାରେ ମୋର କୃତଜ୍ଞତା ଜଣାଇବି, କୁହ । ମୋ ପାଖରେ ଭାବର ଶବ୍ଦ ଯେ ନିଅଣ୍ଟ । ମତେ କ୍ଷମା କର ।''

ସୁଲଗ୍ନାକୁ ତଳୁ ଉଠାଇ ବକ୍ଷରେ ଚାପି ଧରିଲି । ବର୍ଷ ବର୍ଷର ଦୁଃଖ, ଶୋକ, ଅପମାନ, ପ୍ରତାରଣା, ପ୍ରତିଶୋଧର ଧୁ ଧୁ ଜ୍ୱଳନ ଯେମିତି ମାଡ଼ିମକଚି ଫାଟିଫୁଟି ତରଳି ଯାଉଥିଲା । ସୁଲଗ୍ନା ନିଷ୍ପାପ ଶିଶୁଟିଏ ଭଳି ମୋ ବକ୍ଷରେ ମୁଣ୍ଡ ଗୁଞ୍ଜି ଜାକିଜୁକି ହୋଇ ନିର୍ଭୟରେ ଶୋଇପଡ଼ିଥିଲା । ଆଃ କି ନିରୀହ ଦେଖାଯାଉଥିଲା ସୁଲଗ୍ନାର ଗୋରା ଗୁଲୁଗୁଲିଆ ମୁହଁଟି । ମା'ର ଅଭୟ କୋଳରେ ଛୋଟ ଶିଶୁଟି ଯେମିତି ଛୁଟ୍ କିନା ଶୋଇପଡ଼େ ।

ଆକାଶରେ ସିନ୍ଦୂରା ଫାଟୁଥିଲା । ଦୂର ଦେବାଳୟରୁ ପୂଜାର୍ଚ୍ଚନା ସହିତ ବୈଦିକ ମନ୍ତ୍ର ଉଚ୍ଚାରଣର ଗମ୍ଭୀର ସ୍ୱର ଭାସି ଆସୁଥିଲା । କୋଇଲି, କୁମ୍ଭାଟୁଆ ଜଗତକୁ ସକାଳ ଆସିଗଲାଣି ବୋଲି ସୂଚନା ଦେଇଦେଲେଣି । ମଥୁରାର ଆକାଶରେ ମଧ୍ୟ ସୂର୍ଯ୍ୟ ଚଳଚଞ୍ଚଳ ହୋଇ ଗୋଟିଏ ମହାନ୍ ଦିନକୁ ଧରା ଉଦ୍ଦେଶ୍ୟରେ ନିବେଦିତ କରିସାରିଥିଲେ ।

ବୁଝିଲ ପାର୍ଥ ! ଦାନବରାଜନନ୍ଦିନୀ ସୁଲଗ୍ନାର ମର୍ମନ୍ତୁଦ ଦୁଃଖର କାହାଣୀ ଶୁଣିଲାପରଠାରୁ ହିଁ ମୁଁ ମନରେ ଦୃଢ଼ସଂକଳ୍ପ କରିଥିଲି ନିର୍ମମ ଶୋଷକ ରକ୍ତମୁଖା ଅତ୍ୟାଚାରୀ କଂସକୁ ଯେମିତି ହେଲେ ନିପାତ କରିବି । କଂସର ଅତ୍ୟାଚାର ପାଇଁ ବହୁ ନିରୀହ ନିଷ୍ପାପ ଶିଶୁ ସେମାନଙ୍କର ପ୍ରଥମ ଦିନଠାରୁ, ପ୍ରଥମ ବର୍ଷର ଜନ୍ମଦିନ ଦେଖିବା ପୂର୍ବରୁ ସେମାନଙ୍କୁ ହତ୍ୟା କରାଯାଇଛି । ଲୁଣ୍ଠନକାରୀ ଦସ୍ୟୁ ପଳାତକ ମଗଧରାଜ ଜରାସନ୍ଧ ସହିତ କଂସର ହୀନ ଯୁଗଳବନ୍ଦୀରେ ଯେଉଁ ଅନ୍ୟାୟ ଶୋଷଣର ବିଭୀଷିକା ଚାଲିଛି ତାହା ଆଉ ସହି ହେବନାହିଁ । ସକଳ ମାତ୍ରାଧିକ କାର୍ଯ୍ୟର ଗୋଟିଏ ସୀମା ଅଛି । ତାହାର ଅନ୍ତ ସୁନିଶ୍ଚିତ ।

ମୁଁ ସକାଳର ପରିସ୍ଥିତିକୁ ସମ୍ମୁଖୀନ ହେବାପାଇଁ ନିଜକୁ ପ୍ରସ୍ତୁତ କରୁଥିଲି ।

ମାଳିନୀ କୁବ୍‌ଜା ମତେ ଓ ବଳରାମ ଭାଇନାଙ୍କୁ ସଜ କରିବା ପାଇଁ ବେଶଲାଗି ଦ୍ରବ୍ୟମାନଙ୍କ ସହିତ ଅପେକ୍ଷା କରିଥିଲା । ମୃଗମଦ କସ୍ତୁରୀରେ ଅଗରୁ, ଚନ୍ଦନ, କର୍ପୂର, ଲବଣୀ, ଚୁଆ, ପାରିଜାତ, ଅତର ହଳଦୀ ତଥା ଅନ୍ୟାନ୍ୟ ସୁଗନ୍ଧିତ ପଦାର୍ଥକୁ ଦଳି ଏକ ଭବ୍ୟ ଲେପନ ପ୍ରସ୍ତୁତ କରି ମାଳିନୀ କୁବ୍‌ଜା ଆମ ଦୁଇ ଭାଇଙ୍କର ଦେହରେ ଲେପନ କରି ଗାଧୋଇ ଦେଇ ସୁସଜ୍ଜିତ କରିବା ପାଇଁ ବ୍ୟାକୁଳ ହୃଦୟରେ ଅପେକ୍ଷାକରିଥାଏ ।

ସୁଲଗ୍ନା ମଧ ଆଜି ଖୁବ୍ ନିଜକୁ ସଜାଇ ଦେଇଥାଏ । କୁବ୍ଜା ଆମ ଦୁଇଭାଇଙ୍କୁ ଦୁଇଟି ଆସନରେ ବସାଇ ଦେଇ ଏଥର ଧୀରେ ଧୀରେ ସେହି ସୁଗନ୍ଧ ବଟାକୁ ଦେହରେ ଲେପିବାକୁ ଲାଗିଲା ।

ସୁଲଗ୍ନା ଆସି କହିଲା, ''ମାଳିନୀ ନାନୀ ! ମୁଁ ମଧ ତୁମକୁ ଟିକେ ସାହାଯ୍ୟ କରିବି । କାଇଁ ଦେଖେ ବଳରାମଙ୍କର ବାହୁରେ କେତେ ଜୋର ଅଛି ।''

ବଳରାମ ଭାଇନାଙ୍କର ବାହୁକୁ ଚିପିଦେଲା ସୁଲଗ୍ନା । ମୁହଁରେ ଦୁଷ୍ଟାମୀର ହସ ଚେନାଏ ଲାଗି ରହିଥାଏ । ବଳରାମ ଭାଇନାଙ୍କର ସୁନ୍ଦର ଗୌରବର୍ଣ୍ଣ ଶରୀର ଆଜାନୁଲମ୍ବିତ ବାହୁର ମସୃଣତା, ପ୍ରଶସ୍ତ କପାଳ, ତୀକ୍ଷ୍ଣ ନାସିକା, ରକ୍ତିମ ଓଠ, ନୀଳରଙ୍ଗର ପାଟବସ୍ତ୍ର ସହିତ କଣ୍ଠରେ ବିଭିନ୍ନ ମୋତିମାଳା, କାନରେ ମାଣିକ୍ୟର ରତ୍ନ କୁଣ୍ଡଳ, ଓଠରେ ନିରୀହ ଔଜ୍ଜ୍ୱଲ୍ୟଭରା ହସ ସତେଯେମିତି ସ୍ୱର୍ଗର କେଉଁ ଦେବତା ଭୁଲ୍‌ରେ ମର୍ତ୍ତ୍ୟକୁ ଓହ୍ଲାଇ ପଡ଼ିଛନ୍ତି । ବଳରାମଙ୍କର ଅନିନ୍ଦ୍ୟ ସୌନ୍ଦର୍ଯ୍ୟରେ ସୁନ୍ଦରୀ ସୁଲଗ୍ନା ସତେଯେମିତି ଅଭିଭୂତ ହୋଇଗଲା ଭଳି ମନେ ହେଉଥିଲା । ସୁଗନ୍ଧି ଲେପକୁ ଭାଇନାଙ୍କର ବାହୁରେ, ଦେହରେ, ଛାତିରେ, ହାତ, ଗୋଡ଼, ମୁହଁରେ ଲଗାଉଥିଲାବେଳେ ତା' ଆଙ୍ଗୁଠିର କେଉଁ ଅନନ୍ତ କାମନାର ଭୋକ ଯେମିତି ହୃଦୟର ସ୍ପନ୍ଦନ ଓ ଶିହରଣକୁ ବଳରାମଙ୍କ ଦେହରେ ଅମାନିଆ ଜଗାଇ ଦେଉଥାଏ ।

ମୁଁ ଲକ୍ଷ୍ୟ କରୁଥିଲି ସୁଲଗ୍ନାର ହାତର ମାଦକତାଭରା ସ୍ପର୍ଶ, ଚାହାଣୀର ବିମୋହିତ ବିଭୋରପଣ, ଯୌବନଦୀପ୍ତ ତା'ର ଶରୀର ଓ ବ୍ୟକ୍ତିତ୍ୱର ମୋହଲଗା ସୁଗନ୍ଧ ଯେମିତି ବଳରାମ ଭାଇନାଙ୍କୁ ମତୁଆଲା କରିଦେଉଥିଲା । ସେ ମଧ କେମିତି ଏକ ମୂର୍ଚ୍ଛାହତ ଆକର୍ଷଣ ସୁଲଗ୍ନା ପାଇଁ ନିଜ ଭିତରେ ଅନୁଭବ କରୁଥିଲେ । ବଳରାମ ଭାଇନା ସୁଲଗ୍ନାର ହାତକୁ ନିଜ ହାତରେ ରଖି କହିଲେ, ''ସୁଲଗ୍ନା ! ସତରେ ତୁମେ ଭାରି ସୁନ୍ଦର ଭାବରେ ସଜାଇବା ଜାଣିଛ । ତୁମ ହାତର ସ୍ପର୍ଶରେ କେମିତି ଏକ ନିବିଡ଼ ଆତ୍ମୀୟତା ମୋର ସମଗ୍ର ସତ୍ତାକୁ ଆପଣେଇ ନେଉଛି ।''

ସୁଲଗ୍ନା ବଳରାମ ଭାଇନାଙ୍କ କଥାରେ ସତକୁ ସତ ବାଷ୍ପରୁଦ୍ଧ ହୋଇପଡ଼ିଲା । ଆଖିରୁ ତା'ର ଲୁହ ଝରିପଡ଼ିଲା । ନିଜର ସର୍ବସ୍ୱ ହରାଇ ମଥୁରାରେ ଆସି ରହିଲା ଦିନରୁ କେହି କେବେ ତାକୁ ଏପରି ସ୍ନେହରେ ଆଉଁଷି ଦେଇ ନଥିଲେ । ସୁଲଗ୍ନା ନିଜକୁ ସମ୍ଭାଳି ନ ପାରି ସେଠୁ ଉଠିଯାଇ ବାଡ଼ିଆଡ଼ର ଗଙ୍ଗଶିଉଳି ଗଛ ମୂଳକୁ ଚାଲିଗଲା । ସେ ତା'ର ଲୁହକୁ କାହା ଆଗରେ ଝରେଇବାକୁ ଚାହୁଁ ନଥିଲା । ବଳରାମ ଭାଇନା ମଧ ନିଜକୁ ଆଉ ସମ୍ଭାଳି ପାରିଲେ ନାହିଁ । ତାଙ୍କର ଆଖିକୁ ମଧ ସୁଲଗ୍ନାର କୋହ ସଂକ୍ରମିତ ହୋଇଯାଇଥିଲା । ସେ ବସିବା ଜାଗାରୁ ଉଠି ଅନ୍ୟମନସ୍କ ଭାବରେ ବାଡ଼ିପଟକୁ ଚାଲିଗଲେ ।

ମତେ ବି କେମିତି ଉଦାସ ଉଦାସପଣ ଆଚ୍ଛନ୍ନ କରିଦେଉଥିଲା ପାର୍ଥ । ମତେ କେତେ ସ୍ନେହରେ ଆବେଗରେ, ଛଳଛଳପଣରେ ସଜାଉଥିଲା ମାଳିନୀ । ଆହା ! କେତେ ନିରୀହ ନିଷ୍ପାପ ସ୍ନେହମୟୀ ଏଇ ଦୁଇ ନାରୀ ମାଳିନୀ କୁବ୍‌ଜା ଓ ସୁଲଗ୍ନା । ଦିନେ ଅପରୂପ ସୁନ୍ଦରୀ ଥିବା ମାଳିନୀର ପିଠିରେ ବଢୁଥିବା ପୃଷ୍ଠ କୁଜର ସଂକ୍ରମଣରେ ସେ ସବୁ ଚଞ୍ଚଳତା, ଜୀବନ ପ୍ରବଣତାଠାରୁ ତୁରନ୍ତଟାରେ ଅସମୟରେ ଦୂରେଇ ଯିବାକୁ ବାଧ ହେଲା । ଅନେକ ଉପହାସ, ଅପମାନ, ଟିଟିକାରର ପ୍ରଚଣ୍ଡ ଆକ୍ରମଣରେ ବିଚାରି କେତେ ଲହୁ ଲୁହାଣ ନ ହୋଇଛି ଯେ । କୁଜ ଯେତିକି ବଢ଼ିଲା, ମାଳିନୀ ସେତିକି ସାଙ୍କୁଡ଼ିଗଲା । ହେଲେ ମାଳିନୀର ହାତର ସ୍ପର୍ଶରେ ଯେମିତି କର୍ପୂରର ଶୀତଳତା ଭରି ହୋଇ ରହିଥିଲା । ମୋ ଦେହ, ମୁହଁ, ଛାତି, ବାହୁ, ପିଠି, ଗୋଡ଼, ପାଦରେ ମାଳିନୀ କୁବ୍‌ଜା ପରମ ସ୍ନେହରେ ବୋଳି ଦେଉଥାଏ । ଭାରି ଭଲ ଲାଗୁଥାଏ ମତେ । ମୁଁ ଅତ୍ୟନ୍ତ ଆବେଗରେ କୁବ୍‌ଜାକୁ ମୋ ଛାତିରେ ଜଡ଼ାଇ ଧରିଲି ଓ ତାର ପିଠର କୁଜକୁ ଆଉଁଷି ଦେଇ କହିଲି, 'ମାଳିନୀ ! ମନଦୁଃଖ ଆଉ କରନି । ତୁମର ପିଠି କଥା ମୁଁ ମଥୁରା ଆସିଲାବେଳେ ରାଜବୈଦ୍ୟଙ୍କୁ ପଚାରିଥିଲି । ସେ କହିଥିଲେ ବିଭିନ୍ନ ଚେରମୂଳିରେ ପ୍ରସ୍ତୁତ ଦ୍ରବଣ ନେଇ ପୃଷ୍ଠବ୍ରଣ, କୁଜରେ ଲେପନ କଲେ ସୁଫଳ ମିଳିବ । ତାହା ତୁମ ପାଇଁ ଆଣିଦେଇଛି । ସବୁଦିନ ସକାଳୁ ସ୍ନାନପରେ କୁଜରେ ସେ ଦ୍ରବଣ ଲଗାଇବ । ଏହାସହିତ କେତୋଟି ଯୋଗର କ୍ରିୟା ମୁଁ ତମକୁ ବତାଇଦେବି । ତାହା ତୁମେ ସବୁଦିନେ ଅଭ୍ୟାସ କଲେ ଦେଖିବ ଭଲ ହୋଇଯାଇପାରେ । ସେହି ଯୌଗିକ ଆସନଗୁଡ଼ିକ ପୃଷ୍ଠ କୁଜକୁ ତରଳାଇବାରେ କ୍ରମଶଃ ସାହାଯ୍ୟ କରିବ ।''

ମାଳିନୀ କୁବ୍‌ଜା ମୋ ଉପରେ ଏପରି ଜଡ଼େଇ ହୋଇଯାଇଥିଲା ଯେ ଯେମିତି ସେ ତା'ର ନିର୍ଭୟ ଆଶ୍ରୟସ୍ଥଳରେ ଆସି ମୁଣ୍ଡ ଗୁଞ୍ଜି ସାରିଥିଲା । ନାରୀ ମନରେ ଥିବା ପ୍ରିୟତମ ପୁରୁଷର ସାନ୍ନିଧ ତାକୁ ସର୍ବୋତ୍ତମ ସୁଖର ଅନୁଭୂତିରେ ବୁଡ଼ବୁଡ଼ କରିଦେଇଥିଲା । ମୁଁ ଅନେକ ସମୟ ପର୍ଯ୍ୟନ୍ତ କୁବ୍‌ଜାକୁ ମୋ ବକ୍ଷରେ ଜଡ଼େଇ ଧରିଥିଲି । ମନେ ମନେ ସୁନ୍ଦରୀମାଳିନୀର ସୌନ୍ଦର୍ଯ୍ୟ, ଆତ୍ମବିଶ୍ୱାସ, ବଞ୍ଚିବାର ଇଚ୍ଛା ଯେପରି ପୁନଃ ତା' ମନକୁ ଆହୁରି ସମ୍ଭାବନାରେ ଭରିଦେଉ ବୋଲି ପ୍ରାର୍ଥନା କରୁଥିଲି ।

ମୁଁ ଆସ୍ତେକିନା କହିଲି, ''ମାଳିନୀ ! ଉଠ । ମତେ ପରା ତମେ କଂସର ରାଜମହଲକୁ ନେଇଯିବ ବୋଲି କହିଥିଲ । ଉଠନା ।''

ମାଳିନୀ କୁବ୍‌ଜା ପ୍ରେମ ଆଉ କୃତଜ୍ଞତାରେ ଛଳ ଛଳ ଦେଖାଯିବା ସହିତ ଏକ ବିଶ୍ୱସନୀୟତାର ଆଭାରେ ଔଜ୍ଜ୍ୱଲ୍ୟମୟ ଦେଖାଯାଉଥିଲା । ପୁଣି ଥରେ ମୋ

ପାଦ ଦୁଇଟିକୁ ଜାବୁଡ଼ି ଧରି ଚୁମ୍ବନ ଦେଇ କହିଲା, 'ହେ କୃଷ୍ଣ ! ତମେ ମୋର ଏ ଅଲୋଡ଼ା, ନିର୍ବାକ୍ ଜୀବନରେ ବଞ୍ଚିବାର ଆଶା ପୁଣି ଥରେ ସୃଷ୍ଟି କରିଦେଲ । ତମର ଉଦାରତା, ଭଲ ପାଇବାର ସ୍ୱର୍ଗାତୁରତାରେ ମୋର ସବୁ ଦୁଃଖ, ରୋଗ କଷ୍ଟ ଯେମିତି ପାଣିଭଳି ମିଳେଇଗଲା । ମୋ ଭଳି ଏକ ନିହାତି ସାଧାରଣ ଜଣେ ନାରୀର ଇଚ୍ଛାକୁ ମଧ ତୁମେ ସମ୍ମାନ ଦିଅ ବୋଲି ମୋର ଅନୁରୋଧ ରକ୍ଷାକରି ମୋ କୁଟୀରରେ ରହିବା ପାଇଁ ରାଜିହୋଇ ଆସିଲ ଏବଂ ମତେ ତୁମ ଶୁଭେଚ୍ଛା, ସ୍ନେହ, ପ୍ରେମର ଆବେଗରେ ଆବିଷ୍ଟ କରିଦେଲ । ସେଥିପାଇଁ ମୁଁ ତୁମ ପାଖରେ ଆଜନ୍ମ କୃତଜ୍ଞ କାହ୍ନା । ମତେ ତୁମ ସେବା କରିବାରୁ କେବେହେଲେ ବଞ୍ଚିତ କରିବନି ।''

ମାଳିନୀର ଲୁହରେ ମୋର ପଦଯୁଗଳ ଓଦା ହୋଇଯାଉଥିଲା । ମୁଁ ବଳରାମ ଭାଇନାଙ୍କୁ ଖୋଜୁଥିଲି । ଛାଇ ଛାଇକା ପାଣିଚିଆ ଅନ୍ଧାର ଓ ଉଷାଲୋକ ଭୂମିକୁ ଛୁଇଁ ଛୁଇଁ ଆସିଲାବେଳକୁ ଗଙ୍ଗଶିଉଳିର ନରମ ଶେଯ ଉପରେ ସୁଲଗ୍ନାର ସୁବର୍ଣ୍ଣ ଅଙ୍ଗଲତା ସ୍ଫଟିକରେ ଫୁଟି ଦିଶିଲାଭଳି ଚକ୍‌ମକ୍ କରୁଥାଏ । ବଳରାମ ଭାଇନାଙ୍କ ବକ୍ଷ ଉପରେ ପରମ ତୃପ୍ତିରେ ନିଧଡକ ହୋଇ ଶୋଇପଡ଼ିଥିଲା ସୁଲଗ୍ନା । ବାଳ ଖୋଲିଯାଇ ଖେଳାଇ ପଡ଼ିଥିଲା । ଦେହର ବସ୍ତ୍ର ଆଭୂଷଣ ଅବିନ୍ୟସ୍ତ ହୋଇଯାଇଥିଲା । ସବୁ ଯେମିତି ପୂରିଲା ପୂରିଲା ଦେଖାଯାଉଥିଲା । କେଉଁ ଅୟୁତ ଯୁଗର ଅସରନ୍ତି ତୃଷ୍ଣାର ବାଷ୍ପୀଭୂତ କାମନା ସାମ୍ରାଜ୍ୟର ଶୃଙ୍ଗାରମୟୀ ସାମ୍ରାଜ୍ଞୀ ଭଳି ସୁଲଗ୍ନା ତା'ର ପରମ ଆକାଂକ୍ଷିତ ପ୍ରଣୟୀଙ୍କୁ ପାଇ ଯୌବନର ସମସ୍ତ କ୍ଷୁଧାତୁରତାକୁ ନିଜ ଅସ୍ତିତ୍ୱରେ ଆଚ୍ଛନ୍ନ କରିଦେଇଥିଲା । ବଳରାମ ଭାଇନାଙ୍କ ମୁହଁରେ ବି ଚରମ ରତିତୃପ୍ତିର ବିଲୋଳ ହସ ଝଲମଲ କରୁଥିଲା । ଆଉ ଏକ ନୂଆ ସକାଳର ଚିତ୍ରିତ ଘାସଶେଯ ଉପରେ ଏହି ପ୍ରଣୟୀ ଯୁଗଳଙ୍କୁ ଆଶୀର୍ବାଦ ଜଣାଇ ଗଙ୍ଗଶିଉଳି ଫୁଲ ତା'ର ପଣତ ଝାଡ଼ିଦେଉଥିଲା ।

ମୁଁ ଈଷତ୍ ହସିଦେଇ ମାଳିନୀକୁ ପଚାରିଲି, ''ଆମକୁ ଶୀଘ୍ର ଯିବାକୁ ହେବ ମାଳିନୀ । ହେଲେ ମୋର ପ୍ରିୟ ବଳରାମ ଭାଇନା ଓ ସୁଲଗ୍ନା କ'ଣ ଏ ଯାଏଁ ଯିବାପାଇଁ ପ୍ରସ୍ତୁତ ହୋଇନାହାନ୍ତି !''

ମାଳିନୀ ମୋ କଥା ଶୁଣି ଫିକ୍‌କିନା ହସିଦେଇ କହିଲା, ''ତମେ ଟିକେ ଅପେକ୍ଷା କର କାହ୍ନା ! ମୁଁ ସେମାନଙ୍କୁ ଏଇ ସଙ୍ଗେ ସଙ୍ଗେ ନେଇ ଆସୁଛି ।''

ଓଁ ଜବା କୁସୁମଂ ସଂକାଶଂ
କାଶ୍ୟପେୟଂ ମହାଦ୍ୟୁତି
ଧ୍ୱାନ୍ତାରୀ ସର୍ବପାପଘ୍ନ
ପ୍ରଣୋତୋସ୍ମି ଦିବାକରଃ...

ମାଳିନୀ...କୁବ୍‌ଜାର ସେଇ କୁଟୀର ସଂଲଗ୍ନ ପ୍ରାକୃତିକ ଜଳ କୁଣ୍ଡରେ ମୁଁ ଓ ବଳରାମ ଭାଇନା ସ୍ନାନସାରି ପ୍ରାତଃକାଳୀନ ନିତ୍ୟକର୍ମ ସମ୍ପନ୍ନ କରିବା ପାଇଁ ପ୍ରସ୍ତୁତ ହେଲାବେଳକୁ ମଥୁରା ଆକାଶର ପୂର୍ବ ଦିଗରେ ସୂର୍ଯ୍ୟୋଦୟ ହେଉଥିଲା । ମୁଁ ଓ ଭାଇନା ପ୍ରାତଃକାଳୀନ ସୂର୍ଯ୍ୟଦେବଙ୍କୁ ପ୍ରଣାମ କରି ଆଶିଷ ମାଗିଲୁ ।

''ହେ ସକଳ ଶକ୍ତିର ଆଧାର ସୂର୍ଯ୍ୟଦେବ ! ଆମ ଆଗରେ ଏବେ ଅଗ୍ନି ପରୀକ୍ଷାର ସମୟ ଉପସ୍ଥିତ । ମଗଧ ସମ୍ରାଟ ଜରାସନ୍ଧର ବାହୁ ବଳରେ ମଥୁରାର ଅସହାୟ ଆବାଳବୃଦ୍ଧବନିତାଙ୍କୁ ବହୁବର୍ଷ ଧରି ନିର୍ଯ୍ୟାତନା ଦେଇ ଆସିଥିବା କଂସର କବଳରୁ ଆମେ ମଥୁରା ନଗରୀ ଓ ତାର ପାର୍ଶ୍ୱବର୍ତ୍ତୀ ଜନପଦଗୁଡ଼ିକର ପ୍ରଜାଗଣଙ୍କୁ ମୁକ୍ତ କରି ଏକ ସ୍ୱାଧୀନ ସାର୍ବଭୌମ ସମାଜ ଶାସନ ଗଠନ କରିବାକୁ ଚାହୁଁଛୁ ।''

ମୋର ସୂର୍ଯ୍ୟବନ୍ଦନା ଶେଷ ହେଲାବେଳକୁ ମାଳିନୀର କୁଟୀର ସମ୍ମୁଖ ରାଜଦାଣ୍ଡରେ ଯାଦବ ଜନତାଙ୍କ କୋଳାହଳ ଆରମ୍ଭ ହୋଇଯାଇଥିଲା । ମାଳିନୀ ଆମ ଦୁଇ ଭାଇଙ୍କୁ ମହାର୍ଘ ଅଙ୍ଗରାଗରେ ମଣ୍ଡଣି କରିଦେଇ ତାର ସମସ୍ତ ପ୍ରେମପୂର୍ଣ୍ଣ ଆବେଗରେ ଚନ୍ଦନ କସ୍ତୁରୀର ମୋହମଗ୍ନ ସୁଗନ୍ଧରେ ଆମ ଦେହକୁ ସୁବାସିତ କରି ବୋଳି ଦେଇଥିଲା । ଭାଇନାଙ୍କ ଆଡ଼କୁ ମୁଁ ଚାହିଁଲାବେଳକୁ ଦେଖୁଥିଲି, ଗତକାଲି ରାତ୍ରିରେ ଯେପରି ଏକ ଅନନ୍ତ କାମନାରପ୍ରାପ୍ତିଜନିତ ସ୍ଫୁର୍ତ୍ତି ଓ କ୍ଳାନ୍ତି ତାଙ୍କ ଦେହ ମୁହଁରେ ଲାଖି ରହିଥିଲା । ମୋ ଆଖିରେ ଆଖି ମିଶିଲାକ୍ଷଣି ଭାଇନା ଲାଜେଇ ଗଲେ । ମୁଁ ଜାଣିପାରୁଥିଲି ଦାନବରାଜକନ୍ୟା ସୁଲଗ୍ନାର ମୋହମୁଗ୍ଧ ପ୍ରୀତିର ସମର୍ପଣ ବଳରାମ ଭାଇନାଙ୍କୁ ଅପାର ତୃପ୍ତି ଦେଇଛି । ବାହାରେ ବାଦ୍ୟ ଘୋଷ ମନ୍ଦ୍ର ମନ୍ଥର ଗତିରେ ଆରମ୍ଭ ହୋଇ କ୍ରମଶଃ ତାହା ରଣବାଦ୍ୟରେ ପରିଣତ ହୋଇସାରିଥିଲା । ପ୍ରତିଟି ଧ୍ୱନିରେ ଯେମିତି ରଣଂଦେହି...ରଣଦେହିଂର ହୁଙ୍କାର ଗୁଞ୍ଜରିତ ହେଉଥିଲା ।

ମୁଁ ମାଳିନୀକୁ ଆଉଁଷି ଦେଇ ଗଭୀର କଣ୍ଠରେ କହିଲି, ''ଦେବୀ ! ଦେବଦେବ ମହାଦେବ ତୁମକୁ ସହାୟ ହୁଅନ୍ତୁ ! ମୋତେ ଏଥର କଂସଙ୍କ ଧନୁର୍ଯଜ୍ଞକୁ ଯିବାକୁ ହେବ । ମତେ ବିଦାୟ ଦିଅ ।''

ମାଳିନୀର ଆଖିରେ ଅଶ୍ରୁଧାର ବୋହୁଥିଲା ।

ଥରଥର କଣ୍ଠରେ ହାତଯୋଡ଼ି, ମାଳିନୀ ପ୍ରଣାମ କଲାବେଳେ କହିଲା – ''ମୋର ଏଇ ଦରିଦ୍ର କୁଡ଼ିଆକୁ ଆସିବ କାହ୍ନା ! ପୁଣି ଥରେ ତମର ସେବା କରିବାର ସୁଯୋଗରୁ ବଞ୍ଚିତ କରିବ ନାହିଁ ତ ?

ମୁଁ ଆଶ୍ୱାସନା ଦେଇ କହିଲି – ''ମୁଁ ପୁଣି ଆସିବି ମାଳିନୀ, ହେଲେ ତୁମର ଭଗ୍ନୀ ଦେବୀ ସ୍ୱୁଲଗ୍ନା ଗଲେ କୁଆଡ଼େ ?''

ମାଳିନୀ ମୋର ଏପରି ରହସ୍ୟଜନକ ହଠାତ୍ ପ୍ରଶ୍ନରେ ସ୍ମିତ ହସ ଧାରେ ତୋଳି କହିଲା, ''ସ୍ୱୁଲଗ୍ନା ! ରାତ୍ରିର ଶେଷ ପ୍ରହରରେ ସେଇ ପାଣିଚିଆ, ଅନ୍ଧାର ଭିତରେ ଗୋପନଭାବରେ କଂସର ରାଜମହଲକୁ ଚାଲିଗଲାଣି । ଏବେ ବୋଧେ ସେ ରାଣୀହଂସପୁରରେ ପହଞ୍ଚି ଯାଇଥିବ ।''

ବୁଝିଲ ପାର୍ଥ ! ଦୁର୍ବଳ ଉପରେ ସବଳର ଚିରକାଳ ଔଦ୍ଧତ୍ୟ ପ୍ରଦର୍ଶନ, ଶୋଷଣ ଓ ଅତ୍ୟାଚାର ମାନବ ସଭ୍ୟତାର ସୃଷ୍ଟି ଆରମ୍ଭରୁ ଲାଗିରହିଛି । କିନ୍ତୁ ଯେଉଁଦିନ ଦୁର୍ବଳଶ୍ରେଣୀ ଭିତରୁ ଶୋଷିତ ନିର୍ଯ୍ୟାତିତ ମାନବର ଶକ୍ତି ବିସ୍ଫୋରକ ରୂପନେଇ ଭୂମି ଉପରେ ଅବତରଣ କରେ ସେତିକିବେଳେ ଦୁର୍ବଳମାନେ ନୂତନ ନେତୃତ୍ୱ ଉପରେ ଆସ୍ଥାବାନ ହୋଇ ସଙ୍ଗଠିତ ହୋଇଯାନ୍ତି । ସଂଗଠିତ ଦୁର୍ବଳଶକ୍ତିର ଦୁର୍ବାର ଝଡ଼ ଯେତେବେଳେ ଅଗ୍ନିବର୍ଷା ଆରମ୍ଭ କରେ ସେତିକିବେଳେ ମୁଷ୍ଟିମେୟ ସବଳ ଜଳପୋଡ଼ି ଛାରଖାର ହୋଇଯାନ୍ତି । ମଥୁରାର ଅସହାୟ ଦୁର୍ବଳ ଶକ୍ତି ପାଇଁ ଆମେ ଦୁଇ ଭାଇ ପାଲଟି ଯାଇଥିଲୁ ଆଶା,ଭରସା, ଆସ୍ଥା ଓ ବିଶ୍ୱାସ ବିଜଡ଼ିତ ନେତୃତ୍ୱର ଏକ ପ୍ରତୀକ ।

ମୁଁ ମାଳିନୀର କୁଟୀର ସମ୍ମୁଖ ରାଜଦାଣ୍ଡ ଉପରେ ଏକତ୍ରିତ ଯାଦବ ଜନସମୂହର ଉତ୍ସାହ ଓ ଉଦ୍ଦୀପନାକୁ ମନଯୋଗ ସହକାରେ ଅନୁଧ୍ୟାନ କରୁଥିଲି । ମଥୁରାର ବିଭିନ୍ନ ଗଳିକନ୍ଦିରୁ ଅବିରବୋଳା ଜନତାଙ୍କ ସୁଅ ଛୁଟି ଆସୁଥିଲା ମଥୁରାର ରାଜମାର୍ଗକୁ ।

ବଳରାମ ଭାଇନା ତାଙ୍କର ଗଦା, ମୁଷଳ ଧରି ଧନୁଯାତ୍ରା ପ୍ରସ୍ତୁତିରେ ଲାଗିପଡ଼ିଥାନ୍ତି । ଗୋକୁଳ ଛାଡ଼ି ମଥୁରା ଆସିଲାବେଳେ ମୋର ଓ ବଳରାମ

ଭାଇନାଙ୍କ ହୃଦୟ ଅଟଳ.... ଅଟଳ ଆତ୍ମବିଶ୍ୱାସରେ ଭରି ଉଠିଥିଲା । ଆମ ସାଙ୍ଗରେ ଏକତ୍ର ହୋଇଥିବା ଯାଦବ ଜନସମୁଦ୍ରର ଘନଘୋର ଗର୍ଜନକୁ ଲକ୍ଷ୍ୟ କରି ମୋ ସହିତ ବଳରାମ ଭାଇନାଙ୍କ ଆତ୍ମବିଶ୍ୱାସ ଯେମିତି ଗଗନସ୍ପର୍ଶୀ ହୋଇପଡୁଥିଲା । ଆମ ଦୁଇ ଭାଇଙ୍କର ଶରୀର ମୟୂରର ପକ୍ଷ ଭଳି ଉଶ୍ୱାସ ହୋଇଯାଇଥିଲା । ଚିତ୍ତ କେବଳ ଭୟଶୂନ୍ୟ ହୋଇପଡ଼ିଥିଲା ସେତିକି ନୁହେଁ, ଅଦମ୍ୟ ଦୃଢ଼ ମାନସିକତାରେ ଆମେ ଦୁହେଁ ଯେମିତି ଉନ୍ମାଦିତ ହୋଇ ଉଠୁଥିଲୁ । ଆମେ ଦୁହେଁ ଆଉ ଗୋକୁଳର ବଂଶୀଧାରୀ କୃଷ୍ଣ, ବଳରାମ ହୋଇ ରହିନଥିଲୁ । ଯାଦବ କୁଳର କୃଷ୍ଣ ବଳରାମ ବି ନଥିଲୁ । ଆମେ ରୂପାନ୍ତରୀତ ହୋଇଯାଇଥିଲୁ, ଭ୍ରଷ୍ଟାଚାରୀ, ଦାମ୍ଭିକ, ଔଦ୍ଧତ୍ୟପୂର୍ଣ୍ଣ ଅହଂକାରୀ ରାଷ୍ଟ୍ରଶକ୍ତି ବିରୁଦ୍ଧରେ ଦୁର୍ବଳ ଜନଶକ୍ତିର ଅଫୁରନ୍ତ ବିଦ୍ରୋହୀ ସତ୍ତା ।

ଜାଣିଛ ପାର୍ଥ ! ଅତ୍ୟାଚାରୀ କଂସ କିଭଳି ମାନସିକ ସ୍ତରରେ ଅସମ୍ଭବ ଭୟଗ୍ରସ୍ତ ହୋଇ ଅସ୍ଥିରତା ଅନୁଭବ କରୁଥିଲା ତାହାର ସୂଚନା ମୁଁ ଅକ୍ରୁର କକା ଓ ଗୁପ୍ତଚରଙ୍କ ମଧ୍ୟରେ ହେଉଥିବା କଥାବାର୍ତ୍ତାରୁ ପାଇସାରିଥିଲି । ଅକ୍ରୁର କକାଙ୍କୁ ଗୁପ୍ତଚର ଆସି କହୁଥିଲା- ''ହେ ମହାଭାଗ ! କଂସର ପ୍ରଧାନ ସେବିକା ସୁଲଗ୍ନାଦେବୀ ଆପଣଙ୍କୁ ଏହି ଗୁପ୍ତ ତଥ୍ୟଗୁଡ଼ିକ ଦେବାପାଇଁ ଜଣାଇଛନ୍ତି । କଂସ ଗତ ଅନେକ ରାତି ହେଲା ଆଦୌ ଶୋଇପାରୁନାହିଁ । ଶୟନ କକ୍ଷର ଚତୁର୍ଦ୍ଦିଗରେ ଆହୁରି କଡ଼ା ପହରା ଦିଆଯାଇଛି । ଏପରିକି ମହାରାଣୀ ପ୍ରାପ୍ତି ଓ ଅସ୍ତିଙ୍କୁ ମଧ୍ୟ କଂସର ଶୟନ କକ୍ଷ ଭିତରକୁ ଛଡ଼ାଯାଉନାହିଁ । କେବଳ ସୁଲଗ୍ନାଦେବୀଙ୍କୁ କଂସ ବିଶ୍ୱାସ କରୁଛି । ସେହିଁ କଂସର ପାଖେ ପାଖେ ରହୁଛନ୍ତି । କିନ୍ତୁ ମଧ୍ୟରାତିରେ କଂସ ଚିରଚିରେଇ ଉଠୁଛି ଯେ କେହି ଜଣେ ମାୟାବୀ ତା କକ୍ଷକୁ ପଶିଆସି ଯେମିତି ତାକୁ ପ୍ରାଣଘାତି ଆକ୍ରମଣ କରୁଛି । ବେଳେବେଳେ ପୁଣି ତାକୁ ତୁଳସୀ, ମାଳତି, ଦୟଣା ସହ ଚନ୍ଦନର ସୁଗନ୍ଧରେ ସମସ୍ତ କକ୍ଷ ସୁଗନ୍ଧିତ ହେଲାଭଳି ମନେହେଉଛି । ଗତ ରାତିରେ ତା'ର ମନେହେଲା ଯେପରିକି କୃଷ୍ଣଙ୍କର ମୟୂର ଚନ୍ଦ୍ରିକା ତା ଛାତିରେ ପଡ଼ିଯାଇଛି । ଏପରି ଚିତ୍କାର କରି କଂସ ସମସ୍ତଙ୍କର ନିଦ ହଜାଇ ଦେଉଛି । କଂସର ଡରିବାର ମୁଖ୍ୟ କାରଣ ହେଉଛି ତାହାର ମୁଖ୍ୟ ଟାଣୁଆ ବୀର ଯୋଦ୍ଧା ପୂତନା, ବକା, ଶକଟା, ପ୍ରଳମ୍ବା, ତୃଣାବର୍ତ୍ତ, ଅଘା, ଧେନୁକା, କେଶୀ, ବତ୍ସା ପ୍ରମୁଖଙ୍କର ଗୋପପୁରରେ ଅତ୍ୟନ୍ତ ରହସ୍ୟଜନକ ଅବସ୍ଥାରେ ମୃତ୍ୟୁ । ତାହାର ଶକ୍ତିଶାଳୀ ଗୁପ୍ତଚରବାହିନୀ ଗୋପର ପ୍ରତି ଅନ୍ଧି, କନ୍ଦି, ବିକନ୍ଦି ଘୂରିବୁଲିଲେ ସିନା ସେଇ ଘାତକ ବାଳକର ସାମାନ୍ୟ ସନ୍ଧାନ ସୁଦ୍ଧା ପାଇଲେ ନାହିଁ । ଏପରିକି ଜନରବରେ ସର୍ବଦା ଶୁଣାଯାଉଛି କୃଷ୍ଣ ବଳରାମ ଏ ସମସ୍ତ ଘଟଣାର ମୁଖ୍ୟ ସୂତ୍ରଧର । ଇନ୍ଦ୍ରପୂଜାକୁ ବିରୋଧ କରି ଗୋବର୍ଦ୍ଧନ ପୂଜା, ମହାଶକ୍ତିଶାଳୀ ନାଗ

କାଳୀୟର ସଂହାର ମୂଳରେ ନିଶ୍ଚୟ କୃଷ୍ଣ-ବଳରାମ ଦୁଇଭାଇ ଅଛନ୍ତି ବୋଲି କଂସର ଘୋର ସନ୍ଦେହ ଉପୁଜୁଛି । ତେଣୁ କଂସ ଏତେ କ୍ରୋଧାନ୍ୱିତ ହୋଇଯାଇଛି ଯେ, ଆଖିଆଗରେ ଯଦି ଏଇ ଦୁଇଜଣ କିଶୋର ବାଳକଙ୍କୁ ପାଇବ, ତେବେ ସମୂଳେ ଯେମିତି ନିଶ୍ଚିହ୍ନ କରିଦେବ । ସେଥିପାଇଁ ଅତ୍ୟନ୍ତ କ୍ରୋଧବଶତଃ ସେ କାରାଗୃହକୁ ଯାଇ ଦେବକୀ ଓ ବସୁଦେବଙ୍କୁ ଭୟଙ୍କର କଟୂକଥାମାନ କହିଛି । ତା'ର ବଦ୍ଧମୂଳ ଧାରଣା ହେଉଛି ଯଶୋଦା କୁମର କୃଷ୍ଣ ଯିଏ, ସେ ହିଁ ଦେବକୀର ପୁଅ । ଦେବକୀ ବସୁଦେବ କପଟରେ କୃଷ୍ଣକୁ ନନ୍ଦ ଯଶୋଦାଙ୍କ ନିକଟକୁ ପଠାଇ ଦେଇଥିଲେ । ଏତେ ବଡ଼ ଷଡ଼ଯନ୍ତ୍ର ତା'ର ଅଜାଣତରେ ସଂଗଠିତ ହେଲା ଅଥଚ କଂସ କିଛି ହେଲେ ଜାଣିପାରିଲା ନାହିଁ । ଏହି ଅସଫଳତାର ସୂଚନା ବେଶୀ ଘାରୁଛି । ତା'ହେଲେ ଏତେବର୍ଷ ହେଲା ଦେବକୀ ବସୁଦେବ କଂସ ସହିତ ପ୍ରତାରଣା କରି ଆସିଛନ୍ତି ବୋଲି ସେ ଦୁହିଁଙ୍କୁ ଶୃଙ୍ଖଳିତ ଅବସ୍ଥାରେ ନିର୍ମମ ବେତ୍ରାଘାତ କରାଯାଇଛି । ତେଣୁ ହେ ମହାଭାଗ ! ଏହି ଦୁଇ ବାଳକଙ୍କୁ ମାରିବାପାଇଁ କଂସର ନିର୍ଦ୍ଦେଶନାରେ ସାଂଘାତିକ ଯୋଜନାମାନ କାର୍ଯ୍ୟକାରୀ ହେବାକୁ ଯାଉଛି, ତାହା ଶୁଣିଲେ ଯାହାର ହେଲେ ହୃଦୟ ଥରିଯିବ ।''

''ପ୍ରଥମ ପର୍ଯ୍ୟାୟରେ ମଥୁରା ନରେଶଙ୍କର ଦିଗ୍‌ବିଜୟ ସମୟରେ ମହା ମହା ଶକ୍ତିଶାଳୀ ଶତ୍ରୁପକ୍ଷର ସୈନ୍ୟବାହିନୀକୁ ଏକାକୀ କୁବଳୟା ପୀଢ଼ ଦଳିଚକଟି ମର୍ଦ୍ଦନ କରି ହତ୍ୟା କରେ ଏବଂ ଶତ୍ରୁପକ୍ଷ ପ୍ରାଣବିକଳରେ ଯୁଦ୍ଧଭୂମି ଛାଡ଼ି ପଳାଇ ଯାଉଥିଲେ ଓ ବଶତା ସ୍ୱୀକାର କରୁଥିଲେ । ସେଥିପାଇଁ ମତ୍ତହସ୍ତୀ କୁବଳୟା ପୀଢ଼କୁ ପ୍ରଚୁର ମଦ୍ୟପାନ କରାଯାଇ ଉନ୍ମତ୍ତ କରିଦିଆଯାଇଛି । ଆଗାମୀ କାଲି ପ୍ରଭାତରେ କଂସର ଧନୁର୍ଯଜ୍ଞ ସଭାରେ ପ୍ରଥମ ଆକର୍ଷଣ ହେବ ମତ୍ତହସ୍ତୀ କୁବଳୟା ସହ ସୁକୁମାର କିଶୋର କୃଷ୍ଣ-ବଳରାମଙ୍କର ଯୁଦ୍ଧ ।''

''ଏ ସମସ୍ତ ଘଟଣା ଅବିଶ୍ୱାସ୍ୟ ହେଲେ ମଧ୍ୟ ସତ୍ୟ ସ୍ୱାମୀ ! ଯଦି ଦୈବାତ୍ କୃଷ୍ଣ ବଳରାମ ହସ୍ତୀ କବଳରୁ ନିଜକୁ ବଞ୍ଚାଇପାରନ୍ତି, ତେବେ ଆଉ ଏକ ଭୟଙ୍କର ବିପଦର ଝଞ୍ଜା ସେମାନଙ୍କୁ ଅପେକ୍ଷା କରିଥିବ । ତାହା ହେଉଛି ମହାବଳୀ ପ୍ରଚଣ୍ଡ ମଲ୍ଲଯୋଦ୍ଧା ଚାଣୂର ଓ ମୁଷ୍ଟିକଙ୍କ ସହ କୃଷ୍ଣ ବଳରାମଙ୍କ ମଲ୍ଲଯୁଦ୍ଧ । ତେଣୁ କୌଣସି ପ୍ରକାରେ ଏହି ବାଳକ ଦୁଇଟି ନିଜକୁ ବଞ୍ଚାଇପାରିବେ ନାହିଁ । ସେମାନଙ୍କର ଅକାଳ ମୃତ୍ୟୁ ସୁନିଶ୍ଚିତ, ପ୍ରଭୁ !''

ଗୁପ୍ତଚରକୁ ଆଉ କୁହାଇ ନଦେଇ ଅକ୍ରୁର କକା କହିଲେ, ''ଏହି ବାଳକ ଦୁଇଜଣ ଆଦୌ ସାଧାରଣ ନୁହନ୍ତି । ତେଣୁ ତୁମେ ନିଶ୍ଚିନ୍ତ ରୁହ । ଆହୁରି ସତର୍କତା ଅବଲମ୍ବନ କର ଓ ପରବର୍ତ୍ତୀ ସମ୍ବାଦ ପ୍ରେରଣ କର ।''

ଅନ୍ଧକାର ଭିତରେ ଗୁପ୍ତଚର କେଉଁଆଡ଼େ ମିଳାଇଗଲା ।

ଅକ୍ରୂର କକା ଚିନ୍ତାମଗ୍ନ ହୋଇପଡ଼ୁଥିଲେ ।

ମୁଁ ମନେ ମନେ ହସୁଥିଲି । ତଥାପି କାହିଁକି କେଜାଣି ମନଟା ଖାଲି ଖାଁ ଖାଁ ଲାଗୁଥାଏ । ମା' ଭାରି ମନେପଡ଼ୁଥାନ୍ତି । ତାଙ୍କର ସ୍ନେହ ଜରଜର ଆଉଁଷାର ଉଷ୍ଣତାକୁ ଖୋଜି ହେଉଥିଲି । ଗୁପ୍ତଚର ମୁହଁରୁ ମୋର ପିତାମାତା ବସୁଦେବ - ଦେବକୀଙ୍କୁ କଂସ ନିର୍ମମଭାବେ ଯେପରି ଯାତନା ଦେଇ ଚାଲିଛି ତାହା ଶୁଣି ମୋର ମନଟା ଆହୁରି ତୀବ୍ର କ୍ରୋଧରେ ଜଳି ଉଠିଲା... ''କଂସ ତୋର ଆଉ ରକ୍ଷାନାହିଁ । ତୋର ଅନ୍ତକାଳ ପାଖେଇ ଆସିଲା ।''

ମଥୁରାର ରାଜମାର୍ଗ ଉପରେ ଆମେ ଦୁଇଭାଇ ଚାଲିଥାଉ କଂସର ରାଜପ୍ରାସାଦ ସମ୍ମୁଖ ଧନୁର୍ଯଜ୍ଞ ମଣ୍ଡପ ଆଡ଼କୁ । ଆମ ପଛରେ ଯାଦବ ଜନତା, ଅବିର କୁଙ୍କୁମରେ ରଙ୍ଗାୟିତ ତଥା ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ କୋଳାହଳରତ ଉତ୍ସାହୀ ଯାଦବ ଯୁବଶକ୍ତିର ଉଲ୍ଲାସ ।

ମୁଁ ଓ ବଳରାମ ଭାଇନା ପ୍ରବଳ ଉତ୍ସାହ ଏବଂ ଉଦ୍ଦୀପନାର ସହିତ ଧନୁର୍ଯଜ୍ଞ ମଣ୍ଡପର ପ୍ରାଙ୍ଗଣରେ ପ୍ରବେଶ କଲାବେଳେ ସେଠାରେ ଏକତ୍ରିତ ଜନତା ଏକଛତ୍ରବାଦୀ ମଥୁରା ନରେଶ କଂସର ଜୟଘୋଷ ପରିବର୍ତ୍ତେ 'ଜୟ କୃଷ୍ଣ ବଳରାମଙ୍କର ଜୟ' ନାଦରେ ଯଜ୍ଞମଣ୍ଡପକୁ ମୂର୍ଚ୍ଛାହତ କରିଦେଲେ ।

ମଥୁରାର ସେହି ଯଜ୍ଞସ୍ଥଳୀ ଅତ୍ୟନ୍ତ ମନୋମୁଗ୍ଧକର ଶୈଳୀରେ ନିର୍ମିତ ହୋଇଥିଲା । ପ୍ରାୟ ଶହେ ଯୋଜନବ୍ୟାପୀ ଏକ ବର୍ଗାକାର ଉନ୍ମୁକ୍ତ ପ୍ରାନ୍ତରର ଚତୁର୍ଦ୍ଦିଗରେ ରଜତ ଖମ୍ବ, ଝୁଲାଣ ଉପରେ ନୀଳା-ମଣିଯୁକ୍ତା ଖଚିତ ସୁଦୃଶ୍ୟ କାରୁକାର୍ଯ୍ୟଭରା ଚନ୍ଦ୍ରାତପ ଟଣା ହୋଇଥିଲା । ସେହି ଚାନ୍ଦୁଆ ତଳେ ପାଞ୍ଚ ସହସ୍ରରୁ ଅଧିକ ବ୍ୟକ୍ତିଙ୍କର ଉପବିଷ୍ଟ ହେଲାଭଳି ରାଜକୀୟ ବିଭିନ୍ନ ଆସନ ପଡ଼ିଥିଲା । ଯଜ୍ଞସ୍ଥଳର ପୂର୍ବଭାଗରେ ମଥୁରାର ଅନନ୍ୟ କଳାତ୍ମକ କାରିଗରୀର ରାଜପ୍ରାସାଦ ଦଣ୍ଡାୟମାନ ହୋଇ ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିଦେଇଥିଲା । ରାଜଭବନର ଦକ୍ଷିଣ ଦିଗରେ ଶୋଭା ପାଉଥିଲା ରାଣୀହଂସପୁର । ସୁନ୍ଦରୀମାନଙ୍କର ସର୍ବୋତ୍ତମ ବିହାରସ୍ଥଳୀ । ଅତ୍ୟନ୍ତ ଭବ୍ୟ ତଥା ଅନୁପମ ଶୈଳୀରେ ସମଗ୍ର ରାଜଭବନକୁ ସଜ୍ଜିତ କରାଯାଇଥିଲା । ଯଜ୍ଞସ୍ଥଳର ମୁଖ୍ୟ ତୋରଣକୁ ବିଭିନ୍ନ ଫୁଲମାଳାରେ ସଜା ଯାଇଥିଲା । ପ୍ରବେଶ ପଥରେ ଏକ ବିଶାଳକାୟ ଝୋଟି ଚିତାର 'ଆଲିଂପନ' ଉପରେ ସୁବର୍ଣ୍ଣ କଳସ ରଖାଯାଇଥିଲା । ଯଜ୍ଞ ସ୍ଥାନର ଦୁଇପଟରେ ସଂଗଠିତ

ଭାବରେ ବିପଣୀ ବସିଥିଲା । ବିଭିନ୍ନ ଦୁଗ୍ଧଜାତ ପଦାର୍ଥ ଘୃତ, ଦହି, ଲବଣି, ସର ସମେତ ସ୍ୱାଦିଷ୍ଟ ମିଷ୍ଟାନ୍ନର ଅନ୍ୟାନ୍ୟ ଖାଦ୍ୟଦ୍ରବ୍ୟ, ବହୁବିଧ ଅଳଙ୍କାର, ରେଶମ, କାର୍ପାସ୍ ବସ୍ତ୍ର ସମୂହର ଯଥାରୀତି କିଣାବିକା ଚାଲିଥିଲା । ପୂର୍ବରୁ ମଥୁରାର ଅଳଙ୍କାର ଓ ରେଶମ ବସ୍ତ୍ରର ଚାହିଦା ସମଗ୍ର ଆର୍ଯ୍ୟାବର୍ତ୍ତରେ ପ୍ରସିଦ୍ଧି ଲାଭ କରିଥିଲା ।

ଯଜ୍ଞସ୍ଥଳର ଉତ୍ତର ଦିଗରେ ନୃତ୍ୟ, ଗୀତ, କାବ୍ୟ କବିତା ପଠନର ଆୟୋଜନ ହୋଇଥିଲା ।

ଯଜ୍ଞସ୍ଥଳର ପଶ୍ଚିମ ଦିଗରେ ଧଳା ଚିକ୍କଣ ପ୍ରସ୍ତର ନିର୍ମିତ ଏକ ବିଶାଳ ମଣ୍ଡପ ତିଆରି ହୋଇଥିଲା । ମଣ୍ଡପ ଉପରେ ଗଜଦନ୍ତର ବହୁମୂଲ୍ୟ ରେଶମ ବସ୍ତ୍ରାବୃତ୍ତ ଆସନ ଗୁଡ଼ିକ ବିଭିନ୍ନ ରାଜ୍ୟରୁ ଆସିଥିବା ବିଶିଷ୍ଟ ରାଜକୀୟ ଅତିଥିମାନଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିଲା ।

ମୁଁ କଂସର ଏହି ଭବ୍ୟ ଆୟୋଜନକୁ ପ୍ରଶଂସା ନ କରି ରହିପାରିଲିନାହିଁ । ସର୍ବାପେକ୍ଷା ସୁନ୍ଦର କାରୁକାର୍ଯ୍ୟ ଥିଲା ଏକ ସୁଉଚ୍ଚ ଆସନ । କଂସର ବସିବାପାଇଁ ତାହା ତିଆରି ହୋଇଥିଲା । ସବୁଦୃଷ୍ଟିରୁ ଧନୁର୍ଯଜ୍ଞକୁ ସଫଳ କରିବାପାଇଁ କଂସର ରାଜକର୍ମଚାରୀମାନେ ଆପ୍ରାଣ ଉଦ୍ୟମର କୌଣସି ପ୍ରୟୋଗ ଛାଡ଼ିଦେଇ ନଥିଲେ ।

ବଳରାମ ଭାଇନା ଓ ମୁଁ ଯଜ୍ଞମଣ୍ଡପର ମୁଖ୍ୟଦ୍ୱାର ପାଖରେ ପହଞ୍ଚିଲା ବେଳକୁ ପ୍ରଥମେ ଆମର ପଥରୋଧ କଲା ମତ୍ତହସ୍ତୀ କୁବଳୟା ପୀଡ଼ ।

କୁବଳୟା ପୀଡ଼ କିଏ ଜାଣିଛ ତ ପାର୍ଥ ! ତାହା ଏକ ବିଶାଳକାୟ ମଦମତ୍ତ ହସ୍ତୀର ନାମ ।

କଳିଙ୍ଗରୁ ଆମଦାନୀ ହୋଇଥିବା ଏହି କୁବଳୟା ହସ୍ତୀ ଅତ୍ୟନ୍ତ ଯୁଦ୍ଧଖୋର । ବୀର ଯୋଦ୍ଧା ତଥା ସମର କୌଶଳରେ ପ୍ରଶିକ୍ଷିତ ହାତୀମାନଙ୍କର କେନ୍ଦ୍ର ଭୂମି ଭାବରେ କଳିଙ୍ଗ ଗଣରାଜ୍ୟର ଖ୍ୟାତି ସେତେବେଳେ ଭାରତର ପ୍ରତ୍ୟେକ ରାଜ୍ୟ ଓ ଜନପଦମାନଙ୍କରେ ପ୍ରଚାରିତ ହୋଇଥିଲା । ସେଥିପାଇଁ ରାଜାମାନେ କଳିଙ୍ଗର ହାତୀ ଯୁଦ୍ଧକଳା ପାଇଁ ପ୍ରକୃଷ୍ଟ ବୋଲି ସେଠାରୁ କିଣୁଥିଲେ । କଳିଙ୍ଗ ହାତୀ ପ୍ରତିଦାନରେ ବିଭିନ୍ନ ଅସ୍ତ୍ରଶସ୍ତ୍ର ନିଜ ସୈନ୍ୟବାହିନୀ ପାଇଁ ନେଉଥିଲା ।

ମଥୁରା ଅଧିପତି କଂସ କଳିଙ୍ଗ ଆକ୍ରମଣ କରି ଯେଉଁ ବହୁମୂଲ୍ୟ ଦ୍ରବ୍ୟଗୁଡ଼ିକ ନେଇ ଆସିଥିଲା ସେଥିରେ ସର୍ବାଗ୍ରେ ଥିଲା କୁବଳୟା ପୀଡ଼ ହସ୍ତୀ । ରଣଭୂମିରେ ଏହି ହାତୀ ସହାୟତାରେ କଂସ ପ୍ରତିପକ୍ଷ ସେନାଙ୍କ ହୃଦୟରେ ଭୟର ସ୍ପନ୍ଦନ ସୃଷ୍ଟି

କରୁଥିଲା । କୁବଳୟା ପୀଡ଼କୁ ଗତ କେତେଦିନ ଧରି କଂସର କର୍ମଚାରୀମାନେ ମଦ୍ୟପାନ କରାଇ ମତ୍ତ, ଉନ୍ମତ୍ତ କରାଇ ଦେଇଥାନ୍ତି । ଆମେ ଦୁଇଜଣ ସଭାର ଦ୍ୱାର ନିକଟରେ ପହଞ୍ଚିଲାକ୍ଷଣି, ପାର୍ଥ ! ମହାମାତ୍ର ନାମକ ମାହୁନ୍ତ କୁବଳୟାର ଶୁଣ୍ଢରେ ଅଙ୍କୁଶ ଗେଞ୍ଜି ଦେଇ ତାକୁ ଆହୁରି ଉତ୍ତେଜିତ ଓ ଉନ୍ମତ୍ତ କରିଲାକ୍ଷଣି ସେହି ପ୍ରକାଣ୍ଡକାୟ ହାତୀ ଆମ ଦୁଇଜଣଙ୍କ ଉପରକୁ ଦ୍ରୁତବେଗରେ ମାଡ଼ିଆସିଲା । କୁବଳୟା ପୀଡ଼ର ପ୍ରଚଣ୍ଡ କ୍ରୋଧାଗ୍ନି ଯୋଗୁଁ ଆମ ଦୁଇଜଣଙ୍କ ଉପରେ ଆଶଙ୍କାରେ ଯଜ୍ଞ ମଣ୍ଡପରେ ଉପସ୍ଥିତ ଥିବା ରାଜନ୍ୟବର୍ଗ, ଯାଦବକୁଳ, ମଥୁରାବାସୀ ଭୟରେ ଥରୁଥାନ୍ତି । କେହି କେହି ସେହି ଭୟଙ୍କର ଦୃଶ୍ୟଦେଖି ସତେଯେମିତି ମୂର୍ଚ୍ଛା ହୋଇଯାଇଥାନ୍ତି ।

ସମସ୍ତେ ଏକ ସ୍ୱରରେ ଆମ ଦୁଇ କିଶୋରଙ୍କ ପାଇଁ ବିଧାତାଙ୍କ ନିକଟରେ ଯେପରି ପ୍ରାର୍ଥନା କରୁଥାନ୍ତି... ଏହି ବିଶାଳହାତୀ କବଳରୁ ଆମେ ଯେପରି ରକ୍ଷା ପାଇଯାଉ । କୁବଳୟାର ପ୍ରଚଣ୍ଡ ଆଘାତରେ ମଣ୍ଡପର ତୋରଣ ଇତ୍ୟାଦି ଛିନ୍‌ଛତର୍ ହୋଇଯାଇଥିଲା ।

ମୁଁ ଓ ଭାଇନା ନିଜ ଗଳାରେ ଶୋଭାପାଉଥିବା ଫୁଲମାଳମାନଙ୍କୁ ଫିଙ୍ଗିଦେଲୁ ।

ମୋ ଗଳାରେ କେବଳ ବୈଜୟନ୍ତୀମାଳା ରହିଥିଲା । କଟିରେ ଉତ୍ତରୀୟ ଭିଡ଼ିଦେଇ ଆମେ ଦୁଇଜଣ ହାତୀକୁ ପ୍ରତିରୋଧ କରିବାପାଇଁ ପ୍ରସ୍ତୁତ ହୋଇଗଲୁ । କୁବଳୟାକୁ ପ୍ରତିରୋଧ କଲାବେଳେ ମୁଁ ସ୍ପଷ୍ଟ ଭାବରେ ଦେଖିପାରୁଥିଲି ମଣ୍ଡପର ଉପରେ ସିଂହାସନରେ ବସିଥିବା ଆମର ଶିଶୁଘାତକ ଅତ୍ୟାଚାରୀ, ନିର୍ଦ୍ଦୟୀ, ଅହଙ୍କାରୀ ମାମୁଁ କଂସ କିଭଳି ନିଃଶ୍ୱାସ ବନ୍ଦକରି ଏ ଖଣ୍ଡ ଯୁଦ୍ଧ ଦେଖୁଥିଲା । ତା'ର ମନ୍ତ୍ରୀ ପରିଷଦର ସମସ୍ତ ସଦସ୍ୟ ତଥା ତା'ର ଆଠ ଭାଇ ନଗ୍ରୋଧ, କଙ୍କ, ଶଙ୍କୁ, ସୁହୁ, ରାଷ୍ଟ୍ରପାଳ, ସୃଷ୍ଟି, ସୁନାମା ଓ ତୁଷ୍ଟିମାନ ପ୍ରମୁଖ ଉପସ୍ଥିତ ଥିଲେ । ଏହା ସହିତ ରାଜନାରୀମାନଙ୍କ ପାଇଁ ଉଦ୍ଦିଷ୍ଟ କକ୍ଷରେ କଂସର ପତ୍ନୀ ଅସ୍ତି ଓ ପ୍ରାପ୍ତିଙ୍କ ସହିତ ସେମାନଙ୍କର ଭଉଣୀମାନେ... କଂସବତୀ, କଙ୍କା, ଶୁରଭୂ, ରାଷ୍ଟ୍ରପାଳିକା, କଂସା ପ୍ରମୁଖ ଉପସ୍ଥିତ ଥାଇ ଏହି ଅଭୂତପୂର୍ବ ଯୁଦ୍ଧ ଦେଖୁଥିଲେ ।

ମୁଁ ଓ ବଳରାମ ଭାଇନା ଖୁବ୍ ସତର୍କତାର ସହିତ ତଡ଼ିତ୍ ବେଗରେ ଉଠିପଡ଼ି ସେହି ବିଶାଳ ହାତୀର ଲାଞ୍ଜ ଓ ଶୁଣ୍ଢକୁ ଧରି ପକାଇ ତାକୁ ଏମିତି କରାୟତ୍ତ କଲୁ ଯେ ସେ ପ୍ରାଣଭେଦି ଚିତ୍କାର କରିବାକୁ ଲାଗିଲା । ସଭାରେ ଉପସ୍ଥିତ ସମବେତ ଜନତାଙ୍କର ପାଟିରୁ ବାକ୍ୟ ସ୍ଫୁରୁ ନଥିଲା । ନିର୍ବାକ୍ ହୋଇ ସେମାନେ ଏହି ଭୟାନକ ପ୍ରାଣଘାତକ ଖେଳ ଦେଖୁଥିଲେ ।

ମୁଁ ଓ ଭାଇନା ହାତୀର ଆଗପଛ ଦୁଇପଟୁ ରହି ତାକୁ କାବୁ କରିବାରେ ଲାଗିଗଲୁ । ମୁଁ ତାର ଶୁଣ୍ଢକୁ ଆଡ଼େଇ ଦେଇ ପେଟ ତଳକୁ ପଳାଇଆସିଲି । ବଳରାମ ଭାଇନା ତା'ର ଲାଞ୍ଜକୁ ଦଉଡ଼ି ଭଳି ଧରି ଏକା ଡିଆଁକେ ହାତୀର ପିଠି ଉପରେ ଯାଇ ବସିପଡ଼ିଲେ । ମାହୁନ୍ତ ଭୟରେ ଥରି ଉଠିଲା । ଭାଇନା ତାକୁ ହାତୀ ପିଠିରୁ ଠେଲିଦେଇ ଅଙ୍କୁଶଟା ତା'ର ହାତରୁ ଟାଣିଆଣିଲେ । କୁବଳୟାକୁ ଆମେ ଅସ୍ତବ୍ୟସ୍ତ କରି ପକାଇଲୁ ।

ମୁଁ ସେହି ବିଶାଳ ହାତୀର ପେଟ ତଳୁ ବାହାରି ଆସି ପୁଣିଥରେ ତାର ଶୁଣ୍ଢ ଆଗରେ ଠିଆ ହୋଇ ଉନ୍ମତ୍ତ ଲାଲ ଆଖିରେ ଆଖି ମିଶେଇ ତା'ର ଆକ୍ରମଣ ଓ ଗତିବିଧି ସମ୍ପର୍କରେ ଅନୁମାନ କରିବାରେ ଲାଗିଲି । ତାକୁ ଉତ୍ତେଜିତ କରିବା ସହିତ ମୁଁ ପୁଣି ଖସି ପଳାଉଥାଏ । ଏମିତି କରି କରି ଆମେ ଦୁହେଁ ହାତୀକୁ କ୍ଳାନ୍ତ-ବିବ୍ରତ କରିଦେଲୁ । ଭାଇନା ହାତୀକୁ ଅଙ୍କୁଶରେ ଖେଞ୍ଚାଦେଇ ତାକୁ ଗୋଲ ଗୋଲ ଘୁରାଉଥିଲାବେଳେ ସେ ମଧ୍ୟ ସେମିତି ବୁଲିବାରେ ଲାଗିଲା । ରାଗରେ ହାତୀ ତାର ମାହୁନ୍ତକୁ ଏତେ ଜୋରରେ ଦଳିଦେଲା ଯେ ସେ ଗୁଣ୍ଡୁ ଗୁଣ୍ଡା ହୋଇ ମରିଗଲା ।

ହାତୀ ମଧ୍ୟ ଜାଣିପାରୁ ନଥାଏ ସେ କେମିତି ନିଜକୁ ବଞ୍ଚାଇବ ! ବାରମ୍ବାର ଘୂରିବା ଫଳରେ ସେ ଆହୁରି ନିଶାଗ୍ରସ୍ତ ହୋଇଗଲା । ତାହାର ସାରାଦେହ ସ୍ୱେଦସିକ୍ତ ହୋଇଯାଇଥିଲା । ଉତ୍କଟ ମଦର ପ୍ରଭାବ ଓ ଘୂର୍ଣ୍ଣନ ଫଳରେ ହାତୀର ମୁଣ୍ଡ ବୁଲାଇବାକୁ ଲାଗିଲା ଏବଂ ଲଡ଼ବଡ଼ ହୋଇ ଭୂମି ଉପରେ ଶୋଇପଡ଼ିଲା । ତା'ର ଭୟାନକ ଚିତ୍କାରରେ ଭୂମି ଉପରୁ ଧୂଳି ଉଡ଼ିବାରେ ଲାଗିଲା । ମୁଁ ସଙ୍ଗେ ସଙ୍ଗେ ହାତୀର ଶୁଣ୍ଢ ପାଖକୁ ଯାଇ ବିଦ୍ୟୁତ୍ ବେଗରେ 'ମା' ମାତଙ୍ଗେଶ୍ୱରୀଙ୍କ ଜୟ ହେଉ' ବୋଲି ଜୟକାର ଧ୍ୱନିଦେଇ ଡାହାଣ ପଟ ଟେଢ଼ା ଦାନ୍ତଟିକୁ ଉପାଡ଼ି ଆଣିଲି । ରକ୍ତର ନଦୀ ଯେମିତି ଫିଟିପଡ଼ିଲା । ମୋର ସମଗ୍ର ଶରୀର ଯେମିତି ରକ୍ତରେ ଗାଧୋଇ ପଡ଼ିଲା ।

ମୁଁ ସେହି ଉପୁଡ଼ା ଦାନ୍ତକୁ ନେଇ କୁବଳୟା ପୀଡ଼ର ଗଣ୍ଡସ୍ଥଳରୁ ବୋହୁଥିବା ମଦମତ୍ତ ଶୁଣ୍ଢ ଉପରେ ବାରମ୍ବାର ଆଘାତ କରିବାକୁ ଲାଗିଲି । ଭାଇନା ତା ଦେହର ଏମିତି କୌଣସି ସ୍ଥାନ ନାହିଁ ଯେଉଁଠି ଅଙ୍କୁଶରେ ଆଘାତ କରି ନଥିଲେ । ଆମେ ଦୁହେଁ ସ୍ୱେଦ ଓ ରକ୍ତରେ ପୂରା ଲଥପଥ ହୋଇଯାଇଥିଲୁ ।

କଂସର ଆମ ଉପରେ କରାଯାଇଥିବା ପ୍ରଥମ ଆକ୍ରମଣ ଓ ଆମ ପ୍ରତିଆକ୍ରମଣର ନିଦର୍ଶନ ସ୍ୱରୂପ ଦୁର୍ଦ୍ଦାନ୍ତ କୁବଳୟା ହାତୀର ଦମନ ଓ ମୃତ୍ୟୁ ଫଳରେ ତା'ର ପ୍ରଚଣ୍ଡ ଶକ୍ତି କେନ୍ଦ୍ର ଉପରେ ଯେମିତି ଦାରୁଣ ଆଘାତ ସୃଷ୍ଟି ହେଲା । ଏପର୍ଯ୍ୟନ୍ତ

ମଥୁରାବାସୀ ଯେପରି ଅପଲକ ନୟନରେ ଦୁଇଟି କିଶୋର ବାଳକଙ୍କର ଗୋଟିଏ ପ୍ରକାଣ୍ଡ ମଦଉନ୍ମତ୍ତ ହାତୀ ସହିତ ଏ ଅସାଧାରଣ ଯୁଦ୍ଧ ଦେଖି କିଂକର୍ତ୍ତବ୍ୟବିମୂଢ଼ ହୋଇଯାଇଥିଲେ । ସେମାନେ ଯେମିତି ଦେଖିଲେ କୁବଳୟା ତଳେ ପଡ଼ି ଶେଷ ନିଃଶ୍ୱାସ ତ୍ୟାଗ କଲା, ସେମିତି ଜୋର୍‌ରେ ଚିତ୍କାର କରି ଉଠିଲେ 'କୁବଳୟା ପଡ଼ିଗଲା । ତା'ର ଅନ୍ତ ହୋଇଗଲା । ସାଧୁ.. ସାଧୁ....ସାଧୁ... । 'କୃଷ୍ଣ ବଳରାମଙ୍କର ଜୟ ହେଉ' ଧ୍ୱନିରେ ସେହି ଯଜ୍ଞସ୍ଥଳ ପ୍ରକମ୍ପିତ ହୋଇଉଠିଲା । କୁବଳୟାର ଲୋମହର୍ଷକ ଅନ୍ତ ହେବା ଦେଖିଲାପରେ ମଥୁରାବାସୀଙ୍କୁ ଆଉ କିଏ ଅଟକାଇ ପାରିଥାନ୍ତା ଯେ । ଯଜ୍ଞସ୍ଥଳର ମହାଦ୍ୱାର ପଟରୁ ଜୟଧ୍ୱନି ଦେଇ ସେମାନେ ସମୁଦ୍ର ଗର୍ଜନରେ ଭିତରକୁ ପଶିଆସିଲେ ।

ମୁଁ ଓ ବଳରାମ ଭାଇନା ସ୍ୱେଦରେ ଭିଜିଯାଇଥିଲୁ, ହେଲେ କ୍ଲାନ୍ତ ହୋଇ ନଥିଲୁ । ଦୂର ଯମୁନାର ଉତ୍ତରା ପବନ ଦେହରେ ବାଜିଲାକ୍ଷଣି ପୁଣି ଏକ ନବଉନ୍ମାଦନାରେ ଆମେ ଆହୁରି ଉତ୍ସାହିତ ହୋଇପଡ଼ିଲୁ ।

କ୍ରୋଧାଗ୍ନିରେ କଂସ ଜର୍ଜରିତ ହୋଇ ଦାନ୍ତକଡ଼ମଡ଼ କରୁଥାଏ । ଆଖିରୁ ଯେମିତି ଅଗ୍ନିବର୍ଷଣ ହେଉଥାଏ । ସେ ଆଉ ସ୍ଥିର ହୋଇ ସିଂହାସନରେ ବସିପାରିଲା ନାହିଁ । ଚିତ୍କାର କରି ଉଠିଲା, 'ଅମାତ୍ୟ ! ଏଇ ଉଦ୍ଧତ ଗଉଡ଼ ପିଲା ଦି'ଟାକୁ ମୋ ଆଖି ସାମ୍ନାରୁ ହଟାଅ । ସେମାନଙ୍କୁ ଧନୁର୍ଯଜ୍ଞ ମଣ୍ଡପ ଆଡ଼କୁ ନେଇଯାଅ....ଯାଅ ।''

ମୁଁ ଓ ଭାଇନା କଂସର ବିଚଳିତ ଅବସ୍ଥା ଦେଖି ମନେ ମନେ ହସୁଥିଲୁ ।

ଯଜ୍ଞ ପ୍ରାଙ୍ଗଣ ମଝିରେ ଗୋଟିଏ ବିଶାଳକାୟ ଆଖଡ଼ା ପ୍ରସ୍ତୁତ କରାଯାଇଥିଲା । ମଲ୍ଲଯୁଦ୍ଧ ପାଇଁ ମାଟି ଉପରେ ଲାଲରଙ୍ଗର ମାଟି ପକାଯାଇଥିଲା । ତା ମଧ୍ୟରେ ସୁନ୍ଦର ଫୁଲ କଳିକମାରେ ଆବୃତ୍ତ ହୋଇଥିବା ଗୋଟିଏ ଭବ୍ୟ ଧନୁଶର ରଖାଯାଇଥିଲା । କଂସର ଆଦେଶ ଅନୁସାରେ ଅମାତ୍ୟ ବିପୃଥୁ ଆମ ନିକଟକୁ ଆସିଲେ ଓ କହିଲେ, 'ତୁମେ ଦୁହେଁ ଏଥର ଧନୁର୍ବିଦ୍ୟାର କୌଶଳ ଦେଖାଅ । ଏହା ମହାରାଜାଙ୍କର ଆଦେଶ ।''

ମୁଁ ଓ ଭାଇନା ଜଙ୍ଘରେ, ବାହୁରେ ଚାପୁଡ଼ା ମାରି ଆଖଡ଼ା ଭିତରକୁ ଓହ୍ଲାଇଲୁ । ଚତୁର୍ଦ୍ଦିଗ ଜୟଧ୍ୱନି 'ଜୟ, କୃଷ୍ଣ-ବଳରାମଙ୍କର ଜୟ' ରେ ପ୍ରକମ୍ପିତ ହେଉଥିଲା । ବଳରାମ ଭାଇନା ଧନୁର୍ଯଜ୍ଞ ନିମନ୍ତେ ଉଦ୍ଦିଷ୍ଟ ଧନୁଶରକୁ ନିରୀକ୍ଷଣ କରିବାକୁ ଲାଗିଲେ । କିନ୍ତୁ ମୁଁ ସ୍ପଷ୍ଟଭାବରେ ଜାଣିଥିଲି କଂସର ଧନୁର୍ଯଜ୍ଞ ଏକ ଚତୁର ଛଳନା ମାତ୍ର । ଏହା ନିଶ୍ଚୟ ଏକ ଦୂରଭିସନ୍ଧି ମୂଳକ ଷଡ଼ଯନ୍ତ୍ରର ଏକ ଦୃଶ୍ୟ ମାତ୍ର । ଦେଖୁ ଦେଖୁ ହଠାତ୍ କେଉଁଠୁ ଦୁଇଟି ସୁପୁଷ୍ଟ ବଳଶାଳୀ, ବିଶାଳ

ରାଜମଲ୍ଲ ଆସି ଆଖଡ଼ାର ମୁଖ୍ୟସ୍ଥଳରେ ବାହୁରେ ହାତ ବାଡ଼େଇ ବାଡ଼େଇ ପହଞ୍ଚିଲେ । ଏରଣ୍ଡ ପକ୍ଷୀର ତେଲ ଦ୍ୱାରା ଘଷାଯାଇଥିବା ମଲ୍ଲମାନଙ୍କର ଦେହ ଏତେ ଚିକ୍କଣ ଦେଖାଯାଉଥିଲା ଯେ ସେମାନଙ୍କ ଶରୀରରୁ ଚମକ ବାହାରୁଥିଲା ।

ସେହି ମଲ୍ଲମାନଙ୍କର ନାମ ହେଲା ଚାଣୂର, ମୁଷ୍ଟିକ । ଆମ ଦୁଇ ଭାଇଙ୍କୁ ବଡ଼ ତାଚ୍ଛଲ୍ୟ ଦୃଷ୍ଟିରେ ଦେଖିଲେ ଚାଣୂର-ମୁଷ୍ଟିକ । ପୁଣି ଜଂଘରେ ହାତ ବାଡ଼େଇ ବାଡ଼େଇ ଜୟଘୋଷ କରି ଉଠିଲେ, 'ଅଜେୟ ମହାମଲ୍ଲବୀର ମଥୁରା ନରେଶ କଂସ ମହାରାଜାଙ୍କର ଜୟ ହେଉ !' ସେମାନେ ଖୁବ୍ ବେଗରେ ଦୌଡ଼ି ଦୌଡ଼ି ସମଗ୍ର ଆଖଡ଼ା ପରିକ୍ରମା କରିବାକୁ ଲାଗିଲେ । ଏଭଳି ଭୟାନକ ମଲ୍ଲମାନଙ୍କୁ ଦେଖି ଦର୍ଶକମାନଙ୍କ ମଧ୍ୟରେ ଆତଙ୍କ ଖେଳିଗଲା । ସେମାନେ ସଂତ୍ରସ୍ତ ହୋଇ ଈଶ୍ୱରଙ୍କୁ ପ୍ରାର୍ଥନା କରିବାକୁ ଲାଗିଲେ, ଆମ ଦୁଇଭାଇଙ୍କୁ ହରହର ମହାଦେବ ସହାୟ ହୁଅନ୍ତୁ ।

ମୋର ପ୍ରିୟ ସ୍ୱାସ୍ଥ୍ୟବାନ ବ୍ୟାୟାମ ପ୍ରିୟ କେଳିନନ୍ଦ କକାଙ୍କର କଥା ଭାରି ମନେପଡୁଥିଲା, ପାର୍ଥ ! କାହିଁକି ଜାଣିଛ ? ଗୋକୁଳର ବ୍ୟାୟାମଶାଳାରେ ବ୍ରାହ୍ମମୁହୂର୍ତ୍ତରୁ କେଳିନନ୍ଦକକା ଆମକୁ ନେଇ ଯେଉଁ ବ୍ୟାୟାମ ଶିକ୍ଷା ଦେଉଥିଲେ, ସେତେବେଳେ ଗୋଟିଏ କଥା ବହୁ ଥର କହୁଥିଲେ ଯେ, ମୁଦ୍‌ଗର ବୁଲାଇବା, ମାଲଖମ୍ବରେ ଚଢ଼ିବା ଓହ୍ଲାଇବା କି ଲୁହାଗୋଳା ତଳୁ ଫିଙ୍ଗିବା ପ୍ରଭୃତି ଦ୍ୱାରା ବାହୁରେ, ପେଣ୍ଡାରେ, ମାଂସପେଶୀର ଶକ୍ତିବର୍ଦ୍ଧିତ ହୋଇପାରେ ସତ, ହେଲେ ଯେପର୍ଯ୍ୟନ୍ତ ମନରୁ ଭୟ ଦୂର ହୋଇନାହିଁ ସେ ଯାଏଁ ତୁମେ କଦାପି ପ୍ରତିଦ୍ୱନ୍ଦୀ ଉପରେ ପ୍ରଚଣ୍ଡ ଆଘାତ ହାଣିପାରିବ ନାହିଁ । ହୃଦୟ ସମ୍ପୂର୍ଣ୍ଣ ଭୟଶୂନ୍ୟ ନହେଲେ ତୁମେ କଦାପି ଦକ୍ଷ ମଲ୍ଲ ହୋଇପାରିବ ନାହିଁ । ପ୍ରତିପକ୍ଷ ଯେତେ ଶକ୍ତିଶାଳୀ ହୋଇଥାଉ ନା କାହିଁକି, ଭୟ ଶୂନ୍ୟ ସ୍ଥିର ମାନସିକତା ହିଁ ମଲ୍ଲଯୁଦ୍ଧର ପ୍ରଧାନ ଗୁଣ ଏବଂ ଏହି ସ୍ଥିର ଏକାଗ୍ର ସ୍ୱଭାବ ହିଁ ପ୍ରତିଦ୍ୱନ୍ଦୀର ସମସ୍ତ କୌଶଳକୁ କରାୟତ୍ତ କରିବାରେ ସହାୟକ ହୋଇଥାଏ ।

ଚାଣୂର ପ୍ରାଙ୍ଗଣ ମଝିରେ ରଖାହୋଇଥିବା ଧନୁଷକୁ ଉଠାଇଲା ଓ ମୋ ଆଡ଼କୁ ଅତ୍ୟନ୍ତ ତିରସ୍କାର ଦୃଷ୍ଟିରେ ଚାହିଁ ବିକଟ ହସ ହସି ଧନୁଷକୁ ଆଖଡ଼ା ବାହାରକୁ ଫୋପାଡ଼ିଦେଲା । ଲାଲମାଟିରୁ ମୁଠାଏ ଲେଖାଏଁ ଉଠାଇ ଚାଣୂର ଓ ମୁଷ୍ଟିକ ଦୁହେଁ ଆମ ଆଡ଼କୁ ଫିଙ୍ଗିଦେଇ ପ୍ରଚଣ୍ଡ ହୁଙ୍କାର ଛାଡ଼ି ଆମକୁ ଆକ୍ରମଣ କରିବାକୁ ଝପଟି ଆସିଲେ । ମୁଁ ଚାଣୂର ସହିତ ଓ ଭାଇନା ମୁଷ୍ଟିକ ସହିତ ବାହୁରେ ବାହୁରେ ଗୋଡ଼ରେ, ହାତରେ ପ୍ରହାର କରିବାକୁ ଲାଗିଲୁ ।

ମଲ୍ଲଯୁଦ୍ଧକୁ ଆହୁରି ଭୟଗ୍ରସ୍ତ କରାଇବା ପାଇଁ ଯୋଜନାବଦ୍ଧ ଭାବରେ କେଉଁଠି କେଉଁଠି ରଖାଯାଇଥିବା ରଣଶିଙ୍ଗା, ଭେରୀ, ନଗାଡ଼ା ତୀବ୍ରବେଗରେ

ବାଜିଉଠିଲା । ଦର୍ଶକ ମହଲରେ ଭୟ ଆତଙ୍କ ଖେଳିଗଲା । ଏହି ସମୟରେ ଚାଣୂର ତଡିତ୍ ବେଗରେ ମୋର କାନ ମୂଳରେ ଏମିତି ପ୍ରହାର କଲା ଯେ ସେହି ପ୍ରଚଣ୍ଡ ଆଘାତରେ ମୋ ଆଖିରୁ କୁଳୁକୁଳିଆ ପୋକ ବାହାରିଲା ପରି ଅଗ୍ନିକଣା ବାହାରି ପଡ଼ିଲା । ଆଘାତକୁ ସମ୍ଭାଳି ନେଉ ନେଉ ମୋର କେଳିନନ୍ଦ କକାଙ୍କର ଦୃଢ଼ବାକ୍ୟ କାନରେ ଗୁଞ୍ଜରିତ ହେଲା... 'ଏଭଳି ଦଶାଙ୍ଗରେ ପ୍ରଚଣ୍ଡ ଆଘାତ ଯେତେବେଳେ ତୁମେ ସମ୍ପୂର୍ଣ୍ଣ ସ୍ଥିର ମନରେ ପ୍ରତିଦ୍ୱନ୍ଦୀ ଉପରେ ହାଣିବ ସେତେବେଳେ ଯାଇ ଜଣେ ସମର୍ଥ ମଲ୍ଲ ହୋଇପାରିବ ।'' ତାଙ୍କର ଏହି ବାକ୍ୟ ମୋ ଶରୀରର ରକ୍ତକଣିକାମାନଙ୍କର ଧାରା ପ୍ରବାହକୁ ଯେମିତି ଆହୁରି ଉଷ୍ମ ଆଉ ତେଜିୟାନ୍ କରିଦେଲା । ମୋ ମନରୁ ଅକସ୍ମାତ୍ ଭୟ କୁଆଡ଼େ ଚାଲିଗଲା । ପାର୍ଥ ! ପୁଣିଥରେ କେଳିନନ୍ଦ କକାଙ୍କୁ ପ୍ରଣାମ ଜଣାଇ ସମ୍ମୁଖରେ ହୁଙ୍କାର ଛାଡୁଥିବା ଦର୍ପୀ ଅହଂକାରୀ ଚାଣୂରକୁ ତୁଚ୍ଛ ଦୃଷ୍ଟିରେ ଦେଖିଲି । ଅସୀମ ତେଜ ସହକାରେ ଜ୍ୱାଳାମୁଖୀ ମୃତ୍ୟୁଷ୍ଟାନ ଭଳି ମୁଁ ଚାଣୂରର କେତେବେଳେ ପିଠିକୁ ଆଘାତ କଲି ତ, କେତେବେଳେ କାନ ମୂଳକୁ,ପୁଣି ବାମପଟ କାନ୍ଧକୁ, ଡାହାଣ ପଟ ପେଣ୍ଡାକୁ, ପଛପଟ ପୃଷ୍ଠଦେଶକୁ ଗଭୀର ମୁଷ୍ଟି ପ୍ରହାର କରିବାକୁ ଲାଗିଲି । ଚାଣୂର ମୋର ଏ ପ୍ରକାର ଅସମ୍ଭବ ଆକ୍ରମଣରେ ଆହୁରି ଭୀଷଣ ଗର୍ଜନ କରିବାକୁ ଲାଗିଲା ।

ଅନ୍ୟପକ୍ଷରେ ବଳରାମ ଭାଇନା ମୁଷ୍ଟିକଙ୍କୁ ପ୍ରାଣଘାତ ମୁଷ୍ଟି ପ୍ରହାରରେ ରକ୍ତାକ୍ତ କରିଦେଉଥାନ୍ତି । ଚାଣୂର ଓ ମୁଷ୍ଟିକ ଦୁଇଟି କିଶୋର ବାଳକମାନଙ୍କ ଦ୍ୱାରା ପରାଜିତ ହେବାକୁ ଯାଉଛନ୍ତି ଦେଖି ମଥୁରାବାସୀଙ୍କର ଆନନ୍ଦର ସୀମା ରହିଲାନାହିଁ । ସେମାନଙ୍କର ତାଳି ମାଡ଼ରେ ଚାଣୂର ମୁଷ୍ଟିକଙ୍କର ଭୟଙ୍କର ଆର୍ତ୍ତନାଦ ଆଉ ଶୁଭୁ ନଥାଏ । ମଝିମଝିରେ କକା ଆମକୁ ଶିଖାଇଥିବା ମଲ୍ଲ ବିଦ୍ୟାର କୌଶଳ 'କୀଳବଜ୍ରନିପାତ' ଓ 'ଅବରୋଧ' ପ୍ରଭୃତିର ପ୍ରଚଣ୍ଡ ପ୍ରୟୋଗରେ ସେ ଦୁହିଁଙ୍କୁ କ୍ରମଶଃ କ୍ଷତାକ୍ତ କରିଦେଇଥିଲୁ । ଚାଣୂରକୁ ପଛପଟକୁ ଓଲଟାଇ ଦେଇ ତା ଛାତିରେ ବସି ମୁହିଁକୁ ପ୍ରବଳ ମୁଷ୍ଟିଘାତରେ ରକ୍ତାକ୍ତ କରିଦେବାଫଳରେ ତା'ର ଦାନ୍ତ ଭାଙ୍ଗିଗଲା ଓ ପ୍ରଚୁର ରକ୍ତସ୍ରାବ ହେଲା । ସେ ସାଂଘାତିକ ଭାବେ କ୍ଲାନ୍ତ ନିସ୍ତେଜ ହୋଇପଡ଼ିଲା । ସେତେବେଳେ ମୁଁ ପାର୍ଥ ! ପ୍ରୟୋଗ କଲି କେଳିନନ୍ଦକକା ଶିଖାଇଥିବା ଅବ୍ୟର୍ଥ 'ବାହୁକଣ୍ଟକ' ପେଞ୍ଚ । ପ୍ରାଣଘାତକ ବାହୁକଣ୍ଟକ ବିଦ୍ୟାର ଯଥାର୍ଥ ଉପଯୋଗ । ତା'ର ବେକକୁ ବାହୁରେ ଅତ୍ୟନ୍ତ ବେଗରେ କଷିକରି ଚିପିଦେବା ଫଳରେ ଚାଣୂରର ଜିଭ ବାହାରକୁ ବାହାରିଆସିଲା, ଆଖି ତରାଟି ହୋଇଗଲା, ରକ୍ତ ବାହାରି ଆସିଲା ।

ସେ ଛଟପଟ ହୋଇ ପ୍ରାଣବିକଳରେ ମୋ ବାହୁ ବନ୍ଧନରୁ ନିଜକୁ ଯେତେ ମୁକ୍ତ କରିବାକୁ ଚାହିଁଲା, ମୋର ବାହୁକଣ୍ଟକ ଭିତରୁ ନିଜକୁ ମୁକୁଳାଇବାରେ

ବ୍ୟର୍ଥ ହେଲା । ବାହୁକଣ୍ଟକର ଅର୍ଥ ହେଉଛି ପ୍ରତିଦ୍ୱନ୍ଦୀର କଣ୍ଠ ଉପରେ ବାହୁଦ୍ୱାରା କଷା ଯାଉଥିବା କଣ୍ଟକିତ ଫାଶ । ଚାଣୂର ଯେତିକି ଯେତିକି ନିଜକୁ ମୁକ୍ତ କରିବାପାଇଁ ବିକଳ ହେଲା ସେତିକି ଜୋର୍‌ରେ ମୋର ବାହୁ ଫାଶ ତା କଣ୍ଠକୁ ଚିପିଦେବାରେ ବ୍ୟଗ୍ର ହେଲା । ଚାଣୂର ଶେଷରେ ଗୋଡ଼ ହାତ ଛାଟିପିଟି ହୋଇ କଣ୍ଠନଳୀ ଚିପିହୋଇ ଛିଣ୍ଡିଯିବା ଫଳରେ ମୃତ୍ୟୁବରଣ କଲା । ଏଥର ମୋର ବାହୁଫାଶ ଶୀଥିଳ ହୋଇଆସିଲା ।

ଭାଇନା ମଧ୍ୟ ମୁଷ୍ଟିକକୁ ପ୍ରାଣଦଣ୍ଡ ଦେଇସାରିଥିଲେ ।

ଚାଣୂର ଓ ମୁଷ୍ଟିକ ଭଳି ଶକ୍ତିଶାଳୀ ମଲ୍ଲଯୋଦ୍ଧାଦ୍ୱୟଙ୍କର ଏପରି ଲଜ୍ଜାଜନକ ପରାଜୟ ଓ ମୃତ୍ୟୁରେ କଂସ ତଥା ରାଜନ୍ୟବର୍ଗ, ମନ୍ତ୍ରୀପରିଷଦ ସ୍ତବ୍ଧ ହୋଇ ଦେଖୁଥାନ୍ତି । ଆନନ୍ଦରେ ପ୍ରମତ୍ତ ହୋଇ ମଥୁରାର ଯାଦବମାନେ ନିଜର ଉତ୍ତରୀୟ ହଲାଉଥାନ୍ତି, ତାଳି ମାରୁଥାନ୍ତି, ନୃତ୍ୟ କରୁଥାନ୍ତି । ତା'ସହିତ ଜୟଘୋଷ କରୁଥାନ୍ତି 'କୃଷ୍ଣ ବଳରାମଙ୍କର ଜୟ ହେଉ....କୃଷ୍ଣ ବଳରାମଙ୍କର ଜୟ ହେଉ ।' ଏପରିକି ଆଖଡ଼ା ଭିତରକୁ ସେମାନେ ପଳାଇ ଆସିଲେ । ଜୟ ଜୟକାର ନାଦରେ ସସାଗରା ମେଦିନୀ ଯେମିତି ପ୍ରକମ୍ପିତ ହେଉଥିଲା ।

କଂସ କ୍ରୋଧରେ ରକ୍ତଚାଉଳ ଚୋବାଉଥିଲା । ଗର୍ଜନ କରି ତା'ର ପାରିଷଦବର୍ଗଙ୍କୁ ଆଦେଶ ଦେଲା– ''ଦେଖୁଛ କ'ଣ ମୂର୍ଖ ଦଳ । ହେ ଅମାତ୍ୟ.... ସେନାପତି ତୋଷାଳକ । କୂଟ, ଶଳ, କୌଶଳଙ୍କୁ ଆଦେଶ ଦିଅ ଏ ଗଉଡ଼ ଟୋକା ଦି'ଟାକୁ ଭଲ କରି ପାନେ ଦିଅ !''

କଂସର କ୍ରୋଧ ଉନ୍ମାଦ ଅବସ୍ଥାକୁ ଦେଖି ତା'ର ଭାଇ ସୁନାମା ସାନ୍ତ୍ୱନା ଦେଇକହିଲା, 'ତମେ ବ୍ୟସ୍ତ ହୁଅନି ଭ୍ରାତା ! ମୁଁ ଏ ଦୁଇ ଗଉଡ଼ ଟୋକାଙ୍କ ଭିତରୁ ବଡ଼ ଗଉଡକୁ ଠିକ୍ ପାଠପଢ଼ାଇ ଦେବି ।'

ଦଳବଳ ହୋଇ ମୋ ସହିତ ଲଢ଼ିବାପାଇଁ ତୋଷାଳକ, କୂଟ ଏବଂ ଭାଇନାଙ୍କ ସହିତ ଦ୍ୱନ୍ଦ୍ୱଯୁଦ୍ଧ ପାଇଁ ସୁନାମା, ଶଳ, କୌଶଳ ମଞ୍ଚ ଉପରୁ ଆଖଡ଼ା ଭିତରକୁ ଓହ୍ଲାଇ ପଡ଼ିଲେ ।

କୋଳାହଳ କରୁଥିବା ମଥୁରାବାସୀଙ୍କୁ କଂସର ସୈନ୍ୟମାନେ ଆଖଡ଼ା ଭିତରୁ ଘଉଡ଼ାଇ ଦେଲେ । ବାହୁରେ ହାତ ପିଟି ପିଟି କଂସର ଭାଇମାନେ ଆମ ଉପରେ ପ୍ରାଣଘାତ ଆକ୍ରମଣ କରି ପକାଇଲେ । ତୋଷାଳକ, କୂଟ ଭଳି ଶକ୍ତିଶାଳୀ ମଲ୍ଲମାନଙ୍କ ଆଗରେ ମୁଁ ଗୋବର୍ଦ୍ଧନ ପର୍ବତ ଉପରେ ଥିବା ଛୋଟ ଉପତ୍ୟକାଟିଏ ଭଳି ମନେ ହେଉଥିଲି । ବଳରାମ ଭାଇନାଙ୍କ ସହିତ ଲଢୁଥିବା ସୁନାମା କଂସର ପ୍ରିୟ ଭାଇ ଥିଲା । ଶଳ, କୌଶଳ ତାକୁ ସାହାଯ୍ୟ କରୁଥିଲେ ।

ମଲ୍ଲ ଯୁଦ୍ଧ ବର୍ତ୍ତମାନ ଏପରି ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିସାରିଥିଲା ଯେଉଁଠି ଆମ ଦୁଇଭାଇଙ୍କ ବିପକ୍ଷରେ ପ୍ରତିଦ୍ୱନ୍ଦୀ ଶତ୍ରୁପକ୍ଷର ସଂଖ୍ୟା କେତେ ତାହାର ହିସାବ ଜଣାପଡୁନଥିଲା । ବରଂ ଯେପରି ଆକାଶ ଫାଳ ଫାଳ ହୋଇଯାଇଛି ଓ ତା'ରି ଭିତରୁ ଛିଟିକି ପଡୁଛି ଅସଂଖ୍ୟ ଉଲ୍‌କା ପିଣ୍ଡ, ନୀହାରିକା, ତାରା ନକ୍ଷତ୍ର ସବୁ ପୃଥ୍ୱୀରେ ଖସିପଡ଼ିବାପୂର୍ବରୁ ମହାଶୂନ୍ୟରେ ମିଳାଇଯାଉଛନ୍ତି । ଯାବତୀୟ ଦୈହିକ ଚେତନାରୁ ମୁକ୍ତ ଏକ ଜ୍ୟୋତିର୍ମୟ ଜୀବନ୍ମୟ ଜାଗ୍ରତ ଅସ୍ତିତ୍ୱର ଆଲୋକ ବର୍ଣ୍ଣମାଳାରେ ଝଲସିତ ହେଉଛି ସକଳ ମୁହୂର୍ତ୍ତ... ଅନ୍ୱୟ ।

କେତେବେଳେ ସୁନାମା, ଶଳ ଓ କୌଶଳକୁ ପଛରୁ ଆଗରୁ ବଳରାମ ଭାଇନା କାବୁ କରି ନେଇଥିଲେ ତ କେତେବେଳେ ମୁଁ ତୋଷାଳକ ଓ କୂଟର ବେକକୁ ବାହୁଫାଶରେ କଷିଦେଇ ଆକ୍ରାମାକ୍ରା କରି ଦେଉଥିଲି । ମଲ୍ଲଯୁଦ୍ଧ ବେଳକୁ ବେଳ ତୀବ୍ରତର ହେଉଥିଲା । କଂସ ସେହି ସୁଉଚ୍ଚ ମଞ୍ଚର ସିଂହାସନ ଉପରେ ବସି ଅତ୍ୟନ୍ତ ବିଚଳିତ... ଅସ୍ଥିର ଭାବରେ ଆମ ଲଢ଼େଇର ପ୍ରତିଟି ଦାବପେଞ୍ଚକୁ ନିରୀକ୍ଷଣ କରୁଥିଲା ।

ମୁଁ ଓ ବଳରାମ ଭାଇନା ପୂରାପୂରି ସ୍ୱେଦରେ ଭିଜିଯାଇଥିଲୁ । ଆସିଲାବେଳେ ମଥୁରାର ଜନସାଧାରଣ ଯେଉଁ ଅବିର କୁଙ୍କୁମରେ ଆମକୁ ଚର୍ଚ୍ଚିତ କରି ଦେଇଥିଲେ ସେ ସବୁ ଝାଳରେ ଓଦା ହୋଇ ନିଗିଡ଼ି ପଡୁଥିଲା । ତେଣୁ ଆମ ଦୁହିଁଙ୍କର ସ୍ୱାଭାବିକ ଦେହର ରକ୍ତିମ ଓ ନୀଳବର୍ଣ୍ଣ ଦିବସର ଆଲୋକରେ ଚିକ୍‌ମିକ୍ ଦେଖାଯାଉଥିଲା ।

ଅନେକ ସମୟ ହେଲା ଲଢ଼େଇ କରି କରି ଆମେ ଦୁହେଁ ଝାଳରେ ବୁଡ଼ି ଯାଇଥିଲେ ମଧ ଆଦୌ ଶିଥିଳ କି କ୍ଳାନ୍ତ ହୋଇ ନଥିଲୁ । ଆମର ପ୍ରତିଦ୍ୱନ୍ଦୀମାନଙ୍କୁ କିପରି ଏହି ସ୍ୱେଦର ସୁଯୋଗ ନେଇ ଓଲଟା ମୁହଁ ମାଡ଼ି ତଳେ ପକାଇଦେଇ ଶକ୍ତିହୀନ କରିଦେବୁ, ସେହି କୌଶଳକୁ ପ୍ରୟୋଗ କଲୁ ।

ମହାକାୟ ତୋଷାଳକ ଓ ସୁନାମା ତଥା ତାଙ୍କର ସାଥୀମାନେ ଆମ ଦୁଇଭାଇଙ୍କର ବିଭିନ୍ନ ଚତୁରତାପୂର୍ଣ୍ଣ ଦାବପେଞ୍ଚ ଯୋଗୁଁ ମିଛଟାରେ ଧଡ଼ଧାଡ଼ ହୋଇ ମାଟି ଉପରେ ପିଟି ହୋଇ ଓଲଟି ପଡ଼ିଲେ । ଦର୍ଶକ ମହଲରୁ ପ୍ରଚଣ୍ଡ କୋଳାହଳ ଶୁଭିଲା, ''ହେ କୃଷ୍ଣ-ବଳରାମ ! ଏହି ଅତ୍ୟାଚାରୀ ନରାଧମ କଂସର ଭାଇମାନଙ୍କୁ ଛାଡ଼ନାହିଁ । ଏପରି କଷିକରି ଚାପିଦିଅ ଯେମିତି ସବୁଦିନ ପାଇଁ ଏହି ପାପୀମାନଙ୍କର ଅନ୍ତ ହୋଇଯିବ ।''

ଆମର ଶେଷ ଆକ୍ରମଣ ଓ ଯୁଦ୍ଧ ପ୍ରାୟତଃ ଏକ ଘଣ୍ଟାରୁ ଆହୁରି ଅଧିକ ସମୟ ଚାଲିଲା । ଶେଷରେ ମୁଁ ଓ ଭାଇନା ସମସ୍ତ ପ୍ରତିଦ୍ୱନ୍ଦୀ... କଂସର ଭାଇମାନଙ୍କୁ ସମାପ୍ତ କରିଦେଲୁ । ଏହି ଦୃଶ୍ୟର ଫଳସ୍ୱରୂପ ଦେଖଣାହାରୀ ମଥୁରା ଯାଦବମାନେ

ଏପରି ପ୍ରଚଣ୍ଡ ଜୟ ଜୟକାର ଧ୍ୱନି କଲେ ଯେ ମନେହେଲା ଧନୁର୍ଯଜ୍ଞ ସଭାର ମଣ୍ଡପର ଛାତ ଫାଟି ଉଡ଼ିଗଲା । ଚତୁର୍ଦ୍ଦିଗରେ ସେଇ ଗୋଟିଏ ନିଆରା ଧ୍ୱନି ପ୍ରତିଧ୍ୱନିତ ହେଲା, 'କୃଷ୍ଣ ବଳରାମଙ୍କର ଜୟ..... କୃଷ୍ଣ ବଳରାମଙ୍କର ଜୟ' । ଏଭଳି ଜୟ ଜୟକାର ଧ୍ୱନିରେ ବିଗଳିତ ହୋଇ ସଶସ୍ତ୍ର ସୈନିକମାନେ ଆଖଡ଼ା ଭିତରକୁ ପଶିଆସିଲା ବେଳକୁ ମଥୁରାବାସୀ ସେମାନଙ୍କୁ ଧକ୍କା ଦେଇ ବାହାରକୁ ତଡ଼ିଦେଲେ । ସମୁଦ୍ର ଲହଡ଼ିଭଳି ସେମାନେ ମଣ୍ଡପ ଭିତରକୁ ଧସେଇ ପଶିଲେ । ଏତିକିବେଳେ ସେମାନଙ୍କ ଭିତରୁ କେହି ଜଣେ ଉତ୍ତେଜକ କଣ୍ଠରେ ଘୋଷଣା କଲା, 'ଅନ୍ୟାୟୀ ନରାଧମ କଂସ ତତେ ଶତ ଧିକ୍‌କାର ! ହେ କୃଷ୍ଣ ବଳରାମ ! ଅନ୍ତ କରିଦିଅ ଏ ପାଷାଣ୍ଡ ପାପୀକୁ ।'

ଆଖଡ଼ା ଚତୁର୍ଦ୍ଦିଗରେ ଲାଗିଥିବା ବାଉଁଶ କାଠର ଚଉତରା ଉପରକୁ ଡେଇଁପଡ଼ି ମୁଁ ମଣ୍ଡପର ସୁଉଚ୍ଚ ରାଜସିଂହାସନ ଉପରେ ବସିଥିବା କଂସ ନିକଟରେ ପହଞ୍ଚିଗଲି । ମଦାନ୍ଧ, ନିର୍ଦ୍ଦୟୀ, ଶିଶୁ ହତ୍ୟାକାରୀ ପାପିଷ୍ଠ କଂସର ଅବସ୍ଥା ସେତେବେଳକୁ ଅତ୍ୟନ୍ତ ଶୋଚନୀୟ ହୋଇଯାଇଥିଲା । ମୋ କାନରେ, ମସ୍ତିଷ୍କରେ ଧ୍ୱନିତ ହେଉଥିଲା କେତୋଟି ବାକ୍ୟ.... ''ଶତ ଧିକ୍‌କାର ଶତ ଶତ ଧିକ୍‌କାର ! କଂସ ପାପୀ ତୋର ଅନ୍ତ ହେଉ । ନିଜ ଭଉଣୀର ନିଷ୍ପାପ ନିରୀହ ନବଜାତ ଶିଶୁମାନଙ୍କର ହତ୍ୟାକାରୀ, ଗୋପର କେତେ ଶିଶୁଙ୍କୁ ତୁ ଜନ୍ମଦିନରୁ ହିଁ ହତ୍ୟା କରିଚୁ । ତୋର ପାପ ଅକ୍ଷମଣୀୟ ! ନିଜର ଭଉଣୀ, ଭିଣୋଇ, ପିତାମାତାଙ୍କୁ କାରାଗାରରେ ଶୃଙ୍ଖଳିତ କରିବାର ଅନ୍ୟାୟ ଅତ୍ୟାଚାର ତୁ କରିଛୁ । ତତେ ଧିକ୍‌କାର ! ସହସ୍ରରୁ ଅଧିକ ଯାଦବମାନଙ୍କୁ ନିର୍ବାସିତ କରି ଦେଇଥିବା ଅତ୍ୟାଚାରୀ କଂସ ତୋର ଅନ୍ତ ହେଉ !''

ଏ ସମସ୍ତ ଧ୍ୱନି ମଥୁରାବାସୀଙ୍କର ଅବଦମିତ ଅସନ୍ତୋଷ ଘୃଣାର ପ୍ରତିଭୂ ଭାବରେ ସମଗ୍ର ପରିବେଶକୁ ଆହୁରି ଉଷ୍ମ ଓ ଉତ୍ତେଜକ କରିଦେଇଥିଲା । ମଝିରେ ମଝିରେ ଲାଭା ଉଦ୍‌ଗୀରଣ ହେଲାଭଳି ଜୟ ଜୟକାର ଧ୍ୱନି 'କୃଷ୍ଣ ବଳରାମଙ୍କର ଜୟ, କୃଷ୍ଣବଳରାମଙ୍କ ଜୟ' ସମସ୍ତଙ୍କ ପ୍ରାଣରେ ଯେମିତି ଆହୁରି ଉତ୍ସାହ ଭରିଦେଉଥିଲା ।

କ୍ରୋଧ ଓ କ୍ଷୋଭବଶତଃ ମୋର କାନମୂଳ କ୍ରମଶଃ ଉତ୍ତପ୍ତ ଏବଂ ସ୍ନାୟୁଗ୍ରନ୍ଥି ସବୁ ଆହୁରି ଉତ୍ତେଜିତ ହୋଇ ଉଠୁଥିଲା । ମୋର ଚୈତନ୍ୟର ସୂକ୍ଷ୍ମକୋଷରୁ ଓଁକାରର ଧ୍ୱନି ପରିବ୍ୟାପ୍ତ ହୋଇ ଗୁଞ୍ଜରି ଉଠୁଥିଲା, ସେହି ମହାନ୍ ଶ୍ଳୋକର କେତୋଟି ପଂକ୍ତି ମଧ୍ୟରେ 'ଓଁ ହିରଣ୍ମୟେନ ପାତ୍ରେଣ ସତ୍ୟସ୍ୟାପିହିତମ୍ ମୁଖମ୍..... ସତ୍ୟଧର୍ମାୟ ଦୃଷ୍ଟୟେ ।''

ସିଂହାସନ ଉପରେ ଅସ୍ଥିର ବିଚଳିତ ଭୟଭୀତ ମୋର ଦୁଷ୍ଟାତ୍ମା ଅତ୍ୟାଚାରୀ ମାମୁଁ କଂସର ଆଖି ସହିତ ମୋର ଆଖି ଯେମିତି ମିଶିଗଲା । ତା'ର ହୃଦୟ ଅପ୍ରତିମ ଭୟରେ କଳବଳ ହୋଇଉଠିଲା । ଏହାପୂର୍ବରୁ ତା'ର ସକଳ ଶକ୍ତିଶାଳୀ ଅସୁର ଯୋଦ୍ଧାମାନଙ୍କର ମୃତ୍ୟୁ ତାକୁ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଦୁର୍ବଳ କରିଦେଇଥିଲା । ବର୍ତ୍ତମାନ ତା ସମ୍ମୁଖରେ କୁବଳୟା, ଚାଣୂର, ମୁଷ୍ଟିକ ସମେତ ତା'ର ଭାଇମାନଙ୍କର ଲଜ୍ଜାଜନକ ପରାଜୟ ଓ ମୃତ୍ୟୁ କଂସକୁ ସମ୍ପୂର୍ଣ୍ଣ ଶକ୍ତିହୀନ କରିଦେଇଥିଲା । ତେଣୁ କଂସର ଅନ୍ତ ନିହାତି ଅନିବାର୍ଯ୍ୟ ଏହି ମୁହୂର୍ତ୍ତରେ । ନହେଲେ ଅସଂଖ୍ୟ ଜନତାଙ୍କର କ୍ଷୋଭ ମଧ ତାକୁ ବଞ୍ଚାଇପାରିବ ନାହିଁ । ମୋ ଭିତରୁ ମୋର ଅତି ପ୍ରିୟ ଆତ୍ମିକ ସ୍ୱରଟି ମତେ କୁହାଇ ଦେଇଥିଲା, ''ଆଗକୁ ଅଗ୍ରସର ହୁଅ କୃଷ୍ଣ ! ତୋର ଜନ୍ମ ଏଥିପାଇଁ ହୋଇଛି । ଅନ୍ୟାୟ, ଅଧର୍ମ, ଶୋଷଣକୁ ସମ୍ପୂର୍ଣ୍ଣ ଉତ୍ପାଟନ କରିବାପାଇଁ ତୁ ଏ ପୃଥିବୀକୁ ଆସିଛୁ । ନ୍ୟାୟର ମୁଖ ଯେଉଁଠି ଅବରୁଦ୍ଧ ହୋଇଯାଇଛି ତାକୁ ଉଦ୍ଧାର କରି ପ୍ରତିଷ୍ଠା କରିବା ହିଁ ତୋର ଜୀବନର ଏକମାତ୍ର ଲକ୍ଷ୍ୟ । ଏ ଭୀଷଣ ରଣନଦୀରେ ଯେତେବେଳେ ଅକ୍ଷୟୀ ସ୍ରୋତସ୍ୱିନୀ ଜୀବନଗଙ୍ଗାକୁ ଯିଏ ତାର ଘୃଣିତ ରକ୍ତମଖା ହାତର ତରବାରୀରେ ରକ୍ତର ଲହଡ଼ି ସୃଷ୍ଟି କରୁଛି ସେହି ହାତକୁ, ଅସ୍ତିତ୍ୱକୁ ମୂଳରୁ ଉପାଡ଼ି ଆଣି ଖଣ୍ଡ ଖଣ୍ଡ କରି ଫିଙ୍ଗିଦେ । ଏତିକିବେଳେ ତୁ ଦେଖନା କିଏ ତୋର ଆତ୍ମୀୟ ସୋଦର, କିଏ ରକ୍ତ ସମ୍ପର୍କୀୟ । ପ୍ରତ୍ୟେକ ମଣିଷର ମୌଳିକ ଜନ୍ମସିଦ୍ଧ ଅଧିକାରକୁ ପ୍ରତିଷ୍ଠା କରିବା ହିଁ ତୋର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ । ତୁ କାହାର ଭଣଜା ନୋହୁଁ, କିଏ ତୋର ମାମୁଁ ନୁହେଁ । କଂସର ତୁ କେହି ନୋହୁଁ । ଜୀବନ ବାହାରେ ଥିବା ଜୀବନର ଅନନ୍ତ ସମ୍ଭାବନାକୁ ସମସ୍ତ ଜାତି, ଧର୍ମ, ବର୍ଣ୍ଣ, ବିଦ୍ୱେଷ, ଘୃଣାର, ଅସନ୍ତୋଷର ଊର୍ଦ୍ଧ୍ୱରେ ସତ୍ୟ, ଧର୍ମ, ନ୍ୟାୟର ଜୟଧ୍ୱଜା ଉଡ଼ାଇବା ସହିତ ମାନବଧର୍ମର ପ୍ରାଣପ୍ରତିଷ୍ଠା କରିବାହିଁ ତୋର ସନାତନ କର୍ତ୍ତବ୍ୟ, କୃଷ୍ଣ ! ତେଣୁ ଶୋଚନା କରନାହିଁ । କର୍ତ୍ତବ୍ୟ ପାଳନ କର ।''

ମୋ ସମ୍ମୁଖରେ ଯଦୁବଂଶ, ସୋମବଂଶର ଶୂରସେନ ରାଜ୍ୟର କୁଳାଙ୍ଗାର, ଏକଛତ୍ରବାଦୀ, ଅହଂକାରୀ, ଅତ୍ୟାଚାରୀ କଂସ ପ୍ରାଣଭୟରେ ଥର ଥର କମ୍ପୁଥାଏ । କେମିତି କେଉଁଆଡ଼େ ଦୌଡ଼ି ପଳାଇବ ବୋଲି ସେ ଖାଲି ଇତସ୍ତତଃ ହେଉଥିଲା । ପ୍ରଚଣ୍ଡ ଆତ୍ମବିଶ୍ୱାସର ଏକ ପ୍ରାଣ ସ୍ରୋତ ଯେପରି ମୋର ମେରୁଦଣ୍ଡ ଦେଇ ସୁଷୁମ୍ନା ଆଡ଼କୁ ପ୍ରବାହିତ ହେଲା । ମୁଁ ଆହୁରି ତୀବ୍ର ଗତିରେ ମଞ୍ଚରେ ପାହାଚମାନଙ୍କୁ ଅତିକ୍ରମ କରି ସିଧାସଳଖ କଂସର ସମ୍ମୁଖରେ ଯାଇ ଛିଡ଼ାହେଲି । ହାତର ମୁଷ୍ଟିରେ ମୁଁ ତାକୁ ଏଭଳି ଏକ ଧକ୍କା ଦେଲି ଯେ କଂସ ସିଂହାସନ ଉପରୁ ତଳକୁ ପଡ଼ିଯାଇ ପାହାଚ ଉପରେ ଗଡ଼ି ଗଡ଼ି ମଣ୍ଡପ ତଳେ ଆସି ପଡ଼ିଲା । ମୋର ଧକ୍କା ସହିବାରେ

କଂସ ଅସମର୍ଥ ହେଲା । କାରଣ ପୂର୍ବରୁ ତା'ର ଶକ୍ତିଶାଳୀ ଯୋଦ୍ଧା, ସୈନ୍ୟବାହିନୀର ମୁଖ୍ୟମାନେ ଗୋଟି ଗୋଟି ହୋଇ ମୃତ୍ୟୁବରଣ କରିସାରିଥିଲେ ।

ଶେଷ ପର୍ଯ୍ୟାୟରେ ଚାଣୂର, ମୁଷ୍ଟିକ, ଭାଇମାନଙ୍କର ମୃତ୍ୟୁ ତାକୁ ଦୋହଲାଇ ଦେଇଥିଲା । ଅତିଶୟ କ୍ରୋଧ, ଭୟ, ଉଦ୍‌ବେଗ ଯୋଗୁଁ କଂସ ନିଜର ଶାରୀରିକ, ମାନସିକ ଭାରସାମ୍ୟ ହରାଇ ଶେଷରେ ହୃଦ୍‌ଘାତ ଯୋଗୁଁ ମୃତ୍ୟୁବରଣ କଲା ।

କଂସର ମୃତ୍ୟୁ..... ବିନାଶର ଅନ୍ତ ଫଳରେ ଦୀର୍ଘଦିନ ଧରି ମଥୁରାରେ ଚାଲିଆସିଥିବା ଏକ ଭୟଙ୍କର ଅତ୍ୟାଚାରର ଯୁଗ ଶେଷ ହେଲା । ସମସ୍ତେ କଂସର ମୃତ୍ୟୁ ଚାହୁଁଥିଲେ । ଅଥଚ ବିନା ଯୁଦ୍ଧରେ କଂସ ଏପରି ମର୍ମନ୍ତୁଦ ଭାବେ ମୃତ୍ୟୁବରଣ କରିବ ଏହା ଏକ ଅସାଧାରଣ ଅଭାବନୀୟ ଘଟଣା ଥିଲା । ପ୍ରଥମେ କେହି ବିଶ୍ୱାସ କରିପାରିଲେ ନାହିଁ । କିନ୍ତୁ ପରେ ଯେତେବେଳେ ଜଣାପଡ଼ିଲା କଂସର ମୃତ୍ୟୁ ହୋଇଗଲା, ସେତେବେଳେ ଆନନ୍ଦ, ହର୍ଷ, ଉଲ୍ଲାସରେ ଯାଦବଗୋଷ୍ଠୀ ଆତ୍ମହରା ହୋଇଗଲେ । କଂସର ଛଳନାର ଷଡ଼ଯନ୍ତ୍ର ଦ୍ୱାରା ନିର୍ମିତ ଧନୁଉତ୍ସବର ଅବସାନ ହୋଇଯାଇଥିଲା ।

ଶକ୍ତିଶାଳୀ କଂସ ଆଖିପିଛୁଳାକେ କୌଣସି ଯୁଦ୍ଧରେ ଆହତ ନ ହୋଇ ମୃତ୍ୟୁବରଣ କରିବା ସମ୍ବାଦ ବିଜୁଳିବେଗରେ ଚତୁର୍ଦ୍ଦିଗ ପ୍ରଚାରିତ ହୋଇଗଲା । ବିଜୟ ଉଲ୍ଲାସରେ ଯାଦବମାନେ ମତେ ଓ ବଳରାମ ଭାଇନାଙ୍କୁ କାନ୍ଧରେ ବସାଇ ଜୟଜୟକାର କଲେ, 'ଯାଦବରାଜ କୃଷ୍ଣ ବଳରାମଙ୍କର ଜୟ.... ଜୟହେଉ ।' ମତେ ଓ ଭାଇନାଙ୍କୁ ଲୋକମାନେ ଯଜ୍ଞମଣ୍ଡପ ଉପରେ ଆଣି ଛିଡ଼ା କରେଇଦେଲେ । ମୁଁ ନିଜକୁ ସମ୍ପୂର୍ଣ୍ଣ ପ୍ରକୃତିସ୍ଥ କରି ଉପସ୍ଥିତ ଜନତାଙ୍କୁ ସମ୍ବୋଧନ କରି ପ୍ରବୋଧନା ଦେଲି, 'ହେ ମୋର ପ୍ରିୟ ମଥୁରାବାସୀ ବନ୍ଧୁଗଣ ! ଆପଣମାନେ ସମସ୍ତେ ଶାନ୍ତ ହୋଇଯା'ନ୍ତୁ ।'

ମୋର ଉଦାତ୍ତ କଣ୍ଠର ଗମ୍ଭୀର ସ୍ୱର ଶୁଣି ମୁଁ, ପାର୍ଥ ! ସେଦିନ ଅବାକ୍ ହୋଇଯାଇଥିଲି । ଏଭଳି ଆକାଶମୁଖୀ ଏକ ବଜ୍ରସ୍ୱର ଯେ ମୋ କଣ୍ଠରୁ ନିର୍ଗତ ହୋଇ ସମଗ୍ର ଲୋକାରଣ୍ୟକୁ ସ୍ତବ୍ଧ କରିଦେବ ତାହାର ସୂଚନା ମୁଁ ସେଦିନ ହିଁ ପାଇଥିଲି । ଏକ ଶାଣିତ ତୀବ୍ର ସ୍ୱର ଯାହା ମୋର ଅନ୍ତରାତ୍ମାର ଆକୁଳ ମୌନତାରୁ, ନିବିଷ୍ଟ ଚେତନାରୁ ଉତୁରିଆସି ଅନଭିବ୍ୟକ୍ତ ଅନ୍ତଃସ୍ୱରକୁ ସ୍ପଷ୍ଟ କରି ଦେଇଥିଲା । ସତରେ ପାର୍ଥ ! ମୁଁ ମୋର ମୋହମଗ୍ନ ଜୀବନର ଅବବୋଧକୁ ଠିକ୍ ଭାବରେ ସେଦିନ ବୁଝିପାରିଥିଲି ।

ମୋ ଡାହାଣ ପଟରେ ବଳରାମ ଭାଇନା ଛିଡ଼ା ହୋଇଥିଲେ । ମୁଁ କହୁଥିଲି, ''ହେ ମୋର ପ୍ରିୟ ଯାଦବ ଗଣ ! ଆଜିଠାରୁ ଏ ଶାନ୍ତିପ୍ରିୟ ଭୂମି ମଥୁରା 'କଂସମୁକ୍ତ'

ହେଲା । ସ୍ୱତନ୍ତ୍ର ଗଣତନ୍ତ୍ର ହେଲା । ତାହାର ପୂର୍ବ ସ୍ୱାଧନତାକୁ ଫେରିପାଇଲା । ଏହିଭଳି ଭାବରେ ଆପଣମାନଙ୍କ ପୂର୍ଣ୍ଣ ସହଯୋଗ ଓ ସମର୍ଥନ ମିଳୁଥିଲେ ଆହୁରି ଅନେକ ବ୍ୟବସ୍ଥାର ପୁନଃନବୀକରଣ ତଥା ପରିବର୍ତ୍ତନ ହୋଇପାରିବ । ଆପଣମାନଙ୍କର ଆଶୀର୍ବାଦରୁ ମୁଁ ଓ ବଳରାମ ଭାଇନା, ମୋର ପିତା ବସୁଦେବ ଓ ମାତା ଦେବକୀଙ୍କୁ ବନ୍ଦୀଶାଳାରୁ ମୁକ୍ତ କରିବାପାଇଁ ସମର୍ଥ ହୋଇପାରିଲୁ । ମୁଁ କାରାଗୃହକୁ ଯାଇ ମଥୁରାର ପ୍ରକୃତ ମହାରାଜା ଉଗ୍ରସେନ ଓ ମହାରାଣୀ ପଦ୍ମାବତୀଙ୍କୁ ବର୍ତ୍ତମାନ ମୁକ୍ତ କରିବି ଓ ମଥୁରାର ରାଜ ସିଂହାସନରେ ତାଙ୍କୁ ଅଧିଷ୍ଠିତ କରାଯିବ ।''

...''ଏ ସମସ୍ତ କାର୍ଯ୍ୟପାଇଁ ଆପଣମାନଙ୍କର ସହଯୋଗ ନିତାନ୍ତ ଆବଶ୍ୟକ । ହେ ଯାଦବଗଣ ଓ ଗୋପ ଗଣ ! ବନ୍ଧୁଗଣ, ମୁଁ ଜଣେ ଗୋପ । ମୁଁ ପିଲାଟିଦିନରୁ ଗାଈ ଏବଂ ପାହାଡ଼ ବଣରେ ବୁଲି ବଡ଼ ହୋଇଛି । ରାଜକୀୟ ଜୀବନ ସହିତ ମୋର ବିଶେଷ ପରିଚୟ ନାହିଁ । କୌଣସି ଗୁରୁକୁଳରୁ ବିଧିବଦ୍ଧ ଶିକ୍ଷା ମଧ ପାଇନାହିଁ । ମୁଁ ନିହାତି ସାଧାରଣ ଜଣେ ମଣିଷ । ତେଣୁ ଆପଣମାନଙ୍କୁ ମୁଁ କୌଣସି ଉପଦେଶ ଦେଇ ଭାରାକ୍ରାନ୍ତ କରୁନାହିଁ । ସିନ୍ଧୁଠାରୁ ଲୋହିତ ସାଗର ଅଞ୍ଚଳ ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳମାନଙ୍କରେ ରାଷ୍ଟ୍ରର ଶାସନ ବ୍ୟବସ୍ଥା ଭୁଷୁଡ଼ି ଯାଇଛି । ଏହାର ଏକମାତ୍ର କାରଣ ରାଷ୍ଟ୍ରନାୟକ ବୋଲାଉଥିବା ରାଜାର ସ୍ୱାର୍ଥପର ଏକଛତ୍ରବାଦୀ ମନୋବୃତ୍ତି । ରାଜା,ପ୍ରଜା ତଥା ଜନସାଧାରଣଙ୍କର ଉନ୍ନତିକଳ୍ପେ କାର୍ଯ୍ୟ କରିବା ପରିବର୍ତ୍ତେ ଜନତାଙ୍କୁ ଦମନ କରିବାରେ ନିଜର ଶକ୍ତିର ଦୁରୁପଯୋଗ କରୁଛନ୍ତି ।''

''...ନିରଙ୍କୁଶ ସାମ୍ରାଜ୍ୟବାଦୀ ବ୍ୟବସ୍ଥା ସୃଷ୍ଟି ହେବାଫଳରେ ମାନବିକତାର କୌଣସି ମୂଲ୍ୟ ରହୁନାହିଁ । ନାଗରିକର ମୌଳିକ ଅଧିକାରର ଖୋଲାଖୋଲି ହନନ ହେଉଛି । ଏହାର ପ୍ରକୃଷ୍ଟ ଉଦାହରଣ ହେଉଛି କଂସର ରାଜତ୍ୱ,ଜରାସନ୍ଧର ଆକ୍ରମଣ । ମଗଧ ସମ୍ରାଟ ଜରାସନ୍ଧ ଆମର ଯାଦବମାନଙ୍କୁ ଅତ୍ୟନ୍ତ ହେୟ ଦୃଷ୍ଟିରେ ଦେଖିଆସିଛି । ନିଜର ଜାମାତା କଂସ ଦ୍ୱାରା ଅତୀତରେ ଯାହାସବୁ ଅତ୍ୟାଚାର କରିଯାଇଛି ସେଥିରୁ ଆମକୁ ଗୋଟିଏ କଥା ଶିକ୍ଷା କରିବାର ଅଛି ଯେ ଆମକୁ ସମସ୍ତ ବିଦ୍ୱେଷ ଭୁଲି ଏକତ୍ରିତ ଭାବରେ ଏହି ଅନିଷ୍ଟକାରୀ ଶକ୍ତିର ଦୃଢ଼ ମୁକାବିଲା କରିବା । ତେଣୁ ବର୍ତ୍ତମାନ କଂସର ମୃତ୍ୟୁ ତଥା ତା'ର ଶକ୍ତିକେନ୍ଦ୍ର ବିନିଷ୍ଟ ହେବାଫଳରେ ପ୍ରତିଶୋଧର ବହ୍ନିରେ ଜରାସନ୍ଧ ଅନେକ ଉତ୍ପାତ ନିଶ୍ଚୟ ଘଟାଇବ । ତେଣୁ ଆମକୁ ଆଜିଠାରୁ ସତର୍କତାର ସହିତ ପ୍ରତିଟି ପଦକ୍ଷେପ ଗ୍ରହଣ କରିବାକୁ ହେବ ।''

''...ଦେଶ ଶାସନରେ ରାଜାଙ୍କୁ ସବୁବେଳେ ଦୃଷ୍ଟିଦେବାକୁ ହେବ ନିଜର ବ୍ୟକ୍ତିଗତ ଜୀବନରେ ମହତ୍ତ୍ୱ ଆକାଂକ୍ଷାର କୌଣସି ସ୍ଥାନ ନାହିଁ । କଂସର ଏହି

ମହତ୍ତ୍ୱାକାଂକ୍ଷୀ ମନୋଭାବ ହିଁ ତା'ର ଧ୍ୱଂସର କାରଣ ହେଲା । ଦେଶର ହିତପାଇଁ, ସମାଜର କଲ୍ୟାଣ ପାଇଁ ରାଜାକୁ ଏକ ଲୋକକଲ୍ୟାଣକାରୀ ନୀତିକୁ ଗ୍ରହଣ କରିବାକୁ ପଡିବ । ତାହେଲେ ଯାଇ ରାଜନୈତିକ, ସାମାଜିକ, ଅର୍ଥନୈତିକ ତଥା ସାମଗ୍ରିକ ବିକାଶ ସମ୍ଭବ ହୋଇପାରିବ । ଯେଉଁ ରାଜା ନିଜର ବ୍ୟକ୍ତିତତ୍ତ୍ୱକୁ ସମସ୍ତ ମାନବ ସମାଜର ଶରୀରରେ ନିହିତ କରାଇ ଏକ ସାର୍ବଜନୀନ କଲ୍ୟାଣକାରୀ ଆଭିମୁଖ୍ୟକୁ ପ୍ରକାଶ କରେ ସେହିଁ ପ୍ରକୃତ ରାଜନୀତିଜ୍ଞ ବୋଲି ପ୍ରମାଣିତ ହୁଏ ।''

''ସେ ମାଗଧୀ ସେନା ହେଉ, ମଥୁରାର ଯାଦବ ହେଉକି ଗୋପ ହେଉ ଯୁଦ୍ଧର ବିଭୀଷିକାରେ ଯେଉଁ ନିରୀହ ସୈନିକମାନେ ତଥା ଜନସାଧାରଣ ମୃତ୍ୟୁବରଣ କରୁଛନ୍ତି ସମସ୍ତେ ମଣିଷ ତ ! ଗୋଟିଏ ବ୍ୟକ୍ତିର ଔଦ୍ଧତ୍ୟ, ଅହଂକାର ଓ ଭ୍ରଷ୍ଟାଚାରୀ ମାନସିକତାର ପୈଶାଚିକ ଆନନ୍ଦ ପାଇଁ ଅଜସ୍ର ମଣିଷ ପ୍ରାଣ ହରାଉଛନ୍ତି ଏବଂ ସେମାନଙ୍କର ପରିବାରବର୍ଗ, ପ୍ରାଣୀଜଗତ ଓ ପରିବେଶ ଯେପରି ଧ୍ୱଂସମୁଖୀ ହେଉଛି ତାହାର ଉତ୍ତରଦାୟୀ କିଏ ହେବ ? ମାନବିକ ସମ୍ବଳର ଏଭଳି ଅବକ୍ଷୟକୁ ରୋକିବା ପ୍ରତ୍ୟେକ ରାଷ୍ଟ୍ରର ଧର୍ମ । ଯୁଦ୍ଧ କେବେହେଲେ କୌଣସି ପରିସ୍ଥିତିରେ ସମସ୍ୟା ସମାଧାନର ମାର୍ଗ ନୁହେଁ । ଶାନ୍ତିରେ ସହାବସ୍ଥାନ, ପାରସ୍ପରିକ ସୌହାର୍ଦ୍ଦ୍ୟ ଓ ସହଯୋଗ ହିଁ ଏକ ରାଷ୍ଟ୍ରବାଦୀ ଜନନାୟକଙ୍କର ମୂଳ ଆଭିମୁଖ୍ୟ ହେଲେ ଯାଇ ଦେଶରେ ଏକତା ଓ ସଂହତି ପ୍ରତିଷ୍ଠା ହୋଇପାରିବ । ତେଣୁ ହେ ମୋର ପ୍ରିୟ ବନ୍ଧୁଗଣ ! ଆସ ଆମେ ବାସ୍ତବତାର ସମ୍ମୁଖୀନ ହେବା ! ପୁଣି ଥରେ ଶୂନରୁ ଆରମ୍ଭ କରିବା ଏକ ନୂତନ ସ୍ୱଚ୍ଛ, ସ୍ୱଚ୍ଛ, ଅହିଂସ ବର୍ତ୍ତମାନର ଅଧ୍ୟାୟ । ମୁଁ ଜାଣିଛି, ଆପଣମାନେ, ଆମେ ସମସ୍ତେ ମିଶି ମଥୁରା ସମେତ ଏହାର ସମସ୍ତ ପଡ଼ୋଶୀ ରାଜ୍ୟ ଜନପଦଗୁଡ଼ିକର ମଧ୍ୟ ବିକାଶ ପ୍ରକ୍ରିୟାରେ ସହଯୋଗ ନିମନ୍ତେ ଅନୁରୋଧ କରିପାରିବା ।''

''...ମଥୁରା, ଗୋପ, ବୃନ୍ଦାବନର ଯେଉଁ ଦୁର୍ଗମ ଅରଣ୍ୟାନି ଅଞ୍ଚଳଗୁଡ଼ିକ ପ୍ରାକୃତିକ ଭାବରେ ଦୁର୍ଭେଦ୍ୟ, ନିରାପଦ ତଥା ଅନତିକ୍ରମ୍ୟ ସେହିସବୁ ସ୍ଥାନରେ ନୂତନ ଭାବରେ ଦୁର୍ଗ ନିର୍ମାଣ, ଗଡ଼ଖାଇ ନିର୍ମାଣ କରିବା ସହିତ ଆମର ଯୁବକମାନଙ୍କୁ ଧନୁର୍ବିଦ୍ୟା, ଆଦିମ ଜନଜାତିମାନେ ଆତ୍ମରକ୍ଷା ପାଇଁ ବ୍ୟବହାର କରୁଥିବା ବିଭିନ୍ନ କୌଶଳ, ପରୋକ୍ଷ ଭାବରେ ଆକ୍ରମଣ କରି ଶତ୍ରୁପକ୍ଷର ଗତିକୁ ଅବବୋଧ କରିବାର ସୂକ୍ଷ୍ମ ଯୁଦ୍ଧକଳା ଶିଖିବାର ପ୍ରାଥମିକ ଉଦ୍ୟମ କରିବା ଆବଶ୍ୟକ । ଆମର ଆରଣ୍ୟକ ଯୁବଶକ୍ତିକୁ ମଧ୍ୟ ଆମର ସୈନ୍ୟବାହିନୀରେ ନିୟୋଜିତ କରାଯାଇ ଶିକ୍ଷିତ କରାଯିବ ଏବଂ ଏହିସବୁ ଦୁର୍ଗମ ଅଞ୍ଚଳ ଗୁଡ଼ିକର ଆକ୍ରମଣବେଳେ ସେମାନେ ସହାୟକ ହେବେ । ଆମର ଗୁପ୍ତଚର ବ୍ୟବସ୍ଥାକୁ

ଆହୁରି ଅଧିକ ସକ୍ରିୟ ବେଗଗାମୀ କରିବାକୁ ପଡ଼ିବ । କଂସର ମୃତ୍ୟୁ ପରବର୍ତ୍ତୀ ସମୟ ଆମ ପାଇଁ ଯଥେଷ୍ଟ ଆହ୍ୱାନ ସୃଷ୍ଟି କରିବ ଏଥିରେ ସନ୍ଦେହ ନାହିଁ ।''

ମୋ ପାଖରେ ଠିଆ ହୋଇଥିବା ବଳରାମ ଭାଇନା ଓ ଅକ୍ରୂରକକାଙ୍କୁ ଚାହିଁ ମୁଁ ହସିଦେଲି ।

ସମବେତ ଜନତାଙ୍କ ମୁହଁରୁ ଉଚ୍ଚାରିତ ହୋଇଥିଲା ''ସାଧୁ... ସାଧୁ.... ସାଧୁ! ଯାଦବରାଜ କୃଷ୍ଣଙ୍କର ଜୟ ହେଉ । କୃଷ୍ଣ ହିଁ ଆମର ନେତା, ଆମର ନିର୍ଣ୍ଣାୟକ । ଜୟ କୃଷ୍ଣ ବାସୁଦେବଙ୍କର ଜୟ... ।''

ଅକ୍ରୂର କକା ଭାବାତିବେଗରେ ମତେ କୁଣ୍ଢାଇ ପକାଇ କହିଲେ, ''କାହ୍ନା ! ମୋର ଜୀବନ ଧନ୍ୟ ହୋଇଗଲା । ତୁମ ଭଳି ଯୋଗ୍ୟ ସନ୍ତାନ ଏ ମଥୁରାରେ ଜନ୍ମିଥିବାରୁ ଏ ମାଟି ଧନ୍ୟ ହୋଇଗଲା । ଧନ୍ୟ ରାଜା ବାସୁଦେବ ଧନ୍ୟ ମହାରାଣୀ ଦେବକୀ.... ।''

ବଳରାମ ଭାଇନା କହିଲେ, ''କାହ୍ନା ! ଏଥର ଚାଲଯିବା ବନ୍ଦୀଶାଳା । ଆମର ପିତାମାତା ଅନେକ କଷଣ ସହିସାରିଲେଣି । ତାଙ୍କୁ ମୁକ୍ତ କରିବା ଏବଂ ଦର୍ଶନ କରିବା ଆମର ପ୍ରଧାନ କର୍ତ୍ତବ୍ୟ ।''

ମୁଁ ଲୁହ ଛଳ ଛଳ ଆଖିରେ କହିଲି, ''ହଁ, ଭାଇନା, ଶୀଘ୍ର ଚାଲ । ଆମର ମାତାମହ ତଥା ମହାରାଜ ଉଗ୍ରସେନଙ୍କୁ ମଧ୍ୟ ମୁକ୍ତ କରିବାକୁ ପଡ଼ିବ । ଅମାତ୍ୟ ବିପୃଥୁ ଆପଣ କାହିଁକି ଏପରି ଭୟଭୀତ ହୋଇ ଛିଡ଼ାହୋଇଛନ୍ତି । ମୁଁ ଆପଣଙ୍କୁ କୌଣସି ଦଣ୍ଡ ଦେବିନାହିଁ । ଆପଣଙ୍କର କୌଣସି ଦୋଷ ନାହିଁ । ଆପଣ ଜଣେ କେବଳ ରାଜା ଆଜ୍ଞା ପାଳନକାରୀ, ରାଜହିତୈଷୀ ଭାବରେ କଂସ ନିକଟରେ କାର୍ଯ୍ୟ କରୁଥିଲେ । ତେଣୁ ଅମାତ୍ୟ ଏହିଭଳି ନିରପେକ୍ଷ ହେବା ଉଚିତ୍ । ଆପଣ ଆପଣଙ୍କର କର୍ତ୍ତବ୍ୟ ପାଳନ କରିଛନ୍ତି । ଏହି ମୁହୂର୍ତ୍ତରୁ ହିଁ କଂସ ଶାସନର ଅନ୍ତ ହେଲା ଏବଂ ଯଥାଶୀଘ୍ର ମହାରାଜ ଉଗ୍ରସେନ ଯାଦବମାନଙ୍କ ପାଇଁ ଲୋକହିତକର ଶାସନ ବ୍ୟବସ୍ଥାର ପୁନଃ ପ୍ରଚଳନ ହେବାକୁ ଯାଉଛନ୍ତି । ତେଣୁ ଯଥାଶୀଘ୍ର ଆପଣ ମହାରାଜାଙ୍କର ରାଜ୍ୟ ଅଭିଷେକ ଉତ୍ସବରେ ଯୋଗଦେବାପାଇଁ ସମଗ୍ର ଆର୍ଯ୍ୟାବର୍ତ୍ତ ତଥା ବିଭିନ୍ନ ମହାଜନପଦ, ଗଣ ରାଜ୍ୟକୁ ଆମନ୍ତ୍ରଣ କରିବା ନିମିତ୍ତ ବ୍ୟବସ୍ଥା କରନ୍ତୁ ।''

ମୋର ଏଭଳି ଅଭୟ ପ୍ରଦାନରେ ଭୀତତ୍ରସ୍ତ ବିପୃଥୁ ଆଶ୍ୱସ୍ତ ହେଲେ ।

ସେ ମତେ ଓ ବଳରାମ ଭାଇନାଙ୍କୁ ପ୍ରଣାମ ଜଣାଇ କହିଲେ, ''ଯାହା ଆଦେଶ ଯାଦବ ଶ୍ରେଷ୍ଠ । ଆପଣ ମତେ ଅଭୟ ପ୍ରଦାନ ପୂର୍ବକ ଜୀବନଦାନ କରିଛନ୍ତି । ତେଣୁ ଏହି କଥାକୁ ମୁଁ କଦାପି ଆଜୀବନ ଭୁଲିପାରିବିନାହିଁ । ଆଉ କ'ଣ ଆଦେଶ ଅଛି କୁହନ୍ତୁ ମହାଭାଗ ।''

ମୁଁ କହିଲି, 'ହେ ଅମାତ୍ୟ ବିପୃଥୁ । ଆପଣଙ୍କୁ ଆଉ ଗୋଟିଏ ମୁଖ୍ୟ କାର୍ଯ୍ୟ କରିବାକୁ ପଡ଼ିବ । ତାହାହେଲା କଂସର ଅତ୍ୟାଚାରରେ ଅତିଷ୍ଠ ହୋଇ ମଥୁରା ଛାଡ଼ି ବୃଷ୍ଣି, ଅନ୍ଧକ, ଭୋଜ, ଦଶାର୍ହ ଇତ୍ୟାଦି ଅଠର ଯାଦବକୁଳ ସେମାନଙ୍କର ପରିବାର ସହିତ ଅନ୍ୟତ୍ର ଚାଲିଯାଇଛନ୍ତି । ପଡ଼ୋଶୀ ରାଜ୍ୟ, ଜଙ୍ଗଲମାନଙ୍କରେ ବହୁ ଦୁଃଖ କଷ୍ଟରେ କାଳାତିପାତ କରୁଛନ୍ତି । ଆପଣ ଏବଂ ଆପଣଙ୍କର କର୍ମଚାରୀମାନେ ମିଳିତ ଭାବରେ ଯାଇ ସେମାନଙ୍କୁ ସସମ୍ମାନର ସହିତ ମଥୁରା ଫେରାଇ ଆଣନ୍ତୁ ଏବଂ ପୁର୍ନବାସର ସହାୟତା ପ୍ରଦାନ କରନ୍ତୁ । ଏତଦ୍‌ବ୍ୟତୀତ କଂସ ଦ୍ୱାରା ବଳପୂର୍ବକ ସେମାନଙ୍କର ଜମି, ଧନସମ୍ପତ୍ତି ଯେଉଁଭଳି ଭାବରେ ଅପହରଣ କରି ନିଆଯାଇଥିଲା, ସେ ସବୁକୁ ଫେରାଇ ଦିଅନ୍ତୁ । ଯାହାଫଳରେ ସେମାନେ ପୁଣି ଥରେ ନୂଆ କରି ଜୀବନ ନିର୍ବାହ ଆରମ୍ଭ କରିପାରିବେ ।''

ଅମାତ୍ୟ ବିପୃଥୁ ନମ୍ରତା ପୂର୍ବକ କହିଲେ, ଯାହା ଆଜ୍ଞା ଯାଦବଶ୍ରେଷ୍ଠ ।

ମୁଁ କହିଲି, ''ଅମାତ୍ୟ ବିପୃଥୁ ! ଭବିଷ୍ୟତରେ ବିଭିନ୍ନ ସମୟରେ ଆମର ଆପଣଙ୍କର ସହାୟତାର ଆବଶ୍ୟକତା ପଡ଼ିବ । ତେଣୁ ମୋର ଆପଣଙ୍କୁ ଅନୁରୋଧ ଯେ ଆପଣ ଯଥାଶୀଘ୍ର ମୋର କାର୍ଯ୍ୟକଳାପ, ସ୍ୱଭାବ, ବ୍ୟକ୍ତିତ୍ୱ ସହିତ ମୋର ଆଖିର ଭାବକୁ ଭଲଭାବରେ ବୁଝିବା ପାଇଁ ଉଦ୍ୟମ କଲେ କାର୍ଯ୍ୟକରିବା ପାଇଁ ସହଜ ହେବ ।''

''....ପୁରୋହିତ ଗର୍ଗାଚାର୍ଯ୍ୟଙ୍କୁ ପଚାରି ଧନୁଯଜ୍ଞ ସ୍ଥଳରେ ମୃତ୍ୟୁବରଣ କରିଥିବା ତୋଷାଳକ, ମୁଷ୍ଟିକ, ସୁନାମା, କୂଟ,ଚାଣୁର ପ୍ରମୁଖଙ୍କର ବିଧିପୂର୍ବକ ଅନ୍ତିମ ଦାହ ସଂସ୍କାରର ଆୟୋଜନ କରନ୍ତୁ । ଏହା ସହିତ ଗଜରାଜ କୁବଳୟାପୀଡ଼କୁ ମଧ ଅଗ୍ନିରେ ଦାହ କରାଯାଉ । ଯମୁନା କୂଳରେ ଚନ୍ଦନକାଠରେ ଯଥାବିଧି ରାଜୋଚିତ ସମ୍ମାନର ସହିତ ଶବଦାହର ବ୍ୟବସ୍ଥା କରାଯାଉ । ମୃତ ଆତ୍ମାର ସଦ୍‌ଗତି ପାଇଁ ବିଭିନ୍ନ ଶୋକ ଅନୁଷ୍ଠାନମାନ ମଧ କରାଯିବା ଆବଶ୍ୟକ । ଅମାତ୍ୟ ବିପୃଥୁ ! ଅଭିଜ୍ଞ ସେନାପତିଙ୍କୁ ଯଥାଶୀଘ୍ର ଡକାଇ ଆଣନ୍ତୁ ।''

ମୁଁ ସେନାପତିଙ୍କର ନାମ ଉଚ୍ଚାରଣ କଲାକ୍ଷଣି ଅମାତ୍ୟ ବିପୃଥୁ ତତ୍‌କ୍ଷଣାତ୍ ସେନାପତିଙ୍କୁ ସମ୍ମୁଖୀନ କରାଇ କହିଲେ, ''ହେ ଆର୍ଯ୍ୟ ଶ୍ରେଷ୍ଠ ! ଇଏ ହେଉଛନ୍ତି ଯାଦବ ସେନାପତି ଅନାଧୃଷ୍ଟି, ଆପଣଙ୍କର କକା ମଧ ।''

ସୁଦୀର୍ଘ କାୟା, ଲମ୍ବାଳିଆ ମୁଖାକୃତି, ଶ୍ମଶ୍ରୁଯୁକ୍ତ ସୁତୀକ୍ଷଣନାସା, ଦୀର୍ଘବାହୁ, ଲୌହ କବଚଧାରୀ ଅନାଧୃଷ୍ଟି ମୋ ସମ୍ମୁଖରେ ଛିଡ଼ା ହୋଇଥିଲେ । ମୁଁ ତାଙ୍କର ଚଉଡ଼ା କାନ୍ଧକୁ ପରମ ସମ୍ମାନରେ ଥପଥପାଇଦେଲି । ସେ ମୋତେ ଓ ଭାଇନାଙ୍କୁ ପ୍ରଣାମ କରିବାକୁ ନଇଁଲା ବେଳକୁ ମୁଁ ତାଙ୍କୁ ଉଠାଇ ସିଧାକରାଇ କହିଲି, 'ମୁଁ ଆପଣଙ୍କୁ କ'ଣ କହି ସମ୍ବୋଧନ କରିବି ଅନାଧୃଷ୍ଟି କକା ।''

ସେନାପତି ଅନାଧୃଷ୍ଟି ଅତ୍ୟନ୍ତ ନମ୍ରତାର ସହିତ ଉତ୍ତର ଦେଲେ, ''ସମସ୍ତ ଯାଦବମାନେ ମୋତେ 'ଯାଦବଶ୍ରେଷ୍ଠ' ବୋଲି ସମ୍ବୋଧନ କରନ୍ତି । ଆପଣ ଯଦି ସେଭଳି ଡାକନ୍ତି ତେବେ ମୋତେ ଭାରି ଭଲ ଲାଗିବ ।''

କଥାବାର୍ତ୍ତା ଚାଲୁଥିବା ଅବସରରେ ଜଣେ ଗୁପ୍ତଚର ସୈନିକ ଦୌଡ଼ି ଦୌଡ଼ି ମଣ୍ଡପ ପାଖକୁ ଆସିଲା । ଅମାତ୍ୟ ବିପୃଥୁ ଓ ସେନାପତି ଅନାଧୃଷ୍ଟିଙ୍କୁ କହିବା ପାଇଁ ଉଦ୍ୟତ ହେଲାବେଳେ ମୁଁ କହିଲି, ''ସୈନିକ ! ମତେ କିମ୍ବା ବଳରାମ ଭାଇନାଙ୍କୁ ଭୟ କରନାହିଁ । ଆମ ସମସ୍ତଙ୍କର ସମ୍ମୁଖରେ କି ସମ୍ବାଦ ଆଣିଛ ନିର୍ଭୟରେ ପ୍ରକାଶ କର ।''

ସୈନିକ ସମ୍ମାନ ଜଣାଇ କହିଲା, 'ଆର୍ଯ୍ୟ ଶ୍ରେଷ୍ଠ ! କଂସର ମୃତ୍ୟୁ ସମ୍ବାଦପାଇ ମଗଧର ସମ୍ରାଟ ଜରାସନ୍ଧ ପାଗଳ ପ୍ରାୟ ହୋଇଯାଇଛନ୍ତି । ସେ ରାଗରେ ରକ୍ତଚାଉଳ ଚୋବାଉଛନ୍ତି । ମହାପାପୀ ଜାମାତା କଂସର ମୃତ୍ୟୁ ଜରାସନ୍ଧଙ୍କୁ ଅତ୍ୟନ୍ତ ମର୍ମାହତ ଏବଂ ବ୍ୟାକୁଳ କରିପକାଇଛି । ସେ ଖୁବ୍ ଶୀଘ୍ର ମଥୁରା ଆକ୍ରମଣ କରି ଜାମାତା କଂସ ହତ୍ୟାର ପ୍ରତିଶୋଧ ନେବେ ବୋଲି ନିଷ୍ପତ୍ତି ନେଇସାରିଛନ୍ତି । ତାଙ୍କ ବିଧବା କନ୍ୟା ଅସ୍ତିଦେବୀ ଓ ପ୍ରାପ୍ତିଦେବୀଙ୍କୁ ମଗଧକୁ କିପରି ଫେରାଇଆଣିବେ, ସେଥିପାଇଁ ମଧ୍ୟ ଚିନ୍ତା କରୁଛନ୍ତି । ମୋର ବନ୍ଧୁ ସୁହାଳକ ମଗଧର ରାଜପ୍ରସାଦରେ ଜଣେ ସେବକର ଛଦ୍ମବେଶରେ କାର୍ଯ୍ୟ କରୁଛି, ରାଜ୍ୟରେ ମଧ୍ୟ କେତେକ ବନ୍ଧୁ ପ୍ରତ୍ୟେକଟି ସୂଚନା ପାଇ ଆପଣଙ୍କୁ ତତ୍କ୍ଷଣାତ୍ ଜଣାଇବାର ଉଦ୍ୟମରେ ରହିଛନ୍ତି । ସୀମାନ୍ତର ଘଞ୍ଚ ଅରଣ୍ୟ ଏବଂ ଗ୍ରାମ-ଜନପଦଗୁଡ଼ିକରେ ମଗଧର କିଛି ଗୁପ୍ତଚର ମଧ୍ୟ ଲୁଚି ରହି ଆମର ଗତିବିଧିର ସୂଚନା ମଗଧ ସମ୍ରାଟ ଜରାସନ୍ଧଙ୍କୁ ଦେଉଛନ୍ତି ମହାଭାଗ ! ମୋ ପ୍ରତି ଆଉ ଯଦି କିଛି ଆଦେଶ ଅଛି, ଆଜ୍ଞା କରନ୍ତୁ ।''

ସୈନିକର କଥା ଶୁଣିଲା ପରେ ମୋ ସମେତ ବଳରାମ ଭାଇନା, ଅକ୍ରୁର କକା, ବିପୃଥୁ ଓ ଅନାଧୃଷ୍ଟିଙ୍କ ମୁହଁରେ ଚିନ୍ତାର ରେଖା ଫୁଟିଉଠିଲା । ବର୍ତ୍ତମାନର ସଙ୍କଟଜନକ ପରିସ୍ଥିତିକୁ କିପରି ସାମ୍ନା କରାଯିବ ତାହା ବିଶେଷ ଗୁରୁତ୍ୱପୂର୍ଣ୍ଣ । ବଳରାମ ଭାଇନା କହିଲେ, ''କାହ୍ନା ! ମଗଧ ସମ୍ରାଟ ଜରାସନ୍ଧଙ୍କୁ ନିଶ୍ଚୟ ଉଚିତ ଉତ୍ତର ଦିଆଯିବ । ତୁ ଯେଉଁ କହୁଥିଲୁ ପୁରୁଣା କିଲା, ଦୁର୍ଗଗୁଡ଼ିକୁ କାର୍ଯ୍ୟକ୍ଷମ କରାଇବା କଥା, ତାହା ମହାମନ୍ତ୍ରୀ ଅକ୍ରୁର କକା ଅବିଳମ୍ବେ ଆରମ୍ଭ କରିଦିଅନ୍ତୁ । ମଥୁରା ସୀମାନ୍ତର ଅରଣ୍ୟାନୀ ଓ ପାହାଡ଼ିଆ ଅଞ୍ଚଳଦେଇ ଯଦି ମଗଧ ସମ୍ରାଟ ଜରାସନ୍ଧ ଆକ୍ରମଣ କରନ୍ତି ତେବେ ମୁଁ ସେଠାକାର ସମସ୍ତ ନେତୃତ୍ୱ ନେଇ ଆମ ସୈନ୍ୟବାହିନୀକୁ ପରିଚାଳନା କରିବି । ମତେ ସହଯୋଗ କରିବେ ସେନାପତି ଅନାଧୃଷ୍ଟି, ଦେବଭାଗ, ବିକଦ୍ରୁ, ପ୍ରଭଞ୍ଜନ ଓ ଆହୁକ ।''

ମୁଁ ଭାଇନାଙ୍କ କଥାରେ ସମ୍ମତି ପ୍ରକାଶ କରି କହିଲି- ''ଭାଇନା ଠିକ୍ କହିଛନ୍ତି । ଅକ୍ରୂର କକା ! ଜରାସନ୍ଧ ନିଶ୍ଚିତଭାବରେ ମଥୁରା ଉପରେ ପ୍ରଚଣ୍ଡ ଆକ୍ରମଣ କରିବ । ଆମର ସୈନ୍ୟବଳ ମଧ କମ୍ ଅଛନ୍ତି । ତେଣୁ ଆମକୁ ସତର୍କତାର ସହିତ କୌଶଳରେ ଚତୁରତା ପୂର୍ବକ ଶକ୍ତିଶାଳୀ ମଗଧ ସେନାକୁ ପ୍ରତିରୋଧ କରିବାକୁ ପଡ଼ିବ । ସେଥିପାଇଁ ଅମାତ୍ୟ ବିପୃଥୁ ! ଆପଣ ଗୁପ୍ତଚର ବିଭାଗକୁ ଆହୁରି ସକ୍ରିୟ ରହିବାକୁ ନିର୍ଦ୍ଦେଶ ଦେବା ସହିତ ମଗଧର ପ୍ରତିଟି ଗତିବିଧିର ସମ୍ବାଦ ଆମ ନିକଟରେ ପହଞ୍ଚିବା ବ୍ୟବସ୍ଥା କରନ୍ତୁ । ମଥୁରାର ସୀମାନ୍ତ ଅଞ୍ଚଳକୁ ସୈନ୍ୟବାହିନୀ ପଠାଇ ସେଠାକାର ଜନସାଧାରଣଙ୍କ ସହିତ ସହଯୋଗ ପୂର୍ବକ ଆକ୍ରମଣକୁ ପ୍ରତିହତ କରାଯିବା ନିତାନ୍ତ ଜରୁରୀ । ସେନାପତି ଅନାଧୃଷ୍ଟି ! ଆପଣ କଂସର ଅନ୍ତ୍ୟେଷ୍ଟିକ୍ରିୟା ସମାପ୍ତ ହେଲାପରେ ଆମର ମାଇଁ କଂସ ପତ୍ନୀ ଅସ୍ତି ଓ ପ୍ରାପ୍ତିଦେବୀଙ୍କୁ ଦାନବରାଜ ନନ୍ଦିନୀ ସୁଲଗ୍ନାଙ୍କ ସଙ୍ଗରେ ମଗଧ ଛାଡ଼ି ଦେଇ ଆସିବାର ବ୍ୟବସ୍ଥା କରନ୍ତୁ । ସସମ୍ମାନର ସହିତ ମଗଧର ରାଜଦୁହିତାମାନଙ୍କୁ ତାଙ୍କର ବାପଘରେ ଛାଡ଼ିଆସିବାର ଦାୟିତ୍ୱ ଆପଣଙ୍କର ।''

—''ସୁଲଗ୍ନା ଯେହେତୁ କଂସର ନିକଟବର୍ତ୍ତୀ ଥିଲେ ତେଣୁ ଅସ୍ତି ଓ ପ୍ରାପ୍ତି ଦେବୀଙ୍କର ବିଶ୍ୱାସଯୋଗ୍ୟା ହୋଇଛନ୍ତି । ତେଣୁ ତାଙ୍କର ମଗଧର ରାଜମହଲରେ ପ୍ରବେଶ ସୁବିଧାରେ ହୋଇପାରିବ । ଜରାସନ୍ଧର ପ୍ରତିଟି ଗତିବିଧିର ସୂଚନା ଆମ ପାଖରେ ପହଞ୍ଚିବ । ଅସ୍ତି ଓ ପ୍ରାପ୍ତି ଦେବୀଙ୍କୁ ମଗଧରେ ପହଞ୍ଚାଇବାର ବ୍ୟବସ୍ଥା ହୋଇଥିବା ଦେଖି ଜରାସନ୍ଧ ଯେତେ କ୍ରୋଧ କଲେ ମଧ ସାନ୍ତ୍ୱନା ପାଇବ ଯେ ଅନ୍ତତଃ ତା'ର ଝିଅମାନେ ନିରାପଦରେ, ଅକ୍ଷତ ଅବସ୍ଥାରେ ସମ୍ମାନର ସହିତ ମଗଧକୁ ଫେରିଛନ୍ତି । ସୁଲଗ୍ନା ଜରାସନ୍ଧର ଅନ୍ତଃପୁରରେ ରହି ସେମାନଙ୍କର ଅନ୍ତରଙ୍ଗ ହୋଇ ଆଗାମୀ ଆକ୍ରମଣର ପ୍ରତ୍ୟେକ ସୂଚନା ଆମକୁ ପ୍ରେରଣ କରିବେ । ତାଙ୍କୁ ସହଯୋଗ କରିବା ପାଇଁ ସେନାପତି ଅନାଧୃଷ୍ଟି ସବୁ ସମୟରେ ଯୋଗସୂତ୍ର ରକ୍ଷା କରିବେ । ଅକ୍ରୂର କକା ଓ ଅମାତ୍ୟ ବିପୃଥୁ ବର୍ତ୍ତମାନ ମହାରାଜ ଉଗ୍ରସେନଙ୍କର ରାଜ୍ୟାଭିଷେକର ଆୟୋଜନ ଯଥାଶୀଘ୍ର କରନ୍ତୁ । ମଥୁରାରେ ଥିବା ମଗଧ ସେନାଙ୍କୁ ମୁଁ ଓ ଭାଇନା ଯୁଦ୍ଧରେ ଆହତ କରି ଭଗାଇ ଦେଇଛୁ । ହେଲେ ସେମାନଙ୍କ ପ୍ରତି ଦୃଷ୍ଟି ରଖିବା ଆବଶ୍ୟକ ।''

ମଥୁରାର କୋଳାହଳ ପୂର୍ବଭଳି କ୍ରମଶଃ ବଢ଼ୁଥାଏ । ମଝି ମଝିରେ 'ଯାଦବଶ୍ରେଷ୍ଠ' କୃଷ୍ଣ ବାସୁଦେବ ବଳରାମଙ୍କର ଜୟ', 'ମହାରାଜ ଉଗ୍ରସେନଙ୍କର ଜୟ', 'ନନ୍ଦଗୋପଙ୍କର ଜୟ' ଧ୍ୱନି ଶୁଭୁଥିଲା । ମୁଁ ଓ ଭାଇନା ମଥୁରାର ବନ୍ଦୀଶାଳା ଆଡ଼କୁ ଅଗ୍ରସର ହେଉଥିଲୁ । ଆମ ପଛରେ ଅକ୍ରୁର କକା, ସାତ୍ୟକି, କୃତବର୍ମା, ପିତୃବ୍ୟ ଶ୍ରୁତାୟୁଧ, ଗଦ, ସୁବଂଶ, ଦେବକ, ଉପଦେବ, ସୁଦେବ, ଦେବଦର୍ଶନ ପ୍ରମୁଖ ଯାଦବ ବୀରମାନେ ଆସୁଥିଲେ ।

ମୋର ଜନ୍ମସ୍ଥାନ ଏହି ଚାରିକାନ୍ଥ ଘେରା ପଥର ପ୍ରାଚୀରର ବୃହତ୍ କାରାଗାର । ଶୃଙ୍ଖଳବଦ୍ଧ ହୋଇ ମୋର ପିତାମାତା କେତେ ଯେ କଷଣ ନ ସହିଲେ ପାର୍ଥ ? ହାତରେ ଗୋଡ଼ରେ ବେଡ଼ି ପଡ଼ିଥିବାବେଳେ ମୋର ମାତା ଦେବକୀ ଗୋଟିଏ ପରେ ଗୋଟିଏ ଗର୍ଭଧାରଣର କଷ୍ଟ ସହିଲେ । ନଅ ମାସ ସାତ ଦିନ ଲେଖାଏଁ ମୋର ଭାଇମାନଙ୍କୁ ନିଜ ଦେହର ରକ୍ତମାଂସ ଦେଇ ବଢ଼ାଇଲେ । ଗର୍ଭବତୀ ନାରୀଟିର ଆବଶ୍ୟକୀୟ ଖାଦ୍ୟ, ବିଶ୍ରାମ, ଉତ୍ତମ ପରିବେଶ ସବୁ ମିଳିବା ନିହାତି ଦରକାର ଥିଲାବେଳେ ମା' ଦେବକୀ ସବୁଥିରୁ ବଞ୍ଚିତ ହେଲେ । ତଥାପି ସକଳ କଷ୍ଟ ସହି ଗୋଟିଏ ପରେ ସନ୍ତାନ ଜନ୍ମଦେଲେ । ତା'ର ପ୍ରତିଦାନରେ ପାଇଲେ କ'ଣ ? ଶିଶୁ ହତ୍ୟାକାରୀ ନରାଧମ କଂସର ନବଜାତ ଶିଶୁମାନଙ୍କୁ ମୋର ନିରୀହ ପିତାମାତାଙ୍କ ସମ୍ମୁଖରେ ହତ୍ୟାର ଦୃଶ୍ୟ, କଂସର ପଥରରେ ଛେଚି ହତ୍ୟା ଦୃଶ୍ୟ ଦେଖି ସେମାନଙ୍କର ଲୁହ ଶୁଖିଯାଇଛି, ଛାତି ଭିତର ଫାଟିଯାଇଛି ପାର୍ଥ !!

ରାଜପଥ ଧାରର ଉଭୟ ପାର୍ଶ୍ୱରେ ସମବେତ ଜନସାଧାରଣ ଆମ ଉପରେ ପୁଷ୍ପ ବର୍ଷା କରୁଥାନ୍ତି ଓ ବିସ୍ମୟ ପୂର୍ବକ କହୁଥାନ୍ତି- ''ହେଇ ଦେଖ ! ହାତରେ ମୁରଲି, ମୁକୁଟରେ ମୟୂରପକ୍ଷ ପିନ୍ଧି ଯେ ଯାଉଛନ୍ତି ସିଏ ହେଉଛନ୍ତି ଆମର ରାଜକନ୍ୟା ଦେବକୀଙ୍କର ଅଷ୍ଟମ ଗର୍ଭର ସନ୍ତାନ, ସେହିଁ ଅସାଧାରଣ ଅନନ୍ୟ ଦେବଶିଶୁ ! ଆଉ ସିଏ ହେଉଛନ୍ତି ଗଦା ଯୁଦ୍ଧରେ ପାରଙ୍ଗମ ବଳରାମ । ଦେବକୀଙ୍କର ପୁଅ ନନ୍ଦ ଗୋପଘରେ ରୋହିଣୀଙ୍କ ଦ୍ୱାରା ବଡ଼ ହୋଇଛନ୍ତି । ନିର୍ମମ କଂସର ଏଇ କାରାଗାରରୁ ଦିନେ କୃଷ୍ଣଙ୍କୁ ବାସୁଦେବ ନେଇଯାଇଥିଲେ ଗୋପପୁରର ନିଜ ଗୃହକୁ । କଂସ ଏହି ଦୁଇ କିଶୋର ବାଳକଙ୍କୁ ସାଧାରଣ ବୋଲି ଭାବିଲା । ତାର ଅତ୍ୟାଚାରର ଫଳ ଭୋଗିଲା । ଆହା ! ଏତେଦିନ ପରେ ବାସୁଦେବ ଓ ଦେବକୀ କାରାଗାରରୁ ମୁକ୍ତି ଲାଭ କରିବେ ତାଙ୍କର ଜୀବିତ ପୁତ୍ରମାନଙ୍କ ଦ୍ୱାରା...''

କଂସର ମୃତ୍ୟୁ ସମ୍ବାଦ ପ୍ରଚାରିତ ହେଲାବେଳଠାରୁ କାରାଗାରର ସମସ୍ତ ରକ୍ଷୀ, ଯେଉଁମାନେ ପହରା ଦେଉଥିଲେ ସମସ୍ତେ ପଳାୟନ କରିସାରିଥିଲେ । କାରାଗାରର ଲୌହ କବାଟ ଉନ୍ମୁକ୍ତ କରି ଦିଆଯାଇସାରିଥିଲା । ବାସୁଦେବ ଓ ଦେବକୀଙ୍କୁ ଶୃଙ୍ଖଳ ମୁକ୍ତ କରି ଦିଆଯାଇଥିଲା । ମହାରାଜ ଉଗ୍ରସେନଙ୍କୁ ମଧ ଶୃଙ୍ଖଳରୁମୁକ୍ତ କରାଯାଇଥିଲା । ଅନ୍ୟାନ୍ୟ ନିରୀହ ପ୍ରଜାଗଣଙ୍କୁ ମୁକ୍ତକରି ଦିଆଯାଇଥିଲା ।

ହେଲେ ପାର୍ଥ ! ମୋର ପିତା ସେମିତି ବାତାୟନ ନିରୁଦ୍ଧ ଅନ୍ଧକାରମୟ କାରାଗୃହରେ ନୀରବରେ ବସି ରହିଥିଲେ । ହୁଏତ ସେ ଏହିଭଳି ଅବିଶ୍ୱାସ୍ୟ ସମ୍ବାଦକୁ ସହଜରେ ଗ୍ରହଣ କରିପାରୁ ନଥିଲେ ! ତାଙ୍କର ମନେ ହେଉଥିଲା କଂସର ଏଇଟା ଆଉ ଗୋଟେ ନୂଆପ୍ରକାର ଚାଲାକି । ବୋଧହୁଏ ଦଣ୍ଡବିଧାନର ନୂତନ ଅଧ୍ୟାୟ ଯୋଗ କରିବାର ପ୍ରଚେଷ୍ଟା ? ଜାଣିଛ ଅର୍ଜୁନ ! ମୋର ଗର୍ଭଧାରିଣୀ ଜନନୀ ଦେବକୀ ? ସନ୍ତାନକୁ ହରେଇବାର ଦୁଃଖରେ ଅହରହ ଏକ ବିଡ଼ମ୍ବିତ ଯନ୍ତ୍ରଣାରେ ଚୂର୍ଣ୍ଣୀଭୂତ ହେଉଥିଲେ । ନିଜର ରକ୍ତମାଂସର ଆତ୍ମଜମାନଙ୍କୁ କୋଳାଗ୍ରତ କରି ନିଜ ବକ୍ଷର ସ୍ତନ୍ୟପାନ କରାଇବାପୂର୍ବରୁ ହିଁ ତାଙ୍କର କୋଳଶୂନ୍ୟ ହୋଇଯାଉଥିଲା । ତାଙ୍କର ଅମୃତଭରା ବକ୍ଷୋଜରୁ ଧାର ଧାର କ୍ଷୀର ବୋହି ପଡ଼ି ଏ ନିଷ୍ଠୁର ପଥର ଚଟାଣ ବି ଲୁହ ସରସର ହୋଇଯାଇଥିଲା । ତଥାପି ମୋର ଜନ୍ମପରେ ମତେ ପିତା ନନ୍ଦବାବାଙ୍କ ଘରେ ଛାଡ଼ି ଆସିଥିଲାବେଳେ ଖିଏ ଆଶା ଦେବକୀମା'ଙ୍କ ମନରେ ସଞ୍ଚରିଯାଉଥିଲା ହୁଏତ ଦିନେ କି ମୁହୂର୍ତ୍ତରେ ହେଲେ ଏ ମରଣର ଜୀଅନ୍ତା ପାଉଁଶ ଭିତରୁ କଣିକାଏ ବିଜୁଳି ଚମକି ଆସିବ, ପାର୍ଥ ! ତେଣୁ ସେ ଅଷ୍ଟମ ଗର୍ଭରେ ମତେ ଭୂମିଷ୍ଠ କରିବାପରେ ଆଉ ସନ୍ତାନ ଜନ୍ମ କରିନଥିଲେ ।

ଯେମିତି ତାଙ୍କର ସବୁ ପ୍ରତୀକ୍ଷା ଶେଷହୋଇଯାଇଛି । ସ୍ୱପ୍ନରେ କିନ୍ତୁ ବାରମ୍ବାର ତାଙ୍କୁ ଦିଶିଯାଉଛି ସେହି ହୃଦୟର ଶଙ୍ଖାଳି ଗୁଲୁଗୁଲିଆ ପରିଚିତ ଖିଲ୍‌ଖିଲ୍ ମୁହଁଟି । କାହ୍ନାର କଅଁଳିଆ ନିରୀହ ହାତ ଦୁଇଟି ବେକରେ ଓହଳି ପଡ଼ିଛି । ପିଠିରେ ଲାଉ ହୋଇପଡ଼ିଛି । ପୁଣି କେତେବେଳେ ସେହି ଦରୋଟି କଣ୍ଠରୁ ମମତା ମଧୁରତାରେ ଜୁଡୁବୁଡୁ ଖନେଇ ଖନେଇ ସ୍ୱର ଭାସି ଆସୁଛି ମା... ମା.... ମା... । ଓଃ ! କି ମୋହମୁଗ୍ଧ ଆହ୍ଲାଦର ସ୍ନେହର ବାସ୍ନାରେ ମା ମୋର ତରଳି ଯାଉଛନ୍ତି, ବତୁରି ଯାଉଛନ୍ତି, ପାର୍ଥ !! ସ୍ନାୟୁରେ ସ୍ନାୟୁରେ ସେ ଆତ୍ମାର ମହମହ ଚନ୍ଦନବାସ୍ନାରେ ମୋର ଅସ୍ତିତ୍ୱକୁ, ସୂକ୍ଷ୍ମ ଅବବୋଧକୁ, ଚୈତନ୍ୟକୁ ବିହ୍ୱଳିତ ବିଭୋର କରିଦେଇଛନ୍ତି ।

ତେଣୁ ଅର୍ଜୁନ ! ମା'ଙ୍କ କୋଳକୁ ଉପହାସରେ ଅଟ୍ଟହାସରେ କଂସ ଯେଉଁ କାଠ ପିତୁଳିକୁ... 'ନେ ତୋର ପୁଅ', କହି ପିଙ୍ଗି ଦେଇଥିଲା ନା ସେହି କାଠ କଣ୍ଢେଇକୁ ଧରି ସେ ଛାତିରେ ଜାକି, ମୁହଁରେ ବୋକ ଦେଇ, ଗେଲ କରି ଆତ୍ମାର ରକ୍ତାକ୍ତ ମାତୃତ୍ୱପଣକୁ ଛଳଛଳେଇ ଦେଉଥିଲେ । ସେଥିପାଇଁ ଶୟନ, ସ୍ୱପନ, ଜାଗରଣରେ କାଠ କଣ୍ଢେଇକୁ ବଡ଼ ଯତ୍ନରେ ସମସ୍ତଙ୍କ ଆଢୁଆଳରେ ନିଜ କାନି ପଣତରେ ଏମିତି ଲୁଚାଇ ରଖିଆନ୍ତି ଯେ, ଯେମିତି କେହି ତାକୁ ଦେଖିପାରିବେ ନାହିଁ । ଏପରିକି ମୋର ପିତା ବାସୁଦେବଙ୍କୁ ମଧ୍ୟ ଛୁଆଁଇ ଦେଇନାହାନ୍ତି । କାରାଗାରର ପ୍ରହରୀମାନେ ମା'ଙ୍କୁ 'କାଠ କଣ୍ଢେଇ ଧରିଛି', 'ବାୟାଣୀ

ହୋଇଗଲାରେ' ବୋଲି କେତେ ଯେ ବିଦ୍ରୁପ କରିଛନ୍ତି । ହେଲେ ଦୁଃଖିନୀ ସର୍ବଂସହା ଆକାଶମୁଖୀ ମୌନତାର ଅସୀମ ଧୈର୍ଯ୍ୟଶାଳିନୀ ମା' ମୋର ! ଅହରହ ଗୋଟିଏ କଥା ଜପିଛନ୍ତି, ''ନା...ନା....ମୋର ନୟନର ତାରାକୁ ମୁଁ କାହାକୁ ଦେବି ନାହିଁ । ମୁଁ ବଞ୍ଚିଥିଲା ଯାଏ ମୋ' ଆତ୍ମାରୁ, ମୋ ରକ୍ତରୁ, ମୋ ଅସ୍ତିତ୍ୱରୁ କେହି ମୋର ପୁଅକୁ ଛଡ଼ାଇ ନେଇପାରିବେ ନାହିଁ ! କଂସ କଦାପି ଏହାକୁ ନେଇପାରିବ ନାହିଁ । ଇଏ ମୋର ଅନ୍ତରାତ୍ମାର ଅପ୍ରତିମ ଅନ୍ତଃସ୍ୱର, ମୋର ଅନ୍ତରଙ୍ଗ ପତି ସଖା ବାସୁଦେବଙ୍କର ଏକମାତ୍ର ଜୀବନ୍ତ ମହିମ୍ନ ପ୍ରୀତିର ପାର୍ବଣମୟ ମୂର୍ଚ୍ଛନା । ମୁଁ ତାକୁ ଦେବିନାହିଁ.... କେବେହେଲେ ଦେବିନାହିଁ ।''

ପାର୍ଥ ! ସେଥିପାଇଁ ମତେ ଶୂନ୍ୟତା ଏତେ ଶୁଭ୍ର, ବ୍ୟଥାବିଧୂର, କରୁଣ, ଅନୁଚ୍ଚାରିତ ମନେହୁଏ । ମତେ ମୋର ପିତାମାତାଙ୍କର ସନ୍ତପ୍ତ ଶୋକାଶ୍ରୁ ସବୁ ମୁହୂର୍ତ୍ତରେ, କ୍ଷଣରେ ଉଦାସ, ବିଷର୍ଣ୍ଣ କରିଦେଉଥିଲା ! ମୁଁ ଯଶୋଦା ମାଙ୍କ କୋଳରେ ଉଷୁମ ଗହନ ନିଦରେ ଶୋଇଥିଲାବେଳେ ମୋ ସ୍ୱପ୍ନରେ ମମତାରେ ଜରଜର ସ୍ନେହ ସରସର ହାତରେ ଦେବକୀ ମା' ମୋ ମୁହଁକୁ ଆଉଁଷି ଦେଲାବେଳେ ତାଙ୍କ ଆଖିରୁ ଦି'ଟୋପା ଲୁହ ମୋ ଗାଲରେ ଟପ୍‌କିନା ଖସିପଡୁଥିଲା ପାର୍ଥ !! ମୁଁ ସେମିତି ନିଦରେ ନିଦରେ ମା'ଙ୍କର ଆକାଶମୟ ମାତୃତ୍ୱର ମନ୍ମୟ ସ୍ପର୍ଶକୁ, ପ୍ରତିଟି ପ୍ରାଣକୋଷରେ ଅନୁଭବ କରୁଥିଲି । ମା'ଙ୍କର ଅଭୟ କରୁଣାର କାନି ପଣତରେ ମୋ ଦେହକୁ ଛୁଇଁ ପୋଛି ଦେଲାବେଳେ ମୋର ମନେ ହେଉଥିଲା ଯେମିତି ନକ୍ଷତ୍ର ନୀହାରିକାରୁ ମୋର ପିଣ୍ଡ ଛିଟିକି ପଡ଼ି ମାତୃଗର୍ଭର ଉଦାରତାକୁ ଆହୁରି ପବିତ୍ର ଈଶ୍ୱରମୟ, ସ୍ନେହାବିଷ୍ଟ କରିଦେଉଛି । ସେଥିପାଇଁ ନାରୀପାଇଁ ପ୍ରକୃତିର ସର୍ବଶ୍ରେଷ୍ଠ ନୈବେଦ୍ୟ ହେଉଛି ନୈସର୍ଗିକ ମାତୃତ୍ୱ ।

ମୋ ଦୁଃଖିନୀ ଦେବକୀ ମା'ଙ୍କର ଏସବୁ ବାତ୍ସଲ୍ୟ ମମତ୍ୱ ବିଭିନ୍ନ ରୂପରେ ପଲ୍ଲବିତ ହୋଇ କଂସ ନିକଟରେ ପହଞ୍ଚୁଥିଲା । ଦେବକୀ ମା'ଙ୍କର ଅସହାୟତା, ଯନ୍ତ୍ରଣାକୁ ପ୍ରବଳ ଅଟ୍ଟହାସ୍ୟରେ ଉଡ଼ାଇଦେଇ କଂସ ଚିତ୍କାର କରୁଥିଲା, ''ହଁ, ଠିକ୍ ଏଇଆ କରୁ ଦେବକୀ ! ସେଇ କାଠ କଣ୍ଢେଇଗୁଡ଼ାକୁ କୋଳରେ ଧରି କାନ୍ଦୁଥାଉ । ହାଃ....ହାଃ କଂସର ଶତ୍ରୁକୁ ପୁଣି କୋଳରେ ଧରି ମାତୃତ୍ୱ ସୁଖ ଅନୁଭବ କରିବ ? ନା.... ନା.. ସେ କଥା ମୁଁ କଦାପି କରାଇ ଦେବିନାହିଁ ।''

ଏସବୁ ଖଣ୍ଡ ଖଣ୍ଡ କଥା ସବୁ ମୁଁ ପିଲାଦିନେ ଗୋପପୁରରେ ନନ୍ଦବାବା ମା'ଙ୍କ ପାଖରେ ଥିଲାବେଳେ ଗର୍ଗାଚାର୍ଯ୍ୟ, ପିତୃବ୍ୟ ଶ୍ରୁତାୟୁଧ ପ୍ରମୁଖଙ୍କ ଠାରୁ ଶୁଣୁଥିଲି । ସେତେବେଳେ ମତେ ଭୀଷଣ କଷ୍ଟ ହେଉଥିଲା ପାର୍ଥ !! ଦେବକୀ ମା ଓ ବାସୁଦେବଙ୍କୁ କି ଅକଥନୀୟ ଯନ୍ତ୍ରଣା ନ ଦେଇଛି କଂସ ! କ୍ରୋଧରେ ମୋର

କିଶୋର ମନ ଅସ୍ଥିର, ଆକୁଳ ହେଉଥିଲା । ମନ ହେଉଥିଲା ଯଦି ଏବେ ହାତପାଆନ୍ତାରେ କଂସକୁ ପାଇଥାନ୍ତି ନା ଖଣ୍ଡ ଖଣ୍ଡ କରିପକାନ୍ତି । ପୁତ୍ର ଶୋକରେ ଜର୍ଜରିତା ମା' ମୋର ଆହା କୁନି ପୁଅଟିର କୁଆଁ କୁଆଁ କାନ୍ଦ ଶୁଣିବା ପାଇଁ କି ଆକୁଳ ପ୍ରତୀକ୍ଷା କରି ନଥିଲେ ସତେ ମୋର ପିତା ବସୁଦେବ ପତ୍ନୀ ଦେବକୀଙ୍କୁ ଆଶ୍ୱାସନା ଦେଇ କୁନି ଝିଅଟିକୁ ଆଦର ଯତ୍ନ କଲାଭଳି ସମ୍ଭାଳି ଆଣୁଥିଲେ । କାରଣ ତାଙ୍କର ଯନ୍ତ୍ରଣା ଦଗ୍ଧ ତପ୍ତ ପିତୃତ୍ୱ ପ୍ରାଣଟି ସମସ୍ତ କୋମଳ କାମନାରୁ ଅପ୍ରତ୍ୟାଶିତ ଭାବରେ ଛିଟିକି ପଡ଼ି କାରୁଣ୍ୟର ଅଶ୍ରୁରେ ଭିଜିଯାଉଥିଲା ।

ଆହା ! ଦୁଃଖିନୀ ମା ବାପା ମୋର !! ଆଉ କାନ୍ଦ ନାହିଁ । ତୁମର ଗେହ୍ଲାପୁଅ, କୁନିପୁଅ କୃଷ୍ଣ ଏଇଦେଖ ତୁମ ପାଖରେ ଠିଆ ହୋଇଛି । ମୁଁ ବାବା ଓ ଦେବକୀ ମା'ଙ୍କ ନିକଟକୁ ଯାଇ ଯେତେବେଳେ ପ୍ରଣାମ କଲି, ଭାଇନା ମଧ୍ୟ ପ୍ରଣାମ କଲେ ସେତେବେଳକୁ ଉଭୟ ମାତାପିତାଙ୍କର କଣ୍ଠରୁଦ୍ଧ ହୋଇସାରିଥିଲା । ବାବା ବାସୁଦେବ ଆମ ଦୁଇଭାଇଙ୍କୁ ତଳୁ ଉଠାଇ ଆଣି ତାଙ୍କର ବିଶାଳବକ୍ଷରେ ଚାପିଧରି ଛୋଟ ଶିଶୁ ଭଳି କଇଁ କଇଁ କାନ୍ଦି ଉଠିଲେ । ମୋର ଓ ଭାଇନାଙ୍କ ଲୁହ ବାବାଙ୍କ କୋହରେ ମିଶି ତୀର୍ଥମୟ ତ୍ରିବେଣୀ ସଙ୍ଗମରେ ପରିଣତ ହୋଇଗଲା । ଲୁହର ଯମୁନାରେ ଯେମିତି ଆମେ ପୁଣିଥରେ ସ୍ନାନ କରି ଆହୁରି ଶୁଭ୍ରମୟ ପବିତ୍ର ହୋଇଗଲୁ । ଦେବକୀ ମା'ଙ୍କ ପାଦ ଛୁଇଁଲାକ୍ଷଣି ମୋର ସ୍ପର୍ଶରେ ମା'ଙ୍କ କଣ୍ଠରେ ବକ୍ଷରୁ ଅଜସ୍ର ଧାରାରେ କ୍ଷୀର ଧାରା ସ୍ରବି ତାଙ୍କର ବକ୍ଷବାସ ସବୁ ତିନ୍ତେଇ ଦେଲା । ସେ ଚମକି ଚାହିଁଲେ, ଟିକେ ପଛକୁ ଘୁଞ୍ଚିଗଲେ ।

ମୁଁ ପରମ ସ୍ନେହରେ ମା'ଙ୍କର ହାତ ଦୁଇଟିକୁ ମୋ ହାତରେ ଧରି ଚୁମ୍ବନ କରି କହିଲି, ''ମା ! ମୁଁ ତୁମର ବାସୁଦେବ ! ତୁମର କୃଷ୍ଣ । ଆଖିଖୋଲ ମା !'' ମା'ଙ୍କର ଯୁଗ ଯୁଗର ଅଭିମାନ, କ୍ଷୋଭ, ଅଭିଯୋଗ ଯେମିତି ପୁଞ୍ଜିଭୂତ ଭାବରେ ନେସି ହୋଇ ରହିଥିଲା । ସେ ଥର ଥର ବାଷ୍ପାକୁଳ କଣ୍ଠରେ ପଚାରିଲେ, ''ତୁ ମୋର ବାସୁଦେବ ? ତୁ ସତ କହୁଛୁ ନା ତୁ ହିଁ ମୋ ବାସୁଦେବ ? ତୁ କହ ତୁ ଏତେଦିନଯାଏ କେଉଁଠି ଥିଲୁ ?''

ସତରେ ଅର୍ଜୁନ ! ସେଦିନ ମୋ ଆଖିରୁ ଲୁହର ଧାର ଟିକିଏ ହେଲେ କମି ନଥିଲା । ମତେ ଓ ଭାଇନାଙ୍କୁ ଆଜି ଏତେଦିନ ପରେ ଚପଳ ଉଦ୍ଦାମ ଯୁବକ ଭାବରେ ଦେଖିଲା ବେଳକୁ ତାଙ୍କର ସଦ୍ୟ ଛିନ୍ନିତ ନାହି ନାଡ଼ି ଲାଗିଥିବା ଅବୋଧ ଶିଶୁଟିର ମୁହଁକୁ ସେ ଦରାଣ୍ଡି ହୋଇ ଖୋଜୁଥିଲେ । ସେହି ଘନଘୋର କାଳରାତ୍ରିରେ, ପ୍ରଚଣ୍ଡ ଝଡ଼ ବର୍ଷାରାତିରେ ଅର୍ଦ୍ଧମୂର୍ଚ୍ଛିତ ପ୍ରସବ ଯନ୍ତ୍ରଣାରେ ପୀଡ଼ିତ ମା'ଙ୍କ କୋଳରୁ ମତେ ଛଡ଼ାଇ ନେବାକୁ ବାଧ୍ୟ ହୋଇଥିବା ମୋର ପିତାଙ୍କୁ ସେ

ବାରମ୍ବାର ବ୍ୟାକୁଳ ହୋଇ ଗୋଟିଏ ପ୍ରଶ୍ନ ପଚାରୁଥିଲେ, ''ମୋ ପୁଅକୁ ମତେ ଦେଇଦିଅ... ମତେ ଦେଇଦିଅ ।'' ଯେଉଁ ପୁଅକୁ ନିଜ ବକ୍ଷରେ ଅମୃତପାନ କରାଇ ପ୍ରାଣଶକ୍ତି ସଞ୍ଚାର କରିଥାନ୍ତେ, ଅନୁରାଗ ଓ ଶ୍ରଦ୍ଧାରେ ଧୀରେ ଧୀରେ ବଡ଼ କରିଥାନ୍ତେ, ତା'ର ଠୁକୁଠୁକୁ ଚାଲି, କାନ୍ଦହସ, ଦରୋଟି କଥା, ଖେଳରେ କେତେ ମୁହୂର୍ତ୍ତ ଜୀଇଁଥାନ୍ତେ ସେହିସବୁ ଦୃଶ୍ୟଗୁଡ଼ିକ ପାଇଁ ତାଙ୍କର ମାତୃ ହୃଦୟ ବ୍ୟାକୁଳ ହୋଇ ଝୁରି ହେଉଥିଲା ପାର୍ଥ ! ତାଙ୍କର ସମସ୍ତ ମନ, ଚୈତନ୍ୟ ସମୟ ଥାକୁଲୁ ଥାକୁଲୁ ଘୂରି ବୁଲୁଥିବା, ହସି ପଡ଼ି ଉଠି ଖେଳୁଥିବା ପୁଅଟିର ଅନ୍ତରଙ୍ଗତାର ଛଳ ଛଳ ଧ୍ୱନି ପାଖରେ ସେହିଦିନଠାରୁ ଅଟକି ଯାଇଥିଲା । ମୋ ଆଖିରେ ଆଖିରେ ସେ ଖୋଜି ହେଉଥିଲେ ମୋର ଶୈଶବର ବିବିଷ୍ଟ ମୁହୂର୍ତ୍ତ ସବୁକୁ । ଝୁରୁଥିଲେ ମୋର ନିରୀହ ନିଷ୍ପାପ ବିଲୋଳ ହସ, କାନ୍ଦ, ଛୋଟ ଛୋଟ ଜିଦ୍ ସବୁକୁ । ଯେଉଁ ବାସୁଦେବଙ୍କୁ, ନିଜ ରକ୍ତର ମାଂସଳ ପ୍ରତିମାକୁ ସେ କ୍ଷୀର ଖୁଆଇଥାନ୍ତେ, ଭାତ ଖୁଆଇଥାନ୍ତେ, ତା'ର ହାତ ଧରି ବାଟ ଚାଲିବା ଶିଖାଇଥାନ୍ତେ, ତାକୁ ଶାସନ କରିଥାନ୍ତେ, ଗେଲ କରିଥାନ୍ତେ, ସେ ତାଙ୍କୁ ଦରୋଟି କଣ୍ଠରେ ମା.... ମା.... ଡାକିଥାନ୍ତା ! ଅଥଚ ସେସବୁ ତ କିଛି ସେ କରିପାରିଲେ ନାହିଁ । ଆହତ ମାତୃତ୍ୱ ଦେବକୀଙ୍କର ଆହୁରି ବିଳାପ କରି ଉଠୁଥିଲା ! ଅଭିମାନରେ କ୍ଷୋଭରେ ତାଙ୍କୁ ମନ୍ଥି କଲବଲ କରି ଦେଉଥିଲା, ତାଙ୍କର ଆହତ ନିର୍ଯ୍ୟାତିତ ମାତୃତ୍ୱ ।

ତାଙ୍କୁ ଭାରି ମନ ହେଉଥିଲା ଆମ ଦୁଇ ଭାଇଙ୍କୁ ବକ୍ଷରେ ଚାପିଧରି ନିଜର ସମସ୍ତ ଦଗ୍ଧ ସନ୍ତାପକୁ ଦୂର କରିଦେବାପାଇଁ । ହେଲେ ଅଭିମାନ ଭରା ଥମ୍ ଥମ୍ ମୁହଁରେ ସେ ନିଜର ଆବେଗକୁ ସମ୍ବରଣ କରି ନେଇଥିଲେ । ସତରେ ପାର୍ଥ ! ଏତେଗୁଡ଼ାଏ ବର୍ଷ ହେଲା ଅପମାନର ଧାସରେ ଜର୍ଜରିତ କାରାଗାରର ଅପରିଷ୍କାର କଦର୍ଯ୍ୟ ପରିବେଶରେ ରହି ରହି ମା'ଙ୍କ ଆଖିରୁ ଲୁହ ଶୁଖିଯାଇଥିଲା । ଆଖି କୋଟରଗତ ହୋଇଯାଇଥିଲା । ମୋର ପିତାମାତା ଦୁଇ ଜଣ ସେମାନଙ୍କର ବୟସଠାରୁ ଅଧିକ ବୟସ୍କ ଜଣାପଡୁଥିଲେ । ଜୀବନର ଏହି ଅସାଧାରଣ ବିପର୍ଯ୍ୟୟ ମୋର ବାବା ମାଙ୍କୁ ଅତ୍ୟଧିକ ବିଷର୍ଣ୍ଣ, ମଳିନ, ଉତ୍ସାହହୀନ କରିଦେଇଥିଲା । ତେଣୁ କାହାର କୌଣସି ସମ୍ବେଦନଶୀଳତାରେ ସେ ଆଦୌ ପ୍ରତିକ୍ରିୟା ପ୍ରକାଶ କରିପାରୁ ନଥିଲେ । ତମେ ମତେ ଥରେ ଠିକ୍ କଥା କହିଥିଲ ଅର୍ଜୁନ । ମୋର ପିଉସୀ କୁନ୍ତୀ, ତୁମର ମା' କିପରି ପିତା ପଣ୍ଡୁ ଓ ମାତା ମାଦ୍ରୀଙ୍କର ମୃତ୍ୟୁପରେ ତୁମ ପାଞ୍ଚଭାଇଙ୍କୁ ମଣିଷ କରିବାର ଗୁରୁଦାୟିତ୍ୱ ବହନ କରି କିପରି ବିଷାଦଗ୍ରସ୍ତ ହୋଇପଡୁଥିଲେ । ତୁମେ ସବୁ ମନଦୁଃଖ କରିବ ବୋଲି କୌଣସି ସମୟରେ ତୁମ ସମ୍ମୁଖରେ ନିଜର ଅଶ୍ରୁବୋଳା ମୁହଁକୁ ଦେଖାଉ ନଥିଲେ । ଯେତେ କଠିନ ପରିସ୍ଥିତି ଆସୁଥିଲେ ବି ନିଜକୁ ଶକ୍ତ କରି ତୁମମାନଙ୍କୁ ସାହାସ, ଧୈର୍ଯ୍ୟ

ଦେଉଥିଲେ । ପ୍ରକୃତି ବାସ୍ତବିକ ନାରୀ ଦେହରେ ଅପରିସୀମ ଶକ୍ତିର ଭଣ୍ଡାର ଭର୍ତ୍ତି କରିଦେଇଛି ବୋଲି ସେ ସମସ୍ତ ଦୁଃଖକଷ୍ଟକୁ ବରଣ କରି ସୁଦ୍ଧା କେବେହେଲେ ନଇଁ ପଡ଼ିବ ନାହିଁ କି ଡରି କରି ପଳାୟନ ପୂର୍ବକ ମଠବାଡ଼ିର ଆଶ୍ରୟ ନେଇନାହିଁ ।

ମା ମୋ ମୁହଁକୁ, ମୋ ଆଖିକୁ ଗଭୀର ଭାବରେ ଚାହିଁ ପଚାରିଲେ, ''ଅତ୍ୟାଚାରୀ ନରାଧମ, ଶିଶୁ ହତ୍ୟାକାରୀ କଂସ କ'ଣ ସତରେ ନିହତ ହୋଇଛି ପୁତ୍ର ?'' ମୁଁ ମୁଣ୍ଡ ହଲାଇ ସମ୍ମତି ଜଣାଇ ହଁ କଲି । ସାଙ୍ଗରେ ଆସିଥିବା ମଥୁରାର ଯାଦବଗଣ ଉତ୍ସାହିତ ହୋଇ କହିଲେ, ''ହେ ରାଜକୁମାରୀ !! ଆପଣଙ୍କର ଏହି ଦୁଇ କିଶୋର ପୁଅମାନେ ଅସାଧାରଣ ଘଟଣାମାନ ଘଟାଇବା ପୂର୍ବକ ପ୍ରକାଣ୍ଡକାୟ ହସ୍ତୀ କୁବଳୟା ପୀଡ଼କୁ ପ୍ରଭାବିତ କରିଛନ୍ତି । ବିଶାଳ ଶକ୍ତିଶାଳୀ ଉନ୍ମତ୍ତ ଚାଣୁର ମୁଷ୍ଟିକଙ୍କ ଭଳି ମଲ୍ଲଯୋଦ୍ଧାଙ୍କୁ ମଧ ଯୁଦ୍ଧରେ ହରାଇ ପରାସ୍ତ କରିଛନ୍ତି । କଂସ ଏ ସମସ୍ତ ଦେଖି ନିଜେ ଡରିଯାଇ ସିଂହାସନରୁ ପଡ଼ି ପ୍ରାଣ ହରାଇଲା ।''

ଅକ୍ରୁର କକା ଓ ପିତୃବ୍ୟ ଶ୍ରୁତାୟୁଧ କହିଲେ, ''ହଁ ମା' ଦେବକୀ ! କଂସର ଭାଇ ସୁନାମା, ତୋଷାଳକ, କୂଟ, ସୁହୁ, କୌଶଳ, ନଗ୍ରୋଧ, ଶଙ୍କୁ, ସୃଷ୍ଟି, ତୁଷ୍ଟିମାନ, କଙ୍କ, ରାଷ୍ଟ୍ରପାଳ ପ୍ରମୁଖ ସହାୟକମାନେ ମଧ କୃଷ୍ଣ ଓ ବଳରାମଙ୍କ ସମ୍ମୁଖରେ ପରାଜିତ ହୋଇଛନ୍ତି ଝିଅ । ତୁମର ଏ ପୁଅ ଅତ୍ୟନ୍ତ ବିଲକ୍ଷଣଯୁକ୍ତ ଅସୀମ ଯୋଦ୍ଧା ।''

ମୁଁ ସଙ୍ଗେ ସଙ୍ଗେ କହିଲି, 'ମା ! ନା.... ନା, ମୁଁ ମାତୁଳଙ୍କୁ ମାରିନାହିଁ ।' ମା' ଦେବକୀ ମୋର ଏକଦମ୍ ନିକଟକୁ ଆସିଲେ । ମୋର ଦେହ ମୁହଁକୁ ଅନେକ ସମୟ ଯାଏ ନିରୀକ୍ଷଣ କଲାପରେ କହିଲେ, ''ସତରେ ତୁ ମୋର ବାସୁଦେବ !'' ତୋ ଭିତରେ ଏତେ ଶକ୍ତି ଭରି ରହିଛି ? ତୁ ଏତେ ପରାକ୍ରମୀ ରାକ୍ଷସମାନଙ୍କୁ କେଡ଼େ ସହଜରେ ମାରିଦେଲୁ ! ତୋର ଏ ହୀନିମାନିନୀ ମା'କ'ଣ ଦୋଷ କରିଥିଲାରେ ! ଏଭଳି ବିଡ଼ମ୍ବନା ଜୀବନସାରା ଭୋଗିଲି ? ମୁଁ ଆଠଟି ସନ୍ତାନକୁ ଜନ୍ମଦେଲି । ନଅ ମାସ ସାତଦିନ ଧରି ସମସ୍ତ ଗର୍ଭଯନ୍ତ୍ରଣା ସହି ମୋର ରକ୍ତ ମାଂସ ଦେଇ ସେମାନଙ୍କୁ ଗର୍ଭରେ ବଞ୍ଚାଇ ରଖିଲି । ଅଥଚ ମୁଁ ମା'ହୋଇପାରିଲି ନାହିଁ, କାହିଁକି ? ଆହା ! ଜନ୍ମ ସମୟରୁ ତୁ ଯଦି ତୋର ଅଲୌକିକ ଅଫୁରନ୍ତ ଶକ୍ତି ସାମର୍ଥ୍ୟ ସେହି କାରାଗୃହରେ କଂସ ମୋ କୋଳରୁ ତତେ ଛଡ଼ାଇ ନେଲାବେଳେ ପ୍ରଦର୍ଶିତ କରିଥାନ୍ତୁ, ତା'ହେଲେ କ'ଣ ମୋର ମାତୃତ୍ୱ ଏପରି ଅଭିଶପ୍ତ, ବ୍ୟର୍ଥ ହୋଇଯାଇଥାନ୍ତା ? ମୁଁ ଯଶୋଦା ନନ୍ଦଙ୍କ ନିକଟରେ ଆଜୀବନ କୃତଜ୍ଞ ରହିବି ଯେ ସେ ତତେ ଓ ରୋହିଣୀ ପୁତ୍ର ବଳରାମଙ୍କୁ ମଥୁରାର ସମସ୍ତ

କୂଟଚକ୍ରାନ୍ତଗତ ପରିବେଶ ଭିତରେ ବଞ୍ଚାଇ ରଖିଛନ୍ତି । ନିଜର ସବୁ ସ୍ନେହ ମମତା ତୋ ଅଞ୍ଜଳିରେ ଢ଼ାଳି ଦେଇଛନ୍ତି । ଏସବୁ ସତ୍ତ୍ୱେ ମୋ ମନରୁ ଗୋଟିଏ ମାତ୍ର ଅବଶୋଷ ବାରମ୍ବାର ମତେ ବ୍ୟାକୁଳ କରୁଛି ଓ ଆହତ କରୁଛି ରେ ବାସୁଦେବ ! ତୋର ସମସ୍ତ ଶୈଶବ ତୁ ଅକୁଣ୍ଠିତ ଭାବରେ ଯଶୋଦାଙ୍କର ମାତୃତ୍ୱର ପଣତରେ ଅଜାଡ଼ି ଦେଲୁ । ଅଥଚ ମୋର ଏ ହୃଦୟ, ମମତାସିକ୍ତ ପଣତ ସେମିତି ଖାଲି ଶୂନ୍ୟ ହୋଇଗଲାରେ... ।''

ଓଃ ! ଦେବକୀ ମା'ଙ୍କର ହୃଦୟର ଯନ୍ତ୍ରଣା ଯେମିତି ଆମକୁ ଭାଙ୍ଗି ଖଣ୍ଡ ଖଣ୍ଡ କରିଦେବା ଭଳି ମନେହେଉଥିଲା । ପୁତ୍ର ଶୋକାତୁରା ମ୍ରିୟମାଣା ମା'ଙ୍କର ମନ, ହୃଦୟ, ସନ୍ତାନ ହରାଇବାର ଦୁଃଖରେ ହାହାକାର କରି ଉଠୁଥିଲା । ବଳରାମ ଭାଇନା ମା'ଙ୍କର ଆଉ କ୍ଷୋଭ ସହିପାରିଲେ ନାହିଁ, ଖୁବ୍ ଜୋର୍‌ରେ କାନ୍ଦି ଉଠି ମା'ଙ୍କୁ କୁଣ୍ଢାଇ ପକାଇ କହିଲେ, ''ମା ! ଆଉ କିଛି କୁହନାହିଁ । ତୁମର ପ୍ରତିଟି ବାକ୍ୟର ଶବ୍ଦର ଅହେତୁକ କୋହ, କ୍ଷତର ଶୋକାର୍ତ୍ତ ବେଦନା ଆମକୁ ବେଶି ବେଶି ଅସହାୟ, ବିକଳ କରି ଦେଉଛି । ତୁମେ ଆଉ କାନ୍ଦନି ।''

ମା ମଧ ବଳରାମ ଭାଇନାଙ୍କ କଥାରେ ଅନେକ ସମୟ ଯାଏ କାନ୍ଦିଲେ । ମୁଁ କିଛି କହିଲି ନାହିଁ । ନୀରବରେ ମା'ଙ୍କର ଅଗାଧ ଅଶ୍ରୁତର୍ପଣ ଭିତରେ ନିଜକୁ ସଜାଡ଼ୁଥିଲି ।

ମୁଁ, ଭାଇନା, ବାବା, ଅକ୍ରୁର କକା ଓ ଅନ୍ୟାନ୍ୟ ଯାଦବବୀରମାନେ କାରାଗୃହର ଅନ୍ୟ ସବୁ ପ୍ରକୋଷ୍ଠକୁ ଯାଇ ମଥୁରାର ମହାରାଜ ଉଗ୍ରସେନ ମୋର ମାତାମହ ଓ ରାଣୀ ପଦ୍ମାବତୀ (ମାତାମହୀ) ଙ୍କୁ ଶୃଙ୍ଖଳମୁକ୍ତ କଲୁ । ମହାରାଜ ଉଗ୍ରସେନ ମତେ ଓ ଭାଇନାଙ୍କୁ କୋଳାଗ୍ରତ କଲେ, ଅଶ୍ରୁରେ ସାରା କାରାକକ୍ଷ ଭିଜିଗଲା । ବନ୍ଦୀ ଗୃହର ଅଯତ୍ନ ଫଳରେ, ଅନ୍ଧକାର ଯୋଗୁଁ ମହାରାଜ ଉଗ୍ରସେନ ଓ ମହାରାଣୀ ପଦ୍ମାବତୀଙ୍କୁ ଭଲ ଭାବରେ ଦେଖାଯାଉ ନଥିଲା । ଦୃଷ୍ଟିଶକ୍ତି ନିଷ୍ପ୍ରଭ ହୋଇଆସିଥିଲା । ସେମାନଙ୍କୁ ସସମ୍ମାନର ସହିତ ରାଜମହଲ ଭିତରକୁ ନେବା ବ୍ୟବସ୍ଥା କରିବା ସହିତ ସେବାଶୁଶ୍ରୂଷା ପାଇଁ ରାଜବୈଦ୍ୟଙ୍କୁ ଡକାଇବାକୁ ମୁଁ ଅକ୍ରୁର କକାଙ୍କୁ କହିଲି ।

ବନ୍ଦୀ ଗୃହର ସ୍ୱଚ୍ଛ ବାତାୟନରୁ ମୁଁ ଦେଖୁଥିଲି ସନ୍ଧ୍ୟାର ଅସ୍ତଗାମୀ ସୂର୍ଯ୍ୟ କେମିତି ଯମୁନା ଦେହରେ ଆରକ୍ତବର୍ଣ୍ଣ ହୋଇ ଧୀରେ ଧୀରେ ଅସ୍ତ ହୋଇଯାଉଥିଲା । ଯମୁନା କୂଳରେ ସମଗ୍ର ଆର୍ଯ୍ୟାବର୍ତ୍ତର ଆତଙ୍କ ଅତ୍ୟାଚାରୀ କଂସର ଚିତା ଧୂ ଧୂ ହୋଇ ଜଳୁଥିଲା । କଂସ ପାଖରେ ମଧ ତା'ର ଶକ୍ତିକେନ୍ଦ୍ରର ଶକ୍ତିଧର ସୁନାମା, ଚାଣୂର, ମୁଷ୍ଟିକ, ତୋଷାଳକ, କୂଟ, ସୁହୃ, ଶଳ, କୌଶଳ,

ଶଙ୍କୁ, ନଗ୍ରୋଧଙ୍କର ଚିତା ମଧ ଜଳୁଥିଲା । ବୁଝିଲ ପାର୍ଥ ! ଅନେକଦିନ ପରେ ମଥୁରା ଅଧିବାସୀମାନେ ଶାନ୍ତିରେ ନିଃଶ୍ୱାସ ନେଉଥିଲେ । ତାଙ୍କର ମହାରାଜ ଉଗ୍ରସେନ ଓ ମହାରାଣୀ ପଦ୍ମାବତୀଙ୍କୁ ସେମାନେ ପୁଣିଥରେ ଦେଖିବାର ସୁଯୋଗ ପାଇଲେ ବୋଲି ଖୁସିରେ ଆତ୍ମହରା ହୋଇ ଉଠୁଥିଲେ । ମୁଁ ବି ଭାବୁଥିଲି ମୋ ଜୀବନର ଆଉ ଏକ ନୂତନ ଅଧ୍ୟାୟର ବୋଧହୁଏ ଆରମ୍ଭ ହେଉଥିଲା । ମୋ ଜୀବନ ସବୁବେଳେ ବହୁବର୍ଣ୍ଣୀ ବିଚିତ୍ର ବିରୋଧାଭାସ ମଧ ଦେଇ ଗତି କରୁଥିଲା । ଅଯଥା କୌଣସି ସମୟରେ ରକ୍ତପାତ ମତେ ଭଲ ଲାଗୁ ନଥିଲା । କିନ୍ତୁ ଯେଉଁଭଳି ଭାବରେ ଘଟଣାଗୁଡ଼ିକ ଘଟୁଥିଲା ସେଥିରେ ନୀରବଦ୍ରଷ୍ଟା ହୋଇ ରହିବା ମୋର ସ୍ୱଭାବର ବିରୁଦ୍ଧ ଥିଲା । କୌଣସି ଘଟଣାର ମୁଁ କ୍ରୀଡ଼ାନକ ହୋଇ ରହିପାରୁ ନଥିଲି ! ମୋ ଜନ୍ମଠାରୁ କଂସର ମୃତ୍ୟୁପର୍ଯ୍ୟନ୍ତ ମୋର ବୈଚିତ୍ର୍ୟମୟ ଜୀବନରେ ସବୁବେଳେ ଅସାଧାରଣ ପରିସ୍ଥିତି ପ୍ରତିକୂଳ ଅବସ୍ଥା ଓ ପାରମ୍ପରିକ ନିଗଡ଼କୁ ଆହ୍ୱାନ କରିବା ସ୍ଥିତି ଉପୁଜୁଥିଲା । ହୁଏତ ପୁଣିଥରେ ସତ୍ୟକୁ ଗ୍ରହଣଶୀଳତାରେ ପରିଣତ କରିବାର ପ୍ରେରଣା ଏହିଠାରୁ ସୃଷ୍ଟି ହୋଇସାରିଥିଲା ।

''କ'ଣ ଏତେ ଭାବୁଛୁ କାହ୍ନା !'' ଭାଇନା ମୋର ତନ୍ଦ୍ରା ଭାଙ୍ଗିଦେଲେ – ''ଆରେ କାହ୍ନା ! ଆମେ କ'ଣ ରାଜପ୍ରାସାଦର ରାଣୀ ଅନ୍ତଃପୁରକୁ ଯିବାନି କିରେ ! ମାଈଁ ଅସ୍ତି ଓ ପ୍ରାପ୍ତିଦେବୀଙ୍କୁ ସାନ୍ତ୍ୱନା ଦେବାକୁ ପଡ଼ିବ ! ସୁଲଗ୍ନା ଅନେକ ବେଳୁ ସମ୍ବାଦ ପ୍ରେରଣ କରିସାରିଲାଣି ।''

ମୁଁ ଭାଇନାଙ୍କ ମୁହଁକୁ ଦେଖିଲି । 'ସୁଲଗ୍ନା' ର ନାମଉଚ୍ଚାରଣ କରିବାମାତ୍ରେ ସେ କେମିତି ଲାଜୁଆ ଲାଜୁଆ ହସୁଥିଲେ ।

''ହଁ ଭାଇନା ଚାଲ । ଶୀଘ୍ର ଚାଲ ଯିବା ।''

ମଥୁରାର ରାଜପ୍ରସାଦ । ଭବ୍ୟ କାରିଗରୀ କାରୁକାର୍ଯ୍ୟରେ ସୌନ୍ଦର୍ଯ୍ୟଶାଳିନୀ ରାଜମହଲ ବର୍ତ୍ତମାନ କିନ୍ତୁ ବଡ଼ ଶୁନ୍‌ଶାନ୍ ଦେଖାଯାଉଥିଲା । କଂସ ଓ ତା'ର ସହକର୍ମୀମାନଙ୍କର ମୃତ୍ୟୁ ସମ୍ବାଦ ଚତୁର୍ଦ୍ଦିଗରେ ପ୍ରଚାରିତ ହୋଇସାରିଥିଲା । ଯେଉଁ କଂସର ରାଜମହଲ ଭିତରକୁ ଦିନରେ ସୁଦ୍ଧା ପିମ୍ପୁଡ଼ିଟିଏ ଯିବାର ସୁଯୋଗ ନଥିଲା, ଚତୁର୍ଦ୍ଦିଗରେ ଅସାଧାରଣ ସଶସ୍ତ୍ର ପ୍ରହରୀ ଛାଇ ଯାଉଥିଲା; ଅଥଚ ଆଜିକେହି ଗୋଟିଏ ହେଲେ ପ୍ରହରୀ କି ସୈନିକ ଦେଖାଯାଉ ନଥିଲେ । ଏତେବଡ଼ ଶକ୍ତ ସିଂହଦ୍ୱାର କବାଟ ସେମିତି ମୁକୁଳା ଥିଲା । ଭିତରୁ କ୍ରନ୍ଦନରୋଳ ଶୁଭୁଥିଲା ।

କଂସ ପତ୍ନୀ ଅସ୍ତି ଓ ପ୍ରାପ୍ତି ପଲଙ୍କ ଉପରେ ମୁହଁମାଡ଼ି ପଡ଼ିଥିଲେ । ମହାରାଣୀ ଅସ୍ତିଙ୍କୁ କଂସ ମଧ ଡରୁଥିଲା । କାହିଁକି ନା ନିଜର ପିତା ଜରାସନ୍ଧଙ୍କର ମଗଧ ସୈନକମାନେ କିଛି ପାରିମାଣରେ ମଥୁରାରେ ମୃତୟନ ହୋଇଥିଲେ । ଗୁପ୍ତଚରମାନଙ୍କ ଦ୍ୱାରା ମଥୁରାର ସମସ୍ତ ସମ୍ବାଦ ସେ ରଖୁଥିଲେ ଏବଂ କଂସକୁ ଜଣାଉଥିଲେ । କଂସ ଅସ୍ତିଙ୍କୁ ଡରୁଥିଲା । ଅତ୍ୟନ୍ତ ନିର୍ଦ୍ଦୟୀ ଅସ୍ତିଙ୍କୁ ରାଣୀଅନ୍ତଃପୁରର ଦାସଦାସୀ ଡରୁଥିଲେ । ଛୋଟଛୋଟ ଦୋଷରେ ଭୟଙ୍କର ଅମାନୁଷିକ ଦଣ୍ଡ ସେ ଦେଉଥିଲେ । ସେତେବେଳେ ମଗଧରେ ଘୃଣ୍ୟ ଦାସତ୍ୱ ପ୍ରଥା ଥିଲା । ବିପଣୀରେ ଦାସଦାସୀମାନଙ୍କୁ ଉଲଗ୍ନ ପ୍ରାୟ କରାଯାଇ ପରିବାପତ୍ର କିମ୍ବା କୌଣସି ଦ୍ରବ୍ୟ କିଣିଲେ ଯେପରି ହାତରେ ଚିପିଚିପି ପରୀକ୍ଷା କରି ଭଲ ଅଛି କି ନାହିଁ କ୍ରେତା ଦେଖେ, ସେଭଳି କରାଯାଉଥିଲା । ନାରୀମାନଙ୍କର ଅବସ୍ଥା ବହୁତ କଦର୍ଯ୍ୟ ଥିଲା । ଅନେକ ଭାଗ୍ୟହୀନ ଦାସଦାସୀ ଅସ୍ତି ଓ ପ୍ରାପ୍ତିଙ୍କ ସହିତ ଯଉତୁକରେ ମଥୁରା ଆସିଥିଲେ । ସେଥିପାଇଁ କଂସର ଅତ୍ୟାଚାରରେ ମଥୁରା ଥରହର ହେଲାବେଳେ ମହାରାଣୀ ଅସ୍ତିଙ୍କ ଅତ୍ୟାଚାରରେ ରାଜମହଲ ଥରି ଉଠୁଥିଲା ।

ମହାରାଣୀ ପ୍ରାପ୍ତି ଅସ୍ତିଙ୍କ ଠାରୁ ସମ୍ପୂର୍ଣ୍ଣ ଅଲଗା ଚରିତ୍ରର ଥିଲେ । ସେ ସମ୍ବେଦନଶୀଳା, ଦୟାପରାୟଣା ଜଣେ ସ୍ନେହୀ ମହିଳା ଥିଲେ । ଶକ୍ତିଶାଳୀ ମଗଧ ସମ୍ରାଟ ଜରାସନ୍ଧର ପୁତ୍ରୀ ହେଲେ ହେଁ ସେଭଳି ଅହଂକାର ଗର୍ବ ତାଙ୍କର ନଥିଲା । ଭଉଣୀ ଅସ୍ତି ଯେପରି ଉଗ୍ରା ଥିଲେ ପ୍ରାପ୍ତି ସେଭଳି ସ୍ନେହ ଛଳଛଳ ଥିଲେ । ଅନେକ ସମୟରେ ପ୍ରାପ୍ତି କଂସକୁ ଏସବୁ ଅନ୍ୟାୟ ବନ୍ଦ କରିବାକୁ ପରାମର୍ଶ ଦେଉଥିଲେ । ବସୁଦେବ ଓ ଦେବକୀଙ୍କୁ ବନ୍ଦୀଶାଳାରୁ ମୁକ୍ତ କରିଦେବାପାଇଁ ମଧ ଅନୁରୋଧ କରିଥିଲେ । ଭଉଣୀ ଅସ୍ତିକୁ ମଧ ନିଜ ସ୍ୱଭାବର ପରିବର୍ତ୍ତନ ପାଇଁ ବୁଝାଉଥିଲେ । ମଝିରେ ମଝିରେ ପ୍ରାପ୍ତିଦେବୀ ବସୁଦେବ ଓ ଦେବକୀଙ୍କୁ ଦେଖିବାକୁ କାରାଗାରକୁ ଯାଉଥିଲେ । ବୃନ୍ଦାବନରେ ମୋର ଅଲୌକିକ କାର୍ଯ୍ୟକଳାପ ସମ୍ପର୍କରେ ଯେଉଁ ସମ୍ବାଦ ରାଜମହଲରେ ପହଞ୍ଚୁଥିଲା ସେଗୁଡ଼ିକୁ ସେ ଆଗ୍ରହର ସହିତ ଶୁଣୁଥିଲେ ।

ରାଣୀହଂସମହଲର ମୁଖ୍ୟ ଶୟନକକ୍ଷରେ ଆମର ଦୁଇ ମାଇଁ ଅସ୍ତିଓପ୍ରାପ୍ତି ଶୋକଜର୍ଜ୍ଜରିତା ହୋଇ ବିପର୍ଯ୍ୟସ୍ତା ହୋଇପଡ଼ିଥିଲେ । କ'ଣ କହି ସେମାନଙ୍କୁ ସାନ୍ତ୍ୱନା ଦେବି ଭାଷା ଖୋଜି ପାଉନଥିଲି । ସୁଲଗ୍ନା ଆମ ନିକଟକୁ ଦୌଡ଼ି ଆସିଲା । ସୁଲଗ୍ନାର ମନ ଭାରି ଖୁସିଥିଲା ।

ମୁଁ କହିଲି, ''ହେ ଦାନବରାଜ ନନ୍ଦିନୀ ! ଏଥର ତୁମେ ମଥୁରାର ଦାସତ୍ୱରୁ ମୁକ୍ତ ହୋଇଗଲ । ତୁମେ ତୁମର ମାତୃଭୂମି ସୁମ୍ଭାକୁ ସ୍ୱାଧୀନ ରାଜ୍ୟ ବୋଲି ଏଣିକି କହିପାରିବ । ମଥୁରାର ଅଧିନତାରୁ ସବୁଦିନ ପାଇଁ ସୁମ୍ଭା ମୁକ୍ତ ହୋଇଗଲା ।''

ସୁଲଗ୍ନା ଆନନ୍ଦରେ ଆତ୍ମହରା ହୋଇଯାଇ ମୋ ହାତ ଦୁଇଟିକୁ ଧରି ପକାଇ କହିଲା, ''ବାସୁଦେବ କୃଷ୍ଣ ! ମତେ ଏବେବି ବିଶ୍ୱାସ ହେଉନାହିଁ ଯେ ନରାଧମ କଂସର ମୃତ୍ୟୁ ହୋଇଯାଇଛି । ମୁଁ ପ୍ରତ୍ୟେକ ଦିନ ସ୍ୱପ୍ନ ଦେଖୁଥିଲି ଏ ପାଷାଣ୍ଡର ଦୟନୀୟ ମୃତ୍ୟୁ । ସେ ମୋର ଦେହ, ମନ, ଆତ୍ମାରେ ଯେତିକି ଯନ୍ତ୍ରଣା ଦେଇଯାଇଛି ସେଥିରୁ କଦାପି ତା'ର ନିଷ୍କୃତି ନାହିଁ । ଏ ପ୍ରତିଶୋଧର ବହ୍ନି ଏତେ ସହଜରେ ଏ ମନରୁ ଲିଭିବ ନାହିଁ ।''

ମୁଁ ସୁଲଗ୍ନାର କ୍ଷୋଭ ଜଡ଼ିତ ମନକୁ ସାଉଁଳାଇ ଦେଇ କହିଲି, ''ସୁଲଗ୍ନା ! କଂସର ମୃତ୍ୟୁ ପରେ ବର୍ତ୍ତମାନ ଯେଉଁ ଜଟିଳ ପରିସ୍ଥିତିଗୁଡ଼ିକ ସୃଷ୍ଟି ହେଉଛି ସେଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ । ତୁମ ଉପରେ ଆହୁରି ଅନେକ ଗୁରୁଦାୟିତ୍ୱ ଅଛି । ତୁମ ମାତୃଭୂମି ସୁମ୍ଭାର ସ୍ୱାଧୀନତା ପ୍ରାପ୍ତି ପରବର୍ତ୍ତୀ କାର୍ଯ୍ୟଗୁଡ଼ିକ ମଧ୍ୟ କରିବାକୁ ହେବ ସୁଲଗ୍ନା ! ମାଇଁ ଅସ୍ତି ଓ ପ୍ରାପ୍ତି ଦେବୀଙ୍କୁ ତୁମେ ସାଙ୍ଗରେ ନେଇ ମଗଧ ଯିବ । ମଗଧରେ ପ୍ରତ୍ୟେକଟି ରାଜନୈତିକ କାର୍ଯ୍ୟର ସୂଚନା ତୁମେ ପ୍ରେରଣ କରିବ । କାରଣ ମଗଧ ସମ୍ରାଟ ଜରାସନ୍ଧ ମଥୁରା ଉପରେ ଆକ୍ରମଣର ସବୁ ଯୋଜନା କରିସାରିଲେଣି । ଆମ ପାଖରେ ସୈନ୍ୟବଳ ଏତେ ନାହାନ୍ତି ଯେ ଆମେ ମଗଧର ପ୍ରଶିକ୍ଷିତ ବିଶାଳ ବାହିନୀକୁ ସମ୍ମୁଖ ଯୁଦ୍ଧରେ ହରାଇପାରିବା । ସେଥିପାଇଁ ପ୍ରତ୍ୟୁତ୍ପନ୍ନମତି କୂଟନୀତି କୌଶଳର ଆବଶ୍ୟକତା ରହିଛି । ଯାହା ତୁମ ପାଖରେ ଅଫୁରନ୍ତ ଭାବରେ ରହିଛି ସୁଲଗ୍ନା !''

ମୋ ପାଟିରୁ କଥା ଛଡ଼ାଇ ନେଇ ବଳରାମ ଭାଇନା ସୁଲଗ୍ନାକୁ ପ୍ରେମପୂର୍ଣ୍ଣ ଚାହାଣୀରେ ମଦମତ୍ତ କରିଦେଇ କହିଲେ,''କାହ୍ନୁ ! ସୁଲଗ୍ନା କ'ଣ ମଗଧର ରାଜଧାନୀକୁ ଯିବା ନିହାତି ଆବଶ୍ୟକ ? ଆମର ଗୁପ୍ତଚରବାହିନୀ ତ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି । ସୁଲଗ୍ନାକୁ ମଗଧର ଅବିଶ୍ୱାସ, ଅତ୍ୟାଚାର, ନିର୍ଦ୍ଦୟୀ ଶୋଷଣର ପୀଡ଼ନ ଭୂମିକୁ ଏକାକୀ ପଠାଇବା କ'ଣ ଠିକ୍ ହେବ ?''

ଭାଇନାଙ୍କ କଥା ଶୁଣି ମତେ ଭାରି ହସ ଲାଗୁଥିଲା । ସୁଲଗ୍ନାକୁ ମଗଧ ପଠାଇବା ପ୍ରସ୍ତାବ ତାଙ୍କ ମନକୁ ଆଦୌ ପାଉ ନଥିଲା । ସେ ସୁଲଗ୍ନାକୁ ପାଖରୁ ଛାଡ଼ିବାକୁ ପ୍ରସ୍ତୁତ ନଥିଲେ । ସୁଲଗ୍ନା ଭାଇନାଙ୍କ ସ୍ନେହରେ ସତରେ ଲୁହରେ ବତୁରି ଯାଉଥିଲା । ତାକୁ ଭାଇନାଙ୍କ ଏହି ଆତ୍ମୀୟ ଆକଟ ଭାରି ଭଲ ଲାଗୁଥିଲା । ମୁଁ ପରିସ୍ଥିତିକୁ ହାଲ୍‌କା କରିବାକୁ କହିଲି, ''ନାଇଁ ଭାଇନା ! ସୁଲଗ୍ନା ଆଦୌ ଏକୁଟିଆ ହେବନି । ତମେ ବ୍ୟସ୍ତ ହୁଅନାହିଁ । ମୁଁ ସୁରକ୍ଷାର ବନ୍ଦୋବସ୍ତ କରିସାରିଛି । ସୁଲଗ୍ନା ସହିତ ଆମର କେତେଜଣ ବିଶ୍ୱସ୍ତ ଦାସଦାସୀ ମଗଧ ଯିବେ । ପ୍ରତି ମୁହୂର୍ତ୍ତରେ ସେଠାକାର ସମ୍ବାଦ ଆମ ପାଖରେ ପହଞ୍ଚିବ । ସୁଲଗ୍ନା ଖୁବ୍ ଶୀଘ୍ର

ଫେରିଆସିବ, ଭାଇନା ! ସେ କ'ଣ ରହିପାରିବ ? ତା'ର ରାଜ୍ୟ ସୁମ୍ଭାକୁ ପୁଣି ଉତ୍ଥାନ କରାଇବାରେ ତାକୁହିଁ ସୁମ୍ଭା ଫେରିବାକୁ ହେବ । ସେଥିପାଇଁ ସୁମ୍ଭାର ମହା ଅମାତ୍ୟଙ୍କୁ ସମ୍ବାଦ ପ୍ରେରଣ କରାଯାଇସାରିଲାଣି । ମାଳିନୀ କୁବ୍ଜା ସୁଲଗ୍ନାର ପ୍ରତିନିଧି ଭାବରେ ବର୍ତ୍ତମାନ ସୁମ୍ଭା ଯାଇ କାର୍ଯ୍ୟ ଆରମ୍ଭ କରିବ । ମଗଧର ମଥୁରା ଉପରେ ଆକ୍ରମଣ ହେଲେ ସୁମ୍ଭାର ପାର୍ବତ୍ୟ ସୈନ୍ୟବାହିନୀ ଆମକୁ ସହାୟତା ଦେଇପାରିବେ । ମଥୁରା ଓ ସୁମ୍ଭାର ରାଜନୈତିକ, ଅର୍ଥନୈତିକ, ସାମରିକ ବନ୍ଧୁତ୍ୱର ଯୁଗ ଆରମ୍ଭ ହୋଇଯାଇଛି, ଭାଇନା । ଅକ୍ରୁରକକା, ଉଦ୍ଧବ ତଥା ଅନ୍ୟାନ୍ୟ ଯାଦବବୀରମାନେ ସୁମ୍ଭାର ଆର୍ଥିକ ବିକାଶ ଦିଗରେ ଅକୁଣ୍ଠ ସହଯୋଗ କରିବେ ।''

ସୁଲଗ୍ନା କୃତଜ୍ଞ ହୋଇକହିଲା, ''ହେ, ମୋର ପ୍ରିୟ କୃଷ୍ଣ ବଳରାମ ! ମୁଁ କେଉଁ ଭାଷାରେ ମୋର ହୃଦୟର କୃତଜ୍ଞତା ଜଣାଇବି, ଜାଣିପାରୁନାହିଁ । ମତେ ତୁମେ ଦୁହେଁ ଏଭଳି ସହଯୋଗ କରି ଏକ ନୂଆ ଜୀବନ ଦେଇଛ ଯେ ମୋର ଶେଷନିଃଶ୍ୱାସ ଯାଏଁ ମୁଁ କଦାପି ତାହା ଭୁଲିପାରିବି ନାହିଁ । ମଥୁରାକୁ ରକ୍ଷା କରିବାପାଇଁ ଯଦି ମତେ ପ୍ରାଣପାତ କରିବାକୁ ହୁଏ ତାହା ମୁଁ ହସି ହସି ବରଣ କରିବି ବାସୁଦେବ କୃଷ୍ଣ ! ମୁଁ ନିଶ୍ଚୟ ମଗଧ ଯିବି । ତୁମେ ଆଦୌ ଚିନ୍ତାକର ନାହିଁ, ବଳରାମ । ସୁଲଗ୍ନାକୁ କେହି ଛୁଇଁପାରିବେ ନାହିଁ । ଏତେଦିନ ଧରି ମଥୁରାର ରାଜପ୍ରାସାଦରେ କଂସ ଭଳି ପାଷାଣ୍ଡ ପାଖରେ ରହି କାମ କଲାବେଳେ ମୁଁ ଅନ୍ତତଃ ଏତିକି ଜାଣିଛି ମିଛ ପ୍ରତାରଣାକୁ କିପରି ମିଠା ମିଠା କଥାର କୌଶଳରେ ସତ୍ୟ ବୋଲି ପ୍ରମାଣିତ କରାଯାଏ । ମୁଁ ଯଦିଓ ଏତେଦିନ ହେଲା ମଥୁରାରେ ରହିଛି କିନ୍ତୁ ମୋ ଜନ୍ମଭୂମି ସୁମ୍ଭା ସହିତ ସର୍ବଦା ଯୋଗାଯୋଗ ରଖିଆସିଛି । ମୋର ପିତାଙ୍କର ବିଶ୍ୱସ୍ତ ରାଜକର୍ମଚାରୀମାନେ ତାଙ୍କର ରାଜାଙ୍କର ଏଭଳି ଆକସ୍ମିକ ମୃତ୍ୟୁରେ ମର୍ମାହତ ହୋଇ ଭାଙ୍ଗିପଡ଼ିନାହାନ୍ତି, ବରଂ ତାଙ୍କର ଅବର୍ତ୍ତମାନରେ ସୁମ୍ଭା ରାଜ୍ୟ ଶାସନକୁ ଏକ ସୁଦକ୍ଷ ମନ୍ତ୍ରୀପରିଷଦ ଦ୍ୱାରା ଚଳାଉଛନ୍ତି । ମୁଁ ରାଜପରିବାରର ଏକମାତ୍ର ଜୀବିତ ପ୍ରତିନିଧି ରହିଥିବାରୁ ମୋ ନିକଟକୁ ସବୁ ସମୟରେ ସମସ୍ତ ସମ୍ବାଦ ପ୍ରେରଣ କରୁଛନ୍ତି ।''

''ଆମର ପାର୍ବତ୍ୟ ସୈନ୍ୟବାହିନୀ ଦ୍ୱାରା ଆମେ ମଗଧ ସୈନ୍ୟମାନଙ୍କ ଉପରେ ପରୋକ୍ଷ ପାହାଡ଼ି ଯୁଦ୍ଧ ଦ୍ୱାରା ଅବରୋଧ କରିପାରିବା । ଏତଦ୍‌ବ୍ୟତୀତ ମଥୁରାରେ ଥିବା କଳିଙ୍ଗର ଅସଂଖ୍ୟ ମତ୍ତହସ୍ତୀମାନଙ୍କୁ 'କାଦମ୍ବରୀ' ପିଆଇ ଏବଂ ଏକପ୍ରକାର ଗୁଳ୍ମ ହାତୀର ଆଖିରେ ଲଗାଇ ଦେଇ ଯଦି ରାତିରେ ବିଶ୍ରାମ କରୁଥିବା ସମୟରେ ମଗଧ ସୈନ୍ୟମାନଙ୍କ ମଧ୍ୟକୁ ଛାଡ଼ି ଦିଆଯାଏ ତେବେ ପ୍ରଚଣ୍ଡ କ୍ଷୟକ୍ଷତି କରାଯାଇପାରିବ ।''

ବଳରାମ ଭାଇନା ସୁଲଗ୍ନା କଥା ଶୁଣି ଖୁବ୍ ଉତ୍ସାହିତ ହୋଇ କହିଲେ, ''ମୁଁ କହୁଥିଲି ନା କାହ୍ନୁ ! ସୁଲଗ୍ନା ବୀରାଙ୍ଗନା । ବୀର ହିରଣାକ୍ଷଙ୍କର ବଂଶଜା ସୁଲଗ୍ନାର ସ୍ୱାଭିମାନୀ ବୀର ଦାନବ ରକ୍ତରେ ସେହି ମହାନ୍ ଯୋଦ୍ଧାଙ୍କର ଶୋଣିତ ପ୍ରବାହିତ । ସୁଲଗ୍ନା ଆମ ପାଇଁ ଦେବଦୂତ ଭଳି ଆସିଛି ରେ ।'' ଅତ୍ୟନ୍ତ ସ୍ନେହରେ ସୁଲଗ୍ନାର ମୁଣ୍ଡକୁ ଆଉଁଷି ଦେଲେ ବଳରାମ ଭାଇନା ।

ରାଜମହଲର ଦାସୀ ଆସି ସମ୍ବାଦ ଦେଲା ମହାରାଣୀ ଅସ୍ତି ଓ ପ୍ରାପ୍ତିଦେବୀ ତାଙ୍କର କକ୍ଷରେ ଉପସ୍ଥିତ ହୋଇସାରିଲେଣି । ମୁଁ, ବଳରାମ ଭାଇନା, ସୁଲଗ୍ନା ରାଣୀମହଲର ଅନ୍ତଃପୁରକୁ ଯିବାକୁ ଉଦ୍ୟତ ହେଲୁ । ଅସ୍ତି ଓ ପ୍ରାପ୍ତି ଦୁଇ ଭଉଣୀ ଅତ୍ୟନ୍ତ ଶୋକଗ୍ରସ୍ତ ଅବସ୍ଥାରେ ବିଷର୍ଣ୍ଣ ବଦନରେ ବସିଥିଲେ । ସୁଲଗ୍ନା ସେମାନଙ୍କ ନିକଟକୁ ଯାଇ କହିଲା, ''ହେ ମହାରାଣୀ ! ବାସୁଦେବ କୃଷ୍ଣ ଏବଂ ତାଙ୍କର ବଡ଼ଭାଇ ବଳରାମ ଆପଣମାନଙ୍କୁ ସାକ୍ଷାତ କରିବାକୁ ଆସିଛନ୍ତି ।''

ମୁଁ ଭାବୁଥିଲି ମାଈଁମାନେ ନିଶ୍ଚୟ ମୋ ଉପରେ ଭୀଷଣ କ୍ରୋଧିତ ହୋଇଉଠିବେ । ଯେହେତୁ ତାଙ୍କର ପତି କଂସଙ୍କର ମୁଁ ହତ୍ୟାକାରୀ । ମୁଁ ଓ ଭାଇନା ଦୁଇ ମାଈଁଙ୍କୁ ପ୍ରଣାମ କରି କହିଲୁ, ''ହେ ମାଈଁମାନେ ! ଆମେ ଦେବକୀ ରୋହିଣୀ ପୁତ୍ର କୃଷ୍ଣ ବଳରାମ ଆପଣମାନଙ୍କୁ ପ୍ରଣାମ କରୁଛୁ । ମାମୁଁ କଂସଙ୍କର ମୃତ୍ୟୁରେ ଆମେ ଦୁଃଖିତ । ମାମୁଁଙ୍କର ମୃତ୍ୟୁର କାରଣ ଆମେ ନୋହୁଁ । ସିଂହାସନରୁ ତଳକୁ ଦ୍ରୁତଗତିରେ ପଡ଼ିଯିବା ଫଳରେ ହୃଦ୍‌ଘାତଜନିତ ଶ୍ୱାସକ୍ରିୟା ବନ୍ଦ ହୋଇଯିବା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଗଲା । ଆପଣମାନେ ଯଦି ଏହି ମହଲରେ ରହିବାକୁ ଚାହାନ୍ତି ତେବେ ପୂର୍ବଭଳି ସସମ୍ମାନର ସହିତ ରହିପାରିବେ । ସେଥିରେ କୌଣସି ପ୍ରତିବନ୍ଧକ ରହିବ ନାହିଁ । କିନ୍ତୁ ଆମେ ଜାଣିବାକୁ ପାଇଲୁ ଆପଣମାନେ ଆପଣଙ୍କର ପିତାଙ୍କ ରାଜ୍ୟ ମଗଧକୁ ଫେରିବାକୁ ଚାହୁଁଛନ୍ତି । ଆପଣଙ୍କ ସହିତ ଆପଣଙ୍କ ଭଉଣୀ ମାନେ ମଧ ମଗଧ ଯିବେ । ଆପଣମାନଙ୍କୁ ଏକୁଟିଆ ନ ଲାଗିବା ପାଇଁ ସୁଲଗ୍ନା ଯିବେ । ତାଙ୍କ ସହିତ ଆଉ କେତେକ ଦାସଦାସୀଙ୍କୁ ମଧ ପଠାଇବାର ବନ୍ଦୋବସ୍ତ କରାଯାଉଛି ।''

ମହାରାଣୀ ଅସ୍ତି କୌଣସି ପ୍ରତିକ୍ରିୟା ଜଣାଇବାକୁ ଇଚ୍ଛା କଲେନାହିଁ । ସେ କକ୍ଷ ଛାଡ଼ି ଚାଲିଗଲେ । କିନ୍ତୁ ମହାରାଣୀ ପ୍ରାପ୍ତିଦେବୀ ମତେ ଓ ଭାଇନାଙ୍କୁ ବସିବାକୁ ଆସନ ଦେଇ ପ୍ରଣାମ ଗ୍ରହଣ କରି କହିଲେ, ''ହେ କୃଷ୍ଣ ବଳରାମ ! ମୋର ପତି ମହାପରାକ୍ରମୀ କଂସଙ୍କର ମୃତ୍ୟୁ ହୋଇଯାଇଛି । ସେଥିପାଇଁ ମୁଁ କାହାକୁ ଦୋଷ ଦେବାକୁ ଚାହେଁନାହିଁ । ମୋର ପତି କଂସ ତାଙ୍କର ଜୀବଦ୍ଦଶାରେ ଅସମ୍ଭବ ଅନ୍ୟାୟ ଓ ଅତ୍ୟାଚାର କରିଛନ୍ତି । ତେଣୁ ତାଙ୍କୁ ତାଙ୍କର କର୍ମଫଳ ଭୋଗ କରିବାକୁ ପଡ଼ିଲା ।

ହେ କୃଷ୍ଣ ! ମତେ କ୍ଷମା କରିଦେବ । ମୁଁ ଆନ୍ତରିକ ଭାବରେ ଭଉଣୀ ଦେବକୀ ଏବଂ ଭିଣୋଇ ବାସୁଦେବଙ୍କ ନିକଟରେ ଅପରାଧୀ । କାରଣ ଯେଉଁଭଳି ନିର୍ମମତାର ସହିତ ଦେବକୀଙ୍କର ସନ୍ତାନମାନଙ୍କୁ ମୋର ପତି କଂସ ତଥା ତାଙ୍କର ଭାଇମାନେ ହତ୍ୟା କରିଛନ୍ତି ସେହି ନିଷ୍ଠୁର ସତ୍ୟକୁ କେହିହେଲେ ଭୁଲିଯାଇ ପାରିବ ନାହିଁ । ତେଣୁ ତୁମମାନଙ୍କ ନିକଟରେ ମଧ ମୁଁ ଓ ମୋର ଭଉଣୀ ଅସ୍ତି ସମପରିମାଣରେ ଦୋଷୀ । ତୁମ ନିଜର ବିଶାଳ ହୃଦୟବତ୍ତା ପାଇଁ ତୁମେମାନେ ଏପର୍ଯ୍ୟନ୍ତ ଆମକୁ ହତ୍ୟା ନ କରି ବଞ୍ଚାଇ ରଖିଛ । ଆମକୁ ଏବେ ସୁଦ୍ଧା ରାଜମହଲରେ ଆଶ୍ରୟ ଦେଇଛ ଓ ସମ୍ମାନର ସହିତ ସଙ୍ଖୁଳି ଆସିଛ । ତୁମ ଉଦାହରଣର ପଟାନ୍ତର ନାହିଁ ହେ, କୃଷ୍ଣ ! ମୁଁ ସର୍ବଦା ତୁମେ ଅତ୍ୟନ୍ତ ବାଲ୍ୟକାଳରୁ ପୂତନା ଠାରୁ ବକା କେଶୀ ପର୍ଯ୍ୟନ୍ତ ପ୍ରଚଣ୍ଡ ଅସୁର ଯୋଦ୍ଧାମାନଙ୍କୁ କିପରି ପରାସ୍ତ କରି ଶେଷ କରିଦେଇଥିଲ ତାହା ଶୁଣି ଆସିଛି ।''

ଏତେ ଛୋଟ ବୟସରୁ ତୁମେ ହସି ଖେଳି ବଡ଼ ହେବା ପରିବର୍ତ୍ତେ ସଂଘର୍ଷମୟ ଶଙ୍କାଗ୍ରସ୍ତ ଜୀବନ ତୁମ ମାମୁଁ କଂସଙ୍କ ପାଇଁ ସହି ସମ୍ମୁଖୀନ ହୋଇଛ । ତୁମର ଅସାଧାରଣ ବୀରତା, ସାହାସ, ସମ୍ମାନ, ଧୈର୍ଯ୍ୟର ତୁଳନା ନାହିଁ କୃଷ୍ଣ ବାସୁଦେବ ! ତୁମେ ଦୁଇ ଭାଇ ସବୁ ସମୟରେ ବିପଦର ସାମ୍ନା କରିଛ, ସମାଧାନ କରିଛ । ତୁମ ମାମୁଁ କଂସ ତୁମମାନଙ୍କ ପ୍ରତି ଓ ମଥୁରାବାସୀଙ୍କ ପ୍ରତି ଯେଉଁ ଘୋର ଅନ୍ୟାୟ, ନିଷ୍ଠୁରତା ପ୍ରଦର୍ଶନ କରି ସମସ୍ତଙ୍କୁ ଆହତ ଓ ଆଘାତପ୍ରାପ୍ତ କରିଛନ୍ତି, ସେଥିପାଇଁ ମୁଁ ପ୍ରାପ୍ତି ଓ ଭଉଣୀ ଅସ୍ତି କ୍ଷମା ଯାଚନା କରୁଛୁ । ଆମକୁ ଅନ୍ତତଃ ପଶ୍ଚାତାପର ସୁଯୋଗ ଦିଅନ୍ତୁ ! ଆଉ ଗୋଟିଏ ଅନୁରୋଧ କରୁଛି ଯେ ଆମେ ମଗଧ ଫେରିଯିବାକୁ ଚାହୁଁଛୁ । ସୁଲଗ୍ନା ଆମ ସହିତ ଯିବ । ଯେଉଁ କେତେକ ମଗଧର ସୈନ୍ୟ ମଥୁରାରେ ଅଛନ୍ତି, ସେମାନଙ୍କୁ ମଧ ଆମେ ସଙ୍ଗରେ ନେଇ ମଗଧ ଫେରିବୁ ଏହା ପିତାଙ୍କୁ ମୁଁ ଜଣାଇସାରିଛି । ମହାଦେବ ତୁମମାନଙ୍କର ମଙ୍ଗଳ କରନ୍ତୁ ! ଏତେସବୁ ଘଟିଗଲା ପରେ ତୁମେ ଦୁହେଁ ଆମକୁ ସଙ୍ଖୋଳିବାକୁ ଆସିଛ, ସେଥିପାଇଁ ଆମେ କୃତଜ୍ଞ ।''

ମାଇଁ ପ୍ରାପ୍ତି ଦେବୀ ଅନୁଶୋଚନାରେ ଯେପରି ସାଙ୍କୁଡ଼ି ଯାଉଥିଲେ ! ମୁଁ ପ୍ରବୋଧନା ଦେଇ କହିଲି, ''ମାଇଁ ଯାହା ଘଟିଯାଇଛି ସେଥିପ୍ରତି ଅନୁଶୋଚନା କରନ୍ତୁ ନାହିଁ । ଆପଣ ଯାହା ଇଛା କରିଛନ୍ତି, ତାହା ଅବିଳମ୍ବେ ପାଳିତ ହେବ । ମହାରାଜ ଉଗ୍ରସେନଙ୍କର ରାଜ୍ୟାଭିଷେକ ଉତ୍ସବରେ ଆପଣ ଚାହିଁଲେ ଯୋଗଦେଇପାରିବେ ! ଏହି ଅନୁରୋଧ ମଧ କରୁଛୁ ଯେ, ଆପଣ ସ୍ୱଚ୍ଛନ୍ଦରେ ମଥୁରାର ଯେକୌଣସି ଉତ୍ସବରେ ଯୋଗ ଦେଇପାରିବେ । ସ୍ୱାଧୀନ ଭାବରେ ବିଚରଣ କରିପାରିବେ । ଆମକୁ ଏଥର ବିଦାୟ ଦିଅନ୍ତୁ । ପ୍ରଣାମ ।''

ମାଇଁ ପ୍ରାପ୍ତିଦେବୀ ସୁଲଗ୍ନାକୁ କହିଲେ, ''ସୁଲଗ୍ନା ! ତୁମେ କୃଷ୍ଣ ବଳରାମଙ୍କୁ ସସମ୍ମାନର ସହିତ ବଳାଇଦେଇ ଆସ ।''

ସୁଲଗ୍ନା, ମୁଁ ଓ ବଳରାମ ଭାଇନା ରାଜମହଲ ପାରିହୋଇ ବାହାରକୁ ଆସିଲୁ । ମୁଁ ସୁଲଗ୍ନାକୁ ଦେଖି ଟିକେ ହସିଦେଇ କହିଲି, ''ମାଳିନୀ ଘରକୁ ଆଜି ମୁଁ ପୁଣିଥରେ ଯିବି । ତୁମେ ମଗଧ ଯିବା ପୂର୍ବରୁ ନିଶ୍ଚୟ ମାଳିନୀ ଘରକୁ ଯିବନା । ନା' କ'ଣ କହୁଛନ୍ତି ଭାଇନା ।''

ବଳରାମ ଭାଇନା ସୁଲଗ୍ନା ଆଡ଼କୁ ମୁରୁକି ହସି କହିଲେ, ''ସୁଲଗ୍ନାକୁ କ'ଣ ଆମେ ବିଦାୟ ଦେବାନି କାହ୍ନା ! ମାଳିନୀ ଆମକୁ ବଡ଼ ଆଦରରେ ନିମନ୍ତ୍ରଣ ଯେ କରିଛି । ସେ ମନଦୁଃଖ କରିବନି ?''

ସୁଲଗ୍ନା ଆମ କଥାରେ ଲାଜେଇଗଲା । ଅମାତ୍ୟ ବିପୃଥୁ ମତେ ଓ ବଳରାମ ଭାଇନାଙ୍କୁ ସମ୍ବାଦ ଦେବାକୁ ଆସିଥିଲେ ଯେ ରାଜପୁରୋହିତ ଗର୍ଗାଚାର୍ଯ୍ୟଙ୍କ ପରାମର୍ଶରେ ମହାରାଜା ଉଗ୍ରସେନଙ୍କର ରାଜ୍ୟ ଅଭିଷେକ ନିମନ୍ତେ ଶୁଭମୁହୂର୍ତ୍ତ ସ୍ଥିର କରାଯାଇସାରିଛି । ଆମେ ବିପୃଥୁଙ୍କ ସହିତ ଅତିଥିଭବନ ଆଡ଼କୁ ଗଲୁ ।

ମଥୁରାର ଅତ୍ୟନ୍ତ ରମଣୀୟ ଭବ୍ୟ ରାଜପ୍ରାସାଦରେ ମହାରାଜ ଉଗ୍ରସେନଙ୍କର ରାଜ୍ୟ ଅଭିଷେକ ଉତ୍ସବ ଯଥାବିଧି ପୂର୍ବକ ମହାସମାରୋହରେ ପାଳିତ ହେଲା । ରାଜ୍ୟ ଅଭିଷେକ ଉତ୍ସବରେ ସମସ୍ତ ଯାଦବମାନଙ୍କର ଅନୁରୋଧକ୍ରମେ ମୁଁ ମହାରାଜ ଉଗ୍ରସେନଙ୍କୁ ବିଭିନ୍ନ ସଂସ୍କାର ସହିତ ଜଳାଭିଷେକ ଦ୍ୱାରା ପବିତ୍ର କଲି । ଅଣିମାଦି ଅଷ୍ଟଧାତୁରେ ନିର୍ମିତ ମୁକୁଟ ତାଙ୍କର ମସ୍ତକରେ ପିନ୍ଧାଇଲି । ପଦ୍ମାବତୀ ଦେବୀଙ୍କୁ ମଧ ମହାରାଜ୍ଞୀ ପଦରେ ଅଭିଷିକ୍ତ କରାଗଲା । ଏହି ବିରଳ ମହାସମାରୋହରେ ଯୋଗଦେବାପାଇଁ ଆର୍ଯ୍ୟାବର୍ତ୍ତର ବିଦେହ, କୋଶଳ, ପାଞ୍ଚାଳ,ହସ୍ତିନାପୁର, ପଞ୍ଚନଦ, କଳିଙ୍ଗ, ନିଷାଦ, ଅଶ୍ମକ, ବିରାଟ ପ୍ରଭୃତି ରାଜ୍ୟମାନଙ୍କରୁ ବହୁସଂଖ୍ୟାରେ ଗୋଧନ,ଗଜ, ଧନ, ଶସ୍ୟ, ବସ୍ତ୍ର, ଅଳଙ୍କାର ପ୍ରଭୃତି ଉପହାର ମହାରାଜ ଉଗ୍ରସେନଙ୍କର ସମ୍ମାନାର୍ଥେ ଭେଟି ହେବା ନିମନ୍ତେ ଆସିଥିଲା ।

ବୁଝିଲ ପାର୍ଥ ! ସେଦିନ ମଥୁରାର ରାଜା ଉଗ୍ରସେନଙ୍କର ରାଜସଭାର ଚତୁର୍ଦ୍ଦିଗ ଭର୍ତ୍ତି ହୋଇଯାଇଥିଲା । କେଉଁଠାରେ ଟିକିଏ ତିଳ ପକାଇବାକୁ ମଧ ସ୍ଥାନ ନଥିଲା । ଶୂରସେନ ରାଜ୍ୟର ଯାଦବ ବଂଶୀୟ ସମସ୍ତ ରାଜକୁଳର ମୁଖ୍ୟ ଯାଦବମାନେ ଏହି ସମାରୋହରେ ଉପସ୍ଥିତ ଥିଲେ । ଏହି ସଭାରେ ବୃଷ୍ଣି, ଅନ୍ଧକ, ଭୋଜ, ସାତ୍ୱତ, ଯଦୁ, ତୁର୍ବସୁ, ଚେଦି, କୁକୁର, ଦ୍ରମିଡ଼ ପ୍ରମୁଖ ରାଜାମାନେ ଉପସ୍ଥିତ ଥିଲେ । ଏହା ବ୍ୟତୀତ କୌଶିକ, ଶୈନେୟ, ମହାଭୋଜ, ବହ୍ଲମ, ମଧୁ, ଆଭୀର, ରାଷ୍ଟ୍ରିକ, ଦଶାର୍ହ ପ୍ରମୁଖ ମଧମ ବର୍ଗୀୟ ରାଜାମାନେ ଯୋଗ ଦେଇଥିଲେ ।

ପାର୍ଥ ! ମୋର ମନେହେଉଥିଲା ସତେଯେପରି ଏ ବୀର ଭୋଗ୍ୟା ବସୁନ୍ଧରାରେ ମହା ମହା ରଥୀ ମହାରଥୀମାନଙ୍କର ଏ ବିରଳ ମହୋତ୍ସବ ଲାଗିଛି । ସେହି ରଥୀମାନେ ରାଜସଭାରେ ବସିଥିଲାବେଳେ ମୋତେ ଓ ଭାଇନାଙ୍କୁ ଦୂରରୁ ଦେଖାଇ ପରସ୍ପର ଭିତରେ ପରିଚୟ କରାଉଥିଲେ । ସତରେ ଅର୍ଜ୍ଜୁନ ! ମତେ ଏତେ ଭଲ ଲାଗୁଥିଲା ସେତେବେଳେ ଏକ ଅତ୍ୟାଚାରୀ, ଭ୍ରଷ୍ଟାଚାରୀ ରାଜାର ପତନ ପରେ ପୁଣି ନ୍ୟାୟର ପ୍ରତିଷ୍ଠା ହେବାକୁ ଯାଉଛି । ପୃଥିବୀରେ ଶାନ୍ତିର ସଦ୍‌ଭାବ ସୃଷ୍ଟି ହେଉଛି । ଯାହାକି ପ୍ରତ୍ୟେକ ରାଷ୍ଟ୍ରର ମୂଳମନ୍ତ୍ର ପ୍ରଧାନ ଅସ୍ତ୍ର ।

ସିଂହାସନରେ ଉପବିଷ୍ଟ ହୋଇ ମଥୁରାର ନରେଶ ଉଗ୍ରସେନ ଯାଦବ ରାଜ ବୀରମାନଙ୍କର ପୂର୍ଣ୍ଣ ସଭାକୁ ସମ୍ବୋଧିତ କରି କହିଲେ, 'ହେ ଯାଦବ ରାଜପୁତ୍ର ତଥା ବୀରଗଣ ! ମୁଁ ଉଗ୍ରସେନ ଯଦି ଆଜି ଏହି ସିଂହାସନରେ ଆରୂଢ଼ ହୋଇଛି ତାହା କେବଳ ସମ୍ଭବ ହୋଇଛି ବାସୁଦେବଙ୍କର ଏହି କିଶୋର ଦୁଇପୁତ୍ର କୃଷ୍ଣ ବଳରାମଙ୍କର, ସାହାସ, ବୀରତ୍ୱ, ନିଷ୍ଠାପରତାର ପରାକାଷ୍ଠା ଯୋଗୁଁ । ମୁଁ ମଧ୍ୟ ଭାବିପାରୁନାହିଁ ଯେ ଏହି ବୃଦ୍ଧାବସ୍ଥାରେ କିଭଳି ଭାବରେ ଶୂରସେନ ରାଜ୍ୟର ଦାୟିତ୍ୱ ଭଲଭାବରେ ନିର୍ବାହ କରିପାରିବି । ମୁଁ ମଧ୍ୟ କୃଷ୍ଣଙ୍କୁ ପଚାରୁଛି ସେ କାହିଁକି ମୋର ବୃଦ୍ଧ କାନ୍ଧ ଉପରେ ଏତେବଡ଼ ଉତ୍ତରଦାୟିତ୍ୱ ଲଦିଦେଲେ ? ମୁଁ କୃଷ୍ଣ ବଳରାମଙ୍କୁ ମୋର ଆତ୍ମାଗତ ଉଲ୍ଲାସରୁ ହୃଦୟଭରି ଆଶୀର୍ବାଦ କରୁଛି । ମୁଁ ଏହି ପବିତ୍ର ଦିବସରେ ବୋଧହୁଏ ପ୍ରଥମ ଥର ପାଇଁ ଅଠର କୁଳର ଯାଦବମାନେ ଏଭଳି ଏକାଠି ମଥୁରାରେ ସମବେତ ହୋଇଛନ୍ତି ବୋଲି ଦେଖୁଛି । ତେଣୁ ମୁଁ କୃଷ୍ଣଙ୍କୁ ଅନୁରୋଧ କରୁଛି ସେ ଏହି ସୁଧର୍ମା ସଭାର ଉପସ୍ଥିତ ବିଦ୍ୱାନ ମଣ୍ଡଳୀକୁ ସମ୍ବୋଧିତ କରନ୍ତୁ ।''

ମହାରାଜ ଉଗ୍ରସେନଙ୍କୁ ଭକ୍ତିପୂତ ପ୍ରଣାମ ଜଣାଇ ମୋର ପିତା ବାସୁଦେବ, ମା ଦେବକୀ ତଥା ଉପସ୍ଥିତ ଯାଦବବୀରମାନଙ୍କୁ ସମ୍ମାନ ଜଣାଇ ମୁଁ କହିଲି, ''ହେ ମୋ ପ୍ରିୟ ଯାଦବ ବାନ୍ଧବ ମାନେ ! ଆପଣମାନଙ୍କ ଉପରେ ଅନ୍ୟାୟ କରୁଥିବା  ଅତ୍ୟାଚାର କରୁଥିବା କଂସ ମଧ୍ୟ ଜଣେ ଯାଦବ ଥିଲା । ସେ ମୋର ମଧ୍ୟ ମାମୁଁ ଥିଲା । ଏହାସତ୍ତ୍ୱେ ମତେ ତାକୁ ବଧ କରିବାକୁ ପଡ଼ିଲା । କାହିଁକି ? ଏହି କଥା ଯେପରି କେହି ଭୁଲିଯିବା ଉଚିତ ନୁହେଁ ।''

''...ହଁ ! ଆପଣମାନେ ଗୋଟିଏ କଥା ମନେରଖନ୍ତୁ ଯେ ଆମର ବିପଦ ସରିନାହିଁ । କାରଣ ଏକ ବଡ଼ ସଙ୍କଟ ବର୍ତ୍ତମାନ ମଥୁରା ଉପରେ ଆସି ପହଞ୍ଚିଯାଇଛି । ମଗଧ ସମ୍ରାଟ ଜରାସନ୍ଧ ତା'ର ଜାମାତା କଂସର ମୃତ୍ୟୁରେ ରକ୍ତ ଚାଉଳ ଚୋବାଉଛି । ଗୁପ୍ତଚର ସମ୍ବାଦ ଅନୁସାରେ ମଥୁରାର ଅରଣ୍ୟ ସୀମାନ୍ତରେ ଜରାସନ୍ଧ ମଗଧର ସୈନ୍ୟବାହିନୀକୁ ଠୁଳ କରି ସାରିଲାଣି । ଯେକୌଣସି ମୁହୂର୍ତ୍ତରେ

ଆକ୍ରମଣ ସୁନିଶ୍ଚିତ । କାରଣ ଜରାସନ୍ଧ ନିଜର 'ଶତରାଜ୍ୟଶୀର୍ଷମେଧ ଯଜ୍ଞ' ନିମନ୍ତେ ଅନ୍ୟାୟ ଭାବରେ, ଅମାନୁଷିକ ଢଙ୍ଗରେ ଅପେକ୍ଷାକୃତ ଦୁର୍ବଳ ରାଜାମାନଙ୍କୁ ପରାଜିତ କରି ସେମାନଙ୍କୁ ଆଣି ଗିରିବ୍ରଜ କାରାଗୃହରେ ବନ୍ଦୀ କରି ରଖିଛି । ଅନ୍ୟ କେତେକ ଦୁର୍ବଳ ରାଜାଙ୍କୁ ନିଜର ମିଛ ବନ୍ଧୁତ୍ୱର ଶିକାର କରାଇ କରାୟତ୍ତ କରିଛି । ଏହି ପରିପ୍ରେକ୍ଷୀରେ କଂସର ମୃତ୍ୟୁ ଆମ ପାଇଁ ଯେତିକି ଉତ୍ସାହପ୍ରଦ ଜରାସନ୍ଧର ଆକ୍ରମଣ ମଧ୍ୟ ସେତିକି ଆତଙ୍କପ୍ରଦ । ତେଣୁ ଏହି ସଙ୍କଟଜନକ ପରିସ୍ଥିତିରେ ଆମକୁ ଏକତ୍ରିତ ଭାବରେ ସମ୍ମିଳିତ ଭାବରେ କାର୍ଯ୍ୟ କରିବାକୁ ହେବ । ମହାରାଜ ଉଗ୍ରସେନ ହିଁ ହେଉଛନ୍ତି ଏକମାତ୍ର ଆଦରଣୀୟ ବୟୋଜ୍ୟେଷ୍ଠ ବ୍ୟକ୍ତି ଯାହାଙ୍କୁ ଆପଣମାନେ ସମସ୍ତେ ଗଭୀର ସମ୍ମାନ ପ୍ରଦର୍ଶନ କରନ୍ତି । ସେଥିପାଇଁ ମହାରାଜ ଉଗ୍ରସେନଙ୍କୁ ଏହି ରାଜ୍ୟ ଭାର ବହନ କରିବାକୁ ମୁଁ ଅନୁରୋଧ କଲି । ପୂର୍ବରୁ କଥା କଥାକେ ରାଗି ଶସ୍ତ୍ର ଉଠାଇବାରେ ଧୁରନ୍ଧର ଯାଦବମାନଙ୍କୁ ଏକଜୁଟ କରିବା ଆଦୌ ସହଜ ନୁହେଁ । ତେଣୁ ମହାରାଜ ! ଆପଣଙ୍କର ଅପ୍ରତିଦ୍ୱନ୍ଦୀ ନେତୃତ୍ୱକୁ ଯାଦବମାନେ ସ୍ୱୀକାର କରନ୍ତି । ଆପଣ ସେଥିପାଇଁ କାର୍ଯ୍ୟ କଲେ ସମସ୍ତଙ୍କର ମଙ୍ଗଳ ହୋଇପାରିବ । ମୋର ମତାମତ ଉପରେ ରାଜଗୁରୁ ଗର୍ଗମୁନି ଆପଣଙ୍କୁ ବିସ୍ତୃତ ଭାବରେ ଜଣାଇବେ ।'' ମୁଁ ଗର୍ଗାଚାର୍ଯ୍ୟଙ୍କ ଆଡ଼କୁ ଚାହିଁ ହସିଲି ।

ନିଜର ଉତ୍ତରୀୟକୁ ଦେହ ଉପରେ ଟାଣିଦେଇ ଗର୍ଗାଚାର୍ଯ୍ୟ ନିଜ ଆସନରୁ ଉଠି ରାଜସଭାକୁ ସମ୍ବୋଧନ କଲେ, ''ଶୂରସେନ ରାଜ୍ୟର ଉପସ୍ଥିତ ସମସ୍ତ ଯାଦବ ବନ୍ଧୁଗଣଙ୍କୁ ମୋର ଆଶୀର୍ବାଦ ପ୍ରଦାନ ପୂର୍ବକ ରାଜାଙ୍କୁ ଆଶୀର୍ବାଦ ଦେଇ କହିବାକୁ ଚାହୁଁଛି ଯେ, ଏହି ବସୁଦେବଙ୍କର ପୁତ୍ର କୃଷ୍ଣଙ୍କର ଗୋକୁଳ ଜନ୍ମ ସମୟରେ ମୁଁ ଯେଉଁ ଭବିଷ୍ୟତ ସମ୍ପର୍କରେ ଫଳାଫଳ କହିଥିଲି ବର୍ତ୍ତମାନ ତାହାର ସ୍ପଷ୍ଟ ପ୍ରମାଣ ମିଳିଗଲା । ଏହି ଯୁବକ କୃଷ୍ଣ ନିଜର ବଡ଼ଭାଇ ବଳରାମଙ୍କ ସହଯୋଗରେ ଆପଣମାନଙ୍କର ଜୀବନର ଏକ ବିଶାଳ ପ୍ରତିବନ୍ଧକକୁ ଦୂର କରିଦେଇଛନ୍ତି । କୃଷ୍ଣ ଅର୍ଥାତ୍ ମନମୋହକ, ଆକର୍ଷଣୀୟ ଭାବରେ ସମସ୍ତଙ୍କୁ ଆକର୍ଷିତ କରନ୍ତି । ଗତକାଲି ସେ ଗୋକୁଳର ଆକର୍ଷଣ ବିନ୍ଦୁ ଥିଲେ, ଆଜି ମଥୁରାରେ ଅଛନ୍ତି, ଆସନ୍ତାକାଲି ମଧ୍ୟ ରହିବେ । ଇଏ ସର୍ବଦା ଏହିଭଳି ଲୋକପ୍ରିୟ ଆକର୍ଷକ ହୋଇ ରହିବେ । ହେ ଯାଦବଗଣ ! ମୁଁ ମଧ୍ୟ ଅନେକ ଶାସ୍ତ୍ର ଅଧ୍ୟୟନ କରିଛି, ଧ୍ୟାନ ଧାରଣା ନିଷ୍ଠାପୂର୍ବକ ପାଳନ କରିଆସିଛି । ମୋର ବିଶ୍ୱାସ ଅଛି ଯେ ଆପଣଙ୍କୁ ଏହିକଥା ସମ୍ପୂର୍ଣ୍ଣ ଯଥାର୍ଥ ବୋଲି ନିଶ୍ଚୟ ମନେହେବ । ବେଦଠାରୁ ଆରମ୍ଭ କରି ଉପନିଷଦ ପର୍ଯ୍ୟନ୍ତ 'ଶ୍ରୀ' ପ୍ରଣବ ଓଁକାର ଭଳି ଶକ୍ତିଶାଳୀ ଏକ ଅକ୍ଷରର ଏହି ଉପାଧିକୁ ସର୍ବଶ୍ରେଷ୍ଠ ବୋଲି ଆମେ ମାନିଥାଉ । ଯେଉଁ ମନୁଷ୍ୟ ସର୍ବଶ୍ରେଷ୍ଠ ତାଙ୍କୁ ଠିକଣା ସମୟରେ ଏହି 'ଶ୍ରୀ'ଉପାଧିଦ୍ୱାରା ସମ୍ମାନିତ କରାଯିବା ଆବଶ୍ୟକ ।''

''.....'ଶ୍ରୀ' ଅର୍ଥ ସାମର୍ଥ୍ୟ, 'ଶ୍ରୀ'ର ଅର୍ଥ ସୌନ୍ଦର୍ଯ୍ୟ 'ଶ୍ରୀ' ର ଅର୍ଥ ହେଉଛି ଅମାପ ସମ୍ପତ୍ତି, ଅସାଧାରଣ ବୁଦ୍ଧି, ଅନନ୍ୟ ମେଧା । 'ଶ୍ରୀ'ର ଆହୁରି ଅନେକ ଅର୍ଥ ଅଛି ଯେପରି ଅସୀମ ଯଶର ଅଧିକାରୀ । ଅଲୌକିକ ବ୍ୟକ୍ତିସତ୍ତା, ଅସମ୍ଭବ ଶକ୍ତି ସାମର୍ଥ୍ୟ, ମେଧା ତଥା ସଦ୍‌ଗୁଣର ଅଧିକାରୀ ଏହି ସୁଯୋଗ୍ୟ ବାସୁଦେବ କୃଷ୍ଣଙ୍କୁ ଆପଣମାନେ ସମସ୍ତେ ସ୍ୱଚକ୍ଷୁରେ ଦେଖି ପାରୁଛନ୍ତି । ଅସୀମ ଶାରୀରିକ ଶକ୍ତିର ପ୍ରତୀକ କୃଷ୍ଣଙ୍କର ଶତକୋଟି ସୂର୍ଯ୍ୟଙ୍କ ଭଳି ତେଜିୟାନ୍ ବ୍ୟକ୍ତିତ୍ୱକୁ ଦେଖି କ'ଣ ଆପଣମାନଙ୍କୁ ସତରେ ଆକର୍ଷଣ ଅନୁଭବ ହେଉନାହିଁ ? କୃଷ୍ଣଙ୍କର ମୟୂରପୁଚ୍ଛ ସଂଯୋଜିତ ମୁକୁଟରେ ଉଦ୍‌ଭାସିତ ତାଙ୍କର ନିରୀହ ମୁହଁର ହସ ଚାହାଣୀ କ'ଣ ଆପଣଙ୍କୁ ପ୍ରଭାବିତ କରୁନାହିଁ ? ତେଣୁ ଏଭଳି ଜଣେ ଅସୀମ ସାମର୍ଥ୍ୟବାନ ମହାନ୍ ଶକ୍ତିଧର ଯୁବକ କୃଷ୍ଣଙ୍କୁ କ'ଣ ଆମେମାନେ ସମ୍ମାନିତ କରିବା ଉଚିତ ନୁହେଁ ? ସୁତରାଂ ମୁଁ ଏଠାରେ ଆପଣମାନଙ୍କୁ ଜଣାଇ ଦେଉଛି ଯେ କଂସବଧ ପରବର୍ତ୍ତୀ ଏହି ଯେଉଁ ଧାର୍ମିକ ରାଜ୍ୟ ଅଭିଷେକ ଉତ୍ସବ ଅନୁଷ୍ଠାନ ଉପଲକ୍ଷେ ଆପଣମାନେ ସମସ୍ତେ ଉପସ୍ଥିତ ହୋଇଛନ୍ତି, ଆପଣମାନଙ୍କୁ ସାକ୍ଷୀ କରି ଆମେ ସମସ୍ତେ ମଥୁରାବାସୀ 'ଶ୍ରୀକୃଷ୍ଣ' ରୂପରେ କୃଷ୍ଣଙ୍କୁ ସମ୍ମାନିତ କରିବାର ସୌଭାଗ୍ୟ ଲାଭ କରିପାରିବା । ତେଣୁ କାଲି ରାଜପ୍ରାସାଦରେ ମୋର ପୌରାହିତ୍ୟରେ କୃଷ୍ଣଙ୍କର ଉପନୟନ ସଂସ୍କାର ସମ୍ପୂର୍ଣ୍ଣ ରୀତି ନୀତି ଅନୁସାରେ ସମ୍ପନ୍ନ କରାଯିବ । ଆପଣଙ୍କର ଆଦ୍ୟ କୁଳପୁରୁଷ ମହାରାଜ ଯଦୁଙ୍କଠାରୁ ଆପଣଙ୍କ ଯାଦବ ବଂଶର କ୍ଷତ୍ରିୟତ୍ୱ ଲୋପର ଯେଉଁ ଦୋଷ ଲାଗିଛି ତାହାକୁ ମୁଁ ଯଥାରୀତି ସଂସ୍କାର ଦ୍ୱାରା ସବୁଦିନ ପାଇଁ ସମାପ୍ତ କରିଦେବି । ଏହି ଆମର ଆଦରଣୀୟ କୃଷ୍ଣ ଉପନୟନ ପରେ ବିଧି ପୂର୍ବକ କ୍ଷତ୍ରିୟ ରୂପରେ ପରିଚିତ ହେବେ । ସେ କୃଷ୍ଣରୁ 'ଶ୍ରୀକୃଷ୍ଣ' ଭାବରେ ବର୍ତ୍ତମାନଠାରୁ ପରିଚିତ ହେବେ । ଏହି ପ୍ରସ୍ତାବରେ ଆପଣମାନେ ସହମତ କି ?''

ଗର୍ଗମୁନିଙ୍କର ବକ୍ତବ୍ୟ ସହିତ ଏହି ପ୍ରସ୍ତାବର ଉତ୍ତର ଶୁଣିବାକୁ ସେ ସଭାଗୃହର ସମସ୍ତଙ୍କୁ ଚାହିଁବାରେ ଲାଗିଲେ । ତାଙ୍କୁ ଉତ୍ତରଦେବା ପରିବର୍ତ୍ତେ ଉପସ୍ଥିତ ସମସ୍ତ ଯାଦବମାନେ ଗୋଟିଏ ଉଲ୍ଲାସମୟ ସ୍ୱରରେ ସ୍ୱତଃସ୍ଫୂର୍ତ୍ତ କଣ୍ଠରେ ଜୟଘୋଷ କଲେ, 'ଯାଦବରାଜ ଶ୍ରୀକୃଷ୍ଣଙ୍କର ଜୟ ହେଉ ।' ଯାଦବ ବଂଶର ଜନ୍ମଜନ୍ମର ଶ୍ରେଷ୍ଠତମ ଦୁର୍ଲ୍ଲଭ ଅସାମାନ୍ୟ ବ୍ୟକ୍ତିତ୍ୱ ବିଶେଷ ଶ୍ରୀକୃଷ୍ଣଙ୍କର ଜୟ ହେଉ । ଜୟ ହେଉ । ଜୟ ହେଉ । ଜୟ ହେଉ ।

ପରଦିନ ଶୁଭମୁହୂର୍ତ୍ତ ନିର୍ଦ୍ଧାରଣ କରାଯାଇ ଗର୍ଗମୁନିଙ୍କ ପୌରହିତ୍ୟରେ ସକଳ ଯାଦବରାଜା, ଜନପଦ ମୁଖ୍ୟମାନଙ୍କର ଉପସ୍ଥିତିରେ ମୋର ଉପନୟନ ସଂସ୍କାର ବୈଦିକ ଶାସ୍ତ୍ର ବିଧି ଅନୁସାରେ ସମ୍ପନ୍ନ ହେଲା । ମୋର ଏହି ଉତ୍ସବ ପାଇଁ ପ୍ରାୟ

ଆଠଦିନ ପର୍ଯ୍ୟନ୍ତ ମଥୁରା ନଗରରେ ହର୍ଷ ଉଲ୍ଲାସର ମହୋତ୍ସବ ଲାଗିରହିଲା । ମୁଁ ଏଥର ଲୋକମାନଙ୍କ ଦୃଷ୍ଟିରେ 'ଶ୍ରୀକୃଷ୍ଣ' ଭାବରେ ନାମିତ ହୋଇଗଲି । ଜନସାଧାରଣଙ୍କ ଦୃଷ୍ଟିରେ ମୁଁ କ୍ଷତ୍ରିୟ ରୂପରେ ନାମିତ ହେଲି, ପୁଣି ଉପନୟନ ସଂସ୍କାର ହେତୁ 'ବ୍ରାହ୍ମଣ' ଦ୍ୱିଜରେ ପରିଣତ ହୋଇଗଲି ।

ସତରେ ଦେଖିବାକୁ ଗଲେ ମୁଁ କ'ଣ କ୍ଷତ୍ରିୟ ଥିଲି ନା ବ୍ରାହ୍ମଣ ? ନା ଏ ସମସ୍ତଙ୍କଠାରୁ ଭିନ୍ନ ଏକ ବ୍ୟକ୍ତିସତ୍ତା ? ଗୋକୁଳର ଗୋପାଳମାନଙ୍କ ସହିତ ମୁଁ ଏକାତ୍ମ ହୋଇଥିବାଯୋଗୁଁ ସେମାନଙ୍କୁ କଦାପି ଭୁଲି ନପାରିବାର ଏକ ଗୋପ ଆତ୍ମା ? ପୁଣି ମୋ ଭିତରୁ କିଏ କହୁଥିଲା ନା....ନା... ଏସବୁଥିରେ ମୁଁ ନାହିଁ । ତା' ହେଲେ ମୋର ଅସ୍ତିତ୍ୱ କ'ଣ ? ମୁଁ କିଏ ? ଏହି ପ୍ରଶ୍ନ ମୋ ଭିତରେ ବାରମ୍ବାର ଆଲୋଡ଼ନ ସୃଷ୍ଟି କରୁଥିଲା ଏବଂ ଏହାର ସଠିକ୍ ଉତ୍ତର ଖୋଜି ପାଇବାପାଇଁ ମୁଁ ନିଜକୁ ଅଥୟ, ବ୍ୟାକୁଳ କରିପକାଉଥିଲି ।

ମଗଧର ରାଜଧାନୀ ଗିରିବ୍ରଜ । ସମ୍ରାଟ ଜରାସନ୍ଧଙ୍କ ରାଜସଭାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକୀ ଆଲୋଚନା ଚାଲିଥିଲା । ଅନେକ ସମୟ ପର୍ଯ୍ୟନ୍ତ, ତର୍କ-ବିତର୍କ ଆଲୋଚନା ଚାଲିଲାପରେ ନିଷ୍ପତ୍ତି ନିଆଗଲା ଯେ, ମଥୁରା ଉପରେ କଂସ ମୃତ୍ୟୁର ପ୍ରତିଶୋଧ ପାଇଁ ପ୍ରଚଣ୍ଡ ଆକ୍ରମଣ କରାଯିବ । ମଥୁରା ଆକ୍ରମଣ ଅନିବାର୍ଯ୍ୟ । କଂସ ମୃତ୍ୟୁର ପ୍ରତିଶୋଧ ନେବାପାଇଁ ମଗଧ ମନ୍ତ୍ରୀପରିଷଦ କ୍ରୋଧାଗ୍ନିରେ ଜଳୁଥିଲା । ମଗଧ ସମ୍ରାଟ ଜରାସନ୍ଧଙ୍କ ସମ୍ମୁଖରେ ଉପସ୍ଥିତ କରୁଷ ଦେଶର ରାଜା ଦନ୍ତବକ୍ର, ସୌବୀର ଦେଶର ରାଜା ଶୌର୍ଯ୍ୟ, ଚେଦି ଦେଶର ରାଜା ଦମଘୋଷଙ୍କର ଦୁର୍ଦ୍ଦାନ୍ତ ପୁତ୍ର ଶିଶୁପାଳ, ବିଦର୍ଭର ରାଜା ଭୀଷ୍ମକ ଏବଂ ତାଙ୍କ ପୁତ୍ର ରୁକ୍ମି ପ୍ରମୁଖ ନିଜ ନିଜର କୁଳଦେବତାଙ୍କୁ ସାକ୍ଷୀରଖି ଜରାସନ୍ଧଙ୍କ ପ୍ରତି ବଚନବଦ୍ଧ ହେଲେ ମଥୁରା ଆକ୍ରମଣ ବେଳେ ସକଳ ଶକ୍ତି ପ୍ରୟୋଗ କରାଯାଇ ମଗଧକୁ ପୂର୍ଣ୍ଣ ସହାୟତା ପ୍ରଦାନ କରିବେ ।

ବୁଝିଲ ପାର୍ଥ ! ନିୟତିର ଗତି ଓ କାଳର କଟାକ୍ଷକୁ ଲକ୍ଷ୍ୟ କରିବାର କଥା । ଜାମାତା କଂସର ଅକାଳ ମୃତ୍ୟୁରେ ମର୍ମାହତ ହୋଇପଡ଼ିଥିବା କ୍ଷମତାନ୍ଧ ଜରାସନ୍ଧଙ୍କ ମନ୍ତ୍ରଣା କକ୍ଷରେ ଯେଉଁ ଯୋଦ୍ଧାମାନେ ଉପସ୍ଥିତ ଥିଲେ ସେମାନଙ୍କ ଭିତରେ ଥିଲେ ମୋର ଦୁଇ ପିଉସୀ ପୁଅ ଭାଇ । ମୋର ପିଉସୀ ଶ୍ରୁତଶ୍ରବା ଏବଂ ଶ୍ରୁତଦେବୀଙ୍କର

ଦୁର୍ଦ୍ଧର୍ଷ ପୁତ୍ର ଦ୍ୱୟ ପ୍ରବଳ ପ୍ରତାପୀ ଜରାସନ୍ଧଙ୍କର ଶିବିରରେ ଯୋଗଦେଇଛନ୍ତି ସତ, ହେଲେ କେଉଁ ଆଗାମୀ ସଂଗଠନରେ ସାମିଲ୍ ହେବେ ତାହା ହୁଏତ ଆଜିର ପରିସ୍ଥିତିରେ ନିଶ୍ଚିତ ହେବ ।

ହଂସ ଓ ଡିମ୍ଭକ ନାମକ ଦୁଇ ଜଣ ନିଷ୍ଣାତ ମଲ୍ଲ ଜରାସନ୍ଧଙ୍କର ସାମ୍ରାଜ୍ୟର ସେନାପତି ପଦ ସମ୍ଭାଳି ଥିଲେ । ମଗଧ ସୈନ୍ୟବାହିନୀ ମହାଶକ୍ତିଶାଳୀ ଯୋଦ୍ଧା, ମଲ୍ଲବୀର, ଅସୁର-ଦାନବ ସୈନ୍ୟମାନଙ୍କ ଦ୍ୱାରା ସୁଦୃଢ଼ ଓ ଅମିତ ପରାକ୍ରମଶାଳୀ ହୋଇପାରିଥିଲା । ସେଥିପାଇଁ ମଗଧର ସୈନ୍ୟ ଶକ୍ତି ସମଗ୍ର ଆର୍ଯ୍ୟାବର୍ତ୍ତରେ ଆତଙ୍କର ଶକ୍ତି ଭାବରେ ପରିଗଣିତ ହେଉଥିଲା । ଅସୁମାରୀ ଅସ୍ତ୍ରଶସ୍ତ୍ରର ଭଣ୍ଡାର ମଧ ମଗଧ ନିକଟରେ ଗଚ୍ଛିତ ଥିଲା । ତେଣୁ ଏଭଳି ଶକ୍ତିଶାଳୀ ଶତ୍ରୁ ସେନାଙ୍କର କିଭଳି ଭାବରେ ପ୍ରତିରୋଧ କରାଯିବ ତାହା ଅତ୍ୟନ୍ତ ଚିନ୍ତାର କାରଣ ଥିଲା । ଆମର ଗୁପ୍ତଚରବାହିନୀର ସୂଚନା ଅନୁସାରେ ସମ୍ବାଦ ପହଞ୍ଚିଲା ଯେ ମଗଧର ବିଶାଳ ଚତୁରଙ୍ଗ ସେନା ହଂସ ଓ ଡିମ୍ଭକଙ୍କର ନେତୃତ୍ୱରେ ମଥୁରା ଆକ୍ରମଣ ପାଇଁ ପ୍ରସ୍ତୁତ ହୋଇସାରିଛନ୍ତି ।

ଶହ ଶହ ସାମରିକ ତରୀ ଦ୍ୱାରା ମଗଧ ସେନା ଯମୁନା ନଦୀ ପାର ହୋଇସାରିଲେଣି । ଅବଶ୍ୟ ଯାଦବ ନୌବାହିନୀ ସଶସ୍ତ୍ର ମଗଧ ସେନାଙ୍କୁ ପ୍ରତିରୋଧ କରିବାପାଇଁ ଯମୁନା ଗର୍ଭକୁ ଲକ୍ଷ୍ୟକରି ପ୍ରଚଣ୍ଡ ବାଣବର୍ଷା ଆରମ୍ଭ କରିଦେଇଥିଲେ । ଯଦିଓ କିଛି ପରିମାଣରେ ଏଇ ପ୍ରତିରୋଧ ସମ୍ଭବ ହୋଇଥିଲା ସତ ହେଲେ ବିଶାଳ ମଗଧ ସୈନ୍ୟବାହିନୀ ବିପୁଳ ସଂଖ୍ୟାରେ ଯେପରି ପ୍ରବଳ ବେଗରେ ମାଡ଼ିଆସୁଥିଲେ ତାଙ୍କୁ ପ୍ରତିରୋଧ କରିବା ସମ୍ଭବପର ହୋଇପାରିନଥିଲା । ସେମାନେ ବିଭିନ୍ନ ଦିଗରୁ ଯମୁନାକୁ ଅତିକ୍ରମ କରି ମଥୁରାରେ ପ୍ରବେଶ କରିବାରେ ସଫଳ ହୋଇଗଲେ ।

ଅବଶ୍ୟ ମଥୁରାର ଚତୁର୍ଦ୍ଦିଗରେ ଅନେକଗୁଡ଼ିଏ ଖାଇ ପାଣି ଭର୍ତ୍ତି ହୋଇ ଘେରି ରହିଥିଲା । ସେହି ଗଡ଼ଖାଇମାନଙ୍କରେ କାଠ ପୋଲ ତଥା ପ୍ରତିବନ୍ଧକ ତିଆରି କରାଯାଇ ମଗଧ ସୈନ୍ୟମାନଙ୍କୁ ପ୍ରତିରୋଧ କରିବାର ବ୍ୟବସ୍ଥା ହୋଇଥିଲା । ମଥୁରାର ଚତୁର୍ଦ୍ଦିଗରେ ଥିବା ମହାଦ୍ୱାର ଗୁଡ଼ିକରେ ବଡ଼ ବଡ଼ ମୁନିଆ ବିଷଯୁକ୍ତ ଲୌହ କୀଳକ ଲଗାଯାଇ ଦ୍ୱାର ସବୁ ବନ୍ଦ କରିଦିଆଯାଇଥିଲା । ସେହି ଦ୍ୱାର ସବୁକୁ ଏପରି ଅଭେଦ୍ୟ କରାଯାଇଥିଲା ଯେ, ଯେପରି କୌଣସି ପରିସ୍ଥିତିରେ ମଗଧ ସେନାବାହିନୀ ଭିତରକୁ ପଶିଯିବେ ନାହିଁ । ଆମ ମଥୁରାର ଯାଦବ ବାହିନୀରେ ଅନାଧୃଷ୍ଟି, ସାତ୍ୟକି, ଅବଗାହ, କୃତବର୍ମା, ପୃଥୁ, ଶତଦ୍ୟୁମ୍ନ, କଙ୍କ, ଶିନି, ବଭ୍ରୁଙ୍କ ଭଳି ଏକରୁ ଆରେକ ବଳି ଶକ୍ତିଶାଳୀ ସେନାପତି ଓ ଯୋଦ୍ଧାମାନେ

ଥିଲେ । ଆମେ ଆମର ସୀମିତ ସୈନ୍ୟଶକ୍ତିକୁ ସୁଚାରରୂପେ ପରିଚାଳନା କରିବା ସହିତ ଏହି ଯୁଦ୍ଧରେ ଯେପରି ବିଜୟ ଲାଭ ହେବ, ସେହି ପ୍ରୟାସରେ ଥିଲୁ ।

ଜରାସନ୍ଧର ସୈନ୍ୟବାହିନୀ ଆମର ଗଡ଼ଖାଇମାନଙ୍କୁ ଲଂଘନ କରିବାର ସମସ୍ତ ଚେଷ୍ଟା ପ୍ରବଳ ବେଗରେ କରିବାକୁ ଲାଗିଲେ । ଏପରିକି ମଥୁରାର ପୂର୍ବ ଓ ପଶ୍ଚିମ ମହାଦ୍ୱାର ଉପରେ ଜରାସନ୍ଧର ସେନାବାହିନୀ ପ୍ରକାଣ୍ଡ ହାତୀମାନଙ୍କୁ ଅଣାଇ ଭାଙ୍ଗିବାର ସମସ୍ତ ବ୍ୟବସ୍ଥା କଲେ । ଦିନେ କି ଦୁଇଦିନ ନୁହେଁ ପ୍ରାୟ ତିରିଶ ଦିନ ଧରି ମଗଧର ସୈନ୍ୟବାହିନୀ ସହିତ ଘମାଘୋଟ ଯୁଦ୍ଧ ଚାଲିଲା । କିନ୍ତୁ ଆମର ପ୍ରଚଣ୍ଡ ପ୍ରତିରୋଧ ବ୍ୟବସ୍ଥା ଯୋଗୁଁ ଜରାସନ୍ଧର ବାହିନୀକୁ ବିଶେଷ ସଫଳତା ପ୍ରାପ୍ତ ହେଲାନାହିଁ ।

ମଥୁରାର ମହାଦ୍ୱାରଗୁଡ଼ିକ ଉପରେ ତଥା ଗଡ଼ଖାଇ, କିଲା ଉପରେ ମଗଧ ସୈନ୍ୟମାନେ ନିଆଁ ଜଳା ଯାଇଥିବା ମଶାଲ ସହିତ ଶତାଘ୍ନି ବାଣ ଦ୍ୱାରା ପଥରଖଣ୍ଡ ବର୍ଷଣ କରି କରି ନୟାନ୍ତ ହୋଇଗଲେ ସିନା କବାଟକୁ ଭାଙ୍ଗିପାରିଲେ ନାହିଁ । ଏପଟେ ଆମର ଯାଦବ ସୈନ୍ୟବାହିନୀର ସୈନିକମାନେ ଗୁପ୍ତ ଉପଦ୍ୱାର ବାଟେ ଯାଇ ମଗଧସେନାଙ୍କୁ ପ୍ରତି ଆକ୍ରମଣ କରି କରି ଥକିପଡ଼ିଲେ । ଦୀର୍ଘ ଏକମାସର କଷ୍ଟସାଧ ଯୁଦ୍ଧପରେ ଦିନେ ମଗଧ ସମ୍ରାଟ ଜରାସନ୍ଧ ଧଳା ପତାକା ଉତ୍ତୋଳନ ସହିତ ନିଜର ରାଜଦୂତକୁ ମଥୁରାର ପୂର୍ବ ମହାଦ୍ୱାର ପଟକୁ ଶାନ୍ତି ଆଲୋଚନା ପାଇଁ ପଠାଇଲା ।

ମୋର ନିର୍ଦ୍ଦେଶ ଅନୁସାରେ ଜରାସନ୍ଧର ରାଜଦୂତକୁ ଭିତରକୁ ଆଣିବାର ବ୍ୟବସ୍ଥା କରାଗଲା । ରାଜଦୂତ ଯେଉଁ ସନ୍ଦେଶ ନେଇ ଆସିଥିଲା ତାହା ଅତ୍ୟନ୍ତ ଧୂର୍ତ୍ତ ଉଦ୍ଦେଶ୍ୟ ପ୍ରଣୋଦିତ ଏକ ଚକ୍ରାନ୍ତର ଅଂଶବିଶେଷ ଥିଲା । ରାଜଦୂତ ସନ୍ଦେଶ ପାଠକଲା, ''ସେନାପତି ହଂସ ଏବଂ ଡିମ୍ବକଙ୍କ ମଧ୍ୟରୁ ଯେକୌଣସି ଜଣକଙ୍କ ସହିତ ସମଶକ୍ତିଶାଳୀ ଜଣେ ଯାଦବ ମଲ୍ଲଯୋଦ୍ଧା ନିର୍ଣ୍ଣାୟକ ମଲ୍ଲଯୁଦ୍ଧ କରିବେ । ସେହି ନିର୍ଣ୍ଣାୟକ ଯୁଦ୍ଧରେ ବିଜୟ ବା ପରାଜୟ ଯାହା ବି ହେବ, ତାହା ଆମେ ମାନିନେବୁ ।''

ଛିଃ କି କାପୁରୁଷରୂପୀ ଛଳନା ଥିଲା ଜରାସନ୍ଧର ! ମଲ୍ଲଯୁଦ୍ଧର ନିର୍ଣ୍ଣୟ ଉପରେ ଯୁଦ୍ଧର ଫଳାଫଳକୁ ନିଶ୍ଚିତ କରିବା ପାଇଁ ପ୍ରସ୍ତାବ ଦିଆଯାଉଥିଲା ।

ଜରାସନ୍ଧର ଏହି ପ୍ରତାରଣାପୂର୍ଣ୍ଣ କୌଶଳକୁ ମୁଁ ଭଲ ଭାବରେ ବୁଝିସାରିଥିଲି । ପ୍ରକୃତ ଅଭିସନ୍ଧି ହେଲା ଜରାସନ୍ଧ ମଲ୍ଲ ଯୁଦ୍ଧରେ ପରାଜିତ ହୋଇଥିବା ଯାଦବ ବୀରମାନଙ୍କୁ ଉପହାସ ଓ ବିଦ୍ରୂପ ଦୃଷ୍ଟିରେ ଦେଖିବା । ମଲ୍ଲଯୁଦ୍ଧ ପରେ ସେଠାରେ ଯେଉଁ କୋଳାହଳ ସୃଷ୍ଟି ହେବ ତାହାର ସୁଯୋଗ ନେଇ ଏପଟେ ମହାଦ୍ୱାର

ନିକଟରେ କେତେକ ସୈନିକଙ୍କୁ ରଖାଇ କୌଶଳରେ ଉପଦ୍ୱାରଗୁଡ଼ିକ ବାଟେ ଭିତରକୁ ପଠାଇଦେଇ ମହାଦ୍ୱାର ଖୋଲିଦେବା । ଅର୍ଥାତ୍ ମଥୁରା ଭିତରକୁ ମଲ୍ଲଯୁଦ୍ଧ ନାମରେ ସେନାପତିଙ୍କୁ ପଠାଇ ମଥୁରାକୁ କରାୟତ୍ତ କରିବା । ଏହାଫଳରେ ସେହି ସୈନିକମାନେ ଅଚିରେ ମହାଦ୍ୱାର ଖୋଲିଦେବେ ଏବଂ ବିଶାଳ ମଗଧସେନା ମଥୁରାକୁ ପ୍ରବେଶ କରି ଯାଦବବାହିନୀକୁ ଧୂଳିସାତ୍ କରିଦେବେ ।

ମୁଁ ଭଲଭାବରେ ଜରାସନ୍ଧର କୌଶଳଗୁଡ଼ିକୁ ବୁଝିସାରିଥିଲି । ରାଜଦୂତର ପତ୍ରପାଠ ଶୁଣିଲାପରେ ମୁଁ ବଳରାମ ଭାଇନାଙ୍କ ଆଡ଼କୁ ଅର୍ଥପୂର୍ଣ୍ଣ ଦୃଷ୍ଟିରେ ଦେଖିଲି । ସେ ଠିଆ ହୋଇ ଜରାସନ୍ଧର ଏହି ଦ୍ୱନ୍ଦ୍ୱ ଯୁଦ୍ଧକୁ ସ୍ୱୀକାର କଲେ ବୋଲି ସମସ୍ତଙ୍କ ସମ୍ମୁଖରେ ଘୋଷଣା କଲେ । ମୁଁ ଭାଇନାଙ୍କ ଏହି ଘୋଷଣା ଶୁଣି ମନେ ମନେ ହସୁଥିଲି ।

ଆମର ଉତ୍ତର ନେଇ ମଗଧର ଦୂତ ଫେରିଯାଇଥିଲା ।

ମୁଁ ଆମର ନିଷ୍ଣାତ ମଲ୍ଲଯୋଦ୍ଧାଙ୍କୁ ଏହି ଦ୍ୱନ୍ଦ୍ୱଯୁଦ୍ଧ ପାଇଁ ବାଛିଲି । କାରଣ ଏହି ମଲ୍ଲଙ୍କୁ ଭାଇନାଙ୍କ ସହିତ ପଠାଇବା ପାଇଁ ସ୍ଥିର କଲି । ମଥୁରାର ମହାଦ୍ୱାର ସମ୍ମୁଖରେ ଏକ ବିଶାଳ ଆଖଡ଼ା ପ୍ରାଙ୍ଗଣରେ ମଲ୍ଲ ଯୁଦ୍ଧ ହେବା ନିଶ୍ଚିତ କରାଗଲା । ନିଶ୍ଚିତ କରାଯାଇଥିବା ଦିନ ସେହି ଆଖଡ଼ା ପ୍ରାଙ୍ଗଣରେ ଉଭୟ ଯାଦବ ଏବଂ ମାଗଧୀମାନଙ୍କର ବଳୟ ଭିତରେ ଭାଇନା ଓ ଡିମ୍ଭକ ପରସ୍ପର ସହିତ ଯୁଦ୍ଧରେ ଅବତୀର୍ଣ୍ଣ ହେଲେ । କିନ୍ତୁ ମୁଁ ମଲ୍ଲଯୁଦ୍ଧ ସ୍ଥଳରେ ଜାଣିଶୁଣି ଉପସ୍ଥିତ ହୋଇନଥିଲି । ପ୍ରତି ମୁହୂର୍ତ୍ତରେ ମୋ ନିକଟରେ ମଲ୍ଲଯୁଦ୍ଧର ଅଗ୍ରଗତି ସମ୍ପର୍କରେ ବିପୃଥୁଙ୍କ ଦ୍ୱାରା ସମ୍ବାଦ ଆସି ପହଞ୍ଚୁଥିଲା । ମଗଧର ସୈନିକମାନଙ୍କର ମଧ୍ୟରେ ମୁଁ ଆମର ଗୁପ୍ତଚର ମାନଙ୍କଦ୍ୱାରା ଏକ ଜନରବ ସୃଷ୍ଟି କରି ପ୍ରଚାର କରାଇଦେଲି ଯେ, ''ବର୍ତ୍ତମାନ ଯୁଦ୍ଧ ଆଉ ହେବନାହିଁ । ମଲ୍ଲଯୁଦ୍ଧ ସହିତ ମାଗଧ ଓ ଯାଦବମାନଙ୍କ ମଧ୍ୟରେ ଥିବା ଶତ୍ରୁତାର ଅନ୍ତ ହେବ ।''

ଏହି ଜନରବ ପ୍ରଚାର କରିଦେବା ଫଳରେ ମୋର ଗୋଟିଏ ତୀରରେ ଦୁଇଟି ଶିକାର ସଫଳ ହୋଇଗଲା । କାରଣ ଏହି ଜନରବ ଶୁଣିଲାକ୍ଷଣି ଅନ୍ୟତମ ମଗଧ ସେନାପତି ହଂସ ମନକୁ ମନ ଅତ୍ୟନ୍ତ ନିରାଶ ହୋଇପଡ଼ିଲା । ଡିମ୍ଭକର ସଫଳତା ପ୍ରତି ପ୍ରଗାଢ଼ ବିଶ୍ୱାସ ରଖିଥିବା ହଂସ ହତାଶ ହୋଇ ମଗଧ ଫେରିବାକୁ ଉଦ୍ୟତ ହେଲା ।

ଏପଟେ ଆଖଡ଼ା ମଧ୍ୟରେ ବଳରାମ ଭାଇନା ଓ ଡିମ୍ଭକ ଦାନ୍ତ କଡ଼ମଡ଼ କରି ପରସ୍ପର ପ୍ରତି ପ୍ରୟୋଗ କରୁଥିବା ଦାବପେଞ୍ଚଗୁଡ଼ିକ ଦ୍ୱାରା ପ୍ରଚଣ୍ଡ ଆକ୍ରମଣ କରୁଥିଲେ । ଉଭୟେ ଝାଳରେ ବୁଡ଼ିଯାଇଥିଲେ । ପୂର୍ଣ୍ଣ ଶକ୍ତି ଖଟାଇ ମୋର

ଭାଇନା ଯେଉଁ ମଲ୍ଲଯୁଦ୍ଧ କରୁଥିଲେ ସେଥିରେ ତାଙ୍କର ସୁପୁଷ୍ଟ ମାଂସପେଶୀର ସ୍ନାୟୁ ସବୁ ଫୁଲିଯାଇଥାନ୍ତି । ମୁଖ ଏକଦମ୍ ଲାଲ ପଡ଼ିଯାଉଥାଏ । ସତରେ ପାର୍ଥ ! ସେଦିନ ଭାଇନାଙ୍କୁ ଦେଖିବା କଥା । ତାଙ୍କର ଶକ୍ତିଶାଳୀ ଶରୀରର ସୌଷ୍ଠବର ମାଦକତା ଏପରି ଆକର୍ଷଣୀୟ ଦେଖାଯାଉଥିଲା ଯେ, ମତେ ଲାଗୁଥିଲା ଯେମିତି କାହାର କୁଦୃଷ୍ଟି ତାଙ୍କ ଉପରେ ନ ପଡୁ । ନିଃଶ୍ୱାସ ବନ୍ଦ ହୋଇଗଲାଭଳି ଏ ଯେଉଁ ମଲ୍ଲଯୁଦ୍ଧ ଚାଲିଛି ତାକୁ ଦେଖିବାପାଇଁ, ଅର୍ଜ୍ଜୁନ ! ଶହ ଶହ ସଂଖ୍ୟାରେ ଯାଦବ ଓ ମାଗଧୀ ସେନାମାନେ ଘେରାବାନ୍ଧି ଠିଆ ହୋଇଥାନ୍ତି ।

ବଳରାମ ଭାଇନା ଏଭଳି ବିଚକ୍ଷଣତାର ସହିତ ଡିମ୍ଭକ ସହିତ ମଲ୍ଲଯୁଦ୍ଧ କରୁଥାନ୍ତି ଯେ ଡିମ୍ଭକ ତାଙ୍କର ଗୋଟିଏ ଗୋଟିଏ ଆଘାତରେ ଲହୁଲୁହାଣ ହୋଇଯାଉଥିଲା । ସତରେ ପାର୍ଥ ! ଭାଇନାଙ୍କର କି ଅଦ୍ଭୁତ ତେଜ, ଶକ୍ତି, ସଂଯମତା ସେଦିନର ମଲ୍ଲଯୁଦ୍ଧରେ ପ୍ରକାଶ ପାଉଥିଲା । ଯଦି ଜରାସନ୍ଧ ବି ମଲ୍ଲଯୁଦ୍ଧରେ ଓହ୍ଲାଇଥାନ୍ତା ତେବେ ତାକୁ ମଧ୍ୟ ଅଣନିଃଶ୍ୱାସୀ ହେବାକୁ ପଡ଼ିଥାନ୍ତା । କିଛିକ୍ଷଣ ମଧ୍ୟରେ ଭାଇନା ଡିମ୍ଭକକୁ ଉପରକୁ ଟେକି ତଳେ ଧଡ଼ାମ୍ କରି କଚାଡ଼ି ଦେଲେ । ଡିମ୍ଭକର କଣ୍ଠରେ ଆମର କେଳିନନ୍ଦକକାଙ୍କ ଦ୍ୱାରା ପ୍ରଶିକ୍ଷିତ ପ୍ରିୟ ଦାବ ବାହୁକଣ୍ଟକ ଭାଇନା ପ୍ରୟୋଗ କରିଦେଲେ । ଡିମ୍ଭକର କଣ୍ଠଦେଶ ଭାଇନାଙ୍କର ବାହୁର ପ୍ରବଳ ଚାପଦ୍ୱାରା ଚାପି ହୋଇଗଲା । ଏହି ଦୃଶ୍ୟ ଦେଖି ଉପସ୍ଥିତ ଦର୍ଶକମାନେ ଭୟରେ ଆଖି ବୁଜିଦେଲେ ଓ ମନେ ମନେ ଭାବିଲେ ଡିମ୍ଭକର ଶ୍ୱାସରୁଦ୍ଧ ନିଶ୍ଚୟ ହୋଇଗଲା ।

ଏହି ସମ୍ବାଦ ତତ୍‌କ୍ଷଣାତ୍ ମୋ ନିକଟରେ ଆସି ପହଞ୍ଚିଗଲା । ମୁଁ ସଙ୍ଗେ ସଙ୍ଗେ ବିପୃଥୁଙ୍କୁ ନିର୍ଦ୍ଦେଶ ଦେଲି ଯେ ଡିମ୍ଭକ ଭାଇନାଙ୍କ ହାତରେ ମୃତ୍ୟୁବରଣ କଲା, ଏହି ସମ୍ବାଦ ଯେମିତି ମଗଧର ସେନାବାହିନୀରେ ପ୍ରଚାରିତ କରି ଦିଆଯାଏ । ଏପରିକି ଏହି ସମ୍ବାଦ ହଂସ ନିକଟକୁ ପଠାଇବାର ବ୍ୟବସ୍ଥା କରିବାକୁ କହିଲି । ଡିମ୍ଭକର ମୃତ୍ୟୁ ସମ୍ବାଦ ବିଜୁଳି ବେଗରେ ମଗଧ ସେନାଙ୍କ ମଧ୍ୟରେ ପ୍ରଚାରିତ ହୋଇଗଲା ।

ଏହାପରେ ମୁଁ ମଲ୍ଲଯୁଦ୍ଧ ସ୍ଥଳକୁ ଗଲି । ମୋର ଆସିବା ଦେଖି ଉପସ୍ଥିତ ଯାଦବ ଏବଂ ମଗଧର ସୈନିକମାନଙ୍କ ଭିତରୁ ଏକ ଗୁଞ୍ଜରଣ ସୃଷ୍ଟି ହେଲା ''....ହେଇ ରେ.... ସେ ଆସିଗଲା... ଯାଅ..... ବାହାର'' ଏମିତି କିଛି । ସେତେବେଳକୁ ମଲ୍ଲଯୁଦ୍ଧ ଅନ୍ତିମ କ୍ଷଣରେ ପହଞ୍ଚି ସାରିଥିଲା । ଭାଇନା ଡିମ୍ଭକର କଣ୍ଠଦେଶକୁ ବାହୁକଣ୍ଟକ ଦ୍ୱାରା ପ୍ରବଳ ଚାପର ସହିତ ଚାପି ଧରିଥାନ୍ତି । ଏହି ଗୁରୁତର ସ୍ଥିତିରେ ଭାଇନା କାହା କଥା ଶୁଣିବା ଅବସ୍ଥାରେ ନଥିଲେ । ମୁଁ ଜାଣିଥିଲି କେବଳ ମୋ କଥା ହିଁ ଶୁଣି ଅଟକିବେ ସିନା, ନହେଲେ ନାହିଁ । ମୁଁ ତେଣୁ

ଅତ୍ୟନ୍ତ କ୍ଷିପ୍ରବେଗରେ ଆଖଡ଼ାର ପ୍ରାଙ୍ଗଣ ମଝିକୁ ଡେଇଁପଡ଼ିଲି । ମୁଁ ଭାଇନାଙ୍କ ନିକଟରେ ଲଇଁପଡ଼ି ସ୍ୱେଦରେ ବୁଡ଼ିଯାଇଥିବା ତାଙ୍କର ମସୃଣ ପିଠିକୁ ଥାପୁଡ଼ାଇ ଦେଇ କହିଲି, ''ଭାଇନା ! ଏଥର ତାକୁ ଛାଡ଼ିଦିଅ । ବହୁତ ହୋଇଗଲା । ଏକଥା ମଧ ସତ୍ୟ ଯେ ଦ୍ୱନ୍ଦ୍ୱଯୁଦ୍ଧରେ ପ୍ରତିଦ୍ୱନ୍ଦ୍ୱୀର ପ୍ରାଣ ନେବା ଯୁଦ୍ଧର ନିୟମ କିନ୍ତୁ ଏକଥା ଭୁଲନ୍ତୁ ନାହିଁ, ବିଜେତାର ପ୍ରତିଦ୍ୱନ୍ଦ୍ୱୀକୁ ଅଭୟ ପ୍ରଦାନ କରିବାର ଅଧିକାରରେ ମଧ ଦ୍ୱନ୍ଦ୍ୱଯୁଦ୍ଧର ସମାପ୍ତି ଘୋଷିତ ହୋଇପାରେ ।''

ମୁଁ ଡିମ୍ଭକ ଆଡ଼କୁ ନିର୍ଦ୍ଦେଶ ପୂର୍ବକ କହିଲି, ''ଶରଣାପନ୍ନ ହୁଅ । ହାତ ଦେଖାଇ ପ୍ରାଣ ଭିକ୍ଷା କର ।'' ଡିମ୍ଭକର ଅବସ୍ଥା ସେତେବେଳକୁ ଆହୁରି ମୃତପ୍ରାୟ ହୋଇଯାଇଥିଲା । ଜିଭ ବାହାରି ଆସିଥିଲା, ଆଖି ଓଲଟି ପଡ଼ିଥିଲା । ସେ ଭଲଭାବରେ ନିଃଶ୍ୱାସ ପ୍ରଶ୍ୱାସ ନେଇପାରୁ ନଥିଲା । ଅଗ୍ନିଖଣ୍ଡ ଭଳି ଧକ୍ ଧକ୍ ହୋଇ ଜଳୁଥିବା ଭାଇନା ମୋର ଏହି ନିଷ୍ପତ୍ତିରେ ନିରାଶା ଅନୁଭବ କଲେ । ନିରୁପାୟ ହୋଇ ସେ ଡିମ୍ଭକ ଗଳାରେ ବସାଇଥିବା ବାହୁକଣ୍ଟକ ଫାଶକୁ ଢ଼ିଲା କରିବାକୁ ବାଧ ହେଲେ । ଡିମ୍ଭକର ପ୍ରାଣ ରକ୍ଷା ହୋଇଗଲା । ଲଡ଼ବଡ଼ ହୋଇ ସେ ଛିଡ଼ା ହେଲା । ମଗଧର ସୈନିକମାନେ ହର୍ଷଉଲ୍ଲାସର ସହିତ ଚିତ୍କାର କଲେ — ''ମଗଧ ସମ୍ରାଟ ଜରାସନ୍ଧ ମହାରାଜଙ୍କର ଜୟ ହେଉ ।''

ମୁଁ ଜରାସନ୍ଧର ଜୟଘୋଷ ଶୁଣି ଖୁବ୍ ହସିଲି । ମୋ ଦ୍ୱାରା ବିପୃଥୁଙ୍କ ମାଧମରେ ହଂସ ନିକଟରେ ପହଞ୍ଚିଥିବା ଡିମ୍ଭକର ମିଥ୍ୟାମୃତ୍ୟୁ ସମ୍ବାଦରେ ସେ ପ୍ରିୟବନ୍ଧୁର ଶୋକରେ ପାଗଳପ୍ରାୟ ହୋଇଗଲା । ପାଗଳପ୍ରାୟ ଛାତି ପିଟି ପିଟି ଦୁଃଖରେ ମ୍ରିୟମାଣ ହୋଇପଡ଼ିଥିବା ହଂସ ଯମୁନାରେ ଡେଇଁପଡ଼ି ପ୍ରାଣତ୍ୟାଗ କଲା । ମଗଧ ସୈନ୍ୟମାନେ ହଂସର ଶବକୁ ଉଦ୍ଧାର କରିବା ପାଇଁ ଯମୁନାରେ ବୁଡ଼ି ଅନେକ ଖୋଜିଲେ । ଅଥଚ ହଂସର ଶରୀର ପାଇଲେ ନାହିଁ । ନିରାଶ ହୃଦୟରେ ଫେରି ସେମାନେ ଡିମ୍ଭକକୁ ହଂସର ମର୍ମନ୍ତୁଦ ମୃତ୍ୟୁ ସମ୍ବାଦ ଦେଲେ ।

ବଳରାମ ଭାଇନାଙ୍କଠାରୁ ପ୍ରାଣଦାନ ପାଇଥିବା ଡିମ୍ଭକ ଏହି ସମ୍ବାଦପାଇଲା କ୍ଷଣି ଅତ୍ୟନ୍ତ ବିଚଳିତ ହୋଇପଡ଼ିଲା । ତେଣୁ ସେ ତତ୍କ୍ଷଣାତ୍ ପ୍ରାଣପ୍ରିୟ ବନ୍ଧୁ ହଂସଙ୍କର ସନ୍ଧାନରେ ବାହାରିପଡ଼ିଲା । ଯମୁନାର ଯେଉଁ ଜଳଗଣ୍ଡରେ ହଂସ ନିଜକୁ ଝାସ ଦେଇଥିଲା ସେଠାରେ ଡିମ୍ଭକ ଡେଇଁପଡ଼ିଲା । ଏହି ସମ୍ବାଦ ମଧ ବିଜୁଳିବେଗରେ ମଗଧ ସୈନ୍ୟବାହିନୀରେ ଖେଳିଗଲା । ଦୁଇ ଜଣ କୁଶଳୀ ଅଭିଜ୍ଞ ସେନାପତି ହଂସ ଓ ଡିମ୍ଭକଙ୍କର ମୃତ୍ୟୁରେ ମଗଧ ସେନାଙ୍କ ମଧରେ ହାହାକାର ସୃଷ୍ଟି ହୋଇଗଲା । ଜରାସନ୍ଧ ନିକଟରେ ସମ୍ବାଦ ପହଞ୍ଚିଲାବେଳକୁ ସେ କ୍ରୋଧରେ, ହତାଶାରେ ପାଗଳପ୍ରାୟ ହୋଇଗଲା । ବାଧ ହୋଇ ତା'ର ସୈନ୍ୟବାହିନୀକୁ ପରାଜୟର ଗ୍ଲାନିରେ ମଗଧ ଫେରାଇ ଆଣିବାକୁ ନିର୍ଦ୍ଦେଶ ଦେଲା ।

ଏହି ତିରିଶି ଦିନର ଯୁଦ୍ଧ ଉଭୟପକ୍ଷଙ୍କୁ ବିପୁଳ କ୍ଷତିର ସମ୍ମୁଖୀନ କରାଇଥିଲା ।

ଯମୁନା କୂଳରେ ଠିଆ ହୋଇ ମୁଁ ଭାବୁଥିଲି, ପାର୍ଥ ! ଯୁଦ୍ଧର ବିଭୀଷିକା, ଯୁଦ୍ଧର ପ୍ରଭାବ, ଯୁଦ୍ଧ ପରବର୍ତ୍ତୀ ବିପୁଳ କ୍ଷତି ଦ୍ୱାରା ମାନବସମ୍ବଳର କି ଯେ ଅକଳ୍ପନୀୟ ଦୁରୁପଯୋଗ ହେଉଛି ତାହା କେତେ ଦୁଃଖଦାୟକ ଓ ଅବଶୋଷର ବିଷୟ । ଯୁଦ୍ଧର ବାସ୍ତବତାକୁ ଭଲଭାବରେ ବୁଝିବା ସହିତ ତାକୁ ସର୍ବାଦୌ ପରିହାର କରିବା ପ୍ରତ୍ୟେକ ଶାସକର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ । ରାଜ୍ୟ ରାଜ୍ୟ ମଧ୍ୟରେ ଥିବା ସୀମା ବିବାଦ, ଜବରଦଖଲ, ନିଜ ସୀମାମାନଙ୍କରେ ଥିବା ପ୍ରାକୃତିକ ସମ୍ପଦର ଉପଯୁକ୍ତ ବିନିଯୋଗ ପ୍ରଭୃତି ବିଷୟକୁ ଉଭୟ ରାଜ୍ୟର ମନ୍ତ୍ରୀପରିଷଦ, ରାଜା ଏବଂ ନାଗରିକମାନେ ବସି ସମାଧାନ କଲେ ଶାନ୍ତିର ସହାବସ୍ଥାନ ସମ୍ଭବ ହୋଇପାରିବ ! ଆମେ ଆମର ଅହଂକୁ ତ୍ୟାଗ କରି ଯଥାର୍ଥ ଲୋକକଲ୍ୟାଣକାରୀ ମନୋଭାବ ସମ୍ପନ୍ନ ହେଲେ ଯାଇ ଅଯଥା ଯୁଦ୍ଧକୁ ଏଡ଼ାଇ ହେବ । ବାସ୍ତବ ସତ୍ୟକୁ ଗ୍ରହଣ କଲେ ଯାଇ ମାନବିକତାକୁ ଆମେ ରକ୍ଷା କରିପାରିବା, ପାର୍ଥ !

ଆହା ! ଏ ଯୁଦ୍ଧରେ ଉଭୟ ପକ୍ଷର କେତେ ଯେ ସୈନ୍ୟ ମୃତାହତ ହେଲେ । ସେମାନଙ୍କର ପରିବାର ମୁରବିଶୂନ୍ୟ ହୋଇପଡ଼ିଲା । କେତେ ନାରୀ ବିଧବା ହେଲେ । କେତେ ଶିଶୁ ପିତୃହରା ହେଲେ । କେତେ ବାପା ମା' ସେମାନଙ୍କର ପୁତ୍ର ହରାଇଲେ । ଏସବୁ ବିପର୍ଯ୍ୟୟର ସ୍ଥିତିକୁ ପୁଣି ସମ ଅବସ୍ଥାକୁ ଫେରାଇ ଆଣିବା ସତରେ ଭାରି କଷ୍ଟକର । ଯମୁନାର ସେହି ବିଶାଳ ଜଳରାଶିକୁ କେତେ ଶାନ୍ତ ଭାବରେ ଛଳଛଳ ହୋଇ ବୋହିଯାଉଥିବା ଦେଖି ମୁଁ ତା'ର ନିରପେକ୍ଷତା ଓ ସ୍ଥିତଧିପଣରେ ମୁଗ୍ଧ ହୋଇପଡୁଥିଲି ।

ମୋର ପ୍ରିୟ ସଙ୍ଗୀ, ପ୍ରିୟ ସୁହୃଦ ଯମୁନା ପ୍ରଥମେ ମତେ ଶିଖାଇଥିବା କଥା କେଇପଦ 'ଜଳ ହିଁ ଜୀବନ', 'ଜଳ ହିଁ ପ୍ରାଣର ଆଧାର' ଆଜି ବେଶି ମନେପଡୁଥିଲା ପାର୍ଥ ! ଏଇ ତିରିଶ ଦିନର ଘାମଘୋଟ ଯୁଦ୍ଧକୁ ସାକ୍ଷୀ ଭାବରେ ଦେଖୁଥିବା ମୋର ପ୍ରିୟ ଯମୁନା ଗୋଟିଏ କଥା ସ୍ପଷ୍ଟ କରି ଦେଉଥିଲା ଯୁଦ୍ଧ, ରକ୍ତପାତର କୌଣସି ଅନ୍ତନାହିଁ । ସେ ବି ଦେଖୁଥିଲା ମଗଧ ସୈନ୍ୟମାନଙ୍କର ଶହ ଶହ ତରୀରେ ଆସି ମଥୁରା ଆକ୍ରମଣ ପୁଣି ଦେଖୁଥିଲା ମଗଧର ଦୁଇ ଧୁରନ୍ଧର ସେନାପତି ଡିମ୍ଭକ ଓ ହଂସର ତା'ରି କୋଳରେ ଆତ୍ମ ବିସର୍ଜନ । ପରାଜୟର ଗ୍ଳାନିରେ ଜର୍ଜରିତ ମଗଧ ସୈନ୍ୟବାହିନୀର ପ୍ରତ୍ୟାବର୍ତ୍ତନ ।

ଜାଣିଛ ପାର୍ଥ ! ଯମୁନାର ବିଶାଳତାକୁ ମନରେ ଆପଣେଇ ନେଲାବେଳେ ଯେମିତି ସେ ମତେ କହୁଥିଲା, ''କୃଷ୍ଣ ! ଏ ଯୁଦ୍ଧ ଏକ ଆରମ୍ଭ ମାତ୍ର । ହୁଏତ ଭବିଷ୍ୟତରେ ଦିନେ ସମସ୍ତ ଈର୍ଷା,ଅହଂକାର, ସାମ୍ରାଜ୍ୟଲିପ୍ସା ପାଇଁ କୌଣସି

ନିରୀହ ମଣିଷମାନଙ୍କୁ ଅକଥନୀୟ ଯାତନା ଭୋଗିବାକୁ ପଡ଼ିବ । ସମସ୍ତ ଅଯଥା ଅପମାନକୁ ବରଣ କରିବାକୁ ପଡ଼ିବ । ସବୁ ଯନ୍ତ୍ରଣା ବିକ୍ଷୁବ୍ଧ ବ୍ୟର୍ଥତାବୋଧକୁ ସ୍ନେହରେ ଆଉଁଷିବାର ସେହି ଉଷ୍ଣ ହାତ ପାପୁଲି କିନ୍ତୁ ସେଠି ନଥିବ । ପୁଣି ଯୁଦ୍ଧ, ଅଯଥା ରକ୍ତପାତ, ନରସଂହାରର ପଥ ବାଛିବା ଛଡ଼ା ଆଉ କିଛି ନଥିବ । ଏ କ'ଣ ମୋ ଆତ୍ମାର, ମୋ ବିବେକର ସତର୍କ ପଦଧ୍ୱନୀ ? ଏକ ଭୀଷଣ ଦୁର୍ଯୋଗର ପଦଚାପ ?

ତା'ହେଲେ ପାର୍ଥ ! ମୁଁ କ'ଣ ସେଇ ଅଜଣା ଭବିଷ୍ୟତର ଅନନ୍ତ ସମ୍ଭାବନାକୁ ବର୍ତ୍ତମାନଠାରୁ ଅନୁଭବ କରିପାରୁଥିଲି ? ମୋ ଭିତରର 'ମୁଁ' ପଣଟି ଯେମିତି ଆହୁରି ବ୍ୟାପକ ହୋଇ ମୋର ଅସ୍ତିତ୍ୱକୁ ଆବୋରି ଯାଇଥିଲା ।

ଏମିତି କେତେ ସମୟ ବିତିଥାନ୍ତା କେଜାଣି, ହଠାତ୍ ସୁଲଗ୍ନାର ସ୍ପର୍ଶରେ ମୋର ତନ୍ଦ୍ରା କଟିଗଲା । ସୁଲଗ୍ନା ରାଜପ୍ରାସାଦରୁ ମଲ୍ଲ ଦ୍ୱନ୍ଦ୍ୱଯୁଦ୍ଧରେ ବଳରାମ ଭାଇନା ଡିମ୍ଭକକୁ ହରାଇଦେଇଥିବା ସମ୍ବାଦ ଶୁଣିବା ପରେ ଆମ ଦୁଇଭାଇଙ୍କୁ ବଧେଇ ଜଣେଇବାପାଇଁ ଆଖଡ଼ା ଗୃହକୁ ଦୌଡ଼ି ଆସିଥିଲା ।

ମତେ ପୃଷ୍ଠଦେଶରେ ହଲାଇ ଦେଇ କହିଲା, ''କାହ୍ନା ! କୁହ ନା ବଳରାମ ଭାଇନା କେଉଁଠି ଅଛନ୍ତି ? ଗତ କେତେଦିନ ହେଲା ମୁଁ ତାଙ୍କୁ ଟିକେ ମନ ଭରି ଦେଖିନାହିଁ । ମୁଁ ଜାଣିଥିଲି ଯେ ମଗଧର ମଲ୍ଲମାନେ ବଳରାମଙ୍କ ଆଗରେ ନିଶ୍ଚୟ ପରାଜିତ ହୋଇଯିବେ । ମଗଧ ସେନା ହାରିକରି ମୁହଁ ଲୁଚାଇବ ଏକଥା ଆଗରୁ ନିଶ୍ଚିତ ଥିଲା । ସାରା ମଥୁରା ତୁମ ଦୁଇଭାଇଙ୍କର ଜୟଗାନରେ ଏବେ ପ୍ରକମ୍ପିତ ହେଉଛି ।''

ମୁଁ ସୁଲଗ୍ନାର ପ୍ରଗଲ୍‌ଭ କଥାରେ ମନେ ମନେ ଆମୋଦିତ ହେଉଥିଲି । କହିଲି, ''ତୁମର ସ୍ନେହ, ସଦିଚ୍ଛା, ପ୍ରେମ ମତେ ଓ ଭାଇନାଙ୍କୁ ସମସ୍ତ ପ୍ରତିବନ୍ଧକ ଦୂର କରିଦେବାରେ ସାହାଯ୍ୟ କରିଛି ସୁଲଗ୍ନା ! ଛଳନାର ଶେଷ ନିଶ୍ଚୟ ଦିନେ ହେବ ହିଁ ହେବ । କେତେ ଶକ୍ତିଶାଳୀ ହେଲେ ମଧ୍ୟ ତାକୁ କେହି ପ୍ରତିରୋଧ କରିପାରିବେ ନାହିଁ । ତୁମେ ଦେଖିବ ଜରାସନ୍ଧର ମଧ୍ୟ ଦିନେ ମର୍ମନ୍ତୁଦ ଅନ୍ତ ହେବ ।''

ଆମ କଥାବାର୍ତ୍ତା ଭିତରେ ଯମୁନା କୂଳକୁ ଯାଦବ ବୀର ତଥା ଜନସାଧାରଣଙ୍କ ସହିତ ବିପୃଥୁ, ସାତ୍ୟକି, ଅନାଧୃଷ୍ଟି, ବଳରାମଭାଇନା ଆସି ପହଞ୍ଚିଲେ । ସୁଲଗ୍ନା ଆଖିରେ ବଳରାମ ଭାଇନାଙ୍କ ପାଇଁ ପ୍ରଗାଢ଼ ମମତ୍ୱବୋଧର ପ୍ରେମ ଝଲକି ଉଠୁଥିଲା । ସ୍ନେହର ଭାଷା ସବୁବେଳେ ଲୁହରେ ଛଳଛଳେଇ ଯାଏ । ସାଧାରଣ ଜଣେ ମଣିଷକୁ ପ୍ରେମ କରାଇଦିଏ ମହାନ୍ ପ୍ରେମିକ । ମୌନତାର ସ୍ୱପ୍ନ ବଙ୍କା

ନିଃଶବ୍ଦତାକୁ ଶବ୍ଦବାକ୍‌ରେ ଶବ୍ଦାୟିତ କରିଦିଏ ପ୍ରେମ । ତାରା ଭର୍ତ୍ତି ଆକାଶରେ ଜୀବନ ଭର୍ତ୍ତି ଅନ୍ତିମ ପ୍ରେମପତ୍ରର ପୃଷ୍ଠା ଆଉ କିଏ ଖୋଲିଦିଏ କି ? ସେହି ପ୍ରେମମୟୀ ସୁରଞ୍ଜନୀ ସ୍ୱପ୍ନର ସ୍ମୃତି ତ  !

ବଳରାମ ଭାଇନାଙ୍କ ଆଖି ସୁଲଗ୍ନାକୁ ଦେଖି ଉଜ୍ଜ୍ୱଳ ହୋଇଆସୁଥିଲା । ମୋର ବି କାହିଁକି ପାର୍ଥ ! ରାଧାଙ୍କ କଥା ବାରମ୍ବାର ମନେପଡୁଥିଲା । ମୁଁ ମୋର ହାତ ପାପୁଲିକୁ ପୁଣି ଥରେ ନିରେଖି ଦେଖୁଥିଲି । ଯେଉଁ ହାତର ମୁଠାରେ ରାଧାଙ୍କର ଚମ୍ପାକଢ଼ି ଆଙ୍ଗୁଠିର ଆତୁର ଉଷ୍ମତା, ହେଇ ଦେଖୁନ ପାର୍ଥ ! ପୁଣି ସେମିତି ନେସି ହୋଇ ରହିଛି । ରାଧାଙ୍କର ସେହି ସ୍ପର୍ଶାତୁର ସ୍ନେହିଳ ସ୍ପର୍ଶ, ସୁକୁମାର ଲୁହର ଆକୁଳପଣ ବୃନ୍ଦାବନଠାରୁ ଏଯାଏଁ ମୋର ପ୍ରତିଟି ସ୍ନାୟୁ, ରକ୍ତକୋଷ, ଅସ୍ତିତ୍ୱକୁ ଛେଚି କୁଟି ଅଣ୍ଡାଳି ଅସ୍ଥିର ଅଥୟ କରିଦେଉଛି । ମୁଁ ତ ପାର୍ଥ ! କେମିତି ଏକ କୋହମଗ୍ନ କାରୁଣ୍ୟ ଭିତରେ ବତୁରି ଯାଉଥିବା ସମ୍ପର୍କର ଓଦାପଣକୁ ଅହରହ ଅନୁଭବ କରୁଛି ।

ମୁଁ ଉପସ୍ଥିତ ସମସ୍ତ ଯାଦବ ଓ ମଥୁରାର ଜନସାଧାରଣଙ୍କୁ କହିଲି, ''ମଗଧର ଏହି ଆକସ୍ମିକ ଆକ୍ରମଣରେ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛି ଆମର କୃଷିକ୍ଷେତ୍ର । ଆମର ଧାନକ୍ଷେତ ପ୍ରାୟତଃ ଉଜୁଡ଼ି ଯାଇଛି କହିଲେ ଚଳେ । ତେଣୁ ଏହି ଯୁଦ୍ଧରେ ଦୀର୍ଘ ମାସେ କାଳ ଲଢ଼ି ଲଢ଼ି ଆମର ଯାଦବ ସେନା ଭୀଷଣ କ୍ଲାନ୍ତ ହୋଇପଡ଼ିଛନ୍ତି । ତେଣୁ ତାଙ୍କର ଖାଦ୍ୟ ଆବଶ୍ୟକତାକୁ ପ୍ରଥମେ ମେଣ୍ଟାଇବାକୁ ପଡ଼ିବ ।''

ମୋର ଆଦେଶ ପାଇଲାକ୍ଷଣି କ୍ଷିପ୍ର ବେଗରେ ଯାଦବ ଯୁବକମାନେ ଦଳ ଦଳ ହୋଇ କୃଷିକାର୍ଯ୍ୟ ପାଇଁ ଉଦିଷ୍ଟ ଉପକରଣ ହଳ, ଲଙ୍ଗଳ, କୋଦାଳ, ଶାବଳ, ହାତକୋଡ଼ି ପ୍ରଭୃତି ନେଇ ଯମୁନା କୂଳରେ ସମ୍ମିଳିତ ହେଲେ । ସାତ୍ୟକି, ଅନାଧୃଷ୍ଟି, ବିପୃଥୁ, ଅବଗାହ, ପୃଥୁ ପ୍ରମୁଖ ସେନାପତିମାନେ ଏହି କାର୍ଯ୍ୟରେ ଆଗେଇ ଆସିଲେ । ସମସ୍ତଙ୍କ ଆଗରେ ଆମେ ରହିଲୁ । ବଳରାମ ଭାଇନା 'ସର୍ବନ୍ତକ' ହଳ ଧାରଣ କରି ବୃଷଭକୁ ଲଙ୍ଗଳରେ ଯୋଚି ଓ ମୁଁ ହଳ କରିବା ପାଇଁ ଯମୁନା କୂଳରେ ସମବେତ ହେଲୁ ।

ସୁଲଗ୍ନା ଓ ମାଳିନୀର ନେତୃତ୍ୱରେ ମଥୁରାର ନାରୀମାନେ ମଧ୍ୟ ସହଯୋଗ କରିବାକୁ ଆଗେଇ ଆସିଲେ । ମହାରାଜ ଯଦୁ ଓ କ୍ରୋଷ୍ଟୁଙ୍କ ଜୟଘୋଷ ସହିତ ମୁଁ ମୋର ପିତାମ୍ବରକୁ କଛାପରି ଖୋସିଦେଲି । ଭାଇନା ମଧ୍ୟ ତାଙ୍କର ନୀଳାମ୍ବର ପାଟକୁ କଷିକରି କଛା ଭଳି ଖୋସିଦେଲେ । ମୁଁ ଲଇଁପଡ଼ି 'ଜୟ ମା ମାତଙ୍ଗେଶ୍ୱରୀ', 'ଜୟ ମା ଇଡ଼ାଦେବୀ' ଧ୍ୱନିଦେଇ ଶୂରସେନ ରାଜ୍ୟର ଧରିତ୍ରୀ ଉପରେ ପ୍ରଥମ କୋଦାଳ ହାଣିଲି । ମୋ ପଛରେ ଭାଇନା ମଧ୍ୟ ହଳ ତଳେ ଥୋଇ କୋଦାଳରେ

ମାଟି ହାଣିଲେ । କୋଦାଳର ଆଘାତରେ ବିନ୍ଦୁ ବିନ୍ଦୁ ସ୍ୱେଦ ମୋର କଣ୍ଠରେ ଝୁଲୁଥିବା କୌସ୍ତୁଭମଣି ମାଳା ଉପରେ ଟପ୍‌କି ପଡ଼ିଲା । ହାତରେ କପାଳରୁ ସ୍ୱେଦବିନ୍ଦୁ ପୋଛିଆଣି ଜିଭରେ ଟିକେ ଚାଖିଲି । ଓଃ ! କି ଲୁଣିଆ ଲାଗୁଛି । ରକ୍ତର ସ୍ୱାଦ ମଧ ଠିକ୍ ଏମିତି ଲୁଣିଆ ଲାଗୁଥିଲା । ମନେପକାଉଥିଲି ରକ୍ତର ସେଇ ଚୈତନ୍ୟମୟ ପ୍ରଣବ ଧ୍ୱନିକୁ। ଚେତନସ୍ତରର ଗଭୀରତାରୁ ହିଁ ମଣିଷ ଭବିଷ୍ୟତ ସମ୍ପର୍କରେ ଆଭାସ ପାଇଥାଏ । ସେଥିପାଇଁ ପ୍ରତ୍ୟେକ ଶରୀରର ଚେତନାର ନିଜସ୍ୱ ପ୍ରତୀକ ତତ୍ତ୍ୱ ଅଛି, ଯାହାକି ସବୁ ସମୟରେ ଗୋଟିଏ ସ୍ୱପ୍ନ ଗୋଟିଏ ଶରୀରରୁ ବିକିରିତ ହୋଇ ଆସିଥାଏ ଏବଂ ସେହି ଶରୀରର ପ୍ରତୀକ ଭାବରେ ଚିହ୍ନିତ ହୋଇଥାଏ । ଏକ ମହାଶୂନ୍ୟିକ ସ୍ତରକୁ ଅନ୍ତର୍ମୁଖୀ ହେଲେ ହିଁ ଜଡ଼ଜଗତର ପରିପାର୍ଶ୍ୱ ସମଗ୍ର ଅଣୁ ପରମାଣୁ ତା'ର କ୍ଷୁଦ୍ରାତିକ୍ଷୁଦ୍ର ସତ୍ତାରେ ଜୀବନ୍ତ ଓ ସକ୍ରିୟ ଜଣାପଡ଼େ । ହୁଏତ ସେଥିପାଇଁ ମଣିଷର 'ମୁଁ'ଟି ନିଜର ସ୍ରଷ୍ଟା ହୋଇ ତାକୁ ସର୍ବଦା ପରିଚାଳିତ କରୁଛି ।

ମୋର ଅନ୍ତଃ ଅନୁଭବର ଅନ୍ତଃକରଣର ଆବଶ୍ୟକତାକୁ ଅନ୍ତଃସଙ୍ଗୀତର ସେହି ବଂଶୀର ମଧୁର ମୂର୍ଚ୍ଛନାକୁ ରୂପାୟିତ କରିବାପାଇଁ ଏଭଳି ଦୃଶ୍ୟ ବା ଘଟଣାର ପ୍ରତିଫଳନ ହେଉଛି । ମୁଁ ଏଠି କେବଳ ଏକ ଶାଶ୍ୱତ ଦ୍ରଷ୍ଟା ଭାବରେ ଉପସ୍ଥିତ ହୋଇଛି । ଏଠାରେ କୌଣସି ଜ୍ଞାନ ନାହିଁ କି, ପୋଥି କି ଦର୍ଶନ ନାହିଁ, କେବଳ ମୁଁ ହିଁ ରହିଛି ।

ମୋ ପଛକୁ ଭାଇମାନେ ଓ ଅନ୍ୟ ଯାଦବ ଯୁବକମାନେ କୋଦାଳ ଉଠାଇ ଯମୁନା କୂଳରେ ମାଟି ହାଣିବାକୁ ଲାଗିଲେ । ମଥୁରାର କୃଷିକ୍ଷେତ୍ର ପାଇଁ ଜଳଯୋଗାଣର ଏକ ବିଶାଳ ପ୍ରଣାଳୀ ଖୋଳା ଆରମ୍ଭ ହୋଇଗଲା । ମଧ୍ୟାହ୍ନ ସୁଦ୍ଧା ସେହି ପ୍ରଣାଳୀର ଜଳାଶୟରେ ଯମୁନାର ପାଣି ଭର୍ତ୍ତି ହୋଇଗଲା । ସେହି ସଂଗୃହୀତ ଯମୁନା ଜଳକୁ ଧାନକ୍ଷେତକୁ ମଡ଼ାଇବା ପାଇଁ ବାଉଁଶ ଡେଣ୍ଡାରେ ମାଠିଆ ବାନ୍ଧି ପାଣି ପକାଯିବାର ବ୍ୟବସ୍ଥା ହେଲା । କିଆରି କିଆରିକୁ ପାଣି ଠିକ୍ ଭାବେ ମଡ଼ାଇବାପାଇଁ ସଂଯୁକ୍ତ ନାଳ ଖୋଳା ହେଲା ।

ପୁଣି ଥରେ ଏକ ପ୍ରଚଣ୍ଡ ସୃଜନଶୀଳ ଅଭିଯାନ ଆରମ୍ଭ ହୋଇଗଲା ।

ଯମୁନା କୂଳର ଏକ ବିଶାଳ ବଟ ବୃକ୍ଷ ତଳେ ସମସ୍ତେ କାମ ସରିଲା ପରେ ମଧ୍ୟାହ୍ନ ଭୋଜନରେ ଏକାଠି ବସିଲେ । ଯେମିତି ଗୋପରେ ସମ୍ମିଳିତ ହୋଇ କାମ କଲାବେଳେ ନନ୍ଦ ବାବା ଗୋପ ଭୋଜର ଆୟୋଜନ କରନ୍ତି, ଠିକ୍ ସେମିତି ଏଠାରେ ଯାଦବ ଭୋଜର ପ୍ରସ୍ତୁତି ହୋଇଥିଲା । ସମସ୍ତେ ହାସ ପରିହାସରେ ମନଖୋଲା ଗପସପ ମଧ୍ୟରେ ସ୍ୱାଦିଷ୍ଟ ଭୋଜନର ସୁଗନ୍ଧି ଆଘ୍ରାଣ କରୁଥିଲେ ।

ବଟବୃକ୍ଷର ଆଉ ଟିକିଏ ଦୂରରେ ଗହଳିଆ କଦମ୍ବ ଗଛର ମୂଳରେ ଦେହକୁ ଦେହ ଲଗାଇ ବସିଥିଲେ ବଳରାମ ଭାଇନା ଓ ସୁଲଗ୍ନା । ସୁଲଗ୍ନାର କୋଳରେ ମୁଣ୍ଡ ରଖି କେତେ ନିଧଡ଼କରେ ଶୋଇଯାଇଥିଲେ ମୋର ପ୍ରିୟ ବଳରାମ ଭାଇନା । ସୁଲଗ୍ନାର ନିବିଡ଼ ପ୍ରେମରେ ବଳରାମ ଭାଇନା ଯେମିତି ଏକ ନବଜନ୍ମ ପାଇଯାଇଥିଲେ । ସୁଲଗ୍ନାର ନିରୀହ ମାୟାମୟ ଆଖିରେ ଅନୁରାଗର ରଙ୍ଗ ଯେମିତି ବୋଳି ହୋଇ ଯାଉଥିଲା । ସେ ଏକ କଲ୍ୟାଣମୟୀ ମମତାମୟୀ ମା'ଟିଏ ଭଳି ବଳରାମ ଭାଇନାଙ୍କର ଗହଳ ଘଞ୍ଚ କଳା ବାଳରେ ଆଙ୍ଗୁଠି ଚଳାଇ ଦେଉ ଦେଉ ପ୍ରଗଳ୍‌ଭା ନଈଟିଏ ଭଳି କହୁଥିଲା, ''ତମେ ଉଠ ବଳରାମ ! ଶୋଇପଡ଼ିଲ କି ? ଆସୁନ ! ମୋ ପାଖକୁ ଟିକିଏ ହେଲେ ଆସୁନ ତମେ । ମୋ ଗେହ୍ଲାଟା ପରା, ଆସ ! ଆଉଁଷି ଦେବି ତମର ପ୍ରୀତିପର୍ଣ୍ଣ ହୃଦୟକୁ ! ତମ ପାଇଁ ମୋ ଅସ୍ତିତ୍ୱରେ ଦେଖୁନ କେମିତି ସ୍ନେହ ଓ ଲୁହରେ ବଟାଯାଇଥିବା ପ୍ରେମର ଚିତ୍ରମୟ ଚିତ୍ରସବୁ ଆଙ୍କି ଦେଇଛି । ତମେ ମାଳିନୀନାନୀର ବଗିଚାରେ ମୋ ହାତ ମୁଠାରେ ଯେଉଁ ଟୋପାକ ପ୍ରେମର କାକର ଛାଡ଼ିଯାଇଥିଲ, ତାକୁ ମୁଁ ବଡ଼ ଯତ୍ନରେ ସାଇତି ରଖିଛି ପ୍ରିୟତମ ! ଆଉ ତମେ ମୋ ଉଷର ମନରେ ଯେଉଁ ତୃଷିତ ମାଟିର ଇଚ୍ଛାର ଅପୂର୍ଣ୍ଣ ଅନ୍ଧକାର ଛାଡ଼ି ଯାଇଥିଲ ତାକୁ ଲିଭେଇଦେବାର ପ୍ରୟାସ ମୁଁ ବାରମ୍ବାର କରୁଥିଲେ  ବି ଭଲପାଇବାର ଉଜ୍ଜ୍ୱଳତାରେ ସେ ଆହୁରି ଜ୍ୟୋତିର୍ମୟୀ, ଜୀବନ୍ମୟୀ ହୋଇଯାଉଥିଲା । ଗୁଣୁ ଗୁଣୁ ପବନରେ କହି କହି ଯାଉଥିଲା ତମେ ମତେ ଭଲ ପାଅ... ଭଲପାଅ... ଭଲପାଅ ।''

ବଳରାମ ଭାଇନା ନିବିଡ଼ ଆଶ୍ଲେଷ ଭିତରେ ସୁଲଗ୍ନାର ମୁହଁକୁ ଚଢ଼େଇ ଧରିଥିଲେ । ରୂପମତୀ ଦାନବ ରାଜକୁମାରୀର ଅନାଘ୍ରାତ ଅପୂର୍ବ ଦେହର ଦେହଳୀ ଭିତରେ ବଳରାମ ଭାଇନା ତରଳ ମୃଗମଦ ସ୍ନେହର କମ୍ପନରେ ତିନ୍ତି ଯାଉଥାନ୍ତି । ପ୍ରିୟତମା ନାରୀର ହିରଣ୍ୟମୟୀ ସୌନ୍ଦର୍ଯ୍ୟମୟୀ କାମନାର ହିଲ୍ଲୋଳ ଭିତରେ ତାଙ୍କର ସାନ୍ନିଧ ପୁଲକର ମିଠାମିଠା ବାସ୍ନାରେ ମୋହମୁଗ୍ଧ ହୋଇଯାଉଥିଲା । ସତେ ଯେମିତି ଯମୁନାର ନୀଳ ଜଳରାଶିରେ ନିଆଁ ଲାଗିଯାଇଥିଲା । ନିଆଁ...ନିଆଁ...ନିଆଁ ! ମନରେ ନିଆଁ, ରକ୍ତରେ ନିଆଁ, ତରଳ ନିଃଶ୍ୱାସ ନିଆଁରେ ଜଳୁଥିଲେ ସୁଲଗ୍ନା, ବଳରାମ ଭାଇନା, ଗଛବୃଛ, ମଥୁରାର ନଗ୍ରଜନପଦ, ସ୍ୱପ୍ନର ଚିତ୍ରିତ ସକାଳ । ''...ତମେ ମତେ ଅନୁରାଗର ରଙ୍ଗରେ ଏପରି ମୁଗ୍ଧ ବିଭୋର କରି ଦେଇଛ ଯେ, ମୁଁ ତମର ଭଲପାଇବାର ମୌନ ସୁରଭିରେ ଆହୁରି କୋମଳ

ସୁଗନ୍ଧିତ ହୋଇଯାଉଛି, ବଳରାମ ! ତମ ଭଲପାଇବାର ଆତ୍ମୀୟତା ପାଇଁ ମୁଁ ମୋର ସବୁ ଦୁର୍ଭାଗ୍ୟର ଦିନକୁ ପାଶୋରି ଯାଇଛି । ତୁମ ଘନନୀଳ ଆଖିରେ ମୁଁ ଯେଉଁ ବିଶ୍ୱାସର ଆଲୋକ ଶିଖାଟିଏ ଦେଖିଥିଲି ତାକୁ ପାଥେୟ କରି ଏକ ଆସନ୍ନ ପ୍ରଳୟର ବକ୍ଷରୁ ସ୍ଥିର ସୂର୍ଯ୍ୟୋଦୟର ସ୍ୱପ୍ନ ଦେଖିପାରିଲି । ଏ ମାହେନ୍ଦ୍ର ମୁହୂର୍ତ୍ତର ପ୍ରତିଶ୍ରୁତିବଦ୍ଧ ଆମର ଏଇ ମିଳନ କେବେ ହେଲେ ମିଛ ହେବନାହିଁ, ପ୍ରିୟତମ ! ତମ ମୋ ଭିତରର ଅତୁଳନୀୟ ପ୍ରୀତିପର୍ଣ୍ଣ ଅନୁରାଗର ଅଭିସାରକୁ କହିଲ ଦେଖି ମୁଁ କେମିତି ବା ଅସ୍ୱୀକାର କରିପାରିବି ? ତମେ ତ ମୋ ପାଇଁ ସବୁ ଲୁହ ବାଣ୍ଟି ଦେଇଛ । ପ୍ରେମ ସବୁ ଆଶ୍ଳେଷି ନେଇଛ । ମହକ ଭିତରେ ନିଜେ ମହକୁଛ । ମୋ ଦେହର ପ୍ରତିଟି ସ୍ନାୟୁରେ, ରକ୍ତରେ, ଇଷିକାରେ, ଆକୁଳ ଅସ୍ଥିର ପଣରେ ମୁଁ ସେମିତି କାନ୍ଦ କାନ୍ଦ କଣ୍ଠମାନଙ୍କରୁ କୋହ ଟିକେ ନେଇ ଅପେକ୍ଷା କରିଛି ଯେ ତମେ ଆସିବ, ନିଶ୍ଚେ ଆସିବ । ସମସ୍ତ ମାଟିର ଦେହ, ମହୁର ଦେହ, ଲୁହର ଦେହ, ଧୂଳି ବାସ୍ନାର କୁହୁଡ଼ି ଭିତରେ ପ୍ରାଣବନ୍ତା ଆତ୍ମାର ଆବୃତ୍ତି ଭିତରୁ ମୁଁ ଯେମିତି ହେଲେ ତମର ମୋହମଗ୍ନ ଆତୁର ଆଙ୍ଗୁଠିର ମାତାଲପଣକୁ ନିବିଡ଼ ଭାବରେ ଅନୁଭବ କରିପାରୁଥିବି । ତାକୁ କେଉଁ ଅସହାୟତା, କାଳ କି ଭାଗ୍ୟ ପ୍ରତିହତ କରିପାରିବନି କେବେ । ମୋ ଅଜାଣତରେ ମୁଁ ତୁମକୁ ମୋ ଅସ୍ତିତ୍ୱରେ ଆପଣେଇ ନେଇଥିଲି । ତୁମକୁ ଯେଉଁଦିନ ମଥୁରାର ରାଜଦାଣ୍ଡରେ କୃଷ୍ଣଙ୍କ ସହିତ ଆସୁଥିବାର ଦେଖିଲି ସେଦିନ ମୋ ମଖମଲି କିଶୋରୀ ମନରେ କାହିଁକି କେଜାଣି ସ୍ୱପ୍ନର ଚିତ୍ରକରା ଘରଟିଏ ମନକୁ ମନ ଗଢ଼ି ହୋଇଗଲା । ମୋ ମନର ରାଜକୁମାର ବୋଲି ସେଦିନ ମୁଁ ଅକୁହା ଅଚିନ୍ତାରେ ହୃଦୟର ସହିତ ମାନିନେଲି । ମୋର ଦୁର୍ଦ୍ଦିନ ବାଲ୍ୟଜୀବନରେ ଯେଉଁ ହତାଶା, ଶୂନ୍ୟତା ହାହାକାରବୋଧ ସୃଷ୍ଟି ହୋଇଥିଲା ସେସବୁ ଆଖିପିଛୁଳାକେ କେଉଁଆଡ଼େ ଉଭେଇ ଗଲା ତୁମ ସ୍ପର୍ଶର କୁହୁକ କର୍ପୂରରେ । ମୁଁ ପୁଣି ତମ ପୌରୁଷର ଦର୍ପଣରେ ମୁହଁ ଦେଖିଲାବେଳକୁ ମୋ ଜୀବନରେ ଫୁଲଟିଏ ନ ଫୁଟିବା ପୂର୍ବରୁ ଯେଉଁ କଢ଼ଟି ଝଡ଼ିଯାଇଥିଲା ତାକୁ ଲୁହରେ ବତୁରାଇ ଶେଷଥର ପାଇଁ ପୋଛି ପକାଇଲି । ହେ ମୋର ପ୍ରିୟତମ ! ମୁଁ ତୁମ ପାଇଁ ପ୍ରେମପର୍ଣ୍ଣ ସ୍ମୃତିର ଅର୍ଘ୍ୟ ଅର୍ପଣ କରୁଛି । ତମର ସୋହାଗ ତ ମତେ ତଲ୍ଲୀନ କରାଇ ଦେହର ନଶ୍ୱରତାକୁ ଅତିକ୍ରମ କରି ଆତ୍ମାର ଶୁଦ୍ଧ ଆବେଗକୁ ଅନୁଭବ କରିବାର ମହାର୍ଘ୍ୟ ପ୍ରତ୍ୟୟ ଦେଇଛି ।’’

ପରମ ଆବେଗରେ ସୁଲଗ୍ନା ବଳରାମ ଭାଇନାଙ୍କର ଘନିଷ୍ଠ ଆଶ୍ଳେଷ ଭିତରେ ଆହୁରି ଆହୁରି ମଗ୍ନ, ମୌନ, ମୁଗ୍ଧ ହୋଇଯାଉଥିଲା । ତା’ର ସୁନ୍ଦର ଦୁଇ ଆୟତ ଆଖିରେ ପ୍ରେମ, ପ୍ରଣୟ,ଅନୁରାଗର ବର୍ଣ୍ଣିଳ ଅପାପବିଦ୍ଧ ରହସ୍ୟମୟତା ସେମିତି ନେସି ହୋଇରହିଥିଲା । ସତେଯେପରି ବଳରାମ ଭାଇନା ଓ ସୁଲଗ୍ନାଙ୍କର ପ୍ରଣୟୀ

ଯୁଗଳବନ୍ଦୀତ୍ୱକୁ ଶୁଭେଚ୍ଛା ଜଣାଇ ଏକ ନୂତନ ସକାଳର ସୁପ୍ରଭାତ ଯମୁନା କୂଳରେ ଓହ୍ଲାଇ ଆସୁଥିଲା ।

ମୋର ବଂଶୀର ସ୍ୱରରେ ଏକ ଅଭୂତପୂର୍ବ କମ୍ପନର ଉଚ୍ଛ୍ୱାସ ଏପରି ଖେଳାଇ ହୋଇଯାଇଥିଲା, ଯେମିତି ଜଣାପଡୁଥିଲା ଏ ସମୟ, ଯମୁନାକୂଳ, ଗଛବୃନ୍ଦ, ମଥୁରା, ନଗ୍ର ଜନପଦ ସମସ୍ତ ମୋର ନିଃଶ୍ୱାସରେ ପ୍ରତିଟି ପ୍ରାଣମୟ କୋଷରେ ଦିଗ୍‌ବିଦଗ୍ ସଞ୍ଚାରିତ ହୋଇଯାଇଛି । ଏକ ଅକଳ୍ପନୀୟ ମହମହ ମଧୁର ମୂର୍ଚ୍ଛନାରେ ମୁଁ ମୋର ବଂଶୀ, ତାର ଲହରରେ ଲହରେଇ ଆସୁଥାଏ ଗୋଟିଏ ସ୍ୱର ରାଧେ କୃଷ୍ଣ.... ରାଧେ କୃଷ୍ଣ.... କୃଷ୍ଣ ରାଧେ.... କୃଷ୍ଣ ରାଧେ । ମୋର ପ୍ରାଣର ଅନ୍ତହୀନ ଅନ୍ୱେଷା ପ୍ରାଣମୟୀ ରାଧା, ପ୍ରେରଣାମୟୀ ଫୁଲର ଈଶ୍ୱରୀ ଯୋଜନବ୍ୟାପ୍ତା ମୋର ସମସ୍ତ ପ୍ରତିବନ୍ଧକ, ସଂକଳ୍ପକୁ ଆହୁରି ସୁଧାମୟ ସହଜ କରିଦେବା ପାଇଁ ଯେପରି ମୋର ଅଙ୍ଗୀକାରକୁ ଆହୁରି ଅଭିନିବିଷ୍ଟ କରି ଦେଉଛନ୍ତି । ମୋର ସମସ୍ତ ବିମର୍ଷତାକୁ ନିମିଷକେ ତାଙ୍କର କଅଁଳ ଚମ୍ପାକଢ଼ି ଆଙ୍ଗୁଠିରେ ଲିଭେଇ ଦେଉଛନ୍ତି ।

ମୁଁ ତ ତଟସ୍ଥ ହୋଇ ଖାଲି ଦେଖୁଥିଲି ପାର୍ଥ ! ଯମୁନାର ସେଇ ଶାନ୍ତ ଶୀତୁଳିଆ ରାତିର ଗଭୀର ଉଷ୍ଣତା ଭିତରେ ମୁଁ ଯେମିତି ଅନନ୍ତ ଆକାଶର ସକରୁଣ ନାକ୍ଷତ୍ରିକ ପଂକ୍ତିକୁ ସ୍ମୃତିରେ ସ୍ମୃତିରେ ଆବୃତ୍ତି କରୁଥିଲି । ଲାଜକୁଳି କହ୍ଲର ଲାଜୁଆ ଓଠରୁ ଅମାନିଆ ସ୍ୱୀକାରୋକ୍ତି ସବୁ ଚୂନା ଚୂନା ହୋଇ ଝରିପଡୁଥିଲା । ଜୀବନ ଯେମିତି ମୁକ୍ତବର୍ଣ୍ଣା ହୋଇ ପୂର୍ଣ୍ଣିମାର ରାସରେ ରାସମୟ ରାସେଶ୍ୱରୀରେ ପରିଣତ ହୋଇଯାଇଥିଲା । ରାଧାଙ୍କର ପ୍ରେମର ମହାର୍ଘ ମହମହ ବାସ୍ନାରେ ଏଇ ଦେଖୁନ କେମିତି ମୋର ଅସ୍ତିତ୍ୱ ସୁଗନ୍ଧିତ ହୋଇଯାଉଛି ପାର୍ଥ ! ହେଲେ ମୁଁ କ'ଣ ତାଙ୍କ ହୃଦୟର କୋମଳ ମାର୍ମିକ ଶବ୍ଦାତୀତ ଶୃଙ୍ଗାରରେ ପରିଣତ ହୋଇପାରିଲି ? ନା ତାଙ୍କ କପାଳରେ ଆଙ୍କି ଦେଇପାରିଲି ଆତ୍ମାର ଅରୁଣ ଆଲୋକ ? ନା ରାଧାଙ୍କର ଅସରନ୍ତି ଭଲପାଇବା, ଅନୁରକ୍ତିର ଛଳଛଳ ଆତ୍ମୀୟପଣରେ ବୁଣି ଦେଇପାରିଲି ମୋ ପ୍ରେମର ସୁରଞ୍ଜନୀ ସ୍ୱପ୍ନ ? ମୁଁ ତ କିଛି କରିପାରିଲିନି ପାର୍ଥ ! ସବୁତକ ସ୍ନେହ, ଶ୍ରଦ୍ଧା, ଆପଣାପଣକୁ ମୋ ମୁଁ ପଣରେ, ଭାବରେ, ଅନୁରାଗରେ ଛମଛମେଇ ଦେବା ଛଡ଼ା ମୋ ପାଖରେ ଆଉ କ'ଣ ବା ସାଧ ଥିଲା ଯେ । ମା, ନନ୍ଦବାବା, ସାନ ମା' ମୋର ପ୍ରିୟ ଗୋପ ଜନ୍ମଭୂମି ଏମାନଙ୍କୁ ଛାଡ଼ିଆସିବାର ଦୁଃଖ ମତେ ସବୁବେଳେ ଅସ୍ଥିର, ଆକୁଳ କରିଛି ପାର୍ଥ ! ସେଥିପାଇଁ ଚିରକାଳ ମୁଁ ସ୍ନେହରେ ବାତୁଳ, ଶ୍ରଦ୍ଧାରେ କାଙ୍ଗାଳ, ସ୍ୱପ୍ନରେ ଉଚ୍ଛନ୍ନ ହୋଇଯାଏ । ଏସବୁ ସତ୍ତ୍ୱେ ମୁଁ କ'ଣ ମୋର ପ୍ରିୟ ଗୋପ ଆତ୍ମାଟିକୁ କେବେହେଲେ ନିଜଠାରୁ ଅଲଗା କରିପାରିଛି କି ପାର୍ଥ ?

ଦୁଇ ରାତି ଦୁଇ ଦିନର ଅକ୍ଳାନ୍ତ ପରିଶ୍ରମ ପରେ ଯମୁନା ନଦୀର ଜଳକୁ ଏକ ବିଶାଳ ଜଳାଶୟରେ ଛାଡ଼ି ଆମେ କୃଷିକ୍ଷେତ୍ର ମଧ୍ୟକୁ ପାଣି ମଡ଼ାଇବାର ସମସ୍ତ ବ୍ୟବସ୍ଥା କରିଦେଲୁ । ଯାଦବମାନେ ସମସ୍ତେ ଏକତ୍ରିତ ହୋଇ ଏହି କାର୍ଯ୍ୟକୁ ସୁଗମ କରିଦେଲେ । ସତରେ ବନ୍ଧନହୀନ ଯମୁନାର ଜଳକୁ ଆମେ ବନ୍ଧନଯୁକ୍ତ କରିବାର ଉପାୟ ଶିଖି ଯାଇଥିଲୁ ।

ପରଦିନ ଆମେ ଏକ ବିଶାଳ କୃଷିକ୍ଷେତ୍ର ନିକଟରେ ପହଞ୍ଚିଲୁ ।

ବଳରାମ ଭାଇନା ଏକ ବିଶାଳ ହଳ ନେଇ ଯାଇଥିଲେ । ଦୁଇଟି ହୃଷ୍ଟପୁଷ୍ଟ ବଳଦଙ୍କର ବେକ ଉପରେ ହଳର ଜୁଆଳି ରଖି ହଳକୁ ଯୋଚିଦେଲେ । ମୁଁ ମୋର ଗୋଷ୍ଠ ବାଡ଼ିରେ ବଳଦମ୍ୟନଙ୍କୁ ଟିକେ କେଞ୍ଚିଦେଲି  ।

ସତରେ ପାର୍ଥ ! ଜାଣିଛ ନା ! ମୋ ଜୀବନର ଏକ ନୂଆ ଅଧ୍ୟାୟ ଆରମ୍ଭ ହେଲା । ଜୀବନ ଓ ଜୀବିକାର ଏକ ଅଦ୍ଭୁତ ମିଶ୍ରିତ ସମ୍ଭାବନା ସୃଷ୍ଟି ହୋଇଗଲା । କୃଷକ ଯାଦବ କୃଷ୍ଣର ଜୀବନରେ କୃଷିର ଏକ ମହତ୍ତ୍ୱପୂର୍ଣ୍ଣ ଉଦ୍‌ଯୋଗ ପର୍ବ ଯୋଗ ହୋଇଗଲା । କୃଷକର କୋଦାଳ ମାଡ଼ରେ ଧରିତ୍ରୀ ମା'ର ଅନ୍ତଃସ୍ରାବୀ ଗର୍ଭରୁ ଶସ୍ୟର ଭଣ୍ଡାର ଯେମିତି ଫିଟି ପଡ଼ିଲା । ଭାଇନାଙ୍କର ହଳ ଚଳାଇବା ସାଙ୍ଗରେ ସମସ୍ତ ଯାଦବ କୃଷକମାନେ କୃଷିକ୍ଷେତ୍ରକୁ ହାଣି ହାଣି ସମତୁଲ କରିଦେଲେ । ସେଦିନ ସନ୍ଧ୍ୟାରେ ଭାଇନା ହଳ ଜୁଆଳିକୁ କାନ୍ଧରେ ନେଇ ଓ ମୁଁ ଗୋଠବାଡ଼ି ହଲାଇ ହଲାଇ ଯାଦବ ଦଳଙ୍କ ସହିତ ମଥୁରାର ପଶ୍ଚିମ ଦ୍ୱାର ଦେଇ ଫେରିଲାବେଳେ ମୋର ଗାଈମାନଙ୍କୁ ଧରି ଗୋପରେ ଧୂଳି ଉଡ଼ାଇ ଫେରିବାର କଥା ବେଶି ମନେପଡୁଥିଲା ।

ମୁଁ ହସି ହସି ଭାଇନାଙ୍କୁ ପଚାରିଲି, ''ଆଜିଠାରୁ ମୁଁ ତମକୁ ହଳଧର ଡାକିବି, ତମେ ରାଗିବନି ତ ଭାଇନା ? ଆଗରୁ ଆପଣ ଶଙ୍କର୍ଷଣ ଥିଲେ, ବର୍ତ୍ତମାନଠାରୁ ହଳଧର ମଧ୍ୟ ହୋଇଗଲେ ।''

ଭାଇନା କହିଲେ, ''ଅବଶ୍ୟ ! ତୁ ଡାକିବୁ । ତୁ ଯେତେବେଳେ ଯାହା କହୁ ଓ କରୁ ସବୁକୁ ମୁଁ ସ୍ୱୀକାର କରି ଆସିଛି । ଆଉ ଗୋଟେ କଥା ତୁ ଭଲଭାବରେ ଜାଣିଛୁ ଯେ ମତେ ଯେତେବେଳେ କ୍ରୋଧ ଆସେ ତାହା ସେତିକି ଶୀଘ୍ର ଶାନ୍ତ ହୋଇଯାଏ ।'' ମୁଁ ଭାଇନାଙ୍କ ସମର୍ପଣ ଭାବରେ ମନେ ମନେ ଖୁସି ହୋଇ ହସୁଥିଲି ।

ମଥୁରାର ଚାଷଭୂମିକୁ ଆମେ ଆହୁରି ଉର୍ବର ଶସ୍ୟଶ୍ୟାମଳ କରି ଦେଇଥିଲୁ । ରାଜ୍ୟର ଖାଦ୍ୟାଭାବ ଦୂର ହୋଇଯାଇଥିଲା । ମଗଧ ଆକ୍ରମଣରେ କ୍ଷତିଗ୍ରସ୍ତ ସୈନିକଙ୍କର ପରିବାରକୁ ଉପଯୁକ୍ତ କ୍ଷତିପୂରଣ ମଧ୍ୟ ଦିଆଯାଇଥିଲା ।

ଏହା ଭିତରେ ଚାରିବର୍ଷ ବିତିଯାଇଥିଲା । ମଥୁରା ଉପରେ ମଗଧ ଚାରିଥର ଆକ୍ରମଣ କରିସାରିଥିଲା । ଆମେ ଦୃଢ଼ତାର ସହିତ ମଗଧ ଆକ୍ରମଣର ସମ୍ମୁଖୀନ ହୋଇ ସେମାନଙ୍କୁ ଛତ୍ରଭଙ୍ଗ କରି ଦେଇଥିଲୁ ।

ସୁଲଗ୍ନାକୁ ବିଶେଷ ଗୁପ୍ତଚର ଭାବରେ ମଗଧକୁ ପ୍ରେରଣ କରାଯାଇଥିଲା । ସୁଲଗ୍ନାର ଅସାଧାରଣ ପ୍ରତ୍ୟୁତ୍ପନ୍ନମତିତା, କୂଟନୈତିକ ସୂକ୍ଷ୍ମତା ଓ କ୍ଷିପ୍ରତା ସହିତ ଗୁପ୍ତରେ ଆମ ନିକଟକୁ ସମ୍ବାଦ ପଠାଇବାର ଯୋଜନାବଦ୍ଧ ଉଦ୍ୟମ ପାଇଁ ଆମେ ସଫଳତାର ସହିତ ମଗଧର ଏ ପ୍ରକାର ଅନ୍ୟାୟ ଆକ୍ରମଣକୁ ପ୍ରତିହତ କରିପାରିଥିଲୁ ।

ଭାଇନା ସୁଲଗ୍ନାର ବିରହରେ ଭାରି ଛଟପଟ ହେଉଥିଲେ । ଦିନେ ସନ୍ଧ୍ୟାରେ ମତେ କହିଲେ, ''କାହ୍ନା ! ଅନେକ ଦିନ ହୋଇଗଲାଣି, ସୁଲଗ୍ନାର  କିଛି ସମ୍ବାଦ କାହିଁକି ଆସିଲାନିରେ ? ମୋ ମନକୁ ପାପ ଛୁଉଁଛି । ଏକୁଟିଆ ସେ ଝିଅଟା କେତେ ସେହି ବିପଦଜନକ ରାଜପ୍ରାସାଦରେ ଜୀବନଟାକୁ ବିପନ୍ନ କରୁଥିବ, କହିଲୁ । ତୁ ଯାହା କର ପଛେ ସୁଲଗ୍ନାକୁ ମଥୁରା ଫେରାଇ ଆଣ ।''

ଭାଇନାଙ୍କର ଆତୁରପଣ ସୁଲଗ୍ନା ପ୍ରତି ଅଗାଧ ଭଲପାଇବା ମତେ ଅଭିଭୂତ କରିଦେଇଥିଲା । ମୁଁ ଆଶ୍ୱାସନା ପୂର୍ବକ କହିଲି, ''ତମେ କାହିଁକି ଏମିତି ବ୍ୟସ୍ତ ହେଉଛ ଯେ । ସୁଲଗ୍ନା କ'ଣ ଛୋଟ ଛୁଆଟେ ହୋଇଛି କି ଡରିଯିବ ? ସେ ପରା ଅସାଧାରଣ ସାହାସିନୀ ଶକ୍ତିମୟୀ ଦାନବ ରାଜନନ୍ଦିନୀ ! ତା'ର ରକ୍ତରେ ବୀରତ୍ୱପଣ ପୂର୍ଣ୍ଣମାତ୍ରାରେ ପ୍ରବାହିତ ହେଉଛି । ସୁଲଗ୍ନା ଏଇ ଅଳ୍ପଦିନ ଭିତରେ ମଥୁରାରେ ଆସି ପହଞ୍ଚିବ ! ତୁମକୁ କ'ଣ ଗୋଟାଏ ଚମକପ୍ରଦ ନୂତନ ସମ୍ବାଦ ଦେଖାହେଲାବେଳେ କହିବ ବୋଲି ଜଣାଇଛି ।''

ଭାଇନା ମୋ କଥାରେ ଟିକେ ଲାଜେଇ ଗଲେ । ମୋ ମୁଣ୍ଡ ବାଳକୁ ଆଉଁଷି ଦେଇ କହିଲେ, ''କ'ଣ ନୂଆ କଥା କି ରେ ? ତୁ ତ ସବୁ କଥାରେ ଏମିତି ନାଟକୀୟତା ସୃଷ୍ଟି କରିବୁ । ସିଧା କଥା ତୁ କେବେହେଲେ କହିବୁ ନାହିଁ । ସେ କଥା କ'ଣ ମୁଁ ଜାଣିନି କିରେ ?''

ସୁଲଗ୍ନା ଯେ, ବଳରାମ ଭାଇନାଙ୍କ ସନ୍ତାନର ଜନନୀ ହେବାକୁ ଯାଉଛି ସେ କଥାର ସୂଚନା ମୁଁ ତା'ର ଦେହଲଗା ଦାସୀ ଶ୍ୟାମୋଠାରୁ ପାଇସାରିଥିଲି । ସୁଲଗ୍ନା କିପରି ଆନନ୍ଦରେ ଉଲ୍ଲସିତ ହୋଇ ଉଠୁଥିଲା, ବଳରାମଙ୍କର ସନ୍ତାନକୁ ନିଜ ଗର୍ଭରେ ସ୍ଥାନ ଦେବାର ଅପୂର୍ବ ମାତୃତ୍ୱ ସୁଖରେ ବିଭୋର ହୋଇ ଉଠୁଥିଲା । ବଳରାମ ଭାଇନାଙ୍କୁ ଜାଣିଶୁଣି ମୁଁ ଏକଥା କହିଲି ନାହିଁ । ସୁଲଗ୍ନା ମୁହଁରୁ ସେ କଥା ଶୁଣିଲେ କିପରି ଗଦ୍‌ଗଦ୍ ହୋଇ ଉଠିବେ ସେହି ମୁହୂର୍ତ୍ତକୁ ସେ ଅପେକ୍ଷା କରନ୍ତୁ ।

ଏହା ଭିତରେ ବଳରାମ ଭାଇନାଙ୍କର ଆଉ ଦୁଇ ଜଣ ଭାଇ ଜନ୍ମଗ୍ରହଣ କରିଥିଲେ । ଅର୍ଥାତ୍ ସାନ ମାଁ'ଙ୍କର ଦୁଇଟି ପୁତ୍ର ସନ୍ତାନ ଜନ୍ମ ହୋଇଥିଲେ । ଭାଇନା ଦୁଇ ଭାଇଙ୍କ ନାମକରଣ କରିଥିଲେ ଗଦ ଓ ସାରଣ । ଗଦ ସାରଣଠାରୁ ଦୁଇ ବର୍ଷ ବଡ଼ ଥିଲା । ଭାଇନା ନିଜର ପ୍ରିୟ ଅସ୍ତ୍ର ଗଦା ଅନୁସାରେ ଭାଇର ନାମ ଗଦ ବୋଲି ଦେଇଥିଲେ ।

ଗର୍ଗମୁନିଙ୍କ ଦ୍ୱାରା ବିଭିନ୍ନ ରାଜ୍ୟମାନଙ୍କରୁ ଆସିଥିବା ଦୂତମାନଙ୍କଠାରୁ ଏକ ମହତ୍ତ୍ୱପୂର୍ଣ୍ଣ ସୂଚନା ମିଳିଥିଲା । ସେହି ସୂଚନାଟି ଏହିପ୍ରକାର ଥିଲା—ଦ୍ରୁପଦ ତାତ ବସୁଦେବଙ୍କର ଭାଇ ଥିଲେ । ମଝି ମଝିରେ ପାଞ୍ଚାଳକୁ ଆସୁଥିବା ପ୍ରସିଦ୍ଧ ବିଦ୍ୱାନ ତଥା ଗୁରୁ ଆଚାର୍ଯ୍ୟ ସନ୍ଦିପନୀଙ୍କର ସେ ବଡ଼ ପ୍ରଶଂସା କରିଥିଲେ । ସାନ୍ଦିପନୀ ଆର୍ଯ୍ୟାବର୍ତ୍ତର ବିଭିନ୍ନ ସ୍ଥାନରେ ତାଙ୍କର ଆଶ୍ରମ ସବୁକୁ ପ୍ରତିଷ୍ଠା କରିସାରିଥିଲେ । ଜଣେ ମହାନ୍ ବ୍ରହ୍ମର୍ଷି, ମହାନ୍ ଆଚାର୍ଯ୍ୟ ଭାବରେ ସେ ନିଜର ଅସାଧାରଣ ପାଣ୍ଡିତ୍ୟ, ବିଦ୍‌ବତ୍ତା, ପ୍ରଜ୍ଞାର ଉତ୍କର୍ଷ ପ୍ରକାଶିତ କରିପାରିଥିଲେ ।

ମୋର ପିତା ବସୁଦେବ, ମହାରାଜ ଉଗ୍ରସେନ ତଥା ଗର୍ଗାଚାର୍ଯ୍ୟଙ୍କ ଦ୍ୱାରା ସର୍ବସମ୍ମତିକ୍ରମେ ନିର୍ଣ୍ଣୟ କରାଯାଇଥିବା ମୋର ଓ ଭାଇନାଙ୍କର ଭାବି ଗୁରୁଦେବ ! ସୁଦୂର ଦକ୍ଷିଣରେ ଅବନ୍ତୀ ଅରଣ୍ୟ ମଧ୍ୟରେ 'ଅଙ୍କପାଦ' ନାମକ ଆଶ୍ରମ ଥିଲା । ଗୁରୁ ସାନ୍ଦିପନୀଙ୍କର ପବିତ୍ର ଚରଣ ସ୍ପର୍ଶରେ 'ଅଙ୍କପାଦ' ଧନ୍ୟ ହୋଇଯାଇଥିଲା । ଆଚାର୍ଯ୍ୟ ସାନ୍ଦିପନୀଙ୍କର ଦର୍ଶନ ନିମନ୍ତେ ମୋ ମନ ବ୍ୟାକୁଳ ହୋଇଉଠିଲା । କାରଣ ଏହାପୂର୍ବରୁ ମୁଁ ଗୁରୁଦେବଙ୍କର ନାମ ଆଦୌ ଶୁଣି ନଥିଲି ।

ଆମର ପରିବାରର ପ୍ରମୁଖମାନେ ମଥୁରାର ମନ୍ତ୍ରୀପରିଷଦ ତଥା ଗର୍ଗମୁନି ଏମାନେ ସମସ୍ତେ ବସି ସ୍ଥିର କଲେ ଯେ ମୋର ଓ ବଳରାମ ଭାଇନାଙ୍କର ଜୀବନର ସର୍ବାଙ୍ଗୀନ ଶିକ୍ଷାଲାଭ ନିମନ୍ତେ ଆମକୁ ମହାନ୍ ଆଚାର୍ଯ୍ୟ ସାନ୍ଦିପନୀଙ୍କର ଅଙ୍କପାଦ ଆଶ୍ରମକୁ ପଠାଇବେ । ସର୍ବସମ୍ମତି କ୍ରମେ ଏହା ଠିକ୍ ହେଲା ଯେ ଆଚାର୍ଯ୍ୟ ସାନ୍ଦିପନୀଙ୍କର ଅଙ୍କପାଦ ଆଶ୍ରମ ଯିବା ପାଇଁ ଆମ ସହିତ ଆର୍ଯ୍ୟଶ୍ରେଷ୍ଠ

ଦେବଭାଗଙ୍କର ପୁତ୍ର ଉଦ୍ଧବ ଅବନ୍ତୀ ଯାତ୍ରା କରିବେ । ରାଜସାରଥି ଦାରୁକ ଆମକୁ ରଥରେ ନେଇ ଅବନ୍ତୀ ଯିବେ । ସେଥିପାଇଁ ମହାମନ୍ତ୍ରୀ ବିପୃଥୁ ସାରଥି ଦାରୁକଙ୍କୁ ଗୋଟିଏ ଦିନ ଆଗରୁ ମଥୁରା ପଠାଇଦେଲେ ।

ଦାରୁକ ସତରେ ଜଣେ ନିଷ୍ଠାବାନ ନମ୍ର ସାରଥି ଥିଲେ । ତାଙ୍କର ସମ୍ଭ୍ରାନ୍ତ ଚେହେରା ବ୍ୟକ୍ତିତ୍ୱକୁ ଯଥାର୍ଥରେ ପ୍ରମାଣିତ କରୁଥିଲା । ମୋ ସମ୍ମୁଖରେ ଅତ୍ୟନ୍ତ ନମ୍ରତାର ସହିତ ଆସି ଦାରୁକ ଅଭିବାଦନ ଜଣାଇ ଛିଡ଼ା ହେଲେ । ମୁଁ ତାଙ୍କ ନିକଟକୁ ଯାଇ ମୋ ହାତରେ ତାଙ୍କ କାନ୍ଧକୁ ଧରି, ଗଭୀରତାର ସହିତ ଆଖିକୁ ଅନାଇ କହିଲି, ''ଦାରୁକ ! ଅଶ୍ୱ ମୋର ସବୁଠାରୁ ପ୍ରିୟ । ପବନକୁ ଅତିକ୍ରମ କଲାଭଳି ତା'ର ଗତି ମୋର ସର୍ବାଧିକ ପ୍ରିୟ ଓ ଆକର୍ଷଣର କେନ୍ଦ୍ରବିନ୍ଦୁ । ଏହିଭଳି ଗତିମାନ, ଶକ୍ତିମାନ ଚାରି, ସାତ ଅଶ୍ୱମାନଙ୍କୁ ଅତ୍ୟନ୍ତ କୁଶଳତା ଓ ସଫଳତାର ସହିତ ତୁମେ ଯେପରି ନିୟନ୍ତ୍ରଣ କରିପାର ତାହା ମୁଁ ଅନେକ ଥର ଦେଖିଛି । ତେଣୁ ଅଶ୍ୱପରି ତୁମେ ମଧ୍ୟ ମୋର ଅତିପ୍ରିୟ ବ୍ୟକ୍ତି ।''

ମୋ କଥା ଶୁଣି ନିର୍ମଳ ନିଃଛଳ ହସ ହସିଦେଲା ଦାରୁକ । କିଛି କାହାକୁ ନ କହି ଖୁବ୍ ଶୀଘ୍ର ମୋ ପାଦ ତଳେ ମୁଣ୍ଡିଆ ମାରିଲା ଦାରୁକ । ମୁଁ ମନେ ମନେ ସ୍ୱଗତୋକ୍ତି କରୁଥିଲି 'ସାରଥ୍ୟ ଯୋଗ ! ଦାରୁକ ! ସାରଥି କରିବା ମଧ୍ୟ ଏକ ଯୋଗ । ଶୁଭଂ ଭବତୁ ।''

ତଳୁ ଦାରୁକକୁ ବକ୍ଷ ଉପରକୁ ଉଠାଇ ଆଣି ପ୍ରଗାଢ଼ ଭାବରେ ଆଲିଙ୍ଗନ କଲି ।

ଗର୍ଗମୁନିଙ୍କ ଦ୍ୱାରା ଅବନ୍ତୀ ଯିବା ନିମନ୍ତେ ଶୁଭ ଦିବସର ମୁହୂର୍ତ୍ତ ଧାର୍ଯ୍ୟ କରାଗଲା । ଦାରୁକ ରାଜପ୍ରସାଦର ମହାଦ୍ୱାର ନିକଟରେ ଚାରୋଟି ଲାଲ, କଳା, ବାଦାମୀ ଓ ଛିଟ ରଙ୍ଗର ଘୋଡ଼ାମାନଙ୍କୁ ରଥରେ ବାନ୍ଧି ରଥ ପ୍ରସ୍ତୁତ କରିଦେଇଥିଲେ । ମୁଁ ଓ ଭାଇନା, ପିତା ବସୁଦେବ, ଦେବକୀ ମା, ରୋହିଣୀ ମା', ଗର୍ଗମୁନିଙ୍କ ସମେତ ମନ୍ତ୍ରୀପରିଷଦର ଆଶୀର୍ବାଦ ନେଲୁ । ଗୁରୁ ଆଶ୍ରମକୁ ଯାତ୍ରା କରିବା ପୂର୍ବରୁ ଆମର ବ୍ରତଉପନୟନ ଉତ୍ସବ ଅନୁଷ୍ଠିତ ହୋଇସାରିଥିଲା । ବ୍ରତ ଉପନୟନର ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ଥିଲା ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ ଏବଂ ଭିକ୍ଷା ଗ୍ରହଣ ପୂର୍ବକ ଜୀବନଧାରଣ । ଏହି ଦୁଇଟି କାର୍ଯ୍ୟ ଉପବୀତ ଧାରଣ କରିବା ଦିନରୁ ହିଁ ଆରମ୍ଭ ହୋଇଯାଏ ।

ପ୍ରଥମ ଭିକ୍ଷା ମା'ଙ୍କ ହାତରୁ ଗ୍ରହଣ କରି ଗୁରୁ ଆଶ୍ରମକୁ ଯିବାକୁ ହୋଇଥାଏ । 'ଭବତ୍ ଭିକ୍ଷାଂ ଦେହି' ବୋଲି ମନ୍ତ୍ରୋଚ୍ଚାରଣ କରିବାକ୍ଷଣି ଜନନୀ ଦେବକୀମା' ଘିଅରେ ରନ୍ଧା ଯାଇଥିବା ଅନ୍ନ ମୋର ଭିକ୍ଷାପାତ୍ରରେ ଅଜାଡ଼ି ଦେଲେ ଓ ବ୍ୟାକୁଳ

ହୋଇ କାନ୍ଦି ଉଠିଲେ । ମୁଁ ମା'ଙ୍କ କାନ୍ଦୁରା ମୁହଁକୁ ଚାହିଁ ନିଜକୁ ଅତ୍ୟନ୍ତ ଅସହାୟ ଓ ଦୁର୍ବଳ ମନେକଲି । ମୋ ଆଖିରେ ମଧ୍ୟ ଲୁହ ଜକେଇ ଆସିଲା। ମୁଁ ମାଙ୍କୁ ପଚାରିଲି, ''ମା ! ମୁଁ ତ ବିଦ୍ୟା ଅର୍ଜନ କରିବା ପାଇଁ ଗୁରୁକୁଳକୁ ଯାଉଛି । ତୁମେ ଏତେ ବ୍ୟାକୁଳ କାହିଁକି ହେଉଛ ?''

ଅଶ୍ରୁ ଛଳଛଳ କଣ୍ଠରେ ଦେବକୀ ମା' କହିଲେ, ''କାହିଁକି ନା ନୀଳମଣି ! ତୋର ଯାତ୍ରାକୁ ମୋର ପ୍ରାଣରେ ଭୟ । କାରଣ ଭାଦ୍ରବକୃଷ୍ଣ ଅଷ୍ଟମୀ ତିଥିରେ ହିଁ ମୋ କୋଳରୁ ତୁ ବିଚ୍ଛିନ୍ନ ହୋଇଗଲୁ ଯେ ଯାଇ ଶୈଶବ ଉତ୍ତୀର୍ଣ୍ଣ ହେବାପରେ ଫେରିଲୁ । ପୁଣି ପାଠ ପଢ଼ିବାକୁ ଯିବାକୁ ବସିଛୁ, କେବେ ଫେରିବୁ, କେଜାଣି ।''

ମା'ଙ୍କର ଅହେତୁକ ଆଶଙ୍କା ପାଇଁ ତାଙ୍କୁ ସାନ୍ତ୍ୱନା ଦେବାକୁ ମୋ ପାଖରେ ସତରେ ପାର୍ଥ ! ସେଦିନ କୌଣସି ଉତ୍ତର ନଥିଲା । କିନ୍ତୁ ମନେ ମନେ ପ୍ରତିଜ୍ଞା କରୁଥିଲି ମା'ଙ୍କର ଏ ଲୁହ ବିନ୍ଦୁକୁ ମୁଁ ଏମିତି ବ୍ୟର୍ଥରେ ବୋହିଯିବାକୁ ଦେବିନାହିଁ । ଆଜି ଏଠାରେ ସେ ମୂଲ୍ୟ ଦେଇନପାରିଲେ ମଧ୍ୟ ଅନ୍ୟ କେଉଁଠି ଏହାର ଉପଯୁକ୍ତ ମୂଲ୍ୟାୟନ ହେବ । ତମେ ଜାଣିଛ ନା ପାର୍ଥ ! ଏହି ପ୍ରତିଜ୍ଞା ମୁଁ ପାଳନ କରିଛି ଗୁରୁଙ୍କ ଆଶ୍ରମରେ ଗୁରୁମାତାଙ୍କୁ ତାଙ୍କର ଏକମାତ୍ର ନିରୁଦ୍ଦିଷ୍ଟ ପୁତ୍ରକୁ ଫେରାଇ ଦେଇ ।

ଭବିଷ୍ୟତର ଘଟଣାଗୁଡ଼ିକ ସଙ୍କେତ ଭାବରେ ବର୍ତ୍ତମାନରେ ଆସି ସୂଚନା ଦେଇଯାଏ ଅର୍ଜୁନ ! ମୋର ଓ ଭାଇନାଙ୍କର ବ୍ରତଉପନୟନ ଉତ୍ସବ ସମୟରେ ଯୋଗଦେବା ପାଇଁ ଆମର ବନ୍ଧୁ ବାନ୍ଧବ, ଜ୍ଞାତି ପରିଜନ ପିତାଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ମଥୁରା ଆସିଥିଲେ । ହଁ, ନିମନ୍ତ୍ରିତ ହୋଇଥିଲେ ମୋର ଦୁଇଟି ପିଉସୀ । ଜଣେ ହସ୍ତିନାର ରାଜବଧୂ କୁନ୍ତୀ ଓ ଅନ୍ୟ ଜଣକ ହେଉଛନ୍ତି ଚେଦିରାଜ ଦମଘୋଷଙ୍କ ପତ୍ନୀ ଶ୍ରୁତଶ୍ରବା । କିନ୍ତୁ ବ୍ରତଉପନୟନ ଉତ୍ସବରେ ଯୋଗଦେବାପାଇଁ ପିଉସୀ କୁନ୍ତୀ ଆସିପାରି ନଥିଲେ । କାରଣ ସେତେବେଳକୁ ସେ ଏକ ପ୍ରଚଣ୍ଡ ଦୁର୍ଦ୍ଦିନର ସମ୍ମୁଖୀନ ହୋଇଥିଲେ ।

କିନ୍ତୁ ଚେଦିରାଣୀ ଶ୍ରୁତଶ୍ରବା ତାଙ୍କର ଏକମାତ୍ର ପୁତ୍ର ଶିଶୁପାଳ ସହିତ ମଥୁରା ଆସିଥିଲେ । ଶିଶୁପାଳ ଏକ ଅଦ୍ଭୁତ ଆକୃତିର ଶିଶୁ ଥିଲା । ସେ ଥିଲା ବିକଳାଙ୍ଗ ଏବଂ ତା'ର କଣ୍ଠସ୍ୱର ଥିଲା ଅତ୍ୟନ୍ତ କର୍କଶ । ପିଉସୀ ଶ୍ରୁତଶ୍ରବାଙ୍କୁ କେହି ଜଣେ ସିଦ୍ଧ ତପସ୍ୱୀ କହିଥିଲେ ଯେ, ତାଙ୍କର ଏହି ବିକଳାଙ୍ଗ ଶିଶୁଟି ଦିନେ ଅତ୍ୟନ୍ତ ମହାପରାକ୍ରମଶାଳୀ ହେବ । ଶିଶୁର ଏ ଯେଉଁ ଅଙ୍ଗ ବୈକଲ୍ୟ ରହିଛି ତାହା ସବୁଦିନ ରହିବ ନାହିଁ । ତପସ୍ୱୀ ଏହି ଭବିଷ୍ୟତବାଣୀ ମଧ୍ୟ କରିଥିଲେ ଶ୍ରୁତଶ୍ରବାଙ୍କର ରକ୍ତ ସମ୍ପର୍କୀୟ ଜଣେ ବ୍ୟକ୍ତିଙ୍କର ସ୍ପର୍ଶରେ ଏହି ଶିଶୁର ଅଙ୍ଗବୈକଲ୍ୟ ବିଲୁପ୍ତ

ହୋଇ ସେ ତା'ର ସ୍ୱାଭାବିକ ରୂପ ସୌନ୍ଦର୍ଯ୍ୟ ଫେରିପାଇବ । କିନ୍ତୁ ସେହି ବ୍ୟକ୍ତି ସୁଦୂର ଭବିଷ୍ୟତରେ ଏହି ପୁତ୍ରର ମୃତ୍ୟୁର କାରଣ ମଧ ହେବ ।''

ମାତା ଶ୍ରୁତଶ୍ରବାଙ୍କର ଏକମାତ୍ର ସ୍ୱପ୍ନ ଥିଲା ପ୍ରଥମେ ତାଙ୍କର ଜନ୍ମିତ ଶିଶୁପୁତ୍ରଟିର ଅଙ୍ଗ ବୈକଲ୍ୟ ଦୂର ହୋଇ ସର୍ବାଙ୍ଗ ସୁନ୍ଦର ହେଉ ଓ ଶକ୍ତିଶାଳୀ ହେଉ । ଆଉ ମୃତ୍ୟୁ କଥା ପରେ ଦେଖାଯିବ । ମୃତ୍ୟୁ ତ ଜନ୍ମମାତ୍ରକେ ଅଛି । କେଉଁ ଭବିଷ୍ୟତରେ ଦିନେ ହେବ ବୋଲି ଏତେ ଚିନ୍ତା କାହିଁକି ? ତେଣୁ ପିଉସୀ ଶ୍ରୁତଶ୍ରବା ମଥୁରାରେ ପହଞ୍ଚିଲାମାତ୍ରକେ ରାଜଭବନରେ ଉପସ୍ଥିତ ସମସ୍ତଙ୍କ କୋଳରେ ତାଙ୍କର ଅଦ୍ଭୁତ ଶିଶୁପୁତ୍ରକୁ ଦେଉଥିଲେ ଓ ଆଗ୍ରହରେ ନିରୀକ୍ଷଣ କରୁଥିଲେ ପୁଅର ବୈକଲ୍ୟ ଲୁପ୍ତ ହେଉଛି ନା ନାହିଁ । କିଛିକ୍ଷଣ ପରେ ସେ ପ୍ରକୃତିସ୍ଥା ହୋଇ ପୁଣି ଆଉ ଜଣଙ୍କର କୋଳକୁ ପୁଅକୁ ଧରିବାକୁ ଦେଉଥିଲେ ।

ଶ୍ରୁତଶ୍ରବା ପିଉସୀଙ୍କର ଏଭଳି କୋଳକୁ କୋଳ ପୁଅକୁ ଦେବାର ଘଟଣା ଅତ୍ୟନ୍ତ କୌତୁକାବହ ପରିସ୍ଥିତି ସୃଷ୍ଟି କରିଥିଲା । ମତେ ମଧ ଏହି କଥା ବଡ଼ ଆମୋଦିତ କରିଥିଲା । ତମେ ତ ଜାଣ ପାର୍ଥ ! ମୁଁ ପିଲାଦିନରୁ ହିଁ ନଟଖଟିଆ, ଖୁଦୁବୁଦିଆ । କେଉଁଠି ହେଲେ ନୀରବରେ ଧୀରସ୍ଥିର ହୋଇ ବସିବା ମୋ ଜାତକରେ ଲେଖା ହୋଇନାହିଁ । ମୁଁ ଭାଇନାଙ୍କୁ କହିଲି, ''ଭାଇନା ! ଚାଲଯିବା ସେ ପିଲାଟାକୁ ଧରିବା ।'' ଭାଇନା କହିଲେ, ''ମତେ ଏସବୁ ବାଜେ କଥା କହନା କାହ୍ନା ! ଛୋଟପିଲାମାନଙ୍କୁ ମୁଁ ଧରିପାରେ ନାହିଁ । ତୋ ଇଚ୍ଛା ଯାହା, କର ।''

ଭାଇନାଙ୍କର ଚିଡ଼ିବାଦେଖି ମୁଁ ତାଙ୍କୁ ଆଉ ରଗାଇଲି ନାହିଁ । ମୁଁ ଶ୍ରୁତଶ୍ରବା ପିଉସୀଙ୍କ ନିକଟକୁ ଯାଇ କହିଲି, ''ପିଉସୀ ! ମତେ ଟିକେ ପିଲାଟାକୁ ଦେଉନ । ଧରିବି ।''

ପିଉସୀ ମୋ କଥା ଶୁଣି ପୁଅ ଶିଶୁପାଳକୁ ମୋର କୋଳକୁ ଟେକିଦେଲେ । ମୁଁ ମଧ ଆଗ୍ରହର ସହିତ ଶିଶୁପାଳକୁ କୋଳେଇ ନେଲି । ହେଲେ ଏକ ଅସମ୍ଭବ ଆକସ୍ମିକ ଘଟଣାଟେ ଘଟିଲା ପାର୍ଥ ! ମୁଁ ଶିଶୁଟିକୁ କୋଳକୁ ନେଲାକ୍ଷଣି ସେ ବିକୃତସ୍ୱର ପରିବର୍ତ୍ତେ ମଧୁର ସ୍ୱରରେ କାନ୍ଦିବାକୁ ଲାଗିଲା । କେବଳ ସେତିକି ନୁହେଁ, ଦେଖୁ ଦେଖୁ ତା'ର ଅଙ୍ଗର ବୈକଲ୍ୟ ଆଖି ପିଛୁଳାକେ କେଉଁଆଡ଼େ ଉଭେଇଗଲା ଅର୍ଜୁନ ! ସମସ୍ତେ ଅବାକ୍ ହୋଇ ଏ ଅଲୌକିକ ଘଟଣା ଦେଖୁଥିଲେ ।

ପିଉସୀ ଶ୍ରୁତଶ୍ରବା ଆନନ୍ଦରେ ବିହ୍ୱଳିତ ହୋଇଯାଇ ଆମ ଉଭୟଙ୍କୁ କୁଣ୍ଢାଇ ପକାଇ କାନ୍ଦି ପକାଇଲେ । ଏଭଳି ଆକସ୍ମିକ ଘଟଣାରେ ମୁଁ ମଧ ଅଭିଭୂତ ହୋଇଯାଇଥିଲି । ଶ୍ରୁତଶ୍ରବା ଗଦ୍‌ଗଦ୍ ହୋଇ କହିଲେ, ''କୃଷ୍ଣ ! ତୋର ପିତାମହ

ସତ୍ୟବ୍ରତ ହେଉଛନ୍ତି ମୋ ପୁଅ ଶିଶୁପାଳର ମାତାମହ । ତୁମେ ଦୁଇଜଣ ରକ୍ତ ସମ୍ପର୍କୀୟ ଭାଇ । ତୁ ମୋର ଭାଇର ପୁଅ ତେଣୁ ମୋର ଅତି ଆଦରଣୀୟ । ତୁ ଆଜି ମତେ କଥା ଦେ ଅନ୍ତତଃ ଏକ ଶହ ଅପରାଧ ନକଲା ଯାଏ ତୁ ଶିଶୁପାଳ ଉପରେ କେବେହେଲେ ଭବିଷ୍ୟତରେ ଅସ୍ତ୍ରପ୍ରହାର କରିବୁନାହିଁ । ମୁଁ ଏବେଠାରୁ ଶିଶୁପାଳକୁ ଗୋଟିଏ କଥା ଶିକ୍ଷାଦେବି ଯେମିତି ସେ ତୋ ନିକଟରେ ଏକ ଶତ ଅପରାଧରେ କେବେହେଲେ ଅଭିଯୁକ୍ତ ନ ହୁଏ ।''

ମୁଁ ପିଉସୀଙ୍କର କଥା ଶୁଣି ହସିଲି । ପୁଣି ଭାବିଲି ମୋର ରକ୍ତସମ୍ପର୍କୀୟ ଭାଇ ଶିଶୁପାଳ କାହିଁକି ବା ମୋପାଖରେ ଶହେଟା ଅପରାଧ କରିବ ? ତଥାପି ପିଉସୀ ଶ୍ରୁତଶ୍ରବାଙ୍କୁ ପ୍ରତିଶ୍ରୁତି ଦେଲି ଯେ ତାଙ୍କ ପୁତ୍ର ଉପରେ ମୁଁ ଅସ୍ତ୍ରପ୍ରହାର କରିବି ନାହିଁ । ବଡ଼ ଆଶ୍ଚର୍ଯ୍ୟ, ପାର୍ଥ ! ମୁଁ ଗୁରୁକୁଳରେ ବିଧିବଦ୍ଧ ଅସ୍ତ୍ର ଶିକ୍ଷା ଗ୍ରହଣ କରିବା ପୂର୍ବରୁ ଯେମିତି ନିୟତିର ଯୁଦ୍ଧଶାଳାରେ ଶିଶୁପାଳ ନିମିତ୍ତ ଏକ ଅଦୃଶ୍ୟ ଅସ୍ତ୍ରଟିଏ ସଜ୍ଜିତ ହୋଇଗଲା । ବାସ୍ତବରେ ଏକଥାର ସତ୍ୟତା ନା ମୋର ପିଉସୀ ଶ୍ରୁତଶ୍ରବା ଜାଣିଥିଲେ ନା ଶିଶୁପାଳ ନା ମୁଁ ଜାଣିଥିଲି । ସେଦିନର ସେହି ଅଲୌକିକ ଘଟଣାଟି ଅବଶ୍ୟ ମୋ ପାଇଁ କୌତୁକପ୍ରଦ ଥିଲା ହେଲେ, ତାହାହିଁ ଶିଶୁପାଳ ମନରେ ସବୁଦିନ ପାଇଁ ମୋ ବିରୁଦ୍ଧରେ ବୈରଭାବ ସୃଷ୍ଟି କରିଦେଲା ।

ଶିଶୁପାଳ ତା'ର ଏ ପୁର୍ନଜନ୍ମ ପାଇଁ ସାରାଜୀବନ ମୋ ପାଖରେ କୃତଜ୍ଞ ରହିପାରିଥାନ୍ତା । ହେଲେ ପାର୍ଥ ! ତାହା ଥିଲା କାଳର ଅଲଂଘ୍ୟ କ୍ରୂର ନିଷ୍ପତ୍ତି । ଶିଶୁପାଳ ମୋର ଚରମ ଶତ୍ରୁରେ ପରିଣତ ହେବାର ଦୁର୍ଭାଗ୍ୟଜନକ ଅନତିକ୍ରମ୍ୟ ମୁହୂର୍ତ୍ତ । ଶେଷ ସମୟ ପର୍ଯ୍ୟନ୍ତ ନା ଶିଶୁପାଳ ମୋ ପ୍ରତି ଶତ୍ରୁତାରୁ ଓହରିଲା ନା ମୁଁ ନିଜକୁ ଅପସାରିତ କରିପାରିଲି ।

ମୋର ସାନ ଭାଇ ସ୍ନେହର ପାତ୍ର ହୋଇ ମୋର ସହଯୋଗୀ ହେବା ପରିବର୍ତ୍ତେ ଶିଶୁପାଳ ଅନ୍ତରରେ ମୋ ପ୍ରତି ଏକ ଆଚ୍ଛନ୍ନ ଈର୍ଷା, ବିଦ୍ୱେଷର ବୀଜ ଏଭଳି ସଞ୍ଚାରିତ ହୋଇ ରହିଲା, ଯାହାକି ତାକୁ ଚିରକାଳ ମୋର ବିପକ୍ଷ ଶତ୍ରୁ ଶିବିରରେ ଏକ ପ୍ରଚଣ୍ଡ ବିରୁଦ୍ଧ ଶକ୍ତି ଭାବରେ ଠିଆ କରାଇଦେଲା । ମଥୁରାର ଚିରଶତ୍ରୁ ଜରାସନ୍ଧ ଶିବିରରେ ପରବର୍ତ୍ତୀ ସମୟରେ ଶିଶୁପାଳ ଏକ ପ୍ରମୁଖ ପରାମର୍ଶଦାତା ଭାବରେ ଯୋଗଦେଲା । ତେଣୁ ଅର୍ଜୁନ ! ସମୟର ଅସାଧାରଣ ଶକ୍ତି ଆଗରେ ମୁଁ ସର୍ବଦା ନତମସ୍ତକ ହୁଏ । ଇତିହାସ କେଉଁ ଆଡ଼େ କଡ଼ ଲେଉଟାଇବ ତାହା କ'ଣ ତୁମ ହାତରେ ଥିଲା ନା ମୋ ହାତରେ ଅଛି ? ଯାହା ଅବଶ୍ୟମ୍ଭାବୀ ତାହା ବର୍ତ୍ତମାନ ରୂପରେ ଆମ ନିକଟରେ ଉଭା ହେଉଛି ସିନା । ଗ୍ରହଣଶୀଳତା ନଥିଲେ ଜୀବନର ଏତେସବୁ ଆହ୍ୱାନକୁ କ'ଣ ସହଜରେ ଅତିକ୍ରମ କରିହେବ ? ସମସ୍ତ ବିରୋଧାଭାସ ଓ ପ୍ରତିକୂଳ ପରିସ୍ଥିତି ହିଁ ମଣିଷକୁ ଏକ

ବାସ୍ତବ ଅବବୋଧ ପ୍ରଦାନ କରେ, ଅର୍ଜ୍ଜୁନ । ଯେଉଁ ମୁହୂର୍ତ୍ତରେ ଆମେ ଏକ ଅନୁକୂଳ ଆଚରଣ କରିବାକୁ ତତ୍ପର ହୋଇଉଠୁ ସେଠାରେ ସେହି ପ୍ରଭାବଟି ବଳବତ୍ତର ହୋଇ ରହେ । ତେଣୁ ମୋ ଜୀବନର ସମସ୍ତ ପ୍ରତିକୂଳ ଅବସ୍ଥା ମତେ ସବୁ ସମୟରେ ପ୍ରତ୍ୟେକ ପରିଣାମକୁ ସମନିଷ୍ଠାପରତାର ସହିତ ଗ୍ରହଣ କରି ତାକୁ ଏକ ସକାରାତ୍ମକ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ କରିଥିଲା । ସେଥିପାଇଁ ତାହା ପ୍ରେମ ହେଉ କି ଯୁଦ୍ଧ, ଯାହା ହେଉନା କାହିଁକି ବାସ୍ତବ ସମାଧାନ ଏବଂ ଦୃଷ୍ଟିକୋଣ ମତେ ସବୁ ସମୟରେ ବାସ୍ତବଧର୍ମୀ ହେବାରେ ସାହାଯ୍ୟ କରିଥିଲା, ପାର୍ଥ ! କୌଣସି ପରିସ୍ଥିତିରେ ନିଜ ଉପରୁ ଅତ୍ୟଧିକ ଉତ୍ତେଜନା, ଭୟରୁ ନିୟନ୍ତ୍ରଣ ହରାଇ ଆବେଗ ପ୍ରବଣତାରେ ଭାସିଯାଇ କାର୍ଯ୍ୟ କରିବା ମତେ କେବେହେଲେ ପ୍ରେରିତ କରିପାରୁ ନଥିଲା । ନିଜ କର୍ମରେ ଯାହା ଘଟୁଛି, ଯାହା ଘଟିଯାଇଛି, ଯାହା ଘଟିବାକୁ ଅଛି ଏସବୁଥିରେ ଏକ ସୂକ୍ଷ୍ମ ଯୋଗସୂତ୍ର ରହିଛି । ତାହାହିଁ ଆମ ମନରେ, ହୃଦୟରେ ଅନେକ ଅର୍ନ୍ତଦୃଷ୍ଟି ସୃଷ୍ଟି କରିବାରେ ସହଯୋଗ କରୁଛି ବୋଲି ଅଜଣା ଭବିଷ୍ୟତର ଅନେକ ସମ୍ଭାବନାକୁ ଜନ୍ମ ଦେଉଛି । ବିଭିନ୍ନ ବ୍ୟକ୍ତି, ଚରିତ୍ର, ଘଟଣାଗୁଡ଼ିକ ସଂଯୋଜିତ ହୋଇ ସେହି ସମ୍ଭାବନା ସବୁକୁ ରୂପାୟିତ କରୁଛନ୍ତି । ତେଣୁ ଦୁଃଖ ହେଉ କି ସୁଖ ହେଉ ସବୁ ସମୟରେ ସମାନ ଭାବରେ ନିଜକୁ ସ୍ଥିର ରଖିବା । କାରଣ ଦୁଃଖ କଷ୍ଟ ହେଉଛି ଆନନ୍ଦର ଅବଚୈତନିକ ପରିଣତି । ଠିକ୍ ସେମିତି ଆନନ୍ଦ ସୁଖ ମଧ୍ୟ ଦୁଃଖ ଯନ୍ତ୍ରଣାର ପରିବର୍ତ୍ତିତ ପରିଭାଷା ।

ସେଥିପାଇଁ ଅର୍ଜ୍ଜୁନ ! କୌଣସି ସମୟରେ କଷ୍ଟଯନ୍ତ୍ରଣା ହେଉଛି ବୋଲି ତାକୁ ଦୂରେଇ ଦେବା ଉଚିତ ନୁହେଁ । ଆନନ୍ଦ ମିଳୁଛି ବୋଲି ଅଭିଭୂତ ହୋଇଯିବାର ଆବଶ୍ୟକତା ଵି ନାହିଁ । ସମସ୍ତ ସୀମାରେଖାକୁ ଅତିକ୍ରମ କରିବାର ସାମର୍ଥ୍ୟ ମଧ୍ୟ ରହିବା ଉଚିତ । ନହେଲେ ନିଃସର୍ତ୍ତ ଗ୍ରହଣଶୀଳତା ଜୀବନରେ ପ୍ରତିଫଳିତ ହୋଇପାରିବ ନାହିଁ । ଜୀବନକୁ ସମପରିମାଣରେ, ସମଦୃଷ୍ଟିଭଙ୍ଗୀରେ କୌଣସି କାରଣ, ବିଚାର ବିନା ଗ୍ରହଣ କରିପାରିବା ହିଁ ଏକପ୍ରକାର ଆଶୀର୍ବାଦ ଓ ଶୁଭେଚ୍ଛା ଅର୍ଜ୍ଜୁନ !

ମୁଁ ଓ ଭାଇନା ଆଚାର୍ଯ୍ୟ ସାନ୍ଦିପନୀଙ୍କର ଅଙ୍କପାଦ ଆଶ୍ରମକୁ ଯିବା ନିମନ୍ତେ ପ୍ରସ୍ତୁତ ହୋଇ ଆମ ପିତା, ମାତା, ଭାଇ ଓ ଭଉଣୀ ତଥା ମଥୁରାବାସୀଙ୍କଠାରୁ ବିଦାୟନେଲୁ ।

ଦାରୁକର ରଥ ଉପରେ ବସିଲାପରେ ତା' କାନରେ ମୁଁ ଫିସ୍‌ଫିସ୍ କହିଲି, ''ବନ୍ଧୁ, ତୁମର ରଥର ଅଶ୍ୱମାନେ ସତରେ ଗତିମାନ୍ । ହେଲେ ଭିନ୍ନ ଭିନ୍ନ ରଙ୍ଗଗୁଡ଼ାକ କାହିଁକି କେଜାଣି ମୋ ମନକୁ ପାଉନାହିଁ । ପୁଣି ଆମକୁ ଗୁରୁକୁଳରୁ ଶିକ୍ଷା ଶେଷ ପରେ ଯେତେବେଳ ନେବାକୁ ଆସିବନା ସେତେବେଳେ ଚାରୋଟି ଏକାଭଳି, ଏକା ବୟସର, ଏକା ରଙ୍ଗର ଅର୍ଥାତ୍ ଦୁଗ୍ଧଧବଳବର୍ଣ୍ଣା ହୃଷ୍ଟପୁଷ୍ଟ ସୁଲକ୍ଷଣଯୁକ୍ତ ଅଶ୍ୱମାନଙ୍କୁ ରଥରେ ଯୋଚିବ । ତୁମର ଏକଥା ମନେ ରହିବ ତ !''

ଅଶ୍ୱମାନଙ୍କର ଲାଞ୍ଜାକୁ ବାଡ଼ିରେ ଖେଞ୍ଚି ଦେଇ ରଥକୁ ଦୌଡ଼ାଇ ଦାରୁକ କହିଲା, ''ମୁଁ କେମିତି ଏକଥା ଭୁଲିପାରିବି ଶ୍ରୀକୃଷ୍ଣ ମହାରାଜ ! ଆପଣ ଯାହା କହିବେ, ତାକୁ ଶୁଣିବା ପାଇଁ, ଯାହା ଦେଖାଇବେ, ତାହା ଦେଖିବା ଭିତରେ ହିଁ ମୋର ଜନ୍ମ ହୋଇଛି ।''

ଗୋପପୁର ଓ ମଥୁରା ବ୍ୟତୀତ ମୋ ଜୀବନର ଏହାହିଁ ପ୍ରଥମ ଓ ସବୁଠାରୁ ଲମ୍ବା ଯାତ୍ରା ଥିଲା । ଦାରୁକ ରଥ ସହିତ ଆମକୁ ନେଇ ନୌକା ଦ୍ୱାରା କେତୋଟି ନଦୀ ପାର କରାଇଲା । ପ୍ରତି ପନ୍ଦର କୋଡ଼ିଏ ଯୋଜନ ପଥ ଯିବା ଭିତରେ ପ୍ରକୃତିର ଅପୂର୍ବ ମନୋଭିରାମ ରୂପ ମତେ ମୁଗ୍ଧ ବିହ୍ୱଳିତ କରି ଦେଉଥିଲା । ମୁଁ ଅତ୍ୟନ୍ତ ବିଭୋର ହୋଇ ସେହିସବୁ ରୂପମାଧୁରୀକୁ ଆକଣ୍ଠ ପାନ କରୁଥିଲି । ଅନେକ ଛୋଟ ବଡ଼ ଝରଣା ମଧ ବାଟରେ ପଡ଼ିଲା ।

ମୋର ଓ ଭାଇନାଙ୍କ ପାଇଁ ଭୋଜନ ରାନ୍ଧିବା, ବଣରୁ ପାଚିଲା ଫଳ ତୋଳି ଆଣିବା, ଆମ୍ବ କିମ୍ବା ଅଶୋକ ବୃକ୍ଷ ମୂଳରେ ଆମ ପାଇଁ ବିଛଣା ପାରିଦେବା ପ୍ରଭୃତି କାମଗୁଡ଼ିକ ଉଦ୍ଧବ ଓ ଦାରୁକ ଅତ୍ୟନ୍ତ ନିଷ୍ଠା ଓ ଆତ୍ମୀୟତାର ସହିତ କରୁଥିଲେ । ଏମିତି ଯାଉ ଯାଉ ପ୍ରାୟ ଏକମାସ ପରେ ଆମେ ଅବନ୍ତୀ ରାଜ୍ୟର ଅରଣ୍ୟାଞ୍ଚଳରେ ପ୍ରବେଶ କଲୁ । ଘନ ବୃକ୍ଷଲତା ଦ୍ୱାରା ପରିପୂର୍ଣ୍ଣ, ପଶୁପକ୍ଷୀଙ୍କର କାକଳି ଧ୍ୱନିରେ ଏହି ଅରଣ୍ୟାନୀ ପୂରି ଉଠୁଥିଲା । ଅନେକଗୁଡ଼ିଏ ଛୋଟ ନଦୀ ସବୁ ପାରିହୋଇ ଶେଷରେ ଆମ୍ଭେମାନେ ବିଖ୍ୟାତ କ୍ଷିପ୍ରା ନଦୀ କୂଳରେ ପହଞ୍ଚିଲୁ । କ୍ଷିପ୍ରା ଅର୍ଥାତ୍ ଅତ୍ୟନ୍ତ ଗତିମାନ । କ୍ଷିପ୍ରା ନଦୀ ବହୁତ ଲମ୍ବା ଥିଲା, ଚୌଡ଼ା ମଧ ସେତିକି ଥିଲା ।

କ୍ଷିପ୍ରାର ଜଳ ସ୍ଫଟିକ ଭଳି ଶୁଭ୍ରସମ୍ପନ୍ନ ଓ ବିଶାଳ ଥିଲା । କିନ୍ତୁ ଯମୁନା ତୁଳନାରେ ତାହା ଛୋଟ ଥିଲା । ଅବନ୍ତୀ ଅରଣ୍ୟର ଏକ ବିଶେଷତ୍ୱ ଥିଲା ଅନେକଗୁଡ଼ିଏ ଛୋଟ ବଡ଼ ସରୋବର ପ୍ରାକୃତିକ ଉପାୟରେ ସେଠାରେ ସୃଷ୍ଟି ହୋଇଥିଲା । ସରୋବରମାନ ନୀଳ, ଧଳା, ରକ୍ତବର୍ଣ୍ଣ ତଥା ହଳଦିଆ ଧଳାମିଶା କଇଁଫୁଲମାନଙ୍କରେ ଭର୍ତ୍ତି ହୋଇଥିଲା । ସତରେ ଅର୍ଜୁନ ! ପଦ୍ମ ଓ କଇଁଫୁଲରେ

ଭର୍ତ୍ତି ପୁଷ୍କରିଣୀ, ବିଶାଳ ଗଛ ବୃକ୍ଷରେ ଭର୍ତ୍ତି ଅରଣ୍ୟ ଅଞ୍ଚଳ, ପଶୁପକ୍ଷୀଙ୍କ ରାବରେ ଭାରି ସୁନ୍ଦର ଆକର୍ଷଣୀୟ ହୋଇଥିଲା । ଅବନ୍ତୀର ପ୍ରାକୃତିକ ଶୋଭାର ଅବର୍ଣ୍ଣନୀୟତା ମୋତେ ଗୋପର ସ୍ନିଗ୍ଧତାକୁ ବାରମ୍ବାର ମନେପକାଇ ଦେଉଥିଲା ।

ଏକ ସଶକ୍ତ ନୌକାରେ ଆମେ ରଥ ସହିତ କ୍ଷିପ୍ରା ନଦୀ ପାର ହେଲୁ । ଅବନ୍ତୀ ରାଜ୍ୟରେ ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠ ଆଚାର୍ଯ୍ୟ ସାନ୍ଦିପନୀଙ୍କର ଆଶ୍ରମ ଦୂରରୁ ଦେଖାଯାଉଥିଲା । ମୁଁ ଏଇଠାରେ ଦାରୁକକୁ ରଥକୁ ରଖିବାକୁ କହିଲି । ରଥରୁ ଆମେ ସାଙ୍ଗରେ ଆଣିଥିବା କେତେକ ଛୋଟ ବଡ଼ ବସ୍ତୁକୁ ନେଇ ଆସିଲୁ । ପ୍ରଗାଢ଼ ଆଲିଙ୍ଗନ ସହ ମୁଁ ଦାରୁକକୁ ବିଦାୟ ଦେଲି । ଦାରୁକ ଆମକୁ ଅଶ୍ରୁଳ ଆଖିରେ ବିଦାୟ ଦେଇ ସେହିଠାରୁ ଫେରିଗଲା ।

ନିଜ ନିଜ ପୋଟଳିକୁ କାନ୍ଧରେ ପକାଇ ଆମେ ତିନିଜଣ... ମୁଁ, ଭାଇନା ଓ ଉଦ୍ଧବ ଖାଲିପାଦରେ ଗୁରୁଦେବଙ୍କ ଆଶ୍ରମ ଆଡ଼କୁ ଅଗ୍ରସର ହେଲୁ । ପଛରେ ରହିଗଲା ମୋର ପ୍ରିୟ ବାଲ୍ୟ କୈଶୋର କ୍ରୀଡ଼ାଭୂମି ଗୋପପୁର, ନନ୍ଦବାବା, ମା, ସାନମା, ସାଙ୍ଗସାଥୀ, ଜଜାମାନେ, ମୋର ପ୍ରିୟ ଗାଈଗୋଠ, ଗୋପବାସୀ ଆଉ ମୋର ପ୍ରାଣପ୍ରିୟା ରାଧା । ମୋର ପ୍ରାଣସଙ୍ଗୀତର ଅପୂର୍ବ ସ୍ୱର ଲହରୀରେ ମୋର ମୋହନ ବଂଶୀର ଧ୍ୱନିକୁ ଗୁଣୁଗୁଣୁଉ ଥିଲି । ମଥୁରାର ମନ୍ତ୍ରୀପରିଷଦ ଓ ପିତାମାତାଙ୍କ ଦ୍ୱାରା ପ୍ରେରିତ ହୋଇଥିବା ଆମେ ଓ ଆମର ପରିଚୟ ଥିଲା ଆଜିଠାରୁ କେବଳ ଆଶ୍ରମ କୁମାର ।

ଆମେ ତିନିଜଣ ଆଚାର୍ଯ୍ୟଙ୍କର ଅଙ୍କପାଦ ଆଶ୍ରମର କଶ୍ୟପ ନାମକ ପୂର୍ବ ପ୍ରବେଶଦ୍ୱାରର ଆଗରେ ଯାଇ ଛିଡ଼ା ହେଲୁ । ଠିକ୍ ସେହି ସମୟରେ ସୂର୍ଯ୍ୟୋଦୟ ହେଉଥିଲା । ତାହାର କିରଣରେ ଆଶ୍ରମର ପରିବେଶ ସ୍ୱର୍ଣ୍ଣମୟ ପ୍ଲାବନରେ ଉଦ୍‌ଭାସିତ ହୋଇ ଉଠୁଥିଲା । ସୂର୍ଯ୍ୟଙ୍କର ସେହି ସତେଜ କିରଣ ଯେମିତି ମତେ ଏକ ଭିନ୍ନ ବିଶ୍ୱ, ଏକ ଅଲଗା ଜ୍ଞାନ-ସାଧନାର ପ୍ରବେଶ ଦ୍ୱାରରେ ପହଞ୍ଚାଇ ଦେଇଥିଲା । କୁଟୀର ମଧ୍ୟକୁ ଆମେ ତିନିଜଣ ପ୍ରବେଶ କରିବା ପୂର୍ବରୁ ସେହି ପବିତ୍ର ପରିବେଶର ମାଟିକୁ ହାତରେ ନେଇ ମସ୍ତକରେ ଲଗାଇଲୁ ଏବଂ ଆମର ଭକ୍ତିପୂତ ପ୍ରଣାମ ଜଣାଇଲୁ ।

ଆମର ଆଶ୍ରମରେ ସ୍ୱାଗତ ପାଇଁ ଆଚାର୍ଯ୍ୟଙ୍କ ଦ୍ୱାରା ପଠାଯାଇଥିବା ଦୁଇଜଣ ଆଶ୍ରମ କୁମାର ଅତ୍ୟନ୍ତ ଆତ୍ମୀୟତାର ସହିତ ଆମର ଅଭିବାଦନ କଲେ । ଆମେ ପରସ୍ପରକୁ କୋଳାଗ୍ରତ କଲୁ । ମୁଁ ସେଠାରେ ଆଶ୍ରମ ପରିବେଶକୁ ନିରେଖି ଦେଖୁଥିଲି । ଆରେ ଇଏତ ମୋର ଅନ୍ୟ ଏକ ଗୋକୁଳ । ସାଧନାର, ଜ୍ଞାନର ଓ ସଂସ୍କାରର ଗୋକୁଳ । ଆଶ୍ରମରେ ମଧ୍ୟ ତାହାର ପରିସରକୁ ଘେରି କରି ସୁଦୃଢ଼

କାଠର ବାଡ଼ ଦ୍ୱାରା ନିବୁଜ କରାଯାଇଥିଲା । ଆଶ୍ରମର ଗୋ-ସମ୍ପଦକୁ ହିଂସ୍ରଜନ୍ତୁମାନଙ୍କ କବଳରୁ ରକ୍ଷା କରିବାପାଇଁ ଆଶ୍ରମର କୁମାରମାନେ ନିଯୁକ୍ତ ଥିବାବେଳେ ଗୋସମ୍ପଦକୁ ରକ୍ଷା କରିବାପାଇଁ କୁକୁରମାନଙ୍କୁ ପାଳନ କରାଯାଉଥିଲା । ସେମାନଙ୍କର ରହିବା ଘର ମଧ ତିଆରି କରାଯାଇଥିଲା ।

ବାଡ଼ ଭିତରେ ଚାରିଆଡ଼େ ପର୍ଣ୍ଣ କୁଟୀର ତିନି ଭାଗରେ ତିଆରି ହୋଇଥିଲା । ମଝିରେ ଗାଈମାନଙ୍କୁ ରଖିବାପାଇଁ କାଠର ଖୁଣ୍ଟି ପୋତାଯାଇଥିଲା । ଚାରା ରଖିବା ପାଇଁ କାଠର ମଞ୍ଚା ତିଆରି ହୋଇଥିଲା । ବାଡ଼କୁ ଲାଗିକରି ଥିବା ପର୍ଣ୍ଣ କୁଟୀରରେ ଗୁରୁଙ୍କର ସେବାପାଇଁ ସର୍ବଦା ଆଶ୍ରମରେ ରହୁଥିବା ଶିକ୍ଷା ଶେଷ କରିଥିବା ଶିଷ୍ୟମାନଙ୍କର ଥିଲା । ଏମାନଙ୍କୁ ଆଶ୍ରମ ସେବକ କୁହାଯାଉଥିଲା । ତା ପାଖକୁ ଯେଉଁ ପର୍ଣ୍ଣକୁଟୀରଟି ଥିଲା ସେଥିରେ ଆଶ୍ରମରେ ଶିକ୍ଷାଗ୍ରହଣ କରୁଥିବା ଶିଷ୍ୟମାନେ ରହୁଥିଲେ । ଏହି କୁଟୀରରରେ ପୂର୍ବଦିଗରୁ କଳିଙ୍ଗ, ଅଙ୍ଗ, ବଙ୍ଗ, ମଗଧ, କାମରୂପ, ଦକ୍ଷିଣ ଦିଗରୁ ପାଣ୍ଡ୍ୟ, ବନବାସୀ, ଅଶ୍ମକ, ବିଦର୍ଭ, କୋଶଳ, ମହାରଟ୍ଟ ଏବଂ ପଶ୍ଚିମ ଦିଗରୁ ଆନର୍ତ୍ତ, ସୌରାଷ୍ଟ୍ର, ସୌବୀର, ଉତ୍ତର ଦିଗରୁ ପଞ୍ଚନଦ, କାଶ୍ମୀର, କୁରୁ ଜାଙ୍ଗଲ, ପାଞ୍ଚାଳ, ବତ୍ସ, ଚେଦି ପ୍ରଭୃତି ରାଜ୍ୟମାନଙ୍କରୁ ଶିଷ୍ୟମାନେ ଆସି ସେଠାରେ ପଢୁଥିଲେ । ଅନ୍ୟ ଏକ ପଂକ୍ତିରେ ଭିନ୍ନଭିନ୍ନ ବିଷୟରେ ନିଷ୍ଣାତ ଉପଆଚାର୍ଯ୍ୟମାନେ ପଢ଼ାଉଥିଲେ । ମୁଁ ଆଚାର୍ଯ୍ୟଙ୍କର ଦୂରଦର୍ଶିତାରେ ବିସ୍ମିତ ହୋଇପଡ଼ିଲି । ଶିଷ୍ୟମାନେ ସର୍ବଦା ତାଙ୍କ ଆଖି ଆଗରେ ଯେମିତି ରହିପାରିବେ ସେଥିପାଇଁ ସେ ରହୁଥିବା ପର୍ଣ୍ଣକୁଟୀରକୁ ମଝିରେ ରଖି ତିଆରି କରିଥିଲେ ।

ମଝିରେ ବଡ଼ ସୁନ୍ଦର ଭାବରେ ଉଚ୍ଚା ଦେଖାଯାଉଥିବା ଭବ୍ୟ କୁଟୀରଟି ଥିଲା ଆଚାର୍ଯ୍ୟଙ୍କର । କୁଟୀରର ଛାତ ଉପରେ ପାଞ୍ଚ ହାତ ଲମ୍ବର ତିନିକୋଣିଆ ଧଳା ପତାକା ବନ୍ଧା ଯାଇଥିଲା । ଆମେ ପହଞ୍ଚିଲାବେଳକୁ ସମସ୍ତ ଉପ ଆଚାର୍ଯ୍ୟମାନେ ସେମାନଙ୍କର ଶିଷ୍ୟମାନଙ୍କୁ ନେଇ ଅଧ୍ୟୟନ କାର୍ଯ୍ୟରେ ବ୍ୟସ୍ତ ଥିଲେ । ଆଚାର୍ଯ୍ୟ କୁଟୀରରେ ଗୁରୁପତ୍ନୀଙ୍କର ଗୋଟିଏ ଅନ୍ତଃପୁର କକ୍ଷ ମଧ ଥିଲା । ମୁଖ୍ୟ କୁଟୀରର ବାମ ପଟରେ ଘାସ, କାଠିକୁଟାର ଛପର କରାଯାଇ କେତେକ କୋଠରି ମଧ ନିର୍ମିତ ହୋଇଥିଲା । ତାହାକୁ ଭଣ୍ଡାର ଗୃହ ବୋଲି କୁହାଯାଉଥିଲା । ସେହି ଭଣ୍ଡାର ଘରେ ଧାନ, ବସ୍ତ୍ର, ଶସ୍ତ୍ର, ବନୌଷଧି, ଇନ୍ଧନ ପ୍ରଭୃତି ଆବଶ୍ୟକୀୟ ବସ୍ତୁଗୁଡ଼ିକ ରଖାଯାଉଥିଲା । ଡାହାଣପଟରେ ଗାଈମାନଙ୍କର ଗୋଠଚାଳିଆଥିଲା ।

ଆଶ୍ରମକୁ ଦେଖି ଦେଖି ଆଶ୍ରମ କୁମାରମାନଙ୍କର ପଛରେ ଆମେ ଚାଲୁଥିଲୁ । ମଝିରେ ଭାଇନା, ଡାହାଣ ପଟରେ ମୁଁ ଏବଂ ବାମ ପଟରେ ଉଦ୍ଧବ ଚାଲୁଥିଲୁ । ଯାଦବ ମାନଙ୍କର ଅଠର କୁଳମାନଙ୍କ ମଧ୍ୟରେ ବୃଷ୍ଣି ଅନ୍ଧକ ଯାଦବ ବଂଶର ଆମେ

ହିଁ ପ୍ରଥମ କୁମାର ଥିଲୁ ଏହି ଆଶ୍ରମରେ ପଢ଼ିବାପାଇଁ । ମତେ ଭାରି ଖୁସି ଲାଗୁଥିଲା ଆଶ୍ରମର ଶୈକ୍ଷିକ, ନୈସର୍ଗିକ ପରିବେଶ ସ୍ୱତଃ ପଢ଼ିବାର ପ୍ରେରଣା ପ୍ରାଣରେ ସୃଷ୍ଟି କରୁଥିଲା ।

ଯାହାହେଉ ଆମକୁ ଏଭଳି ଏକ ସୁଯୋଗ ଆମ ଅଜାଣତରେ ଅଦେଖା ମହାରାଜ ଦ୍ରୁପଦଙ୍କ ଦ୍ୱାରା ପ୍ରାପ୍ତ ହୋଇଥିଲା, ସେଥିପାଇଁ ମୁଁ ତାଙ୍କୁ ମୋର କୃତଜ୍ଞତା ଜଣାଉଥିଲି । ଆଚାର୍ଯ୍ୟ ଆମକୁ କିପରି ଗ୍ରହଣ କରିବେ ସେ କଥା ମନେ ମନେ ଭାବୁ ଭାବୁ ଆମେ ଆଚାର୍ଯ୍ୟଙ୍କ କୁଟୀର ପାଖକୁ ଆସିଗଲୁ । ଅଜଣା ଲୋକଙ୍କୁ ଦେଖି ଆଶ୍ରମ କୁକୁରମାନେ ଭୁକି ଉଠିଲେ । ତାଙ୍କ ଆଡ଼କୁ ଚାହିଁ ମୁଁ ଧୀରେ ଧୀରେ କହିଲି, 'ଚୁପ୍ ହୋଇଯାଅରେ ଗ୍ରାମର ସିଂହମାନେ ! ଚୁପ୍ ହୋଇଯାଅ !'' କିଛିକ୍ଷଣ ମଧ୍ୟରେ କୁକୁରମାନଙ୍କର ଭୁକିବା ବନ୍ଦ ହୋଇଗଲା ।

ଆଚାର୍ଯ୍ୟଙ୍କର ମୁଖ୍ୟ ଆଶ୍ରମ ଭିତରକୁ ଆମେ ପ୍ରବେଶ କଲୁ । ଗୃହ ମଝିରେ ପଟି ଉପରେ ମୃଗ ଚର୍ମକୁ ପ୍ରଶସ୍ତ ଭାବରେ ବିଛାଯାଇଥିଲା । ତା ଉପରେ ଆଚାର୍ଯ୍ୟ ମହାଶୟ ବିରାଜମାନ କରୁଥିଲେ । ସେତେବେଳକୁ ସେ ଧ୍ୟାନସ୍ଥ ହୋଇ ବସିଥିଲେ । ଜପାମାଳା ଧାରଣ କରିଥିବା ତାଙ୍କର ଡାହାଣ ହାତ କାଠର ଗୋଟିଏ ଅର୍ଦ୍ଧ ଚନ୍ଦ୍ରକାର ବାଡ଼ି ଉପରେ ଥିଲା । ଆଚାର୍ଯ୍ୟ ମହୋଦୟଙ୍କର ସେହି ରୂପ ବାସ୍ତବିକ୍ ଅତ୍ୟନ୍ତ ଶାନ୍ତ, ତପସ୍ୱୀଙ୍କ ପରି ସ୍ନିଗ୍ଧ ଏବଂ ପ୍ରଜ୍ଞା ମନସ୍କ ଦେଖାଯାଉଥିଲା । ସ୍ୱତଃ ଭକ୍ତିରେ ଆମର ମସ୍ତକ ନତ ହୋଇଗଲା । ଆଚାର୍ଯ୍ୟଙ୍କର ଶରୀର ଗୌରବର୍ଣ୍ଣ ସତେଜ ମୁଖମଣ୍ଡଳ, ଚମ୍ପାକଢ଼ି ଭଳି ଉନ୍ନତ ନାସିକା, ପ୍ରଶସ୍ତ ବକ୍ଷଦେଶ, ଆଜାନୁଲମ୍ବିତ ବାହୁ ଯୁଗଳ, ମୁଣ୍ଡରେ ଜଟା ଓ ରୁଦ୍ରାକ୍ଷମାଳା, ମଧ୍ୟମ ସ୍ୱାସ୍ଥ୍ୟ, କପାଳରେ ଚନ୍ଦନର ତିଳକ ଏସବୁ ମିଶି ଯେଉଁ ବ୍ୟକ୍ତିତ୍ୱ ସୃଷ୍ଟି ହୋଇଥିଲା ତାହା ମୁଁ ଆଜିଯାଏଁ ଦେଖିଥିବା ମହାପୁରୁଷମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଆଚାର୍ଯ୍ୟଙ୍କର ତେଜସ୍ୱୀ ସତ୍ୟଶୀଳ ଶାନ୍ତ ଧ୍ୟାନମଗ୍ନ ମୁଖାକୃତି ଦେଖି ମନେ ହେଉଥିଲା ସତେଯେପରି ସମୁଦ୍ର ମନ୍ଥନରୁ ଏହିକ୍ଷଣି ବାହାରି ଆସିଥିବା ଲକ୍ଷ୍ମୀଙ୍କର ହାତରେ ଶୋଭାପାଉଥିବା ସୁଡୌଲ ଶଙ୍ଖ ଭଳି ଶୁଭ୍ର ଏବଂ ନିଷ୍ପାପ ଜଣାପଡୁଥିଲେ ।

ମୋର ବିଭିନ୍ନ ସମୟରେ ଏପରି କିଛି ଅନୁଭବରୁ ଜାଣିଥିଲି ଯେ ମତେ ଦେଖିଲାକ୍ଷଣି ଲୋକମାନେ ମୋ ପାଖକୁ ଆକର୍ଷିତ ହୋଇ ଚାଲିଆସନ୍ତି । କିନ୍ତୁ ଆଜି ଆଚାର୍ଯ୍ୟ ମହୋଦୟଙ୍କୁ ଦେଖିଲାପରେ ମୁଁ ନିଜେ ସ୍ୱତଃସ୍ଫୁର୍ତ୍ତ ଭାବରେ ତାଙ୍କ ବ୍ୟକ୍ତିତ୍ୱ ପ୍ରତି ଆକର୍ଷିତ ହୋଇଗଲି । ପଦ୍ମାସନରେ ବସିଥିବା ତାଙ୍କ ଡାହାଣ ପାଦ ଅସ୍ପଷ୍ଟ ଦେଖାଯାଉଥିଲା । ସେଠାରେ ମଥା ନୁଆଁଇ ମୁଁ ସାଷ୍ଟାଙ୍ଗ ଦଣ୍ଡବତ ପ୍ରଣାମ କଲି ।

ଆଖି ନ ଖୋଲି ସେ କହିଲେ, ''ଆସ ଯାଦବ କୁମାର ଶ୍ରୀକୃଷ୍ଣ ! ମୋ ପାଖକୁ ଆସ । ହେ ବୃଷ୍ଣି ଅନ୍ଧକମାନଙ୍କର ତ୍ରାଣକର୍ତ୍ତା ଶ୍ରୀକୃଷ୍ଣ ! ମୁଁ ତୁମର ପ୍ରତୀକ୍ଷା କରିଥିଲି । ଏଠାରେ ବହୁତ ଶିଷ୍ୟ ଅଛନ୍ତି ସତ ହେଲେ ତୁମର ଅଭାବ ଥିଲା । ତୁମକୁ ସ୍ୱାଗତ କରୁଛି ।'' ଏଥର ସେ ନିଜର କୋମଳ ଆଖିକୁ ଧୀରେ ଧୀରେ ଖୋଲି ଆମକୁ ଚାହିଁଲେ । ପ୍ରଥମ ଦେଖାରେ ହିଁ ଆମର ଆଖି ସହିତ ତାଙ୍କର ଆଖି ମିଶିଗଲା । ଯେମିତି ମନେହେଲା ଆମର ଜନ୍ମଜନ୍ମର ପରିଚୟ, ସମ୍ପର୍କ ରହିଛି । ସେ ହସିଦେଇ କହିଲେ, ''ତୁମ ମାନଙ୍କର ଅଭିବାଦନ ମୁଁ ଗ୍ରହଣ କଲି । ଏଥର ଉଠ ।''

ମୋ ପଛେ ପଛେ ବଳରାମ ଭାଇନା ଓ ଉଦ୍ଧବ ମଧ ତାଙ୍କୁ ପ୍ରଣାମ କଲେ । ଆଚାର୍ଯ୍ୟଙ୍କର ଆଖପାଖରେ କେତେଗୁଡ଼ିଏ ମୃଗଚର୍ମର ଆସନ ପଡ଼ିଥିଲା । ସେହି ଆସନମାନଙ୍କରୁ ତିନୋଟି ଆସନରେ ଆମେ ନମ୍ରତା ପୂର୍ବକ ବସିପଡ଼ିଲୁ । ଅତ୍ୟନ୍ତ ଶାନ୍ତ ଧୀର ସ୍ୱରରେ ଆଚାର୍ଯ୍ୟ ମହୋଦୟ ଆମକୁ ଆଶ୍ରମର ଦିନଚର୍ଯ୍ୟା ବିଷୟରେ ବୁଝାଇଦେଲେ । ଗୁରୁଦେବଙ୍କର ସ୍ୱରରେ ମୁରଲୀର ମଧୁର ଝଙ୍କାର ଯେମିତି ମିଶି ରହିଥିଲା ଭଳି ମୋର ମନେହେଲା । ତାଙ୍କର ସ୍ୱରରେ ଏକ ଆତ୍ମିକ ନାଦ ମଧୁର ଭାବ ଏପରି ଭରି ରହିଥିଲା ଯେ ମନ ହେଉଥିଲା ବାରମ୍ବାର ଶୁଣୁଥାନ୍ତି କି !

ଆଚାର୍ଯ୍ୟ ମହାଶୟ କହିଲେ, ''ବଳରାମ ଶ୍ରୀକୃଷ୍ଣ ! ଉଦ୍ଧବ ! ତୁମେମାନେ ରାଜବସ୍ତ୍ର ତ୍ୟାଗ କରି ଏହି ବେତପେଟିକାରେ ରଖିଦିଅ । ନିଜର ସ୍ୱର୍ଣ୍ଣ ମୁକୁଟକୁ କାଢ଼ି ଆଶ୍ରମର ପ୍ରବନ୍ଧକ ଉପ ଆଚାର୍ଯ୍ୟଙ୍କୁ ଦେଇ ଦିଅ । ସେ ତୁମକୁ ଆଶ୍ରମ ବସ୍ତ୍ର ଦେବେ । ସେହି ବସ୍ତ୍ର କିପରି ପିନ୍ଧାଯାଏ ତାହା ଶିଖାଇଦେବେ । ଆସନ୍ତା କାଲିଠାରୁ ତୁମର ଆଶ୍ରମ ଜୀବନ ଆରମ୍ଭ ହେବ । ଏହା ଜୀବନର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ବ୍ରହ୍ମଚର୍ଯ୍ୟାଶ୍ରମ । ଏହି ପାଠ୍ୟକ୍ରମ ଠିକ୍ ଚଉଷଠି ଦିନ ପର୍ଯ୍ୟନ୍ତ ଚାଲିବ । ଅବଶ୍ୟ ବିଦ୍ୟାଶିକ୍ଷାର ଏହି ଅବଧି ଅନ୍ୟମାନଙ୍କୁ ଖାପଛଡ଼ା ଲାଗିପାରେ । କିନ୍ତୁ ମୋ ଦୃଷ୍ଟିରେ ଏତିକି ସମୟ ସୀମା ତୁମର ଶିକ୍ଷା ଗ୍ରହଣ ପାଇଁ ଯଥେଷ୍ଟ ହେବ ବୋଲି ଭାବୁଛି । ଏଠାକାର କର୍ତ୍ତବ୍ୟ ଯୋଗକୁ ସମ୍ପୂର୍ଣ୍ଣ କରିବାପରେ ଅନ୍ୟ ଆଶ୍ରମଗୁଡ଼ିକୁ ଦେଖିବାକୁ ଯିବାକୁ ପଡିବ । ତୁମେ ଏଠାରେ ରାଜକୁମାର ନୁହଁ । ତୁମ ଭଳି ମୋର ଆଶ୍ରମରେ ଶହେରୁ ଅଧିକ ଆଶ୍ରମ କୁମାର ଶିକ୍ଷାଗ୍ରହଣ କରୁଛନ୍ତି । ସେମାନଙ୍କ ମଧରେ ଅବନ୍ତୀର ରାଜଧାନୀ ମହିଷ୍ମତୀରୁ ଆସିଥିବା ତୁମର ପିଉସୀ ପୁଅ ଭାଇ ବିନ୍ଦ-ଅନୁବିନ୍ଦ ମଧ୍ୟ ଏଠାରେ ପଢୁଛନ୍ତି । ତୁମେମାନେ ମଧ ସେହି ଆଶ୍ରମ କୁମାରମାନଙ୍କ ମଧରୁ ଜଣେ । ରାଜପ୍ରାସାଦର ସମସ୍ତ ଆଚରଣ ବ୍ୟବହାର ଏହି ମୁହୂର୍ତ୍ତଠାରୁ ତୁମେମାନେ କ୍ଷିପ୍ରା ନଦୀରେ ବିସର୍ଜନ କରିଦିଅ । ମୋ ପାଇଁ ତୁମେମାନେ କେବଳ ଆଶ୍ରମ କୁମାର ତଥା ମୋର ପୁତ୍ର ଭଳି ଜ୍ଞାନ କରେ ।''

ଏତକ କହି ଗୁରୁଦେବ ନିଜର ଆଖି ବନ୍ଦ କରି ଦେଲେ । ହେଲେ ଏକ ଅଜ୍ଞାତ ଯନ୍ତ୍ରଣାର ଚିହ୍ନ ସ୍ପଷ୍ଟ ଭାବରେ ତାଙ୍କର ମୁଖମଣ୍ଡଳରେ ଫୁଟି ଉଠୁଥିଲା । ସେମିତି ଆଖି ବନ୍ଦ କରି ସେ ପୁନର୍ବାର କହିଲେ, ''ଏଠାରେ ବେଦଠାରୁ ଆରମ୍ଭ କରି ବାଦ, ବିବାଦ ତଥା ଜୀବନର ପ୍ରତ୍ୟେକ ଅଙ୍ଗର ସମ୍ପୂର୍ଣ୍ଣ ଶିକ୍ଷା ତୁମକୁ ପ୍ରଦାନ କରାଯିବ । ଜ୍ଞାନ ଦାନ କରିବାପାଇଁ ଆମ ଆଶ୍ରମରେ ଭିନ୍ନ ଭିନ୍ନ ରାଜ୍ୟରୁ ବିଦ୍ୟାର ସମସ୍ତ ଶାଖାର ମହାନ୍ ଜ୍ଞାନୀ ଆଚାର୍ଯ୍ୟମାନେ ଆସି ପଢ଼ାଉଛନ୍ତି । ମତେ ଯେଉଁଭଳି ତୁମେମାନେ ଆଦର ସମ୍ମାନ କରୁଛ ଠିକ୍ ସେହିଭଳି ସେହି ଆଚାର୍ଯ୍ୟମାନଙ୍କୁ କରିବାରେ କେବେହେଲେ ଅବହେଳା କରିବ ନାହିଁ । ଆଶ୍ରମର ମୁଖ୍ୟ ପ୍ରବନ୍ଧକଙ୍କ ଠାରୁ ଏଠାକାର ଦୈନନ୍ଦିନ ଦିନଚର୍ଯ୍ୟା ସମ୍ପର୍କରେ ବୁଝିନିଅ ଏବଂ ନିର୍ଭୁଲ ଭାବରେ ପାଳନ କର । ବର୍ତ୍ତମାନ ତୁମେ ତିନିଜଣ ଯାଇ ବିଶ୍ରାମ କର ।''

ଆଚାର୍ଯ୍ୟ ସାନ୍ଦିପନୀ ଆଖି ବନ୍ଦ କରି ପୁଣି ଥରେ ଧ୍ୟାନସ୍ଥ ହୋଇଗଲେ । ତାଙ୍କ ମୁଖମଣ୍ଡଳ ଆହୁରି ଶାନ୍ତ ଦେଖାଯାଉଥିଲା । ବ୍ରାହ୍ମ ମୁହୂର୍ତ୍ତରେ ସାନ୍ଦିପନୀଙ୍କର ଆଶ୍ରମରେ ସମସ୍ତେ ଉଠି ନିତ୍ୟକର୍ମ ଶେଷକରି ଗାୟତ୍ରୀ ଛନ୍ଦର ସବିତୃ ମନ୍ତ୍ର ଉଚ୍ଚାରଣ ମଧ୍ୟରେ ଦିନରେ ପ୍ରଥମ ଘଣ୍ଟା ଆରମ୍ଭ ହୁଏ । ଏହାପରେ ସକାଳବେଳା ନିଜେ ଆଚାର୍ଯ୍ୟ ଶିଷ୍ୟମାନଙ୍କୁ ବିଦ୍ୟାଶିକ୍ଷା ଦିଅନ୍ତି । ପ୍ରତ୍ୟେକ ଶିଷ୍ୟ ନିଜ ନିଜର କ୍ଷମତା ଅନୁସାରେ ଆଶ୍ରମର କାମ, ଧ୍ୟାନଧାରଣା, ଭୋଜନ, ବିଶ୍ରାମ କରିବାପରେ ଅଧ୍ୟୟନ ସମୟରେ ବିଭିନ୍ନ ବିଷୟଗୁଡ଼ିକ ଆବୃତ୍ତି କରିଥାନ୍ତି । ସନ୍ଧ୍ୟା ସମୟରେ ସମସ୍ତେ ମିଶି ସନ୍ଧ୍ୟା ବନ୍ଦନା କରନ୍ତି । ରାତ୍ରିରେ ଈଶ୍ୱର ସ୍ତବନ କରାଯାଏ । ନିଦ୍ରା ଯିବା ପୂର୍ବରୁ ଶିଷ୍ୟମାନେ ଦିନସାରା ପଢ଼ା ହୋଇଥିବା ବିଷୟ ଗୁଡ଼ିକ ଉପରେ ଚିନ୍ତନ ମନନ କରନ୍ତି । ପ୍ରଥମ ଦିନ ରାତ୍ରିରେ ଆମକୁ ରହିବାକୁ ଦିଆଯାଇଥିବା ପର୍ଣ୍ଣ କୁଟୀରରେ ଦର୍ଭର ଆସ୍ତରଣ ଉପରେ ଭାଇନା ଓ ଉଦ୍ଧବଙ୍କ ସହିତ ଶୋଇଲାବେଳେ ଚିତ୍ରସେନ ଜେଜେ, ନନ୍ଦବାବା, ମା ଓ ସାନମା', ଆମର ସାନ ଭଉଣୀ ସୁଭଦ୍ରା, କକା-ଖୁଡ଼ି, ଗୋପ, ଗୋପୀ, ମୋର ମୂରଲୀ ସ୍ୱରର ବିଭୋର ମୁଗ୍ଧା ପ୍ରାଣପ୍ରିୟା ରାଧା ଏ ସମସ୍ତଙ୍କ କଥା ବେଶି ମନେ ପଡୁଥିଲା ପାର୍ଥ ! ମଥୁରାରେ ମୋର ଚିରଦୁଃଖିନୀ ଦେବକୀ ମା', ବସୁଦେବ ବାବା, ମହାରାଜ ଉଗ୍ରସେନ, ସୁଲଗ୍ନା, ମାଳିନୀ ସମସ୍ତେ ମୋର ଅବଚେତନକୁ ଯେମିତି କରାୟତ୍ତ କରି ରଖିଥିଲେ । ଗର୍ଗମୁନି, ସାତ୍ୟକି, ଅନାଧୃଷ୍ଟି, ବିପୃଥୁ, ବେଦଭାଗ କକା ତଥା ଆମର ଚିରଶତ୍ରୁ ମଗଧରାଜ ଜରାସନ୍ଧ ଏମାନେ ସମସ୍ତେ ମନକୁ ଆଚ୍ଛନ୍ନ କରି ରଖିଥିଲେ ।

ସତକଥା ! ପାର୍ଥ ! ମନ ବଡ଼ ବିଚିତ୍ର । କେତେବେଳେ କେଉଁ ମୁହୂର୍ତ୍ତରେ କ'ଣ ସବୁ ମନରେ ଆସିବ ପୁଣି କାହାକୁ ମନେ ପକାଇବାକୁ ଇଚ୍ଛା ହେବ । ମନର ଗତିକୁ କ'ଣ ମାପିବା ସହଜ ହେବ । ନା କେବେ ନୁହେଁ । ମୋର

ଗୁରୁଦେବଙ୍କର କଥା ମନେପଡ଼ିଲା । ସେ କହିଥିଲେ ପଛର ସବୁ ସ୍ମୃତିକୁ ବର୍ତ୍ତମାନଠାରୁ ବିସର୍ଜନ କରିଦିଅ । ଅଥଚ ମୁଁ କେତେ ଶୀଘ୍ର ଏକଥା ଭୁଲିଗଲି । ଗୋକୁଳ ଓ ମଥୁରାର ସ୍ମୃତି ସବୁକୁ ମୁଁ ଏଥର ନିଷ୍ଠୟତା ପୂର୍ବକ କ୍ଷିପ୍ରା ନଦୀରେ ବିସର୍ଜନ କରିଦେଲି ପାର୍ଥ ! ଗାଢ଼ ନିଦ୍ରାରେ ଶୋଇପଡ଼ିଲି ।

କା... କା... କା... ଧ୍ୱନିରେ ମୋର ନିଦ୍ରା ଭାଙ୍ଗିଗଲା । ମୁଁ କାନଡେରି ଏହି ଧ୍ୱନିକୁ ଶୁଣିବାକୁ ଚେଷ୍ଟା କଲି । ପ୍ରଥମେ ଗୋଟିଏ କା..କା.. ସ୍ୱର ଶୁଭୁଥିଲା ପୁଣି ସେହିପରି ଅନ୍ୟ ସ୍ୱରଗୁଡ଼ିକ ଭାସି ଆସିଲା କା.... କା....କା । ଆଶ୍ରମ ପରିସର ମଧ୍ୟରେ ଆମ୍ବ, କଇଁଠ, ପିଜୁଳି, ନିମ୍ବ, ପିପ୍ପଳ, ପଣସ ଗଛ ଭର୍ତ୍ତି ହୋଇଥିଲା । ଏହିସବୁ ଗଛମାନଙ୍କର ଉଚ୍ଚା ଉଚ୍ଚା ଡାଳରେ ଘାସ, କାଠିକୁଟାରେ ବସା ତିଆରି କରି ରହୁଥିଲେ ବଣ କୁଆମାନେ । ପ୍ରକୃତିରେ ଅପୂର୍ବ ଲୀଳା ମୋ ମନରେ ସେହି ପ୍ରାତଃକାଳରେ ଅପୂର୍ବ ଅଫୁରନ୍ତ ଶକ୍ତି ଭରିଦେଲା । ବଣ କୁଆଙ୍କ ପରିବାର ମଧ୍ୟରେ କୋଳାହଳ ସୃଷ୍ଟି ହୋଇଯାଇଥିଲା । ମୁଁ ସେମାନଙ୍କର ପାରିବାରିକ ପାଟିତୁଣ୍ଡକୁ ମନ ଭରି ଶୁଣୁଥିଲି । ମୁଁ ହଠାତ୍ ବିସ୍ମିତ ହୋଇପଡ଼ିଲି ଆରେ ପ୍ରାଣୀ ସକଳଙ୍କ ମଧ୍ୟରେ ସକାଳ ହେଲାକ୍ଷଣି ପ୍ରଥମେ କୁଆ ଉଠେ ଆଉ ସମଗ୍ର ଜଗତକୁ ଉଠାଏ, କର୍ମ ଚଞ୍ଚଳ କରିବାର ଉତ୍ସାହ ଭରିଦିଏ । କୁଆ ପାଇଁ ସମସ୍ତ ଜୀବଜଗତ, ମାନବ ଜଗତ ସକାଳ ଆସିଲାଣି ବୋଲି ଜାଣିପାରନ୍ତି । କୁଆର ଏ ଯେଉଁ ଜାଗ୍ରତ କରିବାର ପ୍ରଚେଷ୍ଟା ମତେ ଅଭିଭୂତ କରିଦେଲା ପାର୍ଥ ! ସମସ୍ତ ନିଦ୍ରିତ ଜୀବ ଜଗତକୁ କୁଆ ହିଁ ଉଠାଉଛି ପ୍ରଥମେ । ତା'ହେଲେ କ'ଣ ମଣିଷର ଅନ୍ତର୍ମନକୁ ମଧ୍ୟ କୁଆର କା.. କା... କା..ହିଁ ଜାଗ୍ରତ କରିବାରେ ସାହାଯ୍ୟ କରୁଛି ? କ'ଣ ତାହେଲେ ସମ୍ବନ୍ଧ କୁଆର ମଣିଷର ଅନ୍ତର୍ମନ ସହିତ ! କେମିତି ଏକ ସୂକ୍ଷ୍ମ ଅବବୋଧ ତିଆରି ହୋଇଯାଉଛି ଅର୍ଜୁନ !

ବ୍ରାହ୍ମମୁହୂର୍ତ୍ତରେ ମୁଖ ପ୍ରକ୍ଷାଳନ କରି ଆଶ୍ରମର କୁମାରମାନେ ଜଣକ ପରେ ଜଣେ ଶଙ୍ଖ ଫୁଙ୍କିବାରେ ଲାଗିଲେ । ଗାଈମାନଙ୍କର କଣ୍ଠରେ ବନ୍ଧା ଯାଇଥିବା ଘଣ୍ଟିଗୁଡ଼ିକର ଧ୍ୱନି ଶୁଭିବାକୁ ଲାଗିଲା । ଗାଈମାନଙ୍କର ଗୋବର ସବୁ ଫିଙ୍ଗା ହେବାର ଶବ୍ଦ ମଧ୍ୟ ଶୁଭିଲା । ଗାଈମାନେ ଏଥର ଆହୁରି ସ୍ପଷ୍ଟଭାବରେ ହମ୍ବା... ହମ୍ବା କରିବାକୁ ଲାଗିଲେ । ଆଶ୍ରମରେ ଥିବା ବିଭିନ୍ନ ପକ୍ଷୀମାନଙ୍କର କିଚିରି ମିଚିରି ଆରମ୍ଭ ହୋଇଯାଇଥିଲା । ଆହୁରି ଶଙ୍ଖନାଦ ଶୁଭୁଥିଲା । ତା'ର ମଧୁର ଧ୍ୱନିରେ ଆଶ୍ରମର ଅନ୍ତେବାସୀମାନେ ନିଜ ନିଜର କର୍ମଯୋଗରେ ବ୍ୟାପୃତ ହୋଇଗଲେ ।

କୁଟୀର ଆଗରେ ଥିବା ଯଜ୍ଞକୁଣ୍ଡମାନଙ୍କରେ ଅଗ୍ନିହୋତ୍ର ମନ୍ତ୍ରର ଉଚ୍ଚାରଣ ସହିତ ଧୂଆଁ କୁଣ୍ଡଳୀ ଭଳି ଆକାଶକୁ ଉଠୁଥିଲା । ନାଦମୟ ଗମ୍ଭୀର ପ୍ରାତଃସ୍ତବ ଅସ୍ପଷ୍ଟ ଭାବରେ ଶୁଭୁଥିଲା... 'ଓଁ ଈଶାବାସ୍ୟମ୍ ଇଦଂ ସର୍ବମ୍'... ।

ମୁଁ ଦର୍ଭ ଆସ୍ତରଣରୁ ଉଠି ହାତର ଅଞ୍ଜଳି ଦ୍ୱୟକୁ ଆଖି ସାମ୍ନାକୁ ଆଣି କର ଦର୍ଶନ କଲି । ମୋର ହାତ ପାପୁଲିରେ ଥିବା ଅସଂଖ୍ୟ ଛୋଟ ବଡ଼ ରେଖା ସହିତ ଧ୍ୱଜ, ଚକ୍ର, ଯବ, ମତ୍ସ୍ୟ, ଶଙ୍ଖ, ତ୍ରିକୋଣ, ଚଉକୋଣ ଓ ସ୍ୱସ୍ତିକ ପ୍ରଭୃତି ଜନ୍ମଜାତ ରେଖାଚିହ୍ନକୁ ଦେଖି ମୁଁ କ୍ଷଣିକ ପାଇଁ ସେହି ଚିନ୍ତାରେ ମଗ୍ନ ହୋଇଗଲି । ତା'ପରେ ହାଲ୍‌କା ଭାବରେ ହାତର ଅଞ୍ଜଳିରେ ମୁଁ ମୁହଁ ପୋଛି ଆଣିଲି ।

ଭୂମି ଉପରେ ପାଦ ରଖିଲାକ୍ଷଣି ମୁଁ ପ୍ରଥମେ 'ପାଦସ୍ପର୍ଶଂ କ୍ଷମସ୍ୱମେ' କହି ଭୂମିଙ୍କର ବନ୍ଦନା କଲି । ସେତେବେଳକୁ ଆହୁରି ଭଲକରି ସକାଳ ହୋଇନଥିଲା । ଆଶ୍ରମର ପର୍ଣ୍ଣ କୁଟୀର, ବୃକ୍ଷର ଆକୃତି ସବୁ ଆହୁରି ସ୍ପଷ୍ଟ ହୋଇ ନଥିଲା । ନଦୀକୁ ଯାଉଥିବା ପାଦଚଲା ରାସ୍ତା ମଧ୍ୟ ଅସ୍ପଷ୍ଟ ଦେଖାଯାଉଥିଲା । ମୁଁ, ଭାଇନା ଓ ଉଦ୍ଧବ ଏକ ସାଙ୍ଗରେ କ୍ଷିପ୍ରା ନଦୀ କୂଳକୁ ଯାଇ ମୁଖ ପ୍ରକ୍ଷାଳନ କରି ତା'ର ଉଷ୍ମ ଜଳରେ ସ୍ନାନ କରି ଆଶ୍ରମକୁ ଫେରିଲୁ । ସର୍ବପ୍ରଥମେ ଆଚାର୍ଯ୍ୟଙ୍କର କୁଟୀରକୁ ଯାଇ ଆମେ ଆଚାର୍ଯ୍ୟ ମହୋଦୟଙ୍କର ଦର୍ଶନ କଲୁ । ଆଚାର୍ଯ୍ୟ ମହୋଦୟ କେତେବେଳୁ ଉଠି ସମସ୍ତ ନିତ୍ୟକର୍ମ ସାରି ଧ୍ୟାନମଗ୍ନ ହୋଇସାରିଥିଲେ । ତାଙ୍କ ନିକଟରେ ଅଗ୍ନିହୋତ୍ର କୁଣ୍ଡର ନିଆଁ ଜଳୁଥିଲା । କୁଟୀର ଭିତରେ ଗୁରୁପତ୍ନୀ ଗୃହକର୍ମରେ ବ୍ୟସ୍ତ ଥିଲେ । ଆମେ ତାଙ୍କର ମଧ୍ୟ ଦର୍ଶନ ଦୂରରୁ କଲୁ । ଏହାପରେ ଗାଈଗୋଠକୁ ଯାଇ ଗୋ ଦର୍ଶନ କଲୁ । ଗୋରସ କକ୍ଷକୁ ଯାଇ ଆମେ ଦୁଧ ପିଇଲୁ । ଓଠ ଉପରେ ଲାଗିଥିବା କ୍ଷୀରକୁ ହାତ ମୁଠିରେ ପୋଛିଦେଲୁ ।

ଆଚାର୍ଯ୍ୟ ମହୋଦୟଙ୍କର ବିଦ୍ୟାଦାନର ସମୟ ହୋଇଯାଉଥିଲା । ପଢ଼ା ସମୟ ହୋଇଗଲା କ୍ଷଣି ଆଶ୍ରମରେ ଶଙ୍ଖର ଏକ ସାଙ୍କେତିକ ଧ୍ୱନି ବାଜିଉଠିଲା । ତାହାର ସଙ୍କେତ ପାଇଲାପରେ ଶିଷ୍ୟମାନେ ନିଜ ନିଜ କୁଟୀରମାନଙ୍କରୁ ବାହାରି କାଖରେ ଗୋଟିଏ ଲେଖାଏଁ ତୃଣାସନ ଜାକି ପରସ୍ପର ମଧ୍ୟରେ କଥାବାର୍ତ୍ତା ହୋଇ ଆଚାର୍ଯ୍ୟଙ୍କର କୁଟୀର ଦିଗକୁ ଚାଲିଲେ । ଏଥର 'ସକାଳ ଆହୁରି ଫର୍ଚ୍ଚା ଦେଖାଯାଉଥିଲା । ସତେଯେମିତି ମନେ ହେଉଥିଲା ଅଙ୍କପାଦ ଆଶ୍ରମ ଉପରେ ପ୍ରଭାତ ଅତ୍ୟନ୍ତ ପ୍ରଶାନ୍ତ ମନରେ ଓହ୍ଲାଇ ଆସିଛନ୍ତି । ଆଚାର୍ଯ୍ୟ କୁଟୀରରେ ଆସି ସମବେତ ହୋଇଥିବା ଶିଷ୍ୟମାନେ ଆଖି ବନ୍ଦ କରି ଶାନ୍ତ ମନରେ ଗୁରୁବନ୍ଦନା ଆରମ୍ଭ କଲେ....

''ଓଁ ଗୁର୍ରୁବ୍ରହ୍ମା ଗୁର୍ରୁବିଷ୍ଣୁ ଗୁର୍ରୁଦେବୋ ମହେଶ୍ୱରଃ'

ଗୁରୁଃ ସାକ୍ଷାତ ପରଂବ୍ରହ୍ମ ତସ୍ମୈ ଶ୍ରୀଗୁରବେ ନମଃ ।।'

ସମସ୍ତଙ୍କ ଆଖି ଆଚାର୍ଯ୍ୟ ମହାଶୟଙ୍କର ମୁଖ ଉପରେ ଏଥର କେନ୍ଦ୍ରିତ ହୋଇଗଲା । ଆଚାର୍ଯ୍ୟଙ୍କର କଣ୍ଠରୁ ଅମୃତଧ୍ୱନି ସହିତ ସମ୍ଭ୍ରାନ୍ତ ସୂଚକ ଭାଷାର ଶ୍ଳୋକାର୍ଥ ଶୁଣିବାପାଇଁ ଶିଷ୍ୟମାନଙ୍କର କାନ ଉତ୍ସୁକ ହୋଇପଡ଼ିଲା । ସମସ୍ତେ ଏକାଗ୍ର ଚିତ୍ତରେ ଗୁରୁଙ୍କୁ ଚାହିଁ ରହିଥାନ୍ତି । ସବୁ ଶିଷ୍ୟମାନଙ୍କ ଉପରେ ଆଚାର୍ଯ୍ୟ ମହାଶୟ ନିଜର ପ୍ରେମିଳ ଦୃଷ୍ଟି ପହଁରାଇ ଆଣି ମନ୍ଦ ମଧୁର ହସରେ ସ୍ୱାଗତ କଲେ । ସତରେ ପାର୍ଥ ! ସେଦିନ ଗୁରୁଦେବଙ୍କର ସେହି ହସ ଜଣାପଡୁଥିଲା ଶାରଦୀୟ ପ୍ରଭାତରେ ମାନସ ସରୋବରରେ ସଦ୍ୟ ଫୁଟିଥିବା ବ୍ରହ୍ମ କମଳର କଢ଼ ଭଳି । ତା'ପରେ ଅଙ୍କପାଦ ଆଶ୍ରମର ଆମର ସାଧନସ୍ଥଳ ମୁରଲୀ ଧ୍ୱନିର ନାଦ ମଧୁର ସ୍ୱରରେ ଗୁରୁଦେବଙ୍କର ବାଣୀ ଆରମ୍ଭ ହେଲା.... ।

'ହେ ମୋର ପ୍ରିୟ ଆଶ୍ରମ କୁମାର ଗଣ । ତୁମେମାନେ ଯେଉଁସବୁ ବିଦ୍ୟାରେ ପାରଙ୍ଗମ ହେବାକୁ ଚାହୁଁଛ ସେହିଭଳି ଚଉଦଟି ବିଦ୍ୟା ରହିଛି । ମୁଁ ଆଜି ସେହି ବିଷୟରେ ତୁମମାନଙ୍କୁ ବିସ୍ତାର ପୂର୍ବକ କହୁଛି । ତୁମେ ଏସବୁ ଧ୍ୟାନପୂର୍ବକ ଶୁଣ । ଆଶ୍ରମ କୁଟୀରର ଚତୁର୍ଦ୍ଦିଗରେ ଆହୁରି ଶାନ୍ତି ବ୍ୟାପ୍ତ ହୋଇଗଲା । ଚଉଦ ବିଦ୍ୟା ମାନଙ୍କରୁ ଋଗ୍‌ବେଦ, ସାମବେଦ ଓ ଅଥର୍ବବେଦ ଏହି ଚାରୋଟି ବେଦ ଚାରୋଟି ସ୍ୱତନ୍ତ୍ର ଆଦ୍ୟ ବିଦ୍ୟା ରୂପରେ ସାଧାରଣତଃ ଗ୍ରହଣ କରାଯାଇଛି । ବିଦ୍ ଅର୍ଥ ଜାଣିବା, ବୁଝାଇବା । ବେଦର ଅର୍ଥ ହେଉଛି ଯାହା ଜାଣିଲି ତାହାହିଁ ବୁଝାଇଲି । ଏହି ଆଦ୍ୟ ଚାରିବେଦର ରଚନା ସୁଦୂର ମାଲ୍ୟବନ୍ତ ପର୍ବତ ଉପରେ ହୋଇଥିଲା ।

ଅନେକ ଅଜଣା ପ୍ରଜ୍ଞାବାନ ଋଷିମାନେ ଏହାକୁ ସ୍ୱତଃସ୍ଫୁର୍ତ୍ତ ଭାବରେ ସରଳ ଭାବରେ ମୌଖିକ ରୂପରେ କେବଳ କହିଥିଲେ । ପିଢ଼ିପିଢ଼ି ଏହି ବେଦ ମୌଖିକ ଭାବରେ କୁହାହୋଇଆସୁଥିଲା । ହେଲେ କୌଣସି ମୁନି ଋଷିମାନେ ନିଜର ନାମ ଉଲ୍ଲେଖ କରୁ ନଥିଲେ । ତେଣୁ ବେଦକୁ 'ଅପୌରୁଷେୟ' ବୋଲି କୁହାଯାଉଥିଲା । ଏହା ମଧ୍ୟରୁ ପ୍ରଥମ ହେଉଛି ଋଗ୍‌ବେଦ, ଏଥିରେ ଉଷା ଓ ବରୁଣ ପ୍ରଭୃତି ଦେବତାଙ୍କର ପ୍ରଶଂସା ଅତ୍ୟନ୍ତ ଲୟବଦ୍ଧ ଶୈଳୀରେ ଗାନ କରାଯାଇଥାଏ । ଦ୍ୱିତୀୟ ହେଉଛି ଯଜୁର୍ବେଦ । ଏଥିରେ ପରମାତ୍ମାଙ୍କର ଚରଣରେ ସମର୍ପଣକୁ ବର୍ଣ୍ଣନା କରାଯାଇଛି । ଯଜୁର୍ବେଦର ଦୁଇଟି ଶାଖା ଶୁକ୍ଳ ଯଜୁର୍ବେଦ, କୃଷ୍ଣ ଯଜୁର୍ବେଦ । ତୃତୀୟ ବେଦ ହେଉଛି ସାମ୍‌ବେଦ । ଏଥିରେ ସଙ୍ଗୀତର ସୌନ୍ଦର୍ଯ୍ୟକୁ ଅପୂର୍ବ ମଧୁରତା ପ୍ରଦାନ କରାଯାଇଛି । ଚତୁର୍ଥ ହେଉଛି ଅଥର୍ବବେଦ । ଏଥିରେ ଶତ୍ରୁର ବିନାଶ ଏବଂ ନିଜର ଆତ୍ମରକ୍ଷା ନିମନ୍ତେ ପ୍ରାର୍ଥନା ଗୁଡ଼ିକୁ ଅତ୍ୟନ୍ତ ପ୍ରଭାବଶାଳୀ

ଋଚାମାନଙ୍କ ମଧ୍ୟରେ ବର୍ଣ୍ଣନା କରାଯାଇଛି । ଏହା ବ୍ୟତୀତ ନିଜ ଉପରେ ଆସୁଥିବା ବିପତ୍ତିରୁ ବଞ୍ଚିବାପାଇଁ ଆତ୍ମିକ ସ୍ୱରର ପ୍ରାର୍ଥନା ମଧ୍ୟ ଯଜୁର୍ବେଦରେ ରହିଛି । ବସ୍ତୁତଃ ବେଦ 'ବାଙ୍‌ମୟ' । ବଚନରୁ କଥନରୁ ସହଜ ସ୍ୱାଭାବିକ ଭାବରେ ବେଦ ଜଗତର ପ୍ରଥମ ଧାରାବାହୀ ସୁସଙ୍ଗତ ସମୃଦ୍ଧ ସାହିତ୍ୟ । ମୋର ସହଯୋଗୀ ଉପ ଆଚାର୍ଯ୍ୟମାନେ ତୁମକୁ ଏହି ଚାରି ଆଦ୍ୟ ବିଦ୍ୟା ସମ୍ପର୍କରେ ଶିକ୍ଷାଦେବେ । ଯଦି ଏହା ଶୁଣିଲାବେଳେ ତୁମ ମନରେ କୌଣସି ସନ୍ଦେହ, ପ୍ରଶ୍ନ ଉଠୁଛି ତାହା ମୋ ନିକଟରୁ ଯେକୌଣସି ସମୟରେ ବୁଝି ନେଇପାରିବ ।

ଏହି ଚାରିବେଦର ଛଅଟି ଅଙ୍ଗ ରହିଛି । ସେହି ଛଅ ଅଙ୍ଗକୁ ମଧ୍ୟ ସ୍ୱତନ୍ତ୍ର ବିଦ୍ୟା ଭାବରେ ଗ୍ରହଣ କରାଯାଇଥାଏ । ପ୍ରଥମ ଅଙ୍ଗକୁ 'ଶିକ୍ଷା' କୁହାଯାଏ । 'ଶିକ୍ଷା' ଅର୍ଥାତ୍ ବେଦର ଶବ୍ଦମାନଙ୍କର ନିର୍ଦ୍ଦୋଷ, ଯୋଗ୍ୟ ଓ କର୍ଣ୍ଣମଧୁର ଉଚ୍ଚାରଣର ଶାସ୍ତ୍ର । ପ୍ରକୃତରେ ବେଦର ପ୍ରକୃତ ସାମର୍ଥ୍ୟ ଏହାର ଅଭ୍ରାନ୍ତ ସ୍ପଷ୍ଟ ଉଚ୍ଚାରଣରେ ନିହିତ ଅଛି । ଉଚ୍ଚାରଣ ଅର୍ଥାତ୍ ବାଣୀର ମଧ୍ୟ ଚାରି ଭାଗ ରହିଛି, ପରା, ପଶ୍ୟନ୍ତି, ମଧ୍ୟମା ଓ ବୈଖରୀ । 'ବୈଖରୀ' ବାଣୀର ପ୍ରଭେଦ ଏତେଟା ଧର୍ତ୍ତବ୍ୟ ନୁହେଁ । କାରଣ ପ୍ରତିଦିନ କଥାବାର୍ତ୍ତାରେ ଜଣା ଅଜଣାରେ ଏହି ବାଣୀର ବ୍ୟବହାର ବେଶି ହୋଇଥାଏ । ଜିହ୍ୱା, ତାଲୁ ଓ ଓଠର ସଂଯୋଗରେ ଯେଉଁ କଥା କେବଳ କଣ୍ଠରୁ ବାହାରେ ତାକୁ 'ବୈଖରୀ' କହନ୍ତି । ଏହାର ମନ, ହୃଦୟ, ବୁଦ୍ଧି ଓ ଆତ୍ମା ସହିତ ସମ୍ବନ୍ଧ ମଧ୍ୟ ରହିଛି ବୋଲି କୁହାଯାଇପାରିବ ନାହିଁ । ଯେହେତୁ ଏଭଳି ମୁହଁଦେଖା 'ବୈଖରୀ' ବାଣୀରେ ସମସ୍ତେ ସବୁଦିନ କଥାବାର୍ତ୍ତାରେ ବ୍ୟବହାର କରନ୍ତି । ତେଣୁ ଏହାକୁ ଭଲ ଭାବରେ ଜାଣିବା ଆବଶ୍ୟକ ।

ଯେଉଁ ବାଣୀ ହୃଦୟରୁ ବାହାରେ ସେହି ବାଣୀର ନାମ ହେଉଛି 'ମଧ୍ୟମା' । ତୃତୀୟ ବାଣୀର ନାମ ହେଉଛି 'ପଶ୍ୟନ୍ତି' । ଏହାର ସ୍ଥାୟୀ ଭାବ ହେଉଛି ପ୍ରେମ ଓ ଅନ୍ୟାନ୍ୟ ଭାବନା । ଏହି ବାଣୀ 'ନାଭି' କେନ୍ଦ୍ରରୁ ଉଦ୍‌ଗତ ହୁଏ । ମୂଳାଧାରର କେନ୍ଦ୍ର ଉପରେ ପ୍ରକଟ ହେଉଥିବା ଆତ୍ମଶକ୍ତିରୁ ସ୍ୱାଧ୍ୟାୟ ସାଧନାରୁ ନିର୍ମିତ ହେଉଥିବାରୁ ଏହି ବାଣୀକୁ 'ପରାବାଣୀ' କୁହାଯାଏ । 'ପରାବାଣୀ' ସମସ୍ତ ବାଣୀମାନଙ୍କ ମଧ୍ୟରେ ଶ୍ରେଷ୍ଠ । ଏହାକୁ ବୁଝାଇବାକୁ ପଡ଼େନାହିଁ । ଏହା ଏପରି ସ୍ୱୟଂସିଦ୍ଧ ଏବଂ ସଶକ୍ତ ଯେ 'ଜୀବ' ନିଜେ ତାହାର, ଅବବୋଧ ଓ ଅନୁଭବ କରିପାରେ । 'ପରା' ବାଣୀ ଅନ୍ୟର ନିଜର ନୁହେଁ ତେଣୁ ଏହା ଆଧିଭୌତିକ, ଅଲୌକିକ ହୋଇଥାଏ । ଗୁରୁଦେବଙ୍କର ଗମ୍ଭୀର ଶାନ୍ତ କଣ୍ଠରେ ବେଦର ଅସାଧାରଣ ବ୍ୟାଖ୍ୟା ଆମକୁ ଅଭିଭୂତ କରିଦେଉଥିଲା ପାର୍ଥ ! ମତେ ଲାଗୁଥିଲା ମୁଁ ଯେପରି ଏକ ଅତିନ୍ଦ୍ରିୟ ଜଗତରେ ବିଚରଣ କରୁଛି । ମୋର ଆତ୍ମାର ଗଭୀରତମ ମୂର୍ଚ୍ଛନା ଭିତରେ ମୁଁ ଯେମିତି ଏକ ପ୍ରଜ୍ଞାମନସ୍କ ଶବ୍ଦର ସୁଗନ୍ଧିତ ଗୁଞ୍ଜନ ଭିତରେ

ଆବିଷ୍ଟ ହୋଇଯାଇଛି । ମହିଷ୍ମତୀ ଶବ୍ଦର ଉଜ୍ଜ୍ୱଳତା ମତେ ଆହୁରି ଆହୁରି ଆଲୋକିତ କରିଦେଉଛି ।

ମୋ ଉପରେ ଦୃଷ୍ଟି ରଖି ଗୁରୁଦେବ ପଚାରିଲେ, ''ଶ୍ରୀକୃଷ୍ଣ ! କିଛି ବୁଝିଲ ତମେ ? କହିଲ ଦେଖି କେଉଁ ବାଣୀ ତୁମକୁ ଭଲ ଲାଗେ ?''

ମୁଁ ଟିକେ ରହିଗଲି । ପୁଣି ହସିଦେଇ କହିଲି, ''ମତେ ଚାରିଟିଯାକ ବାଣୀ ଭଲ ଲାଗେ ! କିନ୍ତୁ ଆଚାର୍ଯ୍ୟ ମହୋଦୟ କୌଣସି ପଞ୍ଚମ ବାଣୀ ବିଦ୍ୟମାନ ଅଛି କି ?'' ସାନ୍ଦିପନୀ ମୃଦୁ ହସି ଉତ୍ତର ଦେଲେ, ''ନା ! ଶାସ୍ତ୍ରରେ କେବଳ ଚାରିଟି ବାଣୀକୁ ମାନ୍ୟତା ପ୍ରଦାନ କରାଯାଇଛି ।'' ଆମେ ଦୁହେଁ ପରସ୍ପରକୁ ଦେଖୁଥିଲୁ, ଆମକୁ ଅନ୍ୟମାନେ ଦେଖୁଥିଲେ ! ଆମର ପରସ୍ପରକୁ ଦେଖିବା ଭିତରେ ଲୁଚିଥିବା ନିଃଶବ୍ଦ ବାଣୀକୁ ଆଚାର୍ଯ୍ୟ ମହୋଦୟ ଜାଣିସାରିଥିଲେ । ମୁଁ ବି ଜାଣିସାରିଥିଲି ତାହା ଥିଲା ପରମାତ୍ମାଙ୍କର ବାଣୀ । ପ୍ରେମର ବାଣୀ । ପାର୍ଥିବ ଦେହର କୌଣସି ଅଙ୍ଗପ୍ରତ୍ୟଙ୍ଗ ମଧ୍ୟରେ ତାହା ପ୍ରବେଶ କରିପାରିବ ନାହିଁ । ଏହାର କୌଣସି ଆଦି ନାହିଁକି ଅନ୍ତ ନାହିଁ । କେବଳ ଅନୁଭବ ବିନା ଜଣାଇପାରିବ ପାର୍ଥ !

ପୁଣି ଆଚାର୍ଯ୍ୟ କହିଲେ, ''ବେଦର ଅନ୍ୟ ଅଙ୍ଗର ନାମ ହେଉଛି ଛନ୍ଦ । ଛନ୍ଦ ଅର୍ଥାତ୍ ସଙ୍ଗୀତର ସ୍ୱର, ତାଳ ଓ ଲୟର ଶାସ୍ତ୍ରଯୁକ୍ତ ଜ୍ଞାନ । ଭାଷାର ନିର୍ଦ୍ଦୋଷ ଆକଳନର ନିୟମ ଯେଉଁଥିରେ ଅଛି ସେହି ତୃତୀୟ ଅଙ୍ଗ ହେଉଛି 'ବ୍ୟାକରଣ' । ବେଦ ସହଜ, ସରଳ, ସ୍ୱତଃସ୍ଫୂର୍ତ୍ତ ତେଣୁ ଅର୍ଥର ଆବଶ୍ୟକତା ପଡ଼େନାହିଁ ! ବେଦର ଚତୁର୍ଥ ଅଙ୍ଗର ନାମ ହେଉଛି 'ନିରୁକ୍ତ' । ଏହାର ଅର୍ଥ ହେଉଛି ବେଦର ସରଳ ଓ ଅର୍ଥପୂର୍ଣ୍ଣ ନିରୂପଣ । ବେଦର ପଞ୍ଚମ ଅଙ୍ଗ ହେଉଛି 'ଜ୍ୟୋତିଷ' । ଏଥିରେ ଗ୍ରହମାନଙ୍କର ସମୟ ନିର୍ଦ୍ଧାରଣ, ନକ୍ଷତ୍ର, ରାଶିମାନଙ୍କର ଗୁଣ ପ୍ରକାର ବର୍ଣ୍ଣନ ସହିତ ହସ୍ତରେଖା ବିଦ୍ୟାର ମଧ୍ୟ ଆଲୋଚନା କରାଯାଇଛି । ଷଷ୍ଠ ଅଙ୍ଗର ନାମ ହେଉଛି 'କଳ୍ପ' । ଏଥିରେ ଧାର୍ମିକ ବିଧି, ସଂସ୍କାର, ନିୟମର ବର୍ଣ୍ଣନା ରହିଛି । ଏପରିକି ଅନେକଗୁଡ଼ିଏ ବାହ୍ୟ ଆଡ଼ମ୍ବର ପ୍ରବଣତା 'କଳ୍ପ'ରେ ପ୍ରବେଶ କରିଛି । ଅର୍ଥାତ୍ ଅନ୍ଧ ଶ୍ରଦ୍ଧା ମଧ୍ୟ ଅନେକ ସମୟରେ ଯୁଗ ନିର୍ଣ୍ଣାୟକମାନଙ୍କୁ କ୍ଷତିଗ୍ରସ୍ତ କରିଥାଏ । ଅବତାର ଗ୍ରହଣ କରୁଥିବା ପୃଥିବୀର ମନୁଷ୍ୟଙ୍କୁ ତାରଣ କରିବାପାଇଁ ଯେଉଁ ଅବତାରୀ ଯୁଗପୁରୁଷଙ୍କର ଜନ୍ମ ହୁଏ, ସେହି ଅନ୍ଧ ଶ୍ରଦ୍ଧାଳୁଙ୍କୁ ହିଁ ମାର୍ଗଦର୍ଶନ କରିଥାନ୍ତି । ନହେଲେ ଅନ୍ଧ ଭକ୍ତମାନଙ୍କର ଭକ୍ତିକ ମିଥ୍ୟା ଏକପ୍ରକାର ପରମ୍ପରାରେ ପରିଣତ ହୋଇଯାଏ ।'' ଏକଥା ବୁଝାଉଥିଲାବେଳେ ଆଚାର୍ଯ୍ୟ ମହୋଦୟ ଟିକେ ରହିଗଲେ ଆଉ ମୋ ଆଡ଼କୁ ଏକଲୟରେ ଦେଖି ପଚାରିଲେ, ''କ'ଣ ଶ୍ରୀକୃଷ୍ଣ ! ବୁଝିଗଲ ?''

''ଆକସ୍ମିକ ଧାର୍ମିକ ଆଡ଼ମ୍ବର, ପୂଜାର ଦେଖାଣିଆ ଭାବ ହିଁ ଭବିଷ୍ୟତରେ ଅନ୍ଧ ଶ୍ରଦ୍ଧା ଓ ଅନ୍ଧସ୍ତାବକ ସୃଷ୍ଟି କରେ ଏକଥା ମୁଁ ଭଲଭାବରେ ବୁଝିଗଲି । କିନ୍ତୁ 'ଅବତାର' ବିଷୟରେ ଆପଣ ଯାହା କହିଲେ ତାହା ମୁଁ ବୁଝିପାରିଲିନାହିଁ ଆଚାର୍ଯ୍ୟ ମହୋଦୟ !'' ମୁଁ ପଚାରିଲି ।

ଆଚାର୍ଯ୍ୟ ମହାଶୟ କହିଲେ, ''ବୁଝିପାରିଲନାହିଁ ? ଠିକ୍ ଅଛି । ଠିକ୍ ସମୟରେ ତୁମେ ଏହା ଭଲ ରୂପରେ ବୁଝିଯିବ ।'' ଆମେ ଦୁହେଁ ଖୁବ୍‌ଜୋର୍‌ରେ ହସିଲୁ । ସମସ୍ତ ଆଶ୍ରମ କୁମାରମାନେ ବିସ୍ମିତ ହୋଇ ଆମକୁ ଦେଖୁଥାନ୍ତି । ହସୁ ହସୁ ଆଖିରୁ ପାଣି ବାହାରି ଆସିଲାକ୍ଷଣି ଆଚାର୍ଯ୍ୟ ମହୋଦୟ ତର୍ଜନୀ ଆଙ୍ଗୁଠିରେ ଲୁହକୁ ପୋଛିଦେଲେ । ପୁଣି ସମସ୍ତଙ୍କ ଆଡ଼କୁ ଚାହିଁ କହିଲେ, ''ଶିଷ୍ୟମାନେ ! ବେଦର ଚାରି ବିଭାଗ, ତାହାର ଛଅ ଅଙ୍ଗ ମିଶି ଦଶବିଦ୍ୟା ହେଲା । ଆଉ ରହିଲା ଚାରିବିଦ୍ୟା । ତାହାର ନାମ ହେଲା ମୀମାଂସା, ତର୍କ, ପୁରାଣ ଓ ଧର୍ମ । ମୀମାଂସାର ଅର୍ଥ ହେଲା କୌଣସି ବିଷୟର ଉଚିତ ଅନୁଚିତ ବିଭାବକୁ ସୃଷ୍ଟି କରିବା, ତାହାର ଗଭୀରତାରେ ପହଞ୍ଚିବା ତଥା ବିଷୟର ସାମଗ୍ରିକ ବିଶ୍ଳେଷଣ କରିବା । 'ମୀମାଂସା'ର ଦୁଇଟି 'ପ୍ରକାର' ଅଛି ତାହାହେଲା ପୂର୍ବମୀମାଂସା ଓ ଉତ୍ତର ମୀମାଂସା । ତର୍କ ବିଦ୍ୟାର ଅର୍ଥ ହେଲା ଯେଉଁଥିରେ ନ୍ୟାୟ ଅନ୍ୟାୟ ସମ୍ପର୍କରେ ବିଶ୍ଳେଷଣ ହୁଏ । ଅନ୍ୟ ବିଦ୍ୟା ହେଲା 'ମହାପୁରାଣ' । ଏଥିରେ ଅଠରଟି ପୁରାଣ ଅଛି । ବ୍ରହ୍ମା, ପଦ୍ମ, ବିଷ୍ଣୁ, ଶିବ, ଭାଗବତ, ନାରଦ, ମାର୍କଣ୍ଡେୟ ଓ ଅଗ୍ନି ଇତ୍ୟାଦି । ଶିବପୁରାଣକୁ ବାୟୁପୁରାଣ ମଧ କୁହାଯାଏ । ଏହା ବ୍ୟତୀତ ଭବିଷ୍ୟ, ବ୍ରହ୍ମାବୈବର୍ତ୍ତ, ଲିଙ୍ଗ, ବରାହ, ସ୍କନ୍ଦ, ବାମନ, କୂର୍ମ, ମତ୍ସ୍ୟ, ଗରୁଡ଼ ଓ ବ୍ରହ୍ମାଣ୍ଡ ମିଶି ଅଠରଟି ପୁରାଣ ଅଛି । ଏହି ପୁରାଣମାନଙ୍କରେ ଭିନ୍ନ ଭିନ୍ନ ବିଷୟରେ ରଚନା କରାଯାଇଛି ।

କିନ୍ତୁ ଗୋଟିଏ କଥା ମୁଁ ଏଠାରେ ସ୍ପଷ୍ଟ କରିଦେଉଛି ତାହାହେଲା ପୁରାଣମାନଙ୍କରେ ଅର୍ଥର ଗଭୀରତା ଓ ବିଶେଷତ୍ୱ ବିଶେଷ ପ୍ରକାଶ ପାଇନାହିଁ । କେବଳ କର୍ମକାଣ୍ଡର ଆଧିକ୍ୟ ହିଁ ପୁରାଣମାନଙ୍କୁ ଭାରାକ୍ରାନ୍ତ କରି ଏହାର ପ୍ରଭାବକୁ ଲୋକମାନସରୁ ଦୂରେଇ ରଖିଛି । ଶେଷରେ ଅନ୍ତିମ ଏବଂ ମହତ୍ତ୍ୱପୂର୍ଣ୍ଣ ବିଦ୍ୟା ହେଉଛି ଧର୍ମ । ଏହାର ଅର୍ଥ ହେଉଛି ଧ୍ୟାନପୂର୍ବକ ବୁଝିବା, ଗ୍ରହଣ କରିବା । ବିଶେଷଭାବରେ ଜ୍ଞାନୀମାନେ ଜୀବନକୁ ଚାରିଟି ଜୀବନସ୍ତମ୍ଭ ଭାବରେ ଗ୍ରହଣ କରିଥିଲେ । ତାହାର ନାମ ହେଲା ଧର୍ମ, ଅର୍ଥ, କାମ, ମୋକ୍ଷ । ତା'ହେଲେ ଧର୍ମ କ'ଣ ? କାହାକୁ କହନ୍ତି ?

'ଧୃ ଧାରୟତି ଇତି ଧର୍ମଃ' ଜୀବର ପୂର୍ଣ୍ଣବିକାଶ ପାଇଁ ଯିଏ ଏହାକୁ ଧାରଣ କରେ, ଏହାକୁ ବୁଝିବାକୁ, ଧାରଣା ସୃଷ୍ଟି କରିବାକୁ ଇଚ୍ଛା କରେ ତାହାହିଁ ଧର୍ମ

ନାମରେ ପରିଚିତ ହୁଏ । ଏକଥା ତୁମେମାନେ ଆଦୌ ଭୁଲ ନାହିଁ ଯେ ଏହି ଜୀବନଦାୟୀ ସତ୍ୟ ଧର୍ମ ପାଇଁ ଜୀବନର ଚାରି ଅର୍ଥ ନିହାତି ଆବଶ୍ୟକ । ଧର୍ମର ଅର୍ଥ ଶୁଷ୍କ କର୍ମକାଣ୍ଡ ନୁହେଁ । ଅବଶ୍ୟ ଧର୍ମରେ ଅନେକ ସମୟରେ ଗ୍ଲାନି ସୃଷ୍ଟି ହୋଇପାରେ । ଏପରିକି ଏହାର ମୂଳ ମଧ୍ୟ ଦୋହଲି ଯାଇପାରେ । ଅଧର୍ମର ପ୍ରଭାବରେ ଧର୍ମର ସ୍ଥିତି ଟଳମଳ ହୋଇଗଲେ ଧର୍ମକୁ ଦୃଢ଼ତାପୂର୍ବକ ରକ୍ଷା କରିବାକୁ ପଡ଼େ ।

ତୁମେମାନେ କ୍ଷତ୍ରିୟ କୁଳରୁ ଜନ୍ମ ହୋଇଛ । ତେଣୁ ତୁମମାନଙ୍କର ଧର୍ମ ପାଳନ କରିବା ପ୍ରଥମ କର୍ତ୍ତବ୍ୟ । ଧର୍ମର ପାଳନ କରିବାକୁ ହେଲେ ମୋ ଦୃଷ୍ଟିରେ ପ୍ରଥମେ ତୁମମାନଙ୍କୁ ସର୍ବସମ୍ମତ ଚଉଦ ବିଦ୍ୟା ଅପେକ୍ଷା ମହତ୍ତ୍ୱପୂର୍ଣ୍ଣ 'ଯୁଦ୍ଧବିଦ୍ୟା' ଶିକ୍ଷା କରିବାକୁ ହେବ । ଯୁଦ୍ଧବିଦ୍ୟାର ଦୁଇଟି ମୁଖ୍ୟ ବିଭାଗ ହେଉଛି 'ଶସ୍ତ୍ର' ଓ 'ଅସ୍ତ୍ର' । ମୁଖ୍ୟ ଅସ୍ତ୍ରଗୁଡ଼ିକ ହେଲା ବରୁଣ, ବାୟୁ, ଅଗ୍ନି, ପାଶୁପତ, ପର୍ଜନ୍ୟ ପ୍ରସ୍ତାପ, ନାରାୟଣ ଏବଂ ବ୍ରହ୍ମାସ୍ତ୍ର । ଏହି ଅସ୍ତ୍ରଗୁଡ଼ିକୁ ମନ୍ତ୍ର ସହିତ ପ୍ରକ୍ଷେପଣ ତଥା ପରସ୍ପର ନିରୋଧନ ମୁଁ ତୁମକୁ ଶିଖାଇଦେବି । ଶସ୍ତ୍ର ମଧ୍ୟରେ ଖଡ୍‌ଗ, ତୋମର, ଗଦା, ଭଲ୍ଲ, ଭୁଶୁଣ୍ଡୀ, ମୂଷଳ, ଶତଘ୍ନୀ, ପରିଘ, ଅଗ୍ନିକଙ୍କଣ, ଚକ୍ର ଓ ଧନୁଷବାଣ ଇତ୍ୟାଦି ମୁଖ୍ୟ ।

ଧନୁଷ ବାଣ ଚଳାଇବା ବିଦ୍ୟାକୁ ହିଁ ଧନୁର୍ବିଦ୍ୟା କୁହାଯାଏ । କେତେକ ଭାଷ୍ୟକାର ଧନୁବାଣର ଆମୋଘ ଗତି, ଅଭ୍ରାନ୍ତ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ଏହି ବିଦ୍ୟାକୁ ବେଦର ସ୍ଥାନ ଦେଇଛନ୍ତି । ଧର୍ନୁବିଦ୍ୟାକୁ 'ପଞ୍ଚମ ବେଦ' ବୋଲି ମଧ୍ୟ ଗ୍ରହଣ କରାଯାଏ । ଧନୁର୍ବିଦ୍ୟାର ଚାରିଟି ମୁଖ୍ୟ ବିଭାଗ ହେଲା 'ଦୀକ୍ଷା', 'ସଂଗ୍ରହ', 'ସିଦ୍ଧି' ଏବଂ 'ପ୍ରୟୋଗ' । ଦୀକ୍ଷାର ଅର୍ଥ ହେଲା ଧନୁଷକୁ ଉପଯୋଗ କରିବାପୂର୍ବରୁ ତାକୁ ମନ୍ତ୍ର ସହିତ ବନ୍ଦନା କରିବା । ଏହାପରେ ବାମ ହାତରେ ଧନୁର ଅଭେଦ୍ୟ ମଝିକୁ ଧରି ତା'ର ଅନ୍ୟପଟକୁ ମାଟି ଉପରେ ଟେକିକରି ରଖି ହାତରେ ତଳୁ ଉପର ପର୍ଯ୍ୟନ୍ତ କରି ବାମ ହାତରେ ଧନୁର ଉପରପଟକୁ ଧରି ଗୋଟିଏ ଝଟ୍‌କାରେ ତାକୁ ବଙ୍କାଇ ପୁଣି ଆଖିପିଛୁଳାକେ ଡାହାଣ ହାତରେ ତା' ଉପରେ ପ୍ରତ୍ୟାଞ୍ଚା ଚଢ଼ାଇବା । ପ୍ରତ୍ୟାଞ୍ଚାର ଟଙ୍କାରରୁ ଧନୁଟି ସୁଲକ୍ଷଣ କି ନାହିଁ ତାକୁ ଭଲଭାବରେ ପରଖି ଦେଖିବା । ଲକ୍ଷ୍ୟ ଉପରେ ଦୃଷ୍ଟି, ପିଠି ଉପରେ ବନ୍ଧା ଯାଇଥିବା ତୂଣୀରରେ ରଖାଯାଇଥିବା ଜିହ୍ମା, ସୂଚି, ସୁବର୍ଣ୍ଣପୁଙ୍ଖ, ଚନ୍ଦ୍ରମୁଖ,ନାରାଚ, ବାସ୍ତିକ ପ୍ରଭୃତି ବାଣମାନଙ୍କ ମଧ୍ୟରୁ କେବଳ ହସ୍ତସ୍ପର୍ଶ କଲାକ୍ଷଣି ସଠିକ୍ ବାଣକୁ ଚିହ୍ନିପାରିବା, ଏହିସବୁ କ୍ରିୟାକୁ 'ଦୀକ୍ଷା' କୁହାଯାଏ ।

'ସଂଗ୍ରହ' ର ଅର୍ଥ ହେଉଛି ଚିହ୍ନଟ କରାଯାଇଥିବା ବାଣ ସମୂହକୁ ମସ୍ତକରେ ଲଗାଇ ଗୁରୁଙ୍କୁ ସ୍ମରଣ କରି ଆଖିବନ୍ଦ କରି ମନକୁମନ ପ୍ରକ୍ଷେପଣ ମନ୍ତ୍ର ଉଚ୍ଚାରଣ କରି ବାଣ ଚଢ଼ାଇବା । କାନ ପାଖକୁ ଆସୁଥିବା ବାଣର ପୁଚ୍ଛ, ନିକ୍ଷିତ କରାଯାଇଥିବା

ଲକ୍ଷ୍ୟର ଅଗ୍ରଦେଶ, ଗୋଟିଏ ଆଖି ବନ୍ଦ କରି ଅନ୍ୟ ଆଖିରେ ଏକାଗ୍ର କରାଯାଉଥିବା ଦୃଷ୍ଟି ଓ ଲକ୍ଷ୍ୟର ମର୍ମଭେଦ ପ୍ରଭୃତି ସମସ୍ତ କାର୍ଯ୍ୟକୁ 'ସଂଗ୍ରହ' ବୋଲି କୁହାଯାଏ ।

'ସିଦ୍ଧି' ଧନୁବିଦ୍ୟାର ଯୌଗିକ ଅଙ୍ଗ । ସଂଗ୍ରହୀସ୍ଥିତିରେ ବୋହୁଥିବା ପବନ ଆଡ଼କୁ ଅନୁମାନ କରି ଆବଶ୍ୟକ ପବନରେ ବକ୍ଷକୁ ଫୁଲାଇ କୌଶଳକୁ ନିଶ୍ଚିତ କରିବା କ୍ରିୟାକୁ 'ସିଦ୍ଧି' କୁହାଯାଏ । ଏଥିରେ ଧନୁଯୋଗର ପୂର୍ଣ୍ଣତାପ୍ରାପ୍ତି ହୁଏ ।

'ପ୍ରୟୋଗ'ର ଅର୍ଥ ହେଉଛି ବାଣର ପ୍ରକ୍ଷେପଣ । ମୁହୂର୍ତ୍ତକ ମଧ୍ୟରେ ନିଶ୍ଚିତଲକ୍ଷ୍ୟ ଉପରେ ବାଣର ଅଭେଦ୍ୟ ଲକ୍ଷ୍ୟକୁ ପ୍ରକ୍ଷେପିତ କରି ବକ୍ଷକୁ ନେଇଥିବା ପବନକୁ ଛାଡ଼ି ପୁଣି ବକ୍ଷର ପୂର୍ବ ଅବସ୍ଥାକୁ ନେଇ ଆସିବା। ଏହିଠାରେ 'ପ୍ରୟୋଗ'ପୂର୍ଣ୍ଣ ହୁଏ ।

'ଚଉଦ' ବିଦ୍ୟା ସହିତ ଜୀବନକୁ ସର୍ବାଙ୍ଗସୁନ୍ଦର ପରିପୂର୍ଣ୍ଣ କରିବା ପାଇଁ 'ଚଉଷଠି କଳା' ମଧ୍ୟ ରହିଛି । ଚଉଷଠି ମଧ୍ୟରେ ସର୍ବଶ୍ରେଷ୍ଠ ଏବଂ ପ୍ରଥମ କଳା ହେଉଛି ସଙ୍ଗୀତ । 'ସା ରେ ଗା ମା ପା ଧା ନି' ଏହି ସାତଟି ସ୍ୱରକୁ ଅମର ସପ୍ତସ୍ୱର ବୋଲି କୁହାଯାଏ । ଷଡ଼ଜ, ପଞ୍ଚମ, ସପ୍ତକ ପ୍ରଭୃତି ଏହାର ଗତି, ଭ୍ରୁ, ମହ୍ଲାର, ଯମନ, ମାଳକଂସ, ଆଶାବରୀ, ଭୈରବୀ ପ୍ରଭୃତି ରାଗରାଗିଣୀକୁ ନେଇ ସଙ୍ଗୀତର ବିଶାଳ ବଟବୃକ୍ଷ ତିଆରି ହୋଇଛି ।

ତୁମେମାନେ ଏଠାରେ ପଚାରିପାର 'ସଙ୍ଗୀତ'କୁ କାହିଁକି ସର୍ବଶ୍ରେଷ୍ଠ କଳା ବୋଲି କୁହାଯିବ । ଏଥିପାଇଁ ସଙ୍ଗୀତ କୌଣସି ମଧ୍ୟସ୍ଥି ବିନା ସିଧାସଳଖ ଭାବରେ ଶ୍ରୋତାର ହୃଦୟକୁ ସ୍ପର୍ଶ କରେ । ସଙ୍ଗୀତର ଗୋଟିଏ ଆଳାପରେ ଯାହା କୁହାଯାଇପାରିବ ତାହା ମହାକାବ୍ୟର ଗୋଟିଏ ପୂର୍ଣ୍ଣସର୍ଗରେ କୁହାଯାଇପାରିବ ନାହିଁ । ଏହାସତ୍ତ୍ୱେ ସଙ୍ଗୀତକୁ ବିଦ୍ୟାଭାବରେ ଗ୍ରହଣ କରାଯାଏ ନାହିଁ । 'କଳା' ବୋଲି ଗ୍ରହଣ କରାଯାଏ ।

ଆଚାର୍ଯ୍ୟ ମହାଶୟଙ୍କର ଦୃଷ୍ଟି କହିଲାବେଳେ ଆହୁରି ଗଭୀର ହୋଇଯାଉଥିଲା । ତାଙ୍କର ଅମୃତବାଣୀ ଜ୍ଞାନର ଅଥଳ ସାଗରକୁ ମଧ୍ୟ ଅତିକ୍ରମ କରିଯାଇଥିଲା । ଏକ ଉଜ୍ଜ୍ୱଳ ଆଲୋକ ତାଙ୍କ କପାଳର ଦୁଇ ଆଖିର ଭ୍ରୂ ମଧ୍ୟରୁ ଯେମିତି ବାହାରି ଆସି ଗୁରୁଦେବଙ୍କର ମୁଖମଣ୍ଡଳକୁ ଆହୁରି ତେଜିୟାନ୍ କରିଦେଉଥିଲା ପାର୍ଥ ! ଏଭଳି ଅସାଧାରଣ ଜ୍ଞାନ, ବୋଧଶକ୍ତିର ଅନୁପମ ସମାହାର ମୁଁ ଅନ୍ୟ କୌଣସି ମହାନ୍ ଜ୍ଞାନୀଙ୍କଠାରେ କେବେହେଲେ ଦେଖି ନଥିଲି । ତାଙ୍କର ଅସାମାନ୍ୟ ପ୍ରଜ୍ଞା, ଧୀଶକ୍ତି, ଅପୂର୍ବ ବିଶ୍ଳେଷଣ ବ୍ୟାଖ୍ୟା, ସରଳ ସ୍ୱାଭାବିକ ଭାବରେ ତାହାର ଅର୍ଥ ବୁଝାଇବା ବାସ୍ତବିକ ଅଭୂତପୂର୍ବ, ଅସାଧାରଣ ଥିଲା ପାର୍ଥ ! ମୁଁ ନିଜକୁ ବଡ଼ ଭାଗ୍ୟବାନ ମନେକରୁଥିଲି ଯେ ଏଭଳି ଜଣେ ମହାନ୍ ଗୁରୁଙ୍କ ନିକଟକୁ ମୁଁ ଶିକ୍ଷାଗ୍ରହଣ କରିବାକୁ ଆସିଛି ।

ଆଖି ବନ୍ଦ କରି ଏକଦମ୍ ଶାନ୍ତ ସହଜଭାବରେ ଗୁରୁଦେବ ୮'ହୁଥାନ୍ତି, ''ଚର୍ମଚକ୍ଷୁ, ଅର୍ଥାତ୍ ଦୃଷ୍ଟିରେ ଯାହା ଦେଖାଯାଏ ତାହା ବିଶ୍ୱ ସତ, କିନ୍ତୁ ଏହାଠାରୁ ଉପରେ ଯାହା ଅନନ୍ତ ତାକୁ ବ୍ରହ୍ମାଣ୍ଡ କୁହାଯାଏ । ଅସୀମ ବିଶ୍ୱ ମଧ୍ୟରେ ଆମର ଧରିତ୍ରୀ ଆମେ ଯେଉଁଠାରେ ବାସ କରୁଛୁ ତାହାର ମୂଳରୂପ ପଞ୍ଚମହାଭୂତର ନିୟମଦ୍ୱାରା ପରିଚାଳିତ ହୁଏ । ସେହି ପଞ୍ଚ ମହାଭୂତ ହେଲା ପୃଥ୍ୱୀ, ଜଳ, ତେଜ, ବାୟୁ ଓ ଆକାଶ । ଏକଥା ତୁମେମାନେ ଭଲଭାବରେ ବୁଝ ଯେ, ଆକାଶ ଓ ଅବକାଶ ମଧ୍ୟରେ ପାର୍ଥକ୍ୟ ଅଛି । ନୀଳବର୍ଣ୍ଣର ଆକାଶ ଆମକୁ ସ୍ପଷ୍ଟ ଦେଖାଯାଉଛି । କିନ୍ତୁ ଅବକାଶ ଏହାର ଉପରେ ଅଛି ତାହାକୁ ଅନନ୍ତ କୁହାଯାଏ । ଏହା ଅସୀମ କୃଷ୍ଣବର୍ଣ୍ଣଯୁକ୍ତ ।

ହଠାତ୍ ବଳରାମ ଭାଇନାଙ୍କ ଆଡ଼କୁ ଚାହିଁ କହିଲେ, ''କ'ଣ ବଳରାମ ! କିଛି ବୁଝିପାରିଲ ?'' ସେ ସାଙ୍ଗେ ସାଙ୍ଗେ ଉତ୍ତର ଦେଲେ, ''ଯାହା କୃଷ୍ଣ ତାହା ଅସୀମ, ଅନନ୍ତ ।'' ଆଚାର୍ଯ୍ୟ ମହାଶୟ ଏବଂ ମୁଁ ଭାଇନାଙ୍କ ଆଡ଼କୁ ଚାହିଁ ତାଙ୍କର ଉତ୍ତର ଶୁଣି ହସିଲୁ । କିନ୍ତୁ ଭାଇନା ଅତ୍ୟନ୍ତ ନିରୀହ ଜିଜ୍ଞାସୁ ଭଳି ଗୁରୁଦେବଙ୍କୁ ଶୁଣୁଥିଲେ ।

ଗୁରୁଦେବ କହୁଥାନ୍ତି, ''ଚୈତନ୍ୟମୟ ପ୍ରକାଶରୂପ ପ୍ରାଣତତ୍ତ୍ୱ ଅନନ୍ତ ଉପରେ ପ୍ରଭାବ ପକାଇଥାଏ । ଯେଉଁଠାରେ କି ଜଡ଼ ଚୈତନ୍ୟଯୁକ୍ତ ହୋଇ ବିଶ୍ୱରେ ସାକାର ରୂପ ଗ୍ରହଣ କରିଥାଏ । ଯାହାଫଳରେ ବିଶ୍ୱ କ୍ରମଶଃ ବିକଶିତ ହୋଇଥାଏ । ଏହି କ୍ରମବିକାଶର ଏକ ପରମାର୍ଥ ବିନ୍ଦୁ ବା ଲକ୍ଷ୍ୟ ନିଶ୍ଚିତ ହୋଇଥାଏ । ପୂର୍ଣ୍ଣବିକାଶ ହୋଇସାରିବା ପରେ ପୁଣି ବିଶ୍ୱର ସଙ୍କୋଚନ ହୋଇଥାଏ । ଏହାର ନିମ୍ନବିନ୍ଦୁର ଲକ୍ଷ୍ୟ ମଧ୍ୟ ନିଶ୍ଚିତ ହୋଇଥାଏ । ଏହାପରେ ଅବକାଶ ବା ଅନନ୍ତ ଉପରେ ପ୍ରାଣତତ୍ତ୍ୱର ପୁନର୍ବାର ପ୍ରଭାବ, ପୁନର୍ବାର ବିକଶନ, ପୁନଃ ସଙ୍କୋଚନ ଏହିଭଳି ଜୀବନଚକ୍ରର ଗତି କୋଟି କୋଟି ବର୍ଷ ଧରି ଚାଲିଆସୁଛି, ଚାଲୁଥିଲା, ଭବିଷ୍ୟତରେ ଚାଲିବ ମଧ୍ୟ । ତେଣୁ ତୁମର ଏହି ଜୀବନକୁ ଜାଣିବାକୁ ହେଲେ ତୁମକୁ ଅନ୍ୟ ଏକ ଜୀବନ ସତ୍ୟକୁ ବୁଝିବାକୁ ପଡ଼ିବ । 'କାଳ' ହିଁ ଏହି ସତ୍ୟର ଧାରକ ତତ୍ତ୍ୱ । ଦିବସ, ରାତ୍ରି, ମାସ, ବର୍ଷ, ତପ ଏବଂ ଯୁଗରୁ ଆମେ କାଳର ଗଣନା କରିଥାଉ । ବାରବର୍ଷରେ ଗୋଟିଏ 'ତପ' ହୁଏ । ସହସ୍ର 'ତପ'ରେ ଗୋଟିଏ 'ଯୁଗ' ତିଆରି ହୁଏ ।

ଏକ ସହସ୍ର ଯୁଗରେ ବ୍ରହ୍ମାଙ୍କର ଗୋଟିଏ ଦିନ ହୁଏ । ବ୍ରହ୍ମାଙ୍କର ଏହିଭଳି କେତେଗୁଡ଼ିଏ ଦିନକୁ ନେଇ 'କଳ୍ପ'ତିଆରି ହୁଏ । ଅର୍ଥାତ୍ ଚାରିଶହ ବତିଶ ଦଶ ଲକ୍ଷ ବର୍ଷରେ ଏକ 'କଳ୍ପ' ତିଆରି ହୁଏ । ସମସ୍ତ ଶିଷ୍ୟମାନଙ୍କୁ କ୍ଲିଷ୍ଟ, ଜଟିଳ ଗଣିତର ବିଭିନ୍ନ ସୂତ୍ରରେ ଛନ୍ଦି ଦେଇ କିଛିକ୍ଷଣ ପାଇଁ ମନକୁ ମନ ଆଚାର୍ଯ୍ୟ ମହୋଦୟ ମୁର୍କି ମୁର୍କି ହସୁଥାନ୍ତି । ନିଜେ ପ୍ରଶ୍ନ ପଚାରି ପୁଣି ତା'ର ଉତ୍ତର ଦେଇ

କହିଲେ, ''କ'ଣ ଏପରି ଅନନ୍ତକାଳର ଗଣନା କେହି କରିପାରିବ ? ନା କେବେ ନୁହେଁ । କାଳ ଅଖଣ୍ଡ । ଏହାର କୌଣସି ଆଦି ନାହିଁକି ଅନ୍ତନାହିଁ । ଠିକ୍ ସେହିପରି ଜୀବନ ଅସୀମ, ଅନନ୍ତ, ଚିରନ୍ତନ । ଯିଏ ସତ୍ୟକୁ ଜାଣେ ସେହିଁ ଦ୍ରଷ୍ଟା ହୁଏ । ମୁଁ କାଳ, ମୁଁ ଜୀବନ ଏକଥା କହୁଥିବା ତଥା ଏ ବିଷୟରେ ଅଗାଧ ଜ୍ଞାନ ଥିବା ବ୍ୟକ୍ତି 'ପରମଦ୍ରଷ୍ଟା' ହୋଇଥାଏ । ହୋଇପାରେ ଏଭଳି ଜଣେ ପରମଦ୍ରଷ୍ଟା ତୁମମାନଙ୍କ ଭିତରେ ଥାଇପାରନ୍ତି ?''

ହଠାତ୍ କିଛି ସମୟ ରହିଯାଇ ଆଖି ଖୋଲି ଆଚାର୍ଯ୍ୟ ମହୋଦୟ ପଚାରିଲେ, ''କ'ଣ ଶ୍ରୀକୃଷ୍ଣ ? ବୁଝିପାରୁଛ ତ ?'' ମୋ ଆଡ଼କୁ ଦେଖି ସେ ପୁନର୍ବାର ମନ୍ଦ ମନ୍ଦ ଅର୍ଥପୂର୍ଣ୍ଣ ଢଙ୍ଗରେ ହସିଲେ । ମୁଁ ମଧ ତାଙ୍କ ହସରେ ହସିଦେଲି ହେଲେ କିଛି କହିଲି ନାହିଁ । ଆଶ୍ରମ କୁମାରମାନେ ଆମକୁ ସେମିତି ଆଶ୍ଚର୍ଯ୍ୟ ହୋଇ ଦେଖୁଥାନ୍ତି ।

ବିଷୟର ପରିବର୍ତ୍ତନ କରି ଗୁରୁଦେବ ପୁଣି କହିବାକୁ ଲାଗିଲେ, ''ନିଜର ଆତ୍ମଶକ୍ତିର ସର୍ବାଙ୍ଗୀନ ବିକାଶରେ ଅହଂକାର ସବୁଠାରୁ ବଡ଼ ପ୍ରତିବନ୍ଧକ ହୋଇଥାଏ । ଏହାର ଅନେକପ୍ରକାର ତର୍ଜମା କରାଯାଇପାରେ । ରାଜ୍ୟଲିପ୍ସା, ବଳସାମର୍ଥ୍ୟ, ସମ୍ପତ୍ତି, ସୌନ୍ଦର୍ଯ୍ୟ, ଯଶ, କୀର୍ତ୍ତି ଏସବୁର ଅହଂକାର କେବେହେଲେ ଜୀବକୁ ବିକଶିତ ହେବା ଦିଗରେ ସାହାଯ୍ୟ କରେନାହିଁ ।'' ଭାଇନାଙ୍କ ଆଡ଼କୁ ଚାହିଁ ଗୁରୁଦେବ ପଚାରିଲେ, ''ବଳରାମ ! ତୁମେ କହିପାରିବ କି ସବୁଠାରୁ ଅଧିକ ଘାତକ ଅହଂକାର କେଉଁଟା ?''

ଭାଇନା ହଠାତ୍ ପ୍ରଶ୍ନରେ ଟିକେ ହଡ଼ବଡ଼େଇ ଗଲେ ସତ କିନ୍ତୁ ନିଜକୁ ପ୍ରକୃତିସ୍ଥ କରି କହିଲେ, ''ସାମର୍ଥ୍ୟର ଅହଂକାର ଗୁରୁଦେବ ।''

ଗୁରୁଦେବ କହିଲେ, ''ନା ବଳରାମ ! ଜ୍ଞାନର ଅହଂକାର ହିଁ ଆଧ୍ୟାତ୍ମିକ ଉନ୍ନତି ପଥରେ ପ୍ରଥମ ବାଧକରୂପେ ଛିଡ଼ାହୁଏ । ଫଳ ଭାରରେ ସର୍ବଦା ତଳକୁ ନଇଁପଡ଼ିଥିବା ଆମ୍ବ ଗଛଭଳି ଜ୍ଞାନୀକୁ ସବୁବେଳେ ନମ୍ର ହୋଇରହିବା ଆବଶ୍ୟକ । ଏହି ନମ୍ରତାରୁ ହିଁ ଜ୍ଞାନର ସୁଗନ୍ଧ ବିକିରିତ ହୋଇଥାଏ । ସେଥିପାଇଁ କୁହାଯାଏ ''ନମ୍ରନ୍ତି ଫଳିନୋବୃକ୍ଷାଃ । ନମ୍ରନ୍ତି ଗୁଣୀନୋ ଜନାଃ ।'' ଗୋଟିଏ କଥା ସର୍ବଦା ମନେରଖିବ ତାହା ହେଲା ଜୀବ ତିନିଟି ପରିମାଣରେ ବିଚରଣ କରିଥାଏ । ସେଗୁଡ଼ିକ ହେଲା ଲମ୍ବା, ଓସାରିଆ ଏବଂ ଗଭୀର । ଯିଏ ଚତୁର୍ଥ ପରିମାଣ 'ଅଖଣ୍ଡକାଳ'କୁ ଜାଣିଥାଏ, ସ୍ୱୀକାର କରିଯାଏ ତାକୁ ପୁରୁଷୋତ୍ତମ କହନ୍ତି । ଆହୁରି ମଧ କିଛି ପରିମାଣ ଅଛି, ହେଲେ ସେଗୁଡ଼ିକୁ ପୁଣି କେବେ କହିବି । ଅର୍ପଣମସ୍ତୁ ।''

ପ୍ରଥମେ କିଛି କିଛି ଶବ୍ଦ ଓଠରେ ବୁଦ୍‌ବୁଦାଇ ଆଚାର୍ଯ୍ୟ ସାନ୍ଦିପନୀ ଧୀରେ ଧୀରେ ନିଜର ଆଖିବନ୍ଦ କରିଦେଲେ ଓ ସେ ସହଜ ସମାଧିରେ ମଗ୍ନ ହୋଇଗଲେ ।

ପ୍ରଥମେ ମୁଁ, ବଳରାମ ଭାଇନା ଓ ଉଦ୍ଧବ ଆମେ ତିନିଜଣ ଗୋଟିଏ କୁଟୀରରେ ରହୁଥିଲୁ । କିଛିଦିନ ପରେ ଆମର କୁଟୀରକୁ ଜଣେ ଆଶ୍ରମ କୁମାର ଆସି ପହଞ୍ଚିଲେ ତାଙ୍କର ନାମ ସୁଦାମା । ସୌରାଷ୍ଟ୍ର ତାଙ୍କର ଘର । ବର୍ତ୍ତମାନ ଆମ କୁଟୀରରେ ଚାରି ଜଣ ହୋଇଗଲୁ ।

ସୁଦାମାଙ୍କର ଲମ୍ବା, ଗୋରା, ନିରୀହ, ପରିଶ୍ରମୀ ଚେହେରା ସତରେ ବଡ଼ ଆକର୍ଷଣୀୟ ଥିଲା । ସେ ବ୍ରାହ୍ମଣ କୁମାର ଥିଲେ । ମୋର କେତେକ ଅନୁଭବରେ ଏକ ନୂଆପଣ ମୁଁ ଅନ୍ତରେ ଅନୁଭବ କରୁଥିଲି । ବିଶେଷଭାବରେ 'ପ୍ରେମ' ବିଷୟରେ ମୁଁ ଅସାଧାରଣ ବୋଧଶକ୍ତି ରଖୁଥିଲି । ବିଶୁଦ୍ଧ ସ୍ନେହ ନିର୍ମାଣ କିପରି ହୁଏ, କେମିତି ତାହା ବଢ଼େ ପୁଣି ଦୃଢ଼ ହୁଏ ସେସବୁ ପାର୍ଥ ! ଶବ୍ଦରେ ବର୍ଣ୍ଣନା କରିହେବନାହିଁ । ସ୍ନେହ ପ୍ରେମ ତ ମଣିଷର ଜନ୍ମଜନ୍ମର ଅନୁଭବ । ପ୍ରେମ କେବେ ସୃଷ୍ଟି ହେଲା କେବେ ଅନ୍ତ ହେଲା ତାହାର କୌଣସି ଇତିହାସ ନାହିଁ । ପ୍ରେମ କେବଳ ହୋଇଯାଏ ପାର୍ଥ ! ତୁମେ ଯେମିତି ଦ୍ରୌପଦୀଙ୍କୁ ପ୍ରଥମ ଦେଖାରେ ତାଙ୍କ ପ୍ରେମରେ ପଡ଼ିଯାଇଥିଲ । ତୁମେ ତ ଜାଣି ନଥିଲ ଧନୁରେ ବାଣ ଚଢ଼ାଇ ପ୍ରତିଯୋଗିତାର ଘୂମନ୍ତ ମାଛକୁ ମାରି ଖସାଇ ଜିତିବ କି ନାହିଁ । ତୁମେ ପାଞ୍ଚାଳିଙ୍କୁ ଦେଖିଥିଲ ଓ ଏକ ଅନନୁଭୂତ ପ୍ରେମାନୁଭୂତିରେ ମୋହାଚ୍ଛନ୍ନ ଆବିଷ୍ଟ ହୋଇଯାଇଥିଲ । ପ୍ରେମ ସ୍ନେହର ଭାଷା କ'ଣ କାହାକୁ କହିହୁଏ ? ଯୋଜନ ଯୋଜନ ଦୂରରେ ସାନ୍ଦିପନୀଙ୍କର ଆଶ୍ରମରେ ଥିଲାବେଳେ ମଧ ମୁଁ ରାଧାଙ୍କର ମୋ ପ୍ରତି ଅସୀମ ବ୍ୟାକୁଳତା ଭଲପାଇବାକୁ ପ୍ରତିକ୍ଷଣରେ ଅନୁଭବ କରିପାରୁଛି ଅର୍ଜୁନ ! ତାଙ୍କର ଲୁହ ଛଳ ଛଳ ଆଖି, ଥର ଥର ବାଷ୍ପରୁଦ୍ଧ ଓଠର କମ୍ପନ, ଝାଳ ସରସର ହାତର ଶୀତଳତା ସବୁ ଯେମିତି ମୋ ଶରୀରରେ ଅସ୍ତିତ୍ୱରେ ନେସି ହୋଇରହିଛି । କାହିଁ ଟିକେ ତ ମତେ ଲାଗୁନି ଯେ ମୁଁ ରାଧାଙ୍କଠାରୁ ଦୂରରେ ଅଛି । ଶୟନେ ସପନେ ଜାଗରଣରେ ପ୍ରତ୍ୟେକ ମୁହୂର୍ତ୍ତରେ ମୁଁ ତାଙ୍କୁ ଝୁରୁଛି ପାର୍ଥ ! ମୁଁ ତାଙ୍କୁ ଆତ୍ମାରେ ଆତ୍ମାରେ ଅନୁଭବ କରୁଛି ।

ଆଶ୍ରମର ସମ୍ପୂର୍ଣ୍ଣ ଦିନଚର୍ଯ୍ୟାରେ ଆମେ ଚାରିଜଣ ଏକାଠି ସବୁ କାମ କରୁଥିଲୁ । ବ୍ରାହ୍ମମୁହୂର୍ତ୍ତରୁ ଉଠି ସମସ୍ତ ନିତ୍ୟକର୍ମସାରି ଆଚାର୍ଯ୍ୟ ମହୋଦୟଙ୍କର ଯଜ୍ଞ ନିମନ୍ତେ ସମିଧ, ପୂଜାପାଇଁ ଫୁଲ, ଉପହାର ପାଇଁ ଫଳ, ଜାଳେଣି ପାଇଁ କାଠ ଏକତ୍ର କରିବା ପାଇଁ ଅବନ୍ତୀର ଘଞ୍ଚ ଅରଣ୍ୟ ଭିତରେ ଆମେ ଘୂରୁଥିଲୁ । ସେହି ଜଙ୍ଗଲର ପ୍ରତି କୋଣ ଅନୁକୋଣକୁ ଆମେ ଭଲଭାବରେ ଦେଖିସାରିଥିଲୁ । ଅବନ୍ତୀର

ଅରଣ୍ୟରେ ବୁଲୁଥିଲାବେଳେ ଆମେ ଅନ୍ୟାନ୍ୟ ପର୍ଣ୍ଣକୁଟୀରମାନଙ୍କରେ ରହୁଥିବା ଆମର ସହାଧ୍ୟାୟୀମାନଙ୍କ ସହିତ ସାକ୍ଷାତ ହୋଇଯାଉଥିଲା । ଆମ ସମସ୍ତଙ୍କର ଆନନ୍ଦ କୋଳାହଳ ଭିତରେ ସମଗ୍ର ଅରଣ୍ୟାଞ୍ଚଳ ପୂରି ଉଠୁଥିଲା । କେବେ କେବେ ଆମେ ଆଶ୍ରମ କୁମାରମାନେ ଅରଣ୍ୟ ମଧ୍ୟସ୍ଥ ସରୋବର କୂଳରେ ଦୌଡ଼ାଦୌଡ଼ି ଖେଳ ଖେଳୁଥିଲୁ । ଖେଳି ଖେଳି ହାଲିଆ ହୋଇଗଲେ ଝାଳ ଦେହରୁ ବହୁତ ବାହାରୁ ଥିଲା ଏବଂ ଆମେ ଦୁଲ୍‌ଦାଲ୍ ହୋଇ ସରୋବର ମଧ୍ୟକୁ ଡେଇଁ ଗାଧୋଉଥିଲୁ । ପାଣି ଭିତରେ ମନଇଚ୍ଛା ଜଳକ୍ରୀଡ଼ାରେ ମାତୁଥିଲୁ । ଏମିତି ଅନେକ ସମୟ ବିତିବାପରେ ଆମେ ସବୁ ପାଣିରୁ ଉଠି ଆସୁଥିଲୁ । ସୁଦାମା ଓ ଉଦ୍ଧବ ମୟୂରମାନଙ୍କର ନାଚରୁ ଖସିପଡ଼ିଥିବା ମୟୂର ପୁଚ୍ଛସବୁକୁ ସଂଗ୍ରହ କରି ଆଣଥିଲେ ।

ମୋର ଓଦା ଘଞ୍ଚ ବାଳରେ ମୟୂରପୁଚ୍ଛଟିଏ ଖୋସି ଦେଉ ଦେଉ ଉଦ୍ଧବ କହୁଥିଲା, ''ଭାଇନା ! ଯେତେବେଳେ ମୁଁ ତୁମର ଏହି ଓଦା ସରସର କୃଷ୍ଣବର୍ଣ୍ଣର କେଶକୁ ଦେଖେ ମତେ ଲାଗେ ତୁମେ ଆମ ସମସ୍ତଙ୍କଠାରୁ ଏକଦମ୍ ଭିନ୍ନ, ଅଲଗା । କିନ୍ତୁ କାହିଁକି ଏକଥା ମୁଁ ତୁମକୁ କହିପାରିବି ନାହିଁ ।''

ଉଦ୍ଧବ କଥାରେ ହଁ ଭରି ସୁଦାମା ମଧ୍ୟ କହି ଉଠନ୍ତି, ''ମତେ ବି ଏମିତି ଲାଗେ ଶ୍ରୀକୃଷ୍ଣ ! ତୁମେ ଆମ ସମସ୍ତଙ୍କଠାରୁ କିଛି ଅଲଗା, ଏକବାରେ ଭିନ୍ନ ।'' ମୋ ବାଳରେ ମୟୂରପୁଚ୍ଛ ଗୁଡ଼ିଏ ବଡ଼ ସ୍ନେହରେ ଖୋସି ଦେଉଥିଲେ । ତାପରେ ପନ୍ଦର କୋଡ଼ିଏ ଜଣ ଆଶ୍ରମ କୁମାର ମତେ ଓ ଭାଇନାଙ୍କୁ ମଝିରେ ରଖି ଆମର ଚତୁର୍ଦ୍ଦିଗରେ ବୁଲି ବୁଲି ବଡ଼ ସୁନ୍ଦର ଲାଳିତ୍ୟଭରା ଲୋକଗୀତ ସବୁ ଗାଇ ପରିବେଶକୁ ଆମର ମନକୁ ଆହୁରି ବିଭୋରପଣରେ ଆଚ୍ଛନ୍ନ କରିଦେଉଥିଲେ ।

ଆଶ୍ରମକୁ ଫେରିଲାପରେ ସୁଦାମାକୁ ଚିଡ଼େଇବା ପାଇଁ ସନକ ମତେ ଦେଖେଇ ଦେଖେଇ କହେ, ବନ୍ଧୁ ସୁଦାମା ! ବ୍ରହ୍ମଚାରୀ ଦୁଇ ପ୍ରକାରର ହୋଇଥାନ୍ତି । ଜଣେ ନୈଷ୍ଠିକ ଅର୍ଥାତ୍ ଆଜନ୍ମ ବ୍ରହ୍ମଚାରୀ । ଅନ୍ୟ ଜଣେ ହେଉଛନ୍ତି, ଉପକୁର୍ବାଣ ଅର୍ଥାତ୍ ଅଧ୍ୟୟନପୂର୍ଣ୍ଣ ହେବାପରେ ଗୃହସ୍ଥାଶ୍ରମରେ ପ୍ରବେଶ କରେ, ଅନୈଷ୍ଠିକ ବ୍ରହ୍ମଚାରୀ । ବନ୍ଧୁ ! ତମେ ଏ ଦୁଇଜଣଙ୍କ ମଧ୍ୟରୁ କେଉଁପ୍ରକାର ବ୍ରହ୍ମଚାରୀ କହିଲ ?

ସନକ କଥାରେ ଆଦୌ ରାଗୁ ନଥିଲା ସୁଦାମା । ଶାନ୍ତ ନମ୍ର ଭାବରେ କହିଲା, ''ମୁଁ ଏକ ସାଧାରଣ ନିର୍ଦ୍ଧନ ଜଣେ ବ୍ରାହ୍ମଣ କୁମାର । ବାପାମାଙ୍କର ଏକମାତ୍ର ସନ୍ତାନ । ଏଠାକାର ବ୍ରହ୍ମଚର୍ଯ୍ୟାଶ୍ରମ ପୂର୍ଣ୍ଣ ହେବାପରେ ନିଜ ଗାଆଁକୁ ଫେରିଯାଇ ମତେ ବିବାହ କରିବାକୁ ପଡ଼ିବ । ପତ୍ନୀ ସହିତ ନିଜର ପିତାମାତାଙ୍କର ସେବା କରିବି ।''

ସୁଦାମାର ସରଳ ନିରୀହ ଉତ୍ତରରେ ମୁଁ ପ୍ରସନ୍ନତା ଅନୁଭବ କଲି । ତା'ର କାନ୍ଧ ଥାପୁଡାଇ ଦେଲି । ଆମେମାନେ ବଣରୁ ଜାଳେଣି ପାଇଁ କାଠ ନେଇ ଫେରିଲା ପରେ କୁରାଢ଼ୀରେ ସେସବୁ କାଠକୁ କାଟିବାକୁ ପଡୁଥିଲା । ବେଳେବେଳେ ଏଭଳି ଶାରୀରିକ ଶ୍ରମ କ୍ଷୀଣକାୟ ସୁଦାମା ପକ୍ଷରେ କରିବା ଅତ୍ୟନ୍ତ କଷ୍ଟକର ହୋଇପଡୁଥିଲା । ମୁଁ ଏକଥା ଭଲଭାବରେ ଜାଣିସାରିଥିଲି । ତେଣୁ ତା'ର କୁରାଢ଼ି ନିଜେ ନେଇ ଆସି କଥାବାର୍ତ୍ତା କରୁ କରୁ କାଠ କାଟି ଦେଉଥିଲି । ଶ୍ରମଜନିତ ଝାଳ କପାଳରୁ ଟପ୍ ଟପ୍ ହୋଇ ତଳେ ପଡୁଥିଲା । ମୁଁ ହାତରେ ପୋଛି ଦେଉଥିଲି । ସୁଦାମାର କାଠ କାଟିବାର ଶ୍ରମ ଯୋଗକୁ ମଧ୍ୟ ମୁଁ ଅତ୍ୟନ୍ତ ସରଳତାର ସହିତ ସମ୍ପୂର୍ଣ୍ଣ କରିଥିଲି । ଯେତେବେଳେ ମୁଁ କପାଳରୁ ଝାଳ ପୋଛିବା ପାଇଁ କାମ ମଝିରେ ଅଟକି ଯାଉଥିଲି ଏବଂ ସୁଦାମାକୁ ଦେଖି ହସୁଥିଲି ସେତେବେଳେ ସୁଦାମା କହୁଥିଲା ''ବନ୍ଧୁ କୃଷ୍ଣ ! ତୁମର ଏ ହସ ସତରେ ଖୁବ୍ ଅଲଗା ! ହସୁହସୁ ତୁମର ମୁଖମଣ୍ଡଳ ଅଧିକ ଆକର୍ଷଣୀୟ ମନେହେଉଛି । ତୁମର ଡାହାଣ ପଟ ଦାନ୍ତ ହସିଲାବେଳେ ଚମକିଉଠେ, ଯାହାକି ତୁମର ହସକୁ ଏକ ଅପୂର୍ବ ଶୋଭା ପ୍ରଦାନ କରେ । ତୁମର ଗୋଲାପି ଓଠର ପଛରେ ଛପିଥିବା କୁନ୍ଦପଂକ୍ତି ସଦୃଶ ତୁମର ଦାନ୍ତକୁ ବାରମ୍ବାର ଦେଖିବାକୁ ଇଚ୍ଛା ହୁଏ । ମୋର ଭାରି ଇଚ୍ଛା ହେଉଛି ତୁମକୁ ସର୍ବଦା ଏହିପରି ହସୁଥିବାର ଘଣ୍ଟା ଘଣ୍ଟା ଧରି ଦେଖୁଥାନ୍ତି ।''

ସରଳ ସ୍ନେହୀ ସହୃଦୟ ଭାବରେ କଥା କହୁଥିବା ସୁଦାମା ମୋର ଓ ଭାଇନାଙ୍କର ଅଭିନ୍ନ ମିତ୍ର ହୋଇସାରିଥାଏ । ଆଗରୁ ଉଦ୍ଧବ ତ ଆମର ହୋଇଥିଲେ । ଆମେ ଚାରିଜଣ କେବଳ ନଥିଲୁ । ଦେହ, ମନ, ଆତ୍ମାରେ ଆମେ ଚାରିଜଣ ଏକ ଓ ଅଭିନ୍ନ ଭାବରେ ଅତ୍ୟନ୍ତ ଆନନ୍ଦରେ ସାନ୍ଦିପନୀଙ୍କ ଆଶ୍ରମ ଦିନ ବିତାଉଥିଲୁ ।

ବୁଝିଲ ପାର୍ଥ ! ଆଶ୍ରମ ଜୀବନର ଗୋଟିଏ ଗୋଟିଏ ସ୍ମୃତିର ଅସରନ୍ତି ଆଚ୍ଛନ୍ନପଣ ଏବେବି ମତେ ସିକ୍ତ ଆବିଷ୍ଟ କରିଦିଏ । ନିରୋଳା ସ୍ନେହର ଛଳ ଛଳ ଭାବନାରେ ଜ୍ଞାନରେ ଉଦାତ୍ତ ଆମର ସେ ଅଭିନ୍ନ ବନ୍ଧୁତ୍ୱର ଭଲ ପାଇବା କେତେ ବିଶ୍ୱସ୍ତ ଥିଲା ସତରେ । ଏବେ ଆଉ ଆମକୁ ଆଦୌ ଅଚିହ୍ନା ଅଚିହ୍ନା ଲାଗୁ ନଥିଲା । ଆଶ୍ରମର ସବୁ ଶିଷ୍ୟମାନେ ଆମର ସାଙ୍ଗ ହୋଇଯାଇଥିଲେ ।

କିନ୍ତୁ ପାର୍ଥ ! ଆମ ଚାରିଜଣଙ୍କ ସ୍ନେହର ଚଉକୋଣ ଭିତରକୁ ସେମାନେ ପ୍ରବେଶ କରିପାରୁ ନଥିଲେ । ଏପରିକି ମୋର ମାଉସୀ ପୁଅ ଭାଇ ବିନ୍ଦ ଅନୁବିନ୍ଦ

ଏକା ଆଶ୍ରମର ସାଥୀ ହେଲେହେଁ ସେମାନଙ୍କ ସହିତ ଆମର ନୈକଟ୍ୟ ଗଭୀର ହୋଇପାରି ନଥିଲା । ଏହାର କାରଣ ମୁଁ କେତେ ଖୋଜିଲେ ବି ପାଇପାରୁ ନଥିଲି । ତେଣୁ ତୁମେ ଠିକ୍ କହିଥିଲ ଅର୍ଜୁନ ! କେତେବେଳେ କାହା ସହିତ କେଉଁପ୍ରକାର ଗଭୀର ସମ୍ପର୍କ ସୃଷ୍ଟି ହେବ ତାହା କ'ଣ ଆମ ହାତରେ ଅଛି ? ଜନ୍ମଜନ୍ମର ବନ୍ଧନ କାହିଁ କେତେବେଳେ ଆକସ୍ମିକ ଭାବରେ ଆସି ଆମକୁ ଏକାଠି ସ୍ନେହ ମମତାରେ ବାନ୍ଧି ପକାଏ ପୁଣି ଯୁଗ ଯୁଗର ବନ୍ଧୁତ୍ୱରେ ନିକଟତର କରାଏ ତାହା କେହି ହେଲେ ଚିନ୍ତା କରି ନଥାଏ ।

ଆଶ୍ରମରେ ପାଠ ପଢ଼ିବା ସମୟରେ ଦିନେ ମୁଁ ଆଚାର୍ଯ୍ୟ ମହୋଦୟଙ୍କୁ ପ୍ରଥମ ଥର ପାଇଁ ଲଳିତ କଳା ସମ୍ପର୍କରେ ପ୍ରଶ୍ନ ପଚାରିଲି । ଆମ ସମସ୍ତଙ୍କୁ ଏକ ଆତ୍ମୀୟ ଦୃଷ୍ଟିରେ ଆଉଁଷି ଦେଇ ତାଙ୍କର ସ୍ୱଭାବ ସୁଲଭ ମଧୁର କଣ୍ଠରେ ଗୁରୁଦେବ କହିଲେ, ''ହେ ମୋର ପ୍ରିୟ ଶିଷ୍ୟ ଗଣ । ସଙ୍ଗୀତ ବିଦ୍ୟା ପରେ ଦ୍ୱିତୀୟ ମହତ୍ତ୍ୱପୂର୍ଣ୍ଣ କଳାର ନାମ ହେଉଛି ସାହିତ୍ୟ । ତୃତୀୟ କଳା ହେଉଛି ଆଲେଖ ବା ଚିତ୍ରକଳା । ଯିଏ ସହ + ହିତ କରେ ତାହାକୁ ସାହିତ୍ୟ କହନ୍ତି । ଯିଏ ପାଠକର ହିତ ସାଧନ କରେ ତାହାହିଁ ସାହିତ୍ୟ । ଯାହା ମଣିଷର ଉନ୍ନତିର ସହାୟକ ହୁଏ ପ୍ରକୃତ ଅର୍ଥରେ ତାହା ସାହିତ୍ୟ ହୁଏ । ଯଥାର୍ଥ ସାହିତ୍ୟ ସିଧାସଳଖ ଭାବରେ ପାଠକର ହୃଦୟକୁ ସ୍ପର୍ଶ କରେ । ଏହି କଳା ସଙ୍ଗୀତ ଭଳି । ବାଣୀ ଯେପରି ମୂଳାଧାର କେନ୍ଦ୍ରରୁ ଉଦ୍‌ଗତ ହୁଏ ସେହିପରି ସାହିତ୍ୟ ଅନୁଭୂତିର ମୂଳରୁ ସୃଜିତ ହୁଏ । ସେଥିପାଇଁ ସାହିତ୍ୟକୁ 'ଅକ୍ଷର' ଅର୍ଥାତ୍ କେବେହେଲେ କ୍ଷୟ ନହେବା 'ସାହିତ୍ୟ' ବୋଲି କୁହାଯାଏ । ମୁଁ ତୁମମାନଙ୍କୁ କହିଥିବା ବେଦଗୁଡ଼ିକ ଉତ୍କୃଷ୍ଟ ଅକ୍ଷର ପର୍ଯ୍ୟାୟରେ ଆସନ୍ତି । ଅକ୍ଷରକୁ ବ୍ରହ୍ମଶକ୍ତି ବୋଲି ମଧ କୁହାଯାଏ । 'ଶବ୍ଦ ବ୍ରହ୍ମମ୍' ଅକ୍ଷର ପୁଞ୍ଜରୁ ଯେଉଁ ଶବ୍ଦ ସୃଷ୍ଟି ହୁଏ ତାହାକୁ ବ୍ରହ୍ମ ବୋଲି କୁହାଯାଏ । ବ୍ରହ୍ମ ଯେପରି ଅକ୍ଷୟୀ, ସନାତନ, ଶୂନ୍ୟ, ନୈର୍ବ୍ୟକ୍ତିକ, ଶବ୍ଦ ସେହିପରି ଅବାଙ୍‌ମାନସଗୋଚର ଅନୁଭୂତିକୁ ପ୍ରକାଶ କରେ । ଶବ୍ଦର ପ୍ରଣବ ଧ୍ୱନି 'ଓଁକାର' ମଣିଷର ଶରୀରର ଷଡ଼ଚକ୍ରକୁ ଉଦ୍‌ବୁଦ୍ଧ କରାଏ, ଉର୍ଦ୍ଧ୍ୱରେତା କରାଏ ତଥା ତାହା ଚୈତନିକ ଜଗତରେ ଅନନ୍ୟ ବିସ୍ଫୋରଣ ସୃଷ୍ଟି କରେ । ଶବ୍ଦ ବ୍ରହ୍ମର ସାଧନା ପାଇଁ ଐକାନ୍ତିକ ନିଷ୍ଠା, ଏକାଗ୍ରତା, ନିରଳସ ଉଦ୍ୟମ ଓ ଅଭ୍ୟାସ ଆବଶ୍ୟକ ।

ଦୃଷ୍ଟି ଦ୍ୱାରା ହୃଦୟକୁ ସ୍ପର୍ଶ କରୁଥିବା ଚିତ୍ରକଳାକୁ ମଧ 'ଆଲେଖ' କଳା ବୋଲି କୁହାଯାଇଥାଏ । ତେଣୁ ସଙ୍ଗୀତ, ସାହିତ୍ୟ, ଚିତ୍ର ତଥା ଚଉଷଠି କଳା ମଧ୍ୟରୁ ଯେକୌଣସିକଳାର ସୃଜନ କରିବାକୁ ହେଲେ କଳାକାର ମନ 'ପରା' ସ୍ପର୍ଶରେ ସଂଯୁକ୍ତ, ସଶକ୍ତ, ବିଶୁଦ୍ଧ, ନିର୍ଦ୍ଦୋଷ, ନିର୍ଲିପ୍ତ ହେବା ଆବଶ୍ୟକ । ନିର୍ମଳ ମନ ନିର୍ମଳ ଦେହ ମଧ୍ୟରେ ବାସ କରେ । ସେଥିପାଇଁ ବେଦର ସ୍ରଷ୍ଟାମାନେ ଦେହକୁ

ବିଶ୍ୱଦେବଙ୍କର ମନ୍ଦିର ବୋଲି ଆଖ୍ୟାୟିତ କରିଥିଲେ । ସୁସ୍ଥ ଦେହ ସମ୍ପତ୍ତିର ସ୍ୱର୍ଗୀୟ ଅଧିକାରୀ ହେବାପାଇଁ ମନୁଷ୍ୟକୁ 'ଯୋଗ'ଠାରୁ ବଳି ଉତ୍କୃଷ୍ଟ ବିଦ୍ୟା ଅର୍ଜନ ଅନ୍ୟ କେଉଁଥିରେ ହୋଇପାରିବ ନାହିଁ । ମୁଁ ତ 'ଯୋଗ' କୁ ପଞ୍ଚଦଶ ବିଦ୍ୟା ବୋଲି ଗ୍ରହଣ କରିଛି ।

କିଛିକ୍ଷଣ ଚିନ୍ତାକରି ଆଚାର୍ଯ୍ୟ ମହୋଦୟ ଟିକିଏ ଅଟକିଗଲେ । ପୁଣି ମୋ ଆଡ଼କୁ ଅନାଇ ଆଦେଶ ଦେବା ଭଙ୍ଗୀରେ କହିଲେ, ''ଶ୍ରୀକୃଷ୍ଣ ! ସେଠାରୁ ଉଠିଆସି ତୁମର ଭାଇନା, ସୁଦାମା ସହିତ ମୋର ସମ୍ମୁଖରେ ବସ ।'' ଆମେ ଚାରିଜଣ ଶୀଘ୍ର ଉଠିଆସି ବିନମ୍ରତାର ସହିତ ଆଚାର୍ଯ୍ୟ ମହାଶୟଙ୍କର ସମ୍ମୁଖରେ ବସିଗଲୁ ।

ଗୁରୁଦେବ ସ୍ୱୟଂ ଆଖି ବନ୍ଦ କରି ଗମ୍ଭୀର ସ୍ୱରରେ ଗୁରୁ ବନ୍ଦନା କରିବାକୁ ଆରମ୍ଭ କଲେ । ଆମେ ସବୁ ଶିଷ୍ୟମାନେ ପ୍ରଥମ ଥର ପାଇଁ ପ୍ରତ୍ୟକ୍ଷ ରୂପରେ ଗୁରୁଙ୍କ ମୁହଁରୁ ଗୁରୁ ବନ୍ଦନାର ମାଧୁର୍ଯ୍ୟ ଶୁଣିବାର ସୌଭାଗ୍ୟ ପାଇଥିଲୁ । ମୋ ମନରେ ସେତେବେଳେ ଗୋଟିଏ ପ୍ରଶ୍ନ ଉଙ୍କି ମାରୁଥିଲା ଆଚାର୍ଯ୍ୟ ମହାଶୟଙ୍କର ଗୁରୁଦେବ କିଏ ହୋଇଥିବେ ? ଯଦି ସେହି ସମୟରେ ଆମର କୁଟୀରରେ କିଛି କାଠିକୁଟା ମଧ ପଡ଼ିଥାନ୍ତା ତାହେଲେ ତା'ର ଶବ୍ଦ ଶୁଭିଯାଆନ୍ତା । ଏଭଳି ନୀରବତା ସେତେବେଳେ ଛାଇ ଯାଇଥିଲା । ଗୁରୁଦେବ ସେଦିନ ଆମ ସମସ୍ତଙ୍କୁ 'ଯୋଗବେଦ' ସମ୍ପର୍କରେ ଆଲୋଚନା କରି କହୁଥାନ୍ତି । ସବୁଦିନ ଅପେକ୍ଷା ସେଦିନ ଗୁରୁଦେବଙ୍କର କହିବା ବାଣୀରେ ଏକ ଭିନ୍ନ ପ୍ରକାର ମାଧୁର୍ଯ୍ୟ ଓ ସ୍ନିଗ୍ଧତା ଭରିରହିଥିଲା । ନିଶ୍ଚିତ ଭାବରେ 'ପରା'ବାଣୀରେ ସେ କହୁଥିଲେ । ମୋର ମନେ ହେଉଥିଲା ସାକ୍ଷାତଦେବୀ ଶାରଦାଙ୍କର ମଧୁମୟ ଝଙ୍କାର ରୂପୀ ବୀଣାର ଝଙ୍କାର କଣ୍ଠରେ ଭରିଯାଇଛି । ଗୁରୁଦେବଙ୍କର କଣ୍ଠରୁ ଶବ୍ଦସ୍ରୋତ ଯେପରି ହିମାଳୟର ଉତ୍ତୁଙ୍ଗ ଶିଖରରୁ ହିମଗଙ୍ଗା କଳକଳ ହୋଇ ଝରୁଛି ସେହିପରି ଝରି ଆସୁଥିଲା । ଓଃ ପାର୍ଥ ! କି ଅପୂର୍ବ, ଅନୁପମ ଲାଳିତ୍ୟ ଥିଲା ଆଚାର୍ଯ୍ୟ ମହାଶୟଙ୍କ ବାଣୀରେ । ସେହି ଶ୍ରବଣର ଆନନ୍ଦ ସତରେ ଅନିର୍ବଚନୀୟ ଅବର୍ଣ୍ଣନୀୟ ଥିଲା ।

ହେ ମୋର ପ୍ରିୟ ଶିଷ୍ୟଗଣ ! 'ସାଂଖ୍ୟଯୋଗ' ହିଁ ଜୀବନଯୋଗର ଏକ ମହାନ୍ କାବ୍ୟ ! ଏହାକୁ ଭଲ ଭାବରେ ବୁଝିବାକୁ ଚେଷ୍ଟାକର । ଜୀବର ନାଭି ନିକଟରେ ହିଁ ପ୍ରାଣର ମୂଳକେନ୍ଦ୍ର ବିଦ୍ୟମାନ । ଏହି ନାଭି କେନ୍ଦ୍ରରୁ ମଣିଷର ଶରୀରକୁ ବାସ୍ତରୀ ସହସ୍ର ଧମନୀ ଅତ୍ୟନ୍ତ ବ୍ୟବସ୍ଥିତ ଭାବରେ ବିଛେଇ ହୋଇଯାଇଛି । ପ୍ରତ୍ୟେକ ମଣିଷର ଶରୀରରେ ଛଅଟି ଚକ୍ର ଅଛି । ମୂଳାଧାର ଚକ୍ର କଟି ସ୍ଥାନରେ ଅଛି । ଏଠାରେ କୁଣ୍ଡଳିନୀ ନାମକ ଭଗବତୀ ଶକ୍ତି ସର୍ପପରି କୁଣ୍ଡଳୀ ଆକୃତିରେ ଅଧୋମୁଖ ହୋଇ ରହିଥାଏ । ଏହାର ଉପରେ ଦଶ ତଳେ

ଦଶଟି ଲେଖାଏଁ ମୁଖ୍ୟ ଧମନୀ ମଣିଷ ଶରୀରରେ ପ୍ରବାହିତ ହେଉଛି । ଦୁଇଟି ଲେଖାଏଁ ଆଡ଼ି ପରି ଧମନୀ ମଧ୍ୟ ରହିଛି । ସର୍ବମୋଟ ଚବିଶଟି ମୁଖ୍ୟ ଏବଂ ଉପଧମନୀରେ ରକ୍ତ ରୂପରେ ପ୍ରାଣଶକ୍ତି ଶରୀରରେ ନିରନ୍ତର ପ୍ରବାହିତ ହେଉଛି । ସୂର୍ଯ୍ୟକିରଣ ଯେପରି ସମଗ୍ର ଜଗତର ପ୍ରାଣଶକ୍ତି, ପ୍ରାଣଦୀପ ଠିକ୍ ସେହିପରି ରକ୍ତର ପ୍ରବହମାନତା ହିଁ ମଣିଷର ଅସ୍ତିତ୍ୱକୁ ଚିହ୍ନିତ କରୁଛି ।

ସେଥିପାଇଁ ପ୍ରତ୍ୟେକ ବ୍ୟକ୍ତିକୁ ଜୀବନକୁ ଜାଣିବାକୁ ହେଲେ 'ରକ୍ତ'ର ଯଥାର୍ଥ ଅର୍ଥକୁ ବୁଝିନେବା ନିତାନ୍ତ ଆବଶ୍ୟକ । କାରଣ ରକ୍ତର ଅର୍ଥ ହିଁ ଜୀବର ସଂସ୍କାରଶୀଳତାକୁ ସ୍ୱୀକୃତି ପ୍ରଦାନ କରିଥାଏ । ସେହି ମହାପ୍ରାଣସଞ୍ଚାରକାରୀ ରକ୍ତର ମୁଖ୍ୟ ଧମନୀଗୁଡ଼ିକ ହେଲେ ଇଡ଼ା, ପିଙ୍ଗଳା, ସୁଷୁମ୍ନା, ଗାନ୍ଧାରୀ, ହସ୍ତ, ଜିହ୍ୱା, ପୂଷା, ଯଶସ୍ୱିନୀ, ଅଳମ୍ବୁଷା, କୁହୁ ଓ ଶଙ୍ଖିନୀ । ଏମାନଙ୍କ ମଧ୍ୟରେ ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା ନାଡ଼ିର ମହତ୍ତ୍ୱ ସର୍ବାଧିକ ।

ମନୁଷ୍ୟ ଶରୀରର ବାମ ଭାଗରେ ଅନେକ ଧମନୀ ତାଙ୍କର ଶାଖା ଉପଶାଖା ଧମନୀ ସହିତ ମିଶି ଅହରହ କାର୍ଯ୍ୟ କରୁଥାଏ ତାକୁ ହିଁ 'ଇଡ଼ା' ଧମନୀ କହନ୍ତି । ଶରୀରର ଡାହାଣ ଭାଗରେ ଯେଉଁ ଧମନୀ କାର୍ଯ୍ୟ କରୁଛି ତାକୁ 'ପିଙ୍ଗଳା' କହନ୍ତି । ଏହି ଦୁଇ ଧମନୀର ମଝିରେ ମେରୁଦଣ୍ଡର ମଜ୍ଜା ରଜ୍ଜୁମାନଙ୍କ ଦ୍ୱାର ଯିଏ ଅହରହ କାର୍ଯ୍ୟ କରୁଛି ସେହି ଧମନୀଟି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ତାର ନାମ 'ସୁଷୁମ୍ନା' । ସୁଷୁମ୍ନା ନାଡ଼ିର ଅଧୋଭାଗରେ ଥିବା ମୂଳାଧାର ଚକ୍ରର ମୋକ୍ଷଦାୟୀ, ଦିବ୍ୟ ଭଗବତୀ ଶକ୍ତି ସର୍ପ ଆକାରରେ କୁଣ୍ଡଳୀ ମାରି ବସିଛନ୍ତି । ଏହି ଅନୁଭବଟି ବହୁତ କମ୍ ଲୋକଙ୍କୁ ଜଣାପଡ଼ିଥାଏ ।

ତେଣୁ ସେହି କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ କରିବାର ଇଚ୍ଛା ସେମାନଙ୍କ ଭିତରୁ ଆହୁରି କମ୍ ହୋଇଥାଏ । ହାତଗଣତି କେତେକ ବ୍ୟକ୍ତିଙ୍କୁ କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ କରିବାର ସଫଳତା ହାସଲ ହୋଇଥାଏ । ନିଜର ପ୍ରବଳ ଇଚ୍ଛାଶକ୍ତି ଦ୍ୱାରା କୁଣ୍ଡଳିନୀ ଶକ୍ତିକୁ ଉତ୍‌ଥିତ କରାଇବା ଏବଂ ବ୍ରହ୍ମଜ୍ଞାନ ପ୍ରାପ୍ତ ହେବା କୌଣସି ପରମଦ୍ରଷ୍ଟା, ଯୋଗଯୋଗେଶ୍ୱରଙ୍କ ପକ୍ଷରେ ହିଁ ସମ୍ଭବ ହୋଇଥାଏ ।

ଏହି ଭଗବତୀ କୁଣ୍ଡଳିନୀ ଶକ୍ତି ଜାଗ୍ରତ ହୋଇ ଶରୀରର ଛଅ ଚକ୍ର ମଧ୍ୟ ଦେଇ ଗତିକରି ମସ୍ତକର ବ୍ରହ୍ମରନ୍ଧ୍ରରେ ମିଳିତ ହୁଏ । ଏହି କୈବଲ୍ୟ ଦ୍ୱାରରୁ ହିଁ ଜୀବାତ୍ମା ପ୍ରତ୍ୟକ୍ଷ ରୂପରେ ଅସୀମ, ତେଜୋମୟ ଅନନ୍ତ ପରମାତ୍ମାଙ୍କ ସହିତ ସମ୍ବନ୍ଧ ସ୍ଥାପନ କରିପାରେ । ପରମାତ୍ମା ଅର୍ଥାତ୍ ଅସୀମ, କାଳାତୀତ, ସୃଜନଶୀଳ, ଶୂନ୍ୟ, ନୈର୍ବ୍ୟକ୍ତିକ ପ୍ରାଣଶକ୍ତିର ସ୍ୱରୂପ । ଭଗବତୀ କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ କରିବାପାଇଁ ନିୟମବଦ୍ଧ ଶାସ୍ତ୍ରକୁ ହିଁ ସାଂଖ୍ୟଯୋଗ କୁହାଯାଏ । ଏହି ଯୋଗର ଆଠଟି ଭାଗ

ରହିଛି, ଯଥା- ଯମ, ନିୟମ,ପ୍ରତ୍ୟାହାର,ଆସନ, ପ୍ରାଣାୟାମ, ଧ୍ୟାନ, ଧାରଣା ଓ ସମାଧି । ଯଦିଓ ଏହାର ସମସ୍ତ ଅଙ୍ଗ ମହତ୍ତ୍ୱପୂର୍ଣ୍ଣ, ତଥାପି ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ପ୍ରାଣାୟାମ । ପ୍ରାଣାୟାମର ଅର୍ଥ ହେଉଛି ଜୀବର ପ୍ରାଣଶକ୍ତି 'ଶ୍ୱାସ'ର ବିଶୋଧନ ନିୟମନ ।

'ଶ୍ୱାସ'ର ସୂର୍ଯ୍ୟଗତି ସହିତ ସମ୍ବନ୍ଧ ରହିଛି । ସାଧାରଣତଃ ଦିନରେ ମଣିଷର ଶ୍ୱାସକ୍ରିୟା ଡାହାଣ ପଟ ନାସାରେ ହୋଇଥାଏ । ଏହାକୁ ସୂର୍ଯ୍ୟପ୍ରବାହ କହନ୍ତି । ରାତିରେ ବାମ ପଟ ନାସାରେ ହୋଇଥାଏ । ତେଣୁ ଏହାକୁ ଚନ୍ଦ୍ର ସ୍ୱର ଅଥବା ଚନ୍ଦ୍ର ପ୍ରବାହ କୁହାଯାଏ । ସାଂଖ୍ୟଯୋଗରେ ସେଥିପାଇଁ ଯୋଗର ଅର୍ଥ ହେଉଛି ଦେହ ମଧ୍ୟରେ ଯିଏ ଶ୍ୱାସପ୍ରଶ୍ୱାସ ନେଉଛନ୍ତି ତାହାହିଁ ପ୍ରାଣକୃଷ୍ଣଙ୍କ ସହିତ ମିଳନ । ପ୍ରାଣକୃଷ୍ଣ ଯଦି ଶ୍ୱାସ ନ ନିଅନ୍ତି ତେବେ ଦେହ ରହିବ ନାହିଁ ।

ରାତିରେ ଶୋଇଲାବେଳେ ଆମର ଚିତ୍ତବୃତ୍ତି ନିରୋଧ ହୋଇଥାଏ । ଆମେ ଶାନ୍ତ ହୋଇଯାଉ । ସାଂଖ୍ୟଯୋଗରେ ସେହିପରି ଏକ ଶ୍ୱାସ କୌଶଳ ଅଛି । ତାହାଦ୍ୱାରା ମେରୁଦଣ୍ଡର ନିମ୍ନଭାଗ ମୂଳାଧାରରେ ଥିବା ଶକ୍ତିକୁ ଉପରକୁ ଉଠାଇବାକୁ ହୁଏ । ଯେଉଁ ମହାଶକ୍ତି ସେଠାରେ ଅଛନ୍ତି ତାକୁ ଉପଲବ୍ଧି କରିବାକୁ ପଡ଼ିବ । ''ମୂଳ ପଦ୍ମେ କୁଣ୍ଡଳିନୀ ଯାବତ୍ ନିଦ୍ରାୟିତା ପ୍ରଭୋ ! ତାବତ୍ କିଞ୍ଚିତ୍ ନ ସିଦ୍ଧତେ/ ଯନ୍ତ୍ରମନ୍ତ୍ରାର୍ଚ୍ଚନାଦିକମ୍ ମୂଳପଦ୍ମ'' ମୂଳାଧାରରେ କୁଣ୍ଡଳିନୀ ଶକ୍ତିର ଉତ୍‌ଥାନହିଁ ଜୀବର ସର୍ବଶ୍ରେଷ୍ଠ ଉପଲବ୍ଧି ।

ଅନେକ ଯୋଗୀ ସିଦ୍ଧ ସାଧକମାନେ ଦିନ ଓ ରାତିରେ ଦୁଇଟି ନାସାପୁଡ଼ା ଦ୍ୱାରା ଶ୍ୱାସକ୍ରିୟା କରିଥାନ୍ତି । ଏପରିକି କେତେ ସିଦ୍ଧ ସାଧୁ ମୁନି ଅଛନ୍ତି ସେମାନେ ଦିନରେ ଚନ୍ଦ୍ରସ୍ୱର ଏବଂ ରାତିରେ ସୂର୍ଯ୍ୟ ସ୍ୱରର ଶ୍ୱାସକ୍ରିୟା ମଧ୍ୟ କରିପାରନ୍ତି । ଅବଶ୍ୟ ଏଭଳି ମହାତ୍ମା ବହୁତ କମ୍ ଅଛନ୍ତି । କିନ୍ତୁ ଏସବୁ କୌଣସି ଚମତ୍କାର, ଅଲୌକିକ ଘଟଣା ନୁହେଁ । ଦେହ ଶାସ୍ତ୍ରର ଅବଧାରଣ ନିମନ୍ତେ ଅଭ୍ୟାସ କରାଯାଉଥିବା ବିଭିନ୍ନ ଯୌଗିକ କ୍ରିୟାରୂପୀ ଆସନର ସୁପରିମଣାମ ।

ବୁଝିଲ ଶିଷ୍ୟଗଣ ! ମୁଁ ଯେଉଁ ସିଦ୍ଧ ସାଧକମାନଙ୍କର ସିଦ୍ଧି ବିଷୟରେ କହିଲି ସେଭଳି ମହାନୁଭବମାନେ ମଧ୍ୟ ଆମ ଆଶ୍ରମରେ ଅଛନ୍ତି । ତୁମେମାନେ କ୍ଷତ୍ରିୟ ରାଜକୁମାର ସେଥିପାଇଁ ଗୋଟିଏ କଥା ସର୍ବଦା ଧ୍ୟାନରେ ରଖିବ ଯେତେବେଳେ ଧମନୀରେ ସୂର୍ଯ୍ୟ ପ୍ରବାହ ହେଉଥିବ ସେତିକିବେଳେ ଶାସ୍ତ୍ର ଅଧ୍ୟୟନ, କଠିନ ବିଦ୍ୟା ପଠନ ଓ ଆହରଣ କରିବ । ତାହା ଖୁବ୍ ଶୀଘ୍ର ମନେରହିବ । ସେହି ସମୟରେ ଶତ୍ରୁ କରିବା ନିଷ୍ପୟ କରିବା, ଶସ୍ତ୍ର ଧାରଣ କରିବା, ହାତୀ, ଅଶ୍ୱ ଆରୋହଣ କରିବା ପ୍ରଭୃତି ଲାଭପ୍ରଦ ହୋଇଥାଏ । ଚନ୍ଦ୍ରପ୍ରବାହ ସମୟରେ ଦାନ

କରିବା, ବ୍ୟାଧିର ଚିକିତ୍ସା କରିବା, ଶାନ୍ତି ପାଇଁ ସନ୍ଧି କରିବା ଇତ୍ୟାଦି ହିତକର ହୋଇଥାଏ ।

ଯେତେବେଳେ ସୁଷୁମ୍ନାର ଶୋଧନ କରିବ, ସେତେବେଳେ ଜଗଦୀଶ୍ୱରଙ୍କୁ ସ୍ମରଣ ଓ ଚିନ୍ତନ କରିବା ଉଚିତ । ଜଗତ୍‌କଲ୍ୟାଣ ନିମନ୍ତେ ଯଦି ଯୁଦ୍ଧ ହେଉଥାଏ ତେବେ ପରମେଶ୍ୱରଙ୍କୁ ଚିନ୍ତନ କରିବା ବିଶେଷ ସହାୟକ ହୋଇଥାଏ । ଯେଉଁ ଯୋଗୀଙ୍କର ସୁଷୁମ୍ନା ଧମନୀ ସୂର୍ଯ୍ୟ ସ୍ୱରରେ ପରିଚାଳିତ ହୁଏ ତେବେ ତାଙ୍କୁ ଦିଆହୋଇଥିବା ଶାପ ବ୍ୟର୍ଥ ହୋଇଯିବ । ଅଭିଶାପ ତାଙ୍କ ଉପରେ ଫଳିବ ନାହିଁ ।

ସେଥିପାଇଁ ଶାସ୍ତ୍ରମାନଙ୍କ ମଧ୍ୟରୁ ସାଂଖ୍ୟଯୋଗକୁ ବୁଝିବା ଅଧିକ କଷ୍ଟକର ହୋଇଥାଏ । ତାକୁ ଅଭ୍ୟାସ କରିବା ପାଇଁ ସେତିକି ଏକାଗ୍ରତା ଆବଶ୍ୟକ ହୁଏ । କିନ୍ତୁ ଯେତେବେଳେ ଜୀବାତ୍ମା ଅତ୍ୟନ୍ତ ସରଳତାର ସହିତ ଅତୀତ, ବର୍ତ୍ତମାନ, ଭବିଷ୍ୟତ ସହିତ ତିନି କାଳର ଏବଂ ପାତାଳ, ଧରିତ୍ରୀ ଓ ସ୍ୱର୍ଗଲୋକରେ ମଧ ସଞ୍ଚରଣ କରିପାରେ । ଏହାକୁ ବାୟୁ ଏବଂ ଆଲୋକରୁ ମଧ ଗତିପ୍ରାପ୍ତ ହୋଇଥାଏ । ଏହି ଶାସ୍ତ୍ରର ଅଧ୍ୟୟନ ଦ୍ୱାରା ଜୀବାତ୍ମାକୁ ଅନେକ ସିଦ୍ଧି ଖୁବ୍ ସରଳତାର ସହିତ ପ୍ରାପ୍ତ ହୋଇପାରେ । କିନ୍ତୁ ସିଦ୍ଧଯୋଗୀର ଏହିସବୁ ସିଦ୍ଧି ବା ଉପାୟଗୁଡ଼ିକ ପ୍ରୟୋଗ କରିବା ଉଚିତ୍ ନୁହେଁ । ଏହାଫଳରେ ନିଜର ଆତ୍ମଶକ୍ତିର ହାନି ଘଟିଥାଏ ।

ଜାଗ୍ରତ କୁଣ୍ଡଳିନୀର ଶକ୍ତି ବ୍ରହ୍ମରନ୍ଧ୍ରକୁ ଭେଦ କରିବାକ୍ଷଣି ଜୀବାତ୍ମା ସେହି ଅସୀମ ଅନନ୍ତ ପରମାତ୍ମାଙ୍କ ସହିତ ଏକାତ୍ମ ହୋଇଯାଏ । ଏହି ଐକାତ୍ମ୍ୟ ସ୍ଥିତିକୁ 'ସମାଧି' କୁହାଯାଏ । କୁଣ୍ଡଳିନୀକୁ 'ସର୍ପାଗ୍ନି' ବୋଲି ମଧ କୁହାଯାଏ । ପାରମ୍ପରିକ ବର୍ଣ୍ଣନା ଅନୁଯାୟୀ ଏହା ମେରୁଦଣ୍ଡର ତଳେ ମୂଳାଧାରରେ ସାପଭଳି ସାଢ଼େ ତିନି ଥର ଗୁଡ଼େଇ ହୋଇ ଶୋଇ ରହିଛି । ଯୋଗ ସାଧନା ଫଳରେ ଯେତେବେଳେ ଏହା ଜାଗ୍ରତ ହୁଏ ଏକପ୍ରକାର ତରଳ ଅଗ୍ନି ସଫଳ ଗତିରେ ଷଡ଼ଚକ୍ର ଭେଦକରି ଉପରକୁ ଉଠେ । ଫଳରେ ସୂକ୍ଷ୍ମଶରୀର ଗୁଡ଼ିକ ସ୍ୱତନ୍ତ୍ର ଭାବରେ କାର୍ଯ୍ୟକାରୀ ହେବାର କ୍ଷମତା ଲାଭ କରେ ।

ସମାଧି ସ୍ଥିତିରେ ଯେଉଁ ଯୋଗୀ ସିଦ୍ଧ ସାଧକମାନେ ରହନ୍ତି ସେମାନଙ୍କୁ ଯୋଗେଶ୍ୱର କହନ୍ତି । ଯେଉଁ ଜୀବାତ୍ମା ସମାଧି ସ୍ଥିତିରେ କୈବଲ୍ୟ ରୂପ ହୋଇ କୃତାର୍ଥ ଭାବରେ ଦେହତ୍ୟାଗ କରେ ତାକୁ ହିଁ ଯଥାର୍ଥରେ ମୋକ୍ଷପ୍ରାପ୍ତି ହୁଏ । ଯେଉଁ ଜୀବାତ୍ମା ମୋକ୍ଷର ଇଚ୍ଛା ନରଖି ଜୀବନବ୍ୟାପୀ କେବଳ ପ୍ରେମ, କର୍ମ ପାଇଁ ଅତ୍ୟନ୍ତ ସହଜ ସରଳ ଭାବରେ ଦେହତ୍ୟାଗ କରେ ତାକୁ ଯୋଗଯୋଗେଶ୍ୱର ପରମହଂସ କୁହାଯାଏ । ତେଣୁ ସେହି ଜୀବାତ୍ମା ଦ୍ୱାରା କୁହାଯାଇଥିବା ପ୍ରତ୍ୟେକ ଶବ୍ଦ ମାନବ ଜାତି ପାଇଁ ଯୁଗଯୁଗର ମାର୍ଗ ନିର୍ଦ୍ଦେଶ କରିବାପାଇଁ ସହାୟକ

ହୋଇଥାଏ । ଏହି ମହାନ୍ ତ୍ୟାଗୀ ଯୁଗକୁ ଧାରଣ କରିବାର ସାମର୍ଥ୍ୟ ରଖିଥାନ୍ତି । ତତ୍ତ୍ୱକୁ ଧାରଣ କରିବାର କ୍ଷମତା ପାଇଁ ତାଙ୍କୁ 'ଯୁଗନ୍ଧର' ବୋଲି କୁହାଯାଇଥାଏ ।

ସାଂଖ୍ୟଯୋଗର ଯେଉଁ ଦୁର୍ଲ୍ଲଭ ବ୍ୟାଖ୍ୟା ପାର୍ଥ ! ଗୁରୁଦେବ କରୁଥିଲେ ତାହା ମୋ ଜୀବନର ଏକ ଅପାର୍ଥିବ ଅଲୌକିକ ଉପଲବ୍ଧି ଥିଲା । ମତେ ଯେପରି ସ୍ଥୁଳ ଜଗତରୁ ସୂକ୍ଷ୍ମଜଗତର ଅଚେତନ ମହାଶୂନ୍ୟନୈକ ଅବବୋଧ ଆଡ଼କୁ ଅଭିପ୍ରେତ କରୁଥିଲା । ମୁଁ ଚକ୍ଷୁ ବନ୍ଦକରି ଭ୍ରୂମଧ୍ୟସ୍ଥିତ ଆଜ୍ଞା ଚକ୍ରକୁ ଦୃଷ୍ଟି କେନ୍ଦ୍ରିତ କରି ଗୁରୁଦେବଙ୍କର ସୂକ୍ଷ୍ମ ଅବଚେତନକୁ ସ୍ପଷ୍ଟ ଭାବରେ ଶୁଣିପାରୁଥିଲି ଅର୍ଜ୍ଜୁନ ! ମୁଁ ତୁମକୁ ମହାଭାରତ ଯୁଦ୍ଧବେଳେ ଯେଉଁ 'ଗୀତା'ର ବ୍ୟାଖ୍ୟା କରିଥିଲି ତାହାଥିଲା ମହାନ୍ ସିଦ୍ଧଯୋଗୀ ପ୍ରଜ୍ଞାବାନ୍ ସାନ୍ଦିପନୀଙ୍କର ଅସାଧାରଣ ତାତ୍ତ୍ୱିକ ବିଶ୍ଳେଷଣର ଏକ ପରିବର୍ଦ୍ଧିତ ଆଖ୍ୟାନ । ସାନ୍ଦିପନୀ ମହୋଦୟ ମୋର ପ୍ରଜ୍ଞାର ଚକ୍ଷୁକୁ ଉନ୍ମୀଳିତ କରିଦେଇଥିଲେ ପାର୍ଥ ! ମୋର 'ଅହଂ'କୁ ମାଜିମୁଜି ଆହୁରି ସରଳ, ଶୁଦ୍ଧ କରିଦେଇଥିଲେ ।

ସାଂଖ୍ୟଯୋଗର ଅନନ୍ୟ ବିଶ୍ଳେଷଣ ପରେ ବନ୍ଦ ଥିବା ଆଖିକୁ ଖୋଲି ଗୁରୁଦେବ ଧୀରେ ଧୀରେ ମୋ ଆଡ଼କୁ ବଡ଼ ମୁଗ୍ଧ କୋମଳ ଚାହାଣୀରେ ଦେଖିଲେ । ମତେ ଅନେକ ସମୟ ଯାଏ ଅପଲକ ନୟନରେ ଏକାଗ୍ର ହୋଇ ନିରୀକ୍ଷଣ କରୁଥିଲେ । ତା'ପରେ ଆମସମସ୍ତ ଶିଷ୍ୟମାନଙ୍କ ଆଡ଼କୁ ଅନାଇ କହିଲେ, ''ଏମିତିବି ହୋଇପାରେ ତୁମମାନଙ୍କ ମଧ୍ୟରେ କୌଣସି 'ପରମଦ୍ରଷ୍ଟା ମହାଜ୍ଞାନୀ ଯୋଗେଶ୍ୱର' ଥାଇପାରନ୍ତି ।''

ମୁଁ ବୁଝିପାରୁନଥିଲି ସେ ଏକଥା ଶିଷ୍ୟମାନଙ୍କୁ କହୁଥିଲେ କି ଆଉ କାହାକୁ ଉପଲକ୍ଷ୍ୟ କରି କହୁଥିଲେ କେଜାଣି ? କିନ୍ତୁ ଧୀରେ ଧୀରେ ମୁଁ ଗୁରୁଦେବଙ୍କର ଏଭଳି ଆକସ୍ମିକ ପ୍ରଶ୍ନ ପଚାରିବା ସହିତ ସହଜ ହେବା ଶିଖିଯାଇଥିଲି । ସେହି କ୍ଲିଷ୍ଟ ବିଷୟକୁ କିଛି ସମୟ ପାଇଁ ସ୍ଥଗିତ ରଖିବା ନିମନ୍ତେ ମୁଁ ତାଙ୍କୁ ପଚାରିଲି, ''ଗୁରୁଦେବ ! ଆପଣ ତନ୍ଦୁଳ କୁସୁମାବଳୀ, ଉଦକଘାତ, ଧାରଣମାତୃକା ଏବଂ ଆକାର ବିଜ୍ଞାନ ପ୍ରଭୃତି ଲଳିତକଳା ସମ୍ପର୍କରେ ଆଗରୁ କହିଥିଲେ । ସେ ବିଷୟରେ ବର୍ତ୍ତମାନ କିଛି କୁହନ୍ତୁ ।''

ଛୋଟ ଶିଶୁଟିଏ ଭଳି ନିରୀହତାରେ ଝଲମଲ କରି ଉଠିଲେ ଗୁରୁଦେବ ଏବଂ କହିଲେ, ''ଠିକ୍ ଅଛି । ତା'ହେଲେ ଶୁଣ ! 'ତନ୍ଦୁଳ କୁସୁମାବଳୀ'ର ଅର୍ଥ ହେଉଛି ତନ୍ଦୁଳ ଓ ଫୁଲକୁ ନେଇ ସୁନ୍ଦର ସୁନ୍ଦର ରଙ୍ଗବିରଙ୍ଗ ଚିତ୍ର ତିଆରି କରିବା । 'ଉଦକଘାତ୍'ର ଅର୍ଥ ହେଉଛି, ସରୋବରରେ ଜଳକ୍ରୀଡ଼ା କରିବା ସମୟରେ ପିଚ୍‌କାରୀ ମାରିବା । 'ଧାରଣ ମାତୃକା' ଅର୍ଥାତ୍ ସ୍ମରଣଶକ୍ତିକୁ ବଢ଼ାଇବାର କଳା । 'ଆକାର ଜ୍ଞାନ'ର ଅର୍ଥ ହେଉଛି ଭୂଗର୍ଭସ୍ଥିତ ଗଚ୍ଛିତ ଖଣିଜଦ୍ରବ୍ୟର ଗଭୀର ଜ୍ଞାନ ।

ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ କଳା ବିଷୟରେ ଶୁଣ ଶ୍ରୀକୃଷ୍ଣ ! ତୁମକୁ ତ ଶୁଣିବାକୁ ପଡ଼ିବ । ଏହାର ନାମ ହେଉଛି 'ଛଳିକଯୋଗ' । ସମସ୍ତଙ୍କୁ ଚିନ୍ତାରେ ପକାଇଦେଇ ଆଚାର୍ଯ୍ୟ ମହୋଦୟ ପୁଣିଥରେ ବାଳକଟିଏ ଭଳି ହସିଦେଲେ । ଆଚାର୍ଯ୍ୟଙ୍କର କଥାଶୁଣି ସବୁ ଶିଷ୍ୟମାନେ ମୋ ଆଡ଼କୁ ଦେଖିଲେ । ମୁଁ ମଧ୍ୟ ସରଳତାର ସହିତ ହସିଦେଇ କହିଲି, ''ମୁଁ ଏହି କଳାକୁ ଜାଣିଛି ଗୁରୁଦେବ ! 'ଛଳିକଯୋଗ' ର ଅର୍ଥ ହେଉଛି ଚତୁରତାର ସହିତ ସଦ୍‌ଭାବ ପୂର୍ବକ ଛଳନା କରିବା । କିନ୍ତୁ ଗୁରୁଦେବ ! ଆପଣ ମତେ 'ସମ୍ପାଠ୍ୟ', 'ମାନସୀ କାବ୍ୟପ୍ରିୟା', 'ଅକ୍ଷରମୁଷ୍ଟିକା କଥନ', 'ଅଭିଧାନ କୋଷ' ଏବଂ 'ମ୍ଲେଚ୍ଛିତ କଳା ବିକଳ୍ପ' ପ୍ରଭୃତି ବିଷୟରେ କିଛି ଅଧିକ କୁହନ୍ତୁ ।''

ଗୁରୁଦେବ କହିଲେ, ''ଏହା ତ ଅତ୍ୟନ୍ତ ସହଜ ବିଦ୍ୟା । 'ସମ୍ପାଠ୍ୟ'ର ଅର୍ଥ ହେଉଛି କାହାର ପଠନ ଶୁଣିକରି ଅବିକଳ ଭାବରେ ତାକୁ କହିବା, କାହାକୁ ଅନୁକରଣ କରିବା, ଆବୃତ୍ତି କରିବା । 'ମାନସୀ କାବ୍ୟକ୍ରିୟା'ର ଅର୍ଥ ହେଉଛି ଆଶୁ କବିତ୍ୱ । 'ଅକ୍ଷରମୁଷ୍ଟିକା କଥନ'ର ଅର୍ଥ ହେଉଛି ମୌନ ରହି କରପଲ୍ଲବୀ ଦ୍ୱାରା ହସ୍ତସଙ୍କେତ ମାଧ୍ୟମରେ ସନ୍ଦେଶ ପଠାଇବା । 'ଅଭିଧାନ କୋଷ' ଅର୍ଥାତ୍ ଅମୋଘ ବକ୍ତୃତା ଦେଇପାରିବା ଏବଂ 'ମ୍ଲେଚ୍ଛିତ କଳା ବିକଳ୍ପ'ର ଅର୍ଥ ହେଉଛି ବିଦେଶୀ ଭାଷା ଜ୍ଞାନ ଆହରଣ କରିବା ।''

ଆଚାର୍ଯ୍ୟଙ୍କ ଆଶ୍ରମରେ ଉପସ୍ଥିତ ସମସ୍ତ ଆଶ୍ରମ କୁମାର ମାନଙ୍କର ଆଗ୍ରହ ଲଳିତକଳା ପ୍ରତି ସ୍ୱତଃ ଆକୃଷ୍ଟ ହୋଇପଡ଼ିଥିଲା । ତେଣୁ ମୁଁ ଆଚାର୍ଯ୍ୟଙ୍କୁ ଏହା ଉପରେ ଅଧିକ କହିବା ପାଇଁ ଉତ୍ସାହିତ କରି ପଚାରିଲି, ''ଗୁରୁଦେବ ! 'ଦୁର୍ବାଚଯୋଗ', 'ବସ୍ତ୍ର ଗୋପନ', 'କ୍ରିୟା ବିକଳ୍ପ' ଇତ୍ୟାଦି କଳାର କଥା ଆପଣଙ୍କ ବକ୍ତବ୍ୟରେ ଉଲ୍ଲେଖିତ ହୋଇଥିଲା, ସେ ବିଷୟରେ ବିସ୍ତୃତ ଭାବରେ ବୁଝାଇବାର କୃପା କରନ୍ତୁ ।''

ଠିକ୍ ଅଛି, ଠିକ୍ ଅଛି କହି ଆଚାର୍ଯ୍ୟ ମହାଶୟ ମନକୁ ମନ ହସି ସେହିସବୁ କଳା ସମ୍ପର୍କରେ ସ୍ପଷ୍ଟୀକରଣ ଦେବା ଆରମ୍ଭ କଲେ ।

''ଶ୍ରୀକୃଷ୍ଣ ! 'ଦୁର୍ବାଚଯୋଗ'ର ଅର୍ଥ ହେଉଛି କଠିନ ଶବ୍ଦର ସଠିକ୍ ସରଳ ଅର୍ଥ ଜାଣିବା । 'ବସ୍ତ୍ର ଗୋପନ' ଅର୍ଥାତ୍ ଚିରିଯାଇଥିବା ବସ୍ତ୍ରକୁ କୌଶଳପୂର୍ବକ ସିଲେଇ କରିବା, ଆବଶ୍ୟକ ପଡ଼ିଲେ ଏହି ବସ୍ତ୍ର ଦ୍ୱାରା ନିଜକୁ ଗୋପ୍ୟ ରଖିବା । 'କ୍ରିୟାବିକଳ୍ପ'ରେ ଅଧିକ ଦକ୍ଷତା ଆବଶ୍ୟକ ହୋଇଥାଏ । ଏହାର ଅର୍ଥ ହେଉଛି କୌଣସି କ୍ରିୟାର ପ୍ରଭାବକୁ ବିପରୀତମୁଖୀ କରିବା । ଅର୍ଥାତ୍ ଜଳର ଶୀତଳତାକୁ ଉଷ୍ମତାରେ ପରିଣତ କରିବା, ଉଷ୍ମତା ପରିବର୍ତ୍ତେ ଶୀତଳତା ଆଣିବା । ବାଦ୍ୟ,

ନାଟ୍ୟ, ନୃତ୍ୟ ଆଦି କଳାଗୁଡ଼ିକ ତୁମେମାନେ ଏହାପୂର୍ବରୁ ଭଲଭାବରେ ଜାଣିସାରିଛ । ବର୍ତ୍ତମାନ ନାଟକ ବିଷୟରେ ମୁଁ ତୁମମାନଙ୍କୁ କେତେକ ବିଶେଷ ତଥ୍ୟ ଦେବି ତାହା ମନଦେଇ ଶୁଣ । ନାଟକ ଜୀବନକୁ ଏକ ଦର୍ପଣ ଭଳି ଦେଖାଇଥାଏ । ନାଟ୍ୟଶାଳାରେ ଦର୍ଶକ ବସି ନାଟକ ଦେଖିଲାବେଳେ ସେହିସବୁ ଘଟଣା, ଚରିତ୍ର ଦୃଶ୍ୟମାନଙ୍କ ଭିତରେ ନିମଜ୍ଜି ଯାଇ ନିଜ ଜୀବନର ପ୍ରତିଫଳନ ଦେଖେ । ତେଣୁ ନାଟକର ଅନ୍ତରାଳରେ ଯେଉଁସବୁ ଆୟୋଜନ ହୋଇଥାଏ ତାହା ଆକର୍ଷଣୀୟ ହେବା ନିତାନ୍ତ ଆବଶ୍ୟକ । ନେପଥ୍ୟକୁ ସେଥିପାଇଁ ଏକ ସ୍ୱତନ୍ତ୍ର କଳା ବୋଲି ଗ୍ରହଣ କରାଯାଏ ।

ରଙ୍ଗମଞ୍ଚର ବାମ କୋଣରେ ଚରିତ୍ରମାନଙ୍କର ପରିଚୟ, ହାସ୍ୟକୌତୁକ ସାଧାରଣ ଘଟଣାଗୁଡ଼ିକ ବର୍ଣ୍ଣନା ହେବା ଶୁଭଙ୍କର ହୁଏ । ରଙ୍ଗମଞ୍ଚର ମଧ୍ୟସ୍ଥଳରେ ମହତ୍ତ୍ୱପୂର୍ଣ୍ଣ ଘଟଣା, ସଂଘର୍ଷପୂର୍ଣ୍ଣ ଦୃଶ୍ୟ ଅଭିନୀତ ହେବା ଉଚିତ । ଡାହାଣ କୋଣରେ ଷଡ଼ଯନ୍ତ୍ରକାରୀ, ମୃତ୍ୟୁ ପ୍ରଭୃତି ଦୃଶ୍ୟର ଅବତାରଣା କରାଗଲେ ନାଟକ ପ୍ରଭାବଶାଳୀ ହୋଇଥାଏ । 'ରତ୍ନ ପରୀକ୍ଷା', 'ଶୟନରଚନା', 'ଲୌକିକ ଭାଷାଜ୍ଞାନ', 'ମାଳାଗ୍ରନ୍ଥନ' ଏବଂ 'ଦ୍ୟୁତ' ପ୍ରଭୃତି କଳା ସମ୍ପର୍କରେ ତୁମମାନଙ୍କର ନିଶ୍ଚୟ ଜ୍ଞାନ ଥିବ ?''

କ୍ୱଚିତ୍ ପ୍ରଶ୍ନ ପଚାରୁଥିବା ଉଦ୍ଧବ ମଝିରେ ପ୍ରଶ୍ନ ପଚାରିଲା, ''ଦ୍ୟୁତ କ'ଣ ଏକ କଳା କି ? ଆଚାର୍ଯ୍ୟ ମହୋଦୟ ?''

''କୌଣସି ଛଳନା ବିନା କିଛି ସମୟ ମନୋରଞ୍ଜନ ପାଇଁ ଖେଳା ଯାଉଥିବା 'ଦ୍ୟୁତ କ୍ରୀଡ଼ା' ଅନ୍ୟ ଯେକୌଣସି ଖେଳ ଭଳି ରୋମାଞ୍ଚକ ହୋଇଥାଏ । ଗୁରୁଦେବ ଗୋଟିଏ ପରେ ଗୋଟିଏ ଲଳିତକଳାର ସଂଜ୍ଞା ଓ ବୈଶିଷ୍ଟ୍ୟ ଆମମାନଙ୍କୁ ବୁଝାଉଥାନ୍ତି । ଆମକୁ ମଧ୍ୟ ଅତ୍ୟନ୍ତ ଉତ୍ସାହ ମିଳୁଥାଏ । 'ବିଶେଷକଚ୍ଛେଦ୍ୟ' ଅର୍ଥାତ୍ ତିଳକ ଲଗାଇବାପାଇଁ ତୂଳୀ ତିଆରି କରିବା, 'ପୁଷ୍ପାସ୍ତରଣ' ର ଅର୍ଥ ହେଉଛି ଫୁଲମାନଙ୍କ ଦ୍ୱାରା ସମତଳ ଶଯ୍ୟା ତିଆରି କରିବା, ଦଶନବସନ ନାଗରାଗର ଅର୍ଥ ହେଉଛି ଦାନ୍ତ, ବସ୍ତ୍ର ଓ ଶରୀର ବିଭିନ୍ନ ଅଙ୍ଗକୁ କଳାତ୍ମକ ଶୈଳୀରେ ସଜାଇବା । 'ମଣିଭୂମିକା-କର୍ମ'ର ଅର୍ଥ ହେଉଛି ଋତୁର ଅନୁକୂଳ ଅନୁସାରେ ଘରକୁ ରଙ୍ଗଦେଇ ସଜ୍ଜିତ କରିବା ।

'ଉଦକବାଦ୍ୟ'ର ଅର୍ଥହେଉଛି ଜଳତରଙ୍ଗ ବଜାଇବା । 'ଚିତ୍ରଯୋଗ'ର ଅର୍ଥ ହେଉଛି ବୃଦ୍ଧକୁ ଯୁବକରେ ପରିଣତ କରିବା । 'କେଶଶେଖରାପିୟୋଜନ' ର ଅର୍ଥ ହେଉଛି ମୁକୁଟ ତିଆରି କରିବା । 'କର୍ଣ୍ଣପତ୍ରଭଙ୍ଗ'ଅର୍ଥାତ୍ ପର୍ଣ୍ଣ ପୁଷ୍ପକୁ ନେଇ କାନର ଅଳଙ୍କାର ତିଆରି କରିବା । 'ଗନ୍ଧଯୁକ୍ତି'ର ଅର୍ଥ ହେଉଛି ସୁଗନ୍ଧିତ

ଦ୍ରବ୍ୟ ତିଆରି କରିବା । କସ୍ତୁରୀ ମୃଗପରି ନାରୀ ଦେହର ବାସ୍ନା ବିମୋହିତ କରେ ପୁରୁଷର ମନକୁ । ମନମୋହିନୀ ରମଣୀମାନେ ଆକର୍ଷଣର ମହକ ବୁଣିବାକୁ ସମୟ ସ୍ଥିତି ଓ ପରିବେଶକୁ ଲକ୍ଷ୍ୟ କରି ସୁଗନ୍ଧି ଦେହରେ ମର୍ଦ୍ଦନ କରନ୍ତି । ଉପଯୁକ୍ତ ଗନ୍ଧଚୟନ ଏକ ସ୍ନାୟବିକ କଳା କୌଶଳ । ଋତୁ ଚକ୍ର ଓ ସମୟ ଭେଦରେ ଭିନ୍ନ ଭିନ୍ନ ସୁବାସ ଉପଯୋଗ କରାଯାଏ । ପରିବେଶାନୁକୁଳ ମହକ ସୃଷ୍ଟି କରିବାର ପ୍ରକରଣ କାମକଳାର ଅନ୍ୟତମ ସାଧନା ।

'ଭୂଷଣ ଯୋଜନ' ବା ଅଳଙ୍କରଣ ଅର୍ଥାତ୍ ଶରୀର ଗଠନ ତଥା ପରିଧାନ ବସ୍ତ୍ରର ରଙ୍ଗ ଓ ପରିପାଟୀର ସମତୁଲ୍ୟ ଆଭୂଷଣ ବା ଅଳଙ୍କାର ଚିନ୍ତନ କରି ପିନ୍ଧିବା । ଦେହର ରଙ୍ଗ ସହିତ ପରିଧାନ ପରିଚ୍ଛେଦ ସମତୁଲ ହେବାପରି ଗହଣା ପରିଧାନ କଲେ ନାରୀ ପୁରୁଷର ବାହ୍ୟ ସୌନ୍ଦର୍ଯ୍ୟ ଫୁଟିଉଠେ । ଭୂଷଣ ଓ ଅଳଙ୍କାର ନାରୀ ପୁରୁଷଙ୍କର ପରସ୍ପର ପ୍ରତି ଯୌନ ଆକର୍ଷଣ ଓ ଦୈହିକ ତୃପ୍ତିର ଅନ୍ୟତମ ମାଧ୍ୟମ ।

'ଇନ୍ଦ୍ରଜାଲ' ବା 'କୁହୁକ କଳା' ର ଅର୍ଥ ହେଉଛି ଯୁଦ୍ଧ ଏବଂ ସାମାଜିକ ପାରିବାରିକ ଜୀବନରେ ପ୍ରୟୋଗ କରାଯାଉଥିବା ଚତୁର କୌଶଳ । କାମକଳାରେ ନାରୀର ରହସ୍ୟ ଭରା ଦେହ ଲାବଣ୍ୟ, କଟାକ୍ଷ ଓ ଚଟୁଳ ଆବେଦନର ଇନ୍ଦ୍ରଜାଲ ହେଉଛି ଅଘୋର ବିଦ୍ୟା । ଏହି କଳା ସାଧନରେ ନାରୀର ବ୍ୟକ୍ତିତ୍ୱ ଉଦ୍ଭାସିତ ହେବା ସଙ୍ଗେ ସଙ୍ଗେ ପୁରୁଷ ଉପରେ ସଞ୍ଚାରିତ ହୁଏ ତାର ଚୁମ୍ବକୀୟ ଆକର୍ଷଣ । ମୋ ଆଡ଼କୁ ଚାହିଁ ହସି କରି ଗୁରୁଦେବ କହିଲେ, ''କ'ଣ ଶ୍ରୀକୃଷ୍ଣ ! ଇନ୍ଦ୍ରଜାଲ ସମ୍ପର୍କରେ ତୁମକୁ କ'ଣ ଅଧିକ ସ୍ପଷ୍ଟୀକରଣ ଦେବାକୁ ପଡ଼ିବ ?'' ମୁଁ ମଧ ହସି ହସି ଉତ୍ତରଦେଲି, ''ନା, ଗୁରୁଦେବ ! ଆଦୌ ନୁହେଁ । ଆପଣ ଅନ୍ୟ କଳା ସମ୍ପର୍କରେ ଆଲୋଚନା କରନ୍ତୁ ।''

'କୌଚୁମାରଯୋଗ' ରେ କୁଚୁମାରଙ୍କ ନାମ ଅନୁସାରେ ତଥା ତାଙ୍କ ରଚିତ ଶୁଭଙ୍ଗକରଣାଦିକୁ 'କୌଚୁମାର' ଅର୍ଥାତ୍ ରୂପଚର୍ଯ୍ୟାର ମର୍ମକଥନ ବୋଲି କୁହାଯାଏ । ଏହି କାମକଳା ସାଧନାରେ ଅସୁନ୍ଦରକୁ ସୁନ୍ଦରରେ ପରିଣତ କରିବା । ଏହି ରୂପବିଦ୍ୟାର ପାରଙ୍ଗମା ନାରୀମାନେ ପୁରୁଷକୁ ଆକର୍ଷଣ କରିବାର ସମସ୍ତ ରୂପଶୃଙ୍ଗାର କରି ନିଜକୁ ସଜାନ୍ତି ।

ଗୁରୁଦେବଙ୍କ ମୁହଁରୁ ଚଉଷଠି କାମକଳା ରୂପୀ ଲଳିତକଳା ବ୍ୟାଖ୍ୟା ଆମେ ଶୁଣୁଥିଲାବେଳେ ସମସ୍ତଙ୍କ ମୁହଁ ଅଳ୍ପ ଅଳ୍ପ ଲାଜରେ ଲାଲ ହୋଇଯାଉଥିଲା । ମୃଦୁ ମୃଦୁ ହସରେ ଆମେ ଏସବୁ କଳାର ବୈଶିଷ୍ଟ୍ୟକୁ ଗ୍ରହଣ କରୁଥିଲୁ । ଗୁରୁଦେବ ପୁଣି କହିବାକୁ ଲାଗିଲେ, ''ଶିଷ୍ୟଗଣ ! 'ବିଚିତ୍ରଶାକଯୁଷଭକ୍ଷ୍ୟ'ବା 'ପାକକଳା

କୌମୁଦୀ' ର ଅର୍ଥ ହେଉଛି 'ରନ୍ଧନ ହାତଯଶ' । ରୂପଲାବଣ୍ୟମୟୀ ନାରୀର ଏକ ବଳିଷ୍ଠ ଆବେଦନ ହେଲା ସୁସ୍ୱାଦୁ ଖାଦ୍ୟ ରନ୍ଧନ ସହିତ ପ୍ରତିଥର ନୂଆ ନୂଆ ରାଗ ରଙ୍ଗରେ ବାଢ଼ି ପାରୁଥିବ । ସେଥିପାଇଁ ପାରିବାରିକ ସୁସ୍ଥ ଜୀବନର ଏକ ମହତ୍ତ୍ୱପୂର୍ଣ୍ଣ ସେତୁ ହେଉଛି ରନ୍ଧନଶିଳ୍ପ । ତେଣୁ ନିଜର ପ୍ରିୟତମ ପୁରୁଷକୁ ତୃପ୍ତ କରିବାପାଇଁ ନାରୀମାନେ ପାନ, ରସ, ରାଗ, ଆସରର କଳାକୁ ଆୟତ୍ତ କରନ୍ତି । ରାନ୍ଧିବା ସହିତ ପରଷିବାର ଆଦରସିକ୍ତ କଳା ହେଉଛି ଏକ ଅନନ୍ୟ ପ୍ରୀତିପ୍ରବଣ ଶିଳ୍ପ । 'ସୂଚିବାନ କର୍ମ' ବା 'ସୀବନ ସୁରତ' ର ଅର୍ଥ ହେଉଛି ସାମାନ୍ୟ ସୂଚୀ କର୍ମରେ ସ୍ନେହ, ପ୍ରୀତି, ପ୍ରେମ ଓ ଯୌନ ଆବେଦନର ମଧୁର ଆବେଗ ଭରପୂର ହୋଇ ରହିଛି ବୋଲି କୁହାଯାଏ । 'ମଣି ଭୂମିକା କର୍ମ' ବା 'ଶୀତଳ ସମ୍ମୋହନ'ର ଅର୍ଥ ହେଉଛି ଆର୍ଯ୍ୟାବର୍ତ୍ତ ଭାରତ ଏକ ଗ୍ରୀଷ୍ମପ୍ରଧାନ ଭୂଖଣ୍ଡ । ଭାରତୀୟ ଗ୍ରୀଷ୍ମକାଳ ବିଶେଷଭାବରେ ଶୃଙ୍ଗାର ଅନୁକୂଳ ନୁହେଁ । ତେଣୁ ଘର ଓ ଶୟନ କକ୍ଷକୁ କିପରି ଶୀତଳ ଅନୁଭବରେ ପରିଣତ କରିବାକୁ ସେ ବିଦ୍ୟାଟି ଚଉଷଠି କଳାରେ ଅନ୍ତର୍ଭୁକ୍ତ ହୋଇଛି । ଗୃହର ଚଟାଣକୁ ଥଣ୍ଡା ରଖିବା ନିମନ୍ତେ ମରକତ, ମଣିପ୍ରସ୍ତର ଯାହାକି ଉଷ୍ମ ପ୍ରବାହକୁ ପ୍ରତିହତ କରିପାରେ ସେପରି ରତ୍ନାଦି ଉପଯୋଗ କରିବାକୁ କୁହାଯାଏ । ଗୃହ ଓ ଗବାକ୍ଷରେ ଜଳସିଞ୍ଚିତ ଲତା ଗୁଳ୍ମ ସଜାଇବା ଦ୍ୱାରା ଶୀତଳ ପରିବେଶ ସୃଷ୍ଟି କରାଯାଇପାରିବ ।

'ପ୍ରତିମାଳା ବା ଅନ୍ତ୍ୟାକ୍ଷରୀ ଖେଳ' । ଏହି ଖେଳକୁ ପାଦପୂରଣ ମଧ କୁହାଯାଇପାରେ । କୌଣସି ଶ୍ଳୋକ, ପଦ୍ୟ କିମ୍ବା କବିତାର ଉଚ୍ଚାରିତ ଅଂଶର ଶେଷ ଅକ୍ଷରକୁ ନେଇ ସହଜରେ ଅନ୍ୟ ଏକ କବିତା ଆବୃତ୍ତି କରିପାରିବା ଏକ ଭଲ ଗୁଣ । ଗୀତ ଓ ସଙ୍ଗୀତ ମଧ ଏଥିରେ ଅନ୍ତର୍ଭୁକ୍ତ । ପ୍ରହେଳିକା ପୁସ୍ତକ ବାଚନ ବା ଆବୃତ୍ତି, ତକ୍ଷକର୍ମ, ଶରୀରସଂସ୍କାର ବା ସ୍ନାନ ସଜାଗତା,କେଶ ମାର୍ଜନ, ଯନ୍ତ୍ରମାତୃକା ଅର୍ଥାତ୍ ଯନ୍ତ୍ର ନିର୍ମାଣର କରିବା ପ୍ରଭୃତିକୁ ମଧ କଳା ଭାବରେ ଗ୍ରହଣ କରାଯାଇଛି ।

ବଳରାମ ଭାଇନା ମଝିରୁ ପଚାରିଲେ, ''ଯନ୍ତ୍ର ଶବ୍ଦର ପ୍ରକୃତ ଅର୍ଥ କ'ଣ ହୁଏ ଗୁରୁଦେବ ?'' କିଛିକ୍ଷଣ ଗୁରୁଦେବ ରହିଯାଇ ପୁଣି ସେଇ ଶାନ୍ତ ଭାବରେ କହିଲେ, ''ଯନ୍ତ୍ରର ଅର୍ଥ ହେଉଛି ଅଙ୍ଗଭୂତ ରଚନାର ଆଧାର ଉପରେ ଗତିଶୀଳ ହେଉଥିବା ଆକୃତି ସମୂହ । ତୁମେ ଯେଉଁ ରଥରେ ଆଶ୍ରମକୁ ଆସିଛ ସେହି ରଥ ମଧ ଏକ ଯନ୍ତ୍ର । ତେଣୁ ମନେରଖ ଯନ୍ତ୍ରର ମୂଳପିଣ୍ଡ ହେଉଛି ଚକ୍ର ।''

ଆମର ଆଶ୍ରମ ଜୀବନର ଜ୍ଞାନ ଚକ୍ର ଚଉଷଠି ଦିନ ପର୍ଯ୍ୟନ୍ତ ଅବିରତ ଘୂରୁଥିଲା । ସତରେ ପାର୍ଥ ! ମତେ ବଡ଼ ଆଶ୍ଚର୍ଯ୍ୟ ଲାଗୁଛିମାତ୍ର ଚଉଷଠି ଦିନ

ମଧ୍ୟରେ ଆମେ କ'ଣ ନ ଶିଖିଲୁ ? ଅଗଣିତ ବିଷୟମାନଙ୍କ ଉପରେ ତାତ୍ତ୍ୱିକ ଜ୍ଞାନ, ଅର୍ଥ ସହିତ ତାହାର ଅପୂର୍ବ ବିଶ୍ଳେଷଣ, ସୂକ୍ଷ୍ମତା ତଥା ସେସବୁର ବ୍ୟବହାରିକ ପ୍ରୟୋଗ ଏ ସମସ୍ତ ତଥ୍ୟକୁ ମହାନ୍ ପ୍ରାଜ୍ଞ ମନୀଷୀ ସାନ୍ଦିପନୀ ଅତ୍ୟନ୍ତ ପ୍ରାଞ୍ଜଳ ଭାବରେ ଆମକୁ ବୁଝାଉଥିଲେ । ମହାନ୍ ବିଦ୍ୱାନ ସାନ୍ଦିପନୀଙ୍କର ଅନନ୍ୟ ଶିକ୍ଷାଦାନର ଅପୂର୍ବ ନିଷ୍ଠାପରତା ସହିତ ପ୍ରତ୍ୟେକ ବିଷୟରେ ଅଦ୍ଭୁତ ସ୍ୱଚ୍ଛତା ଏବଂ ସ୍ପଷ୍ଟତା ତାଙ୍କର ଆହରଣ ଓ ବିଶ୍ଳେଷଣ ଶୈଳୀକୁ ଏକ ଉତ୍ତୁଙ୍ଗ ମହିମା ପ୍ରଦାନ କରିଥିଲା । ଏହି ଚଉଷଠି ଦିନ ଚଉଷଠି ଯୁଗର ଯୋଗ୍ୟତାକୁ ପ୍ରମାଣିତ କରିଦେଇଥିଲା, ଅର୍ଜୁନ ! ସବୁ ବିଦ୍ୟା, ଚଉଷଠି କଳା, ବେଦ, ଉପନିଷଦ, ମୀମାଂସା, ବ୍ରାହ୍ମଣ୍ୟ, ଆରଣ୍ୟକ, କାମସୂତ୍ର, ପୁରାଣ ସବୁ ବିଷୟରେ ବ୍ୟାଖ୍ୟା ଓ ବିଶ୍ଳେଷଣ ଆମକୁ ପାରଦର୍ଶୀ କରିଦେଇଥିଲା । ମୋ ଜୀବନର ସର୍ବଶ୍ରେଷ୍ଠ ଦିନଗୁଡ଼ିକ ଥିଲା ତେଜସ୍ୱୀ ମହାମନୀଷୀ ସାନ୍ଦିପନୀଙ୍କର ଅଗାଧ ଜ୍ଞାନର ସାଗରରେ ନିଜକୁ ସମ୍ପୂର୍ଣ୍ଣ ଆବିଷ୍ଟ ଉଚାଟିତ କରି ଆହରଣ କଳା ଶିଖିବା । ମୁଁ ତ ଆହୁରି ଗଭୀର ନିବିଷ୍ଟ ଭାବରେ ନିଜକୁ ଆତ୍ମସ୍ଥ କରିବାର ସୂକ୍ଷ୍ମ କଳାକୁ ଆୟତ୍ତ କରିବାର ପ୍ରୟାସ କରୁଥିଲି ପାର୍ଥ ! ଗୁରୁଦକ୍ଷିଣା ଦେବାର ସେହି ମୁହୂର୍ତ୍ତ ସବୁକୁ ମୁଁ କେବେହେଲେ ଭୁଲିପାରିବି ନାହିଁ ପାର୍ଥ ! ଆଚାର୍ଯ୍ୟ ସାନ୍ଦିପନୀଙ୍କୁ କେଉଁ ଦକ୍ଷିଣା ଆମେ ଦେଇପାରିଥାନ୍ତୁ, କହିଲ । ସେ ଯେଉଁ ଅସୀମ ଜ୍ଞାନର ମହାକାଶ ଆମ ସମ୍ମୁଖରେ ଉନ୍ମୀଳିତ କରିଦେଲେ ତା'ର କ'ଣ କୌଣସି ଦାନ କି ଦକ୍ଷିଣାରେ ତୁଳନା ହୋଇପାରିବ ପାର୍ଥ ?

ପ୍ରତ୍ୟେକ ବ୍ରାହ୍ମ ମୁହୂର୍ତ୍ତରେ ଗୁରୁଦେବ ହିଁ ସର୍ବପ୍ରଥମେ ଉଠନ୍ତି ଏବଂ କ୍ଷିପ୍ରା ନଦୀରେ ସ୍ନାନାଦି କର୍ମ ସମାପନ କରି ସବୁଦିନ ଭଳି ତାଙ୍କର କୁଟୀରରେ ଧ୍ୟାନସ୍ଥ ହୋଇଯାଆନ୍ତି । ତା'ପରେ ଆମେ ଚାରିଜଣ ଉଠି କ୍ଷିପ୍ରା ନଦୀକୁ ସ୍ନାନଶୌଚାଦି ପାଇଁ ଯାଉ ।

ମୁଁ, ବଳରାମ ଭାଇନା, ଉଦ୍ଧବ, ସୁଦାମା ସେଦିନ ସର୍ବପ୍ରଥମେ ଉଠିସାରିଥିଲୁ । ଆଶ୍ରମର ଭଣ୍ଡାର ଗୃହରେ ରଖାଯାଇଥିବା ଆମର ଜିନିଷପତ୍ରର ପୁଟୁଳିକୁ ଆଣିବା ପାଇଁ ପ୍ରବନ୍ଧକଙ୍କ ନିକଟକୁ ଆସିଲୁ । ଆଶ୍ରମରେ ଶଙ୍ଖଧ୍ୱନି ଶୁଭୁଥିଲା । ଆହୁରି ସକାଳ ଭଲ କରି ହୋଇନଥିଲା । ଆମେ ଚାରିଜଣ ତରବର ହୋଇ କ୍ଷିପ୍ରା ନଦୀକୂଳକୁ ଯିବାପାଇଁ ବାହାରିପଡ଼ିଲୁ । କ'ଣ ହୋଇଥିଲା କେଜାଣି

ସେଦିନ ସୁଦାମା ବଡ଼ ଚୁପ୍ ଚାପ୍ ଗୁମ୍‌ସୁମ୍ ହୋଇଯାଇଥିଲା । ମୁଁ ଉଦ୍ଧବକୁ ପଚାରିଲି, ''ଭାଇ ଉଦ୍ଧବ ! ଆଚାର୍ଯ୍ୟ ମହୋଦୟଙ୍କର ସମସ୍ତ ଶିକ୍ଷାଦାନ ଭିତରୁ ତୁମକୁ କେଉଁଟା ବେଶି ଭଲ ଲାଗିଲା କହିଲ ? ଅସ୍ତ୍ରଶସ୍ତ୍ର ବିଦ୍ୟା ନା ଚଉଷଠି କଳା ?''

ଉଦ୍ଧବ ଗଦ୍‌ଗଦ୍ ହୋଇ କହିଲା, ''ଭାଇନା ! ମତେ ସବୁଠାରୁ ବେଶି ଭଲ ଲାଗିଲା ଗୁରୁଦେବଙ୍କ ଦ୍ୱାରା କୁହାଯାଇଥିବା ଅବିସ୍ମରଣୀୟ ଗଭୀର ଜୀବନ ଦର୍ଶନ । ମୁଁ ଭାବୁଛି ଗୁରୁଦକ୍ଷିଣା ଗୁରୁଦେବଙ୍କର ଚରଣରେ ଅବଶ୍ୟ ଅର୍ପଣ କରିବି ହେଲେ ଏଠାରୁ ଯିବା ପରିବର୍ତ୍ତେ ଏହି ଆଶ୍ରମରେ ବରଂ ରହିଯାଇ ତାଙ୍କର ସେବା ହେଲେ କରନ୍ତି । ମୋର ସମସ୍ତ ଜୀବନ ତାଙ୍କର ଚରଣ ତଳେ ଗୁରୁଦକ୍ଷିଣା ସ୍ୱରୂପ ସମର୍ପିତ କରିଦିଅନ୍ତି ।'' ମତେ ଭାରି ଭଲ ଲାଗୁଥିଲା ଉଦ୍ଧବର ଏଭଳି ଆମୂଳଚୂଳ ପରିବର୍ତ୍ତନ ଦେଖି । ମୁଁ ଆଦରରେ ତା'ର ପିଠିକୁ ଥପାଇଦେଲି ।

ମୁଁ ବଳରାମ ଭାଇନାଙ୍କୁ ପଚାରିଲି, ''ଭାଇନା ! ଗୁରୁଦେବଙ୍କ ସାନ୍ନିଧ୍ୟରେ ତୁମକୁ ସବୁଠାରୁ କେଉଁଟା ବେଶି ଭଲ ଲାଗିଲା ?'' ଭାଇନା ଛାତି ଫୁଲାଇ ଉତ୍ତରଦେଲେ, ''ଗୁରୁଦେବଙ୍କର ଯୁଦ୍ଧ କଳା ସମ୍ପର୍କରେ ବିଶ୍ଳେଷଣ ମତେ ସବୁଠାରୁ ଅଧିକ ପ୍ରଭାବିତ କରିଥିଲା । କେଳିନନ୍ଦ କକାଙ୍କଠାରୁ ଶିଖିଥିବା ମଲ୍ଲ ବିଦ୍ୟାକୁ ମୁଁ ଗୁରୁଦେବଙ୍କଠାରୁ ଆହୁରି ତାତ୍ତ୍ୱିକ ଦୃଷ୍ଟିରୁ ବୁଝିପାରିଲି ।''

ଶେଷରେ ମୁଁ ହସିହସି ସୁଦାମାକୁ ପଚାରିଲି, ''ବନ୍ଧୁ ସୁଦାମା ! ଆଚାର୍ଯ୍ୟଙ୍କର ଶିକ୍ଷାର କେଉଁ ଦିଗ ତୁମକୁ ପ୍ରଭାବତି କଲା, କହିଲ ?'' କିନ୍ତୁ ମୋ ପ୍ରଶ୍ନ ସୁଦାମାକୁ କିଛିହେଲେ ପ୍ରଭାବିତ କଲାନାହିଁ । କ'ଣ ହେଲା କେଜାଣି ସେ କେଉଁ ଚିନ୍ତାରେ ନିମଗ୍ନ ହୋଇଥିଲା ? ତଥାପି ମୁଁ ତାକୁ ଝଙ୍କାଇ ଦେଇ ପଚାରିଲି, ''କେଉଁ ଚିନ୍ତାରେ ପଡ଼ିଛ ବନ୍ଧୁ ସୁଦାମା ! ମୁଁ ପଚାରୁଛି ପରା ଗୁରୁଦେବଙ୍କର କେଉଁ ଶିକ୍ଷା ତୁମକୁ ସବୁଠାରୁ ଭଲ ଲାଗିଲା ?''

କୁଣ୍ଠିତ ମନରେ ସୁଦାମା ଉତ୍ତରଦେଲା, ''ମତେ ଗୁରୁଦେବଙ୍କର ଗୃହସ୍ଥାଶ୍ରମର ଶିକ୍ଷା ହିଁ ବେଶି ଭଲ ଲାଗିଲା ।'' ଏମିତି କଥା ହେଉହେଉ ଆମେ ଚାରିଜଣ ସରୋବର କୂଳରେ ପହଞ୍ଚି ସାରିଥିଲୁ । ନିଜ ନିଜର ବେତ ପେଟିକାମାନଙ୍କୁ କୂଳରେ ଥୋଇଦେଇ ଆମେ ଗଳାରେ ବନ୍ଧା ହୋଇଥିବା ଆଶ୍ରମବସ୍ତ୍ରକୁ ଖୋଲି ଅଣ୍ଟାରେ ବାନ୍ଧି କଛା ଭିଡ଼ିଦେଲୁ । ତା'ପରେ ସମସ୍ତେ ପହଁରିବା ପାଇଁ ସରୋବର ମଧ୍ୟକୁ ଓହ୍ଲାଇପଡ଼ିଲୁ । ସରୋବର ଜଳ ବେଶ୍ ଉଷୁମ ଲାଗୁଥିଲା । ବଳରାମ ଭାଇନା ପଚାରିଲେ, ''ଆଜି କ୍ଷିପ୍ରା ନଦୀ ବଦଳରେ ତୁ କୁଆଡ଼େ ଆମକୁ ଏହି ସରୋବରକୁ ନେଇ ଆସିଲୁ କାହ୍ନା ? ତୋର ତ ସବୁ କଥାରେ କିଛି ନା କିଛି ରହସ୍ୟ ରହିଥାଏ, ସେଥିପାଇଁ ପଚାରୁଛି ରେ ।''

ମୁଁ ଭାଇନାଙ୍କର ଅଧିକାର ପଣରେ ବେଶ୍ ଆମୋଦିତ ହୋଇ କହିଲି, ''କାରଣ କ୍ଷିପ୍ରା ନଦୀରେ ଶିଷ୍ୟମାନଙ୍କର ଭିଡ଼ ଖୁବ୍ ଜମିଥିବ ଭାଇନା ପଦ୍ମ ଫୁଲ ସେଠାରେ ମିଳିବ ନାହିଁ । ଗୁରୁଦେବଙ୍କ ପାଇଁ କିଛି ପଦ୍ମଫୁଲ ନେଇଯିବାପାଇଁ ମୁଁ ଏଠିକି ଆସିବା ଉଚିତ୍ ମନେକଲି ।''

ଭାଇନାଙ୍କୁ ଏତକ କହିଦେଇ ମୁଁ ସରୋବର ପାଣି ଭିତରକୁ ଡେଇଁପଡ଼ିଲି । ଭାଇନା, ଉଦ୍ଧବ, ସୁଦାମା ମଧ ପାଣି ଭିତରେ ଏପଟ ସେପଟ ହୋଇ ପହଁରିବାକୁ ଲାଗିଲେ । କେତେ ସମୟ ଯେ ପାଣି ଭିତରେ ପହଁରୁଥିଲି, ଜଣାପଡୁନଥିଲା । ସୂର୍ଯ୍ୟ ମୁଣ୍ଡର ଉପରକୁ ଉଠୁଥିଲେ । ଅରଣ୍ୟ ଆଲୋକିତ ହୋଇ ଉଠୁଥିଲା । ମନ ପ୍ରାଣ ସତେଜ ହୋଇଉଠୁଥିଲା ।

କିନ୍ତୁ ମୁଁ ମନଇଚ୍ଛା ପହଁରୁଥିଲି....ଆଉ ପହଁରୁଥିଲି ! ମତେ ଜମାରୁ ପାଣି ଭିତରୁ ବାହାରିବାକୁ ଇଚ୍ଛା ହେଉନଥିଲା । ଭାଇନା, ଉଦ୍ଧବ, ସୁଦାମା ଗାଧୋଇସାରି ବସ୍ତ୍ରପାଲଟି ସାରିଥିଲେ । ମତେ ଅପେକ୍ଷା କରୁଥିଲେ । ହେଲେ ମତେ ଆଦୌ ପାଣି ଭିତରୁ ବାହାରି ଆସିବାକୁ ଇଚ୍ଛା ହିଁ ହେଉନଥିଲା । 'ଅବନ୍ତୀ' ଅରଣ୍ୟରେ ଏହା ମୋର ଶେଷଦିନ ଥିଲା । ଗୁରୁଦେବଙ୍କ ଦ୍ୱାରା ପଢ଼ାଯାଇଥିବା ସବୁ ଶାସ୍ତ୍ର, ବେଦ, ଉପନିଷଦ, ଚଉଷଠି କଳା, ଯୁଦ୍ଧର କଳା କୌଶଳ, ରାଜନୀତି ଓ ଜୀବନଶୈଳୀର ଗୁରୁତ୍ୱପୂର୍ଣ୍ଣ ଅବବୋଧଗୁଡ଼ିକ ମତେ ଆବିଷ୍ଟ କଲାବେଳେ ଜଳରେ ମୁଁ ନିଜକୁ ଆପ୍ଳୁତ କରି ପହଁରୁଥିବା ମୁହୂର୍ତ୍ତରେ ଅନୁଭବ କରିପାରୁଥିଲି– ଜୀବନର ଆଧାର ହିଁ ଜଳ । ଜଳ ଅର୍ଥାତ୍ 'ଜାୟତେ ଯସ୍ମାତ ଲିୟତେ ଯସ୍ମିନ ଇତି ଜଳଃ' । ପୁଣି ଆକାଶକୁ ପାଣିରେ ଥାଇ ଦେଖୁଥିଲି ଓ ଭାବୁଥିଲି ଆକାଶ 'ଆ' ଅର୍ଥ 'ପର୍ଯ୍ୟନ୍ତ' 'କାଶ' ଅର୍ଥାତ୍ ଶୂନ୍ୟସ୍ଥାନ ପର୍ଯ୍ୟନ୍ତ । ପୃଥ୍ୱୀ ଅର୍ଥାତ୍ ଯାହା ବିପୁଳ, ବ୍ୟାପକ, ବିସ୍ତୃତକୁ ବୁଝାଏ । ମୋର ଚେତନାର ସୂକ୍ଷ୍ମ ଅବବୋଧରେ ଗୋଟିଏ ତଥ୍ୟ ଗୁଞ୍ଜରିତ ହେଉଥିଲା, ଜଳ, ଆକାଶ, ପୃଥିବୀ, ସୂର୍ଯ୍ୟ... ବାୟୁ ! ଏହି ପଞ୍ଚମହାଭୂତ ହିଁ ପ୍ରକୃତିର ଜୀବନୀ ଶକ୍ତି, ପ୍ରାଣର ଆଧାର । ଜୀବନର ଏ ଅପୂର୍ବ ମହାଶିକ୍ଷାକୁ ମୁଁ ସାନ୍ଦିପନୀଙ୍କ କୃପାରୁ ଆହୁରି ଗଭୀର ଭାବରେ ବୁଝିପାରୁଥିଲି । ମୋର ଜୀବନ ଏକ ନୂତନ ସକାଳର ଆବାହନୀ ପର୍ବକୁ ଯେମିତି ସ୍ୱାଗତ କରୁଥିଲା । ଉଦ୍ଧବର ବ୍ୟାକୁଳ ସ୍ୱରରେ 'ଶ୍ରୀକୃଷ୍ଣ ଭାଇନା ଶୀଘ୍ର ଆସ', 'ବାହାରି ଆସ' ଡାକ ମତେ ଆଉ ବେଶି ସମୟ ପାଣି ଭିତରେ ଅଟକାଇ ପାରୁନଥିଲା । ଶେଷଥର ପାଇଁ ସରୋବର ଚାରିଆଡ଼େ ପହଁରି ଆସି ମୁଁ ଅନେକଗୁଡ଼ିଏ ନୀଳବର୍ଣ୍ଣର କଇଁଫୁଲ କଢ଼ ହାତରେ ଧରି ବାହାରକୁ ବାହାରି ଆସିଲି । ଫୁଲତକ ସୁଦାମା ହାତକୁ ବଢ଼ାଇ ଦେଲି ।

ଭାଇନା ଓ ଉଦ୍ଧବ ତାଙ୍କର ରାଜକୀୟ ବସ୍ତ୍ର ସବୁ ପିନ୍ଧି ସାରିଥିଲେ । ସୁଦାମା ବ୍ରାହ୍ମଣମାନଙ୍କର ଲାଲ ଧଡ଼ିବାଲା ଧୋତି, କାନର କୁଣ୍ଡଳ, ଅଙ୍ଗୀ ପିନ୍ଧିସାରିଥିଲେ । ଉଦ୍ଧବ ମୋର ବେତପେଡ଼ି ଖୋଲି ମୋ'ଆଡ଼କୁ ବଢ଼ାଇଦେଲା । ବାଃ... କି ଅଦ୍ଭୁତ ! ଗୁରୁଦେବଙ୍କର ଦୂରଦୃଷ୍ଟିକୁ ଧନ୍ୟବାଦ ନ ଦେଇ ରହିପାରିଲି ନାହିଁ । ପେଡ଼ିର ସବା ଉପରେ ମୋର ପ୍ରିୟ ଧଳା ସତେଜ ସୁଗନ୍ଧିତ ବୈଜୟନ୍ତୀମାଳା ରଖା ହୋଇଥିଲା । ବୈଜୟନ୍ତୀମାଳାକୁ ଦର୍ଶନ କଲା କ୍ଷଣି ମୋର ମନ ଆପଣାଛାଏଁ ରାଧାଙ୍କର ସ୍ମୃତିକୁ ଉଖାରି ଦେଲା । ଉଦ୍ଧବ ମାଳାକୁ ଆଣି ବଡ଼ ଆଦରରେ ମତେ ପିନ୍ଧାଇଦେଲା । ତା'ର ସୁଗନ୍ଧକୁ ମୁଁ ଗଭୀର ଭାବରେ ଆଘ୍ରାଣ କରିନେଲି । ଉଦ୍ଧବ ମୋତେ ଗୋଟିଗୋଟି କରି ଅଳଙ୍କାର ହାତକୁ ବଢ଼ାଇଦେଲା ଏବଂ ମୁଁ ସେଗୁଡ଼ିକୁ ପିନ୍ଧିବାକୁ ଲାଗିଲି । ହଳଦିଆ ପାଟ ପିନ୍ଧିଲା ପରେ ଅଣ୍ଟାରେ ନୀଳ ଦୁକୁଳକୁ କଷିକରି ଭିଡିଦେଲି । ବାହୁରେ କଙ୍କଣ ପିନ୍ଧିଲି । କଣ୍ଠ ଦେଶରେ ବଡ଼ବଡ଼ ମୋତିର କଉସ୍ତୁଭ ମଣିଯୁକ୍ତ ମାଳା ଧାରଣ କଲି । ବଳରାମ ଭାଇନା ମୟୂରପୁଚ୍ଛରେ ସୁଶୋଭିତ ସୁବର୍ଣ୍ଣ ମୁକୁଟ ମୋର ଘନକୃଷ୍ଣ ବର୍ଣ୍ଣର ବାଳ ଉପରେ ପିନ୍ଧାଇଦେଲେ । ଉଦ୍ଧବ ବଡ଼ ନିରୀହ ଭାବରେ ମୋ ଆଡ଼କୁ ଅପଲକ ନୟନରେ ଚାହିଁ ରହିଥାଏ । ହଠାତ୍ ଦୁଇପାଦ ପଛକୁ ଘୁଞ୍ଚିଯାଇ ଗଦ୍‌ଗଦ୍ ହୋଇ କହିଲା, 'ଭାଇନା...ଭାଇନା ! ତୁମର ଏ ଅପୂର୍ବ ମନମୋହନ ରୂପର ସୌନ୍ଦର୍ଯ୍ୟ ଉପରେ ଦୃଷ୍ଟି ପଡ଼ିଯାଉଛି । ହେଇ... ଦେଖୁନ, ଆପଣଙ୍କ ମୁଖମଣ୍ଡଳ ଉପରେ ଶତସୂର୍ଯ୍ୟଙ୍କର କିରଣର ଆଭାକୁ ଦେଖି ସୂର୍ଯ୍ୟ ମଧ ଲାଜେଇ ଯାଉଛନ୍ତି । ତୁମେ ରହିଲ, ମୁଁ ତୁମକୁ ଝାଡ଼ିଦେବି' କହି ସୁଦାମା ହାତରୁ ନୀଳ କଇଁଟିଏ ଟାଣିଆଣି ମତେ ମୁଣ୍ଡରୁ ଗୋଡ଼ଯାଏ ଛୁଆଁଇ ଆଣି ଝାଡ଼ିଦେଲା । ତା'ପରେ ଓଲଟା କରି ସରୋବର ଆଡ଼କୁ ନୀଳକଇଁଟା ଫିଙ୍ଗିଦେଲା ।

ଉଦ୍ଧବର ଏଇ ପିଲାଳିଆମୀ ଏବଂ ଆତ୍ମୀୟତା ମତେ ଭାରି ଭଲ ଲାଗୁଥିଲା । ମୁଁ, ଭାଇନା, ସୁଦାମା, ଉଦ୍ଧବ ସମସ୍ତେ ଆଚାର୍ଯ୍ୟଙ୍କର କୁଟୀର ଆଡ଼କୁ ଯିବାକୁ ଆରମ୍ଭ କଲୁ । ଚାଲିଲାବେଳେ ମୁଁ ଲକ୍ଷ୍ୟ କରୁଥିଲି ଯେ, ସୁଦାମା ବଡ଼ ଉଦାସ ଦେଖାଯାଉଛନ୍ତି । ମୁଁ ସ୍ନେହରେ ତାଙ୍କର କାନ୍ଧକୁ ଥାପୁଡ଼ାଇ ପଚାରିଲି, ''ସକାଳୁ ମୁଁ ଦେଖୁଛି ତୁମେ ବଡ଼ ଉଦାସ ଦେଖାଯାଉଛ ? କିଛି କହୁନ କାହିଁକି ? କ'ଣ ହୋଇଛି ସୁଦାମା ?''

ସୁଦାମା ଟିକଏ ଇତସ୍ତତଃ ହୋଇ କହିଲେ– ''ମିତ୍ର ! ମୁଁ ଆଜି ବଡ଼ ଦ୍ୱନ୍ଦ୍ୱରେ ଅଛି । ଗୁରୁଦେବଙ୍କୁ ଦକ୍ଷିଣା ଦେବା ପାଇଁ ମୋର ନିର୍ଦ୍ଧନ ପିତାମାତା ମତେ କିଛି ଦେଇନାହାନ୍ତି କି ସେମାନେ କିଛି ଦେଇପାରିବେନାହିଁ । ତା'ହେଲେ ମୁଁ କ'ଣ ଗୁରୁଦକ୍ଷିଣା ଗୁରୁଙ୍କୁ ଦେବି ଭାବିପାରୁନି ।''

ଏତକ କହି ସୁଦାମା ଟାଲୁଟାଲୁ ଅଟକିଗଲେ । ତାଙ୍କର ମୁହଁ ମଳିନ ପଡ଼ିଯାଇଥାଏ ।

–''ଓଃ.. ଏଇକଥା ! ତୁମେ ନିଶ୍ଚିତ ହୋଇଯାଅ, ସୁଦାମା ! ମୁଁ ତୁମକୁ ନୀଳକମଳ ଗୁଚ୍ଛ ଖାଲିରେ ଦେଇନାହିଁ । ମୁଁ କ'ଣ ଏହା ପୂର୍ବରୁ କେବେ ତୁମକୁ ପୁଷ୍ପଗୁଚ୍ଛ ଦେଇଥିଲି କି ? ତେଣୁ ତୁମେ ଏହି ନୀଳକମଳ ଗୁଚ୍ଛକୁ ନେଇ ଗୁରୁଦେବଙ୍କ ଚରଣରେ ଗୁରୁଦକ୍ଷିଣା ସ୍ୱରୂପ ଅର୍ପଣ କରିଦିଅ । ଦେଖିବ, ସେ ତୁମକୁ ସମସ୍ତଙ୍କଠାରୁ ଅଧିକ ଆଶୀର୍ବାଦ ଦେବେ ।''

ମୋ କଥାରେ ସୁଦାମା ଭାରି ଖୁସି ହୋଇଗଲେ । ଯେମିତି ତାଙ୍କ ମନରୁ ଏକ ପ୍ରକାଣ୍ଡ ବୋଝଟିଏ ଓହ୍ଲାଇଗଲା । ସେ ମତେ ଆନନ୍ଦରେ କୁଣ୍ଢାଇ ପକାଇଲେ । ଆଖିରୁ ଆନନ୍ଦାଶ୍ରୁ ବୋହିଗଲା । ଆମେ ଚାରିଜଣ ଆତ୍ମୀୟତା, ସ୍ନେହର ଲାଦଣ୍ୟରେ କୋଳାକୋଳି ହୋଇ ଆଚାର୍ଯ୍ୟଙ୍କର ଗୁରୁକୁଳରେ ପହଞ୍ଚି ସାରିଥିଲୁ ।

ସୂର୍ଯ୍ୟ ଏଥର ସିଧା ମୁଣ୍ଡ ଉପରକୁ ଆସି ଯାଇଥିଲେ । ଆଶ୍ରମର ଅନ୍ୟାନ୍ୟ ଶିଷ୍ୟମାନେ ଗୁରୁ ଦକ୍ଷିଣାବିଧି ପୂର୍ଣ୍ଣ କରି ଗୁରୁଦେବଙ୍କର ଆଶୀର୍ବାଦ ନେଇ ନିଜ ନିଜ ଦେଶକୁ ଫେରିଯାଇଥିଲେ । ସବୁଦିନର ଗହଳଚହଳ ଆଶ୍ରମର ପରିସରରେ ନଥିଲା । ବହୁତ ଶାନ୍ତ ଏବଂ ସ୍ନିଗ୍ଧ ଜଣାପଡୁଥିଲା । ଆମେ ଚାରିଜଣ ଆଚାର୍ଯ୍ୟ ମହୋଦୟଙ୍କର ସମ୍ମୁଖକୁ ଯାଇ ଉପସ୍ଥିତ ହେଲୁ । ପ୍ରଥମେ ଭାଇନା ଓ ଉଦ୍ଧବ ନଇଁପଡ଼ି ପ୍ରଣାମକଲେ । ଗୁରୁଦେବଙ୍କର ଚରଣ ସ୍ପର୍ଶ କଲାବେଳକୁ ଭାଇନା କ'ଣ କହିବାକୁ ଚାହୁଁଥିଲେ, କିନ୍ତୁ ଗୁରୁଦେବ ସେମିତି ଆଖିବନ୍ଦ କରି ସମାଧିସ୍ଥ ଅବସ୍ଥାରେ କହିଲେ, 'ଯାଦବ ଜ୍ୟେଷ୍ଠ ସୁପୁତ୍ର ବଳରାମ ।'

ଗୁରୁଦେବ ଆଖି ନଖୋଲି ମଧ ତାଙ୍କୁ ଚିହ୍ନିଗଲେ । ତାହା ଦେଖି ଭାଇନା ଚକିତ ହୋଇଗଲେ । ବଳରାମ ଭାଇନା ବିନମ୍ରତାର ସହିତ କହିଲେ, ''ପୂଜ୍ୟ ଗୁରୁଦେବ ! ମୁଁ ହିଁ ବଳରାମ । ମଥୁରାରୁ ମୋର ପିତା ବାସୁଦେବ ଏବଂ ମହାରାଜ ଉଗ୍ରସେନଙ୍କ ଦ୍ୱାରା ପଠାଯାଇଥିବା ଦୁଧିଆଳି ଗାଈ, ସୁଲକ୍ଷଣ ଅଳଙ୍କୃତ ଅଶ୍ୱ ଗୁରୁଦକ୍ଷିଣା ସ୍ୱରୂପ ମୁଁ ଗତକାଲି ଆଶ୍ରମର ଗୋଶାଳା ଏବଂ ଅଶ୍ୱଶାଳାରେ ଅର୍ପଣ କରିସାରିଛି । ଭାବି ଜୀବନଯାତ୍ରା ପାଇଁ ଗୁରୁଦେବ ଆପଣଙ୍କର ଆଶୀର୍ବାଦ ଭିକ୍ଷା କରୁଛି ।''

ଭାଇନାଙ୍କ କଥାରେ ଆଚାର୍ଯ୍ୟ ମହାଶୟ ମୁର୍କି ହସିଲେ । ସେମିତି ମୁଦିଲା ଆଖିରେ ତାଙ୍କ ମୁଣ୍ଡ ଉପରେ ନିଜର ଅଭୟ ହାତକୁ ରଖି ଆତ୍ମୀୟତାପୂର୍ଣ୍ଣ କଣ୍ଠରେ କହିଲେ, ''ହେ ବଳରାମ ! ତୁମେ ଯଶସ୍ୱୀ ହୁଅ । ଜ୍ୟେଷ୍ଠ ଭାବରେ ସମସ୍ତ ଜଗତ ତୁମର ପ୍ରଶଂସା କରିବ । କିନ୍ତୁ ଗୋଟିଏ କଥା ମନେରଖିଥାଅ ତୁମର

ପ୍ରବଳ ଆବେଗ ପ୍ରତି ସଜାଗ ନିୟନ୍ତ୍ରଣ ରହିବା ଆବଶ୍ୟକ । ନ ହେଲେ ତୁମକୁ ଅନେକ ସମୟରେ ଛଳନାର ଶିକାର ହେବାକୁ ପଡ଼ିବ । ତଥାସ୍ତୁ ।''

ଉଦ୍ଧବ ଦଣ୍ଡବତ ହୋଇ ଗୁରୁଦେବଙ୍କର ପାଦ ସ୍ପର୍ଶ କଲାକ୍ଷଣି ସେହି ମୁଦ୍ରିତ ନୟନରେ ଗୁରୁଦେବ କହିଲେ, ''ଉଦ୍ଧବ ! ମଥୁରାର ଯାଦବ ଦେବଭାଗ ଓ ଆର୍ଯ୍ୟା କଂସଙ୍କର ସୁପୁତ୍ର !''

''ହଁ ଆଜ୍ଞା ଗୁରୁଦେବ ! ମୁଁ ହିଁ ଉଦ୍ଧବ ।''

ବଡ଼ ବଡ଼ ନିରୀହ ନିଷ୍ପାପ ଆଖିରେ ସ୍ନେହିଳ ସ୍ୱରରେ ନମ୍ରତାର ସହିତ ଉଦ୍ଧବ କହିଲା, ''ଗୁରୁଦେବ ! ମୁଁ ଆପଣଙ୍କର ଏବଂ ଅନ୍ୟ ଆଚାର୍ଯ୍ୟମାନଙ୍କ ପାଇଁ ବସ୍ତ୍ର, ଆଶ୍ରମ ପାଇଁ କିଛି ଧନଥଳି ଭଣ୍ଡାର ଗୃହରେ ଜମା କରିସାରିଛି । ମୋର ଜୀବନଯାତ୍ରା ଶୁଭଙ୍କର ହେଉ... ଏହି ମଙ୍ଗଳ ଆଶିଷ ମତେ ପ୍ରଦାନ କଲେ, ମୁଁ କୃତାର୍ଥ ହେବି ପ୍ରଭୁ ।''

ଆଚାର୍ଯ୍ୟ ମହୋଦୟ ଭିନ୍ନ ଏକ ଗମ୍ଭୀର ସ୍ୱରରେ କହିଲେ, ''ଉଦ୍ଧବ ! ତୁମେ ଜଣେ ସତ୍ୟଦ୍ରଷ୍ଟା ଭକ୍ତ । କୌଣସି ଯୋଗଯୋଗେଶ୍ୱର ପରମ ଦ୍ରଷ୍ଟାଙ୍କର ପ୍ରିୟ ହେବାର କ୍ଷମତା କେବଳ ତୁମ ମଧ୍ୟରେ ବିଦ୍ୟମାନ । ତୁମେ ଜଣେ ଏପରି ତତ୍ତ୍ୱଜ୍ଞ ଯୋଗୀର ସେବକ ହେବ ଏବଂ ତୁମକୁ ସାରା ଜଗତ ସେଥିପାଇଁ ପ୍ରେମ କରିବ । ନିଜ ମନରେ ସମସ୍ତ ଦୁଃଖକୁ ତୁମେ ଚାପିରଖି ଉତ୍ତର ଜୀବନରେ ଏକ କଟୁ ଧର୍ମକର୍ତ୍ତବ୍ୟକୁ ପାଳନ କରିବାକୁ ପଡ଼ିବ । ଯାଅ ବତ୍ସ, ଶୁଭଂ ଭବତୁ ।''

ଗୁରୁଦେବ ନିଜର ହାତ ଉଦ୍ଧବର ମସ୍ତକ ଉପରେ ରଖି ଆଶୀର୍ବାଦ କଲେ ।

ଆମେ ଦୁଇଜଣ ଶେଷକୁ ରହିଯାଇଥିଲୁ । ମୁଁ ସୁଦାମାକୁ ଆଖିରେ ସଂକେତ ଦେଲି । ସୁଦାମା ଗୁରୁଦେବଙ୍କର ନିକଟକୁ ଯାଇ ନମ୍ରତା ପୂର୍ବକ ନୀଳକମଳ ଗୁଚ୍ଛକୁ ତାଙ୍କର ଚରଣ ତଳେ ରଖିଦେଲା ଏବଂ ତାଙ୍କ ପାଦ ଉପରେ ମୁଣ୍ଡ ରଖି କଇଁକଇଁ ହୋଇ କାନ୍ଦିବାରେ ଲାଗିଲେ । ନିଜର ଅସହନୀୟ ଦାରିଦ୍ର୍ୟର ତାଡ଼ନାରେ ଦଗ୍ଧିଭୂତ ହେଉଥିଲା ସୁଦାମାର ମନ ।

ହେଲେ ଗୁରୁ ସାନ୍ଦିପନୀ ତ ଥିଲେ ସ୍ୱୟଂ ତ୍ରିକାଳଦର୍ଶୀ ପରମ ସତ୍ୟଦର୍ଶୀ ତପସ୍ୱୀ । ତାଙ୍କର ମୁଦ୍ରିତ ନେତ୍ର ଅଧା ଖୋଲିଗଲା । ସୁଦାମାଙ୍କର ପିଠି ଥପାଇଦେଇ ଗୁରୁଦେବ ସାନ୍ତ୍ୱନା ଦେଇ କହିଲେ, ''ବତ୍ସ ! ସୁଦାମା, ତୁମର କୋଚଟ ବସ୍ତ୍ର ପାଇଁ ତୁମକୁ ଲୋକମାନେ 'କୁଚଟା' ମଧ୍ୟ କହନ୍ତି । ତୁମେ ମଧ୍ୟ ନିଜକୁ ଦରିଦ୍ର ବୋଲି ଭାବୁଛ । କିନ୍ତୁ ତୁମେ ବିଶୁଦ୍ଧ ପ୍ରେମମୟ ଆତ୍ମାର ଅଧିକାରୀ ରୂପେ ଦିନେ ଜଗତ ବିଖ୍ୟାତ ହେବ । ତୁମର ବିଶୁଦ୍ଧ ସ୍ନେହ ସମ୍ପତ୍ତିକୁ ଭଲଭାବରେ ଯତ୍ନକରି ସମ୍ଭାଳି କରି ରଖ । ମୁଁ ତୁମକୁ ମନପ୍ରାଣ ସହିତ ଆଶୀର୍ବାଦ କରୁଛି... 'କଲ୍ୟାଣମସ୍ତୁ ।'

ଏହି ସମୟ ବେଳକୁ ସିଧା ଆଶ୍ରମର ମୁଣ୍ଡ ଉପରେ ସୂର୍ଯ୍ୟ ଜଳୁଥିଲେ । ଗୁରୁଦେବ ସାନ୍ଦିପନୀଙ୍କର ଅନ୍ତିମ ଶିଷ୍ୟ ମୁଁ ଅଗ୍ରସର ହେଲି । ପଦ୍ମାସନରେ ବସିଥିବା ଗୁରୁଦେବଙ୍କର ପାଦ ଅସ୍ପଷ୍ଟ ଦେଖାଯାଉଥିଲା । ମୁଁ ସିଧା ଯାଇ ତାଙ୍କୁ ସାଷ୍ଟାଙ୍ଗ ଦଣ୍ଡବତ କଲି । ପୂର୍ବପରି ଆଖି ନ ଖୋଲି ମୋର ସ୍ପର୍ଶକୁ ଜାଣିପାରି ଆଚାର୍ଯ୍ୟ ମହୋଦୟ ହସିହସି କହିଲେ, ''ଶ୍ରୀକୃଷ୍ଣ ! ବୃଷ୍ଣିଅନ୍ଧକମାନଙ୍କର ଯୁଗଯୁଗର ଅନ୍ଧକାର ଦୂର କରୁଥିବା ଜୀବନଧାରକ ଶ୍ରୀକୃଷ୍ଣ ! ବସୁଦେବ-ଦେବକୀଙ୍କର ଅଷ୍ଟମପୁତ୍ର ଗୋକୁଳର ଗୋପାଳମାନଙ୍କର ଆଦରଣୀୟ ଗୋପାଳ ଏବଂ ମୋର ଶିଷ୍ୟୋତ୍ତମ ଶ୍ରୀକୃଷ୍ଣ ।'' କହି କହି ଗୁରୁଦେବଙ୍କ ଆଖି ଖୋଲିଗଲା । ମୁଁ ସେତେବେଳକୁ ତାଙ୍କ ସମ୍ମୁଖରେ ଯୋଡ଼ହସ୍ତରେ ନତ ମସ୍ତକ ହୋଇ ଛିଡ଼ା ହୋଇଥିଲି । ସେ ମୋ ଆଖିରେ ଆଖି ମିଶାଇ ଗଭୀର ଦୃଷ୍ଟିରେ ଦେଖିଲେ । ଗୁରୁଦେବଙ୍କର ଦୃଷ୍ଟି ସମ୍ପୂର୍ଣ୍ଣ ଭିନ୍ନ ଦେଖାଯାଉଥିଲା । ଏହାପୂର୍ବରୁ ମୁଁ ତାହା କେବେହେଲେ ଦେଖି ନଥିଲି । ସେ ମୃଦୁମୃଦୁ ହସୁଥାନ୍ତି ।

''....ଗୁରୁଦେବ ! ଆପଣଙ୍କର ସମସ୍ତ ଶିଷ୍ୟମାନେ କିଛି ନା କିଛି ଗୁରୁଦକ୍ଷିଣା ଅର୍ପଣ କରି ଆପଣଙ୍କର ଆଶୀର୍ବାଦ ନେଇସାରିଛନ୍ତି ! କିନ୍ତୁ ଗୁରୁଦେବ ! ଉଦାର ହୃଦୟରେ ଆପଣ ମତେ କ୍ଷମା କରିଦିଅନ୍ତୁ ! କାରଣ ଆପଣଙ୍କୁ ଗୁରୁ ଦକ୍ଷିଣା ଅର୍ପଣ କରିବାପାଇଁ ମୋ ପାଖରେ କିଛି ମଧ ନାହିଁ ।'' କହି ମୁଁ ସବୁଦିନ ଭଳି ହସିଲି । ଗୁରୁଦେବ ମଧ ମୋ ହସରେ ସାଙ୍ଗ ଦେଇ ହସିଲେ । ସବୁଦିନ ଭଳି ଶାନ୍ତ ଭାବରେ କହିଲେ, ''ବତ୍ସ ! ତୁମର ଏ ଛଳିକ ବିଦ୍ୟା ବନ୍ଦ କର । ଗୁରୁଦକ୍ଷିଣାର କୌଣସି ଆବଶ୍ୟକତା ନାହିଁ ଯୋଗଯୋଗେଶ୍ୱର ! ମୋର ଆଶ୍ରମରେ ଏତେଦିନ ପର୍ଯ୍ୟନ୍ତ ତୁମେ ମୋର ଶିଷ୍ୟ ଭାବରେ ବିଦ୍ୟା ଗ୍ରହଣ କଲ ଏହାଠାରୁ ବଡ଼ ଗୁରୁଦକ୍ଷିଣା ଏହି ଅଶାଶ୍ୱତ ଜଗତରେ ଆଉ କ'ଣ ହୋଇପାରେ କହିଲ ?'' ଗୁରୁଦେବ ଏତକ କହିଦେଇ ନବଜାତ ଶିଶୁ ଭଳି ନିରୀହ ନିଷ୍ପାପ ବିଲୋଳ ହସ ହସିଲେ । ଆଃ ! କେତେ ସ୍ୱଚ୍ଛ ଶାନ୍ତ ଦେଖାଯାଉଥିଲେ ମୋର ଗୁରୁଦେବ, ପାର୍ଥ !

ମୋ ଆଖିରେ ଆଖି ମିଶାଇ ଗୁରୁଦେବ ମତେ ଯେମିତି ମୋର କେଉଁ ଅବଚେତନ ଅର୍ନ୍ତମନକୁ ଆହୁରି ଉଜାଗର କରି ଦେଉଥିଲେ । ଏମିତି ଅନେକକ୍ଷଣ ପର୍ଯ୍ୟନ୍ତ ମୌନତାର ଭାବମୟ ଜଗତରେ ଆମେ ଦୁହେଁ ବୁଡ଼ି ରହିଥିଲୁ । ଗୁରୁଦେବଙ୍କର ଦିବ୍ୟ ଶକ୍ତିର ଓଜ ଆଶୀର୍ବାଦ ଭାବରେ ମୋର ସମଗ୍ର ଅସ୍ତିତ୍ୱକୁ ଯେମିତି ପରିବ୍ୟାପ୍ତ କରିଦେଇଥିଲା ।

ଗୁରୁଦେବ କହିଲେ, ''ମୋର ପରମପ୍ରିୟ ପୁରୁଷୋତ୍ତମ ! ତୁମର ଜୀବନମାର୍ଗ ସବୁବେଳେ ଶୁଭଙ୍କର ହେବ ! ହେ, ଯଦୁନନ୍ଦନ ! ଭବିଷ୍ୟତରେ ଯେବେ କେବେ ତୁମେ ସମୟ ପାଇବ, ନିଶ୍ଚୟ ପ୍ରୟାଗ ଯାଇ ମହାନ୍ ଋଷିପ୍ରବର

ଘୋର ଅଙ୍ଗିରସଙ୍କର ଦର୍ଶନ କରିବ ଏବଂ ତାଙ୍କଠାରୁ ବ୍ରହ୍ମଜ୍ଞାନ ଶିକ୍ଷା ଗ୍ରହଣ କରିବ । ନିଜର ନାମ ଅନୁସାରେ ସେ ପ୍ରକୃତରେ 'ଘୋର' ତପସ୍ୟାର ଅଧିକାରୀ ହୋଇଛନ୍ତି । ସେ ଅଗ୍ନିର ନୈଷ୍ଠିକ ପୂଜକ । 'ଆଦ୍ୟ ଅଙ୍ଗିରସ'ଙ୍କର ସେ ହେଉଛନ୍ତି ଉତ୍ତରାଧିକାରୀ । ତାଙ୍କର ସ୍ୱଭାବ ଅଗ୍ନିଙ୍କ ଭଳି । ଅର୍ଥାତ୍ ନିୟମ ନିଷ୍ଠାର ସହିତ ତାଙ୍କୁ ବ୍ୟବହାର କଲେ ସେ ଭାରି ସ୍ନେହୀ, ମର୍ଯ୍ୟାଦାବନ୍ତ ହୋଇଥାନ୍ତି । କିନ୍ତୁ ଅବମାନନା କଲେ, 'ଘୋର ଅଙ୍ଗୀରସ' ଦାହକ ଶକ୍ତି ଭଳି କ୍ରିୟାଶୀଳ ହୋଇଯାଇଥାନ୍ତି । ବର୍ତ୍ତମାନ ସେ କିଛିଦିନ ପ୍ରୟାଗ କ୍ଷେତ୍ରରେ ଅବସ୍ଥାନ କରିବେ । ଏହାପରେ ସେ ରୈବତକି ପର୍ବତ ଆଡ଼କୁ ଚାଲିଯିବେ । 'ପନ୍ଥ'ର 'ତୀର୍ଥଙ୍କର' ଭାବରେ ସେ ପନ୍ଥର ପ୍ରଚାର-ପ୍ରସାର ପାଇଁ ଚାଲିଯିବେ । ତୁମର ତାଙ୍କ ସହିତ କେଉଁ ପ୍ରକାର ସମ୍ପର୍କ ତାହା ତୁମେ ଯଥା ସମୟରେ ଜାଣିପାରିବ ଶ୍ରୀକୃଷ୍ଣ ! ତୁମର ତାଙ୍କ ସହିତ ଭେଟ ହେଲାବେଳେ ମୋର ପ୍ରଣାମ ତାଙ୍କ ପର୍ଯ୍ୟନ୍ତ ନିଶ୍ଚୟ ପହଞ୍ଚାଇଦେବ । ହେ ବାସୁଦେବ ! ଆଜି ମୁଁ ତୁମକୁ ଯେଉଁ ଉପହାର ଦେବାକୁ ଚାହୁଁଛି ତାହା ତୁମର ଅତିପ୍ରିୟ ବୈଜୟନ୍ତୀମାଳା ଭଳି ତାକୁ ତୁମେ ଶ୍ରଦ୍ଧାପୂର୍ବକ ଗ୍ରହଣ କରିବ ।''

ସକାଳୁ ସେ କମଣ୍ଡଳୁରେ ବଡ଼ ଯତ୍ନରେ ସତେଜ କମଳଫୁଲ ସାଇତି ରଖିଥିଲେ, ତାହା ମୋ ହାତରେ ରଖିଦେଲେ । ମୁଁ ବଡ଼ ଭକ୍ତି ଭାବରେ ତାକୁ ଅଞ୍ଜୁଳିରେ ନେଇ ମସ୍ତକରେ ଲଗାଇଲି । ଗୁରୁଦେବଙ୍କର ଏହି ସ୍ନେହଭରା କମଳଫୁଲ ମୋ ପାଇଁ ଥିଲା ଅମୂଲ୍ୟରତ୍ନ ସ୍ୱରୂପ ସର୍ବଶ୍ରେଷ୍ଠ ଉପହାର । ଗୁରୁଦେବ ତାଙ୍କର ଦୁଇହାତକୁ ଛତ୍ର ଭଳି ମୋର ମୁକୁଟ ଉପରେ ରଖିଲେ । ଗୁଣୁ ଗୁଣୁ ହୋଇ କହିଲେ, ''ଶ୍ରୀକୃଷ୍ଣାୟ ଅର୍ପଣମସ୍ତୁ'' ।

ସେହି ଗୁଞ୍ଜରଣ ଏ ପର୍ଯ୍ୟନ୍ତ ମୋ କାନ ଭିତରେ ଝଙ୍କୃତ ହେଉଛି ପାର୍ଥ !

ଗୃହ କର୍ମରେ ସର୍ବଦା ବ୍ୟସ୍ତ ରହୁଥିବା ଗୁରୁପତ୍ନୀ, ଆମର ଗୁରୁମା କେବେହେଲେ ବାହାରକୁ ଆସନ୍ତି ନାହିଁ । କିନ୍ତୁ ସେଦିନ ବାହାରକୁ ଆସିଥିଲେ । ଆମେ ସମସ୍ତେ ତାଙ୍କୁ ନମ୍ରତା ପୂର୍ବକ ପ୍ରଣାମ କଲୁ । ସେ ଆମମାନଙ୍କୁ ମନ ଭରି ଆଶୀର୍ବାଦ ଦେଲେ । ତାଙ୍କ ଆଖିରୁ ଝରୁଥିବା ଅଶ୍ରୁ ତର୍ପଣରୁ ମୁଁ ତାଙ୍କ ହୃଦୟର ବେଦନାକୁ ଭଲଭାବରେ ବୁଝିପାରୁଥିଲି , ପାର୍ଥ ! ତାଙ୍କୁ ସେଦିନ ସେହି ବିଦାୟ ବେଳାରେ ଅଭୟ ପ୍ରତିଶ୍ରୁତି ଦେଇ କହିଲି, ''ଗୁରୁମାତେ ! ଶଙ୍ଖାସୁର ଦ୍ୱାରା ବଳପୂର୍ବକ ଅପହୃତ ହୋଇଥିବା ଆପଣଙ୍କର ସୁପୁତ୍ର ଦତ୍ତକୁ ମୁଁ ତା'ଠାରୁ ନିଶ୍ଚୟ ଛଡ଼ାଇ ନେଇଆସିବି । ଏହା ମୋର ଆପଣଙ୍କୁ ଦୃଢ଼ ବଚନ ମା !''

ମା'ଙ୍କ ଆଖିରୁ ଆହୁରି ବେଗରେ ଅଶ୍ରୁଧାର ନିଗିଡ଼ି ପଡ଼ିଲା । ଲୁହକୁ କାନି ପଣତରେ ପୋଛୁ ପୋଛୁ ଅତ୍ୟନ୍ତ ଭାବମୟ ଆଖିରେ ମୋ ମୁହଁକୁ ଚାହିଁ, ମୋ

ମୁଣ୍ଡକୁ ଆଉଁଷି ଦେଇ ମା କହିଲେ, ''ଏବେ ତୁମମାନଙ୍କ ବିନା ମୁଁ ଏଠାରେ କିପରି ଦିନ କାଟିବି ମଧୁସୂଦନ ? ଯାଅ ପୁତ୍ର ବିଜୟୀ ହୁଅ । ଯଶସ୍ୱୀ ହୁଅ ।''

ଗୁରୁଦେବ ଓ ଗୁରୁମାତାଙ୍କୁ ପୁଣି ଥରେ ପ୍ରଣାମ ଜଣାଇ ଆମ୍ଭେମାନେ କୁଟୀର ବାହାରକୁ ବାହାରି ଆସିଲୁ । ସୁଦାମା କେଉଁଠି ଦେଖାଯାଉନଥିଲେ । ବେତ ପେଟିକା ଗୁଡ଼ିକୁ ନେଇ ମୁଁ, ଭାଇନା ଓ ଉଦ୍ଧବ ଆଶ୍ରମର ମୁଖ୍ୟ ଦ୍ୱାର ନିକଟକୁ ଆସିଯାଇଥିଲୁ । ଦାରୁକ ସେଠାରେ ରଥ ନେଇ ଛିଡ଼ା ହୋଇଥିଲା । ଦାରୁକ ରାଜ ରଥକୁ ଅତ୍ୟନ୍ତ ଆକର୍ଷଣ ଶୈଳୀରେ ସଜ୍ଜିତ କରି ଦେଇଥିଲା । ମୋର ମନ ମୁତାବକ ଆକର୍ଷଣୀୟ ହିମଧବଳ ଦୁଗ୍ଧବର୍ଣ୍ଣା ଅଶ୍ୱମାନଙ୍କୁ ରଥରେ ଯୋଚାଯାଇଥିଲା । ମୁଁ ଆକର୍ଷିତ ହୋଇ ରଥ ନିକଟକୁ ଯାଇ ଘୋଡ଼ାମାନଙ୍କୁ ଆଉଁଷି ଦେଲି । ଦାରୁକକୁ ପଚାରିଲି ,''ବିଶୁଦ୍ଧ ରକ୍ତର ଉଚ୍ଚ ବଂଶଜ ଏହି ପ୍ରାଣୀମାନଙ୍କୁ କେଉଁଠୁ ପାଇଲ ତୁମେ ?''

ଦାରୁକ ହସି ହସି ଉତ୍ତର ଦେଲା,''ସମଗ୍ର ପଞ୍ଚନଦ ଅଞ୍ଚଳ ସାରା ଖୋଜି ପକାଇଥିଲି । ଚନ୍ଦ୍ରଭାଗା ଓ ଇରାବତୀ ନଦୀର ତୃଣଭୂମି ଅଞ୍ଚଳରେ ଥିବା ଏକ ଉପତ୍ୟକା ନିକଟରୁ ଏହି ଘୋଡ଼ାମାନଙ୍କୁ ପାଇଲି । ଏମାନଙ୍କ ଶରୀର ଯେତିକି ସୁଗଠିତ, ସେତିକି ତୀବ୍ର ଗତିରେ ଏମାନେ ଦୌଡ଼ିପାରନ୍ତି । ଏମାନେ ଆଜ୍ଞାକାରୀ ଓ ନମ୍ର ସ୍ୱଭାବଯୁକ୍ତ ମଧ୍ୟ ।''

ମୁଁ ଭାଇନାଙ୍କୁ ପଚାରିଲି, ''ଭାଇନା ! ଅଶ୍ୱମାନଙ୍କର ନାମକରଣ କରିବେ ନାହିଁ ?''

ଭାଇନା କହିଲେ, ''ମତେ ସେସବୁ ଅଡୁଆରେ ତୁ ପୁରାନା । ତୁ ନାମ ବାଛିଦେ । କହିବୁ ଯଦି ଘୋଡ଼ାମାନଙ୍କୁ ସିଧା କାନ୍ଧରେ ଉଠାଇ ଟେକି ଦେଖାଇଦେବି ।''

ଭାଇନାଙ୍କ କଥାରେ ମତେ ଭାରି ହସ ମାଡ଼ିଲା । ମୁଁ ଅଶ୍ୱମାନଙ୍କର ନାମକରଣ କଲି ଶୈବ୍ୟ,ସୁଗ୍ରୀବ, ବଳାହକ ଏବଂ ମେଘପୁଷ୍ପ । ମୋର ଆଚାର୍ଯ୍ୟ ମହୋଦୟଙ୍କର କଥା ମନେପଡୁଥିଲା । ....''ପବନକୁ ସ୍ପର୍ଦ୍ଧା କରିବାର ଶକ୍ତି ରଖୁଥିବା ଅଶ୍ୱ ହିଁ ସର୍ବପ୍ରଥମେ ମଣିଷର ଅତ୍ୟନ୍ତ ବିଶ୍ୱାସୀ ବନ୍ଧୁ ହୋଇଥାଏ । ଅଶ୍ୱ ଯେତେବେଳେ ତିନିଗୋଡ଼ରେ ଠିଆ ହୋଇ ଚତୁର୍ଥ ଗୋଡ଼କୁ ଖୁରା ପାଖରେ ଟେକି ରଖେ, ତା'ହେଲେ ସେହି ଘୋଡ଼ା ଦୌଡ଼ିବା ପାଇଁ ଅନୁପଯୁକ୍ତ ବୋଲି ଜଣାଯାଏ । ନିଜ ସ୍ୱାମୀର ସ୍ପର୍ଶ ଓ ଶବ୍ଦକୁ ଯେଉଁ ଅଶ୍ୱ ଭଲଭାବରେ ବୁଝିପାରେ ସେ ସବୁଠାରୁ ଅଧିକ ଦକ୍ଷ ଓ ବିଶ୍ୱାସୀ ହୋଇଥାଏ । ଏପରିକି ମଣିଷ ମଧ୍ୟ ଏତେ ଅର୍ଥ ବୁଝିପାରେନାହିଁ ।''

ପୁଣି ଏକ ନୂତନ ଅଧ୍ୟାୟର ଆଦ୍ୟ ପର୍ବ ଉଦ୍‌ଘାଟିତ ହେବାର ମହୋତ୍ସବ ସୃଷ୍ଟି ହୋଇଯାଇଥିଲା, ପାର୍ଥ ! ଜୀବନକୁ ଏକ ଉତ୍ସବମୁଖର ତାତ୍ତ୍ୱିକ ଜିଜ୍ଞାସାର ଅଲୌକିକ ମାୟା ମଗ୍ନତାରୁ ନିଖାରି ଦେଖିବା ମୁଁ ଶିଖିଯାଇଥିଲି, ଅର୍ଜୁନ ! ପୁଣି ଯାତ୍ରା, ପୁଣି ଅନ୍ୱେଷା ପୁଣି ଥରେ ନୂଆ ନୂଆ ଅନୁଭବକୁ ଚିତ୍ରମୟ କରିବାର ଦୁରନ୍ତ ଇଚ୍ଛାରେ ଗତିଶୀଳ ହେବାର ଅଭୀପ୍ସା କରୁଥିଲି । ସତରେ ପାର୍ଥ ! ଗତି, ସମୟ, ଜୀବନ କେତେ ନିବିଡ଼ ଭାବରେ ପରସ୍ପର ସଂଶ୍ଳିଷ୍ଟ ହୋଇ ରହିଛନ୍ତି । ଗୋଟିଏ ମୁହୂର୍ତ୍ତର ଆବେଗକୁ ହୃଦୟରେ ଧରି ରଖିବା ପାଇଁ କେତେ କୃଚ୍ଛ୍ର ସାଧନା କରିବାକୁ ହୁଏ । ଶବ୍ଦଟିଏ ପାଇଁ ଅଶ୍ଳେଷ ଟୋପାକ ପାଇଁ, ମୂର୍ଚ୍ଛନା ଟିକେ ପାଇଁ କେତେ ଯେ ପ୍ରତୀକ୍ଷା ଆଉ ଆୟୁଷକୁ ନିଃଶେଷ କରିବାକୁ ହୁଏ ପାର୍ଥ ! ସେହି ଅବଧାରିତ ଭାଗ୍ୟକୁ ସବୁଦିନ ପାଇଁ ବଦଳାଇ ଦେବାକୁ ସିନା ସମସ୍ତ ଉପାସନା, କଠୋର ସାଧନା, ଅଭିଯାନ ନିଅଣ୍ଟ ପଡ଼େ । ହେଲେ ଘାସ ଦେହରେ ଜମିଥିବା କାକର ବୁନ୍ଦାକ ନାଲି ଗୁଲୁଗୁଲୁ ସାଧବ ବୋହୂର ମଖମଲି ଦେହର କୋମଳତା, ଯମୁନାର ଗାଢ଼ ନୀଳପଣତର ଉଡ଼ାଣରେ ପକ୍ଷୀର କିଚିରି ମିଚିରି, ରାଧାଙ୍କର ଲୁହ ବୋଳା ମୁହଁର ଛଳ ଛଳ ନିରୁତା କୋହକୁ ମୁଁ କ'ଣ କେବେ ନିଜ ଅସ୍ତିତ୍ୱରୁ ଅଲଗା କରିପାରିଛି କି ପାର୍ଥ ! ମୁଁ ତ ଚିରକାଳ ପ୍ରେମର ଯୋଜନଗନ୍ଧା ବାସ୍ନାରେ ଉଚ୍ଚାଟିତ, ଉଚ୍ଛ୍ୱସିତ, ଉଲ୍ଲସିତ ହୋଇଯାଏ ପାର୍ଥ ! କେବଳ ନିବିଷ୍ଟ ମନରେ ତିଳ ତିଳ ପ୍ରୀତିର ତର୍ପଣ କରିବା ଛଡ଼ା ଆଉ କ'ଣ କରିପାରିଥାନ୍ତି ଯେ.... ।

ପବନର ଗତିଠାରୁ ମଧ୍ୟ ଆହୁରି ତୀବ୍ରଗତିରେ ଦୌଡ଼ୁଥିଲେ ଶୈବ୍ୟ, ବଳାହକ, ସୁଗ୍ରୀବ ଓ ମେଘପୁଷ୍ପ । ଘୋଡ଼ା ଟାପୁର ଟପ୍ ଟପ୍ ଶବ୍ଦ ସହିତ ରଥର ଘର୍ଘର ନାଦ ମିଶି ଏକାକାର ହୋଇଯାଉଥିଲା । ଧୂଳିର ପଟଳ ଖେଳାଇ ହୋଇଯାଉଥିଲା । ରଥ ଅବାରିତ ଗତିରେ ଦୌଡ଼ୁଥିଲା ।

■ ■ ■



ସମକାଳୀନ ଓଡ଼ିଆ ସାହିତ୍ୟର ପ୍ରଚଣ୍ଡ ପ୍ରଭାବଶାଳୀ ପ୍ରତିଭା ଡକ୍ଟର ବିଧୁପ୍ରଭା ରଥ କବିତା ସର୍ଜନାରେ ଯେପରି ସ୍ରୋତସ୍ୱିନୀ ନଈଟିଏ, ପ୍ରଜ୍ଞା, ପ୍ରତିଭା ଓ ପ୍ରଗଲ୍‌ଭତାରେ ସେହିପରି ପରିପୂର୍ଣ୍ଣ କଥା-ଗଦ୍ୟଶିଳ୍ପୀ । ଗତ ବିଂଶଶତକର ଅଷ୍ଟମ-ନବମ ଦଶନ୍ଧିର ଛାତ୍ରୀ ଜୀବନରେ ବ୍ରହ୍ମପୁର ଖଲ୍ଲିକୋଟ ମହାବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଯେପରି ଏକାଧିକ ସ୍ୱର୍ଣ୍ଣପଦକର ବିଜୟିନୀ ଥିଲେ, ପରବର୍ତ୍ତୀ କାଳରେ ସେ ପ୍ରାଚୀନ ଓ ଆଧୁନିକ ସାହିତ୍ୟର ଜଣେ ପ୍ରଜ୍ଞାପୂର୍ଣ୍ଣ ଗବେଷିକା ଭାବେ ନିଜ ସାଧନା ଓ ସିଦ୍ଧି ପ୍ରମାଣିତ କରିଛନ୍ତି । ଚଉଠ ଶତାବ୍ଦୀରୁ ଊର୍ଦ୍ଧ୍ୱକାଳବ୍ୟାପୀ ସାରସ୍ୱତ ସାଧନା ମଧ୍ୟରେ ତାଙ୍କ ରଚିତ ପୁସ୍ତକଗୁଡ଼ିକ ଭିତରୁ'ସୀତାକାନ୍ତ ମହାପାତ୍ରଙ୍କ 'କାବ୍ୟମାନସ, ମିଥ୍', 'ପ୍ରେମ ଓ ପ୍ରତୀକ୍ଷା', 'ମିଛ ମଣିଷର ଅସ୍ମିତା', 'ହୃଦୟଭିକ୍ଷା', 'ପ୍ରେମରୁ ସମାଧି', 'ସିଦ୍ଧାନ୍ତ କେବଳ ତୁମର' (ଲଳିତ ନିବନ୍ଧ ଓ ସମାଲୋଚନା), 'ଲାବଣ୍ୟବତୀର ସୌନ୍ଦର୍ଯ୍ୟତାତ୍ତ୍ୱିକ ଅନୁଶୀଳନ', (ଗବେଷଣା ନିବନ୍ଧ), ଉପନ୍ୟାସ ମଧ୍ୟରେ 'ଶୁଣ ପାଲ୍‌ଗୁନୀ', 'ମହାନାୟକ', 'ରକ୍ତ ରଞ୍ଜିତ ନାୟକ', 'କୃଷ୍ଣା', 'ପାର୍ଥ', 'କାଳଦର୍ଶୀ' ଏବଂ ଏକମାତ୍ର ସ୍ୱରଚିତ ଓଡ଼ିଆ କବିତା ସଂକଳନ 'ହଂସଧ୍ୱନି' ଏବଂ ତାହାର ଇଂରାଜୀ ସଂସ୍କରଣ 'SWANSONG' (ପ୍ରକାଶକ : ଇନ୍ଦ୍ରପ୍ରସ୍ଥ ପ୍ରକାଶନ, ଲକ୍ଷ୍ମୀନଗର, ଦିଲ୍ଲୀ) ଆଦି ପୁସ୍ତକ ନିମନ୍ତେ ଅଜସ୍ର ପାଠକୀୟ ଶ୍ରଦ୍ଧା ଅର୍ଜନ କରିଛନ୍ତି ସେତିକି ନୁହେଁ, ଓଡ଼ିଶାର ବୁଦ୍ଧିଜୀବୀ ପାଠକ ମାନସରେ ସ୍ୱତନ୍ତ୍ର ସ୍ଥାନର ଅଧିକାରିଣୀ ହୋଇପାରିଛନ୍ତି।

ଡକ୍ଟର ବିଧୁପ୍ରଭା ବ୍ରହ୍ମପୁର କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ 'କଥାକାର ସୁପ୍ରୀତିଦେବୀ ଗନ୍ତାୟତ ସ୍ମାରକୀ ସମ୍ମାନ', କଟକ 'ପ୍ରଜାତନ୍ତ୍ର ପ୍ରଚାର ସମିତି'ର ବିଷୁବ ସୁବ୍ରତ ସ୍ମାରକୀ ସମ୍ମାନ', ବ୍ରହ୍ମପୁରର 'କସ୍ତୁରୀ ସମ୍ମାନ', ଧର୍ମଶାଳାର 'ଗୋକର୍ଣ୍ଣିକା ପୁରସ୍କାର' ଓ ରାଜଧାନୀ ଭୁବନେଶ୍ୱରର 'ଚଲାପଥ' ପୁରସ୍କାର, 'ଉପେନ୍ଦ୍ର ଭଞ୍ଜ ଫାଉଣ୍ଡେସନ୍ ସମ୍ମାନ', 'କର୍ମଶ୍ରୀ କଥାଶିଳ୍ପୀ ସମ୍ମାନ' ସମେତ ବହୁ ପୁରସ୍କାର ତଥା ସମ୍ମାନର ଅଧିକାରିଣୀ ।

ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ନିୟନ୍ତ୍ରଣରେ ଥିବା ଓଡ଼ିଆ ସାହିତ୍ୟ ଅକାଦେମୀର ସଦସ୍ୟା ଭାବେ ଡକ୍ଟର ବିଧୁପ୍ରଭା ଓଡ଼ିଶାର ମହାମହିମ ରାଜ୍ୟପାଳଙ୍କ ଦ୍ୱାରା ଅତୀତରେ ମନୋନୀତ ହୋଇ ପରବର୍ତ୍ତୀକାଳରେ କାର୍ଯ୍ୟକାରିଣୀ ସଦସ୍ୟା ଭାବେ ସାଧାରଣ ପରିଷଦର ବରେଣ୍ୟ ସଦସ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥିଲେ। ତିନିବର୍ଷର କାର୍ଯ୍ୟକାଳ ମଧ୍ୟରେ ସେ ଯେତେସବୁ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ, ସେଥି ମଧ୍ୟରେ ସମଗ୍ର ଓଡ଼ିଶାର ଓ ଓଡ଼ିଶା ବାହାରେ ଥିବା ଓଡ଼ିଆ ଲେଖକ ଲେଖିକାମାନଙ୍କ ତାଲିକା ପ୍ରସ୍ତୁତି ଓ ଲେଖକ ପରିଚୟ ଗ୍ରନ୍ଥ ପ୍ରକାଶନ ଅନ୍ୟତମ । ସେ ଓଡ଼ିଶା ଲେଖିକା ସଂସଦର ମଧ୍ୟ ପ୍ରତିଷ୍ଠାତା ସଦସ୍ୟା।


ସିଦ୍ଧେଶ ପବ୍ଲିଶିଙ୍ଗ ହାଉସ୍

ଅଲିଶା ବଜାର, କଟକ-୭୫୩୦୦୨,ମୋ.ନଂ.୯୪୩୮୪୩୮୬୦୯